# କିସାନ୍ ଜନଜୀବନ




ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

ଆଦିବାସୀ ପରମ୍ପରା ଓ ଜ୍ଞାନକୌଶଳ

# କିସାନ୍ ଜନଜୀବନ

*ସମ୍ପାଦନା* : ଡ଼ଃ ଅନନ୍ତ ଚରଣ ସାହୁ
ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ୱର

*©ପ୍ରକାଶକ* : ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ଡିସେମ୍ବର, ୨୦୦୬

*ମୁଦ୍ରଣ* : ଭୋଲାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ, ଭୁବନେଶ୍ୱର-୧୦
ଫୋନ୍ : ୨୫୮୦୭୨୮

ମୂଲ୍ୟ : ୪୦.୦୦ ଟଙ୍କା ମାତ୍ର

ISBN : 01-88010-16-2

## KISHAN JANAJIBAN

***Editor*** : **Dr. A. C. Sahoo**
Director, ATDC

***© Publisher*** : Director
Academy of Tribal Dialects & Culture
Adivasi Exhibition Ground
Unit - I, Bhubaneswar - 751 009

***First Edition*** : December, 2006

***Printed at*** : Bholanath Press
1201/1601, Bomikhal, Bhubaneswar-10
Ph. 2580728

***Price*** : Rs. 40.00 only

# ମୁଖବନ୍ଧ

ପ୍ରତ୍ୟେକ ଜନଜାତିର ନିଜସ ପରିଚିତି ରହିଛି । ପରିବେଶ ଉପଯୋଗୀ ସାମାଜିକ ଓ ସାଂସ୍କୃତିକ ସଂସ୍କାର ପିଢିରୁ ପିଢି ଅତିକ୍ରମ କରି ଏକ ପରମ୍ପରା ସୃଷ୍ଟି କରିଛି । ପରିବେଶକୁ ବିନିଯୋଗ କରି ଯେଉଁ ଜନଜାତି ସେଠାରେ ସ୍ଥାୟୀ ଭାବରେ ବସବାସ କରି ରହିଆସିଛି, ତା'ର ସାମାଜିକ ଉଦ୍‌ବର୍ତ୍ତନ ହୋଇଛି ଏବଂ ପରିବର୍ତ୍ତିତ ସମୟରେ ଏକ ବ୍ୟବସ୍ଥିତ ସାଂସ୍କୃତିକ ପରିମଣ୍ଡଳ ସୃଷ୍ଟି ହୋଇଛି । ପ୍ରକୃତି ଉପରେ ନିର୍ଭରଶୀଳ ଜନଜାତିମାନେ ନିଜ ନିଜର ପରିବେଶରେ ବେଶ୍ ସ୍ୱାଧୀନ । ବସ୍ତୁ ସଂସ୍କୃତିର ଅନୁପ୍ରବେଶ ଫଳରେ ସେମାନଙ୍କର ଜୀବନଯାତ୍ରାରେ ବିଲକ୍ଷଣ ଦେଖାଦେବା ସ୍ୱାଭାବିକ । ତେବେ ଏହି ବିଲକ୍ଷଣ ବା ବିବର୍ତ୍ତନର ବେଗ ତଥାକଥିତ ସମାଜ ତୁଳନାରେ ମନ୍ଥର । ପୁରୁଷାନୁକ୍ରମେ ଚଳଣିରେ ଅସ୍ଥିମଜ୍ଜାଗତ ହୋଇ ସୁଦୃଢ ହୋଇ ରହିଥିବା ବ୍ୟବସ୍ଥା ବିବର୍ତ୍ତିତ ହେବା ସମୟ ସାପେକ୍ଷ ।

ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତିମାନଙ୍କର ଜୀବନଚର୍ଯ୍ୟା ପ୍ରତି ଦୃଷ୍ଟିପାତ କଲେ ସେମାନଙ୍କର ଜୀବନ ଶୈଳୀ ତଥା ପରଂପରା ଅନୁସାରେ ଗତିଶୀଳ ହେଉଥିବା ସଂସ୍କୃତି ବିଷୟରେ ସମ୍ୟକ ଧାରଣା ମିଳିଥାଏ । ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଜନଜାତି ମାନଙ୍କର ଦୈନନ୍ଦିନ ଜୀବନଧାରା, ମୌଳିକ କାର୍ଯ୍ୟ ପଦ୍ଧତି, ତଥା ପରମ୍ପରାନୁସୃତ ଜ୍ଞାନକୌଶଳ ସଂପର୍କରେ ଏକ ସ୍ଥୁଳ ଜ୍ଞାନ ଆହରଣ ନିମିତ୍ତ ଜନଜାତିମାନଙ୍କର ପରମ୍ପରା ଓ ଜ୍ଞାନକୌଶଳକୁ ଆଧାର କରି ଏକ ପ୍ରକଳ୍ପ ପରିଚାଳନା କରିଛି । କିସାନ ଜନଜାତିଙ୍କର ପରଂପରା ଓ ଜ୍ଞାନକୌଶଳ ଉପରେ ଆଧାରିତ ଏହି ପୁସ୍ତକର ପରିକଳ୍ପନା କରାଯାଇଛି । ଏହି ଜନଜାତିଙ୍କ ନିଜସ୍ୱ ଭାଷା, ସଂସ୍କୃତି ଓ ପରଂପରାରେ କେତେକ କ୍ଷେତ୍ରରେ ବିବର୍ତ୍ତନ ଘଟିଥିଲେ ସୁଦ୍ଧା ଅଧିକାଂଶ କ୍ଷେତ୍ରରେ ସେମାନଙ୍କର ମୌଳିକତା ଆଜିଯାଏ ସୁରକ୍ଷିତ ହୋଇ ରହିଛି ।

ଅପେକ୍ଷାକୃତ ସମତଳ ଅଞ୍ଚଳ ତଥା ପାହାଡର ପାଦଦେଶରେ ବସବାସ କରୁଥିବା କିସାନ ଜନଜାତିମାନେ କୃଷିକାର୍ଯ୍ୟକୁ ମୁଖ୍ୟ ଜୀବିକା ଭାବେ ଗ୍ରହଣ କରିଥିଲେ ହେଁ କୃଷିଶ୍ରମିକ, ଅନ୍ୟାନ୍ୟ ଶ୍ରମ ତଥା ଚାକିରୀ ଉପରେ ଆଧାରିତ

ସେମାନଙ୍କର ସାମ୍ପ୍ରତିକ ଜୀବନ ଚର୍ଯ୍ୟା ଗଢିଉଠିଛି । ଅନ୍ୟାନ୍ୟ ଜନଜାତି ତୁଳନାରେ ପରମ୍ପରା ଓ ପ୍ରଗତି ମଧ୍ୟରେ ଏମାନଙ୍କର ବ୍ୟବଧାନ ଖୁବ୍ କମ୍ । "କିସାନ ଜନଜୀବନ" ପୁସ୍ତିକାରେ ସେମାନଙ୍କର ପାରମ୍ପରିକ ରୀତିନୀତି ସହ ବିକାଶ ସଂସ୍କୃତିର ବିଷୟ ଅବତାରଣା କରିବାକୁ ଚେଷ୍ଟା କରାଯାଇଛି ।

ଜନଜାତିମାନଙ୍କର ପରମ୍ପରା, ରୀତିନୀତି ତଥା ସଂସ୍କୃତିକୁ ଦୃଷ୍ଟିରେ ରଖି ସେମାନଙ୍କର ଉନ୍ନୟନ ସଂପର୍କରେ ଚିନ୍ତାକଲେ ତାହା ଫଳପ୍ରସୂ ହୋଇଥାଏ । ଉନ୍ନୟନ ବ୍ୟବସ୍ଥା ସେମାନଙ୍କ ସଂସ୍କୃତି ସହିତ ଉପଯୁକ୍ତ ଭାବେ ଖାପ ଖାଉଥିବା ଆବଶ୍ୟକ । ସମାଜ କୈନ୍ଦ୍ରିକ ଉନ୍ନୟନ ବ୍ୟବସ୍ଥା ନିମନ୍ତେ ଏହି ପୁସ୍ତକର ଭୂମିକା ପ୍ରାସଙ୍ଗିକ ହେବ ବୋଲି ଆଶା ଓ ବିଶ୍ୱାସ ।

କିସାନ ଜନଜାତିଙ୍କର ବିଷୟରେ ପ୍ରତିଟି ବିଭାଗକୁ ତନ୍ନ ତନ୍ନ କରି ପ୍ରତ୍ୟକ୍ଷ ବିଶ୍ଳେଷଣ କରିବା ଏବଂ ସେମାନଙ୍କର ବିଷୟରେ ବହୁ ପୁରାତନ ତଥା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ନିଶ୍ଚିତଭାବେ ଏକ କଷ୍ଟକର ବ୍ୟାପାର । ଏହିଭଳି ଏକ କାର୍ଯ୍ୟରେ ତଥ୍ୟ ସଂଗ୍ରହ ପୂର୍ବକ ସହଯୋଗ କରିଥିବାରୁ କୁମାରୀ ପ୍ରଣତୀ ବିଶ୍ୱାଳ ଓ କୁମାରୀ ମିତା ଆଚାର୍ଯ୍ୟ ଧନ୍ୟବାଦର ପାତ୍ରୀ । ପାଣ୍ଡୁଲିପି ପାଇଁ ତଥ୍ୟ ସଂଗ୍ରହ ନିମନ୍ତେ ଚୁଡ଼ାଲଗା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷୟତ୍ରୀ / ଶିକ୍ଷକ ତଥା ଅନ୍ତେବାସିନୀ ଛାତ୍ରୀମାନଙ୍କର ସହଯୋଗ ସ୍ମରଣୀୟ । ପାଣ୍ଡୁଲିପିର ସଂପାଦନା କାର୍ଯ୍ୟ ସଂପନ୍ନ କରିଥିବାରୁ ଶ୍ରୀମତି କୁମୁଦିନୀ ରାୟଙ୍କୁ ମଧ୍ୟ ଏକାଡ଼େମୀ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି । ପୁସ୍ତକକୁ ତଥ୍ୟଗତ ପ୍ରମାଦ ସଂଶୋଧନରେ କୁତ୍ରା ଅଞ୍ଚଳର ଶ୍ରୀ ତହ୍‌ସିଲ୍ ଟପ୍ପୋ, ଶ୍ରୀ ମଙ୍ଗୁଳୁଧର କୁଜୁର, ଶ୍ରୀ ଗମ୍ଭାଇ ଲାକ୍ରା, ଶ୍ରୀ ବଭଲୋ କିସାନ, ଶ୍ରୀ ବିଶ୍ୱନାଥ ଟପ୍ପୋ , ଶ୍ରୀ ଦାଲେଶ୍ୱର ମାଝୀ ପ୍ରମୁଖଙ୍କ ଶ୍ରମ ସ୍ୱୀକୃତ । ସର୍ବଶେଷରେ ପୁସ୍ତକଟିକୁ ପୂର୍ଣ୍ଣାଙ୍ଗରୂପ ଦେବାରେ ଯେଉଁମାନେ ସହଯୋଗର ହାତ ବଢାଇଛନ୍ତି ସେମାନଙ୍କୁ ଏକାଡ଼େମୀ ଧନ୍ୟବାଦ ଜଣାଉଛି । ଆଶା ଏହି ପୁସ୍ତିକାଟି ଜ୍ଞାନୀ, ଗୁଣୀ, ସଂସ୍କୃତି ପ୍ରେମୀ, ଗବେଷକ, ଉନ୍ନୟନ ପ୍ରାଧିକାରୀ, ଛାତ୍ର ତଥା ସୁଧିପାଠକଙ୍କ ନିମନ୍ତେ ଉପାଦେୟ ହେବ ।

ଅନନ୍ତ ଚରଣ ସାହୁ

ନିର୍ଦ୍ଦେଶକ

ସେମାନଙ୍କର ସାମ୍ପ୍ରତିକ ଜୀବନ ଚର୍ଯ୍ୟା ଗଢିଉଠିଛି । ଅନ୍ୟାନ୍ୟ ଜନଜାତି ତୁଳନାରେ ପରମ୍ପରା ଓ ପ୍ରଗତି ମଧ୍ୟରେ ଏମାନଙ୍କର ବ୍ୟବଧାନ ଖୁବ୍ କମ୍ । "କିସାନ ଜନଜୀବନ" ପୁସ୍ତିକାରେ ସେମାନଙ୍କର ପାରମ୍ପରିକ ରୀତିନୀତି ସହ ବିକାଶ ସଂସ୍କୃତିର ବିଷୟ ଅବତାରଣା କରିବାକୁ ଚେଷ୍ଟା କରାଯାଇଛି ।

ଜନଜାତିମାନଙ୍କର ପରମ୍ପରା, ରୀତିନୀତି ତଥା ସଂସ୍କୃତିକୁ ଦୃଷ୍ଟିରେ ରଖି ସେମାନଙ୍କର ଉନ୍ନୟନ ସଂପର୍କରେ ଚିନ୍ତାକଲେ ତାହା ଫଳପ୍ରସୂ ହୋଇଥାଏ । ଉନ୍ନୟନ ବ୍ୟବସ୍ଥା ସେମାନଙ୍କ ସଂସ୍କୃତି ସହିତ ଉପଯୁକ୍ତ ଭାବେ ଖାପ ଖାଉଥିବା ଆବଶ୍ୟକ । ସମାଜ କୈନ୍ଦ୍ରିକ ଉନ୍ନୟନ ବ୍ୟବସ୍ଥା ନିମନ୍ତେ ଏହି ପୁସ୍ତକର ଭୂମିକା ପ୍ରାସଙ୍ଗିକ ହେବ ବୋଲି ଆଶା ଓ ବିଶ୍ୱାସ ।

କିସାନ ଜନଜାତିଙ୍କର ବିଷୟରେ ପ୍ରତିଟି ବିଭାଗକୁ ତନ୍ନ ତନ୍ନ କରି ପ୍ରତ୍ୟକ୍ଷ ବିଶ୍ଳେଷଣ କରିବା ଏବଂ ସେମାନଙ୍କର ବିଷୟରେ ବହୁ ପୁରାତନ ତଥା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ନିଶ୍ଚିତଭାବେ ଏକ କଷ୍ଟକର ବ୍ୟାପାର । ଏହିଭଳି ଏକ କାର୍ଯ୍ୟରେ ତଥ୍ୟ ସଂଗ୍ରହ ପୂର୍ବକ ସହଯୋଗ କରିଥିବାରୁ କୁମାରୀ ପ୍ରଣତୀ ବିଶ୍ୱାଳ ଓ କୁମାରୀ ମିତା ଆଚାର୍ଯ୍ୟ ଧନ୍ୟବାଦର ପାତ୍ରୀ । ପାଣ୍ଡୁଲିପି ପାଇଁ ତଥ୍ୟ ସଂଗ୍ରହ ନିମନ୍ତେ ଚୁଡ଼ାଲଗା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ / ଶିକ୍ଷକ ତଥା ଅନ୍ତେବାସିନୀ ଛାତ୍ରୀମାନଙ୍କର ସହଯୋଗ ସ୍ମରଣୀୟ । ପାଣ୍ଡୁଲିପିର ସଂପାଦନା କାର୍ଯ୍ୟ ସଂପନ୍ନ କରିଥିବାରୁ ଶ୍ରୀମତି କୁମୁଦିନୀ ରାୟଙ୍କୁ ମଧ୍ୟ ଏକାଡେ଼ମୀ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି । ପୁସ୍ତକକୁ ତଥ୍ୟଗତ ପ୍ରମାଦ ସଂଶୋଧନରେ କୁତ୍ରା ଅଞ୍ଚଳର ଶ୍ରୀ ତହସିଲ୍ ଟପ୍ପୋ, ଶ୍ରୀ ମଙ୍ଗୁଲୁଧର କୁଜୁର, ଶ୍ରୀ ଗମ୍ଭାଇ ଲାକ୍ରା, ଶ୍ରୀ ବଣଲୋ କିସାନ, ଶ୍ରୀ ବିଶ୍ୱନାଥ ଟପ୍ପୋ , ଶ୍ରୀ ଦାଲେଶ୍ୱର ମାଝୀ ପ୍ରମୁଖଙ୍କ ଶ୍ରମ ସ୍ୱୀକୃତ । ସର୍ବଶେଷରେ ପୁସ୍ତକଟିକୁ ପୂର୍ଣ୍ଣାଙ୍ଗରୂପ ଦେବାରେ ଯେଉଁମାନେ ସହଯୋଗର ହାତ ବଢାଇଛନ୍ତି ସେମାନଙ୍କୁ ଏକାଡେ଼ମୀ ଧନ୍ୟବାଦ ଜଣାଉଛି । ଆଶା ଏହି ପୁସ୍ତିକାଟି ଜ୍ଞାନୀ, ଗୁଣୀ, ସଂସ୍କୃତି ପ୍ରେମୀ, ଗବେଷକ, ଉନ୍ନୟନ ପ୍ରାଧିକାରୀ, ଛାତ୍ର ତଥା ସୁଧିପାଠକଙ୍କ ନିମନ୍ତେ ଉପାଦେୟ ହେବ ।

ଅନନ୍ତ ଚରଣ ସାହୁ

ନିର୍ଦ୍ଦେଶକ

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| I. | ମୁଖବନ୍ଧ | |
| ୧. | ଉପକ୍ରମଣିକା | ୦୧-୧୧ |
| ୨. | ଖାଦ୍ୟ ପରମ୍ପରା | ୧୨-୨୬ |
| ୩. | ପାନୀୟ | ୨୭-୩୫ |
| ୪. | କିସାନ୍ କୃଷି ପଞ୍ଜିକା | ୩୬-୪୨ |
| ୫. | କିସାନ୍ ପର୍ବପର୍ବାଣୀ ପଞ୍ଜିକା | ୪୩-୪୮ |
| ୬. | କିସାନ୍ ବନଜାତ ଦ୍ରବ୍ୟ ସଂଗ୍ରହ ପଞ୍ଜିକା | ୪୯-୫୪ |
| ୭. | ଶ୍ରମ ସମବାୟ | ୫୫-୬୩ |
| ୮. | ବାସଗୃହ (ଆଡ୍ପା) | ୬୩-୭୧ |
| ୯. | ପଡେଶୀ ପ୍ରଜାତି | ୭୨-୮୬ |
| ୧୦. | ଔଷଧ ଓ ବୈଦ୍ୟ | ୮୭-୧୧୧ |
| ୧୧. | କିସାନ୍ ଗ୍ରାମସଭା | ୧୧୨-୧୩୫ |
| ୧୨. | ବସତି | ୧୩୬-୧୪୭ |
| ୧୩. | ଯାଦୁଧର୍ମୀୟ କର୍ମକର୍ତ୍ତା | ୧୪୮-୧୬୫ |
| ୧୪. | କିସାନ୍ ଚାରୁ ଓ କାରୁକଳା | ୧୬୬-୧୭୬ |
| ୧୫. | କନ୍ୟାସୁନା | ୧୭୭-୧୯୦ |

# ଉପକ୍ରମଣିକା

ଆବାହମାନ କାଳରୁ ଜନଜାତି ସଂପ୍ରଦାୟର ଲୋକମାନେ ଭାରତରେ ବିକ୍ଷିପ୍ତ ଭାବରେ ବସବାସ କରୁଛନ୍ତି । ଏମାନଙ୍କର ପରଂପରା ଖୁବ୍ ପ୍ରାଚୀନ ଏବଂ ମହାନ୍ । ଭାରତରେ ପ୍ରାୟତଃ ୩୦୦ରୁ ଉର୍ଦ୍ଧ୍ୱ ପ୍ରଜାତିର ଆଦିବାସୀ ବସବାସ କରୁଥିବା ବେଳେ ଓଡ଼ିଶାରେ ମୁଖ୍ୟତଃ ୬୨ ପ୍ରକାରର ଆଦିବାସୀ ବାସ କରନ୍ତି । କେଉଁଠାରେ ଏମାନେ ସଂଖ୍ୟାଧିକ ଥିବାବେଳେ ଆଉ କେଉଁଠାରେ ଏମାନଙ୍କ ସଂଖ୍ୟା ନ୍ୟୁନ । ୨୦୦୧ ଜନଗଣନା ଅନୁସାରେ ଭାରତରେ ଏମାନଙ୍କ ସଂଖ୍ୟା ୮,୪୩,୨୬,୨୪୦ ଥିବାବେଳେ ଓଡ଼ିଶାରେ ଜନଜାତି ସଂପ୍ରଦାୟ ଲୋକମାନଙ୍କ ସଂଖ୍ୟା ୮୧,୪୫,୦୮୧ । ଯାହା ଓଡ଼ିଶାର ମୋଟ ଲୋକସଂଖ୍ୟାର ଶତକଡ଼ା ୨୨.୧୩(%) ଅଂଶ । ସର୍ବଭାରତୀୟ ସ୍ଥିତି ସହିତ ଓଡ଼ିଶାକୁ ତୁଳନା କଲେ ଓଡ଼ିଶାର ଆଦିବାସୀ ସମାଜ ଓ ସଂସ୍କୃତିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ଏମାନଙ୍କର ସାମାଜିକ ଓ ସାଂସ୍କୃତିକ ବିଭବ ଅନ୍ୟମାନଙ୍କୁ ସହଜରେ ଆକର୍ଷିତ କରେ । ସଂସ୍କୃତି ଏବଂ ପରଂପରାକୁ ନେଇ ଗୋଟିଏ ଆଦିବାସୀ ଗୋଷ୍ଠୀ ପୁଷ୍ଟ ଏବଂ ତା'ର ପରିଧି ବ୍ୟାପକ । ତେଣୁ ଗୋଟିଏ ଜାତିର ସଂସ୍କୃତିକୁ ବୁଝିବାକୁ ହେଲେ ସର୍ବପ୍ରଥମେ ସଂପୃକ୍ତ ସଂପ୍ରଦାୟର ଲୋକମାନଙ୍କୁ ଜାଣିବା ଦରକାର । ସଂସ୍କୃତିକୁ ନେଇ ସମାଜ । ଏହି କ୍ରମରେ ଓଡ଼ିଶାର ଜନଜାତି ପରଂପରାରେ ଏକ ସଂସ୍କୃତି ସଂପନ୍ନ ଜନଜାତି ହିସାବରେ 'କିସାନ୍' ଅନ୍ୟତମ । ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ଆସାମ, ଆଣ୍ଡାମାନ ନିକୋବର, ମଧ୍ୟପ୍ରଦେଶ ଇତ୍ୟାଦି ପ୍ରଦେଶରେ ଏମାନେ ବସବାସ କରୁଛନ୍ତି । ଓଡ଼ିଶାର ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର, ସୋନ୍‌ପୁର ଇତ୍ୟାଦି ଜିଲ୍ଲାରେ ଏମାନେ ସଂଖ୍ୟାଧିକ ଭାବେ ବସବାସ କରୁଥିବା ଜଣାଯାଏ । ବିକ୍ଷିପ୍ତ ଭାବରେ ଏମାନଙ୍କ ଅବସ୍ଥିତି ଯୋଗୁଁ ଏମାନଙ୍କର ସଂସ୍କୃତି ଓ ପରଂପରା ଅନେକାଂଶରେ ବିବର୍ତ୍ତିତ ଓ ସ୍ଥାନୀୟ ସଂସ୍କୃତି ଦ୍ୱାରା ସଂକ୍ରମିତ । ତଥାପି କେତେକାଂଶରେ ଏମାନଙ୍କ ସଂସ୍କୃତି ଓ ପରଂପରା ସଂଜୀବିତ ଥିବା ଜଣାଯାଏ । ଏମାନେ ସର୍ବସାଧାରଣରେ କିସାନ ହିସାବରେ ପରିଚିତ ହେଉଥିଲେ ସୁଦ୍ଧା ନିଜ ଭିତରେ କୁଣ୍ହାଁ ରୂପରେ ଖ୍ୟାତ । ପାରିପାର୍ଶ୍ୱିକ ତଥା ଭୌଗଳିକ ବିଚ୍ଛିନ୍ନତା କାରଣରୁ ଭିନ୍ନ ଭିନ୍ନ ସଂପ୍ରଦାୟରେ ବିଭକ୍ତ ହୋଇ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ସଂସ୍କୃତି ରୂପ ଧାରଣ କରିଛି । କୁଣ୍ହାଁ କିସାନ ସମାଜ ଏହି କ୍ରମରେ ତା'ର ମୂଳ ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ସଂସ୍କୃତିଠାରୁ ନିଜସ୍ୱ ପରିଚଚି ବ୍ୟାପକ କରିଛି ।

କୁଣ୍ହାଁ କିସାନମାନଙ୍କର ଉତ୍ପତ୍ତି ଓ ଇତିହାସ ସଂପର୍କରେ ସେଭଳି କୌଣସି ବଳିଷ୍ଠ ମତବାଦ ନଥିଲେ ମଧ୍ୟ ବୟୋଜ୍ୟେଷ୍ଠମାନଙ୍କ ମତରେ ଏମାନେ ପ୍ରଥମେ ଛତିଶଗଡ଼ରୁ ଅନ୍ୟତ୍ର ଚାଲିଯାଇ ବସବାସ ଆରମ୍ଭ କରିଥିଲେ । କେତେଙ୍କ ମତରେ ଦକ୍ଷିଣ ଭାରତ ଏମାନଙ୍କର ମୂଳ ବାସସ୍ଥାନ ଥିଲା । କ୍ରମେ ଛୋଟନାଗପୁର ଏବଂ ସେଠାରୁ ଦେଶର ବିଭିନ୍ନ ପ୍ରାନ୍ତକୁ ଯାତାୟତ କରିଥିଲେ । ତା' ପରେ ସେମାନେ ନର୍ମଦା ନଦୀକୂଳରେ କିଛି ବର୍ଷ ରହି କାଳକ୍ରମେ ଉତ୍ତରାଭିମୁଖୀ ହୋଇ ବିହାରର ଶାହାବାଦ୍ ଜିଲ୍ଲାର ରୋହ୍‌ତାସ୍‌ଗଡ଼ ଅଞ୍ଚଳକୁ ଆଗମନ କଲେ । ସେଠାରେ ରହି ଛୋଟନାଗପୁର ଅଞ୍ଚଳର ଉତ୍ତର-ପୂର୍ବର କିଛି ଅଂଶ ଦଖଲ କଲେ । ପୂର୍ବରୁ ସଂପୃକ୍ତ ଅଞ୍ଚଳରେ ବସବାସ କରୁଥିବା ମୁଣ୍ଡା, କୋରୱା, ବିରହୋର୍ ଇତ୍ୟାଦି ଜନଜାତିର ଲୋକମାନଙ୍କ ସହିତ ମିଳିମିଶି ରହିଲେ । କାଳକ୍ରମେ ସେଠାରୁ କୋଏଲ୍ ନଦୀ ଉପତ୍ୟକା ଅଞ୍ଚଳକୁ ଆସି ନଦୀ ନିକଟବର୍ତ୍ତୀ ଜବାଜମ୍‌ସରା ଗ୍ରାମରେ କିଛିବର୍ଷ ରହିଲେ । ସେଠାରୁ ପଶ୍ଚିମାଭିମୁଖୀ ହୋଇ ନିକଟବର୍ତ୍ତୀ ହମିରପୁର୍ ଗ୍ରାମକୁ ଆସି କିଛି ବର୍ଷ ରହିଲେ । କାଳକ୍ରମେ ଶଙ୍ଖ ଓ କୋଏଲ୍ ନଦୀର ସଙ୍ଗମସ୍ଥଳ 'ବେଦବ୍ୟାସ' ନିକଟସ୍ଥ 'ଛେଣ୍ଡ' ଗ୍ରାମରେ ଆସି ବସତି ସ୍ଥାପନ କଲେ । ପୁନର୍ବାର ସେଠାରୁ ବଣାଇଁ ବାମଣ୍ଡା, ଖାଲସା, ନାଗ୍ରା, ଜୟପୁର, ହେମଗିରି, ଗାଙ୍ଗ୍‌ପୁର (ଅଧୁନା ସୁନ୍ଦରଗଡ଼ ଅଞ୍ଚଳ) ଇତ୍ୟାଦି ଅଞ୍ଚଳରେ କ୍ରମେ ସ୍ଥାୟୀ ଭାବରେ ବସବାସ କଲେ । ପରବର୍ତ୍ତି ସମୟରେ କେତେକ ଲୋକ ସେଠାରେ କୃଷି କାର୍ଯ୍ୟ କରି ସ୍ଥାୟୀ ଜୀବିକା ନିର୍ବାହ କରିବା ବେଳେ ସେମାନଙ୍କ ମଧ୍ୟରୁ କେତେକ ଶ୍ରମଜୀବି ହିସାବରେ ରାଉରକେଲା ଶିଳ୍ପାଞ୍ଚଳ ଏବଂ ମନ୍ଦିରା ଡ୍ୟାମ କାର୍ଯ୍ୟ କରିବା ପାଇଁ ଚାଲିଆସିଲେ ।

କୁଣ୍ହାଁ କିସାନମାନେ ଦ୍ରାବିଡ଼ ଭାଷା ପରିବାର ଅନ୍ତର୍ଭୁକ୍ତ । ଏମାନଙ୍କର ମୂଳ ମାତୃଭାଷା ହେଉଛି 'କୁଣ୍ହାଁ' । ଏମାନେ ନିଜର ମାତୃଭାଷା 'କୁଣ୍ହାଁ'କୁ ବ୍ୟବହାର କରିବା ସଙ୍ଗେ ହିନ୍ଦୀ, ସାଦ୍ରୀ ଏବଂ ଓଡ଼ିଆ ଭାଷାରେ ମଧ୍ୟ କଥାବାର୍ତ୍ତା କରିଥାନ୍ତି । କେତେକ ଦୁର୍ଗମ ଅଞ୍ଚଳର କିସାନ୍‌ମାନେ ଅଦ୍ୟାବଧି ମୂଳ ମାତୃଭାଷା କୁଣ୍ହାଁ (କିସାନ୍) ଭାଷାରେ କଥାବାର୍ତ୍ତା କରୁଥିବାର ଜଣାଯାଏ ।

କୁଣ୍ହାଁ କିସାନମାନେ ସାଧାରଣତଃ କର୍ମଠ, ବୁଦ୍ଧିମାନ, ପରିଶ୍ରମୀ ଏବଂ ଅତିଥିବତ୍ସଳ । ଅନ୍ୟ ଜନଜାତିଙ୍କ ତୁଳନାରେ ଅନେକ କ୍ଷେତ୍ରରେ ଏମାନଙ୍କର ସାଂସ୍କୃତିକ ଭିନ୍ନତା ପରିଲକ୍ଷିତ ହେଉଥାଏ । ଏମାନଙ୍କର ବସତି, ଚାଲିଚଳନ, ଆଚାର ବ୍ୟବହାର,

ପୋଷାକ ପରିଚ୍ଛଦ, ଅଳଙ୍କାର, ଅର୍ଥନୈତିକ ଜୀବନ, ସାମାଜିକ ଜୀବନ, ରାଜନୈତିକ ଜୀବନ, ସାଂସ୍କୃତିକ ଜୀବନ, ପାରଂପରିକ ବିଶ୍ୱାସ, ପୂଜା ପଦ୍ଧତି ସର୍ବୋପରି ଲୋକ ପରଂପରା ଇତ୍ୟାଦିରେ ଏହି ପାର୍ଥକ୍ୟ ସ୍ପଷ୍ଟ ହୋଇଥାଏ । ଏମାନେ ଅତ୍ୟନ୍ତ ସାଧାରଣ, ନିଷ୍କପଟ ଏବଂ ଲଜ୍ଜାଶୀଳ । ଫଳତଃ ଅନ୍ୟ ସଂପ୍ରଦାୟ ଲୋକଙ୍କ ସହ ପ୍ରଥମ ସାକ୍ଷାତରେ ମିଳାମିଶାର ଅଭାବ ପରିଲକ୍ଷିତ ହୋଇଥାଏ ।

ଅନ୍ୟାନ୍ୟ ପ୍ରଜାତି ଗୋଷ୍ଠୀମାନଙ୍କ ସହିତ ବସବାସ କରୁଥିଲେ ହେଁ କୁଣ୍ହାଁମାନେ ବସବାସ କରୁଥିବା ଅଞ୍ଚଳକୁ 'ପାଡ଼ା' କୁହାଯାଉଥିଲା । କିସାନ ବସତିରେ ଘରଗୁଡ଼ିକ ଏତେତେଣେ ବିକ୍ଷିପ୍ତ ଭାବରେ ତିଆରି ହୋଇଥିବାର ଦେଖାଯାଏ । କେତେକ କିସାନ ବସତିରେ ଗ୍ରାମଦେବୀ ଗଛମୂଳେ ଶୋଭା ପାଉଥିବା ବେଳେ ଆଉ କେତେକ କିସାନ ବସତିରେ ସ୍ୱତନ୍ତ୍ର ଆସ୍ଥାନରେ ଗ୍ରାମଦେବୀ ପୂଜା ପାଆନ୍ତି । ଅଧିକାଂଶ କିସାନ ଜନବସତି ସାଧାରଣତଃ ଜଳ ଉତ୍ସ ନିକଟରେ ଗଢି ଉଠିଥାଏ । ଲୋକମାନେ ନଦୀ, ନାଳ ଓ ଝରଣାର ଜଳକୁ ବ୍ୟବହାର କରିବା ସଙ୍ଗେ ସଙ୍ଗେ ସେଥିରେ ଗାଧୋଇବା ଏବଂ ସଫା କରିବା କାର୍ଯ୍ୟ କରିଥାନ୍ତି ।

ଦୈନନ୍ଦିନ ଜୀବନଚର୍ଯ୍ୟାରେ କୁଣ୍ହାଁ କିସାନ ସଂପ୍ରଦାୟର ଲୋକମାନଙ୍କ ଭାତ(ମାଣ୍ଡି) ଏବଂ ଶାଗ(ଆଡ଼୍ହା) ମୁଖ୍ୟ ଖାଦ୍ୟ । ଏତଦ୍‌ବ୍ୟତୀତ ମାଂସ, ମାଛ ପ୍ରତି ଏମାନଙ୍କର ଦୁର୍ବଳତା ରହିଛି । ଏହାଛଡ଼ା ଜଙ୍ଗଲରୁ ସଂଗୃହୀତ ବିଭିନ୍ନ ପ୍ରକାର କନ୍ଦା, ମୂଳ, ଫୁଲ, ଫଳ, ଛତୁ ଇତ୍ୟାଦି ଖାଇଥାନ୍ତି । ବାଡ଼ିବଗିଚାରୁ ମଧ୍ୟ ନାନା ପ୍ରକାର ପନିପରିବାକୁ ଆଣି ସିଝାଇ ଖାଇଥାନ୍ତି । ଅନ୍ୟ ଜନଜାତି ଭଳି ମଦ୍ୟପାନୀୟ ସହ ଏମାନଙ୍କର ସଂପୃକ୍ତି ଖୁବ୍ ବେଶୀ । ପ୍ରତ୍ୟକ୍ଷରେ ହେଉ ଅବା ପରୋକ୍ଷରେ ହେଉ ମଦ୍ୟ ପାନୀୟ ସେମାନଙ୍କ ସମାଜିକ ଏବଂ ଧାର୍ମିୟ ଜୀବନକୁ ପ୍ରଭାବିତ କରିଥାଏ । ସେମାନଙ୍କ ସମାଜରେ ପ୍ରଚ଼ଳିତ ବିବିଧ ପର୍ବପର୍ବାଣି ତଥା ବିବାହାଦି ସାମାଜିକ ଉତ୍ସବାନୁଷ୍ଠାନମାନଙ୍କରେ ମଦ୍ୟ ପାନୀୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

କୁଣ୍ହାଁ କିସାନ ସଂପ୍ରଦାୟର ପୁରୁଷମାନେ ପାରଂପରିକ ପୋଷାକ ହିସାବରେ 'କାରିଆ' ବା ଲେଙ୍ଗ୍‌ଟି ବ୍ୟବହାର କରୁଥିବା ବେଳେ ବୟସ୍କା ମହିଳାମାନେ ଆଙ୍ଗ୍‌ଛି ପିନ୍ଧିବା ସଙ୍ଗେ ସଙ୍ଗେ ଶରୀରକୁ ଆବୃତ୍ତ କରିବା ପାଇଁ 'ଗୁନ୍ଦି' ବ୍ୟବହାର କରୁଥିଲେ । ଛୋଟ ପିଲାମାନେ ଛୋଟ କାରିଆ ପିନ୍ଧୁଥିଲେ । ପୁରୁଷମାନେ ଅଣ୍ଟାରେ ଅଣ୍ଟାସୂତା

ପିନ୍ଧୁଥିବାର ଜଣାଯାଏ । ସମୟର ପରିବର୍ତ୍ତନ ଫଳରେ ସେମାନଙ୍କ ବେଶ ପୋଷାକରେ ଅନେକ ପରିବର୍ତ୍ତନ ହୋଇଛି । ପଡ଼ୋଶୀ ସଂପ୍ରଦାୟକୁ ଅନୁକରଣ କରି ନିଜର ପାରଂପରିକ ପୋଷାକ ପିନ୍ଧିବା ପରିବର୍ତ୍ତେ ଆଧୁନିକ ପୋଷାକ ପରିଧାନ କରିବାରେ ଯଥେଷ୍ଟ ଆଗ୍ରହ ଥିବାର ପରିଲକ୍ଷିତ ହେଉଛି । ବର୍ତ୍ତମାନ ବେଶ ପୋଷାକରୁ ସେମାନଙ୍କୁ ଚିହ୍ନିବାରେ ଭ୍ରମ ସୃଷ୍ଟି ହେଉଛି ।

କୁଣ୍ହାଁ ବା କିସାନ୍ ସଂପ୍ରଦାୟର ମହିଳାମାନେ ଅଳଙ୍କାର ପ୍ରିୟ । ପୂର୍ବେ ମହିଳାମାନେ ହାତରେ ରୂପାର କତ୍‌ରିଆ ଏବଂ ବାହୁରେ ମଧ୍ୟ ରୂପାର ବନ୍ଧ୍‌ରିଆ ପିନ୍ଧୁଥିଲେ । ଗରିବ ଶ୍ରେଣୀର ମହିଳମାନେ ରସ ଧାତୁରେ ତିଆରି କତ୍‌ରିଆ ଏବଂ ବନ୍ଧ୍‌ରିଆ ହାତ ଓ ବାହୁରେ ପିନ୍ଧୁଥିଲେ । ବେକହାର ହିସାବରେ କାଇଁଚ୍‌ମାଳୀ(ପୁଇଁନ୍ଥ), ବେକହାର ହିସାବରେ ସୁନାରେ ତିଆରି ସୋର୍‌ସାମାଳୀ, ଡ଼ବାମାଳୀ, କାନ ଗହଣା ହିସାବରେ ସୁନାରେ ତିଆରି କୁଣ୍ଡଳ (ଗଠିଆ), କାନଫୁଲ (କର୍ଣ୍ଣଫୁଲ୍) ଓ ଝଲ୍‌କା, ନାକ ଗହଣା ହିସାବରେ ସୁନାର ନାକଫୁଲ (ନାକ୍‌ପୁଟକୀ)କୁ ପିନ୍ଧୁଥିଲେ । ସାଧାରଣତଃ ସ୍ତ୍ରୀଲୋକମାନେ ରୂପାରେ ତିଆରି ପାଉଁଜି(ପାଏ ଝୋଲ)କୁ ପାଦରେ ପିନ୍ଧୁଥିବା ସଙ୍ଗେ ସଙ୍ଗେ ପାଦ ଆଙ୍ଗୁଠି ପାଇଁ ରୂପାର ମୁଦି (ଝୁଂଟିଆ), ହାତ ମୁଦି ହିସାବରେ ରୂପାରେ ତିଆରି ମୁଦିକୁ, ରୂପାର ଅଣ୍ଟାସୂତା (ଘୁଞ୍ଚି /ଗୁଞ୍ଚି)କୁ ଅଣ୍ଟାରେ ପିନ୍ଧୁଥିବାର ଜଣାଯାଏ । ଏବେ ଅଧିକାଂଶ ମହିଳା ପାରଂପରିକ ଅଳଙ୍କାର ପରିଧାନ କରିବା ପରିବର୍ତ୍ତେ ବଜାରରୁ ମିଳୁଥିବା ସୌଖୀନ ଅଳଙ୍କାରକୁ ପିନ୍ଧିବାରେ ଆଗ୍ରହ ପ୍ରକାଶ କରୁଥିବାର ଜଣାଯାଏ ।

କୁଣ୍ହାଁ ବା କିସାନମାନେ କୃଷି ଉପରେ ସଂପୂର୍ଣ୍ଣ ନିର୍ଭର କରି ଚଳନ୍ତି । ସାଧାରଣତଃ ଧାନ, ମାଣ୍ଡିଆ, କୋଳଥ, ମୁଗ, ଲଙ୍କା, ପୋଟଳ, ବିଲାତି ଆଦି ଚାଷ କରି ସେମାନଙ୍କର ନିତିଦିନିଆ ଜୀବନକୁ ଚଳାଇଥାନ୍ତି । ଏତଦ୍‌ବ୍ୟତୀତ ଦିନମଜୁରୀ, ଶିକାର, ମାଛଧରିବା, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ଖଣିଖାଦନରେ ଶ୍ରମିକ ଭାବେ କାର୍ଯ୍ୟକରିବାକୁ ଅଧିକାଂଶ ନିଜ ବୃତ୍ତି ହିସାବରେ ଆପଣେଇ ନେଇଛନ୍ତି । ପୁରୁଷ, ମହିଳା ଉଭୟେ କଠିନ ପରିଶ୍ରମ କରିଥାନ୍ତି । ବର୍ତ୍ତମାନ ସେମାନେ ଧାନଚାଷ ସାଙ୍ଗକୁ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ଅର୍ଥନୈତିକ ଜୀବନକୁ କିଛି ମାତ୍ରାରେ ସୁଧାରି ନେବାରେ ସମର୍ଥ ହୋଇଛନ୍ତି । ଏହାଛଡ଼ା ବିଭିନ୍ନ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ ପୂର୍ବକ ବଜାରରେ ବିକ୍ରୀ କରି ଦି'ପଇସା ରୋଜଗାର କରିଥାନ୍ତି ।

କୁଣ୍‌ହାଁ କିସାନମାନଙ୍କର ପାରଂପରିକ ସାମାଜିକ ଜୀବନ ଶୃଙ୍ଖଳିତ । ପିତୃ କୈନ୍ଦ୍ରୀକ ପରିବାରକୁ ସେମାନେ ଅଧିକ ଗୁରୁତ୍ୱ ଦେଇଥାନ୍ତି । ପିତୃ କୈନ୍ଦ୍ରୀକ ପରିବାରର ମୁଖ୍ୟ ହିସାବରେ ବାପାଙ୍କୁ ସମସ୍ତେ ସମ୍ମାନ ଦେବା ସଙ୍ଗେ ସଙ୍ଗେ ତାଙ୍କର କଥା ମାନିଥାନ୍ତି । ପରିବାର ସ୍ତରୀୟ ବିବିଧ ପୂଜାପାଠ ତଥା ସାମାଜିକ ଉତ୍ସବମାନଙ୍କରେ ସେ ମୁଖ୍ୟ ପୁରୋଧା ହିସାବରେ କାର୍ଯ୍ୟ କରିଥାନ୍ତି । ପିତାଙ୍କ ମୃତ୍ୟୁ ପରେ ବଡ଼ ପୁଅ ହିଁ ପରିବାରର ମୁଖ୍ୟ ଭାବରେ ସମସ୍ତ ଦାୟିତ୍ୱ ବହନ କରିଥାଏ । ପୁଅର ବୟସ କମ୍ ହୋଇଥିଲେ ସେ କ୍ଷେତ୍ରରେ ମାଆ ପରିବାରକୁ ଚଳାଇ ନେଇଥାଏ । ଝିଅର ବିବାହ ପରେ ସେ ତା'ର ସ୍ୱାମୀ ସହିତ ରହେ । କିସାନ୍ ସମାଜରେ ବିଧବା ସ୍ତ୍ରୀ ନିଜ ବାପାଙ୍କ ଘରକୁ ଯାଇ ପୁନଃବିବାହ କରିବା ପ୍ରଥା ରହିଛି । ପିତାଙ୍କ ଅନ୍ତେ ପୁଅମାନଙ୍କ ମଧ୍ୟରେ ପୈତୃକ ସଂପତ୍ତିର ବଣ୍ଟନ କରାଯାଏ । ମାତ୍ର ଗହଣା ବା ସୁନାରୂପା ଅଳଙ୍କାରର ଉତ୍ତରାଧିକାରୀ ଝିଅ ହିଁ ହୋଇଥାଏ । ଭାଇ ଭଉଣୀମାନଙ୍କର ବିବାହ ନ ହେବା ପର୍ଯ୍ୟନ୍ତ ପୈତୃକ ସଂପତ୍ତିର କୌଣସି ଅଂଶ ଭାଗ ବଣ୍ଟାଆରା ହୋଇନଥାଏ । ପରିବାରରେ ଅନୁଷ୍ଠିତ ବିବିଧ ସାମାଜିକ ଉତ୍ସବମାନଙ୍କରେ ବନ୍ଧୁବାନ୍ଧବ ତଥା ସଂପର୍କୀୟମାନଙ୍କୁ ଡ଼ାକି ସତ୍କାର କରିବା ଏବଂ ଆମନ୍ତ୍ରିତ ଅତିଥିବର୍ଗଙ୍କୁ ଭୋଜିଭାତ ମାଧ୍ୟମରେ ଆପ୍ୟାୟିତ କରିବା କ୍ଷେତ୍ରରେ ପରିବାର ସଦସ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅବିବାହିତ ପୁଅଝିଅମାନେ ସେମାନଙ୍କ ରୋଜଗାରକୁ କିଛି ଅର୍ଥ ସଂଚୟ କରିବା ସଙ୍ଗେ ସଙ୍ଗେ ପରିବାର ପାଇଁ ମଧ୍ୟ କିଛି ଅର୍ଥ ଦେଇଥାନ୍ତି । ପରିବାର ମଧ୍ୟରେ ଉପୁଜୁଥିବା ଗଣ୍ଡଗୋଳର ସମାଧାନ ପରିବାରରେ ସୁଖ, ଶାନ୍ତି ବଜାୟ ରଖିବା ପାଇଁ ସମସ୍ତେ ପ୍ରାଣ ପଣେ ଚେଷ୍ଟା କରିଥାନ୍ତି । ପରିବାର ଲୋକେ ନିଜ କୁଟୁମ୍ବ ଲୋକମାନଙ୍କ ସହିତ ମଧ୍ୟ ଉତ୍ତମ ସଂପର୍କ ରକ୍ଷା କରିଥାନ୍ତି । ବିବିଧ ସାମାଜିକ ଉତ୍ସବରେ ସମସ୍ତେ ପ୍ରତ୍ୟକ୍ଷ ଭାବରେ ଆବଶ୍ୟକ ସହଯୋଗ କରିଥାନ୍ତି ।

ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମନୁଷ୍ୟ ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିଥାଏ । କିସାନ ସମାଜରେ କୌଣସି ସ୍ତ୍ରୀ ଗର୍ଭବତୀ ହେବାର ଛଅ-ସାତ ମାସ ପର୍ଯ୍ୟନ୍ତ ସାଧାରଣ ଭାବରେ ବିଭିନ୍ନ ଘରକାମ କରିଥାଏ । କୌଣସି ଆମିଷଦ୍ରବ୍ୟ ନ ଖାଇବା, ଅନ୍ତେଷ୍ଟିକ୍ରିୟାରେ ଯୋଗ ନଦେବା, ମଶାଣି ବା ଶ୍ମଶାନ ନିକଟକୁ ନଯିବା ଓ ଗ୍ରାମ ଦେବଦେବୀଙ୍କ ପୀଠସ୍ଥଳୀକୁ ନଯିବା ପାଇଁ କଟକଣା ରହିଛି । ଶିଶୁ ଜନ୍ମ ହେବା ପୂର୍ବରୁ ଅଥବା ପ୍ରସବ ଯନ୍ତ୍ରଣା ଉପଗତ ହେବା କ୍ଷଣି ଧାଈବୁଢ଼ୀକୁ (ସୁତ୍‌ରାଣୀ) ଡ଼ାକାଯାଇଥାଏ । ଶିଶୁଜନ୍ମର ପୂର୍ବ ଏବଂ ପରବର୍ତ୍ତୀ

ସମୟରେ ମହିଳା ନିକଟରେ ରହି ସେହିଁ ଆବଶ୍ୟକ ସେବାଶୁଶ୍ରୁଷା କରିଥାଏ । ଶିଶୁଜନ୍ମ ପରେ ଶିଶୁର ମଧ୍ୟ ଯତ୍ନ ନେଇଥାଏ । ଶିଶୁର ନାଭି ନାଡ଼ ଶୁଖିବା ପରେ ଅଥବା ଶିଶୁ ଜନ୍ମର ପ୍ରାୟତଃ ସାତରୁ ଦଶଦିନ ମଧ୍ୟରେ ଷଠି ବା ଉଠିଆରୀ କରାଯାଇଥାଏ । ପ୍ରସୂତୀ ନାରୀ ସ୍ନାନ କରିବା ପରେ ହଳଦୀ ଜଳକୁ ଘରେ ଏବଂ ନିଜ ଦେହରେ ସିଞ୍ଚନ କରି ପବିତ୍ର ହୋଇଥାଏ । ଶିଶୁଟି ପନ୍ଦର କିମ୍ବା ଏକୋଇଶି ଦିନର ହୋଇଗଲେ ତା'ର ନାମକରଣ କରାଯାଇଥାଏ । ଏହିଦିନ ଉପସ୍ଥିତ ଲୋକମାନଙ୍କ ପାଇଁ ଗୃହକର୍ତ୍ତା ହାଣ୍ଡିଆ ପାନୀୟର ବ୍ୟବସ୍ଥା କରିଥାନ୍ତି । ଶିଶୁଟି ପରିବାରର ପ୍ରଥମ କରି ଜନ୍ମ ହୋଇଥିଲେ ହାଣ୍ଡିଆ ସହିତ ମାଂସକୁ ଖେଣ୍ଡା ହିସାବରେ ଦିଆଯାଇଥାଏ । ପରେ ପରେ ପାରଂପରିକ ପ୍ରଥା ଅନୁସାରେ ଲୋକମାନେ ନୃତ୍ୟଗୀତରେ ମଜ୍ଜିଯାଆନ୍ତି ।

ଶିଶୁଟି ଆଠ କିମ୍ବା ନଅ ମାସର ହୋଇଗଲେ ତା'କୁ ପ୍ରଥମଥର ପାଇଁ ଭାତ ବା ଅନ୍ନ ଖାଇବାକୁ ଦିଆଯାଏ । ଶୁଭଦିନ ଦେଖି ଅନ୍ନପ୍ରାସନ୍ନ ଉତ୍ସବପାଳନ କରାଯାଏ । ଏହିଦିନ ପରିବାରର ଲୋକେ ସ୍ନାନ ତର୍ପଣ ଶେଷ କରି ସଫା ପୋଷାକ, କେହି କେହି ନୂତନ ପୋଷାକ ମଧ୍ୟ ପିନ୍ଧିଥାନ୍ତି । ବନ୍ଧୁବାନ୍ଧବ, ସଂପର୍କୀୟମାନଙ୍କୁ ଏହି ଦିନ ଡ଼କାଯାଇଥାଏ । ଉପସ୍ଥିତ ଲୋକେ ଆଦରରେ ଶିଶୁକୁ ଅନ୍ନ ଖୁଆଇ ଦେଇଥାନ୍ତି । ପରେ ପରେ ଆଗନ୍ତୁକ ବନ୍ଧୁବାନ୍ଧବ, ସଂପର୍କୀୟ ତଥା ପଡ଼ୋଶୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଭୋଜିଭାତର ଆୟୋଜନ କରାଯାଇଥାଏ । ଏତଦ୍‌ବ୍ୟତୀତ ମଦ୍ୟପାନୀୟର ମଧ୍ୟ ବନ୍ଦୋବସ୍ତ କରାଯାଇଥାଏ । ସଂଧ୍ୟା ସମୟରେ ଉଭୟ ପୁରୁଷ ଓ ମହିଳା ମଦ୍ୟପାନ ପୂର୍ବକ ନୃତ୍ୟଗୀତରେ ମଜ୍ଜି ଯାଇଥାନ୍ତି ।

ଶିଶୁ ତିନି କିମ୍ବା ଚରିବର୍ଷ ହେଲେ କାନଫୋଡ଼ା ଓ ନାକଫୋଡ଼ା କାର୍ଯ୍ୟ ପାରଂପରିକ ବିଧିବିଧାନ ଅନୁସାରେ ହୋଇଥାଏ । କିସାନ ଏହାକୁ କାନ୍‌ବେଧା ବା ବରୁ ବୋଲି କହନ୍ତି । 'କାନବେଧା' ବା 'ବରୁ' କିସାନ ସମାଜର ପ୍ରଥମ ବିବାହ ବୋଲି ଧରାଯାଇଥାଏ । ସଂପୃକ୍ତ ପରିବାରର ପରିବାର 'ମୁଖ୍ୟ' ପାରଂପରିକ ବିଧିବିଧାନ ଅନୁସାରେ ଘରେ ଘରଦେବତା ତଥା ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପୂଜା କରିବା ପରେ କାନବେଧା କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ । ଏହି ସମୟରେ ସମସ୍ତଙ୍କୁ ହାଣ୍ଡିଆ ପ୍ରଦାନ ଦ୍ୱାରା ଆପ୍ୟାୟିତ କରାଯାଇଥାଏ । ସଂଧ୍ୟା ସମୟରେ ଭାତ, ଡାଲି ଓ ତରକାରୀର ଭୋଜିର ଆୟୋଜନ କରାଯାଇଥାଏ । ଏହିଦିନ ଗୃହକର୍ତ୍ତାଙ୍କ ସକ୍ଷମ ଅନୁସାରେ କୁଟୁମ୍ବ,

ବନ୍ଧୁବାନ୍ଧବମାନଙ୍କୁ ନୂଆ ଲୁଗା ଦିଆଯାଇଥାଏ । ଅନ୍ୟ ଏକ ଦିନରେ ନିଜର ସାମର୍ଥ୍ୟ ମୁତାବକ ଆୟୋଜନ ବନ୍ଧୁବାନ୍ଧବ, ସଂପର୍କୀୟ ତଥା ପଡ଼ୋଶୀମାନଙ୍କ ପାଇଁ ଭାତ ଓ ମାଂସ ଭୋଜିର ଆୟୋଜନ କରାଯାଇଥାଏ । କାନ୍‌ବେଧା ପରେ ମାଆ ଯେଉଁଆଡ଼େ କୁଲିଭୁତି ପାଇଁ ଯାଏ ସାଥିରେ ତା'ର ଶିଶୁକୁ ନେଇଥାଏ । ନଚେତ୍ ଶିଶୁର ବଡ଼ଭାଇ କିମ୍ବା ଭଉଣୀ ଥିଲେ ଶିଶୁର ଜଗାରଖା କରିଥାନ୍ତି । ଶିଶୁଟି ଦଶ-ବାର ବର୍ଷର ହୋଇଗଲେ ନିଜ ବାପା-ମାଆଙ୍କୁ କାମରେ ସହଯୋଗ କରିଥାଏ । ବାପାଙ୍କ ସହିତ କୃଷିକ୍ଷେତ୍ର ଏବଂ ଜଙ୍ଗଲକୁ ଯାଇଥାଏ । ଯୌବନରେ ପହଞ୍ଚିଲେ ଜୀବନସାଥୀଟିଏ ପାଇବା ପାଇଁ ଖୋଜିଥାଏ । ବିଭିନ୍ନ ପ୍ରକାର କାର୍ଯ୍ୟକରି, ନିଜେ ବଞ୍ଚିବା ସଙ୍ଗେ ସଙ୍ଗେ ରୋଜଗାରକ୍ଷମ ହୋଇଗଲେ ପୁଅକୁ ବିବାହ କରିବା ପାଇଁ ପିତାମାତା ମନ ବଳାନ୍ତି ।

ସମାଜରେ ଶୃଙ୍ଖଳିତ ଜୀବନଯାପନ କରିବା ପାଇଁ ବିବାହ ପ୍ରଥା ପ୍ରଚ଼ଳିତ । ବିବାହ ହେଉଛି ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଅନ୍ୟ ଜନଜାତିଙ୍କ ଭଳି କିସାନ ସମାଜରେ ବିଭିନ୍ନ ପ୍ରକାର ବିବାହ ପ୍ରଚ଼ଳିତ । ସମଗୋତ୍ର ବିବାହ ପ୍ରଥା ସମାଜରେ ବାରଣ ରହିଛି । ଅନ୍ୟଗୋଷ୍ଠୀରେ ବିବାହକୁ ସମାଜ ସଂପୂର୍ଣ୍ଣ ଘୃଣା କରେ । କିସାନ ସମାଜରେ ପ୍ରଚ଼ଳିତ ବିବାହ ମଧ୍ୟରେ ମାମୁଁଝିଅ ସହିତ ବିବାହ, ପିଉସୀ ଝିଅ ସହିତ ବିବାହ, ଉଦୁଲିଆ ବିବାହ, ବଳପୂର୍ବକ ବିବାହ, ବିଧବା ବିବାହ, ଶାଳୀ ବିବାହ, ଭାଉଜ ବିବାହ ସର୍ବୋପରି ଆୟୋଜିତ ବିବାହ ଅଦ୍ୟାବଧି ରହିଛି । ସାଧାରଣତଃ କିସାନ ସମାଜରେ ଝିଅକୁ ପନ୍ଦରରୁ ଏକୋଇଶି ବୟସ ଏବଂ ପୁଅକୁ ଉଣେଇଶିରୁ ପଚ଼ିଶି ବର୍ଷ ହୋଇଗଲେ ବିବାହଯୋଗ୍ୟ ହୋଇଥାନ୍ତି ବୋଲି ବିବେଚ଼ନା କରାଯାଏ । ବିବାହ କ୍ଷେତ୍ରରେ ମଧ୍ୟସ୍ଥି ହିସାବରେ 'ଅଗୁଆ' କାର୍ଯ୍ୟ କରିଥାଏ । ପ୍ରଥମେ ପୁଅପକ୍ଷ ତରଫରୁ ବିବାହ ପ୍ରସ୍ତାବ ନେଇ କନ୍ୟାଘରକୁ ଯାଇଥାଏ । କଥା ଛଳରେ "ତୁମ ବାଡ଼ିରେ ଥିବା ଗଛରେ ଫୁଲ ଫୁଟିଛି । ସେ ଫୁଲକୁ ତୋଳି ନେଇ ହାର କରିବାର ଇଚ୍ଛା ଅଛି " ବୋଲି ବରପକ୍ଷ ତରଫରୁ "ଆଗୁଆ ବା ମଧ୍ୟସ୍ଥି" କହିଥାଏ । ଯଦି କନ୍ୟାପକ୍ଷ ତରଫରୁ ରାଜିଥାନ୍ତି, ତେବେ ସେମାନେ ମଧ୍ୟ କଥା ପ୍ରସଙ୍ଗରେ କହନ୍ତି, "ଯଦି ତୁମେ ଆମ ବାଡ଼ିର ଫୁଲଗଛରୁ ଫୁଲ ତୋଳି ନେବାକୁ ଚାହୁଁଚ, ତେବେ ନେଇପାର । ଏହି ଫୁଲଟ ବନ୍ଧୁଙ୍କ ପାଇଁ ରହିଛି ।" ଅନ୍ୟ ଏକ ଦିନ କନ୍ୟାପକ୍ଷ ବରଘରକୁ ଆସିବାପାଇଁ ବରପକ୍ଷ ତରଫରୁ ଜଣାଯାଇଥାଏ । କନ୍ୟା ଗୃହରେ ଆତିଥ୍ୟ ପ୍ରଦାନ ଭଳି ବରଘରେ ମଧ୍ୟ ଯଥାବିଧି

ଆତିଥ୍ୟ ପ୍ରଦାନ କରାଯାଇଥାଏ । ଧାର୍ଯ୍ୟ ଦବସରେ ବଇକାବର, ଗ୍ରାମର ଭଦ୍ରବ୍ୟକ୍ତି ଅନ୍ୟାନ ସାତରୁ ନଅଜଣ କନ୍ୟାଗୃହରେ ପହଞ୍ଚନ୍ତି । ଗୋଡ଼ଧୁଆ କାର୍ଯ୍ୟକ୍ରମ ପରେ ଆଲୋଚନା ହୁଏ । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଭୋଜନର ବ୍ୟବସ୍ଥା କରାଯାଇଥାଏ । ଦିବସର ଅନ୍ତିମ ଭାଗ ଆଡ଼କୁ ନୃତ୍ୟଗୀତର ଆୟୋଜନ କରାଯାଇଥାଏ । ତା'ପର ଦିନ ସକାଳେ ଅତିଥିମାନଙ୍କ ହାଣ୍ଡିଆ ପ୍ରଦାନ ମାଧ୍ୟମରେ ଆପ୍ୟାୟିତ କରାଯାଇଥାଏ । ଫେରିବା ସମୟରେ କନ୍ୟାପାଇଁ ସମ୍ମାନସୂଚକ କିଛି ଦିଆଯାଇଥାଏ । ଅନ୍ୟ ଏକ ଧାର୍ଯ୍ୟ ଦିବସରେ କନ୍ୟାମୂଲ ସ୍ଥିର କରିବା ସକାଶେ ପୁଅଘର ପକ୍ଷର ଲୋକେ କନ୍ୟାଘରକୁ ଯାଇଥାନ୍ତି । ପୂର୍ବେ କନ୍ୟାସୂନା ବା କନ୍ୟାମୂଲ ହିସାବରେ ଟ୭.୨୫ ପଇସା, ୧୦ଖଣ୍ଡି ଧାନ, ୨ଖଣ୍ଡ ଶାଢି ଦିଆଯାଉଥିଲା ବର୍ତ୍ତମାନ କନ୍ୟାସୂନା ବାବଦ ଟ୭.୨୫ ପଇସା ଦିଆଯାଉଛି । କନ୍ୟାସୂନାରେ ସେଭଳି କୌଣସି ପରିବର୍ତ୍ତନ ହୋଇ ନଥିଲି ବି ବର୍ତ୍ତମାନ ଗାଈ, ଛେଳି ଏବଂ ଇଚ୍ଛା ମୁତାବକ ଅର୍ଥ ମଧ୍ୟ ଦିଆଯାଉଛି । ଏଥି ସହିତ କନ୍ୟାପାଇଁ ଶାଢୀ ତଥା ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀ ଇତ୍ୟାଦି ବରପକ୍ଷ ତରଫରୁ ଦିଆଯାଉଛି । କେତେକ ଉଚ୍ଚଶିକ୍ଷିତ କିସାନମାନେ ମନଖୁସିରେ ନିଜ ଝିଅପାଇଁ ଆସବାବପତ୍ର ଏବଂ ଜ୍ୱାଇଁ ପାଇଁ ଇଚ୍ଛା ମୁତାବକ ଅର୍ଥ ଦେଉଥିବାର ଜଣାଯାଏ । ବିବାହ ପୂର୍ବରୁ କନ୍ୟାସୂନା ପ୍ରଦାନ ପ୍ରଥା କିସାନ ସମାଜରେ ଅଦ୍ୟାବଧି ପ୍ରଚଳିତ । ବିବାହ ପାଇଁ ଧାର୍ଯ୍ୟ ତାରିଖରେ ବରପକ୍ଷର ବରଯାତ୍ରୀଦଳ କନ୍ୟାଗ୍ରାମ ଅଭିମୁଖେ ଯାତ୍ରା କରିଥାନ୍ତି । ଯାତ୍ରା ଶୁଭ ହେବା ପାଇଁ କେତେକ କଟକଣା ମଧ୍ୟ ମାନିଥାନ୍ତି । କନ୍ୟାର ଗାଁରେ ପ୍ରବେଶ କରିବା ପୂର୍ବରୁ କନ୍ୟାପକ୍ଷ ତରଫରୁ ବରଯାତ୍ରୀ ଦଳକୁ ପାଛୋଟି ନେବାପାଇଁ ଅପେକ୍ଷା କରିଥାନ୍ତି । ବରଯାତ୍ରୀ ଦଳ ଗୋଡ଼ ଧୋଇ ହୋଇ ସାରିବା ପରେ ପୂର୍ବ ପ୍ରସ୍ତୁତ ଭୋଜିରେ ଅଂଶ ଗ୍ରହଣ କରିଥାନ୍ତି । ବିବାହରେ ଭୋଜି ସାଙ୍ଗକୁ ମଦ୍ୟପାନୀୟର ଆୟୋଜନ ମଧ୍ୟ କନ୍ୟାପକ୍ଷ ତରଫରୁ କରାଯାଇଥାଏ । ପାରଂପରିକ ବିଧିବିଧାନ ଅନୁସାରେ କନ୍ୟାଘରେ କନ୍ୟାଘରେ ବିବାହ କାର୍ଯ୍ୟ ସମାପନ ହେବା ପରେ କନ୍ୟାକୁ ସଙ୍ଗରେ ଆଣି ବରଗୃହ ଅଭିମୁଖେ ଯାତ୍ରା ଆରମ୍ଭ ହୋଇଥାଏ । ବରଘରେ ମଧ୍ୟ ସଂଗଠିତ ହୋଇଥାଏ । ଉଭୟ ପୁରୁଷ ଏବଂ ମହିଳା ବିବାହ ଉତ୍ସବରେ ମଦ୍ୟପାନ ପୂର୍ବକ ନୃତ୍ୟଗୀତରେ ନିଜକୁ ହଜାଇ ଦେଇଥାନ୍ତି । ବର୍ତ୍ତମାନ ଅଧିକାଂଶ କିସାନ ବସତି ଅଞ୍ଚଳରେ ପାରଂପରିକ ରୀତି ବିବାହ ସଂଗଠିତ ହେଉଥିଲେ ମଧ୍ୟ ସଂପୃକ୍ତ ସଂପ୍ରଦାୟର ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ହିନ୍ଦୁମାନଙ୍କ ଅନୁସରଣ କରି ବିବାହ କାର୍ଯ୍ୟ ସଂପାଦନ କରୁଥିବା ଜଣାଯାଏ ।

ପଡ଼ୋଶୀ ପ୍ରଜାତିଙ୍କ ଭଳି କୁଣ୍ବୀ କିସାନସମାଜରେ ଲୋକମାନଙ୍କର ଭଲମନ୍ଦ, ଗ୍ରାମର ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପାରଂପରିକ ନ୍ୟାୟ ନିସାବ୍ଦ ବ୍ୟବସ୍ଥା ରହିଛି । ଗ୍ରାମସଭା ମାଧ୍ୟମରେ ଗ୍ରାମଶାସନ ନିୟନ୍ତ୍ରଣ ହୋଇଥାଏ । ଗ୍ରାମରେ ଉପୁଜୁଥିବା ବିବିଧ ଗଣ୍ଡଗୋଳ, ମାରପିଟ୍ ଇତ୍ୟାଦି ବିଷୟ ପାରଂପରିକ ଗ୍ରାମସଭା ମାଧ୍ୟମରେ ସମାଧାନ ହୋଇଥାଏ । ପାରିବାରିକ, ଗୋଷ୍ଠୀଭିତ୍ତିକ ସର୍ବୋପରି ଗ୍ରାମସ୍ତରୀୟ ସମସ୍ତ ବିବାଦର ସରଳ ସମାଧାନ ଏହା ଦ୍ୱାରା ସମ୍ଭବ ହୋଇଥାଏ । ଗ୍ରାମସଭାରେ ସାଧାରଣତଃ ଜଣେ ଗ୍ରାମମୁଖ୍ୟ 'ଗଉଁଟିଆ', ଜଣେ ବିଚାର ମୁଖ୍ୟ 'କାଲୋ', ଉପବିଚାର ମୁଖ୍ୟ ହିସାବରେ ପାଣିଗ୍ରାହୀ, ଡ଼ାକୁଆ ହିସାବରେ ନାଏକ ଏବଂ ଗ୍ରାମର ପ୍ରତି ପରିବାରର ମୁଖିଆମାନେ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରିଥାନ୍ତି । ସର୍ବୋପରି ଗ୍ରାମସଭା ସାମାଜିକ, ରାଜନୈତିକ ନ୍ୟାୟବିଚାର ମୁଖ୍ୟ ଏବଂ ଧର୍ମୀୟମୁଖ୍ୟ ହିସାବରେ କାର୍ଯ୍ୟ କରିଥାଏ । ଗ୍ରାମ ସଭାରେ ସେ'ହିଁ ସଭାପତିତ୍ୱ କରିଥାନ୍ତି ଏବଂ ନିଷ୍ପତ୍ତି ଘୋଷଣା କରିଥାନ୍ତି । ଦୋଷୀକୁ ଉପଯୁକ୍ତ ଦଣ୍ଡ ମଧ୍ୟ ଦେଇଥାନ୍ତି । ଗ୍ରାମସ୍ତରୀୟ ବିବିଧ ପୂଜାପାଠ, ତଥା ପର୍ବପର୍ବାଣୀ ସମ୍ବନ୍ଧୀୟ ଆଲୋଚନାରେ ସେହିଁ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । କୌଣସି କାରଣବସତଃ 'କାଲୋ' ଅନୁପସ୍ଥିତ ରହିଲେ ବିଚାର ଉପମୁଖ୍ୟ ହିସାବରେ ପାଣିଗ୍ରାହୀ ତାଙ୍କର କାର୍ଯ୍ୟ ତୁଲାଇଥାନ୍ତି । ସେ ମଧ୍ୟ ସେହି ସମୟରେ ସଭା ପରିଚାଳନା କରନ୍ତି । ଗ୍ରାମସଭାରେ ଡାକୁଆ ଭାବରେ 'ନାଏକ'ର କାମ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଗ୍ରାମସଭା ବସିବା ଆଗରୁ, ଗ୍ରାମସଭାରେ ନିଷ୍ପତ୍ତି ନିଆଯିବା ବିଷୟ ଗ୍ରାମସଭାପରେ ଲୋକମାନଙ୍କୁ ଜଣାଇଥାଏ । ଲୋକମାନଙ୍କ ପାଇଁ ଜଳପାନର ବ୍ୟବସ୍ଥା ମଧ୍ୟ କରିଥାଏ । ପ୍ରତି ପରିବାରର ମୁଖିଆ ଗ୍ରାମସଭାରେ ସକ୍ରୀୟ ଭାବରେ ଅଂଶ ଗ୍ରହଣ କରି ବିଚାର କ୍ଷେତ୍ରରେ ଉଚିତ୍ ମତ ପ୍ରଦାନ କରିଥାନ୍ତି । ଏତଦ୍‌ବ୍ୟତୀତ ଗ୍ରାମର ମୁଖ୍ୟ ଭାବରେ 'ଗଉଁଟିଆ' ଗ୍ରାମସଭାରେ ମଧ୍ୟ ସକ୍ରୀୟ ଅଂଶଗ୍ରହଣ କରନ୍ତି । ଗ୍ରାମର ଶାନ୍ତିଶୃଙ୍ଖଳା ତଥାନ୍ୟାୟବିଚାର କ୍ଷେତ୍ରରେ ସେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଥାନ୍ତି । ଗ୍ରାମସଭାର ସଦସ୍ୟମାନଙ୍କୁ ଗାଁରେ ସଭା କରାଯାଇ ପୁରୁଖା ଲୋକମାନେ ମନୋନୟନ କରିଥାନ୍ତି । ମନୋନୟନ ପରେ ସଂପୃକ୍ତ ପଦଟି ବଂଶାନୁକ୍ରମିକ ହୋଇଥାଏ । ସାମୁହିକ ଭାବରେ ଗ୍ରାମସ୍ତରରେ ଯେକୌଣସି କାର୍ଯ୍ୟ କରିବା ପୂର୍ବରୁ ଗ୍ରାମସଭା ଡ଼କାଯାଇ ଆଲୋଚନା ମାଧ୍ୟମରେ ପଦକ୍ଷେପ ଗ୍ରହଣ କରାଯାଇଥାଏ । ଗ୍ରାମକୁ ସବୁଦୃଷ୍ଟିରୁ ଉନ୍ନତ କରି ଗଢି ତୋଳିବା ପାଇଁ ପ୍ରତ୍ୟେକ ଲୋକଙ୍କର

ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ପୂର୍ବାପେକ୍ଷା ପାରଂପରିକ ଗ୍ରାମସଭାର ସଦସ୍ୟମାନଙ୍କ କ୍ଷମତା ସଂକୁଚିତ ହେବାରେ ଲାଗିଛି ।

କୁଣ୍ଢେଇଁ କିସାନ ସମାଜର ଲୋକମାନେ ବିବିଧ ପର୍ବପର୍ବାଣି, ପୂଜାପାଠ ଓ ନୃତ୍ୟଗୀତ ସହିତ ଓତଃପ୍ରୋତଃ ଭାବେ ଜଡ଼ିତ । ଅଧୁନା ହିନ୍ଦୁମାନଙ୍କର ଅନେକ ପର୍ବପର୍ବାଣୀକୁ ଅନୁସରଣ କରି ନିଜ ସଂପ୍ରଦାୟ ମଧ୍ୟରେ ପାଳନ କରୁଥିବା ଜଣାଯାଏ । ପାରିବାରିକ ତଥା ସାମୂହିକ ପର୍ବ ତଥା ପୂଜାପାଠରେ ପରସ୍ପର ପରସ୍ପରକୁ ସହଯୋଗ କରିଥାନ୍ତି । ପର୍ବପର୍ବାଣୀରେ ଭୋଜିଭାତ ସାଙ୍ଗକୁ ନୃତ୍ୟଗୀତ ସେମାନଙ୍କର ପ୍ରମୁଖ କାର୍ଯ୍ୟକ୍ରମର ଅର୍ନ୍ତଭୁକ୍ତ । ନୃତ୍ୟଗୀତ ବିନା ପର୍ବପର୍ବାଣି ପାଳନ ନୀରସ ମନେ ହୋଇଥାଏ । ଫାଗୁନ୍‌ପୁନି, ଅକ୍ଷୟତୃତୀୟା, ନୂଆଖାଇ, ପୁଷ୍‌ପୁନି, କରମା ଇତ୍ୟାଦି ପର୍ବକୁ ଆଡ଼ମ୍ବର ସହିତ ପାଳନ କରାଯାଇଥାଏ । ଏହିସବୁ ପର୍ବପର୍ବାଣୀ ସମୟରେ ଘରେ ଘରେ ନାନା ପ୍ରକାର ପିଠାପଣା ତିଆରି କରି ଖାଇବା ସହ ବୟସ୍କ ତଥା ବୁଢାବୁଢୀମାନେ ପୂଜାପାଠ ପରେ ନୃତ୍ୟଗୀତରେ ମଜ୍ଜିଯାଇଥାନ୍ତି । ସାଂସ୍କୃତିକ ଏବଂ ଧର୍ମୀୟ ଜୀବନର ମୂଲ୍ୟବୋଧ ପର୍ବପର୍ବାଣୀ ପାଳନ ତଥା ପୂଜାପାଠ ମାଧ୍ୟମରେ ପ୍ରତିପାଦିତ ହୋଇଥାଏ । ବନ୍ଧୁବାନ୍ଧବ ତଥା ସଂପର୍କୀୟମାନଙ୍କୁ ମଧ୍ୟ ପର୍ବପର୍ବାଣୀମାନଙ୍କରେ ଆମନ୍ତ୍ରଣ କରି ଆବଶ୍ୟକ ପରିମାଣରେ ଖାଦ୍ୟ ଏବଂ ପାନୀୟ ପ୍ରଦାନ ପୂର୍ବକ ଆପ୍ୟାୟିତ କରିଥାନ୍ତି । ପର୍ବପର୍ବାଣୀମାନଙ୍କର ସ୍ୱତନ୍ତ୍ର ଧରଣର ଖାଦ୍ୟ ତିଆରି ହେବା ସହିତ କୁଣ୍ଢେଇଁ କିସାନ ସଂପ୍ରଦାୟର ଲୋକେ ମଧ୍ୟ ନୂଆ କିମ୍ବା ସଫା ପୋଷାକ ପିନ୍ଧି ପର୍ବପାଳନ କରିଥାନ୍ତି ।

କୁଣ୍ଢେଇଁ କିସାନ ସମାଜରେ ପ୍ରଚଳିତ 'ଚିତାକୁଟା' ଏକ ପ୍ରାଚୀନ ପରଂପରା । ଶରୀରର ବିଭିନ୍ନ ସ୍ଥାନରେ କିସାନ ସଂପ୍ରଦାୟର ମହିଳାମାନେ ଚିତା କୁଟାଇଥାନ୍ତି । ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧିରେ ଚିତା ସହାୟକ ହେବା ସଙ୍ଗେ ସଙ୍ଗେ ମଣିଷର ମୃତ୍ୟୁପରେ ଏକମାତ୍ର ସନ୍ତକ ହିସାବରେ ଚିତାକୁ ସଙ୍ଗରେ ନେଇଥାଏ ବୋଲି ଅଦ୍ୟାବଧି କିସାନ ସମାଜରେ ଲୋକ ବିଶ୍ୱାସ ରହିଛି । ମୁସ୍‌ଲିମ୍ ଶାସନ ସମୟରୁ ଚିତାକୁଟା ପରଂପରା ଆରମ୍ଭ ହୋଇଥିବାର ଜଣାଯାଏ । ଅନ୍ୟମାନଙ୍କଠାରୁ କିସାନ ମହିଳାମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନିବା ପାଇଁ ଚିତାକୁଟା ପରଂପରା ଆରମ୍ଭ ହୋଇଥିବା ବିଶ୍ୱାସ କରାଯାଏ ।

ପରିସ୍ଥିତି ଓ ପରିବେଶକୁ ଖାପଖୁଆଇ ଚଳିବା ଭିତରେ କୁଣ୍ଢେଇଁ କିସାନ ସଂପ୍ରଦାୟର ଲୋକେ ସେମାନଙ୍କ ଜୀବନକାଳ ମଧ୍ୟରେ ନାନା ପ୍ରକାର ରୋଗର ଶିକାର ହୋଇଥାନ୍ତି ।

କେତେକ ରୋଗର ନିରାକରଣ ପାଇଁ ସଂପୂର୍ଣ୍ଣଭାବରେ ପ୍ରକୃତି ଉପରେ ନିର୍ଭର କରିବାକୁ ପଡୁଥିବା ବେଳେ ଆଉ କେତେକ ରୋଗର ଚିକିତ୍ସା ପାଇଁ ଲୋକମାନେ ଭଗବାନଙ୍କ ଉପରେ ନିର୍ଭର କରି ରହୁଥିଲେ । ଭୂତ, ପ୍ରେତ, ଡ଼ାହାଣୀ ଇତ୍ୟାଦି ଦୁଷ୍ଟ ଆତ୍ମାଙ୍କୁ ଦମନ କରିବା ପାଇଁ ପାରଂପରିକ ରୀତିରେ ଗୁଣିଆମାନେ ମନ୍ତ୍ରପାଠର ଆଶ୍ରୟ ନେଇଥାନ୍ତି । ପାରଂପରିକ ରୀତିରେ ଚେରମୂଳୀ ଔଷଧ ପ୍ରଦାନ କରି ବୈଦ୍ୟମାନେ ପ୍ରସିଦ୍ଧ ଲାଭ କରିଛନ୍ତି । ବୈଦ୍ୟଙ୍କୁ ଲୋକମାନେ ଆଦର କରିଥାନ୍ତି । ପାରଂପରିକ ରୀତିରେ ହେଉଥିବା ଚିକିତ୍ସାକୁ ଲୋକମାନେ ଅଧିକ ପସନ୍ଦ କରୁଥିବାବେଳେ ବର୍ତ୍ତମାନ ଡ଼ାକ୍ତରୀ ଔଷଧ ପ୍ରତି ମଧ୍ୟ ଆଗ୍ରହ ବୃଦ୍ଧି ପାଉଛି । ଗୁଣିଗାରେଡ଼ି ଉପରୁ ଲୋକମାନଙ୍କର ବିଶ୍ୱାସ ଅଦ୍ୟାବଧି ତୁଟିନଥିବା ଜଣାଯାଏ ।

ଅଧୁନା କିସାନ ସମାଜ ପରିବର୍ତ୍ତିତ ସମୟକୁ ତାଳ ଦେଇ ଅଗ୍ରସର ହେବାରେ ଲାଗିଛି । ଶିକ୍ଷାର ଅନୁପ୍ରବେଶଜନିତ କିସାନ ଯୁବ ସଂପ୍ରଦାୟ ଭିତରେ ପରିବର୍ତ୍ତନ ଦେଖା ଦେଇଛି । ପରମ୍ପରାରୁ ସେମାନେ ପ୍ରଗତି ଆଡ଼େ ମୁହାଁଇଛନ୍ତି । କିନ୍ତୁ ଅନ୍ୟାନ୍ୟ ଜନଜାତି ଅପେକ୍ଷା କିସାନମାନେ ପରମ୍ପରା ବିମୁଖ ନୁହଁନ୍ତି । ପରମ୍ପରା ଓ ପ୍ରଗତି ମଧ୍ୟରେ ଏକ ସୁନ୍ଦର ସମନ୍ୱୟ ସେମାନଙ୍କ ସଂସ୍କୃତିରେ ପରିଲକ୍ଷିତ । କିସାନ ସମାଜର ଏହାହିଁ ହେଉଛି ବିଶେଷତ୍ୱ ।

❖❖❖

# ଖାଦ୍ୟପରମ୍ପରା

ଜୀବନ ଧାରଣ କରିବା ପାଇଁ ମୁଖ୍ୟତଃ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଇତ୍ୟାଦି ମୌଳିକ ଆବଶ୍ୟକତା ଅଟେ । ଏସବୁ ଆବଶ୍ୟକତା ଧରିପୂରଣ ଦିଗରେ ମନୁଷ୍ୟ ସମ୍ପୂର୍ଣ୍ଣ ଭାବରେ ପ୍ରକୃତି ଉପରେ ନିର୍ଭର କରିଥାଏ । ଯେତେବେଳେ ମଣିଷ ଯାଯାବର ଜୀବନ ବିତାଉଥିଲା ସେତେବେଳେ ସେ ଖାଦ୍ୟର ଗୁରୁତ୍ୱ ନବୁଝି କେବଳ ବଞ୍ଚିବା ପାଇଁ ଖାଉଥିଲା । କିନ୍ତୁ ସମୟର ପରିବର୍ତ୍ତନକ୍ରମେ ମଣିଷର ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଦେଖାଗଲା ।

ତୁଳନାତ୍ମକ ଭାବରେ ଅନ୍ୟାନ୍ୟ ଆଦିବାସୀ ଗୋଷ୍ଠୀଙ୍କଠାରୁ କିସାନ୍ (କୁଣ୍ହାଁ) ସଂପ୍ରଦାୟ ଉନ୍ନତ । ତଥାପି ଖାଦ୍ୟସେବନ ପ୍ରଣାଳୀ କ୍ଷେତ୍ରରେ କିଛିଟା ତାରତମ୍ୟ ଦେଖାଗଲେ ମଧ୍ୟ ସେମାନେ ପରମ୍ପରାରୁ ବିଚ୍ୟୁତ ହେବାର ଦେଖାଯାଏ ନାହିଁ । ପୂର୍ବକାଳରେ କିସାନ୍(କୁଣ୍ହାଁ)ମାନେ ଜଙ୍ଗଲରୁ ପଶୁପକ୍ଷୀ ଶୀକାର କରି ଜୀବିକା ନିର୍ବାହ କରୁଥିଲେ । ଏତଦ୍ ବ୍ୟତୀତ ସେମାନେ ବଣ ଜଙ୍ଗଲରୁ ଡାଳ, ଫୁଲ, ପତ୍ର, କନ୍ଦା, ଲାଖ, ଶାଳମଞ୍ଜି, ମହୁଲ, ଚାର, କେନ୍ଦୁ, ଝୁଣା(ଧୁନା), ଲସା ଇତ୍ୟାଦି ସଂଗ୍ରହ କରୁଥିଲେ । ନଈନାଳ ପୋଖରୀରୁ ସେମାନେ ମାଛ, କଙ୍କଡା ଆଦି ଜଳଚର ଜୀବମାନଙ୍କୁ ସଂଗ୍ରହ କରୁଥିଲେ । ଯୁଗର ପରିବର୍ତ୍ତନ ଅନୁସାରେ କିସାନ୍(କୁଣ୍ହାଁ)ମାନେ ଚାଷକାମ ଶିଖିଲେ ଓ କୃଷିକୁ ସେମାନେ ମୁଖ୍ୟ ଜୀବିକା ରୂପେ ଗ୍ରହଣ କଲେ । ସ୍ଥାୟୀ କୃଷିଜୀବି ହିସାବରେ ସେମାନେ ଗୋଟିଏ ସ୍ଥାନରେ ସ୍ଥାୟୀ ବସତି ସ୍ଥାପନ ପୂର୍ବକ କୃଷି କାର୍ଯ୍ୟରେ ନିୟୋଜିତ ହେଲେ । ଚାଷ କାମ ଶିଖିବା ପରେ ସେମାନେ ବିଭିନ୍ନ ପ୍ରକାର ଶସ୍ୟ, ଫୁଲ, ଫଳ, ଶାଗ, ପନିପରିବା ଇତ୍ୟାଦି ଉତ୍ପାଦନ କଲେ । ବର୍ତ୍ତମାନ କିନ୍ତୁ ଏଇ ଜନଜାତିମାନଙ୍କୁ ସରକାର ବିପିଏଲ୍, ଅନ୍ନପୂର୍ଣ୍ଣା ଆଦି ଯୋଜନାରେ ଚାଉଳ, ଚିନି, କିରୋସିନି ଆଦି ଯୋଗାଇ ଦେଇ ଆସୁଛନ୍ତି । ଆଧୁନିକ ସଭ୍ୟତାର ପ୍ରଭାବରେ କିସାନ୍(କୁଣ୍ହାଁ)ମାନେ ସେମାନଙ୍କର ଶସ୍ୟ ପନିପରିବା ଆଦି ହାଟବଜାର, ମେଳା ମହୋତ୍ସବରେ ଆଣି ବିକ୍ରୀ କରି ଜୀବନ ନିର୍ବାହ କରୁଛନ୍ତି । କିନ୍ତୁ ଧୀରେ ଧୀରେ ଜଙ୍ଗଲର ଅବକ୍ଷୟ ହେବା ଫଳରେ ସେମାନେ କୃଷିକୁ ସେମାନଙ୍କର ଜୀବିକା ନିର୍ବାହର ମୁଖ୍ୟ ପନ୍ଥା ବୋଲି ଧରି ନେଇଛନ୍ତି ।

କିସାନ୍(କୁଣ୍‌ହାଁ)ମାନଙ୍କ ଖାଦ୍ୟଗ୍ରହଣ ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଦୈନନ୍ଦିନ ଜୀବନରେ ମୁଖ୍ୟ ଖାଦ୍ୟ ହିସାବରେ ସେମାନେ ପଖାଳ (ବାସି ମାଣ୍ଡି), କୁନ୍ନା ମାଣ୍ଡି, ଶାଗ(ଆଡ୍‌ହା) ଆଦି ଖାଇଥାନ୍ତି । କିନ୍ତୁ ଏବେ କିସାନ(କୁଣ୍‌ହାଁ)ମାନେ ଧାନଭାତ (ମାଣ୍ଡି), ଗରମ ଭାତ, ଡାଲି ଓ ତରକାରୀ ଖାଉଛନ୍ତି । ଆବଶ୍ୟକ ସମୟରେ ମାଣ୍ଡିଆ ଜାଉ (ମାଡିଆ ଜାଉ) ପିଇଥାନ୍ତି । ମୁଖ୍ୟ ଖାଦ୍ୟ ସହିତ ସହକାରୀ ଖାଦ୍ୟ ଆକାରରେ ପନିପରିବା (ଆଡ୍‌ହା), ଶାଗ(ଆଡ୍‌ହା), ଛତୁ (ଅସା), କନ୍ଦା(କାନ୍ଦା), ମାଛ (ଇଞ୍ଜ), ମାଂସ (ଆହାଡା), କଙ୍କଡା (କାକଣ) ଇତ୍ୟାଦିରୁ ପ୍ରସ୍ତୁତ ତରକାରୀ ସେବନ କରୁଥିଲେ । ମୁଖ୍ୟ ଖାଦ୍ୟ ସହିତ ସେମାନେ ସାଧାରଣତଃ ଗୋଟିଏ ତରକାରୀ ସହକାରୀ ଖାଦ୍ୟ ହିସାବରେ ଖାଉଥିଲେ । ସାଧାରଣତଃ ଭାତ ସହିତ ଶାଗଭଜା ହୋଇଗଲେ ମଧ୍ୟ ସେମାନଙ୍କର ଅନ୍ୟ କୌଣସି ତରକାରୀର ଅବଶ୍ୟକତା ପଡି ନଥାଏ । କାରଣ ସେତେବେଳେ ଜଙ୍ଗଲରେ ପ୍ରଚୁର ପରିମାଣରେ ଶାଗ ମିଳିଥାଏ । ତା' ସାଙ୍ଗକୁ ଚାଷ ଜମିରୁ ଶାଗ ଉତ୍ପାଦନ କରିଥାଆନ୍ତି । ଏତଦ୍ ବ୍ୟତୀତ ଅଭାବ ଅନାଟନ ଓ ମରୁଡି ସମୟରେ ସେମାନେ ମହୁଲ ଫୁଲ ଓ ସର୍ଗିଫୁଲକୁ ସିଝାଇ ଖାଉଥିଲେ । ତା' ଛଡା ମାଣ୍ଡିଆ ଓ ତେନ୍ତୁଳି ମଂଜିକୁ ଗୁଣ୍ଡ କରି ସିଝାଇ ଖାଉଥିଲେ । ବିଭିନ୍ନ ପର୍ବପର୍ବାଣୀରେ କିସାନ୍(କୁଣ୍‌ହାଁ)ମାନଙ୍କର ସ୍ୱତନ୍ତ୍ର ଖାଦ୍ୟ ବୋଲି ସେମିତି କିଛି ନଥିଲା । ସେମାନେ ପ୍ରତ୍ୟେକ ଦିନ ଝାରା ପିଉଥିଲେ । କାରଣ ଧାନଚାଷ ଏମାନଙ୍କର ମୁଖ୍ୟ ଫସଲ ହେଉଥିବାରୁ ସେମାନେ ଏହି ଧାନରୁ ଚାଉଳ ବାହାର କରି ସେଥିରୁ ଝାରା ପ୍ରସ୍ତୁତ କରି ପିଉଥିଲେ । ଏହା ବର୍ଷ ତମାମ ସବୁ ସମୟରେ ପ୍ରଚୁର ପରିମାଣରେ ମିଳିପାରୁଥିଲା । ପର୍ବପର୍ବାଣୀରେ ସେମାନେ ମାଛ ମାଂସର ବିକଳ୍ପ ଖାଦ୍ୟ ଭାବେ ସିଝା ପିଠା ପୁହୁଳା (ଲାଡୁ ଆସ୍‌ମା) କରି ଖାଉଥିଲେ । ଏକ ବର୍ଷ ପର୍ଯ୍ୟନ୍ତ ଛୋଟ ଶିଶୁ ମା' କ୍ଷୀର ଖାଇଥାଏ । ବର୍ଷକ ପରେ ଛୋଟ ଶିଶୁଟି ଆସ୍ତେ ଆସ୍ତେ ସବୁ ଖାଦ୍ୟ ଖାଇଥାଏ । ବୟସ ବଢିବା ସଙ୍ଗେ ସଙ୍ଗେ ପିଲାଟି ସବୁ ଖାଦ୍ୟ ପୂର୍ଣ୍ଣମାତ୍ରାରେ ଖାଇଥାଏ । ଗର୍ଭବତୀ ମହିଳାକୁ ସବୁ ଖାଦ୍ୟ ଖାଇବାକୁ ଦିଆଯାଇଥାଏ । ଗର୍ଭବତୀ ମହିଳାକୁ ତାର ମା ବାପା, ଭାଇ ଓ ପଡୋଶୀ ଲୋକମାନେ ଖାଦ୍ୟ ପଦାର୍ଥ ଯୋଗାଇ ଦେଇଥାନ୍ତି । ଜନ୍ମପରେ ଜନ୍ମଦାତ୍ରୀ ମାଆକୁ ଆଠ ମାସ ପର୍ଯ୍ୟନ୍ତ ଶୁଖା ଭାତ(କୁନ୍ନା) ଦିଆଯାଇଥାଏ ଓ ଏକ ବର୍ଷପରେ ତାକୁ ଝାରା ପିଇବାକୁ ଦିଆଯାଇଥାଏ । ଗର୍ଭବତୀ ମହିଳା ପ୍ରସୂତି ସମୟରେ ଡାଲି, ମଦ ଓ

ବାଇଗଣ (ଡେଟାଙ୍ଗ) ଆଦି ଖାଇବା ପାଇଁ ବାରଣ କରାଯାଇଥାଏ । ସେହି ସମୟରେ ଜନ୍ମଦାତ୍ରୀ ମାଆ କଷ୍ଟ ଅନୁଭବ କଲେ ତାକୁ କୋଳଥ (ଆରସକା) ସିଝାଇ ତାର କଷାପାଣିକୁ ଦିଆଯାଏ । ସମସ୍ତ ପ୍ରାଣୀଜ ଖାଦ୍ୟକୁ କିସାନ୍(କୁଣ୍ହାଁ)ମାନେ ଆମିଷ ଖାଦ୍ୟ ଓ ଅନ୍ୟ ସବୁ ଖାଦ୍ୟକୁ ନିରାମିଷ ଖାଦ୍ୟ ଭାବେ ବିଭାଜନ କରନ୍ତି । ପଶୁପକ୍ଷୀଙ୍କ ମାଂସ, ଝିଡିପୋକ, ବାଇଚଢେଇ ଅଣ୍ଡା (ଅଡାମାଞ୍ଜି) ଫଳ ଓ କୋଳି (ଫାଡ୍‌କମାଞ୍ଜି) ଜଙ୍ଗଲରୁ ସଂଗ୍ରହ କରି ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି । ଏତଦ୍ ବ୍ୟତୀତ ଗୃହପାଳିତ ପଶୁପକ୍ଷୀଙ୍କର ମାଂସ (ଆହଡା) ଓ ଝରଣା ଆଦି ପାଣିଥିବା ସ୍ଥାନରୁ ମାଛ (ଇଞ୍ଜୋ) ଓ କଙ୍କଡା (କାକଣଁ) ଧରି ଖାଇଥାନ୍ତି ।

କିସାନ୍(କୁଣ୍ହାଁ)ମାନେ ମାଟି ହାଣ୍ଡି ଓ ଅଳ୍ପ କେତେକ ବାସନକୁସନର ବ୍ୟବହାର କରିଥାନ୍ତି । ସେମାନେ ସେହି ଶସ୍ୟକୁ ରାନ୍ଧି ଭାତ (ମାଣ୍ଡି), ପନିପରିବା ଓ ମାଂସ ଇତ୍ୟାଦିକୁ ସିଝାଇ ସେଥିରେ ଲୁଣହଳଦୀ, ଲଙ୍କା ଇତ୍ୟାଦି ପକାଇ ତରକାରୀ ପ୍ରସ୍ତୁତ କରିଥାନ୍ତି । ପର୍ବପର୍ବାଣୀରେ ଗହମ ଗୁଣ୍ଡ, ଚାଉଳଗୁଣ୍ଡ, (ତିହାଁଲ୍ ଗୁଣ୍ଡା), ମାଣ୍ଡିଆଗୁଣ୍ଡ (ମାଡିଆଗୁଣ୍ଡା) ଆଦି ମିଶାଇ ପିଠା ତିଆରି କରନ୍ତି । ବିଭିନ୍ନ ପର୍ବପର୍ବାଣୀରେ ସାଇପଡିଶା ବନ୍ଧୁବାନ୍ଧବଙ୍କୁ ଆମନ୍ତ୍ରଣ କରି ମାଂସ, ଭାତ, ମଦ, ପିଠା ଇତ୍ୟାଦି ଖାଇବାକୁ ଦିଆଯାଇଥାଏ । କିସାନ୍(କୁଣ୍ହାଁ)ମାନେ ସେମାନଙ୍କ ଅନ୍ୟସମାଜ ଗୋଷ୍ଠୀଠାରୁ ପାଣି କିମ୍ବା ରନ୍ଧାଖାଦ୍ୟ ଗ୍ରହଣ କରନ୍ତି ନାହିଁ । କିନ୍ତୁ ଚାଉଳ, ଧାନ, ପନିପରିବା ଆଦି ଗ୍ରହଣ କରାଯାଏ । ସେମାନେ ଛୁଟିକିଆ, ମୃତିକିଆ ଇତ୍ୟାଦି ଅପବିତ୍ର ସମୟରେ କୌଣସି ଗୋଷ୍ଠୀଙ୍କଠାରୁ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ଆବଶ୍ୟକ ସମୟରେ ତରକାରୀର ସୁଆଦ ବଢେଇବା ପାଇଁ ସେମାନେ ଖଟା ଓ ରାଗର ପ୍ରୟୋଗ କରିଥାନ୍ତି । ସେମାନଙ୍କ ମଧ୍ୟରେ ଏକତା ଭାବ, ଭ୍ରାତୃଭାବ, ପରସ୍ପରକୁ ସହଯୋଗ କରିବାର ମନୋବୃତ୍ତି ଓ ବିପଦରେ ପରସ୍ପରକୁ ସାହାଯ୍ୟ କରିବା ଦେଖାଯାଏ । ଏ ସମସ୍ତ ବିଷୟରେ ବିଷଦ ଭାବରେ ନିମ୍ନରେ ବର୍ଣ୍ଣନା କରାଯାଇଛି ।

## ମୁଖ୍ୟ ଖାଦ୍ୟ:

କିସାନ୍(କୁଣ୍ହାଁ)ମାନେ ଦୈନନ୍ଦିନ ଜୀବନରେ ମୁଖ୍ୟ ଖାଦ୍ୟ ହିସାବରେ ପଖାଳ (ବାସି ମାଣ୍ଡି) ଓ ବିଭିନ୍ନ ପ୍ରକାରର ଶାଗ (ଆଡ୍‌ହା) ଖାଆନ୍ତି । କେନା ଆଡ୍‌ହା, ମୁନ୍‌ଗା, କୁବାୟ, ଚଟଙ୍ଗୀ, ଖାଣ୍ଡଡହା ଇତ୍ୟାଦି ଶାଗ ସେମାନେ ପଖାଳ ସହିତ ଖାଆନ୍ତି । ଆହୁରି ମଧ୍ୟ ସେମାନେ ଡେଛାଙ୍ଗ ଆଡ୍‌ହା (ତଙ୍କ ପରି ମାଡିଥାଏ)କୁ ହାଉ ସହିତ ମିଶେଇ

ରାନ୍ଧି ଖାଉଥିଲେ । ଏହି ଶାଗ ଖଟା ଲାଗିଥାଏ । ଏହି ଡ଼େଛାଙ୍ଗ ଆଡ଼୍ହା ଜଙ୍ଗଲରୁ ବହୁ ପରିମାଣରେ ମିଳୁଥିବାରୁ ସେମାନେ ବେଶୀ ଖାଇଥାନ୍ତି । ଏହିସବୁ ଶାଗ ଖରାଦିନେ ମିଳୁନଥିବାରୁ ସେମାନେ ସାର୍ଲାଶାଗକୁ ଶୁଖାଇ ଗୁଣ୍ଡକରି ତାକୁ ରାନ୍ଧିକରି ଖାଇଥାନ୍ତି । କିନ୍ତୁ ଏବେ ଭାତ (ମାଣ୍ଡି), ଡାଲି (ଡାଆଲି) ବିଭିନ୍ନ ପ୍ରକାର ପରିବା ତରକାରି, ମାଛ (ଇଞ୍ଜୋ) ତରକାରି, ମାଂସ (ଆଡ୍ହାଡା) ଖାଉଛନ୍ତି । ସେମାନେ ଭାତ ଦିନକୁ ତିନିଥର (ସକାଳ, ମଧ୍ୟାହ୍ନ ଓ ରାତି) ଖାଇଥାନ୍ତି । କଦୋ (ଏକ ପ୍ରକାର ଧାନ) କମ୍ ଖର୍ଚ୍ଚରେ, କମ୍ ପରିଶ୍ରମରେ ହେଉଥିବାରୁ କୁଣ୍ଡ୍ହାଁମାନେ ବେଶୀ ପରିମାଣରେ ଖାଇଥାନ୍ତି । କଦୋ ଢିପ ଜାଗାରେ ଚାଷ କରାଯାଏ । ଗୁଡ଼ଲୁ ଧାନ (ହେସ୍ସୁ) ବର୍ଷାଦିନରେ ହୁଏ । ଏହି ଧାନ ମରୁଡି ସମୟରେ ଭଲ କାର୍ଯ୍ୟରେ ଆସିଥାଏ । କାରଣ ସେତେବେଳେ ଧାନ ନଥାଏ । ଚାଷକାମ ଶିଖିଲାପରେ ଏମାନେ ପନିପରିବା ଚାଷ କରନ୍ତି । ମାଣ୍ଡିଆ ପେଜ (ମାଡିଆ ପେଜ) ଓ ତୋରାଣି (ବାସି ଆମ୍ବୁ) ସାଧାରଣତଃ ମଧ୍ୟାହ୍ନ ସମୟରେ ପିଇଥାନ୍ତି । କାମରୁ ଆସିଲାପରେ ଝାରା ପିଅନ୍ତି । ଭାତ ରାନ୍ଧି ସାରିଲା ପରେ ଡଙ୍କି (ଚୂଲ୍ଲା) ସାହାଯ୍ୟରେ ବାଢିଥାନ୍ତି ।

ମୁଖ୍ୟ ଖାଦ୍ୟ ହିସାବରେ ଭାତ (ମାଣ୍ଡି), ପଖାଳ (ବାସି ମାଣ୍ଡି), ଶାଗ (ଆଡ୍ହା) ଇତ୍ୟାଦି ଖାଆନ୍ତି । ଏହା ସହିତ କିସାନ୍(କୁଣ୍ଡ୍ହାଁ)ମାନେ ସହକାରୀ ଖାଦ୍ୟସ୍ୱରୁପ ବିଭିନ୍ନ ପ୍ରକାର ପନିପରିବା, ଶାଗ, ଛତୁ (ଅସା), ମାଛ (ଇଞ୍ଜୋ), ମାଂସ (ଆଡ୍ହାଡା) ଇତ୍ୟାଦି ଖାଇଥାନ୍ତି । ଏହା ସହିତ କିସାନ୍(କୁଣ୍ଡ୍ହାଁ)ମାନେ ସହକାରୀ ଖାଦ୍ୟସ୍ୱରୁପ ବିଭିନ୍ନ ପ୍ରକାର ପନିପରିବା, ଶାଗ, ଛତୁ (ଅଁସା), ମାଛ (ଇଞ୍ଜୋ), ମାଂସ (ଆଡ୍ହାଡା), କଙ୍କଡା (କାକଣ), କଇଁଛ(ଏକ୍କା)ରୁ ପ୍ରସ୍ତୁତ ତରକାରୀ ଖାଉଥିଲେ । ସହକାରୀ ଖାଦ୍ୟ ହିସାବରେ ଗ୍ରହଣ କରୁଥିବା ଜିନିଷମାନଙ୍କର ନିମ୍ନରେ ପ୍ରଦତ୍ତ କରାଗଲା :

**ପନିପରିବା:**

ଆଳୁ (ଆଲୁ), ବାଇଗଣ (ଭେଟାଙ୍ଗ), ପୋଟଳ (ପୁଟଲ), ଟମାଟ (ବିଲାତି), ପାଚଳ ଭେଣ୍ଡି, ମୂଳା (ମୂଲା), କାକୁଡି (ପାଲ୍ହାନ୍ଜା), କଞ୍ଚାକଦଳୀ (ହେନାକାଦଲି), ଅମୃତଭଣ୍ଡା (ପବିତା), ଶିମ୍ବ (ଶିମ୍ବି), ଝୁଡଙ୍ଗ (ଝୁଡୁଙ୍ଗା), ଛୁଚିହ୍ରା (କଇଁତି), ଲାଉ (ଲାଉ), କଖାରୁ (ଭାଇଁତାଡ୍), କଲରା (କାଲ୍ଲା), ପଣସକଠା (କଠର୍), ପଣସ ମଂଜି (କଠର୍ ମାଂଜି), ଜହ୍ନି (ଡଡ୍କୋ), ଅଦା (ଅଦା), ରସୁଣ (ରସ୍ଣି), ପିଆଜ (ଉଲି), କଞ୍ଚାଲଙ୍କା (ହେନା ମାର୍ଚି), ସାରୁ (କିସ୍କୋ) ।

ଭାଜି (ଆଦାର ଆଡ୍‌ହ୍ୱା), ପାଲଙ୍ଗ (ପାଲାଙ୍କ୍ ଆଡ୍‌ହ୍ୱା), କୋମ୍ ଆଡ୍‌ହ୍ୱା, ଉଙ୍କୁଆଡ୍‌ହ୍ୱା (ସୁନସୁନିଆ), ମୁନ୍‌ଗା ଆଡ୍‌ହ୍ୱା (ସଜନା), ଭାଇତାଡ୍ ଆଡ୍‌ହ୍ୱା (କଖାରୁ), ଅଣ୍ଣଡ୍‌ହ୍ୱା (ପୋଇ), ଚାଟିଆଡ୍‌ହ୍ୱା (ଛଟି ଶାଗ), ଭୋତୁଆ ଆଡ୍‌ହ୍ୱା- (ଗହମ ବିଲରେ ହୁଏ), ମୁଡି ଆଡ୍‌ହ୍ୱା, ଗୁଣ୍ଡୁର୍ ଆଡ୍‌ହ୍ୱା (ମଦରଙ୍ଗା ଶାଗ), କିମ୍ ଆଡ୍‌ହ୍ୱା, ଖାଣ୍ଡା ଆଡ୍‌ହ୍ୱା (ଓଦା ଭୂଇଁରେ ହୁଏ), ବାଦ୍ଲୀ ଆଡ୍‌ହ୍ୱା ।

**ଚୁଟୁ (ଅଁସା):** ଖାହ୍ି ଅଁସା, ପୁଡ୍‌ଡା ଅଁସା, ଛଲ୍‌କିରି ଅଁସା (ବାଲିଚୁଟୁ), କଏଲା ଅଁସା (ଜଙ୍ଗଲରେ ଉଠେ), ଭୁସୁ ଅଁସା (ପାଳ ଚୁଟୁ), ଦୋନ୍ଦ୍‌କୋ ଅଁସା, ହ୍ରୋ ଅଁସା, କଆଲ ଅଁସା, ଅଡ୍‌ସ୍କ ଅଁସା (ପ୍ରଥମ ବର୍ଷା, ଘଡଘଡି ହ୍ୱେଲେ ଏହି ଚୁଟୁ ଉଠେ), ହ୍ୱେଲାରି ଅଁସା, ମାଁଶ ଅଁସା (ବାଉଁଶ ଛତୁ) ।

**ଅଟା (ଆଟା):** କିସାନ୍(କୁଣ୍‌ହାଁ)ମାନେ ସହକାରୀ ଖାଦ୍ୟ ହିସାବରେ ବିଭିନ୍ନ ପ୍ରକାର ଅଟାକୁ ବ୍ୟବହାର କରିଥାନ୍ତି । ଯଥା- ଗହ୍ମ ଆଟା, ତିହ୍ୱାଁଲ ଆଟା (ଚାଉଳ ଗୁଣ୍ଡ), ମାଡିଆ ଆଟା (ମାଣ୍ଡିଆ ଗୁଣ୍ଡ) ଇତ୍ୟାଦି ।

**ଡାଲି (ଡାଆଲି):** ବୁଟ୍‌ରା ଡାଆଲି, କେସାରି ଡାଆଲି, ମସ୍‌ରୀ ଡାଆଲି (ଆଗେ ହ୍ୱେଉଥିବା ଡାଲି), ଆରସ୍‌କା ଡାଆଲି (କୋଳଥ), ମୁଗି ଡାଆଲି (ମୁଗ), ରାହ୍ୱାଡି ଡାଆଲି (ହରଡ), ମାସିଡ଼ାଲି (ବିରି) ।

**ଖଟା (ତିସ୍‌ସା):** ତେତେଲେ ତିସ୍‌ସା (ତେନ୍ତୁଳି ଖଟା), ଟାଠା ତିସ୍‌ସା (ଆମ୍ବ ଖଟା), ବିଲାତି ତିସ୍‌ସା (ଟମାଟ ଖଟା), ଆମ୍‌ଚୁର (ଆମ୍ବୁଲ), ପାଞ୍ଜକାଟାଠା (ଆମ୍ବସଢା), ପାନୁ ତିସ୍‌ସା (ବରକୋଳି) ।

**ମାଛ (ଇଞ୍ଜ):** ଚପୟ (ଚିଙ୍ଗୁଡି), ନୟଁ (ବଇଁଗା ଓ ଘରଲି), ଭାକୁତ ଇଞ୍ଜ (ଭାକୁତ ମାଛ), ଚୁଡ୍‌ଡି ଇଞ୍ଜ (ଜିଆ ମାଛ), ଖାକ୍‌ସୁ ଇଞ୍ଜ (ଗଡିଶା ମାଛ), ପୁଠି ଇଞ୍ଜ (ମୀନ ମାଛ), ଝୁରୀ, କାଉ ଇଞ୍ଜ, ଟରୋ ଇଞ୍ଜ, ମୁଗରା ଇଞ୍ଜ (ମାଗୁର ମାଛ), ତୁତୁମ ଇଞ୍ଜ(କୁନିଆ କାଟଣିଆ ଇଞ୍ଜ ।

**ମାଂସ (ଆହ୍ୱାଡା):** ହ୍ୱେରୁ (କୁକୁଡା), ଏଡା (ଛେଳି), ଭେଡି (ମେଣ୍ଢା), କିସ୍‌ସୁ (ଘୁଷୁରୀ), ମୁୟାଁ (ଠେକୁଆ), ଅଡା (ଚଢେଇ), ଏକ୍କା (କଇଁଛ), ମାକ୍ (ହରୀଣ), କୁଟରା (ଗଞ୍ଜୁ) ।

ସହାୟକ ଖାଦ୍ୟ ହିସାବରେ ମହୁଲ, ସରଗି ଫୁଲକୁ ସିଝାଇ ଖାଉଥିଲେ । ମାଣ୍ଡିଆ, ତେନ୍ତୁଳି ମଂଜି ସିଝାଇ ଖାଉଥିଲେ । ସେମାନେ ମଧ୍ୟାହ୍ନ ସମୟରେ ବେଳେବେଳେ ବେଲପଣା (ହିଙ୍ଗା ଆମ୍ବୁ) ପିଇଥାନ୍ତି । ଏହା ବ୍ୟତୀତ ଅଭାବ ସମୟରେ ମାଣ୍ଡିଆ ଗୁଣ୍ଡର ଜାଉ ପିଇ ଖାଦ୍ୟାଭାବ ଦୂର କରିଥାନ୍ତି । ବିଭିନ୍ନ ପର୍ବପର୍ବାଣୀରେ ବିଭିନ୍ନ ପ୍ରକାର ଖାଦ୍ୟ ଓ ପିଠା (ଆସ୍‌ମା)କୁ ମଧ୍ୟ ସହାୟକ ଖାଦ୍ୟ ରୂପେ ସେବନ କରିଥାନ୍ତି । ବିଭିନ୍ନ ସମୟରେ ଜଙ୍ଗଲରୁ ମିଳୁଥିବା ବିଭିନ୍ନ ପ୍ରକାର କନ୍ଦା (କାନ୍ଦା) ଯଥା- ନାପ୍ପା କାନ୍ଦା, କାଡ୍‌ମୁ କାନ୍ଦା, ଗାଡି କାନ୍ଦା, କେସାରି କାନ୍ଦା ଓ ସିଙ୍ଗ୍‌ଡା କାନ୍ଦାକୁ ସିଝାଇ ଖାଇଥାନ୍ତି । କିନ୍ତୁ ଗାଡି କାନ୍ଦାକୁ ସିଝାଇ ଖାଇଥାନ୍ତି । କେସାରି କାନ୍ଦା ଓ ସିଙ୍ଗ୍‌ଡା କାନ୍ଦା ପାଣି ଭିତରେ ହୋଇଥାଏ । କିନ୍ତୁ ଅନ୍ୟସବୁ କାନ୍ଦା ଜଙ୍ଗଲରୁ ମିଳେ । ଜଙ୍ଗଲରୁ ସଂଗ୍ରହ କରିଥିବା ବିଭିନ୍ନ ପ୍ରକାର ଫଳକୁ ମଧ୍ୟ ସହାୟକ ଖାଦ୍ୟ ହିସାବରେ ଆନନ୍ଦରେ ସେବନ କରିଥାନ୍ତି । ଶୁଖୁଆକୁ ମଧ୍ୟ ଭାତ ସହିତ ସହାୟକ ଖାଦ୍ୟ ରୂପେ ଖାଇଥାନ୍ତି ।

ସାଧାରଣତଃ କିସାନ୍(କୁଣ୍‌ହାଁ)ମାନେ ଦିନକୁ ତିନି ଥର ଖାଦ୍ୟ ଖାଇଥାଆନ୍ତି । ସ୍ତ୍ରୀଲୋକମାନେ ସକାଳ ୫ଟାରୁ ଉଠି ନିଜର ନିତ୍ୟକର୍ମ ସାରି ସକାଳ ୯ଟା ସୁଦ୍ଧା ରୋଷେଇ ଶେଷ କରିଥାଆନ୍ତି । ସେମାନେ ପ୍ରତ୍ୟେକ ଦିନ ପଖାଳ (ବାସା ମାଣ୍ଡି), ଭାତ (ମାଣ୍ଡି), ଡାଲି (ଡାଆଲି), ତରକାରୀ (ତର୍‌କାରୀ) ଖାଇଥାଆନ୍ତି । ପ୍ରାୟତଃ ସେମାନେ ପଖାଳ (ବାସି ମାଣ୍ଡି) ସହିତ ଶାଗ(ଆଡ୍‌ହା) ଖାଇଥାନ୍ତି । କିନ୍ତୁ ବର୍ଷା ଓ ଶୀତଦିନେ ସେମାନେ ରୁଟି ଖାଇଥାନ୍ତି । ମଧ୍ୟାହ୍ନ ସମୟରେ ଆଗରୁ ପ୍ରସ୍ତୁତ ହୋଇ ରହିଥିବା ମାଣ୍ଡିଆ ଲେଟେ(ମାଡିଆ)କୁ ଲୁଣ ଓ ମାରଚି ମିଶାଇ ଖାଇଥାନ୍ତି । ସେମାନେ ଏହି ସମୟ ମଧ୍ୟରେ ବାସିମାଣ୍ଡି, ତରକାରୀ ଓ ଶାଗ ମଧ୍ୟ ଖାଇଥାନ୍ତି । ରାତ୍ରରେ ସେମାନେ ଭାତ (ମାଣ୍ଡି) ଓ ତରକାରୀ ସେବନ କରିଥାନ୍ତି । ଭାତ ସହିତ କେବଳ ଗୋଟିଏ ତରକାରୀ ଖାଇଥାନ୍ତି । କିନ୍ତୁ ଛୋଟ ପିଲାମାନେ ଦୈନିକ ୪-୫ ଥର ଖାଦ୍ୟ ଖାଇଥାନ୍ତି । ରାତ୍ରରେ ବଳକା ଭାତକୁ ପାଣି ମିଶାଇ ସକାଳୁ ଛୋଟ ପିଲାମାନେ ଓ କାମକୁ ଯାଉଥିବା ଲୋକମାନେ ଖାଇଥାନ୍ତି । ଛୋଟ ପିଲାମାନେ ନିଜର ଇଚ୍ଛାନୁସାରେ ଦିନର କୌଣସି ସମୟରେ ଖାଦ୍ୟ ଗ୍ରହଣ କରିଥାନ୍ତି ।

ଅନ୍ୟ ଜନଜାତିମାନଙ୍କ ପରି ବର୍ଷର ବିଭିନ୍ନ ସମୟରେ ବିଭନ୍ନ ପ୍ରକାର ପର୍ବପର୍ବାଣୀ ପାଳନ କରିଥାନ୍ତି । ସେଥିମଧ୍ୟରୁ ଫାଗୁଣ ପୁନି (ଦୋଳ ପୂର୍ଣ୍ଣିମା),

ଅକ୍ଷୟ ତୃତୀୟା, ଶ୍ରାବଣ ପୂର୍ଣ୍ଣମୀ (ଗହ୍ମା ପୂର୍ଣ୍ଣମୀ), ନୂଆଖାଇ (ପୁନାଅନ୍ନା), ପୌଷ ପୂର୍ଣ୍ଣମୀ (ପୁଷ୍‌ପୁନି) ମହା ଆଡମ୍ବରରେ ପାଳନ କରନ୍ତି । ଏତଦ୍ ବ୍ୟତୀତ ଏବେ ରଥଯାତ୍ରା, ରଜ, ସାବିତ୍ରୀ ବ୍ରତ, ଦଶହରା ପାଳନ କରୁଛନ୍ତି ।

ଫାଲ୍‌ଗୁନ ପୂର୍ଣ୍ଣମୀରେ ମହୁଲ (ମାହି), ଆମ୍ବ (ଟାଠା), ବଉଳ ଖାଇଥାନ୍ତି । ଏହି ପର୍ବରେ ସେମାନେ ଧାନରୁ ପ୍ରସ୍ତୁତ ଭାତ (ମାଣ୍ଡି) ରାନ୍ଧିଥାନ୍ତି । ଭାତ ସହିତ ଡାଲି (ଡାଆଲି), ବିଭିନ୍ନ ପ୍ରକାର ତରକାରୀ, ମାଛ, ମାଂସ, କଙ୍କଡା (କାକଣ) ଇତ୍ୟାଦି ମିଶାଇ ତରକାରୀ ଖାଇଥାନ୍ତି । ଏହି ପର୍ବରେ ଗାଁରେ ସମସ୍ତେ ମିଳିମିଶି ପୂଜା କରନ୍ତି । ଅକ୍ଷିତୃତୀୟା ଦିନ ଘରେ ପୂଜା କରାଯାଇ ନଥାଏ । କେବଳ ଧାନକ୍ଷେତରେ ଧର୍ମଦେବତା, ଗ୍ରାମଦେବତା ଓ ମହାଲକ୍ଷ୍ମୀଙ୍କ ନାମ ସ୍ମରଣ କରି ଧାନବୁଣା ଅନୁକୂଳ କରାଯାଇଥାଏ । ଏହି ପର୍ବରେ ସେମାନେ ତେଲ ମସଲା ଜାତୀୟ ତରକାରୀ ଖାଆନ୍ତି ନାହିଁ । ସେଥିପାଇଁ ସେମାନେ କ୍ଷିରୀ ତିଆରି କରି ଖାଆନ୍ତି । ସନ୍ଧ୍ୟାବେଳେ ସେମାନେ ଭାତ, ମାଛ, କାଇ(ଇଞ୍ଚି ହାଉ) ଖାଇଥାନ୍ତି ।

**ଶ୍ରାବଣ ପୂର୍ଣ୍ଣମା (ଗହ୍ମାପୂର୍ଣ୍ଣମା):** ଏହିଦିନ କେବଳ ଗୋରୁଗାଈମାନଙ୍କୁ ବନ୍ଦାପନା କରି ପୂଜା କରାଯାଏ । ସେହିଦିନ ସେମାନେ ପିଠାପଣା ଆଦି ଘରେ ପ୍ରସ୍ତୁତ କରିଥାନ୍ତି ।

**ନୂଆଖାଇ (ପୁନାଅନ୍ନା):** ନୂଆଖାଇ ପୂର୍ବରୁ ଯିଏ ଶାଗ, ପନିପରିବା, ଧାନ, ମାଣ୍ଡିଆ ଆଦି ଚାଷ କରିଥାଏ ସେ ତାକୁ ନୂଆଖାଇ ଦିନ ନୂଆ କରି ଖାଇଥାଏ । ସେମାନେ ସେଦିନ ଗାଜର, ମୂଳା, ସାଲଗମ୍‌କୁ କଞ୍ଚା ଖାଇଥାନ୍ତି । ସେଦିନ ସେମାନେ ଭାଲିଆ ପତ୍ରରେ ଦେବାଦେବୀ ଓ ପିତୃପୁରୁଷଙ୍କ ପୂଜା କରି ନବାନ୍ନ ଭକ୍ଷଣ କରିଥାନ୍ତି ।

**ପୌଷପୂର୍ଣ୍ଣମୀ (ପୁଷ୍‌ପୁନି):** ଏହିଦିନ କୌଣସି ପ୍ରକାରର ପୂଜାବିଧିର ପ୍ରଚଳନ ନାହିଁ । ମଣ୍ଡାପିଠା ଘରେ ଘରେ ହୁଏ । କେବଳ ପାନୀୟ ଭୋଜନର ଏହା ପର୍ବ ଅଟେ ।

**ଶିଶୁ ଓ ଛୋଟପିଲାଙ୍କ ଖାଦ୍ୟ:**

କିସାନ୍(କୁଣ୍‌ହାଁ)ସମ୍ପ୍ରଦାୟର ଶିଶୁ ଓ ଛୋଟପିଲାଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ନଥାଏ । ଆଠ ମାସରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଶିଶୁ ମା'କ୍ଷୀର ଖାଇଥାଏ । ମା'କ୍ଷୀର ବ୍ୟତିତ ଶିଶୁଟିକୁ ଅନ୍ୟ ଖାଦ୍ୟ ମଧ୍ୟ ଦିଆଯାଇଥାଏ । ଯଥା- ମାଣ୍ଡିଆ ଜାଉ, ଭାତ, ଡାଲିପାଣି ଆଦି

ଦିଆଯାଇଥାଏ । ପିଲାଟି ଦୁଇ ବର୍ଷ ହୋଇଗଲେ ପୂର୍ଣ୍ଣମାତ୍ରାରେ ଭାତ ଓ କ୍ଷିରୀ ୪/୫ ଥର ଖାଇଥାଏ । ଚୁଆମାନଙ୍କୁ ଚାରି ବର୍ଷ ହୋଇଗଲା ପରେ ତାଙ୍କୁ ଅଳ୍ପ ମାତ୍ରାରେ ହାଣ୍ଡିଆ ପିଇବାକୁ ଦିଆଯାଇଥାଏ ।

## ଗର୍ଭବତୀ ମହିଳା ଓ ପ୍ରସୂତୀଙ୍କ ଖାଦ୍ୟ:

ଗର୍ଭବତୀ ମହିଳାଙ୍କ ପାଇଁ ସାଧାରଣତଃ କୌଣସି ସ୍ୱତନ୍ତ୍ର ଖାଦ୍ୟ ବ୍ୟବସ୍ଥା ନାହିଁ । ଗର୍ଭବତୀ ସମୟରେ ମହିଳାମାନେ ସମସ୍ତଙ୍କ ପରି ସବୁ ଖାଦ୍ୟ ଗ୍ରହଣ କରିଥାନ୍ତି । ଗର୍ଭାବସ୍ଥାର ପ୍ରଥମ ଅବସ୍ଥାରେ ଖାଦ୍ୟର ମଧ୍ୟ କିଛି ବାରଣ ନଥାଏ । କିନ୍ତୁ ଗର୍ଭାବସ୍ଥାର ଚାରିମାସ ପରେ ସେମାନେ ହାଣ୍ଡିଆ ପିଇବାର ପରିମାଣ କମାଇ ଦେଇଥାନ୍ତି । ଆହୁରି ମଧ୍ୟ ଡାଲିର ପାଣି, ପଂଳ, କନ୍ଦା, ମାଛ ମାଂସ, ଅଣ୍ଡା ଆଦି ଖାଦ୍ୟ ଗ୍ରହଣ କରିଥାନ୍ତି । ମୁଖ୍ୟତଃ ସେମାନଙ୍କର ପ୍ରସୂତି ସମୟରେ ଖାଦ୍ୟରେ ବାରଣ ନଥାଏ ।

ଏତଦ୍ ବ୍ୟତୀତ ଗର୍ଭବତୀ ମହିଳାର ବାପା, ମାଆ, ଭାଇ ଓ ଅନ୍ୟାନ୍ୟ ପଡୋଶୀମାନେ ମଧ୍ୟ ଖାଦ୍ୟ ଯୋଗାଇ ଥାଆନ୍ତି । ଗର୍ଭବତୀ ମହିଳାର ମାଆ, ଗର୍ଭବତୀ ପାଇଁ ଗର୍ଭାବସ୍ଥାର ଦୁଇମାସ ଓ ଚାରି ମାସରେ ଥରେ ଲେଖାଏଁ କିଛି ଖାଦ୍ୟଦ୍ରବ୍ୟ ନେଇକରି ଆସିଥାନ୍ତି । କିନ୍ତୁ ଆଠମାସ ପରେ ଝିଅର ବାପଘର ଝିଅପାଇଁ ବୋଝଭାର ଆଣିକରି ଆସିଥାଏ । ସେହି ବୋଝଭାର ଗ୍ରାମର ପଡୋଶୀମାନଙ୍କ ମଧ୍ୟରେ ବଣ୍ଟାଯାଇଥାଏ । ଗର୍ଭବତୀ ମହିଳାର ଇପ୍‌ସିତ ସମସ୍ତ ଖାଦ୍ୟଦ୍ରବ୍ୟକୁ ସମସ୍ତେ ଯୋଗାଇ ଦେଇଥାନ୍ତି କିମ୍ବା ଗର୍ଭବତୀ ମହିଳା ନିଜେ ସଂଗ୍ରହ କରି ନିଜର ରସନା ଲାଳସା ଚରିତାର୍ଥ କରିଥାଏ । ସେମାନେ ବିଶ୍ୱାସ କରିଥାନ୍ତି ଯେ ଗର୍ଭବତୀ ଶିଶୁର ଇଚ୍ଛାନୁସାରେ ଗର୍ଭବତୀ ମହିଳା କୌଣସି ଖାଦ୍ୟ ଖାଇବାକୁ ଇଚ୍ଛା ପ୍ରକାଶ କରିଥାଏ ।

ଶିଶୁ ଜନ୍ମପରେ ମାଆକୁ ଆଠମାସ ପର୍ଯ୍ୟନ୍ତ ଶୁଖାଭାତ ଖାଇବାକୁ ଦିଆଯାଇଥାଏ ଓ ଏକବର୍ଷ ପରେ ସେ ମଦ ପିଇଥାଏ । ଜନ୍ମର ତିନି ସପ୍ତାହ ପର୍ଯ୍ୟନ୍ତ ମାଆକୁ ଗରମ ଖାଦ୍ୟ ଦିଆଯାଇଥାଏ । ଜନ୍ମଦାତ୍ରୀ ମାଆ ପାଇଁ କୌଣସି ପ୍ରକାର ଖାଦ୍ୟର ବାରଣ ନଥାଏ । ସେହି ସମୟରେ ମାଆ କିଛି କଷ୍ଟ ଅନୁଭବ କଲେ ତାକୁ କୋଳଥ ସିଝାଇ ତାର ପାଣିକୁ ଦିଆଯାଇଥାଏ । ଦୁଗ୍ଧଦାତ୍ରୀ ମାଆ ସାଧାରଣ ଭାବରେ ସମସ୍ତ ଖାଦ୍ୟ ଗ୍ରହଣ

କରିଥାଏ । ଜନ୍ମହେବାର ୨-୩ ମାସ ପରେ ତାକୁ ଆମିଷ ଖାଦ୍ୟ ଦିଆଯାଇଥାଏ । ପିଲାଟି ଜନ୍ମ ହେବାପରେ କିଛି ଭୋଜିଭାତର ମଧ୍ୟ ଆୟୋଜନ ହୋଇଥାଏ ।

## ନିଷେଧ ଖାଦ୍ୟ:

କିସାନ୍ ( କୁଣ୍ହାଁ )ସମାଜରେ ସମୟ, କାଳ, ପାତ୍ରକୁ ବିଚାରକୁ ନେଇ କେତେକ ଖାଦ୍ୟର ବାରଣ କରାଯାଇଥାଏ । ଗର୍ଭବତୀ ମହିଳାକୁ ଗର୍ଭାବସ୍ଥାରେ ଡାଲି ଖାଇବାକୁ ବାରଣ ନଥାଏ । ପ୍ରସୂତୀ ସମୟରେ ହାଣ୍ଡିଆ ପିଇବାକୁ ମଧ୍ୟ ବାରଣ କରାଯାଇଥାଏ । ବାହାଘର ସମୟରେ ପୂଜାରୀ (କାଲୋ) ଅନ୍ୟ ଦ୍ୱାରା ରନ୍ଧା ହୋଇଥିବା ଖାଦ୍ୟକୁ ଖାଇ ନଥାଏ । ପର୍ବପର୍ବାଣୀ ସମୟରେ ପୂଜାରୀ ଓ ଗ୍ରାମବାସୀମାନେ ଉପାସ ରହିଥାନ୍ତି ଓ ପୂଜା ସରିବା ପରେ ସେମାନେ ଖାଦ୍ୟ ଗ୍ରହଣ କରିଥାନ୍ତି । ଯେଉଁମାନେ କୌଣସି ଧର୍ମ ଦୀକ୍ଷା ନେଇଥାନ୍ତି, ଯଥା- କୃଷ୍ଣଗୁରୁ (ମାନବଧର୍ମ) ଆଦି ନେଇଥାନ୍ତି ସେମାନେ ହାଣ୍ଡିଆ ପିଅନ୍ତି ନାହିଁ । ଅବିବାହିତା ଓ ବିବାହିତା ଝିଅମାନେ ଦୀକ୍ଷା ଗ୍ରହଣ କଲେ ମାଛ ମାଂସ ଖାଆନ୍ତିନାହିଁ । ଗର୍ଭବତୀ ମହିଳା ପ୍ରସୂତୀ ସମୟରେ ତେନ୍ତୁଳିଖଟା ଖାଇନଥାଏ । କାରଣ ଖଟା ଖାଇଲେ ଛୋଟ ଶିଶୁକୁ ରୋଗ ଆକ୍ରମଣ କରିବାର ସମ୍ଭାବନା ଥାଏ ବୋଲି ସେମାନଙ୍କର ବିଶ୍ୱାସ । ପର୍ବପର୍ବାଣୀ ସମୟରେ ଯିଏ ଚଉରା ପୂଜା କରେ ସେ ହାଣ୍ଡିଆ ଦାରୁ ପିଏ ନାହିଁ । ଝିଅମାନେ ହାଣ୍ଡିଆ ଦାରୁ ବାହାଘର ପୂର୍ବରୁ ପିଅନ୍ତି ନାହିଁ । ବାହାଘର ପରେ ସେମାନେ ଏହାକୁ ପିଇଥାନ୍ତି । ଝିଅମାନେ ଏହି ପାନୀୟ ପିଇଲେ ତାଙ୍କର ବାହାଘର ହୋଇପାରେ ନାହିଁ ବୋଲି ସେମାନଙ୍କର ବିଶ୍ୱାସ । ଦୁଗ୍ଧଦାତ୍ରୀ ମାଆ ବେଶୀ ପାନୀୟ ସେବନ କଲେ ତାହା ମାଆର କ୍ଷୀର ସାହାଯ୍ୟରେ ଶିଶୁର ଦେହକୁ ଯାଇ ଶିଶୁକୁ କ୍ଷତି ପହଞ୍ଚାଇଥାଏ । ନବଜାତ ଶିଶୁ ମାଆ କ୍ଷୀର ବ୍ୟତୀତ ପ୍ରାୟ ଏକବର୍ଷ ପର୍ଯ୍ୟନ୍ତ ଅନ୍ୟ କିଛି ଖାଦ୍ୟ ଖାଇବାକୁ ଦିଆଯାଏ ନାହିଁ । ଯଦି ଶିଶୁମାନଙ୍କୁ ମାଣ୍ଡିଆ ପେଜ, ଭାତ ଓ ଅନ୍ୟାନ୍ୟ ଖାଦ୍ୟ ଖୁଆଯାଏ, ଶିଶୁର ପେଟରେ କୃମି ହୋଇଯାଏ ଓ ଶିଶୁ ରୋଗର ଶିକାର ହୋଇଥାଏ । ବିଭାଘର (ବେଞ୍ଜା) ଓ ବ୍ରତଘର(କର୍ଣ୍ଣବୋଧ) ଆଦି ଉତ୍ସବରେ ବ୍ରାହ୍ମଣକୁ ଜଳଖିଆ ହିସାବରେ ବୁନ୍ଦି (ମିନ୍କି), ପୁରି (ପୁଡି), ଫଳମୂଳ ଆଦି ଖାଇବାକୁ ଦିଆଯାଏ । ଯଦି ସେହି ଭୋଜିରେ ଆମିଷ ରୋଷେଇ ହୋଇଥାଏ ତାହେଲେ ସେ ତାକୁ ଗ୍ରହଣ କରେନାହିଁ । କାରଣ ବ୍ରାହ୍ମଣ ଜୀବଦାନ ଦିଏ । ଦୁଇଟି ଆତ୍ମା(ଜିଆ)କୁ ସେ ଯୋଡେ । ତେଣୁ ସେ ଆମିଷ ଖାଏ ନାହିଁ ।

**ବିଭିନ୍ନ ଖାଦ୍ୟ ସାମଗ୍ରୀ:**

ଧାନ (ହେସୁ), ଗହ୍ମ (ଗହ୍ମ), ଚାଉଳ (ତିହାଁଲ୍), ମୁଗ (ମୁଗି), ବିରି (ମାସି), ମାଣ୍ଡିଆ (ମାଡିଆ), ହରଡ (ରାହାଡି), ରାଶି (କେଁସା), ସୋରିଷ (ମାନି), ନଡିଆ (ନାଡିଆ), ପୋଟଳ (ପୁଟଲ୍), ବାଇଗଣ (ଭେଟାଙ୍ଗ), ଟମାଟ (ପୋଗଲ), ଭେଣ୍ଡି (ଭେଡୁଆ), ମୂଳା (ମୂଲା), କଞ୍ଚା କଦଳୀ (ହେନାକଦଲି), ଅମୃତଭଣ୍ଡା (ପବିତା), ଆଳୁ (ଆଲୁ), କଖାରୁ (ଭାଇଁତାଡ୍), ଛୁଚୁନ୍ଦ୍ରା (କୁଇଁଚି), ପିଆଜ (ଉଲି) ଇତ୍ୟାଦି ।

ଶାଗ (ଆଡ୍ହା) ମଧ୍ୟରେ ଭାଜି ଆଡ୍ହା, ପାଲାଙ୍କ୍ ଆଡ୍ହା, କୁଇଲେର୍ ଆଡ୍ହା, ଉଙ୍କୁ ଆଡ୍ହା, ମୁନ୍‌ଗା ଆଡ୍ହା, ଭାଇଁତାଡ୍ ଆଡ୍ହା, ଅଣ୍ଟାଡାହା, ଘଟି ଆଡ୍ହା, ଭୋଟୁ ଆଡ୍ହା, ମୁଡି ଆଡ୍ହା, ଗୁଣ୍ଠୁର୍ ଆଡ୍ହା, କିମ୍ ଆଡ୍ହା, ଖଣ୍ଡା ଆଡ୍ହା, ବ୍ରାହ୍ମୀ ଆଡ୍ହା । ନାପ୍ପା କାନ୍ଦା, କାଡ୍‌ମୁ କାନ୍ଦା, ଗାଡି କାନ୍ଦା, କେଶାରୀ କାନ୍ଦା, ସିଙ୍ଗ୍‌ଡା କାନ୍ଦା ।

ଛତୁ ମଧ୍ୟରେ ଖାହି ଅଁସା, ପୁଡ୍‌ଡା ଅଁସା, ଗଲ୍‌କିରି ଅଁସା, କଏଲା ଅଁସା, ଭୁସୁ ଅଁସା, ଦୋଡ୍‌କୋ ଅଁସା (ଦୋନ୍ଦକୋ), ହରୋ ଅଁସା, କୁଆଲ ଅଁସା, ଆଡ୍‌ସ୍ତ ଅଁସା, ବେଲାଇ ଅଁସା (ବିହେଡ୍ରିଙ୍ଗଛତି) ପ୍ରଧାନ । ପୁନଶ୍ଚ ବିଭିନ୍ନ ଖଟା ମଧ୍ୟରେ ତେନ୍ତୁଳି ଖଟା (ତେତେଲେ ତିସ୍‌ସା), ଆମ୍ବ ଖଟା (ଟାଠା ତିସ୍‌ସା), ଟମାଟ ଖଟା (ବିଲାତି ତିସ୍‌ସା), ଆମ୍ବୁଲ (ଆମ୍‌ଚୁର), ବରକୋଳି ଖଟା (ପାନୁ ତିସ୍‌ସା) ।

**ମାଛ, ମାଂସ :** ହେରୁ (କୁକୁଡା), ଏଡା (ଛେଳି), ଭେଡି (ମେଣ୍ଢା), କିସ୍‌ସୁ (ଘୁଷୁରୀ), ମୁୟାଁ (ଠେକୁଆ), ଅଡା (ଚଢେଇ), କାକଣ ( କଙ୍କଡା), ଏକ୍ଟା (କଇଁଛ) । ଚପୟ (ଚିଙ୍ଗୁଡି), ନୟଁ (ସାପ ପରି ଲମ୍ବା), ଭାକୁଡ୍ (ଭାକୁଡ), ଚୁଡ୍‌ଡି (ଜିଆମାଛ), ଖାକ୍‌ସୁ (ଗଡିଶା), ପୁଠିଇଞ୍ଚ (ମୀନ ମାଛ), କାଉଇଞ୍ଚ, ଟରେ ଇଞ୍ଚ, ମୁଗ୍ରା ଇଞ୍ଚ (ମାଗୁର) । କୁକୁଡା(ହେରୁ ମାଞ୍ଜି), ବତକ(ବତକ ମାଞ୍ଜି), ଚଢେଇ(ଆଡ଼ା ମାଞ୍ଜି), କଇଁଚ(ଏକ୍ଟା ମାଞ୍ଜି) ।

ବିଭିନ୍ନ ଫଳ ଯଥା; ଆମ୍ବ (ଟାଠା), ପଣସ (ପନସ), କେନ୍ଦୁ (ତେଲା), ଅଁଳା (ଅଁଲା), ଖଜୁରୀକୋଳି (ଖିଜିରି ମାଞ୍ଜି), ଜାମୁ କୋଳି (ଜାମୁ ମାଞ୍ଜି), ପିଜୁଳି (ଟାମ୍‌ରସ), ଲେମ୍ବୁ (ଲେମ୍ବୋ), ବେଲ (ହଙ୍ଗା), ମହୁଲ (ମାଦି), ଘରକୋଳି (କିଟିମାଞ୍ଜି) ଇତ୍ୟାଦି ।

**ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ:**

**ଭାତ :** ସାଧାରଣତଃ ଧାନ (ହେସୁ)ରୁ ଭାତ ପ୍ରସ୍ତୁତ କରାଯାଏ । ସେହି ଧାନକୁ ପ୍ରଥମେ ଢିଙ୍କିରେ କୁଟି ପରିଷ୍କାର କରନ୍ତି । ତାପରେ କୁଲାରେ ପାଛୁଡି ଚାଉଳ ବାହାର

କରନ୍ତି । ହାଣ୍ଡିରେ ପାଣି ଗରମ କରି ସେଥିରେ ଚାଉଳ ପକାନ୍ତି । ଭାତ ହୋଇଗଲା ପରେ ହାଣ୍ଡି ମୁହଁରେ ଘୋଡଣୀ ଦେଇ ପେଜ ଗାଳି ଦିଅନ୍ତି । ଧାନ ଚାଉଳର ପେଜକୁ କେହି କେହି ପିଅନ୍ତି । କିନ୍ତୁ ଅନ୍ୟ ଚାଉଳର ପେଜକୁ ଫୋପାଡି ଦିଅନ୍ତି । ଭାତ ହୋଇଗଲା ପରେ ତାକୁ ତରକାରୀ ସହିତ ଲଗାଇ ଖାଆନ୍ତି ।

**ପେଜ (ଆମ୍‌ଡି):** ପେଜ ମୁଖ୍ୟତଃ ଭାତରୁ ପ୍ରସ୍ତୁତ କରାଯାଏ । ସେହି ପେଜରେ ଲୁଣ, ଲଙ୍କାମରିଚ ଆଦି ପକାଇ ପିଇଥାଆନ୍ତି । ମାଣ୍ଡିଆରୁ ପେଜ ପ୍ରସ୍ତୁତ କରାଯାଏ । ମାଣ୍ଡିଆକୁ ପ୍ରଥମେ କୁଟି ଚୋପା ଛଡାଇ ସାରିବା ପରେ ପଥରଯନ୍ତାରେ ଘୋରି ଚାଉଳକୁ ଗୁଣ୍ଡ କରାଯାଏ । ପରେ ଗୁଣ୍ଡକୁ କଞ୍ଜିପାଣିରେ ପ୍ରାୟ ୧୦/୧୧ ଘଣ୍ଟା ପରେ ପୁଣି ପାଣି ଗରମ କରି ସେହି ମାଣ୍ଡିଆ ଗୋଳା ପାଣିକୁ ଗରମ ପାଣିରେ ମିଶାଇ କିଛି ସମୟ ରଖିଦେଲେ ତାହା ମାଣ୍ଡିଆ ପେଜରେ ପରିଣତ ହୁଏ । ତାକୁ ଲୁଣ, ଲଙ୍କା ଓ ଅନ୍ୟ ତରକାରୀ ସହିତ ମିଶାଇ ଖାଇଥାନ୍ତି ।

**ମାଂସ ତରକାରୀ:** ପ୍ରଥମେ ମାଂସକୁ ପାଣିରେ ଧୋଇ ପରିଷ୍କାର କରାଯାଏ । ତା'ପରେ ସେମାନେ ମାଟିହାଣ୍ଡିରେ ପାଣି ଦେଇ ଗରମ କରନ୍ତି ଓ ସେହି ପାଣିରେ ମାଂସକୁ ପକାଇ ସିଝାଇ ଦେଇଥାନ୍ତି ଓ ସେଥିରେ ଲୁଣ, ଲଙ୍କା, ହଳଦୀ ଓ ପିଆଜ କାଟି ପକାଇ ଦିଆଯାଏ । ତରକାରୀର ସ୍ୱାଦ ବଢାଇବା ପାଇଁ ସେମାନେ ଖଟା ମଧ୍ୟ ବ୍ୟବହାର କରିଥାନ୍ତି । ମାଂସ ସିଝିଗଲା ପରେ ତାକୁ ଓହ୍ଲାଇ ଦିଆଯାଏ । ସମସ୍ତ ପ୍ରକାର ମାଛ, ମାଂସ ଓ କଙ୍କଡାକୁ ଏହିପରି ପ୍ରସ୍ତୁତ କରାଯାଏ ।

**ପରିବା ତରକାରୀ:** ପ୍ରଥମେ ପରିବାକୁ କାଟି ଧୋଇ ଦିଆଯାଏ । ତାପରେ ସବୁ ପରିବାକୁ ଏକାଠି ସିଝାଇ ଦିଆଯାଏ ଓ ପରେ ସେଥିରେ ହଳଦୀ, ସୋରିଷ, ଜିରା, ପିଆଜ, ଲଙ୍କା ବାଟି ପକାଇ ରୋଷେଇ କରାଯାଏ । ପରିବା ସିଝିଗଲା ପରେ ତରକାରୀକୁ ଓହ୍ଲାଇ ଦିଆଯାଏ ।

**ଛତୁ ତରକାରୀ:** ପ୍ରଥମେ ଛତୁକୁ ଛୋଟ ଛୋଟ ଆକାରର କାଟି ଦିଆଯାଏ । ତା'ପରେ ତାକୁ ଭଲଭାବେ ପରିଷ୍କାର କରି ଧୋଇ ଦିଆଯାଏ । ସେଥିରେ ଲୁଣ, ଲଙ୍କା, ହଳଦୀ ଓ କିଛି ଆମ୍ବୁଲ ଖଟା ଆଦି ଦେଇ ରନ୍ଧାଯାଏ ।

**ଶାଗ ତରକାରୀ:** ଶାଗ୍ ଉଭୟ ଭଜା ଓ ତରକାରୀ ଭାବେ ରନ୍ଧାଯାଏ । ଶାଗକୁ ପିଆଜ, ଲଙ୍କା, ଲୁଣ, ହଳଦୀ ଓ ସେଥିରେ କିଛି ପରିବା ପକାଇ ରୋଷେଇ କରାଯାଏ ।

**କନ୍ଦା (କାନ୍ଦା):** ପିତାଲୁ କାଡ୍‌ମୁ ଗାଡି ଓ ସିଙ୍ଗ୍‌ଡା କନ୍ଦାକୁ ସେମାନେ କାଟି ସିଝାଇ ଖାଆନ୍ତି । ସ୍ୱାଦ ବଢେଇବା ପାଇଁ ସେହି କନ୍ଦାରେ ଲୁଣ, ଲଙ୍କା, ପିଆଜ ଓ ଖଟା ମିଶାଇ ତରକାରୀ କରାଯାଏ । ଆହୁରି କେତେକ କନ୍ଦାକୁ ସେମାନେ କଞ୍ଚା ଆକାରରେ ମଧ୍ୟ ଖାଇଥାନ୍ତି ।

**ପିଠା (ଆସ୍‌ମା) :** କିସାନ୍(କୁଣ୍ଡହାଁ)ମାନେ ଚାଉଳଗୁଣ୍ଡ, ମାଣ୍ଡିଆଗୁଣ୍ଡ ଆଦିରୁ ପିଠା ପ୍ରସ୍ତୁତ କରିଥାନ୍ତି । ସେମାନେ ଚକୁଳି, କାକରା, ଆରିସା, ମଣ୍ଡା ଇତ୍ୟାଦି ପିଠା କରିଥାନ୍ତି । ସେମାନେ ଚାଉଳ ଓ ମାଣ୍ଡିଆକୁ ମହୁଲ ସହିତ ବାଟିକରି ପିଠା ତିଆରି କରିଥାନ୍ତି । କାରଣ ସେମାନେ ଗୁଡର ବ୍ୟବହାର ଜାଣିନଥାନ୍ତି । ମହୁଲ ଫୁଲ ମିଠା ହେତୁ ଏହା ଗୁଡର କାମ ଦେଇଥାଏ । ଏତଦ୍ ବ୍ୟତୀତ ମାଣ୍ଡିଆ ଚୁନାକୁ ପତ୍ରରେ ପୋଡି ସିଝାଇ ପିଠା କରି ଖାଇଥାନ୍ତି ।

**ଖାଦ୍ୟ ସଂରକ୍ଷଣ:** ସେମାନେ ବଳକା ଭାତକୁ ପାଣି ପୁରାଇ ରଖି ଦେଇଥାନ୍ତି । ସେହି ଭାତକୁ ଛୋଟ ପିଲାମାନେ ବା କାମକୁ ଯାଉଥିବା ଲୋକମାନେ ଖାଇକରି ଯାଇଥାନ୍ତି ।

**ମସଲାର ବ୍ୟବହାର :** ପୂର୍ବେ ସେମାନେ ତରକାରୀରେ ମସଲାର ବ୍ୟବହାର ଜାଣୁ ନଥିଲେ । ମସଲା କହିଲେ ସେମାନେ ମୁଖ୍ୟତଃ ଲୁଣ, ଲଙ୍କା ଓ ଡୁରି ତେଲ (ମହୁଲରୁ ତିଆରି)କୁ ବୁଝୁଥିଲେ । କିନ୍ତୁ ଏବେ ସେମାନେ ଚାଷକାମ ଶିଖିଲାପରେ ଜିରା, ହଳଦୀ, ସୋରିଷ, ପିଆଜ ଆଦି ମସଲାର ବ୍ୟବହାର କଲେ ।

**ଖାଦ୍ୟ ପରଷିବା ପ୍ରଣାଳୀ:** ସେମାନେ ବିଭିନ୍ନ ଉତ୍ସବ ଯଥା ଚୁଟିକିଆ, ମୃତିକିଆ, ବାହାଘର, ବନ୍ଧୁବାନ୍ଧବ ଓ ସାଇପଡିଶା ମାନଙ୍କୁ ଆମନ୍ତ୍ରଣ କରି ଭୋଜିଭାତର ଆୟୋଜନ କରିଥାନ୍ତି । କୌଣସି ସ୍ତ୍ରୀ ଗର୍ଭଧାରଣ ସମୟରେ ତା'ର ପଡୋଶୀ ଓ ବନ୍ଧୁବାନ୍ଧବ ଲୋକଙ୍କ ଘରକୁ ଭୋଜି ଖାଇବା ପାଇଁ ନିମନ୍ତ୍ରଣ ହୋଇ ଯାଇଥାଏ । ଚୁଟିକିଆ ବା ବାହାଘର ସମୟରେ ସେମାନେ ଭାତ, ଡାଲି, ତରକାରୀ, ମଦ, ମାଂସ ଆଦି ଖାଇଥାନ୍ତି । କିନ୍ତୁ ମୃତିକିଆ ସମୟରେ ସେମାନେ ଆମିଷ ଖାଇନଥାନ୍ତି । କେବଳ ମଦକୁ ପାନୀୟ ରୂପେ ବ୍ୟବହାର କରିଥାନ୍ତି । ବାହାଘର ସମୟରେ କନ୍ୟାପକ୍ଷ ବରପକ୍ଷର ଲୋକଙ୍କୁ ଏଡା (ଛେଳି) ମାଂସ ଖାଇବାକୁ ଦିଅନ୍ତି । ମୃତିକିଆ ସମୟରେ ଭୋଜି ପାଇଁ କୌଣସି ନିର୍ଦ୍ଦିଷ୍ଟ ଦିନ ନଥାଏ । ଆଗେ ବର୍ଷକୁ ଥରେ ବା ଦୁଇଥର କିନ୍ତୁ ଏବେ ୧୦/୧୧ ଦିନ

ଭିତରେ ଭୋକି ଦିଆଯାଇଥାଏ । ସେମାନେ ଖାଦ୍ୟପଦାର୍ଥକୁ ଚୁଲ ସାହାଯ୍ୟରେ ପରଷିଥାନ୍ତି । ଏହି ଚୁଲ ଲାଉରୁ ତିଆରି ହୋଇଥାଏ । କିନ୍ତୁ ଏବେ ସେମାନେ ଖାଦ୍ୟ ପରଷିବା ପାଇଁ ତଙ୍କି ଚମଚର ବ୍ୟବହାର କରୁଛନ୍ତି ।

ସେମାନେ ବାରଣ୍ଡାରେ ଏକାଠି ବସି ଖାଦ୍ୟ ଗ୍ରହଣ କରିଥାନ୍ତି । ପ୍ରଥମେ ହାତଧୋଇ ଖାଇ ବସନ୍ତି । ସମସ୍ତେ ତଳେ ଚକାମାରି ପକାଇ ବସି ଖାଇଥାନ୍ତି । ମହିଳାମାନେ ଆଣ୍ଠୁ ଭାଙ୍ଗି ବସି, ଠୁଙ୍କା ହୋଇ ବସି କିମ୍ବା ଗୋଡ ଲମ୍ବାଇ (ସାଧାରଣତଃ ଛୋଟ ଛୁଆଙ୍କୁ ଧରିଥିବା ବେଳେ) ବସି ଖାଇଥାନ୍ତି । ଛୋଟ ଛୁଆମାନେ ପ୍ରଥମେ ଖାଦ୍ୟ ଖାଇଥାନ୍ତି । ତାପରେ ଅନ୍ୟ ସମସ୍ତେ ଯଥା- ସ୍ୱାମୀ, ସ୍ତ୍ରୀ, ଶାଶୁ, ଶ୍ୱଶୁର ଏକାବେଳେ ବସି ଖାଇଥାନ୍ତି । ଯଦି କେହି ପଛରେ ଖାଦ୍ୟ ଆବଶ୍ୟକ କରେ ତେବେ ଘରର ସ୍ତ୍ରୀଲୋକ ତାକୁ ହାତଧୋଇ ପୁନଶ୍ଚ ଖାଦ୍ୟ ପରଷିଥାଏ । ସମସ୍ତେ ଅଲଗା ଅଲଗା ପତ୍ରରେ ଖାଇଥାନ୍ତି ।

ପୂର୍ବକାଳରେ ଲୋକମାନେ ମାଟିପାତ୍ରରେ ଖାଦ୍ୟ ରାନ୍ଧୁଥିଲେ, ଏହି ମାଟିପାତ୍ରର ପ୍ରଚଳନ ଏବେ ବି କିସାନ୍(କୁଣ୍ହାଁ)ମାନେ କରୁଛନ୍ତି । ଲୋକମାନେ ଖଲି (ପାତ୍‌କିଲି) ଓ ଦନାରେ ଖାଦ୍ୟ ଖାଇଥାନ୍ତି । କିନ୍ତୁ ଏବେ ଦନା ଓ ଖଲିପତ୍ର ପରିବର୍ତ୍ତେ ବିଭିନ୍ନ ଷ୍ଟିଲ୍ ବାସନର ବ୍ୟବହାର କରାଯାଉଛି । କେହି ଖାଦ୍ୟ ବଳକା ଛାଡିଲେ ସେହି ଖାଦ୍ୟକୁ ସମସ୍ତେ ଖାଇ ନେଇଥାନ୍ତି । ଛୁଆମାନେ ୬ ବର୍ଷ ପୁରିବା ପରେ ଆଉ ବାପାଙ୍କ ସାଙ୍ଗରେ ଖାଆନ୍ତି ନାହିଁ । ଖାଦ୍ୟ ଖାଇଲାବେଳେ ସେମାନେ ଏକତ୍ର କଥାବାର୍ତ୍ତା ହୋଇ ଖାଦ୍ୟ ଗ୍ରହଣ କରିଥାନ୍ତି । ବେଳେବେଳେ ଛୋଟ ଭାଇଭଉଣୀମାନେ ଏକତ୍ର ଗୋଟିଏ ପାତ୍ରରେ ଭୋଜନ କରିଥାନ୍ତି । ପେଜକୁ ସେମାନେ ଦନାରେ ପିଇଥାନ୍ତି । ପେଜ ସହିତ ଲୁଣ, ଲଙ୍କା ପକାଇ ପିଇଥାନ୍ତି ।

**ଖାଦ୍ୟ ଗ୍ରହଣ:** କିସାନ୍(କୁଣ୍ହାଁ)ମାନେ ପାଣ, ହାଡି ଓ ଡମ ଇତ୍ୟାଦି ନିମ୍ନବର୍ଗର ଲୋକଙ୍କଠାରୁ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ଏତଦ୍‌ବ୍ୟତୀତ ସେମାନେ ହରିଜନ ଲୋକଙ୍କଠାରୁ ରନ୍ଧାଖାଦ୍ୟ ମଧ୍ୟ ଗ୍ରହଣ କରନ୍ତିନାହିଁ । ସେମାନଙ୍କଠାରୁ ଏମାନେ ପନିପରିବା, ଚାଉଳ ଇତ୍ୟାଦି କଞ୍ଚା ଜିନିଷ ଗ୍ରହଣ କରିଥାନ୍ତି । ସେମାନେ ଏହି ନିମ୍ନବର୍ଗର ଲୋକଙ୍କଠାରୁ ପାଣି ମଧ୍ୟ ଗ୍ରହଣ କରନ୍ତି ନାହିଁ । ସେମାନେ ଏପରିକି ଖ୍ରୀଷ୍ଟିଆନ, ମୁସଲମାନ ଓ ଶୁଦ୍ରମାନଙ୍କଠାରୁ ମଧ୍ୟ ଗ୍ରହଣ କରନ୍ତି ନାହିଁ ।

ସେମାନେ ଅନ୍ୟ କୌଣସି ଗୋଷ୍ଠୀ କିମ୍ବା ନିଜ ଗୋଷ୍ଠୀ ଲୋକଙ୍କଠାରୁ ଛୁଟିକିଆ, ମୃତିକିଆ ଆଦି ନସରିଲା ପର୍ଯ୍ୟନ୍ତ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ସେହି ସମୟରେ ବାହାର

ଲୋକମାନେ ରନ୍ଧାଖାଦ୍ୟ ବଦଳରେ କଞ୍ଚା ପନିପରିବା ଆଦି ନେଇଥାନ୍ତି । ମଲା ପରେ ମୃତବ୍ୟକ୍ତିଙ୍କ ପରିବାରକୁ ଅନ୍ୟଗୋଷ୍ଠୀର ଲୋକମାନେ ଚାଉଳ, ପନିପରିବା ଆକାରରେ ଯୋଗାଇ ଦେଇଥାନ୍ତି । ୧୦/୧୧ ଦିନ ବା ଶୁଦ୍ଧିକ୍ରିୟା ସରିଲା ପରେ ସେମାନେ ନିଜ ଘରେ ଖାଦ୍ୟ ପ୍ରସ୍ତୁତ କରି ଖାଇଥାନ୍ତି ।

**ଖାଦ୍ୟର ଉପାଦେୟତା:** କିସାନ୍(କୁଣ୍ହାଁ)ମାନଙ୍କର ଖାଦ୍ୟର ବ୍ୟବହାରିକ ମୂଲ୍ୟ ବିଷୟରେ ବିଶେଷ ଜ୍ଞାନ ନଥାଏ । ସେମାନେ ଖାଦ୍ୟର ପୌଷ୍ଟିକ ମୂଲ୍ୟକୁ ଆଖିରେ ରଖି ଖାଦ୍ୟଗ୍ରହଣ କରଥାନ୍ତି । ସେମାନେ ଯେଉଁଠି ଯେତେବେଳେ ଖାଦ୍ୟ ଖାଇଥାନ୍ତି, ତାହାର ଭଲମନ୍ଦ ବିଷୟ ବିଚାର ନକରି ସେବନ କରିଥାନ୍ତି, ଯଥା- ମାଣ୍ଡିଆପେଜ ପିଇଲେ ପେଟ ପୂରିଯାଏ । ଅଧିକ ସମୟ ପର୍ଯ୍ୟନ୍ତ ଶୋଷ ଲାଗେନାହିଁ ଓ ସ୍ୱାସ୍ଥ୍ୟ ଭଲ ରହେ । ସଜନା ଶାଗ ଖାଇଲେ ଆଖିର ଦୃଷ୍ଟିଶକ୍ତି ବୃଦ୍ଧି ପାଇଥାଏ । କଞ୍ଚାପିଆଜ ଖାଇଲେ ଦେହର ରକ୍ତ ପରିଷ୍କାର ହୁଏ ଓ ରକ୍ତ ବଢେ । ସିଝା ଅଣ୍ଡା ଓ ରସୁଣ ଖାଇଲେ ସର୍ଦ୍ଦି ଭଲ ହୁଏ । ସପେଟାକୁ ବାଟି ଖାଇଲେ ଝାଡା ରୋଗ ଭଲ ହୋଇଥାଏ ଓ ପେଟ ପରିଷ୍କାର ରୁହେ । କୋଲଥ ସିଝାଇ ତାର ପାଣି ପିଇଲେ ଜନ୍ମଦାତ୍ରୀ ମାଆର ଦେହର ପୀଡା କମିଯାଏ । ବେଲପଣା ଓ ଲେମ୍ବୁପାଣି ପିଇଲେ ପେଟ ଥଣ୍ଡା ରହେ ଓ ଅନେକ ସମୟ ପର୍ଯ୍ୟନ୍ତ କ୍ଷୁଧା ଦୂର ହୁଏ । ବିଭିନ୍ନ ଫଳମୂଳ, କନ୍ଦା, ଶାଗ ଆଦି ଖାଇଲେ ଦେହରେ କୌଣସି ରୋଗ ସହଜରେ ଆକ୍ରମଣ କରିପାରେ ନାହିଁ ।

**ଖାଦ୍ୟ ଅଭିରୁଚି:** ଧନୀ, ଗରିବ, ବାଳବୃଦ୍ଧ ନିର୍ବିଶେଷରେ ସମସ୍ତେ ଭାତ ଖାଇବାକୁ ଭଲ ପାଆନ୍ତି । ସେମାନେ ତରକାରୀକୁ ସ୍ୱାଦଯୁକ୍ତ କରିବା ପାଇଁ ଲୁଣ, ଲଙ୍କା, ହଳଦୀକୁ ମସଲା ରୂପେ ବ୍ୟବହାର କରିଥାନ୍ତି । ସବୁ ତରକାରୀରେ ସେମାନେ ଖଟା ଓ ରାଗ ବ୍ୟବହାର କରିଥାନ୍ତି । ଖଟା ନମିଶାଇଲେ ଯେ କୌଣସି ତରକାରୀ ସେମାନଙ୍କ ପାଇଁ ସ୍ୱାଦହୀନ ହୋଇପଡେ ।

କିସାନ୍(କୁଣ୍ହାଁ)ମାନଙ୍କର ଅତି ପ୍ରିୟଖାଦ୍ୟ ବାସି ମାଣ୍ଡି ଓ ଆଡ଼୍ହା । ପ୍ରାୟ ସମସ୍ତ ପର୍ବପର୍ବାଣୀରେ ସେମାନେ ଦେବାଦେବୀ ଓ ପୂର୍ବପୁରୁଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ବିଭିନ୍ନ ବଳି ଦେଇଥାନ୍ତି । ଉକ୍ତ ମାଂସକୁ ତରକାରୀ କରି ସେବନ କରିଥାନ୍ତି । ପର୍ବପର୍ବାଣୀ ବ୍ୟତୀତ ଅନ୍ୟସମୟରେ ମଧ୍ୟ ପଶୁପକ୍ଷୀ ଶିକାର କରି, ଜଙ୍ଗଲ କ୍ଷେତରୁ ମୂଷା, ଗୁଣ୍ଡୁଚିମୂଷା ଓ ଅନ୍ୟାନ୍ୟ କୀଟପତଙ୍ଗ ମାଂସ ସଂଗ୍ରହ କରି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ

କରିଥାନ୍ତି । ସେମାନଙ୍କର ମଦ (ହାଣ୍ଡିଆ, ମହୁଲି, ଖଜୁରୀ), ତାଙ୍କର ସାମାଜିକ, ଧାର୍ମିକ, ରାଜନୈତିକ ଓ ଅର୍ଥନୈତିକ ଜୀବନକୁ ବୁଝାଇଥାଏ । ସମସ୍ତ ପୂଜାପାଠ ଓ ଉତ୍ସବ ଯଥା ବେଞ୍ଜା (ବାହାଘର), ପିନ୍ଧାଣି (ନିର୍ବନ୍ଧ), ଡେମ୍ବୁଲ ପୂଜା, ନୂଆଖାଇ, ଅକ୍ଷୟ ତୃତୀୟା, ଗହ୍ମାପୂର୍ଣ୍ଣମୀରେ ମଦ, ମାଂସ ଇତ୍ୟାଦି ଭୋଜି ମଧ୍ୟ କରାଯାଇଥାଏ । ବର୍ଷର ବିଭିନ୍ନ ପର୍ବପର୍ବାଣୀରେ ଘରେଘରେ ପିଠାପଣା, ମଦ, ମାଂସ କରାଯାଇଥାଏ । ସେହି ପର୍ବପର୍ବାଣୀରେ ସେମାନେ ବନ୍ଧୁବାନ୍ଧବଙ୍କୁ ସନ୍ତୁଷ୍ଟ କରିଥାନ୍ତି । ସହଯୋଗୀ ଶ୍ରମର ପାରିଶ୍ରମିକ ହିସାବରେ ମଧ୍ୟ ମାଣ୍ଡି, ଡାଆଲି, ହାଣ୍ଡିଆ (ଝାରା) ଆୟୋଜନ କରି ଶ୍ରମିକମାନଙ୍କୁ ଆକଣ୍ଠ ଭୋଜନ ଦିଆଯାଇଥାଏ ।

ବିଭିନ୍ନ ପର୍ବପର୍ବାଣୀରେ ସେମାନେ କ୍ଷିରୀ ଓ ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତ କରିଥାନ୍ତି । ଅକ୍ଷୟ ତୃତୀୟା ସକାଳେ କ୍ଷିରୀ ଖାଆନ୍ତି । ସନ୍ଧ୍ୟାବେଳେ ଭାତ (ମାଣ୍ଡି), ଡାଆଲି, ତରକାରୀ ଓ ପିଠା ପ୍ରସ୍ତୁତ କରନ୍ତି । ପୁଷ୍ପୂର୍ଣ୍ଣମୀରେ ସେମାନେ ମଣ୍ଡାପିଠା କରିଥାନ୍ତି । ନୂଆଖାଇ ଦିନ ସେମାନେ ଆରିସା, କାକରା, ଚାଉଳ, ବିରି ଓ ଅଟାରେ ପିଠା ପ୍ରସ୍ତୁତ କରିଥାନ୍ତି । ଗହ୍ମାପୂର୍ଣ୍ଣମୀରେ ସେମାନେ ପିଠା ପ୍ରସ୍ତୁତ କରି ପୂଜା କରିଥାନ୍ତି ।

ବିବାହ ବେଳେ ଗ୍ରାମବାସୀଙ୍କୁ ବାହାଘର ଭୋଜି ଦିଆଯାଇଥାଏ । ଏତଦ୍ୱାରା ସେମାନେ ଗାଁକୁ ନବବଧୂର ଆଗମନ ଜାଣିଥାନ୍ତି । ସେହିପରି ମୃତବ୍ୟକ୍ତିର ଆତ୍ମାର ସଦ୍‌ଗତି ପାଇଁ ସେମାନେ ଭୋଜି କରି ଗ୍ରାମବାସୀ ଓ ବନ୍ଧୁବର୍ଗଙ୍କୁ ସନ୍ତୁଷ୍ଟ କରିଥାନ୍ତି । ସେମାନେ ପିତୃପୁରୁଷଙ୍କୁ ସନ୍ତୁଷ୍ଟ ନକଲେ ସେମାନଙ୍କର କ୍ଷତି ହେବ, ଯଥା- ଗାଈଗୋରୁ ମରିଯିବେ, ପୁଅ ପାଗଳ ହୋଇଯିବ, କାହାର ପିଲା ମରିଯିବ, ଘର ପୋଡିଯିବ । ତେଣୁ ସେମାନେ ପିତୃପୁରୁଷଙ୍କୁ ସନ୍ତୁଷ୍ଟ କରାଇଥାଆନ୍ତି । ଏହି ମୃତିକିଆରେ ମଧ୍ୟସମସ୍ତ ବନ୍ଧୁବାନ୍ଧବ ଓ ଗ୍ରାମବାସୀଙ୍କୁ ଭୋଜି ଦିଆଯାଇଥାଏ । ଏହି ସବୁ ଭୋଜି ଆୟୋଜନ କରିବା ଫଳରେ ସେମାନଙ୍କ ମଧ୍ୟରେ ଏକତାଭାବ, ପରସ୍ପରକୁ ସହଯୋଗ କରିବାର ମନୋବୃତ୍ତି, ବିପଦରେ ପରସ୍ପରକୁ ସାହାଯ୍ୟ କରିବା ଇତ୍ୟାଦି ବୃଦ୍ଧିପାଏ ।

# ପାନୀୟ

ଆଦିବାସୀମାନେ ପାନୀୟ କହିଲେ ଜଳକୁ ବୁଝି ନଥାନ୍ତି । ସେମାନେ ସାଧାରଣତଃ ପାନୀୟ କହିଲେ ହାଣ୍ଡିଆ, ମଦ, ମହୁଲିକୁ ବୁଝିଥାନ୍ତି । ହାଣ୍ଡିଆ ବିନା ସେମାନଙ୍କର ଜୀବନ ନିରର୍ଥକ, ନିରାଡମ୍ବର ଓ ଅସହ୍ୟ ହୋଇପଡେ । ଦୈନନ୍ଦିନ ଜୀବନରେ ସେମାନେ ଏହି ପାନୀୟକୁ ଖୁବ୍ ଆଦରର ସହିତ ଗ୍ରହଣ କରିଥାନ୍ତି । କେବଳ ରସନା ଲାଳନାକୁ ଚରିତାର୍ଥ କରିବା ପାଇଁ ସେମାନେ ଏହି ପାନୀୟକୁ ପିଇଥାନ୍ତି । ଜୀବନର କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣା ପ୍ରବାହରେ ନାଚଗୀତ, ପର୍ବପର୍ବାଣୀ ଇତ୍ୟାଦିରେ ହାଣ୍ଡିଆ ପାନୀୟ ଯେ ନିତାନ୍ତ ଜରୁରୀ ଏହା ଯେ କେହି କିସାନ୍ ସ୍ୱୀକାର କରିବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ସମାଜରେ ମଧ୍ୟ ଅନ୍ୟ ଆଦିବାସୀ ସମାଜ ପରି ବିଭିନ୍ନ ପ୍ରକାର ପାନୀୟର ପ୍ରଚଳନ ରହିଛି ।

**ବିବିଧ ପାନୀୟ ଓ ପ୍ରସ୍ତୁତ ପ୍ରଣାଳୀ:**

କିସାନ୍(କୁଣ୍ହାଁ)ମାନେ ମୁଖ୍ୟତଃ ତିନି ପ୍ରକାର ପାନୀୟ ବ୍ୟବହାର କରିଥାନ୍ତି । ସେଗୁଡିକ ହେଲା – (୧) ହାଣ୍ଡିଆ, (୨) ମହୁଲି ମଦ ଓ (୩) ଖଜୁରୀ ମଦ ।

ବିଭିନ୍ନ ପ୍ରକାର ଶସ୍ୟ ଯଥା, ମାଣ୍ଡିଆ, ଚାଉଳ ଆଦିରୁ ହାଣ୍ଡିଆ ପ୍ରସ୍ତୁତ କରାଯାଏ । ସେହିପରି ବିଭିନ୍ନ ପ୍ରକାର ଫୁଲ, ଫଳ ଓ ଗୁଡରୁ ମଦ ପ୍ରସ୍ତୁତି କରିଥାନ୍ତି । ବିଭିନ୍ନ ପର୍ବପର୍ବାଣୀରେ, ଛୁଟିକିଆ, ମୃତିକିଆ ଓ ବିଭିନ୍ନ ପୂଜାପାଠରେ ସେମାନେ ହାଣ୍ଡିଆ ପ୍ରସ୍ତୁତି କରିଥାନ୍ତି । ବର୍ଷର ସବୁ ସମୟରେ ବିଭିନ୍ନ ପ୍ରକାର ମଦ ମିଳୁଥିବାରୁ ସେମାନେ ସବୁବେଳେ ହାଣ୍ଡିଆ ପିଇଥାନ୍ତି । ସେମାନଙ୍କର ସାମାଜିକ ଜୀବନଠାରୁ ଆରମ୍ଭ କରି ଧାର୍ମିକ, ରାଜନୈତିକ ଓ ଅର୍ଥନୈତିକ ଜୀବନରେ ମଧ୍ୟ ସେମାନେ ପାନୀୟକୁ ଖାଦ୍ୟ ହିସାବରେ ଗ୍ରହଣ କରିଥାନ୍ତି । ସେମାନେ ବିଭିନ୍ନ ପୂଜାପାଠ ଓ କର୍ମକର୍ମାଣୀରେ ବିଭିନ୍ନ ପ୍ରକାର ପାନୀୟ ପ୍ରସ୍ତୁତ କରି ସାଙ୍ଗସାଥୀ, ସାଇପଡିଶାଙ୍କୁ ଆମନ୍ତ୍ରଣ କରି ଭୋଜି ସହିତ ପାନୀୟ ବ୍ୟବସ୍ଥା କରିଥାନ୍ତି ।

**ହାଣ୍ଡିଆ (ଝାରା):** ପ୍ରଥମେ ଶସ୍ୟକୁ କୁଟି କୁଲାରେ ପାଛୋଡି ପରିଷ୍କାର କରିଦିଆଯାଏ ଏବଂ ସେହି ଚାଉଳକୁ ଭଲଭାବରେ ଧୋଇ ହାଣ୍ଡିରେ ପୁରାଇ ଭାତ ରାନ୍ଧି ଦିଆଯାଏ ।

ଭାତ ହୋଇଗଲା ପରେ ପେଜ(ଅଟୁଆ) ନିଗାଡ଼ି ଦିଆଯାଏ ଓ ଭାତକୁ ସପ ଉପରେ ଖେଳାଇ ଘାଣ୍ଟି ଦିଆଯାଏ । ତାପରେ ସେମାନେ ରନ୍ଧା ହୋଇଥିବା ଭାତରେ ବିଚି (ଏକ ପ୍ରକାର ବଟିକା) ପକାଇଥାନ୍ତି ଏବଂ ସେହି ଭାତକୁ ଗୋଟିଏ ହାଣ୍ଡିରେ ପାଣି ପୁରାଇ ତିନି ଦିନ ରଖିଥାନ୍ତି । ତିନିଦିନ ରଖିବା ପରେ ଏହା ନିଶା ହୋଇ ଯାଇଥାଏ ।

ମାଣ୍ଡିଆରୁ ମଧ୍ୟ ସେମାନେ ହାଣ୍ଡିଆ ପ୍ରସ୍ତୁତ କରିଥାନ୍ତି । ପ୍ରଥମେ ମାଣ୍ଡିଆକୁ ଖରାରେ ଶୁଖାଇ ଗୁଣ୍ଡ କରିଥାନ୍ତି । ସେହି ଗୁଣ୍ଡରୁ ଭାତ ପ୍ରସ୍ତୁତ କରି ସେଥିରୁ ହାଣ୍ଡିଆ ପ୍ରସ୍ତୁତ କରିଥାନ୍ତି । ଉପକରଣ : (୧) ଦୁଇଟି ହାଣ୍ଡି, (୨) ଘୋଡଣି, (୩) ପାଚିଆ, (୪) ନିଶା ଔଷଧ, (୫) ଚୁଲି ଓ ଜାଳେଣି କାଠ ।

**ଖଜୁରୀ ମଦ:** ଖଜୁରୀ ମଦ ସଂଗ୍ରହ କରିବା ପାଇଁ ଆବଶ୍ୟକୀୟ ଉପକରଣ : (୧) ଦଉଡି, (୨) କଳସୀ, (୩) ଦାଆ ।

ପ୍ରଥମେ ଖଜୁରୀ ରସ ସଂଗ୍ରହ କରୁଥିବା ବ୍ୟକ୍ତି ଗଛର ଡାଳଗୁଡିକ କାଟିଦିଏ । ଅଗରୁ ବାହାରିଥିବା ପୁଆକୁ ମଧ କାଟିଦିଏ । ଫଳରେ ଗଛରୁ ରସ ଝରିବାକୁ ଲାଗେ । ସେ ସାଙ୍ଗରେ ନେଇଥିବା ଲମ୍ବା ଦଉଡିକୁ ତଳକୁ ପକାଇ ଓ ତଳେ ଥିବା ଲୋକ ସେହି ଦଉଡିରେ କଳସୀର ମୁହଁ ବାନ୍ଧି ତା ପାଖକୁ ପଠାଏ । ସେଠି ସେ ଖଜୁରୀ ଗଛରୁ ବାହାରୁଥିବା ରସ ପାଖରେ ସେହି ମାଠିଆଟିକୁ ଓହଳାଇ ଆସେ । ତାପର ଦିନ ସକାଳୁ ସେ ଯାଇ ଖଜୁରୀ ରସ ସଂଗ୍ରହ କରିଥାଏ । ସେହି ରସକୁ କେହି କେହି ସଙ୍ଗେ ସଙ୍ଗେ ପିଇଥାନ୍ତି । କିନ୍ତୁ ଏହାକୁ ନିଶାଯୁକ୍ତ କରିବା ପାଇଁ ସେମାନେ ବିଚି (ବଟିକା)କୁ ବ୍ୟବହାର କରିଥାନ୍ତି ଓ ତିନିଦିନ ପରେ ସେମାନେ ଏହି ରସକୁ ପିଇଥାନ୍ତି ।

**ମହୁଲି ମଦ:** (୧) ହାଣ୍ଡି ଦୁଇଟା, (୨) ବାଉଁଶ ନଳୀ, (୩) ବାଉଁଶ କାଠ, (୪) ଚୁିଣ୍ଡା କନା, (୫) ସଂଗ୍ରହ କରିବା ପାଇଁ ଲାଉତୁମ୍ବା ।

ମହୁଲ ଫୁଲ ସାଧାରଣତଃ ଜଙ୍ଗଲରେ ପ୍ରଚୁର ପରିମାଣରେ ଉପଲବ୍ଧ ହୋଇଥାଏ । ସେମାନେ ତାକୁ ଗୋଟାଇ ଆଣି ଧୋଇକରି ଏକ ରନ୍ଧାହାଣ୍ଡିରେ ପାଣି ନେଇ ସିଝାଇଥାନ୍ତି । ଏବଂ ସେଥିରେ ସେମାନେ ବିଚି (ବଟିକା) ପକାଇଥାନ୍ତି । ହାଣ୍ଡିଆ ପ୍ରସ୍ତୁତ କରିବାକୁ ତିନି ଦିନ ରଖିବାକୁ ପଡୁଥିବା ବେଳେ ମହୁଲି ମଦକୁ ୮/୯ ଦିନ ରଖିବାକୁ ପଡିଥାଏ । ୮/୯ ଦିନ ରଖିବା ପରେ ଏହା ନିଶା ହୋଇଥାଏ ।

ଏହା ବ୍ୟତୀତ ମହୁଲରୁ ସୁଗଡା ନାମକ ଏକ ସ୍ୱତନ୍ତ୍ର ପାନୀୟ ପ୍ରସ୍ତୁତ କରାଯାଇଥାଏ । ଖରାରୁ ଆସିଲା ପରେ ଏହି ପାନୀୟକୁ ପିଇଲେ ପେଟ ଥଣ୍ଡା ରୁହେ । ଦାରୁ (ଆରଖି) ନାମକ ଅନ୍ୟ ଏକ ପାନୀୟ ମହୁଲ ଫୁଲରୁ ପ୍ରସ୍ତୁତ କରାଯାଏ । କିନ୍ତୁ ଦାରୁ ଦେହକୁ ଗରମ କରାଏ ଓ ତାକୁ ପିଇଲେ ସ୍ୱାସ୍ଥ୍ୟର କ୍ଷତି ହୋଇଥାଏ । ମହୁଲ ଫୁଲ ଖରାଦିନେ ସଂଗ୍ରହ କରାଯାଇଥାଏ । ବର୍ଷର ସବୁ ସମୟରେ ଏହା ପ୍ରାୟ ମିଳି ନଥାଏ । କିନ୍ତୁ ଗରିବ ଲୋକମାନେ ବର୍ଷାଦିନେ ଏହି ମହୁଲ ଫୁଲକୁ ଗୁଣ୍ଡ କରି ସେଥିରୁ ବିଭିନ୍ନ ଦ୍ରବ୍ୟ ପ୍ରସ୍ତୁତ କରି ଖାଇଥାନ୍ତି । ସେହି ମହୁଲ ଫୁଲକୁ ତେନ୍ତୁଳି ମଞ୍ଜିର ଗୁଣ୍ଡକୁ ରାନ୍ଧିବା ଖାଦ୍ୟକୁ "କାକୁ" କୁହାଯାଏ ।

**ସଂଗ୍ରହ ପ୍ରଣାଳୀ:** ଏହା ବର୍ଷର ସବୁ ସମୟରେ ସଂଗ୍ରହ କରାଯାଇ ନଥାଏ । ଫାଲଗୁନ ଚୈତ୍ର ମାସରେ ମହୁଲ ଗଛରେ ଫୁଲ ଧରେ । ଏହି ଫୁଲଗୁଡିକ ପାକଳ ହୋଇଗଲେ ଏହା ତଳକୁ ଝଡିପଡିଥାଏ । ସେହି ଫୁଲକୁ ଟୋକେଇରେ ସଂଗ୍ରହ କରି ରଖନ୍ତି ଓ ତାକୁ ଖରାରେ ଶୁଖାନ୍ତି । ନାଲି ହୋଇଗଲା ପରେ ତାକୁ ଆଣି ଅଧିକ ଦିନ ରହିବା ପାଇଁ ସାଇତି ରଖିଥାନ୍ତି ।

**ପାନୀୟ ସଂରକ୍ଷଣ ପ୍ରଣାଳୀ:** କିସାନ୍(କୁଣହାଁ)ମାନେ ବିଭିନ୍ନ ପ୍ରକାର ମଦ, ରସ ଇତ୍ୟାଦିକୁ ପାନୀୟ ହିସାବରେ ବ୍ୟବହାର କରିଥାନ୍ତି । କିନ୍ତୁ ସେଗୁଡିକୁ ସଂରକ୍ଷଣ କରନ୍ତି ନାହିଁ । ହାଣ୍ଡିଆ ପ୍ରସ୍ତୁତ ହୋଇଗଲା ପରେ ସେମାନେ ତାକୁ ସଙ୍ଗେ ସଙ୍ଗେ ପିଇଥାନ୍ତି । ଏହି ହାଣ୍ଡିଆକୁ ଗୋଟିଏ ହାଣ୍ଡିରେ ଘୋଡଣୀ ଦେଇ ରଖିଥାନ୍ତି । ଏହି ହାଣ୍ଡିଆ ସେମାନଙ୍କର ପ୍ରିୟ ପାନୀୟ ଅଟେ । କାରଣ ଏହା ବର୍ଷର ସବୁ ସମୟରେ ମିଳି ଥାଏ । ମହୁଲି ଓ ଖଜୁରୀ ମଧ୍ୟ ପ୍ରସ୍ତୁତ ହୋଇଗଲେ ସେମାନେ ୧୦/୧୫ ଦିନ ରଖି ପିଇଥାନ୍ତି । ସେହି ମଦକୁ ସେମାନେ ବୋତଲ, ମାଠିଆ ଆଦିରେ ରଖି ପିଇଥାନ୍ତି ।

**ବିଭିନ୍ନ ସମୟରେ ପାନୀୟ:**

ପାନୀୟକୁ ସେମାନେ ଦୈନନ୍ଦିନ ଜୀବନରେ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି । ଜ୍ଞାତିକୁଟୁମ୍ବ, ସାଙ୍ଗସାଥୀ, ବନ୍ଧୁବାନ୍ଧବଙ୍କୁ ହାଣ୍ଡିଆ ସେବନ କରାଇ ଅତିଥି ଚର୍ଚ୍ଚା କରାନ୍ତି । ବିଭିନ୍ନ ପର୍ବପର୍ବାଣୀ, ଗୁଣିଗାରେଡି ଇତ୍ୟାଦି ସମୟରେ ଦେବାଦେବୀ, ପିତୃପୁରୁଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ପାନୀୟ ଅର୍ପଣ କରାଯାଇଥାଏ । ଏହି ସମୟରେ ସାଇପଡିଶା ଏକାଠି ମିଶି ଆନନ୍ଦ ଉଲ୍ଲାସରେ ପାନୀୟ ସେବନ କରିଥାନ୍ତି ।

- ଶିଶୁ ଜନ୍ମ ପରେ ସାଇପଡିଶା, ବନ୍ଧୁବାନ୍ଧବଙ୍କ ସହିତ ସ୍ୱତନ୍ତ୍ର ଭାବରେ ଗର୍ଭବତୀକୁ ଶିଶୁ ଜନ୍ମ ସମୟରେ ସାହାଯ୍ୟ କରିଥିବା ଆଇବୁଢୀକୁ ହାଣ୍ଡିଆ ପ୍ରଦାନ କରାଯାଇଥାଏ ।
- ପୂଜାପାଠ, ଗୁଣିଗାରେଡି ସରିଲା ପରେ କାଲୋକୁ ଉପହାର ସ୍ୱରୂପରେ ପାନୀୟ ପ୍ରଦାନ କରାଯାଇଥାଏ ।
- କୌଣସି ଝିଅ ପାଇଁ ବିବାହ ପ୍ରସ୍ତାବ ପଡିଲା ବେଳେ ପୁଅଘର ପକ୍ଷରୁ ହାଣ୍ଡିଆ ଉପହାର ସ୍ୱରୁପ ଆସିଥାଏ ।
- ପ୍ରସ୍ତାବ ଗ୍ରହଣ ପରେ ଝିଅଘର ପକ୍ଷ ପୁଅଘର ଲୋକଙ୍କୁ ପାନୀୟ ଦେଇ ଚର୍ଚ୍ଚା କରିଥାନ୍ତି ।
- ଶିଶୁଜନ୍ମ ହେବାର ଏକ ବର୍ଷ ପରେ ତାକୁ ହାଣ୍ଡିଆ ପିଇବାକୁ ଦିଆଯାଇଥାଏ ।
- ବିବାହ ପାଇଁ ପ୍ରସ୍ତାବିତ ଝିଅକୁ ପ୍ରଥମ ଥରକ ଡାକି ଆଣିବା ପାଇଁ ଗଲାବେଳେ ପୁଅଘର ଝିଅଘର ପାଇଁ ଗୋଟିଏ ଲାଉତୁମ୍ବାରେ ହାଣ୍ଡିଆ ନେଇକରି ଯାଇଥାନ୍ତି ।
- ବିଭିନ୍ନ ପର୍ବପର୍ବାଣୀ ଯଥା: ଦୋଳପୂର୍ଣ୍ଣିମା, ଅକ୍ଷିତୃତୀୟା ଓ ଡେମ୍ବୁଲ ପୂଜାରେ ଆବାଳ ବୃଦ୍ଧବନିତା ହାଣ୍ଡିଆ ପାନ କରିଥାନ୍ତି ।
- ଜଣେ ମରିଗଲା ପରେ ତାର ବନ୍ଧୁବାନ୍ଧବ ମୃତବ୍ୟକ୍ତିର ପରିବାରକୁ ପାନୀୟ ଉପହାର ଦେଇଥାନ୍ତି ।
- ପର୍ବପର୍ବାଣୀରେ ଅନ୍ୟ ଗ୍ରାମରୁ ଆସିଥିବା ଲୋକଙ୍କୁ ଗାଁ ଲୋକମାନେ ଶ୍ରଦ୍ଧାରେ ତାଙ୍କୁ ପାନୀୟ ଅର୍ପଣ କରିଥାନ୍ତି ।
- ରାଜନୈତିକ ଜୀବନରେ ପାନୀୟକୁ ଜୋରିମନା (ହାରଜା) ହିସାବରେ ଦିଆଯାଇଥାଏ ।
- ହାଟ, ବଜାର, ମେଳା ମହୋତ୍ସବ କିମ୍ବା ଘରେ ଯୁବକ ଯୁବତୀମାନଙ୍କୁ ପାନୀୟ ପ୍ରଦାନ କରି ସହଯୋଗୀ ଶ୍ରମ ପାଇଁ ପ୍ରସ୍ତାବ ବାଢନ୍ତି ।
- କଳିଗୋଳ, ହଣାକଟା ଇତ୍ୟାଦିରେ ସଂପୃକ୍ତ ଥିବା ଉଭୟ ମୁଦେଇ ଓ ମୁଦାଲା ଦଳ ମିଳାମିଶା ହେବା ପାଇଁ ପାନୀୟ ବ୍ୟବସ୍ଥା କରାଯାଇଥାଏ ।

- ଶାରିରୀକ, ମାନସିକ କଷ୍ଟ ନିବାରଣ କରିବା ପାଇଁ କିସାନ୍ ମାନେ ଦୈନନ୍ଦିନ ଜୀବନରେ ପାନୀୟ ପାନ କରିଥାନ୍ତି ।
- ହାଟବଜାର, ମେଳାମହୋତ୍ସବ, ପର୍ବପର୍ବାଣୀ ଓ ନାଚଗୀତ ଅବସରରେ ବନ୍ଧୁବାନ୍ଧବ ଓ ସାଙ୍ଗସାଥୀମାନେ ଏକତ୍ର ପାନୀୟ ସେବନ କରି ମଉଜ ମଜଲିସ୍ କରିଥାନ୍ତି ।

**ପାନୀୟର ଉପକାର ଓ ଅପକାରः**

ସାଧାରଣତଃ ହାଣ୍ଡିଆ ସ୍ୱାସ୍ଥ୍ୟର ଉପକାର କରିଥାଏ ଓ ଦାରୁ ସ୍ୱାସ୍ଥ୍ୟର ଅପକାର କରିଥାଏ । କାରଣ ଦାରୁ ଅଧିକ ମାତ୍ରାରେ ସେବନ କଲେ ସ୍ୱାସ୍ଥ୍ୟହାନି ଘଟେ । ପାନୀୟର ଉପକାର ଓ ଅପକାର ନିମ୍ନରେ ବର୍ଣ୍ଣନା କରାଯାଇଛି ।

- ହାଣ୍ଡିଆକୁ ସକାଳୁ ସନ୍ଧ୍ୟାରେ ଆବଶ୍ୟକ ପରିମାଣରେ ପିଇଲେ ସ୍ୱାସ୍ଥ୍ୟ ଭଲ ରହେ ।
- ଗର୍ଭାବସ୍ଥାର ପ୍ରଥମାବସ୍ଥାରେ ଅଳ୍ପ ପରିମାଣରେ ହାଣ୍ଡିଆ ପିଇଲେ ହୃଷ୍ଟପୁଷ୍ଟ ହୁଏ ।
- ଆବଶ୍ୟକଠାରୁ ଅଧିକ ହାଣ୍ଡିଆ ପିଇଲେ ସ୍ୱାସ୍ଥ୍ୟହାନି ହୁଏ ନାହିଁ ବୋଲି ସେମାନେ ବିଶ୍ୱାସ କରନ୍ତି ।
- ହାଣ୍ଡିଆ ଦିନକୁ ୩/୪ ଥର ପିଇଲେ ଅନେକ ସମୟ ପର୍ଯ୍ୟନ୍ତ ଭୋକଶୋଷ ମରିଯାଏ ।
- ମହୁଲି ଓ ଖଜୁରୀ ରସ ପିଇଲେ ପେଟ ଥଣ୍ଡା ରହେ ଓ କାମ କରିବା ପାଇଁ ପ୍ରଚୁର ଶକ୍ତି ଦେହରେ ଆସେ ।
- ସମସ୍ତ ପ୍ରକାର ପାନୀୟ ଖାଦ୍ୟ ଖାଇବା ପରେ ପିଇଲେ ଖାଦ୍ୟ ହଜମରେ ସାହାଯ୍ୟ କରେ ।
- ପାନୀୟ ସେବନରେ ଦେହ ଓ ମନ ଫୁର୍ତ୍ତି ରହେ ଓ ସ୍ୱାସ୍ଥ୍ୟ ଅଧିକ କାର୍ଯ୍ୟକ୍ଷମ ହୋଇଥାଏ ।
- କଠିନ ପରିଶ୍ରମ କରି ପାନୀୟ ସେବନ କଲେ ଦେହ ହାତରେ ବ୍ୟଥା କମିଯାଏ।
- ପାନୀୟ ସେବନ ଦ୍ୱାରା ମାନସିକ ଚିନ୍ତା ଦୂରୀଭୂତ ହୋଇଥାଏ ।

- ପାନୀୟ ପିଇଲେ ଅନେକ ଦିନର ବିସ୍ମୃତି ଘଟଣାମାନ ମନେ ପଡିଯାଇଥାଏ ।
- ପାନୀୟ ସେବନ ଦ୍ୱାରା ଅନେକ କଷ୍ଟକର କାର୍ଯ୍ୟ ସାଧନ କରାଯାଇପାରେ ।
- ଅତ୍ୟଧିକ ପାନୀୟ ସେବନ କଲେ ହିତାହିତ ଜ୍ଞାନ ରହେନାହିଁ ।
- ଅତ୍ୟଧିକ ମଦ ପିଇଲେ ରକ୍ତ ପତଳା ହୋଇଯାଏ, ଦେହ ଶୁଖିଯାଏ ଓ ଲୋକ ମୃତ୍ୟୁର ଶିକାର ହୁଏ ।
- ଅତ୍ୟଧିକ ମଦ ପାନ କଲେ ଲୋକ କାର୍ଯ୍ୟ କରିବାର ଶକ୍ତି ଲୋପ ପାଏ ।
- ଅତ୍ୟଧିକ ମଦ୍ୟ ପାନ ଦ୍ୱାରା ପୁରୁଣା ରାଗ, ହିଂସା ଆଦି ସ୍ୱତଃ ସୃଷ୍ଟି ହୁଏ ଫଳରେ ହଣାକଟା ଝଗଡା ଆଦି ହୋଇଥାଏ ।
- ବୃଦ୍ଧାବସ୍ଥାରେ ଅଧିକ ପାନୀୟ ସେବନ କଲେ ତାର ସ୍ୱାସ୍ଥ୍ୟହାନି ଘଟିଥାଏ ।

**ପାନୀୟ ସହିତ ବିବିଧ ସଂପର୍କ:**

କିସାନ୍(କୁଣ୍ହାଁ)ମାନେ ଦେବାଦେବୀ, ପିତୃପୁରୁଷ, ଭୂତପ୍ରେତ ଆଦିଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେମାନଙ୍କୁ ମାଦକ ପାନୀୟ ଅର୍ପଣ କରିଥାନ୍ତି । ସମସ୍ତପ୍ରକାର ହାଣ୍ଡିଆ, ଖଜୁରୀ ରସ, ମହୁଲରସ ପ୍ରସ୍ତୁତି ପରେ ପ୍ରଥମେ ଦେବାଦେବୀ ଓ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥାଏ । ଏତଦ୍ ବ୍ୟତୀତ ପର୍ବପର୍ବାଣୀ ଓ କର୍ମକର୍ମାଣୀ ସମୟରେ ପାନୀୟ ଦେଇ ତାଙ୍କୁ ସନ୍ତୁଷ୍ଟ କରାଇଥାନ୍ତି ।

ପୁରୁଷମାନଙ୍କ ପରି ମହିଳାମାନେ ପାନୀୟ ପିଇବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି । ବିଭିନ୍ନ ପର୍ବପର୍ବାଣୀ, ନାଚଗୀତ, ପୂଜାପାଠ ସମୟରେ ସେମାନେ ପାନୀୟ ଗ୍ରହଣ କରିଥାନ୍ତି । ଦୈନନ୍ଦିନ ଜୀବନରେ ମଧ୍ୟ ସେମାନେ ପାନୀୟ ଗ୍ରହଣ କରିଥାନ୍ତି । କିନ୍ତୁ ମହିଳାମାନେ ପୁରୁଷମାନଙ୍କ ଅପେକ୍ଷା କମ୍ ପରିମାଣରେ ପାନୀୟ ସେବନ କରିଥାନ୍ତି । ଅବିବାହିତ ଝିଅମାନେ ପାନୀୟ ସେବନ କରନ୍ତି ନାହିଁ । କାରଣ ଯେଉଁ ଝିଅମାନେ ବିବାହ ପୂର୍ବରୁ ପାନୀୟ ସେବନ କରନ୍ତି ତାଙ୍କୁ ସମାଜରେ ଖରାପ ଦୃଷ୍ଟିରେ ଦେଖିଥାନ୍ତି । ଶିଶୁ ଜନ୍ମ ସମୟରେ ଗର୍ଭବତୀ ମହିଳାକୁ ସାହାଯ୍ୟ କରିଥିବା ଧାଈବୁଢୀକୁ ପାନୀୟ ପିଇବାକୁ ଦିଆଯାଇଥାଏ । ଝିଅଟି ବାହା ହୋଇସାରିବା ପରେ ପାନୀୟ ସେବନ କରିଥାଏ । ବିଭିନ୍ନ ପର୍ବପର୍ବାଣୀ ସମୟରେ ନାଚଗୀତ କରୁଥିବା ବେଳେ ମହିଳାମାନେ ଅଧିକ ପାନୀୟ ସେବନ କରି ବାଦ୍ୟର ତାଳେତାଳେ ନାଚିଥାନ୍ତି ।

ପୁରୁଷମାନେ ସକାଳେ, ସନ୍ଧ୍ୟାରେ, ଖରାବେଳେ ଓ ରାତ୍ରିରେ ପାନୀୟ ପାନ କରିଥାନ୍ତି । ତେଣୁ ଏଥିରୁ ଅନୁମାନ କରାଯାଏ ଯେ ସେମାନେ ଦିନର ଯେକୌଣସି ସମୟରେ ପାନୀୟ ପାନ କରିଥାନ୍ତି । ଦୈନନ୍ଦିନ ଜୀବନରେ ବିଭିନ୍ନ ପର୍ବପର୍ବାଣୀ, ପୂଜାପାଠ, ନାଚଗୀତ ଇତ୍ୟାଦି ଅବସରରେ କିସାନ୍(କୁଣ୍ହାଁ) ପୁରୁଷମାନେ ପ୍ରଚୁର ପରିମାଣରେ ପାନୀୟ ଗ୍ରହଣ କରିଥାନ୍ତି । କର୍ମକ୍ଳାନ୍ତି ଜୀବନରୁ ଟିକେ ବିରତି ପରେ ସନ୍ଧ୍ୟାରେ ପୁରୁଷମାନେ ଏକତ୍ର ହୋଇ ପାନୀୟ ପିଇ ଦେହହାତ କଷ୍ଟ ଦୂର କରିଥାନ୍ତି । ବିଭିନ୍ନ କର୍ମକାଣ୍ଡରେ ଯଥା - ଚୁଟିକିଆ, ବାହାଘର, କର୍ଣ୍ଣବେଧ ଇତ୍ୟାଦିରେ କିସାନ୍ (କୁଣ୍ହାଁ) ପୁରୁଷ ଆକଣ୍ଠ ପାନୀୟ ପାନ କରି ଆନନ୍ଦରେ ମସଗୁଲ ହୋଇଯାଏ । ସାଇପଡିଶା, ବନ୍ଧୁବାନ୍ଧବଙ୍କ ବିପଦ ସମୟରେ କେହି ଅପମାନ କଲେ ତା'ର ପ୍ରତିଶୋଧ ନେବାବେଳେ ଗଣ୍ଡଗୋଳ ସମୟରେ ଓ କୌଣସି ଲୋକ କ୍ଷତବିକ୍ଷତ ହୋଇ ଆଘାତ ହୋଇ ପଡିଥିବା ବେଳେ ତାକୁ ଡାକ୍ତରଖାନା ନେବା ସମୟରେ ଓ ମୃତବ୍ୟକ୍ତିର ଶବ ମସାଣିକୁ ବୋହିନେବା ଇତ୍ୟାଦି ଦୁଃସାହସିକ କାର୍ଯ୍ୟରେ କିସାନ୍(କୁଣ୍ହାଁ) ପୁରୁଷ ପରସ୍ପରକୁ ପ୍ରତିବଦଳରେ ଯଥେଷ୍ଟ ପାନୀୟ ପିଇବା ପାଇଁ ଆଶା ପ୍ରକାଶ କରିଥାନ୍ତି ।

ବର୍ଷସାରା ସବୁବେଳେ ଯେ କୌଣସି ପାନୀୟ ପ୍ରସ୍ତୁତ ହେଉଥାଏ । ଋତୁ ଅନୁଯାୟୀ ପ୍ରାପ୍ତ ବିଭିନ୍ନ ଫଳରୁ ଫୁଲରୁ, ଶସ୍ୟରୁ ବିଭିନ୍ନ ପ୍ରକାରର ପାନୀୟ ପ୍ରସ୍ତୁତି ହୋଇଥାଏ । କିନ୍ତୁ କିସାନ୍(କୁଣ୍ହାଁ)ମାନେ ମୁଖ୍ୟତଃ କୃଷି ଉପରେ ନିର୍ଭର କରୁଥିବାରୁ ପ୍ରାୟ ବର୍ଷସାରା ସେମାନେ ଚାଉଳ ଓ ମାଣ୍ଡିଆରୁ ହାଣ୍ଡିଆ (ଝାରା) ପ୍ରସ୍ତୁତି କରିଥାନ୍ତି । ସେହିପରି ଫାଲଗୁନ ଓ ଚୈତ୍ର ମାସରେ ମହୁଲ ଗଛରେ ଫୁଲ ଧରିଥାଏ ଓ ଏହି ଦୁଇମାସରେ କିସାନ୍(କୁଣ୍ହାଁ)ମାନେ ପ୍ରଚୁର ପରିମାଣରେ ଫୁଲ ସଂଗ୍ରହ କରି ମହୁଲି ନାମକ ଏକ ପାନୀୟ ରସ ପ୍ରସ୍ତୁତି କରିଥାନ୍ତି । ତେଣୁ ମଦ ବର୍ଷର କୌଣସି ସମୟରେ ଉପଲବ୍ଧ ହୋଇପାରେ ।

କିନ୍ତୁ ପର୍ବପର୍ବାଣୀ, ପୂଜାପାଠ ତଥା ସ୍ୱତନ୍ତ୍ର କର୍ମକାଣ୍ଡ ସହିତ ସଂପୃକ୍ତ ହାଣ୍ଡିଆ (ଝାରା), ଏହା ବର୍ଷର ସବୁ ସମୟରେ ତିଆରି କରାଯାଇପାରେ । ମୁଖ୍ୟତଃ ନୂଆଖାଇ, ପୁଷ୍ପୁନେଇଁ, ଦୋଳପୁନେଇଁ ଇତ୍ୟାଦି ପୂଜାପାଠ ଅବସରରେ ନିଶ୍ଚିତଭାବେ ଝାରା ରନ୍ଧା ହୋଇଥାଏ । ଏତଦ୍ ବ୍ୟତୀତ ପାଞ୍ଚା ନେଲାବେଳେ (ସହଯୋଗୀ ଶ୍ରମୀମାନେ କାମ କଲାବେଳେ) ସେମାନଙ୍କୁ କିଛି ଖାଦ୍ୟ ବା ପାନୀୟ (ଝାରା) ଦିଆଯାଇଥାଏ ।

ପୁଅଘର କନ୍ୟାଘରକୁ ନୂଆ ପ୍ରସ୍ତାବ ନେଇ ଗଲାବେଳେ ବା କୌଣସି ସୁଖ ମୁହୂର୍ତ୍ତରେ ଘରେ ଖାଇବା ପାଇଁ କୌଣସି ସମୟରେ ଝାରା ପ୍ରସ୍ତୁତ କରି ସେବନ କରା ଯାଇପାରେ ।

ହାଣ୍ଡିଆ ମଦ ବର୍ଷସାରା ସେବନ କରାଯାଇଥାଏ । ମହୁଲି ମଦ ଚୈତ୍ର ଓ ଫାଲଗୁନ ମାସରେ ପର୍ଯ୍ୟାପ୍ତ ପରିମାଣରେ ମିଳୁଥିବାରୁ ଏହି ସମୟରେ ସେମାନେ ମହୁଲି ମଦ ରାନ୍ଧିକରି ପିଇଥାନ୍ତି । ଏତଦ୍ ବ୍ୟତୀତ ବର୍ଷର ଅନ୍ୟାନ୍ୟ ସମୟରେ ଗଛରେ ଖଜୁରୀ ମିଳୁଥିବାରୁ ସେମାନେ ଖଜୁରୀ ମଦ ମଧ୍ୟ ସେବନ କରିଥାନ୍ତି । ମାତ୍ର ହାଣ୍ଡିଆ ତୁଳନାରେ ସେମାନେ ଖଜୁରୀ ଓ ମହୁଲି କମ୍ ପରିମାଣରେ ପିଇଥାନ୍ତି । ବୈଶାଖ ମାସଠାରୁ ଆଶ୍ୱିନ (ଦଶହରା) ମାସ ପର୍ଯ୍ୟନ୍ତ କିସାନ୍(କୁଣ୍ହାଁ)ମାନେ ବିଭିନ୍ନ ପର୍ବପର୍ବାଣୀ ପାଳନ କରିଥାନ୍ତି । ତେଣୁ ଉକ୍ତ ସମୟରେ ବେଶୀ ଝାରା ପ୍ରସ୍ତୁତ କରାଯାଏ । ଫଳରେ ସେହି ସମୟ ମାନଙ୍କରେ ବେଶୀ ମାତ୍ରାରେ ଝାରା ସେବନ କରାଯାଏ । ପର୍ବପର୍ବାଣୀ ବ୍ୟତୀତ ଅନ୍ୟାନ୍ୟ ପୂଜାପାଠ ଓ କର୍ମକର୍ମାଣୀବେଳେ ମଧ୍ୟ ଝାରା ନିଶ୍ଚିତ ରୂପେ ପ୍ରସ୍ତୁତ କରାଯାଇ ସେବନ କରାଯାଏ । ସହଯୋଗୀ ଶ୍ରମ ବିନିମୟ କରି ଯେତେବେଳେ ସେମାନେ କୌଣସି ଲୋକର ଏକ କାର୍ଯ୍ୟ ସମ୍ପୂର୍ଣ୍ଣ କରିଦିଅନ୍ତି ସେତେବେଳେ ଏହି ବ୍ୟକ୍ତିମାନଙ୍କୁ ଝାରା ଦ୍ୱାରା ସନ୍ତୁଷ୍ଟ କରାଯାଏ । ଗାଁରେ ପାଳିତ ହେଉଥିବା ମୁଖ୍ୟ ପର୍ବପର୍ବାଣୀରେ ଆବାଳ ବୃଦ୍ଧବନିତା ଅତ୍ୟଧିକ ପରିମାଣରେ ପାନୀୟ ଗ୍ରହଣ କରିଥାଆନ୍ତି ଓ ନାଚଗୀତ କରି ସେମାନେ ଜୀବନକୁ ଉପଭୋଗ କରିଥାନ୍ତି । କୌଣସି ଦୁଃସାହସିକ କାର୍ଯ୍ୟ କରିବା ପୂର୍ବରୁ ମଧ୍ୟ ସେମାନେ ପେଟେ ହାଣ୍ଡିଆ ପିଇ ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଯାଆନ୍ତି । ଯାଦ୍ୱାରା ଶରୀରରେ ବଳ ଦୁଇରୁ ଚାରିଗୁଣ ହୋଇଥାଏ । ଏପରିକି କୌଣସି ବ୍ୟକ୍ତି ଜେଲରୁ ଆସିଲା ପରେ ତାକୁ ସେମାନେ ବାଟରେ ହାଣ୍ଡିଆ ପିଆଇ ତାର ମନ ଖୁସି କରାଇ ଗ୍ରାମକୁ ପୁନର୍ବାର ସ୍ୱାଗତ କରି ଆଣିଥାନ୍ତି । ଏହିପରି କେତେକ ବିଶେଷ ଅବସରରେ କିସାନ୍(କୁଣ୍ହାଁ)ମାନେ ଝାରାର ବହୁଳ ପ୍ରୟୋଗ କରିଥାନ୍ତି ।

କିସାନ୍ ସଂପ୍ରଦାୟର କେତେକ ପୂଜା ଅନୁଷ୍ଠାନ ବିବାହୋତ୍ସବ, ଶବଦାହ, କର୍ଣ୍ଣବୋଧ ଏବଂ ଶୁଦ୍ଧିକ୍ରିୟାରେ ହାଣ୍ଡିଆ ସେବନ ଅତ୍ୟାବଶ୍ୟକ ହୋଇଥାଏ । ବାହାଘରରେ ହାଣ୍ଡିଆ ଘରେ ଘରେ ବହୁ ପରିମାଣରେ ପ୍ରସ୍ତୁତ କରାଯାଏ । ପରିବାର, ବନ୍ଧୁବାନ୍ଧବ, ଅତିଥି ଅଭ୍ୟାଗତ ତଥା ଗ୍ରାମବାସୀଙ୍କ ପାଇଁ କିନ୍ତୁ ସ୍ୱତନ୍ତ୍ର ଭାବରେ ହାଣ୍ଡିଆ ପ୍ରସ୍ତୁତ

ହୋଇଥାଏ । ଏହା ବ୍ୟତୀତ ବନ୍ଧୁବାନ୍ଧବମାନେ ମଧ୍ୟ ହାଣ୍ଡିଆ (ଝାରା) ଉପହାର ସ୍ୱରୁପ ପ୍ରଦାନ କରିଥାନ୍ତି । ଯେଉଁମାନେ ଶବ ବୋହି ଥାଆନ୍ତି ସେମାନଙ୍କୁ ସ୍ୱତନ୍ତ୍ର ଭାବରେ ହାଣ୍ଡିଆ ଦିଆଯାଏ । ସକ୍ଷମ ଅନୁସାରେ ଅଧିକ ମଧ୍ୟ ହୋଇପାରେ, କିନ୍ତୁ ପରିମାଣ କମେ ନାହିଁ । ପୂଜା ମଧ୍ୟରେ ଘରୋଇ ପୂର୍ବପୁରୁଷଙ୍କ ପାଖରେ ମଧ୍ୟ ଭୋଗ ପ୍ରଦାନ ପୂର୍ବକ ଝାରା ଦିଆଯାଇଥାଏ । ଅନ୍ୟ ପୂଜାମାନଙ୍କରେ ମନସ୍ତାତ୍ତ୍ୱିକ ବା ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ହାଣ୍ଡିଆ ବ୍ୟବହୃତ ହୁଏ କିମ୍ବା ପାରମ୍ପରିକତା ରକ୍ଷା ପୂର୍ବକ ହାଣ୍ଡିଆ ଭୋଗ ହିସାବରେ ଅର୍ପଣ କରାଯାଇଥାଏ ।

# କିସାନ୍
# କୃଷି ପଞ୍ଜିକା

| ଓଡ଼ିଆ କିସାନ୍ ଇଂରାଜୀ ମାସର ନାମ | “କିସାନ୍”ମାନଙ୍କର କୃଷି ସାରଣୀ | | | | | |
| --- | --- | --- | --- | --- | --- | --- |
| | ମାସିକ କୃଷି କାର୍ଯ୍ୟ | ମାସିକ ଶସ୍ୟ ଫଳ,ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ/ ନିଷେଧ ବିପଣନ | ମନ୍ତବ୍ୟ |
| ବୈଶାଖ ବୈଶାଖ୍ ଏପ୍ରିଲ୍-ମେ' | ପ୍ରଥମେ ବିଲକୁ ଭଲ ଭାବେ ହଳ କରାଯାଏ । କେହି ଜମିରେ ଥିବା ଅନାବନା ଗଛକୁ ଉପାଡ଼ି ସଫା କରଯାଇ ତାହାକୁ ପୋଡ଼ି ଦିଆଯାଏ । ବର୍ଷା ହେବା ପରେ ପ୍ରଥମେ ହଳ (ଭଲାପାକ୍‌ସି) କରାଯାଏ । ତାହାପରେ ଖରାପାଗ ଦେଖି ଦ୍ୱିତୀୟଥର ହଳ କରାଯାଏ । ମୁଗ, ବିରି, କୋଳଥ, ମକା, ହରଡ଼, ବାଜରା ଚାଷ ପାଇଁ ଜମି ପ୍ରସ୍ତୁତ କରାଯାଏ । | କାକୁଡ଼ି, ଲାଉ, କଖାରୁ, ସାରୁ, ଲଙ୍କା, ଭେଣ୍ଡି ଚାଷ କରାଯାଏ । | ଅକ୍ଷିତୃତୀୟା ଦିନ ଘରର ମୁଖ୍ୟ ବ୍ୟକ୍ତି ହଳ, ଲଙ୍ଗଳ ପୂଜା କରିଥାନ୍ତି । ସେହିଦିନ ବିଲରେ ବିହନ ବୁଣା ଯାଇଥାଏ । ଧାନକଟା ସରିଲା ପରେ ଡେସୁଲ୍ ପୂଜାହୁଏ । ଏହି ପୂଜାରେ କ୍ଷେତରେ କୁକୁଡ଼ା ବଳୀ ଦିଆଯାଏ । ଏହି ମଠାସକୁ ପୁଅମାନେ ଘର ବାହାରେ ଖାଆନ୍ତି । | ପୂଜାପାଠ ପରେ ବୁଢାବୁଢୀ, ଯୁବକ, ଯୁବତୀମାନେ ହାଣ୍ଡିଆ ପିଇ ମାନ୍ଦାଲ୍ ବଜେଇ ନାଚିଥାନ୍ତି । | ଏହି ପୂଜାପର୍ବରୁ କୌଣସି ବ୍ୟକ୍ତି କ୍ଷେତରେ ଧାନ ବୁଣିନଥାଏ । ଏହି ଦିନ କେହି ତେଲ ପକେଇ ରୋଷେଇ କରନ୍ତି ନାହିଁ । | କୃଷିକାର୍ଯ୍ୟ ପାଇଁ ଏହି ମାସକୁ ଶୁଭାରମ୍ଭ ମାସ ବୋଲି ବିବେଚନା କରାଯାଏ । |
| ଜ୍ୟେଷ୍ଠ ଜେଠ୍ ମେ'-ଜୁନ୍ | ଖରାପାଗ ଦେଖି ଚାଷ କରାଯାଇଥିବା ଜମିକୁ ସଜଡ଼ାଯାଏ । ଜମିରେ ଖତ ପ୍ରୟୋଗ କରାଯାଏ । ମାଟିକୁ ଖୁଣ କରାଯାଏ ମାଟିର ମଧ୍ୟମ ଧରଣର ଆର୍ଦ୍ରତା ଦେଖି ବାଜରା, ହରଡ଼, ମୁଗ, ବିରି, କୋଳଥ ବୁଣା ଯାଇଥାଏ । ଧାନଗଛ ପାଇଁ ତଳି ପକାଯାଇଥାଏ । ଘର ବାଡ଼ିରେ ମାଟିକୁ ଖୋଳି ମନ୍ଦା ତିଆରି କରି ସେଥିରେ ଖତ ଦେଇ ଜହ୍ନି, ବୋଇତାଳ ଓ କଖାରୁ ମଞ୍ଜି ଲଗାଯାଏ । | ଧାନ, ଗୁଲଜି, କଦୋଧାନ, ହରଡ଼, ଝଡ଼ଙ୍ଗ, ମକା, ଜହ୍ନି, ବୋଇତାଳୁ, କଖାରୁ, ଭେଣ୍ଡି, ଲଙ୍କା, କଦଳୀ ଇତ୍ୟାଦି ବୁଣାଯାଏ ଓ ଲଗାଯାଏ । ଶାଗ ମଧ୍ୟ ବୁଣାଯାଏ । କନ୍ଦମୂଳ ଲଗାଯାଏ । | --- | --- | ରଜପର୍ବ ତିନିଦିନ ଯାକ ଜମିରେ ହଳ କରିବା ନିଷେଧ । | ଏହି ମାସରେ ଚାଷକାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ନିୟୋଜିତ କରିଥାନ୍ତି । |

| ଓଡ଼ିଆ କିସାନ୍ ଇଂରାଜୀ ମାସର ନାମ | "କିସାନ୍"ମାନଙ୍କର କୃଷି ସାରଣୀ | | | | | |
|---|---|---|---|---|---|---|
| | ମାସିକ କୃଷି କାର୍ଯ୍ୟ | ମାସିକ ଶସ୍ୟ ଫଳ,ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନୀତଗୀତ | ବାରଣ/ ନିଷେଧ ବିପଣନ | ମନ୍ତବ୍ୟ |
| ଆଷାଢ଼ — ଆଷାଢ଼୍ ଜୁନ୍-ଜୁଲାଇ | ପ୍ରଥମେ ଜମିର ହୁଡ଼ା ସଜଡ଼ାଯାଏ । ବର୍ଷାପରେ ଜମିରେ ପାଣି ମଡାଇ ଲଙ୍ଗଳରେ ପ୍ରଥମ ଥର ପାଇଁ ଚାଷ କରନ୍ତି । ଧାନ ରୋଇବା ପାଇଁ ଏହି ମାସଟି ଉପଯୁକ୍ତ । ପୂର୍ବରୁ ଧାନ ଗଛ ପାଇଁ ପକାଯାଇଥିବା ତଳିକୁ ଉପାଡ଼ି ମୁଠି ତାହାକୁ କାଦୁଅ କରି ପୋତାଯାଇଥାଏ । ଧାନ ବୁଣାଯାଇଥିବା ଜମିକୁ ହଳକରି ମଇ ଦିଆଯାଇ ଗୋଟି ଗୋଟି କରି ସମାନ ଭାବେ ଜମିର ଚାରିଆଡ଼େ ଖେଳାଇ ଦିଆଯାଇଥାଏ । ବୁଣାଯାଇଥିବା ଧାନକୁ ବେଉଷଣ (ବିହଡ଼ା) କରାଯାଇଥାଏ । | କଖାରୁ, ଭେଣ୍ଡି, ଜହ୍ନି, କାକୁଡ଼ି ଗଛ ଲଗାଯାଏ । ପୋଇଶାଗ ଅାମଦାନୀ କରାଯାଏ । | ଏହି ମାସରେ ରଥଯାତ୍ରା ପାଳନ କରନ୍ତି । ଏହି ଦିନ ଚାଷକାର୍ଯ୍ୟ କରନ୍ତି ନାହିଁ । ନିକଟସ୍ଥ ଜଗନ୍ନାଥ ମନ୍ଦିରକୁ ଯାଇ ସେଠାରେ ରଥଯାତ୍ରା ଦେଖିଥାନ୍ତି । | - | ରଥଯାତ୍ରା ଦିନ ସେମାନେ ଚାଷକାର୍ଯ୍ୟ କରନ୍ତି ନାହିଁ । ପୋଇଶାଗ ବଜାରରେ ବିକ୍ରି କରିଥାନ୍ତି । | - |
| ଶ୍ରାବଣ ଶରାବନ୍ ଅଗଷ୍ଟ - ସେପ୍ଟେମ୍ବର | ବିହୁଡ଼ା ପରେ ଧାନ କିଆରୀରେ ମଇ ସାହାଯ୍ୟରେ ଜମିକୁ ସମାନ କରାଯାଇଥାଏ । ମଇ ଦିଆଯିବା ପରେ ପୁନଃ ଜମିରେ ପାଣି ବନ୍ଧାଯାଇଥାଏ, କିଛି ଦିନ ପରେ ଜଳ ନିଷ୍କାସନ କରି କିଆରୀରୁ ଘାସ ବଛାଯାଇଥାଏ । ବାଘୁଆ ସାହାଯ୍ୟରେ ବାଟିଆ ଭଙ୍ଗାଯାଇ କିଆରୀର ସବୁଆଡ଼େ ସମାନ ଭାବରେ ଧାନବୁଦାକୁ ପକାଯାଇଥାଏ । ଫଳରେ ଧାନଗଛ ସମାନଭାବରେ ବୁଦା ଦେଇଥାଏ । | ଭେଣ୍ଡି, କଖାରୁ, ଜହ୍ନି, ଶାଗ ଅାମଦାନି କରାଯାଏ । | ଏହି ମାସରେ ଗହ୍ମାପର୍ବ ପଡ଼ିଥାଏ । ଏହି ପର୍ବରେ ଗାଈ, ବଳଦଙ୍କୁ ପୂଜା କରାଯାଏ । ଏହି ପର୍ବରେ ପିଠା, ମାଛ, ଭାତ ଭୋଗ କରାଯାଏ । | ଏହି ପର୍ବରେ ଘରର ମୁଖିଆ ପୂର୍ବପୁରୁଷଙ୍କୁ ପୂଜା କରିଥାନ୍ତି । | ଭେଣ୍ଡି, କଖାରୁ, ଜହ୍ନି ଇତ୍ୟାଦି ବଜାରରେ ବିକ୍ରି କରିଥାନ୍ତି । | ଏହି ପର୍ବ ପାଳନ ପରେ ଘାସ ବାଛିବା କାର୍ଯ୍ୟ ଆରମ୍ଭ ହୋଇଥାଏ । |

| ଓଡ଼ିଆ କିସାନ୍ ଇଂରାଜୀ ମାସର ନାମ | "କିସାନ୍"ମାନଙ୍କର କୃଷି ସାରଣୀ | | | | | |
|---|---|---|---|---|---|---|
| | ମାସିକ କୃଷି କାର୍ଯ୍ୟ | ମାସିକ ଶସ୍ୟ ଫଳ,ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ/ ନିଷେଧ ବିପଣନ | ମନ୍ତବ୍ୟ |
| ଭାଦ୍ରବ ଖୋଦୋ ଅଗଷ୍ଟ - ସେପ୍ଟେମ୍ବର | ଧାନକୁ କଟାଯାଇ ଅମଳ କରାଯାଏ । ଉକ୍ତ ଜମିରେ ବୁଇଥର ଭଲଭାବରେ ଚାଷ କରାଯାଇ ମଧ୍ୟମ ଆର୍ଦ୍ରତା ପାଗ ଦେଖି ସେହି ଜମିରେ କୋଳଥ, ମୁଗ, ବିରି ବୁଣାଯାଇଥାଏ । ପନିପରିବା କ୍ଷେତରେ ଭଲଭାବରେ ବାଡ଼ ଦିଆଯାଇଥାଏ । | କୋଳଥ, ଧାନ, ମୁଗ,ବିରି,ଅମଳ କରାଯାଏ । ପରିବା କ୍ଷେତରୁ ଭେଣ୍ଡି, ଝାଉ, କଖାରୁ, କାକୁଡ଼ି ଇତ୍ୟାଦି ତୋଳା ଯାଇଥାଏ । | ଏହି ମାସରେ ନୂଆଖାଇ ପାଳନ କରିଥାନ୍ତି । ଏହି ପର୍ବରେ ପୂର୍ବପୁରୁଷଙ୍କୁ ଘରର ମୁଖିଆ ପୂଜା କରିଥାନ୍ତି । ଏହିଦିନ ସେମାନେ ଅମଳ ହୋଇଥିବା ଧାନର ଗ୍ରଉଳକୁ ନୂଆକରି ଖାଇଥାନ୍ତି । ଗୃହକର୍ତ୍ତା ପୂଜା କଲାବେଳେ କାହାରି ସହିତ କଥାବାର୍ତ୍ତା ହୁଅନ୍ତି ନାହିଁ । | ନୂଆଖାଇ ଦିନ ସମସ୍ତେ ହାଣ୍ଡିଆ ପିଇ ମାନ୍ଦାଲ ବଜାଇ ନାଚିଥାନ୍ତି । ବୁଢାବୁଢୀମାନେ ଏହି ପର୍ବରେ ଝାରା (କୁସୁନାହାଣ୍ଡିଆ)କୁ ପିଇ ନାଚିଥାନ୍ତି । | ଏହି ପର୍ବ ପାଳନ ନ ହେବା ପୂର୍ବରୁ କୌଣସି ବ୍ୟକ୍ତି ନୂତନ ଶସ୍ୟ ଭକ୍ଷଣ କରିପାରିବେ ନାହିଁ । ପନିପରିବା କ୍ଷେତରୁ ଉତ୍ପନ୍ନ ପନିପରିବାକୁ ବଜାରରେ ବିକ୍ରି କରିଥାନ୍ତି । | ସମସ୍ତେ ଏହି ପର୍ବରେ କ୍ଷେତରୁ ଅମଳ ହୋଇଥିବା ନୂତନଶସ୍ୟକୁ ଇଷ୍ଟ ଦେବତାଙ୍କୁ ଅର୍ପଣ କରି ଖାଇଥାଆନ୍ତି । |
| ଆଶ୍ୱିନ ଦଶହରା ସେପ୍ଟେମ୍ବର-ଅକ୍ଟୋବର | ମାଟିର ଆର୍ଦ୍ରତା ଦେଖି ତାହି ଜମିରେ ଦୁଇ ତିନିଥର ଚାଷ କରାଯାଇଥାଏ । ସେଥିରେ ରାଶି, କୋଳଥ, ମୁଗ ଓ ବିରି ବୁଣାଯାଇଥାଏ । ପନିପରିବା କ୍ଷେତରୁ ଜହ୍ନି, ଭେଣ୍ଡି, କଖାରୁ, କାକୁଡ଼ି, ବାଇଗଣ, ଝାଉ ଇତ୍ୟାଦି ତୋଳା ଯାଇଥାଏ । | ରାଶି, କୋଳଥ, ବିରି, ମୁଗ ବୁଣାଯାଇଥାଏ । କନ୍ଦମୂଳ ଖୋଳି ଅମଳକରାଯାଏ । ପନିପରିବା ମଧ୍ୟରେ ଭେଣ୍ଡୀ, ଜହ୍ନି, ବାଇଗଣ, କାକୁଡ଼ି, କଖାରୁ ଅମଳ କରାଯାଏ । | ଏହି ମାସରେ ଝିଅମାନେ ଭାଇଁ ଜିଉଁତିଆ ପର୍ବପାଳନ କରନ୍ତି । ସେମାନେ ଭାଇମାନଙ୍କ ମଙ୍ଗଳ ପାଇଁ ଉପବାସ କରନ୍ତି । | - | ପନିପରିବା ମଧ୍ୟରୁ ଜହ୍ନି, ବାଇଗଣ, ଭେଣ୍ଡି ଇତ୍ୟାଦି ହାଟମାନଙ୍କରେ ବିକ୍ରି କରାଯାଇଥାଏ । | - |

| ଓଡ଼ିଆ କିସାନ୍ ଇଂରାଜୀ ମାସର ନାମ | "କିସାନ୍"ମାନଙ୍କର କୃଷି ସାରଣୀ | | | | | |
|---|---|---|---|---|---|---|
| | ମାସିକ କୃଷି କାର୍ଯ୍ୟ | ମାସିକ ଶସ୍ୟ ଫଳ,ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ/ ନିଷେଧ ବିପଣନ | ମନ୍ତବ୍ୟ |
| କାର୍ତ୍ତିକ କାର୍ତ୍ତିକ୍ ଅକ୍ଟୋବର - ନଭେମ୍ବର | ଏହି ମାସରେ କିଛ ଜମିରୁ ଧାନ କଟାଯାଇ ଅମଳ କରାଯାଏ । ପ୍ରଥମ ଦିନ ଧାନକୁ କାଟି ଜମିରେ ରଖି ଦ୍ୱିତୀୟ ଦିନ ବିଡାବାନ୍ଧି ହାଦରେ ଖଳାକୁ ଆଣିଥାନ୍ତି । ଗହୀର ଜମିମାନଙ୍କରେ ଚାଷ କରାଯାଇଥିବା ଧାନ କ୍ଷେତକୁ ପାଣି ମଡ଼ାଯାଇଥାଏ । | ରାଶି, ସୋରିଷ ଅ ମ ଳ କରାଯାଏ । | ଛାବଖାଇ ପର୍ବ ପାଳନ କରିଥାନ୍ତି । ଏହିଦିନ ସେମାନେ ମାଂସ, ମାଛ, ଭାତ ଖାଇଥାନ୍ତି । କାରଣ ମାସ ସାରା ମାଂସ, ମାଛ ଖାଆନ୍ତି ନାହିଁ । | ଏହି ପର୍ବଦିନ ସେମାନେ ମାଦାଇ ବଜାଇ, ହାଣ୍ଡିଆ ପିଇ ନାଚ୍ଥାନ୍ତି । | କାର୍ତ୍ତିକ ମାସରେ ସେମାନେ ଉଷୁନାଭାତ, ମାଂସ, ମାଛ ଖାଆନ୍ତି ନାହିଁ । | - |
| ମାର୍ଗଶୀର ମାଗ୍‌ଶିର ନଭେମ୍ବର - ଡିସେମ୍ବର | ମଧ୍ୟମ କିସମର ଧାନ ଅମଳ କରାଯାଇଥାଏ । ତାହି ଜମିରେ ଆଳୁ, ବିଲାତି, କୋବି, ମୂଳା ଓ ବାଇଗଣ ଇତ୍ୟାଦି ଲଗାଯିବା ପାଇଁ ଜମିକୁ ହଳ କରାଯାଏ । ଜମିର ମାଟିକୁ ସଂପୂର୍ଣ ଭାବେ ଗୁଣ୍ଡ କରାଯାଏ । ସେଥିରେ ଖତ ଲଗାଇ ସିଆର କରି ଆଳୁ ଲଗାଯାଇଥାଏ । ପ୍ରଥମ ବଗି ଆଳୁ ଚାଷରେ ପାଣି ଛିଞ୍ଚାଯାଏ । | ଆଳୁ, ବିଲାତି, କୋବି, ମୂଳା, ବା ଇ ଗ ଣ ଇତ୍ୟାଦି ଚାଷ କରାଯାଏ । | ଲକ୍ଷ୍ମୀପୂଜା କରାଯାଏ । ଏହିଦିନ ଚାଷ କାର୍ଯ୍ୟ କରାଯାଏ ନାହିଁ । ସ୍ତ୍ରୀ ଲୋକମାନେ ଘରେ ଲକ୍ଷ୍ମୀପୂଜା କରିଥାନ୍ତି । | ଏହି ପର୍ବର ରାତିରେ ପୁରୁଷ ଓ ସ୍ତ୍ରୀ ଲୋକମାନେ ହାଣ୍ଡିଆ ପିଇ ନାଚିଥାନ୍ତି । | ଏହି ଲକ୍ଷ୍ମୀପୂଜାରେ ଚାଷକାର୍ଯ୍ୟ କରନ୍ତି ନାହିଁ । | - |

| ଓଡ଼ିଆ କିସାନ୍ ଇଂରାଜୀ ମାସର ନାମ | "କିସାନ୍"ମାନଙ୍କର କୃଷି ସାରଣୀ | | | | | |
|---|---|---|---|---|---|---|
| | ମାସିକ କୃଷି କାର୍ଯ୍ୟ | ମାସିକ ଶସ୍ୟ ଫଳ,ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ/ ନିଷେଧ ବିପଣନ | ମନ୍ତବ୍ୟ |
| ପୁଷ ପୁଷ୍ ଡିସେମ୍ବର-ଜାନୁୟାରୀ | ଧାନ ଅମଳ କରାଯାଇଥାଏ । ବିହନ ତଥା ସଞ୍ଚୟ ପାଇଁ ମଧ ଧାନ ଓଳିଆ ବନ୍ଧାଯାଇଥାଏ । ଧାନକୁ ବାଡ଼ାଇ ସେଥିରୁ କୁଟାକୁ /ପାଳକୁ ଗଦା କରି ରଖନ୍ତି । ବଡ ଧାନ ଜମିରୁ କଟାଯାଇ ବେଙ୍ଗଳା କରାଯାଇଥାଏ । କୁଲା ସାହାଯ୍ୟରେ ବେଙ୍ଗଳା ଧାନକୁ ଉଡାଇ ସେଥିରୁ ଅଗାଡ଼ିକୁ ଅଲଗା କରାଯାଇ ଧାନ ଅମଳ କରାଯାଇଥାଏ । | ଧାନ ଅମଳ କରାଯାଏ । ବିଲାତି, ମୂଳା ଅମଳ କରାଯାଏ । ବିରି, କୋଳଥ, ଗହମ ଅମଳ କରାଯାଏ ।ପୁଷ ମାସରେ ବିରି, କୋଳଥ ଅମଳ କରାଯାଏ । | ମକର ସଂକ୍ରାନ୍ତି ଏହି ମାସରେ ପଡେ । ଘରର ମୁଖିଆ ପୂର୍ବପୁରୁଷଙ୍କୁ ପୂଜା କରିଥାନ୍ତି । | ଏହି ପର୍ବର ରାତିରେ ସମସ୍ତେ ନାଚଗୀତ କରିଥାନ୍ତି । | ବିଲାତି, ମୂଳା ବଜାରରେ ବିକ୍ରୀ କରିଥାନ୍ତି । ଧାନ ଅମଳ ପରେ ସେହି ଧାନକୁ ସ୍ଥାନୀୟ ବେପାରୀଙ୍କୁ ବିକ୍ରୟ କରିଥାନ୍ତି । | - |
| ମାଘ ମାଘ୍ ଜାନୁୟାରୀ-ଫେବୃୟାରୀ | ଅବଶିଷ୍ଟ ଧାନବିଡାକୁ ବେଙ୍ଗଳା (ଦାଉଁରି) କରାଯାଇ କୁଲାରେ ଉଡାଇ ଧାନରୁ ଅଗାଡ଼ିକୁ ଅଲଗା କରନ୍ତି । ଧାନରୁ କୁଟାକୁ ଗଦାକରି ସାଇତି ରଖିଥାନ୍ତି ଘର ଛପର ପାଇଁ । ଜମିରୁ ଆଳୁ ଖୋଳାଯାଇଥାଏ । କୋବି ଓ ମୂଳାକୁ ଉପାଡି ବାହାର କରାଯାଏ । | ବିଲାତ, ଆଳୁ, କୋବି, ମୂଳା, ବାଇଗଣ ଇତ୍ୟାଦି ଜମିରୁ ଅମଳ କରାଯାଏ । ପାଣିର ସୁବିଧା ଥିଲେ ଖରାଦିଆ ବାଦାମ ଚାଷ ହୁଏ । | ମାଘ ପୂଜା କରାଯାଏ । ଏହି ପୂଜାରେ ଜଙ୍ଗଲରୁ ଗଛ କଟା ଆରମ୍ଭ କରନ୍ତି । | ଏହି ପର୍ବର ରାତିରେ ସମସ୍ତେ ପାନୀୟ ସେବନ କରି ନାଚିଥାନ୍ତି । | ବିଲାତି, ମୂଳା, ବାଇଗଣ, କୋବି, ଆଳୁ ଇତ୍ୟାଦି ହାଟରେ ବିକ୍ରି କରିଥାନ୍ତି । | - |

| ଓଡ଼ିଆ କିସାନ୍ ଇଂରାଜୀ ମାସର ନାମ | "କିସାନ୍"ମାନଙ୍କର କୃଷି ସାରଣୀ | | | | | |
|---|---|---|---|---|---|---|
| | ମାସିକ କୃଷି କାର୍ଯ୍ୟ | ମାସିକ ଶସ୍ୟ ଫଳ, ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ/ ନିଷେଧ ବିପଣନ | ମନ୍ତବ୍ୟ |
| ପାଲଗୁନ ଫଗୁନୁ ଫେବୃୟାରି - ମାର୍ଚ୍ଚ | ପ୍ରଥମ ବର୍ଷା ହେବାପରେ ଗହୀର ଜମିରେ ପ୍ରଥମ ଥର ଚାଷ କରାଯାଏ । ଜମି ପାଇଁ ହୁଡା ପ୍ରସ୍ତୁତ କରିଥାନ୍ତି । ବଡ଼ ବଡ଼ ମାଟିକୁ ଗୁଣ୍ଡ କରାଯାଏ । | ବିଲାତି, ଆଳୁ, କୋବି, ମୂଳା ଓ ବାଇଗଣ ଇତ୍ୟାଦି ଜମିରୁ ଅମଳ କରାଯାଏ । | ଦୋଳପୂର୍ଣ୍ଣମୀ ପର୍ବ ପାଳନ କରନ୍ତି । ଶାଳପତ୍ର କଅଁଳିଆ ହୋଇଥିବାରୁ ସେହି ପତ୍ର ଉପରେ ଅରୁଆ ଚାଉଳ ହଳଦୀ ମିଶେଇ ପୂର୍ବପୁରୁଷଙ୍କୁ ପୂଜା କରାଯାଏ । ଝିଅମାନେ ଏହି ପୂଜା କରନ୍ତି । | ଏହି ପୂଜାରେ ସମସ୍ତେ ହାଣ୍ଡିଆ, ମହୁଲ, ମଦ ପିଇ ମାନ୍ଦାଲ ବଜାଇ ନାଚିଥାନ୍ତି । | ଦୋଳପୂର୍ଣ୍ଣମୀ ପର୍ବ ପୂର୍ବରୁ କେହି ଆମ୍ବ, ବଉଳ ଖାଆନ୍ତି ନାହିଁ । ଏହି ପର୍ବ ପରେ ସମସ୍ତେ ଆମ୍ବ ବଉଳ, ମହୁଲ ଫୁଲ ଖାଇଥାନ୍ତି । | --- |
| ଚୈତ୍ର ଚଇତ୍ ମାର୍ଚ୍ଚ-ଏପ୍ରିଲ୍ | ଏହି ମାସରେ ଡାହି ଜମିରେ ଅନାବନା ବୁଦା ଓ ଘାସ କାଟି ସଫା କରାଯାଏ । ଗହୀର ଜମିରେ ଦ୍ୱିତୀୟ ଥର ଚାଷ କରାଯାଏ । ଖରାପାଗ ଦେଖି ପୁନଃ ଚାଷ କରାଯାଏ । କଲରା, ଜହ୍ନି, ଭେଣ୍ଡି, କଖାରୁ ମଞ୍ଜି ଲଗାଇବା ପାଇଁ କ୍ଷେତରୁ ଚାଷ କରି ମନ୍ଦା କରାଯାଇଥାଏ । ସେଥିରେ ଖତ ଦିଆଯାଇ ମଞ୍ଜି ଲଗାଯାଏ । | କଲାରା, ଜହ୍ନି, ଭେଣ୍ଡି, ପୋଇ, କାକୁଡ଼ି, କଖାରୁ ଇତ୍ୟାଦି ମଞ୍ଜି ଲଗାଯାଇଥାଏ । | --- | --- | --- | --- |



ଶାଗ ପଖାଳର ଜୀବନ



ଏବେ ନାଚିବାର ବେଳ



ଜୀବନ ଜୀବିକାରେ ବ୍ୟସ୍ତ କିସାନ୍ ମହିଳା



ପୂଜା - ପରବାର



ଶୀକାର ସନ୍ଧାନ



ପାରମ୍ପରିକ କିସାନ୍ ଘର



ଜୀବନ ଜୀବିକାରେ ବ୍ୟସ୍ତ କିସାନ୍ ମହିଳା



ପୂଜା - ସଜବାଜ



ଶୀକାର ସନ୍ଧାନ



ପାରମ୍ପରିକ କିସାନ୍ ଘର



ସିଆନ ଦମ୍ପତି



ଧାନ ଅମଳ



ଜୀବିକା ପାଇଁ



ଆମେ ବି କିସାନ୍



ସୁକ୍‌ମୂଲ ଧରି କନ୍ୟାଘର ଅଭିମୁଖେ



ବର ପରଘାନି (ସ୍ୱାଗତ)



ସମ୍ଧି ଭେଟ (ସମୁଦୀ ଭେଟ)



ସୁକ୍‌ମୂଲ ଭାର

# କିସାନ୍
# ପର୍ବପର୍ବାଣୀ
# ପଞ୍ଜିକା

## "କିସାନ୍" ପର୍ବପର୍ବାଣୀ ସାରଣୀ

| ଓଡ଼ିଆ, କିସାନ୍ ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ଯୋଗାଡ଼ | ପୂଜାଉପଚାର, ବ୍ୟକ୍ତିଗତ/ସାମୁହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|
| କାର୍ତ୍ତିକ କାର୍ତିକ୍ ଅକ୍ଟୋବର-ନଭେମ୍ବର | କାର୍ତ୍ତିକ ପୂର୍ଣ୍ଣମୀ | କାର୍ତ୍ତିକ ଶୁକ୍ଳପକ୍ଷ ପୂର୍ଣ୍ଣମୀ | ସୂର୍ଯ୍ୟଦେବତା | ସମସ୍ତେ | ଘିଅ, ବଳିତା, ଧୂପ ଦେଇ ପ ୍ ଜ କରାଯାଏ । | ଏହି ପୂର୍ଣ୍ଣମୀ ଦିନ ସକାଳୁ ସମସ୍ତେ ଉଠି ବୁଡ଼ ପକାଇ ଘିଅ ବଳିତା, ଦୀପ ଓ ଧୂପ ଦେଇ ସୂର୍ଯ୍ୟ ଦେବାତାଙ୍କୁ ପାଣି ଢାଳିଥାନ୍ତି । ସେମାନେ ମାସସାରା ଅରୁଆ ଖାଇଥାନ୍ତି । ମାଛ, ମାଂସ ଇତ୍ୟାଦି ଖାଇଥାଆନ୍ତି । | ପୂଜାଦିନ ସମସ୍ତେ ଏକାଠି ନାଚଗୀତ କରିଥାନ୍ତି । ଏହି ଦିନ ସମସ୍ତେ ହାଣ୍ଡିଆ ପିଇଥାନ୍ତି । | --- |
| ମାର୍ଗଶିର ମାର୍ଗ୍ଗଶିର ନଭେମ୍ବର-ଡିସେମ୍ବର | ଲକ୍ଷ୍ମୀ ପୂଜା | ମାର୍ଗଶିର ମାସ ପ୍ରଥମ ଗୁରୁବାର | ଲକ୍ଷ୍ମୀ | ସ୍ତ୍ରୀ ଲୋକମାନେ | ଘିଅ, ଦୀପ, ବଳିତା, ଧୂପ, ଝୁଣା, ଶାଳପତ୍ର ଇତ୍ୟାଦି । | ଏହି ପର୍ବଦିନ ସ୍ତ୍ରୀ ଲୋକମାନେ ସକାଳୁ ଉଠି ଘରଦ୍ୱାର ଗୋବରରେ ଲିପି ଝୋଟି ଦେଇ ଦେବୀ ଲକ୍ଷ୍ମୀଙ୍କୁ ପୂଜା କରିଥାନ୍ତି । ସେମାନେ ପିଠା, ପଣା, ଭାତ, ବିଭିନ୍ନ ପ୍ରକାର ପନିପରିବା ତରକାରୀ, ଫଳ ଇତ୍ୟାଦି ପୂଜା କରିଥାନ୍ତି । ଏହି ପୂଜାରେ ଶାକାହାରରେ ଖାଦ୍ୟ ଭୋଗ କରାଯାଏ । | ପୂଜାଦିନ ସମସ୍ତେ ହାଣ୍ଡିଆ ପିଇ ମାନ୍ଦାଇ ବଜାଇ ନାଚଗୀତ କରିଥାନ୍ତି । | --- |
| ପୁଷ ପୁଷ୍ ଡିସେମ୍ବର-ଜାନୁୟାରୀ | ପୁଷ୍ ପୁନେଇଁ | ପୁଷ ମାସ ପୂର୍ଣ୍ଣମୀ ତିଥି | ପିତୃ ପୁରୁଷ | ଗୃହକର୍ତ୍ତା | ଘିଅ, ଦୀପ, ବଳିତା, ଧୂପ, ଝୁଣା, ସିନ୍ଦୁର, ଚନ୍ଦନ, ଶାଳପତ୍ର | ପୁଷ ପୁନେଇଁ ସେମାନେ ବଡ଼ ଆଡ଼ମ୍ବରରେ ପାଳନ କରିଥାଆନ୍ତି । ଏହି ପର୍ବରେ ମଣ୍ଡାପିଠା କରାଯାଏ । ପୁଷ ପୁନେଇଁ କେହି ପାନୀୟ ସେଦିନ କରନ୍ତି ନାହିଁ । ସେହିଦିନ ମଣ୍ଡାପିଠା ଖାଇ ସାରିଲା ପରେ ତା'ପରଦିନଠାରୁ ଝିଅ ଦେଖିବାକୁ ଯାଇଥାନ୍ତି । | ପୂଜାଦିନ ସମସ୍ତେ ମାନ୍ଦାଇ ବଜାଇ ନାଚଗୀତ କରିଥାନ୍ତି । | --- |
| | ମକର ସଂକ୍ରାନ୍ତି | ପୁ ଷ ମା ସ ଶୁକ୍ଳମାସ | ପିତୃ ପୁରୁଷ | ଗୃହକର୍ତ୍ତା | -do- | ମକର ସଂକ୍ରାନ୍ତି ଏହି ମାସରେ ପାଳନ କରନ୍ତି । ସେମାନେ ପୂର୍ବପୁରୁଷଙ୍କୁ ହାଣ୍ଡିଆ ପୂଜା କରି ସେବନ କରିଥାନ୍ତି । | ଯେଉଁଠାରେ ମକର ବେଢା ହୋଇଥାଏ । ସେଠାରେ ସେମାନେ ମାନ୍ଦାଇ ବଜାଇ ହାଣ୍ଡିଆ ପିଇ ନାଚିଥାନ୍ତି । | |

| ଓଡ଼ିଆ, କିସାନ୍ ଙ୍କ ଭାଷାରେ ମାସର ନାମ | "କିସାନ୍" ପର୍ବପର୍ବାଣୀ ସାରଣୀ | | | | | | | |
|---|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ଉପକରଣ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| ମାଘ ମାଘ୍ ଜାନୁୟାରୀ-ଫେବୃୟାରୀ | - | - | - | - | - | - | - | - |
| ମାର୍ଗଶିର ମାର୍ଗ୍‌ଶିର ନଭେମ୍ବର-ଡିସେମ୍ବର | ଦୋଳ ପୂର୍ଣ୍ଣମୀ | ଫଗୁନ୍ ମାସର ଶୁକ୍ଳ ପକ୍ଷ ପୂର୍ଣ୍ଣମୀ | ପିତୃପୁରୁଷ | ଗୃହକର୍ତ୍ତା | ଧୂପ, ଦୀପ, ଝୁଣା, ସିନ୍ଦୁର, ଚନ୍ଦନ, ଶାଳ ପତ୍ର, ମହୁଲ ଫୁଲ, ସରଗୀ ଫୁଲ, କରଲୀ ଫୁଲ । | ଦୋଳପୂର୍ଣ୍ଣମୀ ସମସ୍ତେ ବହୁ ଆଡ଼ମ୍ବରରେ ପାଳନ କରନ୍ତି । ଦୋଳପୂର୍ଣ୍ଣମୀ ଦିନ ମହୁଲ (ମାଦି) ଆମ୍ବ ବଉଳ, କରଲୀ ଫୁଲ, ସାରଗୀ ଫୁଲ, ପୂଜା କରାଯାଏ । ତା'ପରେ ତାକୁ ଖିଆଯାଏ । ପିତୃପୁରୁଷଙ୍କୁ ପୂଜା କରିଥାନ୍ତି, ତାକୁ ମାଣାଡ଼ି କୁହାଯାଏ । ଶାଳପତ୍ର(ମନ୍ଦ୍ର) ଉପରେ ଅରୁଆ ଗଉଡ଼ ହଳଦୀ ମିଶାଇ ପୂର୍ବପୁରୁଷଙ୍କୁ ଝିଅମାନେ ପୂଜା କରନ୍ତି । ସେମାନଙ୍କର ଆତ୍ମାକୁ ଶାନ୍ତି ପାଇଁ ପୂଜା କରନ୍ତି । | - | ଏହି ଦୋଳପୂର୍ଣ୍ଣମୀ ପର୍ବପାଳନ ନହେଲା ପର୍ଯ୍ୟନ୍ତ କେହି ଆମ୍ବ ବଉଳ, ମହୁଲ ସରଗୀ ଫୁଲ ଖାଆନ୍ତି ନାହିଁ । |
| | ହୋଲି | ଦୋଳପୂର୍ଣ୍ଣମୀ ପରଦିନ | ପିତୃପୁରୁଷ | ଗୃହକର୍ତ୍ତା | -do- | ହୋଲିଦିନ ସମସ୍ତେ ହାଣ୍ଡିଆ ପିଇ ହୋଲି ଖେଳିଥାନ୍ତି । ହୋଲିର ୭/୮ ଦିନ ରହିଗଲା ପରେ ଏହା ଜଣା ହୋଇଥାଏ । | | ଏହି ତାରପାନି ପ୍ରସ୍ତୁତି ସମୟରେ କେହି ତାହା ସହିତ କଥାବାର୍ତ୍ତା ହୁଅନ୍ତି ନାହିଁ । |
| ପୁଷ ପୁଷ୍ ଡିସେମ୍ବର-ଜାନୁୟାରୀ | ରାମନବମୀ | ଚଇତ୍ ନବମୀ | ରାମ | ବ୍ରାହ୍ମଣ ପୂଜାରୀ | -do- | ରାମନବମୀ ଦିନ ବଡ଼ଗାଁରେ ସେମାନେ ମେଳା କରନ୍ତି । ରାମ ନବମୀ ଦିନଠାରୁ ୯/୧୦ ଦିନ ଧରି ମେଳା ଚାଲେ । ସେଥିରେ ବିଭିନ୍ନ ସଂପ୍ରଦାୟ ଲୋକମାନେ ଏକାଠି ମିଶି ଅଂଶ ଗ୍ରହଣ କରିଥାନ୍ତି । ସେହି ମେଳାରେ ସମସ୍ତେ ଦେଖିବାକୁ ଯାଇଥାନ୍ତି । | ସେହି ମେଳା ମଝିରେସେମାନେ ହାଣ୍ଡିଆ,ମହୁଲି ମଦ ଇତ୍ୟାଦିସେବନ କରି ମାନ୍ଦଲ ବଜାଇ ନାଚିଥାନ୍ତି । | ଏହି ମାସରେ ମହୁଲି ଫୁଲ ପ୍ରଚୁର ପରିମାଣରେ ସଂଗ୍ରହ କରାଯାଏ ଯାହା ଫଳରେ ମହୁଲି ମଦ ପ୍ରଚୁର ପରିମାଣରେ ତିଆରି କରିଥାନ୍ତି । |

| ଓଡ଼ିଆ, କିସାନ୍, ଙରାଙା ଭାଷାରେ ମାସର ନାମ | "କିସାନ୍" ପର୍ବପର୍ବାଣୀ ସାରଣୀ | | | | | | | |
|---|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ଉପକରଣ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| ମାଘ<br>ମାଘ୍<br>ଜାନୁୟାରୀ-ଫେବୃୟାରୀ | - | - | - | - | - | - | - | - |
| ଫାଲଗୁନ୍<br>ଫଗୁନ୍<br>ଫେବୃୟାରୀ-ମାର୍ଚ୍ଚ | ଦୋଲ ପୂର୍ଣ୍ଣମୀ | ଫଗୁନୁମାସର ଶୁକ୍ଳ ପକ୍ଷ ପୂର୍ଣ୍ଣମୀ | ପିତୃପୁରୁଷ | ଗୃହକର୍ତ୍ତା | ଧୂପ, ଦୀପ, ଝୁଣା, ସିନ୍ଦୁର, ଚନ୍ଦନ,ଶାଳପତ୍ର, ମହୁଲ ଫୁଲ, ସର୍‌ଗୀ ଫୁଲ, କରଲୀ ଫୁଲ । | ଦୋଳପୂର୍ଣ୍ଣମୀ ସମସ୍ତେ ବହୁ ଆଡ଼ମ୍ବରରେ ପାଳନ କରନ୍ତି । ଦୋଳପୂର୍ଣ୍ଣମୀ ଦିନ ମହୁଲ (ମାଦି) ଆମ୍ବ ବଉଳ, କର୍‌ଲୀ ଫୁଲ, ସାର୍‌ଗୀ ଫୁଲ, ପୂଜା କରାଯାଏ ତା'ପରେ ତାକୁ ଖିଆଯାଏ । ପିତୃପୁରୁଷଙ୍କୁ ପୂଜା କରିଥାନ୍ତି, ତାକୁ ମାଣ୍ଡାଡ଼ି କୁହାଯାଏ । ଶାଳପତ୍ର(ମଣ୍ଡା) ଉପରେ ଅରୁଆ ଚାଉଳ ହଳଦୀ ମିଶାଇ ପୂର୍ବପୁରୁଷଙ୍କୁ ଝିଅମାନେ ପୂଜା କରନ୍ତି । ସେମାନଙ୍କର ଆତ୍ମାକୁ ଶାନ୍ତି ପାଇଁ ପୂଜା କରନ୍ତି । | - | ଏହି ଦୋଳପୂର୍ଣ୍ଣମୀ ପର୍ବପାଳନ ନହେଲା ପର୍ଯ୍ୟନ୍ତ କେହି ଆମ୍ବ ବଉଳ, ମହୁଲ ସର୍‌ଗୀ ଫୁଲ ଖାଆନ୍ତି ନାହିଁ |
| | ହୋଲି | ଦୋଳପୂର୍ଣ୍ଣମୀ ପରଦିନ | ପିତୃପୁରୁଷ | ଗୃହକର୍ତ୍ତା | -do- | ହୋଲିଦିନ ସମସ୍ତେ ହାଣ୍ଡିଆ ପିଇ ହୋଲି ଖେଳିଥାନ୍ତି । ହୋଲିର ୭/୮ ଦିନ ରହିଗଲା ପରେ ଏହା ଜଣା ହୋଇଥାଏ । | | ଏହି ତାର୍‌ପାନି ପ୍ରସ୍ତୁତି ସମୟରେ କେହି କାହା ସହିତ କଥାବାର୍ତ୍ତା ହୁଅନ୍ତି ନାହିଁ । |
| ଚୈତ୍ର<br>ଚଇତ୍<br>ମାର୍ଚ୍ଚ- ଏପ୍ରିଲ | ରାମନବମୀ | ଚଇତ୍ ନବମୀ | ରାମ | ବ୍ରାହ୍ମଣ ପୂଜାରୀ | ଧୂପ, ଦୀପ, ଝୁଣା, ସିନ୍ଦୁର, ଚନ୍ଦନ, ଶାଳ ପତ୍ର,ମହୁଲଫୁଲ, ସର୍‌ଗୀ ଫୁଲ, କର୍‌ଲୀ ଫୁଲ । | ରାମନବମୀ ଦିନ ବଡ଼ଗାଁରେ ସେମାନେ ମେଳା କରନ୍ତି । ରାମ ନବମୀ ଦିନଠାରୁ ୯/୧୦ ଦିନ ଧରି ମେଳା ଚାଲେ । ସେଥିରେ ବିଭିନ୍ନ ସଂପ୍ରଦାୟ ଲୋକମାନେ ଏକାଠି ମିଶି ଅଂଶ ଗ୍ରହଣ କରିଥାନ୍ତି । ସେହି ମେଳାରେ ସମସ୍ତେ ଦେଖିବାକୁ ଯାଇଥାନ୍ତି । | ସେହି ମେଳା ପାଖରେସେମାନେ ହାଣ୍ଡିଆ,ମହୁଲି ମଦ ଇତ୍ୟାଦିସେବନ କରି ମାନ୍ଦଳ ବଜାଇ ନାଚିଥାନ୍ତି । | ଏହି ମାସରେ ମହୁଲି ଫୁଲ ପ୍ରଚୁର ପରିମାଣରେ ସଂଗ୍ରହ କରାଯାଏ ଯାହା ଫଳରେ ମହୁଲି ମଦ ପ୍ରଚୁର ପରିମାଣରେ ତିଆରି କରିଥାନ୍ତି । |

# କିସାନ୍
# ବନଜାତ ଦ୍ରବ୍ୟ
# ସଂଗ୍ରହ ପଞ୍ଜିକା

| ଓଡ଼ିଆ,କିସାନ ଓ ଇଂରାଜୀ ଭାଷାରେ ମାସର ନାମ | "କିସାନ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ | | | | | | |
|---|---|---|---|---|---|---|---|
| | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ ଦେବାଦେବୀ ଓ ବଳୀ | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂଗୃହୀତ ବନଜାତ ଦ୍ରବ୍ୟର ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| ବୈଶାଖ<br>ବୈଶାଖ<br>ଏପ୍ରିଲ୍- ମେ | ଶାଳପତ୍ର,ଜାଳେଣୀକାଠ, ଲଙ୍ଗଳ କାଠ, ଛଣ, କୁଆଁଜି, ବାଉଁଶ, ସିଆଳୀ ପତ୍ର, ଝୁଣା, ମହୁ, ଲାଖ | କୋଳି (ମଞ୍ଜି), କେନ୍ଦୁ (ତେଲ), ଆମ୍ବ, ପଣସ, ଶାଳମଞ୍ଜି, ଦାନ୍ତକାଠି, ବେଲ (ହଟା) ଖଟାଶାଗ | ଅକ୍ଷିତୃତୀୟା ପାଳନ କରନ୍ତି । ଏହାକୁ ଧାନଯାତ୍ରା କୁହାଯାଏ । ଘରର ମୁଖ୍ୟ ବ୍ୟକ୍ତି ହଳ, ଲଙ୍ଗଳ ପୂଜା କରିଥାନ୍ତି । ଏହି ପର୍ବରେ ଖିରୀ ପୂଜା କରାଯାଏ ଓ ଧାନ ବୁଣା ହୋଇଥାଏ । ଡେମୁଲ ପୂଜା କରାଯାଏ । ଏହି ପୂଜାରେ କ୍ଷେତରେ କୁକୁଡ଼ା ବଳୀ ଦିଆଯାଏ । | ଶାଳ ଓ ସିଆଳି ପତ୍ରରେ ଦନା, ଖଲି ତିଆରି କରାଯାଏ । ଘର ପାଇଁ କୁଆଁଜି,ଲଙ୍ଗଳ(କାଠ) ବ୍ୟବହାର କରାଯାଏ । ଘର ତିଆରି ପାଇଁ ବାଉଁଶ ଦରକାର ହୁଏ । ପୂଜା ପାଇଁ ଝୁଣା ଓ ଔଷଧ ପାଇଁ ମହୁ ବ୍ୟବହାର କରାଯାଏ । | କୋଳି, କେନ୍ଦୁ, ଆମ୍ବ,ପଣସ,ବେଲ ଇତ୍ୟାଦି ଖାଇଥାନ୍ତି । ଶାଳମଞ୍ଜିରୁ ତେଲ ତିଆରି କରାଯାଏ । ଦାନ୍ତକାଠି,ଦାନ୍ତଘଷା ଓ ଶାଗକୁ ଖାଆନ୍ତି । | ଶାଳ ଓ ସିଆଳୀ ପତ୍ରର ଖଲି ଓ ଦନା, ଝୁଣା, ମହୁ, ବିଭିନ୍ନ ପ୍ରକାର କାଠ ବିକ୍ରି କରାଯାଏ । | କାଠରେ ତିଆରି ଖଟ ମଧ ବିକ୍ରି କରନ୍ତି । |
| ଜ୍ୟେଷ୍ଠ<br>ଜେଷ୍ଟ୍<br>ମେ-ଜୁନ୍ | ଶାଳପତ୍ର,ଜାଳେଣୀକାଠ, ଲଙ୍ଗଳ କାଠ, ଛଣ, କୁଆଁଜି, ବାଉଁଶ, ସିଆଳୀ ପତ୍ର, ଝୁଣା, ମହୁ, ଲାଖ | କୋଳି (ମଞ୍ଜି), କେନ୍ଦୁ (ତେଲ), ଆମ୍ବ, ପଣସ, ଶାଳମଞ୍ଜି, ଦାନ୍ତକାଠି, ବେଲ (ହଟା) ଖଟାଶାଗ | ସ୍ତ୍ରୀ ଲୋକମାନେ ସାବିତ୍ରୀ ଅମାବାସ୍ୟା ପାଳନ କରିଥାନ୍ତି ପୂର୍ବରୁ ସେମାନେ ବରଗଛ ଓ ପିପଳି ଗଛ ମୂଳରେ ପୂଜା କରିଥାନ୍ତି । ଏବେ ସେହି ଗଛର ଡାଳକୁ ଆଣି ଘରେ ପୂଜା କରିଥାନ୍ତି । | ଶାଳ ଓ ସିଆଳି ପତ୍ରରେ ଦନା, ଖଲି ତିଆରି କରାଯାଏ । ଘର ପାଇଁ କୁଆଁଜି,ଲଙ୍ଗଳ(କାଠ) ବ୍ୟବହାର କରାଯାଏ । ଘର ତିଆରି ପାଇଁ ବାଉଁଶ ଦରକାର ହୁଏ । ପୂଜା ପାଇଁ ଝୁଣା ଓ ଔଷଧ ପାଇଁ ମହୁ ବ୍ୟବହାର କରାଯାଏ । | କୋଳି, କେନ୍ଦୁ, ଆମ୍ବ,ପଣସ,ବେଲ ଇତ୍ୟାଦି ଖାଇଥାନ୍ତି । ଶାଳମଞ୍ଜିରୁ ତେଲ ତିଆରି କରାଯାଏ । ଦାନ୍ତକାଠି,ଦାନ୍ତଘଷା ଓ ଶାଗକୁ ଖାଆନ୍ତି । | ଶାଳ ଓ ସିଆଳୀ ପତ୍ରର ଖଲି ଓ ଦନା, ଝୁଣା, ମହୁ, ବିଭିନ୍ନ ପ୍ରକାର କାଠ ବିକ୍ରି କରାଯାଏ । | କାଠରେ ତିଆରି ଖଟ ମଧ ବିକ୍ରି କରନ୍ତି । |

| ଓଡ଼ିଆ, କିସାନ ଓ ଇଂରାଜୀ ଭାଷାରେ ମାସର ନାମ | "କିସାନ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ: ସଂଗୃହୀତ ବନଜାତ ଦ୍ରବ୍ୟର ନାମ – ମୁଖ୍ୟ | ସଂଗୃହୀତ ବନଜାତ ଦ୍ରବ୍ୟର ନାମ – ଗୌଣ | ସଂପୃକ୍ତ ପର୍ବପର୍ବାଣୀ ଦେବାଦେବୀ ଓ ପୂଜା | ସଂଗୃହୀତ ବନଜାତ ଦ୍ରବ୍ୟର ନାମ – ମୁଖ୍ୟ | ସଂଗୃହୀତ ବନଜାତ ଦ୍ରବ୍ୟର ନାମ – ଗୌଣ | ସଂଗୃହୀତ ବନଜାତ ଦ୍ରବ୍ୟର ବିପଣନ | ମନ୍ତବ୍ୟ |
|---|---|---|---|---|---|---|---|
| ଆଷାଢ଼ ଆଷାଢ଼୍ ଜୁନ-ଜୁଲାଇ | ଶାଳପତ୍ର, ଶିଆଳୀ ପତ୍ର, ଜାଳେଣୀ କାଠ, ଦାନ୍ତକାଠି, ବଣଆଳୁ, ଜଙ୍ଗଲୀ ଆଳୁ | ଆମ୍ବ, ପଣସ, ଜାମୁ, ବିଭିନ୍ନ ପ୍ରକାର ଛତୁ, ମଧରେ ବାଲିଛତୁ, ହୁଙ୍କାଛତୁ, କଏଲା ଛତୁ, ଅଡ଼ସ୍କ ଛତୁ | ରଜପର୍ବ ହୁଏ । ଏହି ପର୍ବରେ ପିଠା, ମାଂସ, ଭାତ କରି ଖାଆନ୍ତି । ରଥଯାତ୍ରା ପାଳନ କରାଯାଏ । | ଶାଳ ଓ ଶିଆଳୀ ପତ୍ରରେ ଖଲି, ଦନା ତିଆରି କରନ୍ତି । ରୋଷେଇ ପାଇଁ ଜାଳେଣୀ କାଠ ବ୍ୟବହାର କରିଥାନ୍ତି । ବଡ ଆଳୁ, ଜଙ୍ଗଲୀ ଆଳୁ ଖାଇଥାନ୍ତି । | ଆମ୍ବ, ପଣସ, ଜାମୁ ଓ ବିଭିନ୍ନ ପ୍ରକାର ଛତୁ ଖାଇଥାନ୍ତି । | ଜାମୁକୋଳି, ବିଭିନ୍ନ ପ୍ରକାର ଛତୁ, ଦାନ୍ତକାଠି ବଜାରରେ ବିକ୍ରି କରିଥାନ୍ତି । ଦନା, ଖଲି ବିକ୍ରି କରାଯାଏ । ଜାଳେଣୀ କାଠ ବିକ୍ରି କରାଯାଏ । | ଆମ୍ବ, ପଣସ ଇତ୍ୟାଦି ଫଳ, ଏହି ମାସରେ ପ ର୍ଯ୍ୟା ପ୍ତ ପରିମାଣରେ ଉ ପ ଲ ବ୍ଧ ହୋଇଥାଏ । |
| ଶ୍ରାବଣ ଶରାବନ୍ ଜୁଲାଇ-ଅଗଷ୍ଟ | ଶାଳପତ୍ର, ଶିଆଳୀ ପତ୍ର, ଜାଳେଣୀ କାଠ, ଦାନ୍ତକାଠି, ବଣଆଳୁ, ଜଙ୍ଗଲୀ ଆଳୁ | ଜାମୁ, ଖଜୁରୀ କୋଳି, କରଞ୍ଜ କୋଳି, ଛତୁ | ଗହ୍ମାପର୍ବରେ ପିଠା, ମ ଠ । ସ ଭ । ତ କରାଯାଏ । ଏହି ପର୍ବରେ ଗାଈ ବଳଦମାନଙ୍କୁ ପୂଜା କରାଯାଏ । | ଶାଳ ଓ ଶିଆଳୀ ପତ୍ରରେ ଖଲି, ଦନା ତିଆରି କରନ୍ତି । ରୋଷେଇ ପାଇଁ ଜାଳେଣୀ କାଠ ବ୍ୟବହାର କରିଥାନ୍ତି । ବଡ ଆଳୁ, ଜଙ୍ଗଲୀ ଆଳୁ ଖାଇଥାନ୍ତି । | ଆମ୍ବ, ପଣସ, ଜାମୁ ଓ ବିଭିନ୍ନ ପ୍ରକାର ଛତୁ ଖାଇଥାନ୍ତି । | ଜାମୁକୋଳି, ବିଭିନ୍ନ ପ୍ରକାର ଛତୁ, ଦାନ୍ତକାଠି ବଜାରରେ ବିକ୍ରି କରିଥାନ୍ତି । ଦନା, ଖଲି ବିକ୍ରି କରାଯାଏ । ଜାଳେଣୀ କାଠ ବିକ୍ରି କରାଯାଏ । | ବିଭିନ୍ନ ପ୍ରକାରର ଛତୁ ଏହି ମାସରେ ଯ ଥେ ଷ୍ଟ ପରିମାଣରେ ମିଳେ । |
| ଭାଦ୍ରବ ଭାଦୋ ଅଗଷ୍ଟ-ସେପ୍ଟେମ୍ବର | ଜାଳେଣି କାଠ, ଶାଳପତ୍ର, ସିଆଳୀ ପତ୍ର, ବାଉଁଶ କରଡ଼ି, ପିତାଲୁ କାନ୍ଦା, କାଉମ୍ବ କାନ୍ଦା, ଦାନ୍ତକାଠି | ବଡ ଛତୁ, ପିତା ଆଳୁ | ନୂଆଖିଆ (ପୁନା ଅନନ୍ତ) ପର୍ବ ପାଳନ କରିଥାନ୍ତି । ହାଣ୍ଡିଆ, ମଦ ପାନ କରିଥାନ୍ତି । ଶାଳ ପତ୍ର, ଦନାରେ ପୂଜା ଉପକରଣ ଦେଇ ପୂଜାପାଠ କରାଯାଏ । | ଶାଳପତ୍ରର ଦନା, ଖଲି ବ୍ୟବହାର କରିଥାନ୍ତି । ଜାଳେଣୀ କାଠ, ବାଉଁଶ, ଲଗଡ଼ ବ୍ୟବହାର କରିଥାନ୍ତି । ଦାନ୍ତ ଘଷିବା ପାଇଁ ଦାନ୍ତ କାଠି ବ୍ୟବହାର କରିଥାନ୍ତି । | ପିତାଆଳୁ, ଛତୁ ଖାଇଥାନ୍ତି । | ଜାଳେଣି କାଠ, ଖଲି ଦନା, ହାଟରେ ବିକ୍ରି କରିଥାନ୍ତି । | ଶାଳ ଓ ସିଆଳୀ ପତ୍ର ପର୍ଯ୍ୟାପ୍ତ ପରିମାଣରେ ମିଳେ । |

| ଓଡ଼ିଆ, କିସାନ ଓ ସଂଥାଳୀ ଭାଷାରେ ମାସର ନାମ | "କିସାନ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ | | | | | | |
|---|---|---|---|---|---|---|---|
| | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂଗୃହୀତ ବନଜାତ ଦ୍ରବ୍ୟର ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | ଦେବାଦେବୀ ଓ ବଳୀ | ମୁଖ୍ୟ | ଗୌଣ | | |
| ଆଶ୍ୱିନ ଦାଶହରା ସେପ୍ଟେମ୍ବର-ଅକ୍ଟୋବର | ଚାକେଣି କାଠ, ଶାଳପତ୍ର, ସିଆଳୀ ପତ୍ର, ବାଉଁଶ କରଡ଼ି, ପିତାଳୁ କାନ୍ଦା, କାଦମ୍ବ କାନ୍ଦା, ଦାନ୍ତକାଠି ଇତ୍ୟାଦି । | ବଡ଼ ଛତୁ | ଦେବୀ ଦୁର୍ଗାଙ୍କୁ ପୂଜା କରାଯାଏ । ଦଶହରାରେ ଝିଅ ଓ ବୋହୂମାନେ ଭାଇଁ ଜିଉଁତିଆ ପର୍ବ ପାଳନ କରନ୍ତି । ସେମାନେ ଭାଇଙ୍କୁ ପୂଜା କରନ୍ତି । | ଶାଳପତ୍ରର ଦନା, ଖଲି ବ୍ୟବହାର କରିଥାନ୍ତି । ଚାକେଣୀକାଠ, ବାଉଁଶ, ଇନ୍ଧନ ବ୍ୟବହାର କରିଥାନ୍ତି । ଦାନ୍ତ ଘଷିବା ପାଇଁ ଦାନ୍ତକାଠି ବ୍ୟବହାର କରିଥାନ୍ତି । | ଛତୁକୁ ତରକାରୀ ପାଇଁ ସଂଗ୍ରହ କରାଯାଏ । | ଚାକେଣି କାଠ, ଖଲି ଦନା, ହାଟରେ ବିକ୍ରି କରିଥାନ୍ତି । | ବଡ଼ ଛତୁକୁ ପାଖ ଗାଁ ମାନଙ୍କରେ ବିକ୍ରି କରିଥାନ୍ତି । |
| କାର୍ତ୍ତିକ କାର୍ତ୍ତିକ୍ ଅକ୍ଟୋବର-ନଭେମ୍ବର | ଶାଳ, ସିଆଳୀ ପତ୍ର, ଚାକେଣି କାଠ, ଦାନ୍ତକାଠି ଇତ୍ୟାଦି । | ଝୁଣା, ବାଉଁଶ, ଲାଖ, ମହୁ ଇତ୍ୟାଦି । | କାର୍ତ୍ତିକ ପୂର୍ଣ୍ଣମୀ ପର୍ବ ପାଳନ କରାଯାଏ । ସେମାନେ ମାସ ସାରା ଅରୁଆ ଖାଉଥାନ୍ତି । ସେମାନେ ସୂର୍ଯ୍ୟଦେବଙ୍କୁ ପୂଜା କରନ୍ତି । ଛାଡ଼ଖାଇ ଦିନ ସେମାନେ ମାଛ, ମାଂସ ଖାଉଥାନ୍ତି । | କାଠକୁ ଚାକେଣୀ ରୂପେ, ଦାନ୍ତକାଠିକୁ ଦାନ୍ତଘଷିବା, ଶାଳ, ସିଆଳୀ ପତ୍ରକୁ ପୂଜା, ଖାଦ୍ୟ ସେବନରେ ବ୍ୟବହାର କରାଯାଏ । | ପୂଜାରେ ଝୁଣା ବ୍ୟବହାର କରନ୍ତି । ବାଉଁଶରୁ ଟୋକେଇ, ଡୋଲେଇ ଓ ଘର ତିଆରି କରିଥାନ୍ତି | ଟେକେ ଟେକେ ଝୁଣାକୁ ବିକ୍ରୟ କରିଥାନ୍ତି । | --- |
| ମାର୍ଗଶିର ମାଙ୍ଗଶିର ନଭେମ୍ବର-ଡିସେମ୍ବର | ଶାଳପତ୍ର, ଚାକେଣୀକାଠ, କରଡି, ତେନ୍ତୁଳି, ପିତା କନ୍ଦା, ବାଉଁଶ ଛତୁ, ବାଉଁଶ, ଦାନ୍ତକାଠି, ଘଲକି ଗଛ ଇତ୍ୟାଦି । | ଝୁଣା, ଶିଆଳୀ ଫଳ, ଖଜୁରୀ ଫଳ, ଲାଖ, ମହୁ ଇତ୍ୟାଦି । | ଏହି ମାସରେ ସାଲୋକମାନେ ଲକ୍ଷ୍ମୀପୂଜା କରନ୍ତି । ସେମାନେ ପିଠା ପଣା, ଭାତ, ବିଭିନ୍ନ ପ୍ରକାର ଫଳ ପୂଜା କରିଥାନ୍ତି । ଏହି ପୂଜାରେ ଶାଳପତ୍ର ବ୍ୟବହାର କରାଯାଏ । | ଶାଳପତ୍ରରେ ଖଲି, ଦନା ତିଆରି କରାଯାଏ । ରୋଷେଇ କାର୍ଯ୍ୟରେ ଚାକେଣୀକାଠ ବ୍ୟବହାର କରାଯାଏ । ଘଲକି ଗଛରୁ ଝାଡ଼ୁ ତିଆରି ହୁଏ। | ମହୁକୁ ଔଷଧରୂପେ ବ୍ୟବହାର କରାଯାଏ । ଶିଆଳୀ ଓ ଖଜୁରୀ ଫଳକୁ ଖାଉଥାନ୍ତି । ଝୁଣାପୂଜା କାର୍ଯ୍ୟରେ ବ୍ୟବହାର କରାଯାଏ । | ଶାଳପତ୍ରରେ ତିଆରି ଖଲି ଦନା ବିକ୍ରି ହୁଏ। ଚାକେଣୀ କାଠ, ମହୁ, ଝାଡ଼ୁ ଇତ୍ୟାଦି ବଜାରରେ ବିକ୍ରି ହୁଏ । | ଖଜୁରୀ ଫଳରୁ ପ୍ରସ୍ତୁତ ତେଲକୁ ଔଷଧ ରୂପେ ବ୍ୟବହାର କରାଯାଏ । |

| ଓଡ଼ିଆ,କିସାନ ଓ ଇଂରାଜୀ ଭାଷାରେ ମାସର ନାମ | "କିସାନ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ | | | | | | |
|---|---|---|---|---|---|---|---|
| | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ ଦେବାଦେବୀ ଓ ତଦା | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂଗୃହୀତ ବନଜାତ ଦ୍ରବ୍ୟର ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| ପୁଷ ପୁଷ୍ ଡିସେମ୍ବର-ଜାନୁୟାରୀ | ଶାଳପତ୍ର,ଜାଳେଣୀକାଠ, ଶିଆଳୀ ଫଳ, କେନ୍ଦୁ, ତେନ୍ତୁଳି, ଦାନ୍ତକାଠି ଇତ୍ୟାଦି । | ମହୁ, ପାଳୁଅ ଛତୁ, ଝୁଣା ଇତ୍ୟାଦି । | ପୁଷ ପୁନେଇଁ ବଡ ଆଡ଼ମ୍ବରରେ ପାଳନ କରିଥାନ୍ତି । ଏହି ପର୍ବରେ ମଣ୍ଡାପିଠା କରାଯାଏ । ପୁଷ ପୁନେଇଁ ଦିନ କେହି ପାନୀୟ ସେବନ କରନ୍ତି ନାହିଁ । ସେମାନେ ମକର ଯାତ୍ରା ପାଳନ କରନ୍ତି । | ଶାଳପତ୍ରରେ ଖଲି, ଦନା ତିଆରି କରାଯାଏ । ରୋଷେଇ କାର୍ଯ୍ୟରେ ଜାଳେଣୀକାଠ ବ୍ୟବହାର କରାଯାଏ । ସଲପ ଗଛରୁ ଝାଡୁ ତିଆରି ହୁଏ। | ମହୁକୁ ଔଷଧରୂପେ ବ୍ୟବହାର କରାଯାଏ । ଶିଆଳୀ ଓ ଖଜୁରୀ ଫଳକୁ ଖାଇଥାନ୍ତି । ଝୁଣାପୂଜା କାର୍ଯ୍ୟରେ ବ୍ୟବହାର କରାଯାଏ । | ଶାଳପତ୍ରରେ ତିଆରି ଖଲି ଦନା ବିକ୍ରି ହୁଏ। ଜାଳେଣୀ କାଠ, ମହୁ, ଝାଡୁ ଇତ୍ୟାଦି ବଜାରରେ ବିକ୍ରି ହୁଏ । | --- |
| ମାଘ ମାଘ୍ ଜାନୁୟାରୀ-ଫେବୃୟାରୀ | ମହୁଲ, ଶିଆଳି ଫଳ, କେନ୍ଦୁ, ଦାନ୍ତକାଠି, ଶାଳପତ୍ର,ଜାଳେଣୀକାଠ ଇତ୍ୟାଦି । | ଝୁଣା, ମହୁ, ଝାଡୁ, ଛଣ ଇତ୍ୟାଦି । | ମାଘ ପୂଜା କରାଯାଏ। ଏହି ପୂଜାରେ ଜଙ୍ଗଲରୁ ଗଛ କାଟିବା ଆରମ୍ଭ କରନ୍ତି । | ରୋଷେଇ କାର୍ଯ୍ୟରେ ଜାଳେଣୀ କାଠକୁ, ଶାଳ ପତ୍ର ଓ ଶିଆଳୀ ପତ୍ରକୁ ଖାଦ୍ୟ ସେବନରେ ବ୍ୟବହାର କରନ୍ତି । | ମହୁକୁ ଔଷଧ ରୂପେ ବ୍ୟବହାର କରାଯାଏ । ଶିଆଳୀ ଓ ଖଜୁରୀ ଫଳକୁ ଖାଇଥାନ୍ତି । ଝୁଣାପୂଜା କାର୍ଯ୍ୟରେ ବ୍ୟବହାର କରାଯାଏ । | ଶାଳପତ୍ରରେ ତିଆରି ଖଲି ଦନା ବିକ୍ରି ହୁଏ। ଜାଳେଣୀ କାଠ, ମହୁ, ଝାଡୁ ଇତ୍ୟାଦି ବଜାରରେ ବିକ୍ରି ହୁଏ । | ମାଘ ପୂଜା ପୂର୍ବରୁ ଜଙ୍ଗଲରୁ କୌଣସି ଗଛ କଟାଯାଇଥାଏ । |

| ଓଡ଼ିଆ, କିସାନ ଓ ଇଂରାଜୀ ଭାଷାରେ ମାସର ନାମ | "କିସାନ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ | | | | | | |
|---|---|---|---|---|---|---|---|
| | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ ଦେବାଦେବୀ ଓ ପୂଜା | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂଗୃହୀତ ବନଜାତ ଦ୍ରବ୍ୟର ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | | ମୁଖ୍ୟ | ଗୌଣ | | |
| ଫାଲଗୁନ ଫଗୁନ୍ ଫେବୃୟାରୀ-ମାର୍ଚ୍ଚ | ଶାଳପତ୍ର, ଶିଆଳୀପତ୍ର, ଜାଳେଣୀ କାଠ, ଦାନ୍ତକାଠି, ଗୁଅ ବାଉଁଶ, ଲଙ୍ଗଳ, କୁଆଳି ଓ ଲଣ ପାଇଁ କାଠ, ମହୁଲ ଫୁଲ, ଶାଳଫୁଲ, ଆମ୍ବ, କେନ୍ଦୁ ଇତ୍ୟାଦି । | ଝୁଣା, କୁଣ, ଛତା, ଘର ଫଳ, ସରଗି ଫୁଲ ଇତ୍ୟାଦି । | ଦୋଳପୂର୍ଣ୍ଣମୀ ପର୍ବ ପାଳନ କରାଯାଏ । ଏହି ପର୍ବରେ ମହୁଲ ଫୁଲ, ଆମ୍ବ, ବଉଳ ଖାଆନ୍ତି । ଶାଳପତ୍ର କର୍ଣ୍ଣିକିଆ ଥିବା ହେତୁ ତାକୁ ଆଣି ସେଇ ପତ୍ର ଉପରେ ଆରୁଆ ଗୁଉଳହଳଦୀ ମିଶେଇ କି ପୂର୍ବପୁରୁଷଙ୍କୁ ସେମାନେ ପୂଜା କରନ୍ତି । ତାଙ୍କର ଆତ୍ମାର ଶାନ୍ତି ପାଇଁ ସେମାନେ ଏହି ପୂଜା କରନ୍ତି । | ରୋଷେଇ କାର୍ଯ୍ୟରେ ଜାଳେଣିକାଠ ବ୍ୟବହାର କରନ୍ତି । ଶାଳପତ୍ର, ଶିଆଳୀ ପତ୍ରରୁ ଦନା, ଖଲି ତିଆରି କରାଯାଏ। ଲଙ୍ଗଳ, କୁଆଳି ଇତ୍ୟାଦି ଚାଷ କାର୍ଯ୍ୟରେ ବ୍ୟବହାର କରାଯାଏ । ମହୁଲ ଫୁଲକୁ ଖାଆନ୍ତି । ଶାଳଗଛର ପତ୍ର ଉପରେ ଗୁଉଳ, ହଳଦୀ ମିଶେଇ ପୂଜା କରନ୍ତି । | ଝୁଣା ପୂଜା କାର୍ଯ୍ୟରେ ବ୍ୟବହାର କରାଯାଏ । ଘର ଫଳ ଦୋଳପୂର୍ଣ୍ଣମୀ ଦିନ ପିତୃପୁରୁଷଙ୍କ ପାଖରେ ପୂଜା କରାଯାଏ । ସରଗି ଫୁଲ ମଧ ପୂଜା କରାଯାଏ । | ଶାଳପତ୍ରରେ ତିଆରି ଖଲି ଦନା ବିକ୍ରି ହୁଏ। ଜାଳେଣୀ କାଠ, ମହୁ, ଝାଡୁ ଇତ୍ୟାଦି ବଜାରରେ ବିକ୍ରି ହୁଏ । | ଏହି ମାସରେ ମହୁଲ ଫୁଲ ଶାଳ ଫୁଲ ଇତ୍ୟାଦି ସଂଗ୍ରହ କରାଯାଏ । |
| ଚୈତ୍ର ଚଇତ୍ ମାର୍ଚ୍ଚ-ଏପ୍ରିଲ | ଆମ୍ବ, ପଣସ, ଖଜୁରୀ କୋଳି, ତାଳ, ବେଲ, ଶିଆଳି ପତ୍ର, ଜାଳେଣି କାଠ, ଦାନ୍ତକାଠି, ଶାଳପତ୍ର, ମହୁଲ ଫୁଲ । | ଚାରକୋଳି, ଖଟାଶାଗ, ପିତାଶାଗ, ଶାଳମଞ୍ଜି, ଝୁଣା ଇତ୍ୟାଦି । | --- | ଶାଳ ଓ ଶିଆଳୀପତ୍ରରେ ଦନା, ଖଲି ତିଆରି ହୁଏ । ଆମ୍ବ, ପଣସ, ଖଜୁରୀ କୋଳି, ତାଳ, ବେଲ ଖାଇଥାନ୍ତି । ଜଙ୍ଗଲରୁ ସଂଗୃହୀତ କାଠରେ ଆସବାବପତ୍ର ତିଆରି କରାଯାଏ । ମହୁଲ ଫୁଲରୁ ମଦ ଓ ତେଲ ବାହାର କରାଯାଏ । | ଚାରକୋଳି, ଖଟା ଶାଳ ପିତାଶାଗ ଖାଇଥାନ୍ତି । ଶାଳମଞ୍ଜିରୁ ତେଲ ବାହାର କରାଯାଏ । ଝୁଣା ପୂଜା କାର୍ଯ୍ୟରେ ବ୍ୟବହାର କରାଯାଏ । | ମହୁଲ ମଦ ବିକ୍ରି କରାଯାଏ । ମହୁଲ ଓ ଶାଳ ତେଲ ବିକ୍ରି କରାଯାଏ । | ଏହି ମାସରେ ମହୁଲ ଫୁଲ ପ୍ରଚୁର ପରିମାଣରେ ମିଳିଥାଏ । |

# ଶ୍ରମ ସମବାୟ

ଶ୍ରମ ହିଁ ହେଉଛି ଜନଜାତିମାନଙ୍କର ଜୀବନ । ଶ୍ରମ କରୁନଥିବା ଲୋକଙ୍କୁ ସେମାନେ ଆଦୌ ପସନ୍ଦ କରନ୍ତି ନାହିଁ । ତାଙ୍କର ବ୍ୟକ୍ତିଗତ ଜୀବନକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସକାଳୁ ରାତି ପର୍ଯ୍ୟନ୍ତ ସେମାନେ କିଛି ନା କିଛି କର୍ମ କରିଥାନ୍ତି । ଜଣେ ସ୍ତ୍ରୀଲୋକ ଗୃହର ସମସ୍ତ କର୍ମ କରିବା ପରେ ମଧ୍ୟ ବାହାରେ ଅନ୍ୟାନ୍ୟ କର୍ମ କରିଥାଏ । ଆଦିବାସୀମାନେ ସେମାନଙ୍କ ଘର ପାଇଁ ଶ୍ରମଜୀବୀ ବୋହୁଟିଏ ଘରକୁ ଆଣିଥାନ୍ତି । ସେହିପରି ପୁରୁଷମାନେ ମଧ୍ୟ ବିଲବାଡି ଚାଷ କାମ ଇତ୍ୟାଦି କରିଥାଆନ୍ତି । ସେମାନଙ୍କ ବ୍ୟକ୍ତିଗତ କଥା ଅନୁଧ୍ୟାନ କଲେ ଦେଖାଯାଇଥାଏ ଯେ କିସାନ୍(କୁଣ୍ହାଁ)ମାନଙ୍କ ମଧ୍ୟରେ ଏକତା ମନୋଭାବ, ଉତ୍ତମ ବୁଝାମଣା, ବନ୍ଧୁଭାବ ଓ ଲୋକମାନଙ୍କ ସହ ସୁସଂପର୍କ ପ୍ରତିଷ୍ଠା ହୋଇଥାଏ । ଫଂଳରେ ଅନେକ କାମକୁ ସେମାନେ ମିଳିମିଶି କରିଥାନ୍ତି । ଘରକାମଠାରୁ ଆରମ୍ଭ କରି ଚାଷବାସ, ପଶୁପାଳନ ଇତ୍ୟାଦିରେ ପରସ୍ପର ସହ ମିଳିମିଶି କାମ କରିଥାଆନ୍ତି ଓ ଜଣକ କାମ ମଧ୍ୟ ଅନ୍ୟମାନେ ମିଶି କରିଥାନ୍ତି । ମିଳିମିଶି କାମ କଲେ କାର୍ଯ୍ୟ ସହଜ ଓ ସୁବିଧାରେ ହୋଇଯାଇଥାଏ ବୋଲି ସେମାନଙ୍କର ବିଶ୍ୱାସ । ସହଯୋଗୀ ଶ୍ରମ କରିବା ବଦଳରେ ସେମାନଙ୍କୁ ମଧ୍ୟ ଅନେକ ସମୟରେ କିଛି ଅର୍ଥ ଓ ଖାଇବାକୁ ମିଳିଥାଏ । ଏହିଭଳି କାମ କରିବା ଦ୍ୱାରା ସେମାନଙ୍କ ମଧ୍ୟରେ ସହଯୋଗ କରିବାର ମନୋବୃତ୍ତି ବଢିଯାଏ, ସୁସମ୍ପର୍କ ପ୍ରତିଷ୍ଠା ହୁଏ । ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇଥାଏ । କୌଣସି ଲୋକ ସହିତ ନିକଟତର ହେବା ଇତ୍ୟାଦି ସୃଷ୍ଟି ହୋଇଥାଏ । ଏହାଛଡା ସହଯୋଗୀ ଶ୍ରମ ଦ୍ୱାରା ବିଭିନ୍ନ କାର୍ଯ୍ୟ ଓ ଦୈନନ୍ଦିନ ଜୀବନ ଚକ୍ରର ସ୍ୱତନ୍ତ୍ର ଘଟଣା ଯଥା- ଛୁଟିକିଆ, ମୃତିକିଆ, ବିବାହ, ପୂଜାପାଠ ଇତ୍ୟାଦି କାର୍ଯ୍ୟରେ ସହଯୋଗ କରିବା, ଘର ଛପର କରିବା, ଜଙ୍ଗଲରୁ ଘର ତିଆରି ପାଇଁ କାଠ ବାଉଁଶ ଆଦି ଦ୍ରବ୍ୟ ସଂଗ୍ରହ କରିଆଣି ଦେବା ଇତ୍ୟାଦି ସଂପାଦନା କରାଯାଏ । ଅର୍ଥନୈତିକ ଜୀବନରୁ ସହଯୋଗୀ ଶ୍ରମ ସୃଷ୍ଟି ହୋଇଥାଏ । ଏତଦ୍ ବ୍ୟତୀତ ବନ୍ଧୁବାନ୍ଧବ ଭିତରେ ମଧ୍ୟ ସେମାନେ କାମରେ ସହଯୋଗ କରିଥାନ୍ତି, ଯେପରି ଜଣେ ବନ୍ଧୁର ଆଗେ ଧାନ କଟାହେଲେ ସେ ତାକୁ ଯାଇ ସହଯୋଗ କରିବା । ଯେଉଁ ବନ୍ଧୁ ସାହାଯ୍ୟ କରିଥିବ, ତାର କାମ ବେଳେ ସେ ସାହାଯ୍ୟ କରିଥିବା ବନ୍ଧୁ ତାକୁ ସାହାଯ୍ୟ କରିଥାଏ । ତେଣୁ ନିଜ ନିଜର କର୍ମକୁ ସହଜ ଓ ସରଳ କରିବା ପାଇଁ ଶ୍ରମ ସମବାୟ ଗଠନ କରାଯାଇଥାଏ ।

## କିସାନ୍‌ଙ୍କ ଦୃଷ୍ଟିରେ ଶ୍ରମ ସମବାୟ:

ସାଧାରଣତଃ ଏକାଧିକ ପରିବାରର ସଦସ୍ୟମାନେ ମିଳିମିଶି ଏକତ୍ର ହୋଇ ଗୋଟିଏ କାର୍ଯ୍ୟ ସମାପନ କରିବାକୁ ସହଯୋଗୀ ଶ୍ରମ କୁହାଯାଏ । ଋଷ କାର୍ଯ୍ୟ କରି ଶସ୍ୟ ଉତ୍ପନ୍ନ କରିବା, ପଶୁପାଳନ କରିବା ଆଦି ଉତ୍ପାଦନ କାର୍ଯ୍ୟକୁ ବୁଝାଇଥାଏ । କିସାନ୍‌ମାନେ ସହଯୋଗୀ ଶ୍ରମ କହିଲେ ବୁଝନ୍ତି ଯେ ଏକାଧିକ ପରିବାରର ସଦସ୍ୟମାନେ କୌଣସି କାର୍ଯ୍ୟରେ କୌଣସି ବ୍ୟକ୍ତିକୁ ଶ୍ରମଦାନ କଲେ ତାକୁ ସହଯୋଗୀ ଶ୍ରମ କୁହାଯାଏ । ଶ୍ରମ ପ୍ରତିବଦଳରେ ପୋଷାକ, ଅତିଥି କର୍ମୀମାନଙ୍କୁ ଖାଦ୍ୟପାନୀୟ, ସାମାନ୍ୟ ପାରିଶ୍ରମିକ କିମ୍ବା ଉଭୟ ଖାଦ୍ୟପାନୀୟ ଓ ପାରିଶ୍ରମିକ ଦିଆଯାଇଥାଏ ଏବଂ ଅନ୍ୟ ସମୟରେ କୌଣସି ପ୍ରକାର ଖାଦ୍ୟପଦାର୍ଥ ଓ ପାରିଶ୍ରମିକ ଦେବାର ବ୍ୟବସ୍ଥା ମଧ୍ୟ ନଥାଇ ପାରେ । ଶ୍ରମୀମାନେ ନିଜନିଜର ଖାଦ୍ୟ ଖାଇ କାର୍ଯ୍ୟ ପାଇଁ ବିନା ମୂଲ୍ୟରେ କାର୍ଯ୍ୟ କରିଥାଆନ୍ତି । ସେମାନଙ୍କ ମତରେ ଏକ ବା ଏକାଧିକ ବ୍ୟକ୍ତି ମିଳିତ ଭାବରେ ଏକ ବା ଏକାଧିକ ବ୍ୟକ୍ତିର ଉନ୍ନତି ବା ଉପକାର ନିମନ୍ତେ କୌଣସି କାର୍ଯ୍ୟ କଲେ ତାକୁ ସହଯୋଗୀ ଶ୍ରମ ହିସାବରେ ବିବେଚନା କରାଯାଇଛି ।

## ଶ୍ରମ ସମବାୟର ବିବିଧତା :

କିସାନ(କୁଣହାଁ)ଲୋକମାନେ ନିଜ ନିଜର କାମକୁ ସହଜ ଓ ସୁବିଧାରେ କରିବା ପାଇଁ ଶ୍ରମ ସମବାୟ ଗଠନ କରିଥାନ୍ତି । ଏହାକୁ "ପାଞ୍ଚା" କୁହାଯାଏ । ଏଥିରେ ଗୁଡିଏ ସଦସ୍ୟ ରହନ୍ତି । ସପ୍ତାହକୁ ୧ଥର ବା ୨ ଥର କାମ କରାଯାଏ । ସାଧାରଣତଃ ଧନୀ କିସାନ(କୁଣହାଁ)ମାନେ ଅଧିକ ପରିମାଣରେ ଋଷଜମି ଋଷ କରିଥାଆନ୍ତି । ତେଣୁ ସେମାନଙ୍କର ଅଧିକ ପରିମାଣରେ ଶ୍ରମ ଆବଶ୍ୟକ ହୋଇଥାଏ । ଉଦାହରଣ ସ୍ୱରୂପ ଜଣେ ଲୋକର ଧାନ କାଟିବାର ଥିଲେ ସେ ଗୋଟିଏ ପାଞ୍ଚା କରେ । ଏହି ପାଞ୍ଚାରେ ସମସ୍ତ ସଦସ୍ୟ ତାର କାମ କରନ୍ତି । ଏହି କାମ ପାଇଁ ସେ ସେମାନଙ୍କୁ କିଛି ଖାଦ୍ୟ ବା ପାନୀୟ (ହାଣ୍ଡିଆ ବା ଝାଗା) ଦେଇଥାଏ ଏବଂ ପାଞ୍ଚାର ପାଣ୍ଠି ବାବଦକୁ କିଛି ଅର୍ଥ ମଧ୍ୟ ଦେଇଥାଏ ।

ସହଯୋଗୀ ଶ୍ରମ ଦ୍ୱାରା ବିଭିନ୍ନ ପ୍ରକାର କାର୍ଯ୍ୟ ସମ୍ପାଦନ କରାଯାଇପାରେ । ଏହା ଦ୍ୱାରା ବିଭିନ୍ନ ପ୍ରକାର କାମ ଯଥା ଜମି ସଫା କରିବା ପାଇଁ ଛୋଟ ଗଛ କାଟିବା,

ଘର ଛପର କରିବା ଇତ୍ୟାଦି କାମ ସହଯୋଗୀ ଶ୍ରମ ଦ୍ୱାରା ଖୁବ୍ ଶୀଘ୍ର ଶେଷ କରାଯାଏ । କେତେକ କାମ ସହଯୋଗୀ ଶ୍ରମ ଦ୍ୱାରା ମାଗଣାରେ ମଧ୍ୟ କରାଯିବା ବେଳେ କେତେକ କାମ ପାଇଁ ସେମାନେ ମଧ୍ୟ ପାରିଶ୍ରମିକ ଆଣନ୍ତି । ଏହା ଛଡା ବନ୍ଧୁବନ୍ଧୁ ଭିତରେ ମଧ୍ୟ ସେମାନେ କାମରେ ସହଯୋଗ କରନ୍ତି ।

କିସାନମାନେ ସହଯୋଗୀ ଶ୍ରମ ସମବାୟ ମୁଖ୍ୟତଃ ଚାଷକାର୍ଯ୍ୟ ସାଧନ ପାଇଁ କରିଥାନ୍ତି । ଏଥିପାଇଁ ପ୍ରଥମେ ଯେଉଁ ଲୋକର ସାହାଯ୍ୟ ଦରକାର ସେ ଗ୍ରାମର ସବୁ ପରିବାର ମୁଖ୍ୟମାନଙ୍କୁ ଡକାଇ ଏକ ସଭା କରିଥାଏ । ସେହି ସଭାରେ ସେ ସମସ୍ତଙ୍କୁ ଏହି ବିଷୟରେ କହିବା ପରେ ପ୍ରତି ପରିବାରରୁ ଅତି କମ୍‌ରେ ଜଣେ ତାକୁ ତା କାମରେ ସହଯୋଗ କରିବ ବୋଲି କୁହାଯାଏ । ଏହି କାମ ସ୍ତ୍ରୀ କିମ୍ବା ପୁରୁଷ ଉଭୟଙ୍କ ଦ୍ୱାରା ସମ୍ପାଦିତ ହୋଇପାରିବ । କିନ୍ତୁ ହଳ କରିବା ବା ଗଛ କାଟି ସଫା କରିବା ଏହିଭଳି କାମ କେବଳ ପୁରୁଷମାନେ କରିଥାନ୍ତି । ଯେଉଁ ଲୋକର କାମ ସହଯୋଗୀ ଶ୍ରମ ଦ୍ୱାରା ସମ୍ପାଦନ କରାଯାଇଥାଏ ସେହି ଲୋକ ସମସ୍ତଙ୍କୁ ଭୋଜି ଦେଇଥାଏ । ପୂଜାପାଠ ଅବସରରେ ଭୋଜି, କନ୍ୟା ଆଣିବା ପାଇଁ ଭୋଜି ଓ ବିବାହ ଭୋଜି ଅବସରରେ ଗ୍ରାମବାସୀଙ୍କୁ କିଛି ଖାଇବାକୁ ଦିଆଯାଇଥାଏ ।

ଅଭାବ ଅସୁବିଧା ସମୟରେ ନିର୍ବାଚିତ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି କାର୍ଯ୍ୟ ସମ୍ପାଦନ କରିବାରେ ସାହାଯ୍ୟ କରନ୍ତି । ଯଦି ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ କୌଣସି ବ୍ୟକ୍ତିର କାମ ମୁଖ୍ୟତଃ ଚାଷକାମ ବାକି ରହିଯାଏ ତେବେ କାମସାରି ଦେଇଥିବା ଓ କାମ ସରି ନଥିବା ବ୍ୟକ୍ତିକୁ ସାହାଯ୍ୟ ଚାହୁଁଥିବା ବ୍ୟକ୍ତିମାନେ ଏକ ବିଚାର କରିଥାନ୍ତି । କାର୍ଯ୍ୟ ନସରିଥିବା ବ୍ୟକ୍ତିକୁ ବିଭିନ୍ନ କାର୍ଯ୍ୟରେ ସହଯୋଗ କରନ୍ତି । ଏହା ବଦଳରେ ଭୋଜି ଓ ହାଣ୍ଡିଆ ପିଇବାକୁ ଦେଇଥାନ୍ତି । ଯେ କୌଣସି ଲୋକ କାର୍ଯ୍ୟକୁ ଶେଷ କରିବା ପାଇଁ କୌଣସି ବ୍ୟକ୍ତିଙ୍କୁ ମଜୁରୀ ଦେଇ କାମ ପାଇଁ ଡାକିପାରେ । ବିବାହ ସମୟରେ (ବେଙ୍ଗା) ଜଣଙ୍କ କାମ ପାଇଁ ଅନ୍ୟ ପରିବାରରୁ କେତେଜଣ ଲୋକଙ୍କୁ ମନୋନୀତ କରାଯାଇଥାଏ ଏବଂ ସେହି ମନୋନୀତ ବ୍ୟକ୍ତିମାନେ ଆସି ତାଙ୍କର କାର୍ଯ୍ୟ କରିଥାନ୍ତି । ଯଥା - (୧) ରୋଷେଇ ଦାୟିତ୍ୱ କିଛି ଲୋକଙ୍କୁ ଦିଆଯାଉଥିଲା, (୨) ବରାତ ଯିବା ପାଇଁ କିଛି ଲୋକ, (୩) ବରଯାତ୍ରୀଙ୍କୁ ପାଛୋଟି ଆଣିବା । ଏହା କରିବା ପରେ ତାଙ୍କୁ ପାରିଶ୍ରମିକ ହିସାବରେ ଦୁଇ ସେର ଧାନ ଦେଉଥିଲେ ।

ଚାଷକାମ ବ୍ୟତୀତ ଅନ୍ୟାନ୍ୟ କେତେକ କାର୍ଯ୍ୟରେ ମଧ୍ୟ ନିର୍ବାଚିତ ପରିବାରରୁ ବ୍ୟକ୍ତିମାନେ କାର୍ଯ୍ୟ କରିଥାନ୍ତି । କୌଣସି ବ୍ୟକ୍ତି ପାଇଁ କନ୍ୟା ମାଗିବାକୁ ଯିବା, ଗର୍ଭବତୀ ସ୍ତ୍ରୀ ପ୍ରସବ କଲାବେଳେ ସାହାଯ୍ୟ କରିବା, ଘର ଛପର କରିବା, ଗୃହ ନିର୍ମାଣ କରିବା ଇତ୍ୟାଦି କାର୍ଯ୍ୟମାନ କେତେକ ନିର୍ବାଚିତ ପରିବାରର ବ୍ୟକ୍ତିମାନଙ୍କ ଦ୍ୱାରା ସହଯୋଗୀ ଶ୍ରମ ଦ୍ୱାରା ସମ୍ପାଦନ କରାଯାଇଥାଏ ।

ବଂଶରେ କୌଣସି ବ୍ୟକ୍ତି ମାଲିକଠାରୁ କରଜ ଆଣିଥିଲେ ତାର ପରିଶୋଦ ପାଇଁ ତାକୁ ଗୋତି ଖଟିବାକୁ ପଡେ । ଏହା ବଂଶାନୁକ୍ରମିକ ଅଟେ । ଏହି ଗୋତିପ୍ରଥା କିସାନ ସମାଜରେ ଦେଖିବାକୁ ମିଳେ । ବାପାର କରଜକୁ ପୁଅକୁ ହିଁ ଶୁଝିବାକୁ ପଡିଥାଏ । ତେଣୁ ଏହି ପ୍ରକାର କାର୍ଯ୍ୟ ବଂଶାନୁଭିତ୍ତିକ ହୋଇଥାଏ । ଏଥିରେ କୌଣସି ପାରିଶ୍ରମିକ ମିଳିନଥାଏ । ପ୍ରତି କିସାନ(କୁଣ୍ହାଁ) ଗ୍ରାମରେ କେତେଜଣ ଲୋକଙ୍କୁ ଗୋଟିଏ ଗୋଟିଏ ଦାୟିତ୍ୱ ଦିଆଯାଇଥାଏ ଏବଂ ସେହି କାମକୁ ସେମାନେ ବଂଶାନୁକ୍ରମେ କରିଥାନ୍ତି । ଯଥା-

**କାଲୋ:** ଏ ଜଣେ ବିଶିଷ୍ଟ ବ୍ୟକ୍ତି । ତାଙ୍କୁ ବଚ୍ଛା ଯାଇଥାଏ କେତେଗୁଡିଏ ନିର୍ଦ୍ଦିଷ୍ଟ କାମ କରିବା ପାଇଁ ଏବଂ ଏହି କାମକୁ ସେମାନେ ବଂଶାନୁକ୍ରମରେ କରିଥାଆନ୍ତି । ବିବାହ କାର୍ଯ୍ୟ ଗ୍ରାମର ପୂଜା ଆଦି କାଲୋ (ଦେହୁରୀ)ମାନେ ବଂଶାନୁକ୍ରମରେ କରିଥାନ୍ତି ।

**ବାରିହା (ଯେଉଁଲୋକ ଜାତି କରିଥାଏ):** ଏମାନେ ମଧ୍ୟ ବଂଶାନୁକ୍ରମରେ ଶ୍ରମଦାନ କରନ୍ତି । କିସାନ(କୁଣ୍ହାଁ) ସମାଜରେ ଅନ୍ୟ ଜାତିର କୌଣସି ଝିଅକୁ ବାହା ହେଲେ ସେହି ପରିବାରକୁ "ଜାତି" କରିବାକୁ ପଡେ ଏବଂ ଏହି କାମ ବାରିହାମାନେ କରନ୍ତି ।

ଜଣେ ଲୋକର କାମ ଅଧିକ ଥିଲେ ସେ ଗ୍ରାମର କେତେକ ଲୋକଙ୍କୁ ସେହି କାମରେ ନିଯୁକ୍ତ କରିଥାନ୍ତି ଏବଂ ଏହାକୁ ଠିକା ମାଧ୍ୟମରେ କରାଇଥାନ୍ତି । ତା ପାଇଁ ନିର୍ଦ୍ଦିଷ୍ଟ ପରିମାଣର ପାରିଶ୍ରମିକ ମଧ୍ୟ ସ୍ଥିର କରିଥାଆନ୍ତି । କିସାନମାନେ ଠିକା ଭିତ୍ତିରେ ଅନେକ କାମ କରିଥାଆନ୍ତି । କିସାନ ଗ୍ରାମରେ ରହୁଥିବା ଅଲଗା ଗୋଷ୍ଠୀର ଲୋକମାନେ ସେମାନଙ୍କ କାମକୁ ଶୀଘ୍ର କରିବା ପାଇଁ ଠିକା ଭିତ୍ତିରେ କାମ କରିଥାନ୍ତି । ଏବେ ରାସ୍ତାଘାଟ ତିଆରି ବେଳେ, ମାଟି ହାଣିଲା ବେଳେ, ପୋଲ ତିଆରି ବେଳେ ସେମାନେ ଠିକା ଭିତ୍ତିରେ କାମ କରୁଛନ୍ତି । ସେଥିପାଇଁ ସେମାନଙ୍କୁ ଆଗୁଆ କିଛି ଟଙ୍କା ଦେଇଥାନ୍ତି ।

କାମ ସରିଲା ପରେ ସମସ୍ତ ପାରିଶ୍ରମିକ ମୂଲ୍ୟ ଦେଇଥାନ୍ତି । ଗ୍ରାମର ୧୦/୧୨ ଜଣ ଲୋକ ମଧ୍ୟ ଠିକା କାମ କରିବା ପାଇଁ ବାହାରକୁ ପଳାଇଯାଆନ୍ତି । ସେମାନେ କଷ୍ଟସାଧ୍ୟ କାମକୁ ଗୋଷ୍ଠୀଗତ ଭାବରେ କରିଥାନ୍ତି । ସେମାନେ ଠିକାଭିତ୍ତିରେ କାମ କରିସାରିଲା ପରେ ନିଜ ଭିତରେ ସବୁ ପଇସାକୁ ଭାଗ କରିଦିଅନ୍ତି ।

ସେମାନେ ଆଉ କେତେକ କାର୍ଯ୍ୟ ପାଇଁ ସହଯୋଗୀ ଶ୍ରମ କରିଥାନ୍ତି । ସେଗୁଡିକ ତଳେ ଦିଆଗଲା ।

**ବିବାହ ପାଇଁ ସହଯୋଗୀ ଶ୍ରମ (ସମସ୍ତେ ସମସ୍ତଙ୍କ ପାଇଁ ଶ୍ରମଦାନ):** ଗାଁ (ପାଡା) ମଧ୍ୟରେ କୌଣସି ପରିବାର ମଧ୍ୟରେ ବିବାହ ପର୍ବ ଅନୁଷ୍ଠିତ ହେଲେ ଗାଁର ଯୁବଗୋଷ୍ଠୀ ତାକୁ ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରିଥାନ୍ତି । ଝିଅମାନେ ଦଳ ହୋଇ ଜଙ୍ଗଲରୁ ପତ୍ର ସଂଗ୍ରହ କରି ଆଣି ଖଲି, ଦନା ପ୍ରସ୍ତୁତ କରିଥାନ୍ତି । ଘରଦ୍ୱାର ଲିପାପୋଛା କରିଥାନ୍ତି । ବିବାହ ସମୟରେ ସେଠାରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ କରିଥାନ୍ତି ।

**ମୃତକାର୍ଯ୍ୟ ସମୟରେ ସହଯୋଗୀ ଶ୍ରମ:** ଗ୍ରାମରେ (ପାଡାନ୍ଁ) କାହାରି ମୃତ୍ୟୁ ହେଲେ ଗ୍ରାମର ସମସ୍ତ ଲୋକ ଆସି ତାର ଶବ (ମାଡା) ନେଇ ମଶାଣୀ(ମାଁଶଣାଁ)ରେ ପୋତି ଦେଇଥାନ୍ତି । ଆହୁରି ମଧ୍ୟ କିଏ ରୋଗ (ବେମାର)ରେ ପଡିଥିଲେ ତାଙ୍କୁ ସମସ୍ତେ କିଛି କିଛି ଶ୍ରମଦାନ କରି ସହଯୋଗ କରିଥାନ୍ତି ।

**ପଶୁପାଳନରେ ସହଯୋଗୀ ଶ୍ରମ:** ଗାଁରେ ସେମାନେ ଗୃହପାଳିତ ପଶୁ ହିସାବରେ ଗାଈଗୋରୁ, ମେଣ୍ଢା, ମଇଁଷି, ଛେଳି ଇତ୍ୟାଦି ରଖିଥାନ୍ତି । ଯଦିଓ ସେମାନେ ବର୍ଷସାରା ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହିଥାନ୍ତି ସେଥିପାଇଁ ସେମାନେ ଗୃହପାଳିତ ପଶୁକୁ ଚରାଇବା ପାଇଁ ଗୋଟିଏ ସଭା ଡକାଇଥାନ୍ତି । ସେହି ସଭାରେ କିଛି ଲୋକ ମନୋନୀତ ହୋଇଥାନ୍ତି । ସେହି ଲୋକମାନେ ଗାଈଗୋରୁଙ୍କୁ ଜଗିବା ପାଇଁ ୨/୩ ଜଣ ବଛା ହୋଇଥାନ୍ତି । କିଛି ଲୋକଙ୍କ ମଧ୍ୟରେ ସହଯୋଗ ମନୋଭାବ ବୃଦ୍ଧି ପାଇଥାଏ । ମହିଳାମାନେ କୁକୁଡା, ଘୁଷୁରୀ ଓ ଛେଳି ପ୍ରଭୃତିର ଯତ୍ନ ନିଅନ୍ତି ।

**ଗୃହ ତିଆରିରେ ଶ୍ରମ ସମବାୟ:** ପୁରୁଷମାନେ ଜଙ୍ଗଲରୁ କାଠ ବାଉଁଶ ସଂଗ୍ରହ କରନ୍ତି । ଘର ତିଆରି ଓ ଛପର କରିଥାନ୍ତି । ମହିଳାମାନେ କେବଳ ଘରର କାନ୍ଥ ଓ ଚଟାଣକୁ ମାଟି ଲିପିଥାନ୍ତ । ଧନୀଲୋକର ଘର ତିଆରି ହେଲେ ଲୋକମାନେ ଠିକା ଭିତ୍ତିରେ କାର୍ଯ୍ୟ କରିଥାନ୍ତି ।

**ଶିକାର ପାଇଁ ସହଯୋଗୀ ଶ୍ରମ:** ଶିକାର କରିବାକୁ ଗଲାବେଳେ ସେମାନେ ବେଳେବେଳେ ଏକୁଟିଆ ଯାଆନ୍ତି । କିନ୍ତୁ ବଡ ଶିକାର କରିବାକୁ ଗଲାବେଳେ ସେମାନେ ୪/୫ ଜଣ ଯାଇଥାନ୍ତି । ଯଥା କାଠ ହାଣିବାକୁ ଗଲେ ସେମାନେ ପ୍ରାୟ ୨/୩ ଜଣ ସାଙ୍ଗ ହୋଇ ଯାଇଥାନ୍ତି । କିନ୍ତୁ ଶିକାର କରିବାକୁ ଗଲେ ସେମାନେ ଗୋଷ୍ଠୀବଦ୍ଧ ହୋଇ ଶିକାର କରିଥାନ୍ତି । ଯାହା ଶିକାର ହୁଏ ତାହା ସମସ୍ତେ ବାଣ୍ଟି ନେଇଥାନ୍ତି ।

**ସମବାୟ ଶ୍ରମ ପ୍ରତିବଦଳରେ ପ୍ରାପ୍ୟ ପ୍ରଦାନ:** ଶ୍ରମ ସମବାୟ (ପାଞ୍ଚା) ପ୍ରତିବଦଳରେ ନିଶ୍ଚିତ ଭାବରେ ପ୍ରାପ୍ୟ ରଖାଯାଇଥାଏ । ତାହା ହେଉଛି ପ୍ରତ୍ୟେକ ସଦସ୍ୟଙ୍କୁ ମାଣ୍ଡି ଓ ଡାଆଲି ଦିଆଯାଏ । ଏହା ସହିତ ପାଞ୍ଚାର ପାଣ୍ଠି ବୃଦ୍ଧି ପାଇଁ କିଛି ଅର୍ଥଦାନ କରାଯାଏ । ଏହି ଅର୍ଥ ସ୍ଥଳବିଶେଷରେ ୧୦ ରୁ ୨୦ ଟଙ୍କା (ରୁପୟା) ମଧ୍ୟରେ ହୋଇଥାଏ । ବିଭିନ୍ନ ପ୍ରକାର ଶ୍ରମ ପାଇଁ ବିଭିନ୍ନ ପ୍ରକାର ପ୍ରାପ୍ୟ ପ୍ରଦାନ କରାଯାଇଥାଏ । ବିଭିନ୍ନ ଶ୍ରମରେ ଖାଦ୍ୟ ଖାଇବାର ବ୍ୟବସ୍ଥା ଥାଏ । କେତେକ ସମବାୟ ଶ୍ରମରେ ହାଣ୍ଡିଆ ବା ପାନୀୟ ବ୍ୟବସ୍ଥା ଥାଏ । ଆଉ କେତେକ ଶ୍ରମ ପାଇଁ ଉପହାର ହିସାବରେ ଧାନ ଇତ୍ୟାଦି ଦିଆଯାଇଥିବା ବେଳେ ଆଉ କେତେକ ଶ୍ରମ ପାଇଁ ମଜୁରୀ ଦିଆଯାଇଥାଏ ।

**ଶ୍ରମ ସମବାୟ ଓ ପାରିଶ୍ରମିକ :**

ଶ୍ରମ ସମବାୟ ପାଇଁ କୌଣସି ପ୍ରତିଦ୍ୱନ୍ଦିତା, କର୍ମକର୍ମାଣୀ ମଧ୍ୟ ଅନୁଷ୍ଠିତ ହୋଇନଥାଏ । ଏଥିରେ ଉପହାର ଓ ପୁରସ୍କାର ବେଶୀ ନଥାଏ । କିନ୍ତୁ ଶ୍ରମ ସମବାୟ କହିଲେ ଜଣେ ବନ୍ଧୁ ଆଉ ଜଣେ ବନ୍ଧୁ ପାଇଁ ଶ୍ରମ ଦେଇଥାଏ । ଏହାର ପ୍ରତିବଦଳରେ ସେମାନଙ୍କୁ ଉପହାର ସ୍ୱରୁପ କିଛି ଧାନ ଓ ଅନ୍ୟ ଶସ୍ୟ ଦେଇଥାନ୍ତି ଓ କାମ କରାଉଥିବା ଲୋକ ଭୋଜି ଇତ୍ୟାଦି ଦେଇଥାଏ । ଏହି ଭୋଜିରେ ମାଂସ ଓ ପାନୀୟ ବ୍ୟବସ୍ଥା ଥାଏ ।

ଅନେକ ସ୍ଥାନରେ ମାଗଣା ଶ୍ରମ ସମବାୟ ବ୍ୟବସ୍ଥା ରହିଛି । ଏହାକୁ "ମାଦେତ" କୁହାଯାଏ । ଏଥିରେ ଶ୍ରମଦାତାମାନେ କୌଣସି ପ୍ରାପ୍ୟ ଦାବି କରନ୍ତି ନାହିଁ । ଚାଷକାମ ଚାଲିଥିବା ବେଳେ ସେମାନେ ତାର ବିଲରେ କାମ କରିଥାନ୍ତି ଏବଂ ଘରେ ମଧ୍ୟ ତା ଘରଦ୍ୱାର ଲିପି ଦିଅନ୍ତି । ଏହି କାମ ବଦଳରେ ସେମାନେ କିଛି ମାଗି ନଥାନ୍ତି କିନ୍ତୁ ଭୋଜି ହୋଇଥାଏ ।

କିସାନ(କୁଣହାଁ) ମାନଙ୍କର ଶ୍ରମ ସମବାୟ ମୁଖ୍ୟତଃ ଚାଷକାମ ଉପରେ ନିର୍ଭର କରେ । ଆଦିବାସୀମାନେ ସହଯୋଗୀ ଶ୍ରମରେ ଭାଗନେବା ପାଇଁ ସର୍ବଦା ଚେଷ୍ଟିତ ।

ସେମାନେ ଭାବନ୍ତି ଯେ ସହଯୋଗୀ ଶ୍ରମଦ୍ୱାରା ଅସାଧ୍ୟକୁ ସାଧନ କରାଯାଇପାରେ, ଅଧିକ ଉତ୍ପାଦନ କରାଯାଇପାରେ ଓ ସମସ୍ତଙ୍କ କାମକୁ ଶୀଘ୍ର ଶେଷ କରାଯାଇପାରେ । ସହଯୋଗୀ ଶ୍ରମ ପାଇଁ କେବଳ ଯେ ପାରିଶ୍ରମିକ ମିଳେ ତାହା ନୁହେଁ ବରଂ ଅନେକାଂଶରେ କେବଳ ଖାଦ୍ୟ ଓ ପାନୀୟର ଆୟୋଜନ କରାଯାଇଥାଏ କିନ୍ତୁ ପାରିଶ୍ରମିକ ଦିଆଯାଏ ନାହିଁ । ସହଯୋଗୀ ଶ୍ରମ ଦ୍ୱାରା ଗୋଟିଏ କାର୍ଯ୍ୟରେ କମ୍ ଲୋକ ନିଯୁକ୍ତ ହୋଇ ଅଧିକ ଉତ୍ପାଦନ ହୋଇଥାଏ । ଜିନିଷକୁ ମଧ୍ୟ ନଷ୍ଟ ହେବାରୁ ରକ୍ଷା କରାଯାଇପାରେ । ଏହାଦ୍ୱାରା ପରସ୍ପର ମଧ୍ୟରେ ବନ୍ଧୁଭାବ, ଭ୍ରାତୃଭାବ, ଉତ୍ତମ ସଂପର୍କ ଗଠନ ହୁଏ ଓ ସମସ୍ତଙ୍କ ମନରେ ଏକତା ଭାବ ଜାଗ୍ରତ ହୋଇଥାଏ । ଏହାଦ୍ୱାରା ମଧ୍ୟ ସମସ୍ତେ ମିଳିତ ଭାବରେ କାମ କରିବା ଦ୍ୱାରା ଅନ୍ୟଠାରୁ ଦକ୍ଷତା କୌଶଳ ଶିଖିବାର ସୁଯୋଗ ମିଳିଥାଏ । ଏହା ଫଂଳରେ କାମର କଷ୍ଟ ଜଣା ପଡିନଥାଏ । ଏହା କରିବା ଦ୍ୱାରା ସେମାନଙ୍କର ଅସୁବିଧାବେଳେ ସେମାନଙ୍କୁ ଅର୍ଥ ଓ ଶ୍ରମ ଯୋଗାଇଥାଏ । ବାହାଘର, ଚୁଟିକିଆ, ମୃତିକିଆ ଇତ୍ୟାଦି କାର୍ଯ୍ୟ ସହଯୋଗୀ ଶ୍ରମ ଦ୍ୱାରା ସହଜ ହୋଇଥାଏ । ଏଥିରୁ ପ୍ରମାଣିତ ହୁଏ ଯେ ସମସ୍ତେ ସମସ୍ତଙ୍କ ପାଇଁ କାମ କରିବା ଦରକାର ।

### ବର୍ତ୍ତମାନର ଶ୍ରମ ସମବାୟ ପଦ୍ଧତି:

ଆଧୁନିକ ସଭ୍ୟତାର ପ୍ରଭାବ ପରେ ମଧ୍ୟ ଆଜି ବି ଏହି ସମାଜରେ ସହଯୋଗୀ ଶ୍ରମ ବ୍ୟବସ୍ଥା ରହିଛି । ପାରମ୍ପରିକ କାଳରୁ ସହଯୋଗୀ ଶ୍ରମ ଦ୍ୱାରା ଧାନଚାଷ କାମ, ଜଙ୍ଗଲରୁ କାଠ, ବାଉଁଶ ସଂଗ୍ରହ କରିବା, ଗୃହ ନିର୍ମାଣ କାର୍ଯ୍ୟ ଓ ପଶୁପାଳନ କାର୍ଯ୍ୟ କରାଯାଉଛି । ଜନ୍ମୋତ୍ସବରେ, ବିବାହ ଓ ମୃତ୍ୟୁ ପାଇଁ ଭୋଜି ପ୍ରସ୍ତୁତି ବେଳେ ମଧ୍ୟ ଅନେକ ଲୋକ ସହଯୋଗୀ ଶ୍ରମ ଦ୍ୱାରା କୌଣସି ବ୍ୟକ୍ତିଙ୍କୁ ସାହାଯ୍ୟ କରିଥାନ୍ତି । କିସାନ ସମାଜରେ ବର୍ତ୍ତମାନ ମଧ୍ୟ "ପାଞ୍ଚା" ବ୍ୟବସ୍ଥା ରହିଅଛି । "ମାଦେତ" ବ୍ୟବସ୍ଥା ମଧ୍ୟ ରହିଅଛି । ପୁଣି ଆଜିକାଲି ଅଳ୍ପ ବହୁତ ଶିକ୍ଷିତ ହେଲାପରେ କିସାନ ଗ୍ରାମ ଗୁଡିକରେ ପିଲାମାନେ (ହାଦ୍‌ଦାର) ମଧ୍ୟ ପାଞ୍ଚା ଗଠନ କରୁଛନ୍ତି । ସେମାନେ କୌଣସି ପ୍ରକାର ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ମାତ୍ର ତାଙ୍କ ପାଣ୍ଠି ପାଇଁ ୧୦ ରୁ ୫୦ ଟଙ୍କା (ପାଞ୍ଚାର ସଦସ୍ୟ ସଂଖ୍ୟା ଅନୁପାତରେ) ନେଇଥାନ୍ତି ।

ଯୁଗର ପରିବର୍ତ୍ତନ ସହିତ ଏହି ସମାଜର ଶ୍ରମ ସମବାୟ ବ୍ୟବସ୍ଥାରେ ବହୁଳ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଆଗେ ଅବିବାହିତ ଯୁବଯୁବତୀମାନେ ଗ୍ରାମ ପାଇଁ

ମିଳିମିଶି ବହୁତ କାମ କରୁଥିଲେ ମାତ୍ର ଏବେ ସେ ସବୁରେ ପରିବର୍ତ୍ତନ ଘଟିଲାଣି । ସେମାନେ ଏବେ ବେଶୀ ସାମୁହିକ କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଆଗେ ଗ୍ରାମର ସମସ୍ତ ବ୍ୟକ୍ତି ମିଳିମିଶି ସହଯୋଗୀ ଶ୍ରମ ଦ୍ୱାରା ଗାଁ ରାସ୍ତା ସଫାକରିବା, ଚାଷ କାମ କରିବା, ଘର ଛପର କରିବା, କାହାରିକୁ ବିପଦରେ ପଡିଲେ ତାକୁ ସାହାଯ୍ୟ କରିବା ଇତ୍ୟାଦି କରୁଥିଲେ କିନ୍ତୁ ଏବେ ସେଥିରେ ଅଳ୍ପମାତ୍ରାରେ ପରିବର୍ତ୍ତନ ଦେଖାଯାଉଛି । ଏବେ ସେସବୁ ସାମୁହିକ କାର୍ଯ୍ୟ କରିବା ପାଇଁ ସରକାର କିମ୍ବା ଉନ୍ନୟନ ମୂଳକ ସଂସ୍ଥା ଉପରେ ନିର୍ଭର କରାଯାଉଛି । ଏବେ ସେମାନେ ଗ୍ରାମର ଓ ରାଜ୍ୟର ଉନ୍ନତି ଅପେକ୍ଷା ନିଜର ଉନ୍ନତି ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଯେଉଁ ସମବାୟ ଶ୍ରମ କଲେ ଅଧିକ ଲାଭ ମିଳିବ ସେହିଭଳି ସମବାୟ ଶ୍ରମ କରୁଛନ୍ତି । ତେଣୁ ପାରମ୍ପରିକ ଶ୍ରମ ସମବାୟରେ କିଛିଟା ପରିବର୍ତ୍ତନ ହେବାର ଲକ୍ଷ୍ୟ କରାଯାଉଛି । ଏବେ ପାରମ୍ପରିକ ଶ୍ରମ ସମବାୟ ବ୍ୟବସ୍ଥାରେ କୌଣସି ବ୍ୟକ୍ତିଗତ ଲାଭ ନାହିଁ । ଏଣୁ ଅନେକ ସଦସ୍ୟ "ପାଞ୍ଚା" ଅଧାରୁ ଛାଡି ଦିଅନ୍ତି ଏବଂ ବାହାରେ ମଜୁରିଆ ଭାବେ କାର୍ଯ୍ୟ କରିଥାଆନ୍ତି ।

ଉପରୋକ୍ତ କାର୍ଯ୍ୟାବଳୀରୁ ଅଧ୍ୟୟନ କଲେ ଜଣାପଡେ ଯେ କିସାନମାନେ ଥିଲେ ଅତ୍ୟନ୍ତ ଦୟାଳୁ, ସହଯୋଗୀ ମନୋଭାବ ସମ୍ପନ୍ନ ଓ ସେମାନେ କେବେ ବି କାହାର କ୍ଷତି କରିବାକୁ ଚାହାଁନ୍ତି ନାହିଁ । ତେଣୁ ସେମାନେ ସର୍ବଦା ନିଜର କାର୍ଯ୍ୟ ସମ୍ପାଦନ କରିଥାଆନ୍ତି । କିନ୍ତୁ ସହଯୋଗୀ ଶ୍ରମ ଦ୍ୱାରା ଅଳ୍ପ ସମୟ ମଧ୍ୟରେ ବହୁତ କାର୍ଯ୍ୟ ହାସଲ ହୋଇଥାଏ । ଯେକୌଣସି ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଥାଏ । ଶ୍ରମ ବିନା କୌଣସି କାର୍ଯ୍ୟ ଶେଷ ହୁଏନାହିଁ ବୋଲି ଏମାନେ ମତବ୍ୟକ୍ତ କରିଥାଆନ୍ତି । ସହଯୋଗୀ ଶ୍ରମ ଦ୍ୱାରା ସେମାନେ ସବୁ କାର୍ଯ୍ୟରେ ସଫଳ ହୋଇଥାଆନ୍ତି । ସହଯୋଗୀ ଶ୍ରମ ମାଧ୍ୟମରେ ହିଂସାଭାବ, ଦ୍ୱେଷର ଅନ୍ତ କରି ସ୍ନେହ, ଭ୍ରାତୃଭାବ ଓ ପ୍ରେମ ବୃଦ୍ଧି ହୋଇଥାଏ । ଏହି ଶ୍ରମକୁ ଆହୁରି ଉନ୍ନତ କରାଯାଇ ପାରିଲେ ଏଥିରେ ଅନେକ ସୁଫଳ ମିଳିଥାଏ । ତେଣୁ ଏହାକୁ ଅଧିକ ଲୋକପ୍ରିୟ କରାଇବା ସମଗ୍ର ମାନବଜାତିର ଧର୍ମ ଅଟେ ।

# ବାସଗୃହ (ଆଡ୍‌ପା)

ମଣିଷ ବଞ୍ଚି ରହିବା ପାଇଁ ମୁଖ୍ୟତଃ ତିନୋଟି ଉପାଦାନ ଉପରେ ନିର୍ଭର କରିଥାଏ । ସେଗୁଡିକ ହେଲା ଖାଦ୍ୟ, ବସ୍ତ୍ର ଓ ବାସଗୃହ । ଏହା ବିନା ମନୁଷ୍ୟ ଜୀବନ ଧାରଣ କରିପାରେ ନାହିଁ । ଖାଦ୍ୟ ବସ୍ତ୍ର ପାନୀୟ ଯେପରି ମନୁଷ୍ୟର ଆବଶ୍ୟକତାକୁ ଦୂର କରିଥାଏ ସେହିପରି ଗ୍ରୀଷ୍ମ, ବର୍ଷା, ଶୀତ, କାକର ଆଦି ଦାଉରୁ ରକ୍ଷା ପାଇବା ପାଇଁ, ସେ ମୁଣ୍ଡ ଗୁଞ୍ଜିବା ପାଇଁ ବାସଗୃହଟିଏ ନିର୍ମାଣ କରିଥାଏ । ଏହା ବ୍ୟତୀତ ହିଂସ୍ର ଜୀବଜନ୍ତୁଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଓ ନିଜର ଖାଦ୍ୟ ସଂରକ୍ଷଣ କରିବା ପାଇଁ ସେ ଗୃହ (ଆଡ୍‌ପା) ନିର୍ମାଣ କରିଥାଏ । କେତେକ ଜାଗାରେ ଘରଗୁଡିକ ବାଡ ଦ୍ୱାରା ଆବଦ୍ଧ କରାଯାଇଥାଏ । ଆଦିମ କାଳରେ ମନୁଷ୍ୟ ବାସଗୃହ କଣ ଜାଣି ନଥିଲା । ତେଣୁ ସେ ବଣଜଙ୍ଗଲରେ ବା କେଉଁ ଗଛ ବା ଗୁମ୍ଫା ଭିତରେ ଜୀବନ ବିତାଉଥିଲା । ତେଣୁ ସେ ବହୁ ଭାବିଚିନ୍ତି ନିଜ ପାଇଁ ଘରଟିଏ ତିଆରି କଲା । ସେମାନଙ୍କ ଘର ଗୁଡିକ ରାସ୍ତାର ଦୁଇକଡରେ ଅବସ୍ଥିତ ହୋଇ ରହିଥାଏ । କେତେକ ଗୃହକୁ ଲାଗି ପନିପରିବା ବଗିଚା ରହିଥାଏ । ବାସଗୃହ କହିଲେ ସେମାନେ ବୁଝିଥାନ୍ତି ଯେ ଯେଉଁଠାରେ ତାର ସମ୍ପୂର୍ଣ୍ଣ ପରିବାର ବାସ କରୁଥାଏ । ପୁଅମାନେ ବିବାହ କଲେ ସେମାନେ ଅନ୍ୟ ଜାଗାରେ ଅଲଗା ଘର କରି ରହିଥାଆନ୍ତି । ଘର ପାଖରେ ଅନ୍ୟ ଏକ ଘର କରିଥାନ୍ତି । ଯେଉଁଠାରେ ଗାଈଗୋରୁ, ଘୁଷୁରୀ, ଛେଳି ଆଦି ରଖିଥାନ୍ତି, ଏହା ନଡା ଓ ବାଉଁଶରେ ତିଆରି ହୋଇଥାଏ । ଏହାକୁ "ଗଁସ୍‌ଲେ" କୁହାଯାଏ । ବେଳେବେଳେ ଛେଳି କୁକୁଡାମାନଙ୍କୁ ନିଜ ଘର ଭିତରେ ରଖିଥାନ୍ତି । ସେମାନଙ୍କର ବାସଗୃହ ଗୁଡିକ ଦୁଇଟି କୋଠରୀରେ ଆବଦ୍ଧ ହୋଇଥାଏ । ଏମାନଙ୍କର ଘରଗୁଡିକ ସାଧାରଣତଃ ଦୂରରୁ ଦେଖିଲେ ଆୟତାକାର ଦେଖାଯାଏ । ଗ୍ରାମ ମଧ୍ୟରେ ଘରଗୁଡିକ ସିଧାଭାବରେ ସାହି ସାହି ହୋଇ ନଥାଏ । ଏଣେତେଣେ ହୋଇ ଘରଗୁଡିକ ରହିଥାଏ । ପ୍ରତ୍ୟେକ ପରିବାରରେ ଘରଠାରୁ ଅନ୍ୟ ଘର ପୃଥକ ଭାବେ ରହିଥାଏ । ଘର ବାହାରେ ଥିବା ବାରଣ୍ଡାଟି ମୁଖ୍ୟତଃ ବସିବା, ଖାଇବା ଓ ଶୋଇବା ପାଇଁ ବ୍ୟବହାର କରାଯାଇଥାଏ । ଘରର କାନ୍ଥଗୁଡିକ ମାଟିରେ ତିଆରି ହୋଇଥାଏ ଏବଂ ଧଳା, କଳା ଓ ନାଲି ରଙ୍ଗରେ ରଙ୍ଗାୟିତ ହୋଇଥାଏ । ଏହାଛଡା ଧନୀକ ଶ୍ରେଣୀର ଲୋକମାନେ କଞ୍ଚା ଇଟାରେ କାନ୍ଥ ଓ ମାଟି ଟାଇଲ୍‌ରେ ଗୃହ ନିର୍ମାଣ କଲେଣି । ଏବେ ସରକାରଙ୍କ ତରଫରୁ କେତେକ ଗ୍ରାମରେ ଇନ୍ଦିରା

ଆବାସ ଯୋଜନାରେ ଛାତ ଘର ଥିବାର ଦେଖାଯାଏ । ଆଧୁନିକ ଗୃହର ବିଭିନ୍ନ ଉପକାରିତା ସତ୍ତ୍ୱେ ଆଧୁନିକ ଗୃହ ସେମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥାଏ । ଘରଗୁଡ଼ିକ ଦେଖିବା ପରେ ପରିବାର ମୁଖ୍ୟଙ୍କ ଆର୍ଥିକ ଅବସ୍ଥାର ସ୍ଥିତି ଜଣା ପଡ଼ିଥାଏ ।

**କିସାନ୍ ବାସଗୃହ:**

ସେମାନଙ୍କ ଗ୍ରାମର ଚାରିପଟେ ପାହାଡ଼, ଜଙ୍ଗଲ, ଝରଣା ଇତ୍ୟାଦି ଘେରି ରହିଥାଏ । ସେହି ଗ୍ରାମରେ ଛୋଟଛୋଟ ନାଲି ଘରଗୁଡ଼ିକ ଲଗାଲଗି ହୋଇ ରହିଥାଏ । ସେହି ଘରର ଚାରିପଟେ ଟାଠା, କଠର, ହାଡ଼ତା ଆଦି ଗଛ ରୋପଣ କରା ଯାଇଥାଏ । ପ୍ରାୟ ଗୃହଗୁଡ଼ିକ ବର୍ଗାକାର କିମ୍ବା ଆୟତାକାର ହୋଇଥାଏ । ଏହା ଉପରେ ଧୂସର ରଙ୍ଗର ଘାସ  କିମ୍ବା ଚୂଣର ଛାଉଣୀ ହୋଇଥାଏ । କାନ୍ଥଗୁଡ଼ିକ ପ୍ରାୟ କଳା ରଙ୍ଗରେ ରଙ୍ଗାୟିତ ହୋଇଥାଏ । ନାଲିମାଟିରେ ପୋଡା ଚୁଣ ମିଶାଇ ସେମାନେ ଏହିଭଳି ଏକ ଲେପନ ପ୍ରସ୍ତୁତ କରିଥାନ୍ତି ଓ ତାକୁ ସେମାନେ କାନ୍ଥରେ ଦେଇ ଲିପିଥାନ୍ତି । ବାରଣ୍ଡାଗୁଡ଼ିକ ମଧ୍ୟ କଳାମାଟିରେ ଲିପାଯାଇଥାଏ । ଘରର ଖୁଣ୍ଟଗୁଡ଼ିକ ନାଲି କିମ୍ବା କଳାରଙ୍ଗରେ ଲିପା ଯାଇଥାଏ । ଗୃହଗୁଡ଼ିକ କେହି କାହାଠାରୁ ଅଲଗା ଦୃଶ୍ୟମାନ ହୋଇ ନଥାନ୍ତି । ଲାଲ୍‌ମାଟିକୁ କାଦୁଅରେ ପରିଣତ କରି ସେଥିରେ ପୋଡା ନଡା ଓ ଗୋବର ମିଶାଇ ଲିପିଥାନ୍ତି । ସେହି ଲାଲ୍ ମାଟିରେ ଚଷୁ ଧାନର ଖାଦ ମିଶାଇ ଲିପିଲେ ତାହା ଫାଟି ନଥାଏ । କାନ୍ଥଗୁଡ଼ିକ ବାଉଁଶ (ମାସୁ) ଓ କାଠ (କାଙ୍କୁ)ରେ ମାଟି ଛାଟି ଲିପିଥାନ୍ତି । ଧନୀ, ଗରିବ, ପୂଜାରୀ(କାଲୋ) ଆଦି ସମସ୍ତଙ୍କ ଘର ଏକାପରି ଲାଗିଥାଏ । ଏସବୁ ଗୃହଗୁଡ଼ିକ ବିନା ବନ୍ଦୋବସ୍ତରେ ନିର୍ମାଣ କରାଯାଇଥାଏ । ବାସଗୃହ ବ୍ୟତୀତ ଗୋରୁଗୁହାଳମାନ (ଗଁସ୍ଲେ) ଗ୍ରାମ ମଧ୍ୟରେ ଘରକୁ ଲାଗି ହୋଇଥାଏ । ଘରର ଚୁପର ଉପରେ ମହୁଲ, ତେନ୍ତୁଳି, ବିଭିନ୍ନ ଚେରମୂଳି ଓ କନ୍ଦା ଇତ୍ୟାଦି ଶୁଖା ଯାଇଥିବାର ଦୃଶ୍ୟ ଦେଖିବାକୁ ମିଳେ । ଏହାଛଡ଼ା କାଠ ବାଡରେ ଏକ ଘଳିଆ ନିର୍ମାଣ କରାଯାଇଥାଏ । ସେହି ଗୃହରେ ଛେଳି, ଘୁଷୁରୀ ଆଦି ଅନ୍ୟାନ୍ୟ ଜୀବଜନ୍ତୁ ମଧ୍ୟ ବନ୍ଧା ହୋଇଥାନ୍ତି ।

**ବାସଗୃହର ଗଠନ:** ଅନ୍ୟ ଜନଜାତିମାନଙ୍କ ପରି କିସାନ୍(କୁଣ୍ହାଁ)ମାନଙ୍କ ଘରର ଏକ ସ୍ୱତନ୍ତ୍ରତା ରହିଥାଏ । ଏହି ଘରଗୁଡ଼ିକ ସାଧାରଣତଃ ବିଶେଷ ଉଚ୍ଚତାରେ ନିର୍ମାଣ କରାଯାଇଥାଏ । ଘରର ଉଚ୍ଚତା ସାଧାରଣତଃ ୧୦ ଫୁଟ ହୋଇଥିବା ବେଳେ ଲମ୍ବ ୧୦ରୁ ୨୦ ଫୁଟ ଓ ପ୍ରସ୍ଥ ୮ ରୁ ୧୦ଫୁଟ ହୋଇଥାଏ । କାରଣ ସେତେବେଳେ ଯୌଥ

ପରିବାର ନଥିଲା ଏବଂ ସେମାନେ ୩ଟି ଘର ତିଆରି କରୁଥିଲେ । ଯିଏ ବାହା ହେଉଥିଲା ସେ ତାର ଅଲଗା ଘର ତିଆରି କରି ରହୁଥିଲା । ପ୍ରତ୍ୟେକ ଗୃହର ଗୋଟିଏ ମୁଖ୍ୟ ପ୍ରକୋଷ୍ଠ ଥିଲା ଓ ଗୋଟିଏ ଆବଦ୍ଧ ବାରଣ୍ଡା ଥିଲା । ପ୍ରତ୍ୟେକ ଘରର ଗୋଟିଏ ଦୁଆର ଥାଏ ଓ ଏହି ଦୁଆରଟିକୁ ବାଉଁଶ ଓ କାଠରେ ଗୁନ୍ଥି ନିର୍ମାଣ କରୁଥିଲେ, ତାକୁ "ଟାଟି" କୁହାଯାଏ । କିନ୍ତୁ ଏବେ ସେମାନେ କେବଳ କାଠରେ ତିଆରି କବାଟ କରୁଛନ୍ତି । ବାରଣ୍ଡାରେ ଧାନ କୁଟିବା ପାଇଁ ଗାତ (ଢିଙ୍କି) ଥାଏ । ସେହିଠାରେ ସେମାନେ ଧାନ କୁଟିଥାନ୍ତି । ଘରର କବାଟ ଗୋଟିଏ ଓସାରିଆ କାଠରେ ତିଆରି ହୋଇଥାଏ । ଏହା ବ୍ୟତିତ ଘରର ଗୋଟିଏ ପାର୍ଶ୍ୱରେ ବିଭିନ୍ନ ପ୍ରକାର କୃଷ ଉପକରଣ ଓ ଶୃଙ୍ଖଳା ଜାଳେଣୀ ଆଦି ରଖା ହୋଇଥାଏ । ଗୃହର ମୁଖ୍ୟଘର ପାଖରେ ଗୋଟିଏ ଘୁଷୁରୀ ଓ ଛେଳି ଘର ଥାଏ । ଘରର ଅନ୍ୟାନ୍ୟ ଜିନିଷ ଯଥା- କୋଦାଳ (କୁଡି), ଟାଙ୍ଗିଆ (କୁଡ଼ିଆ), କୁରାଢୀ, ଶାବଳ (ଗଇଁତି), ଶୋଇବା ପଟି, ଧନୁତୀର ଇତ୍ୟାଦି ଏହି ଗୃହରେ ଥାଏ । ମୁଖ୍ୟଗୃହରେ ଗୋଟିଏ କୋଣରେ ରୋଷେଇ କରିବା ପାଇଁ ଚୁଲୀ ଓ ଚୁଲୀ ଉପରେ ଶିକା ରହିଥାଏ । ଏହି ଶିକା ମଧ୍ୟରେ ଖାଦ୍ୟ ଜିନିଷ ସଂରକ୍ଷିତ ହୋଇ ରହିଥାଏ । ରୋଷେଇ ଘରର ଗୋଟିଏ ପିଣ୍ଡିରେ ଶସ୍ୟଗୁଡିକ ରଖାଯାଇଥାଏ । ସେହି ଗୃହର କାନ୍ଥ ଉପରେ କାଠ କିମ୍ବା ପଟାରେ ଥାକ ତିଆରି କରାଯାଇଥାଏ । ସେହି ଥାକରେ ଟଙ୍କାପଇସା, ଅଳଙ୍କାର ଓ ମୂଲ୍ୟବାନ ଜିନିଷ ରଖାଯାଇଥାଏ । କିସାନ୍(କୁଣ୍ହାଁ)ମାନଙ୍କ ଗୃହକୁ "ହାମି" ଘାସରେ ଛପର କରାଯାଇଥାଏ । ତେଣୁ ତାଙ୍କର ଗୃହକୁ "ହାମି ଆଡ଼୍ପା" ବୋଲି କୁହାଯାଏ । ସେହି ଘରଗୁଡିକ ଗ୍ରୀଷ୍ମ ଦିନରେ ବହୁତ ଥଣ୍ଡା ଲାଗେ । କେତେକ ଲୋକ ମଧ୍ୟ ଖାପରା ଆଡ଼୍ପାରେ ଘର ତିଆରି କରି ରହୁଛନ୍ତି । ଏହି ଆଡ଼୍ପା ସେମାନେ ନିଜେ ନିଜ ହାତରେ ନିର୍ମାଣ କରିଥାନ୍ତି । ଖାପରା ଗୁଡିକ ପ୍ରଥମେ ଚିକିଟା ମାଟି ସହିତ ସରୁବାଲି ଓ ଅଳ୍ପ ପାଣି ନେଇ ଚକଟି ନରମ କରି ଦିଆଯାଇଥାଏ ଓ ସେଗୁଡିକ ବେଲଣା ପଟାରେ ବେଲି ଛାଞ୍ଚରେ ପକାଇ ଦିଆଯାଏ । ସେହି ମାଟିରୁ ପ୍ରସ୍ତୁତ ଖପରା ଗୁଡିକୁ ଡାମ୍ଫଣରେ ସାଇଜ୍ କରି କାଟି ଦିଆଯାଏ । ତାପରେ ସେହି କଞ୍ଚା ଖପରାକୁ ଖରାରେ ୪ ଘଣ୍ଟା ଶୁଖାଇ ଦିଆଗଲା ପରେ ପୋଡି ଦିଆଯାଏ । ତା'ପରେ ରଙ୍ଗ ନାଲି ହୋଇଯାଏ । ପ୍ରାୟ ଖରାଦିନେ ସେମାନେ ଭଲ ବାର ଦେଖି ଗୃହ ନିର୍ମାଣ କରିଥାନ୍ତି । ଗୃହ ନିର୍ମାଣ କରିବା ପୂର୍ବରୁ ସେମାନେ ଗାଁ ପୂଜାରୀ (କାଲୋ)କୁ ନିମନ୍ତ୍ରଣ କରିଥାନ୍ତି । ଯେଉଁ ସ୍ଥାନରେ ଘର ତୋଳିବେ ସେହି ସ୍ଥାନରେ ପୂର୍ବଦିନ ରାତିରେ ସେମାନେ ଚାଉଳ ପୋତିଦେଇ ଆସିଥାନ୍ତି ।

ତା'ପର ଦିନ ସକାଳୁ ସେହି ଚାଉଳକୁ ଜନ୍ଦା ପିମ୍ପୁଡି (ଘଣ୍ଟି) ନେଇଗଲେ ବା ଘରିଆଡେ ବିକ୍ଷିପ୍ତ ହୋଇ ପଡିଥିଲେ ତାହା ଅଶୁଦ୍ଧି ଜାଗା ବୋଲି ସେମାନଙ୍କର ବିଶ୍ୱାସ ଥାଏ । ସେମାନେ ଭାବିଥାନ୍ତି ଯେ ପୂର୍ବରୁ ଏହି ଜାଗାରେ ବୋଧ ହୁଏ କୌଣସି ମୃତ ବ୍ୟକ୍ତିର ଅସ୍ଥି ବା ମଠ ଥିବାର ସନ୍ଦେହ କରିଥାନ୍ତି । ପ୍ରଥମେ ସେମାନେ କୂଅ ଖୋଳିଥାନ୍ତି । ତତ୍ ପରେ ଗୃହ ନିର୍ମାଣ ପାଇଁ ଆଗେଇ ଯାଆନ୍ତି । କୂଅଟି ଉତ୍ତର ଓ ଦକ୍ଷିଣ ଦିଗକୁ ଖନନ କରିଥାନ୍ତି । କୂଅ ଖୋଳିବା ଜାଗାରେ ସେମାନେ ରାତିରେ ତୁଳାଟିଏ ରଖିଥାନ୍ତି । ଯଦି ସେହି ତୁଳା ସକାଳୁ ଓଦା ହୋଇଥାଏ ତେବେ ସେହି ସ୍ଥାନରେ ପାଣି ଥିବାର ସଙ୍କେତ ସେମାନେ ପାଇଥାନ୍ତି । ସେମାନେ ପିତୃପୁରୁଷଙ୍କୁ ସ୍ମରଣ କରି ଘର ତିଆରି କରିଥାନ୍ତି । ଯଦି ଉପରୋକ୍ତ ବିଧିବିଧାନରେ କୌଣସି ଗୋଟିକର ବ୍ୟତିକ୍ରମ ଦେଖାଯାଏ ତେବେ ସେଠାରେ ଗୃହ ନିର୍ମାଣ କରାଯାଏ ନାହିଁ ।

ଘରର କାନ୍ଥ ପାଇଁ କେତେକ ଖୁଣ୍ଟ ପୋତାଯାଏ । ଘରର ଆକାର ଦୃଷ୍ଟିରୁ ଚିହ୍ନ ଦିଆଯାଏ । ମଝିଖୁଣ୍ଟକୁ ଲକ୍ଷ୍ୟ କରି ଦୁଇପଟ କାନ୍ଥରେ ଖୁଣ୍ଟ ପୋତାଯାଏ । ତାପରେ ଘରର ଶୀର୍ଷରୁ ପାର୍ଶ୍ୱ କାନ୍ଥ ଉପରକୁ ରୁଆ (ପାଟି) ଗଡାଯାଏ । ଏହି ସବୁ ରୁଅ ବା ପାଟି ଉପରୁ ତଳଶେଣୀ ଲାଗିଥାଏ । ପ୍ରତ୍ୟେକ ରୁଅକୁ ବାନ୍ଧିବା ପାଇଁ ବତା ବା ଚ୍ଛୋଟ ଶେଣୀ ଦରକାର ହୋଇଥାଏ । ପୁଆଲ୍ ସାହାଯ୍ୟରେ ସେହି ରୁଅ ବତାକୁ ବନ୍ଧାଯାଏ । ଘରର ଉପର ଛାଉଣୀ ପାଇଁ ବତା ବାଉଁଶ ବାନ୍ଧି ସାରିବା ପରେ ସେଥିରେ ହାମି ଦ୍ୱାରା ଛପର କରାଯାଏ । ଏବେ କିନ୍ତୁ ଘରକୁ ଖପର ଦ୍ୱାରା ଛପର କରାଯାଉଛି । ଏହି ଖପର ସେମାନେ ନିଜେ ତିଆରି କରିଥାନ୍ତି । ଏହାକୁ "କମ୍ନାର" କୁହାଯାଏ । ତାପରେ ଘରର କାନ୍ଥକୁ ଲାଲ, ଧଳା ଓ କଳା ମାଟିରେ ଗୋବର ଓ ନଡା ଦେଇ ଲିପିଥାନ୍ତି । ମହିଳା ଓ ଝିଅମାନେ ଘରର ଚଟାଣକୁ ପରିଷ୍କାର ଭାବେ ଲିପିଥାନ୍ତି । ଏହି ଘରର ଚ୍ଚରି ପାର୍ଶ୍ୱ ଖୋଲା ଖୁଣ୍ଟ ଦ୍ୱାରା ଆବଦ୍ଧ କରାଯାଇଥାଏ । ସାଧାରଣତଃ ଘରର ଝରକା ସେମାନେ ତିଆରି କରି ନଥାନ୍ତି ।

ଘରର ଝିଅମାନେ ଶ୍ରମ ବିଭାଜନ କରିଥାନ୍ତି । ଘରର ନିର୍ମାଣ କାର୍ଯ୍ୟ ସରିଲା ପରେ ସେମାନେ କାଲୋକୁ ନିମନ୍ତ୍ରଣ ଡାକି ଘରେ ପୂଜାପାଠ କରିଥାନ୍ତି । ଘରର ଉନ୍ନତି ଗୋରୁଗାଈ ଓ ଗୃହପାଳିତ ପଶୁଙ୍କ ବୃଦ୍ଧି ଓ ଗୃହଲୋକମାନେ ଭଲରେ ରୁହନ୍ତୁ ବୋଲି ପୂଜାପାଠ କରାଯାଇଥାଏ । ପୂଜା ପରେ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରାଯାଇଥାଏ ।

ପଡିଶାଲୋକ ବନ୍ଧୁବାନ୍ଧବ ଏକତ୍ର ହୋଇ ଖାଦ୍ୟ ସେବନ କରିଥାନ୍ତି । ଘର ବାହାରେ ସେମାନେ ପଶୁପକ୍ଷୀ, ଗଛଲତା ଆଦିଙ୍କର ଚିତ୍ର କରିଥାନ୍ତି ।

ମୁଖ୍ୟ ଗୃହ ବ୍ୟତିତ କିସାନ୍(କୁଣ୍‌ହାଁ)ମାନେ ଗୋରୁ ରଖିବା ପାଇଁ ଏକ ସ୍ୱତନ୍ତ (ଅୟୁ ଗଁସ୍‌ଲେ) (କିସୁ ଗଁସ୍‌ଲେ) ନିର୍ମାଣ କରାଯାଇଥାଏ । ବାସଗୃହ ନିର୍ମାଣ କଲାପରି ଏହି ଗୃହ ନିର୍ମାଣ ବେଳେ ସମସ୍ତ ନିୟମ ପାଳନ କରାଯାଏ । ଏହି ଗୃହର ଚାରି ପାର୍ଶ୍ୱରେ କାନ୍ଥ ଦିଆଯାଏ ନାହିଁ । ଚର୍ତୁଃପାର୍ଶ୍ୱ ଖୋଲା ଥାଏ । ସେହି ଗୃହରେ ଥିବା ଖୁଣ୍ଟରେ ଗୋରୁଗାଈ, ଘୁଷୁରୀ ଇତ୍ୟାଦିଙ୍କୁ ବାନ୍ଧି ରଖାଯାଇଥାଏ । ଛେଳି ଓ କୁକୁଡା ମାନଙ୍କୁ ମୁଖ୍ୟ ଗୃହରେ ସ୍ଥାନ ଦିଆଯାଇଥାଏ ।

କିସାନମାନଙ୍କ ଗୃହକୁ ବାରଣ୍ଡା (ପିଣ୍ଡା), ମୁଖ୍ୟ ଶୟନକକ୍ଷ (ଚୁଡ୍‌ନା ବାଖରା), ରୋଷେଇ କକ୍ଷ, ଘୁଷୁରୀ ଓ ଛେଳି ଗୁହାଳ ଏବଂ ଅନ୍ୟାନ୍ୟ ଜିନିଷ ରଖିବା ପାଇଁ ଛୋଟ ବଖରାରେ ବିଭକ୍ତ କରାଯାଇଛି । ବାରଣ୍ଡାର ଗୋଟିଏ କଡରେ ଚୁଲୀ ତିଆରି କରାଯାଇଥାଏ । ଏଠାରେ ସବୁବେଳେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଏ । ଶୀତଦିନେ ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ସେମାନେ ସେହି ବାରଣ୍ଡାରେ ନିଆଁ ଜାଳି ରଖିଥାନ୍ତି । ଏହି ବାରଣ୍ଡାର ଚଟାଣରେ ଶସ୍ୟ କୁଟିବା ପାଇଁ ଏକ ଢିଙ୍କି ଥାଏ । ସେହି ଢିଙ୍କି ସାହାଯ୍ୟରେ ସେମାନେ ଧାନ, ମାଣ୍ଡିଆ ଓ କୋଳଥ ଇତ୍ୟାଦି କୁଟିଥାଆନ୍ତି । ଘରର କୋଣରେ ଅନ୍ୟାନ୍ୟ ଜିନିଷ ଯଥା- ଝାଡୁ, ପଟି, ଟାଙ୍ଗିଆ, ଶାବଳ, କୋଦାଳ ଇତ୍ୟାଦି ରଖାଯାଇଥାଏ । ଏହି ଘରର ଚାଳରେ ଧନୁତୀର, ଛୁରୀ, କଟୁରୀ ଇତ୍ୟାଦି ଖୋସା ଯାଇଥାଏ । ଗୃହ ମଧ୍ୟରେ ଶସ୍ୟ କୁଟିବା, ରୋଷେଇ କରିବା, ଖାଦ୍ୟ ସେବନ କରିବା, ରାତ୍ରରେ ଶୟନ କରିବା, ଦନା ତିଆରି କରିବା, ଝାଡୁ ବାନ୍ଧିବା, ଗପସପ କରିବା ଇତ୍ୟାଦି କାର୍ଯ୍ୟମାନ ସମ୍ପାଦନ କରାଯାଇଥାଏ ।

ଏହି ବାରଣ୍ଡାରୁ ମୁଖ୍ୟ ଘର ବା ଭିତର ଘରକୁ ଏହି କବାଟ ଲାଗିଥାଏ । କବାଟ ଲାଗିଥିବା କାନ୍ଥକୁ ଲାଗି ଗୋଟିଏ ପାର୍ଶ୍ୱକୁ ଏକ ଚୂଲୀ ନିର୍ମାଣ କରାଯାଇଥାଏ । ଏଠାରେ ରୋଷେଇ କରାଯାଏ । ଏହି ଚୁଲୀ ଉପରେ ଏକ ଶିକା ଝୁଲୁଥାଏ । ଏଥିରେ ଶସ୍ୟ ରଖାଯାଇଥାଏ । ଗୃହର ବାରଣ୍ଡାରେ ସେମାନେ "ପୁରୁଗ"ରେ ଧାନ ରଖିଥାନ୍ତି । ଏହି ପୁରୁଗ ପୁଆଳ୍‌ରେ ତିଆରି ହୋଇଥାଏ । ଗୃହର ଡାହାଣ ପାର୍ଶ୍ୱ କାନ୍ଥକୁ ଲାଗି ଏକ ଭାଡି ନିର୍ମାଣ କରାଯାଇଥାଏ । ଏହି ଭାଡିରେ ଶସ୍ୟ ଓ ଗୃହର ଅନ୍ୟ ଆସବାବପତ୍ର ରଖାଯାଇଥାଏ ।

ଘରର ଥାକରେ ବିଭିନ୍ନ ଜିନିଷ ଓ ଟଙ୍କାପଇସା ଇତ୍ୟାଦି ରଖାଯାଇଥାଏ । ଗୃହର ଗୋଟିଏ ପାର୍ଶ୍ୱରେ ଥାଏ ଗୁହାଳ । ଏହି ଗୁହାଳରେ ଗାଈ, ବଳଦ, ଘୁଷୁରୀ ଓ ଛେଳି ରଖିଥାନ୍ତି । ଏହି ଗୃହର ଅପର ପାର୍ଶ୍ୱରେ ଛୋଟ ବଖରା ରହିଛି । ସେହି ଘରେ କୃଷୋପକରଣ, ଯନ୍ତା, ଶାବଳ, କୋଦାଳ ଇତ୍ୟାଦି ରଖାଯାଇଥାଏ । ଏଠାରେ ମଧ୍ୟ କୁକୁଡା ରଖାଯାଇଥାଏ । ବର୍ଷାଦିନେ ବ୍ୟବହାର ପାଇଁ ଶୁଖିଲା କାଠ ଗଚ୍ଛିତ କରି ରଖା ଯାଇଥାଏ । ସେମାନଙ୍କର ଅତିଥିମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଗୃହ ନଥାଏ ।

**ଗୃହର ଉନ୍ନତି/ସମୃଦ୍ଧିର ଲକ୍ଷଣ:** କିସାନ୍(କୁଣ୍ହାଁ)ମାନେ କେତେକ ପଶୁପକ୍ଷୀ, ସରୀସୃପ ଓ କୀଟପତଙ୍ଗର ଗୃହ ସଂଶ୍ଳିଷ୍ଟ କେତେକ ଆଚର ବ୍ୟବହାରକୁ ଦେଖି ଗୃହର ଉନ୍ନତି ଓ ଧ୍ୱଂସର କାରଣମାନ ଜାଣିପାରନ୍ତି । ଘରେ ମହୁମାଛି ବସା ବାନ୍ଧି ରହିଲେ ଲୋକର ଆର୍ଥିକ ଉନ୍ନତି ହେବ ବୋଲି ବିଚାର କରାଯାଏ । ବାଦୁଡି, ପାରା ଘରେ ବସାବାନ୍ଧି ରହିଲେ ଲକ୍ଷ୍ମୀ ଆସନ୍ତି ବୋଲି ସେମାନଙ୍କର ବିଶ୍ୱାସ । ଧଳା ପେଚା ଗୃହର ଛାତ ଉପରେ ବସିଲେ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇଥାଏ । ଘରେ ଘରଚଟିଆ ବସାବାନ୍ଧି ରହିଲେ ଗୃହର ଉନ୍ନତି ହେବ ବୋଲି ସେମାନଙ୍କର ବିଶ୍ୱାସ ।

**ଗୃହ ଧ୍ୱଂସର ଲକ୍ଷଣ:** ଘରୁ ପାରା ଉଡି ପଳେଇଗଲେ ବିପଦ ଆସିଲା ବୋଲି ଜଣାପଡେ । ପେଚା ଗୃହର ଛାତ ଉପରେ ବସିଲେ ଶନିଦଶା ପଡେ ବୋଲି ସେମାନଙ୍କର ବିଶ୍ୱାସ । ବିଲେଇ, କୁକୁର କାନ୍ଦିଲେ ବା ବୋବାଳି ଛାଡିଲେ ଘର ପ୍ରତି ଅଶୁଭ ସଙ୍କେତ ଥିବାର ମନେହୁଏ । ଘରର ଚାଳ ଉପରେ ଛେଳି ଚଢିଲେ ଏହା ଅଶୁଭ ବୋଲି କହନ୍ତି । ଗୃହର ଚାଳ ଉପରେ ପେଚା ବସିଲେ ଗୃହର କୌଣସି ବ୍ୟକ୍ତି ମରିଯିବ, କୌଣସି ବ୍ୟକ୍ତିର ସ୍ୱାସ୍ଥ୍ୟ ଅସୁସ୍ଥ ରହିବ, ଗୃହପାଳିତ ପଶୁପକ୍ଷୀ ମରିଯିବେ କିମ୍ବା ପୁଅ ପାଗଳ ହୋଇଯିବେ ବୋଲି ସେମାନଙ୍କର ବିଶ୍ୱାସ ।

**ଗୃହ ଅଶୁଦ୍ଧିର କାରଣ:** ଗୃହ ଅଶୁଦ୍ଧି ହେବା ପାଇଁ କିସାନ୍(କୁଣ୍ହାଁ)ମାନେ ସାଧାରଣତଃ ଛୁତିକିଆ ଓ ମୃତିକିଆକୁ ବିଚାର କରିଥାଆନ୍ତି । କୌଣସି ଘରେ କେହି ଜନ୍ମ ହେଲେ ଘର ଅପବିତ୍ର ବୋଲି ଭାବିଥାନ୍ତି । ତେଣୁ ୧୦ ଦିନ ବା ୧୨ ଦିନ ପରେ ଘରକୁ ସେମାନେ ଭଲ ଭାବରେ ଲିପାପୋଛା କରିଥାନ୍ତି ଏବଂ ଘରର ସବୁ ଲୁଗାପଟା ସଫା କରିଥାନ୍ତି । ୭ ଦିନ ମଧ୍ୟରେ ସଫାସୁତୁରା କରାଯାଇଥାଏ ମାତ୍ର ୧୨ ଦିନ ଓ ଏକୋଇଶିଆ ନଯିବା ଯାଏ ମା ଛୁଆକୁ କେହି ଛୁଇଁ ନଥାନ୍ତି । ୧୨ ଦିନ ପରେ ଲିପାପୋଛା, ଧୁଆଧୋଇ

ସରିବା ପରେ ପୂଜାପାଠ କରାଯାଏ । ସେହି ପୂଜାପାଠ ପରେ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରାଯାଇଥାଏ । ଏହାପରେ ସେମାନେ ପବିତ୍ର ବୋଲି ଜଣାଯାଏ ।

ଘରେ କେହି ମରିଗଲେ ତାଙ୍କ ଘର ଲୋକଙ୍କୁ କେହି ଛୁଇଁ ନଥାନ୍ତି ।୧୦/୧୧ ଦିନ ପରେ ସମସ୍ତ କର୍ମକର୍ମାଣୀ ସାରିବା ପରେ ସେମାନେ ଶୁଦ୍ଧ ହୋଇଥାନ୍ତି ।

କିସାନ୍(କୁଣ୍ହାଁ)ମାନେ ଗ୍ରାମ ସ୍ଥାପନ ପାଇଁ ଜାଗା ଠିକ୍ କରିବା ପରେ ଆବଶ୍ୟକୀୟ ପୂଜାପାଠ ସାରିବା ପରେ ସେଠାରେ ଖୁଣ୍ଟ ପୋତିଥାନ୍ତି । ଏହି ପୂଜାପାଠ କାଲୋ ସମାପନ କରିସାରିବା ପରେ ଅନ୍ୟ ସମସ୍ତେ ଘର ନିର୍ମାଣ କରିଥାନ୍ତି । ଗୋଷ୍ଠୀସ୍ତରୀୟ ଧର୍ମୀୟ ଗୃହ, ଦେବୀସ୍ଥଳୀ ଇତ୍ୟାଦି ଗୃହ ସବୁ ଗ୍ରାମର ମୁଖିଆ ସମସ୍ତଙ୍କୁ ଡାକି ବିଚାର କରାଯାଏ ।

**ଅନ୍ୟାନ୍ୟ ବାସଗୃହ :**

ସେମାନଙ୍କର ଉନ୍ନତି ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଖୋଲିଛି । ସେମାନଙ୍କ ମଧ୍ୟରୁ ପ୍ରାୟ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଛନ୍ତି । ସେଥିପାଇଁ ସରକାର ବିଭିନ୍ନ ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ଗୃହ ଯୋଗାଇ ଦେଉଛନ୍ତି । ଏହି ଯୋଜନାରେ ସାହାଯ୍ୟ ସ୍ୱରୂପ ସେମାନଙ୍କର ପରିବାରକୁ ମାଟିକାନ୍ଥ ନିର୍ମାଣ ପାଇଁ ଅଳ୍ପ କିଛି ଟଙ୍କା ଓ ଛପର ପାଇଁ ଟିଣ ଯୋଗାଇ ଦିଆଯାଉଛି । ଏତଦ୍ ବ୍ୟତୀତ ବିଭିନ୍ନ ଗ୍ରାମରେ ସରକାରଙ୍କ ତରଫରୁ ପ୍ରାଥମିକ ବିଦ୍ୟାଳୟମାନ ପରିଚାଳନା ପାଇଁ କଂକ୍ରିଟ୍ ଗୃହ ନିର୍ମାଣ କରାଯାଉଛି । ଡୁଡାଲଗା ଗ୍ରାମରେ ବିଭିନ୍ନ ଉନ୍ନୟ ସଂସ୍ଥା ଡାକ୍ତରଖାନା, ଥାନା ପୋଷ୍ଟ ଅଫିସ୍ ଇତ୍ୟାଦିର ସୁପରିଚାଳନା ନିମନ୍ତେ ସରକାରୀ ସଂରଚନା ରୂପେ କଂକ୍ରିଟ ଗୃହ, ଛଣ ଛପର ଗୃହ ଆଦି ନିର୍ମାଣ କରାଯାଇଛି । ଏବେ ସମସ୍ତ କିସାନ ପରିବାର ଇନ୍ଦିରା ଆବାସ ଯୋଜନାରେ ଗୃହ ପାଉଛନ୍ତି ।

ଆଧୁନିକ ସମାଜରେ ଏବେ ବି କିସାନ(କୁଣ୍ହାଁ)ମାନେ ସେହି ମାଟି, କାଠ, ବାଉଁଶ, ନଡା (ପୁଆଲ)ରେ ଗୃହ ନିର୍ମାଣ କରୁଛନ୍ତି । କିନ୍ତୁ ଧନୀକ ଶ୍ରେଣୀର ଲୋକମାନେ ଗୃହ ନିର୍ମାଣ ପାଇଁ ଏବେ କଞ୍ଚା କିମ୍ୱା ପୋଡା ଇଟାରେ କାନ୍ଥ ତିଆରି କରି ଉପରେ ମାଟି ଲିପି ସେଥିରେ ସୁନ୍ଦର ଚିତ୍ର ଆଙ୍କୁଛନ୍ତି ।ଘର ଛପର କରିବା ପରିବର୍ତ୍ତେ ସେମାନେ ମାଟି ଟାଇଲ ବ୍ୟବହାର କଲେଣି । ଏହା ବ୍ୟତୀତ ବିଭିନ୍ନ ଇନ୍ଦିରା ଆବାସ ଯୋଜନାରେ ଛାତ ଘର ତିଆରି କଲେଣି ।

ପ୍ରାଚୀନ କାଳରେ ସେମାନେ ପତ୍ରର କୁଡିଆ କରି ଘରେ ରହୁଥିଲେ । କାଳକ୍ରମେ ସେମାନେ ଘର ତିଆରି କରିବା ପାଇଁ ମାଟି, କାଠ, ବାଉଁଶ, ଲହ, ଜଙ୍ଗଲରୁ ମିଳୁଥିବା

ଘାସ କିମ୍ବା ଚୁଣ ବ୍ୟବହାର କରୁଥିଲେ । ଘର ଲିପିବା ପାଇଁ ସେମାନେ ଗୋବର, ପୋଡା ନଡା ଓ ମାଟି ଇତ୍ୟାଦି ବ୍ୟବହାର କରୁଥିଲେ । କିନ୍ତୁ କେତେକ ଧନୀ ଲୋକମାନେ ଇଟାରେ କାନ୍ଥ ତିଆରି କଲେଣି । ଘର ଛପର ପାଇଁ ନଡା (ପୁଆଲ) ପରିବର୍ତ୍ତେ ମାଟି ଟାଇଲ ବ୍ୟବହାର କଲେଣି । ଆଗରୁ ସେମାନେ ଘର ଛୋଟ କରୁଥିଲେ କିନ୍ତୁ ଏବେ ପ୍ରକୋଷ୍ଠର ଆକାର ବଡ କରି ଘର ତିଆରି କଲେଣି । ଏବେ କୋଠରୀର ସଂଖ୍ୟା ବୃଦ୍ଧି କରାଯାଉଥିବାର ଦେଖାଗଲାଣି । ଗୃହର ସୁରକ୍ଷା ପାଇଁ ସେମାନେ କବାଟ ଲଗାଉଥିଲେ । ଏତଦ୍ ବ୍ୟତୀତ ସରକାରଙ୍କ ତରଫଂରୁ ଇନ୍ଦିରା ଆବସ ଯୋଜନାରେ ଇଟା ନିର୍ମିତ କାନ୍ଥରେ ମାଟିର ପ୍ରଲେପ ଦେଉଛନ୍ତି ।

ଏବେ ସେମାନେ ପାରମ୍ପରିକ ଗୃହକୁ ପସନ୍ଦ କରୁଛନ୍ତି । ସେମାନେ ସେମାନଙ୍କର ଆବଶ୍ୟକତାକୁ ନେଇ ବଡ ଗୃହ ନିର୍ମାଣ କରୁଛନ୍ତି । ସେହି ଘରେ ସେମାନେ ବିଭିନ୍ନ ଆସବାବପତ୍ର ସଜାଡି ରଖିବା ପାଇଁ ସ୍ଥାନ, ଶସ୍ୟ ସଂଚୟ କରିବା ପାଇଁ ସ୍ଥାନ, ଘୁଷୁରୀ ଛେଳି ଓ କୁକୁଡା ରହିବା ପାଇଁ ସ୍ଥାନ ଇତ୍ୟାଦି ନିର୍ମାଣ କରିଥାନ୍ତି । ମାତ୍ର ଏବେ ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ଯେଉଁ ଘର ତିଆରି ହେଉଛି ସେହି ଘରଗୁଡିକ ଏକ ବଖରା ବିଶିଷ୍ଟ ହୋଇଥାଏ ଏବଂ ଏଥିରେ ଜିନିଷ ସାଇତି ରଖିବା କଷ୍ଟକର ହୋଇପଡିଥାଏ । ଫଳରେ ଚଳପ୍ରଚଳରେ ଅସୁବିଧା ହୋଇଥାଏ । ଯେଉଁ ଘର ତିଆରି ହୋଇଥାଏ ତାହା ଖରାଦିନେ ପ୍ରବଳ ଗରମ ଓ ଶୀତଦିନେ ଥଣ୍ଡା ଲାଗେ । ତେଣୁ ଏ ଘରଗୁଡିକ ପୂର୍ବପରି ନଡାରେ ତିଆରି ହୋଇଥିଲେ ଭଲ ହୁଅନ୍ତା । ଆଗେ ସେମାନେ ଛୋଟ କବାଟ ଲଗାଉଥିବା ବେଳେ ଏବେ ବଡ କବାଟ ଲଗାଇଲେଣି । ମାଟି ଘର ଅପେକ୍ଷା ଟିଣଘର କିମ୍ବା ଟାଇଲ ଛପର ଘର ଥିବା ବ୍ୟକ୍ତିର ସାମାଜିକ ପ୍ରତିଷ୍ଠା ଅଧିକ ବୋଲି ସେମାନେ ମତପ୍ରକାଶ କରିଥାନ୍ତି ।

ପ୍ରତ୍ୟେକ ଆଦିବାସୀ ସମାଜରେ କିଛି ନା କିଛି ସଂସ୍କୃତି ରହିଛି । ପ୍ରତ୍ୟେକ ସଂସ୍କୃତିର କିଛି ସ୍ୱତନ୍ତ୍ରତା ଥାଏ । ପାରମ୍ପରିକ ଗୃହ ଗୁଡିକ ସେମାନଙ୍କର ଆବଶ୍ୟକତାକୁ ଲକ୍ଷ୍ୟ କରି ନିର୍ମାଣ କରାଯାଇଥାଏ ଯଥା -ଶସ୍ୟ ସଂଚୟ କରି ରଖିବା, ନିଜର ଆସବାବପତ୍ର ରଖିବା ଓ ଛେଳି କୁକୁଡା ରହିବା ପାଇଁ ଘର, କୃଷି ଉପକରଣ ଇତ୍ୟାଦି । ବନ୍ୟ ହିଂସ୍ରଜନ୍ତୁଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ସେମାନେ ସେମାନଙ୍କର କବାଟକୁ ଛୋଟ ରଖିଥାନ୍ତି । ଘର ତିଆରି କରିବାରେ ବ୍ୟବହୃତ ପୁଆଳ ଗୃହକୁ ଖରାଦିନେ ଥଣ୍ଡା ରଖିଥାଏ । ନୂତନ ଗୃହ ନିର୍ମାଣ ପୂର୍ବରୁ ସେମାନଙ୍କର ଗୃହ ନିର୍ମାଣରେ ଗ୍ରହଣ କରାଯାଉଥିବା ନୀତି ନିୟମ,

ପୂଜାପାଠକୁ ଏଡାଇ ଦେଇନଥାଏ । ଏବେ ପାରମ୍ପରିକ ଝାଟିମାଟି ଗୃହ ଅପେକ୍ଷା ଇନ୍ଦିରା ଆବାସ ଗୃହ ପ୍ରତି ଆକୃଷ୍ଟ ହେଲେଣି । ଗୃହ ନିର୍ମାଣ ପୂର୍ବରୁ ଓ ଗୃହ ନିର୍ମାଣ ପରେ ବିଭିନ୍ନ ପୂଜାପାଠ, ବିଧିବିଧାନ ଓ କର୍ମକାଣ୍ଡମାନ କରିଥାନ୍ତି । ସେମାନେ ପାରମ୍ପରିକ ଗୃହର ନକ୍ସାକୁ ଅନୁସରଣ କରି ଗୃହ ନିର୍ମାଣ କରିବା ଉଚିତ୍ । କୌଣସି ବ୍ୟକ୍ତି ଇନ୍ଦିରା ଆବାସ ଯୋଜନାରେ ଗୃହ ନିର୍ମାଣ କଲାବେଳେ ସଂପୃକ୍ତ ଲୋକର ମତାମତ, ଅନୁମତି ଓ ସହଯୋଗ ନେବା ଏକାନ୍ତ ଜରୁରୀ ଅଟେ । କିସାନ୍(କୁଣ୍ହାଁ)ମାନଙ୍କର ପାରମ୍ପରିକ ଗୃହ ନିର୍ମାଣ ଶୈଳୀ ଅତ୍ୟନ୍ତ ଚମକପ୍ରଦ ଯେଉଁଥିରେ ପ୍ରତ୍ୟେକଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଗୃହର ବ୍ୟବସ୍ଥା ରହିଛି । ପଶୁପକ୍ଷୀଠାରୁ ଆରମ୍ଭ କରି ଅତିଥି ଅଭ୍ୟାଗତ ମାନଙ୍କ ପାଇଁ ଗୃହର ସ୍ୱତନ୍ତ୍ର ରହିଛି । ସେମାନେ ଘରର ଚୂପର ମଜଭୁତ ଭାବରେ ତିଆରି କରିଥାନ୍ତି । ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସେମାନେ ନିୟମିତ ପୂଜାପାଠ ଆଦି କରିଥାନ୍ତି । ଗୃହର ମରାମତି କ୍ଷେତ୍ରରେ ମଧ୍ୟ ସମୟେ ସମୟେ ସହଯୋଗୀ ଶ୍ରମ ମାଧ୍ୟମରେ ତାହା ସମ୍ପାଦନ କରାଯାଇଥାଏ । ପରସ୍ପର ସହଯୋଗୀ ମନ ନେଇ ପ୍ରତ୍ୟେକ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟଟିକୁ ସମ୍ପାଦନ କରିଲେ ତାହା ଅତି ସହଜ ତଥା ସରଳ ହୋଇଥାଏ ।

# ପଡୋଶୀ ପ୍ରଜାତି

ମନୁଷ୍ୟ ତାର ଅଭାବ ପରିପୂରଣ ଦିଗରେ ସଦାସର୍ବଦା ଅନ୍ୟ ଉପରେ ନିର୍ଭର କରି ଚଳିଆସୁଛି । ଅନ୍ୟର ବିନା ସହାୟତାରେ ବଞ୍ଚିବା କଷ୍ଟକର ହୋଇପଡେ । ପ୍ରତ୍ୟେକ କ୍ଷେତ୍ରରେ ଜଣେ ଅନ୍ୟ ଉପରେ ଓତଃପ୍ରୋତ ଭାବରେ ନିର୍ଭର କରି ଚଳି ଆସୁଛି । ଗ୍ରାମର ପ୍ରତ୍ୟେକ କାର୍ଯ୍ୟରେ ଉପସ୍ଥିତ ରହି ସହଯୋଗ କରିଥାନ୍ତି ପଡୋଶୀ ପ୍ରଜାତି ଗୋଷ୍ଠୀ । ଗୋଟିଏ ଗ୍ରାମର ସଙ୍କଟ ସମୟରେ ଆସି ଦଣ୍ଡାୟମାନ ହୋଇଥାଆନ୍ତି । କୌଣସି କାରଣରୁ ଗ୍ରାମରେ ସଂକ୍ରାମକ ରୋଗ ବ୍ୟାପିଥିଲେ ପଡୋଶୀମାନେ ଆସି ଗ୍ରାମର ଲୋକମାନଙ୍କୁ ସହାୟତା ପ୍ରଦାନ କରିଥାନ୍ତି । ଗ୍ରାମର ଭଲମନ୍ଦ, ସୁଖ ଦୁଃଖ ପ୍ରତିଟି କ୍ଷେତ୍ରରେ ପାଖ ଗ୍ରାମର ଲୋକେ ଆସି ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥାନ୍ତି । ତେଣୁ ସମାଜରେ ବଞ୍ଚିବା ପାଇଁ ହେଲେ ପଡୋଶୀଙ୍କ ଭୂମିକା ବେଶୀ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । କାରଣ ସମାଜ ଅନେକ ପରିବାରର ସମାହାରରେ ହିଁ ଗଠିତ ହୋଇଥାଏ । ସଭିଙ୍କ ସହଯୋଗ ବିନା ଗୋଟିଏ ସମାଜ ଶୃଙ୍ଖଳିତ ଭାବେ ଗତି କରିପାରେ ନାହିଁ । ପୁଣି ବ୍ୟକ୍ତି ନିଜର ସମସ୍ତ ଚାହିଦା ବା ଆବଶ୍ୟକତା ନିଜ ଦ୍ୱାରା ପୂରଣ କରିପାରେ ନାହିଁ । ଏଥିପାଇଁ ସେ ସମାଜ ଉପରେ ନିର୍ଭରଶୀଳ ଏବଂ ପଡୋଶୀ ମାନେ ହିଁ ସମାଜର ଅଂଶ ସ୍ୱରୂପ ବ୍ୟକ୍ତିଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତା ପ୍ରଦାନ କରିଥାନ୍ତି ।

**ଧାରଣା:**

ପଡୋଶୀ କହିଲେ ପ୍ରଥମେ କିସାନ(କୁଣ୍‌ହାଁ)ମାନେ ନିଜଘରର ପାଖ ଘର ବ୍ୟକ୍ତିମାନଙ୍କୁ ବୁଝିଥାନ୍ତି । ପଡୋଶୀ ସମ୍ବନ୍ଧରେ ସେମାନଙ୍କର ଧାରଣା ଖୁବ୍ ଉତ୍ତମ ଥାଏ । ସେମାନେ ନିଜର ନିତିଦିନିଆ ଜୀବନ ଧାରାରେ ପଡୋଶୀମାନଙ୍କ ଗୁରତ୍ୱ ଯଥେଷ୍ଟ ଉପଲବ୍ଧ କରିଥାଆନ୍ତି । ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଆର୍ଥିକ ଏବଂ ମନସ୍ତାତ୍ତ୍ୱିକ ଦିଗରୁ ପଡୋଶୀ ମାନଙ୍କଠାରୁ ସହାୟତା ମିଳିଥାଏ । ଯେ କୌଣସି ବିପଦ ଆପଦ ସମୟରେ ସେମାନେ ପାଖରେ ଆସି ଛିଡା ହୁଅନ୍ତି । ଶାରିରୀକ ହେଉ କିମ୍ବା ମାନସିକ ଓ ଆର୍ଥିକ ପ୍ରତ୍ୟେକ କ୍ଷେତ୍ରରେ ପଡୋଶୀମାନେ ସାହାସ ପ୍ରଦାନ କରନ୍ତି । ସ୍ୱଜାତି ଗୋଷ୍ଠୀ ବ୍ୟତୀତ ଗ୍ରାମରେ ରହୁଥିବା ବା ଗାଁ ବାହାରେ ରହୁଥିବା ବିଜାତି ଗୋଷ୍ଠୀଙ୍କୁ ମଧ୍ୟ କିସାନ୍(କୁଣ୍‌ହାଁ) ପଡୋଶୀର ମାନ୍ୟତା ଦେଇଥାଏ । ସ୍ୱଜାତ ପଡୋଶୀ ଗୋଷ୍ଠୀଙ୍କ ସହ

କିସାନ୍(କୁଣ୍‌ହାଁ) ଉତ୍ତମ ସଂପର୍କ ରଖିଥାଏ । ଗାଁରେ ଓ ଗାଁ ବାହାରେ ସମସ୍ତେ ମିଳିମିଶି ଚଳନ୍ତି । ସ୍ୱଜାତି ଓ ବିଜାତି ପଡୋଶୀମାନଙ୍କ ମଧ୍ୟରେ ପର୍ବପର୍ବାଣୀ କର୍ମକାଣ୍ଡ, କାମଦାମ ଓ ଭଲମନ୍ଦରେ ସହଯୋଗ ସହାନୁଭୂତିର ଆଦାନପ୍ରଦାନ ହୁଏ । ପଡୋଶୀମାନଙ୍କୁ ନିମନ୍ତ୍ରଣ କରାଯାଇ ଖାଦ୍ୟପେୟରେ ଆପ୍ୟାୟିତ କରାଯାଏ । ଘର ଘର ମଧ୍ୟରେ ଖାଦ୍ୟପେୟର ଅଦଳବଦଳ ହୁଏ । ସର୍ବୋପରି ସ୍ନେହ, ଶ୍ରଦ୍ଧା ଓ ଭ୍ରାତୃଭାବର ଆଦାନ ପ୍ରଦାନ ହୁଏ ଏବଂ ପରସ୍ପର ପରସ୍ପରକୁ ଆବଶ୍ୟକ ସମୟରେ ସାହାଯ୍ୟ ସହଯୋଗ କରିଥାନ୍ତି । ତେଣୁ ସମାଜରେ ବଞ୍ଚିବା ପାଇଁ ଓ ଜୀବନ ଧାରଣ ପାଇଁ ପଡୋଶୀ ମାନଙ୍କର ଆବଶ୍ୟକତା ଯେ ଅପରିହାର୍ଯ୍ୟ ଏହା ପ୍ରତ୍ୟେକ କିସାନ ସ୍ୱୀକାର କରନ୍ତି ।

ସାଧାରଣତଃ କିସାନ୍(କୁଣ୍‌ହାଁ)ମାନେ ନିଜ ଗୋଷ୍ଠୀର ଏକତ୍ର ସହାବସ୍ଥାନ ଥିଲେ ସୁଦ୍ଧା ପଡୋଶୀ ଗୋଷ୍ଠୀ ହିସାବରେ ଓରାଓଁ, ଖଡିଆ, ବାରିକ, ଧୋବା, କମାର, କୁମ୍ଭାର, ତନ୍ତୀ ଓ ଡମ ପ୍ରଭୃତି ପ୍ରଜାତି ଗୋଷ୍ଠୀର ଲୋକେ ବସବାସ କରିଥାନ୍ତି । ଯେହେତୁ ଅଧିକାଂଶ ଗ୍ରାମରେ କେବଳ କିସାନ(କୁଣ୍‌ହାଁ)ମାନେ ହିଁ ବସବାସ କରି ରହିଥାନ୍ତି । ତେଣୁ ସେମାନେ ଅନ୍ୟ ସଂପ୍ରଦାୟର ଲୋକଙ୍କୁ ନିଜର ଆବଶ୍ୟକତାକୁ ଦୃଷ୍ଟି ସମକ୍ଷରେ ରଖି ଉପରୋକ୍ତ ପ୍ରଜାତି ଗୋଷ୍ଠୀଙ୍କୁ ନିଜ ବସତି ମଧ୍ୟରେ ବସବାସ କରିବାକୁ ସୁଯୋଗ ବା ଅନୁମତି ଦିଅନ୍ତି । ଉକ୍ତ ସମ୍ପ୍ରଦାୟର ଲୋକେ କିସାନ ସମ୍ପ୍ରଦାୟର ଲୋକମାନଙ୍କର ଖେଳକୁଦଠାରୁ ଆରମ୍ଭ କରି ଡ୍ରାମା ପର୍ଯ୍ୟନ୍ତ ପ୍ରତ୍ୟେକଟିରେ ଅଂଶ ଗ୍ରହଣ କରିଥାଆନ୍ତି ଏବଂ କିସାନ୍(କୁଣ୍‌ହାଁ)ମାନେ ମଧ୍ୟ ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଅନ୍ୟତମ କିସାନ ଗୋଷ୍ଠୀ ଯିଏ କି ନିଜର କର୍ମକାର୍ଯ୍ୟ ମାନଙ୍କରେ ବାରିକ ଓ ଧୋବାଙ୍କୁ ଲୋଡିଥାଏ । ପ୍ରତ୍ୟେକ ପର୍ବପର୍ବାଣୀ ଓ ପୂଜାପାଠ ଦିନ ବାରିକ ଦ୍ୱାରା କ୍ଷର ନହେଲେ ଧର୍ମୀୟ କର୍ମକର୍ତ୍ତା ପୂଜାରେ ବସିପାରେ ନାହିଁ । ସେହିପରି ଶୁଦ୍ଧିକ୍ରିୟା ଉଠିଆରୀ, ବାହାଘର ପ୍ରଭୃତି ସାମାଜିକ ଓ ଧାର୍ମିକ ଅନୁଷ୍ଠାନମାନଙ୍କରେ ବାରିକ ଓ ଧୋବାଙ୍କର ଆବଶ୍ୟକତା ଜରୁରୀ । ଶୁଦ୍ଧିକ୍ରିୟା ଓ ଉଠିଆରୀ ଦିନ ଧୋବା ଲୁଗା ନକାଚିଲେ ବ୍ୟକ୍ତି, ପରିବାର ଓ ବାସଗୃହ ପବିତ୍ର ହୋଇ ପାରେନାହିଁ । ଅନୁରୂପ ଭାବେ ବିନ୍ଧାଣୀଙ୍କଠାରୁ ବାସନ କୁସନ ଓ ଗୃହ ସାମଗ୍ରୀ, କମାରଙ୍କଠାରୁ ଲୌହ ଉପକରଣ ଓ କୃଷି ଯନ୍ତ୍ରପାତି, କୁମ୍ଭାରଠାରୁ ଦୈନନ୍ଦିନ ବ୍ୟବହାର୍ଯ୍ୟ ହାଣ୍ଡି, କଳସୀ, ମାଠିଆ, ଢାଳ ଇତ୍ୟାଦି ସଂଗ୍ରହ କରି କାର୍ଯ୍ୟରେ

ଲଗାଇ ଥାଆନ୍ତି । କେତେକ କିସାନ୍(କ୍ଣ୍ହାଁ)ମାନଙ୍କଠାରୁ ଏବେ ବି ଶୁଣିବାକୁ ମିଳେ ଯେ ସେମାନଙ୍କର ନିଜ ଲୁଗାପଟା ନିଜେ ତନ୍ତରେ ବୁଣିଥାନ୍ତି । ମାତ୍ର ବର୍ତ୍ତମାନ ଯୁଗର ପରିବର୍ତ୍ତନ ଅନୁସାରେ ସେମାନେ ଏବେ ତନ୍ତୀମାନଙ୍କଠାରୁ ଏହି ଲୁଗାପଟା କିଣୁଛନ୍ତି । ଡମମାନଙ୍କଠାରୁ ଯାବତୀୟ ଗୃହ ଉପକରଣ ଯଥା - ପାଛିଆ, କୁଲା, ଡଲା, ଝୁଡି, ପହଁରା, ଚଲା, ଚାଉଳ ଧୁଆ ଓ ମଦ ହାଣ୍ଡିଆ ଛଣା ପାଛିଆ ଇତ୍ୟାଦି ସଂଗ୍ରହ କରି ବ୍ୟବହାରରେ ଲଗାଇଥାନ୍ତି । ଭିନ୍ନ ଜାତିର ଅଭିଜ୍ଞ ବୁଢିଲୋକ ସ୍ତ୍ରୀର ପ୍ରସବ ସମୟରେ ଧାଇ କାମ ତୁଲାନ୍ତି । ଅଣ ଆଦିବାସୀ ଗୋଷ୍ଠୀଙ୍କ ମଧ୍ୟରୁ ବ୍ରାହ୍ମଣ, କରଣ, କ୍ଷତ୍ରୀୟ ଆଦି ଜାତିର ଲୋକମାନେ ଉକ୍ତ ଗ୍ରାମ୍ୟର ମଧ୍ୟ ବସବାସ କରିଥାନ୍ତି । କାରଣ ବ୍ରାହ୍ମଣ ଦ୍ୱାରା ରିଷ୍ଟଖଣ୍ଡନ, ଗ୍ରହଶାନ୍ତି, ବାହାଘର, କର୍ଣ୍ଣବୋଧ (ବ୍ରତଘର) ଆଦି ପୂଜାପାଠ ଓ ଧାର୍ମିକ ଆନୁଷାନିନ କାର୍ଯ୍ୟମାନ ସମ୍ପର୍ଣ୍ଣ କରାଯାଇଥାଏ ।

ଅନ୍ୟ ବିଜାତି ଗୋଷ୍ଠୀ ସହ କିସାନ(କୁଣ୍ହାଁ)ମାନଙ୍କ ଅର୍ଥନୈତିକ, ସାମାଜିକ, ରାଜନୈତିକ, ଧାର୍ମିକ ଇତ୍ୟାଦି ବିଭିନ୍ନ ସଂପର୍କ ରହିଛି । ତାହା ନିମ୍ନରେ ବର୍ଣ୍ଣନା କରାଗଲା ।

**ଅର୍ଥନୈତିକ:** କିସାନ(କୁଣ୍ହାଁ) ସମ୍ପ୍ରଦାୟର କୌଣସି ପରିବାର ଅର୍ଥର ଅଭାବ ଦେଖାଦେଲେ ଗ୍ରାମ ନିକଟସ୍ଥ ପଡୋଶୀ ପ୍ରଜାତି ଗୋଷ୍ଠୀ ସମ୍ପ୍ରଦାୟ ଲୋକଙ୍କଠାରୁ ଋଣ ଆକାରରେ ଅର୍ଥ ଆଣିଥାନ୍ତି । ସେମାନଙ୍କର ସୁବିଧା ଦୃଷ୍ଟିରୁ ସେ ଅର୍ଥକୁ ସମ୍ଭଲ ସୁଧ ଆକାରରେ ପରିଶୋଧ କରିଥାନ୍ତି । ସେମାନେ ବିଭିନ୍ନ ପ୍ରକାର ପ୍ରଜାତି ଗୋଷ୍ଠୀଙ୍କୁ ନିଜ ବସତିରେ ବସବାସ ପାଇଁ ସୁଯୋଗ ଦିଅନ୍ତୁ ବା ସେମାନଙ୍କୁ ଅଣାଇ ପଡୋଶୀ ଭାବରେ ରହିବାର ବନ୍ଦୋବସ୍ତ କରିଥାଆନ୍ତୁ , ଯେ କୌଣସି ପରିସ୍ଥିତିରେ ମଧ୍ୟ ପ୍ରଜାତି ଗୋଷ୍ଠୀ ଆର୍ଥିକ ଦୃଷ୍ଟିରୁ ପରସ୍ପର ଉପରେ ନିର୍ଭର କରି ଚଳନ୍ତି । ସେମାନେ ଘରବାଡିରେ ଓ ଚାଷ ଜମିରେ ଦିନମଜୁରିଆ ଭାବରେ କାମ କରି ଅର୍ଥ ଉପାର୍ଜନ କରନ୍ତି । କୌଣସି ବିବାହ କିମ୍ବା ଶୁଦ୍ଧକ୍ରିୟା ସକାଶେ ସଂପୃକ୍ତ ପରିବାର ପାଇଁ ଅନ୍ୟ ପ୍ରଜାତିର ବ୍ୟକ୍ତି ଲୁଗା ବୁଣି ଦେଇଥାଏ । ଏବଂ କର୍ମକର୍ତ୍ତାଙ୍କଠାରୁ କିଛି ଦିନ ପରେ ତାର ବଦଳରେ ପାଉଣା ସଂଗ୍ରହ କରିଥାଆନ୍ତି । ସେହି ସମୟରେ ତନ୍ତୀ ଆର୍ଥିକ ଦୃଷ୍ଟିକୋଣରୁ ସଂପୃକ୍ତ କିସାନ ପରିବାରକୁ ସହାୟତା ଯୋଗାଇଥାଏ । ପର୍ବପର୍ବାଣୀମାନଙ୍କରେ ଧୋବା, ବାରିକ ଓ ଡମ ମାନଙ୍କୁ ସ୍ୱତନ୍ତ୍ର ଭାବରେ ଚାଉଳ, ମୁଢି ଆଦି ପ୍ରଦାନ କରାଯାଇଥାଏ । ପ୍ରଜାତି ଗୋଷ୍ଠୀର ନିତାନ୍ତ

ଗରିବ ପରିବାରର ପିଲାମାନଙ୍କୁ ପାଠପଢିବା ପାଇଁ ମଧ୍ୟ ଆର୍ଥିକ ସହାୟତା ଦିଅନ୍ତି । କେବେ କେବେ ସେମାନଙ୍କୁ ପୁରୁଣା ପୋଷାକ ପତ୍ର ପିନ୍ଧିବାକୁ ଦେଇଥାନ୍ତି । ବାରିକ ଓ ଧୋବାମାନେ ବଂଶାନୁ କ୍ରମିକ ଭାବରେ ସେମାନଙ୍କର କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପାଦନ କରିଆସୁଛନ୍ତି ।

କିସାନ(କୁଣ୍ହାଁ)ମାନଙ୍କର ମୁଖ୍ୟ ପେଷା ହେଲା କୃଷିକାର୍ଯ୍ୟ । ଉଭୟ ସ୍ତ୍ରୀ ଓ ପୁରୁଷ ମିଶି କୃଷିକାର୍ଯ୍ୟ କରନ୍ତି । ପୁରୁଷମାନଙ୍କୁ ସ୍ତ୍ରୀଲୋକମାନେ କୃଷିକାର୍ଯ୍ୟରେ ସାହାଯ୍ୟ କରନ୍ତି । ସେମାନେ ଉତ୍ପାଦନ କରୁଥିବା ପନିପରିବା ତଥା ଧାନଚାଉଳକୁ ବଜାରରେ ବିକ୍ରୀ କରିଥାନ୍ତି । ଗ୍ରାମଲୋକଙ୍କ ପାଇଁ କମାର କୃଷି ଉପକରଣ ଏବଂ ଶୀକାର ଉପକରଣ ଯୋଗାଇ ଦେଇଥାଏ ଏବଂ ପରେ ବର୍ଷ ଶେଷରେ ଲୋକମାନଙ୍କ ଠାରୁ ପାଉଣା ସଂଗ୍ରହ କରିଥାଏ । ଏହିଭଳି ଭାବରେ ସେ ଗ୍ରାମଲୋକ ଏକ ବର୍ଷ ପାଇଁ ଆର୍ଥିକ ସହଯୋଗ କରିଥାନ୍ତି । କିସାନମାନେ ଅନ୍ୟ ପ୍ରଜାତିକ ଗୋଷ୍ଠୀମାନଙ୍କୁ କରଜ ହିସାବରେ ଧାନ ଦେଇଥାନ୍ତି ଏବଂ ପରେ ସେମାନଙ୍କଠାରୁ ସୁଧ ସହ ଆଦାୟ କରିଥାଆନ୍ତି । କରଜ ଆଣି ସେମାନେ ନିଜର ଅଭାବ ମେଣ୍ଟାଇଥାନ୍ତି । ଅବଶ୍ୟ ଏବେ ସମୟ ବଦଳିଲାଣି । ପ୍ରତ୍ୟେକ ଗୋଷ୍ଠୀଙ୍କ ମଧ୍ୟରେ ଟଙ୍କା ପଇସା ଧାର କରଜ ଦେଣନେଣ ହେଉଛି ।

**ସାମାଜିକ ସଂପର୍କ:** କିସାନ(କୁଣ୍ହାଁ)ମାନେ ପ୍ରଜାତିକ ଗୋଷ୍ଠୀଙ୍କ ସହିତ ଉତ୍ତମ ସାମାଜିକ ସଂପର୍କ ରଖିଥାନ୍ତି । କାରଣ ସେମାନଙ୍କୁ ବାଦ୍ ଦେଲେ ଏମାନଙ୍କର ଆବଶ୍ୟକୀୟ ଚାହିଦା ପୂରଣ ହୋଇପାରେ ନାହିଁ । ନିତିଦିନିଆ ଚଳଣୀରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ । ତେଣୁ ସମସ୍ତଙ୍କୁ କିସାନ(କୁଣ୍ହାଁ)ମାନେ ବନ୍ଧୁ ଦୃଷ୍ଟିରେ ଦେଖନ୍ତି । ପରସ୍ପର ମଧ୍ୟରେ ଭାଇ, କକା, ମାମୁଁ ପ୍ରଭୃତି ଡକାଡକି ହୁଅନ୍ତି । ମହାପ୍ରସାଦ ସଂପର୍କ ମଧ୍ୟ ସ୍ଥାପିତ ହୁଏ । ସଙ୍ଗାତ ମିତ କଲେ ଉଭୟଙ୍କ ମଧ୍ୟରେ ଲୁଗାପଟା ଅଦଳବଦଳ ହୁଏ । ଉଭୟଙ୍କ ଗୁରୁଜନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରାଯାଏ । ସେଦିନ ପିଠାପଣା ଓ ହାଣ୍ଡିଆ ଉଭୟ ଉଭୟଙ୍କ ଘରେ ଖାଆନ୍ତି । ପର୍ବପର୍ବାଣୀ ଓ ଉତ୍ସବାନୁଷ୍ଠାନ ମାନଙ୍କରେ ସମସ୍ତେ ସମସ୍ତଙ୍କୁ ନିମନ୍ତ୍ରଣ କରିଥାନ୍ତି । ସେମାନେ ନିମନ୍ତ୍ରଣ ରକ୍ଷାକରି ସେମାନେ ଉକ୍ତ ଉତ୍ସବରେ ସକ୍ରିୟ ଅଂଶଗ୍ରହଣ କରି ବିବାହ କାର୍ଯ୍ୟ ସମ୍ପାଦନ କରିଥାନ୍ତି । କୌଣସି ବ୍ୟକ୍ତିର ମୃତ୍ୟୁ ପରେ ଶୁଦ୍ଧିକ୍ରିୟାରେ ମଧ୍ୟ ପଡୋଶୀ ପ୍ରଜାତିକ ଗୋଷ୍ଠୀର ଲୋକଙ୍କୁ ନିମନ୍ତ୍ରଣ କରାଯାଇଥାଏ । ଫୁଟବଲ୍, ଦାଣ୍ଡିଆ, କବାଡି, ବାଟିଖେଳ ଇତ୍ୟାଦି ଖେଳରେ ମଧ୍ୟ ପଡୋଶୀ ପ୍ରଜାତି ଗୋଷ୍ଠୀର ଯୁବକମାନେ ଉପସ୍ଥିତ ରହି ଭାଗ ନେଇଥାନ୍ତି । ଗ୍ରାମର କୌଣସି ସାଂସ୍କୃତିକ

କାର୍ଯ୍ୟକ୍ରମ ଯଥା ନାଟକ ପ୍ରତିଯୋଗୀତାରେ ମଧ୍ୟ ସେମାନେ ସକ୍ରିୟ ଅଂଶ ଗ୍ରହଣ କରି ନାଟକ ପରିବେଷଣ କରିଥାନ୍ତି । ଶୀକାର କ୍ଷେତ୍ରରେ ମଧ୍ୟ ସେମାନଙ୍କୁ ଆମନ୍ତ୍ରଣ କରାଯାଇଥାଏ । ମିଳିମିଶି ଶୀକାରରେ ସହଯୋଗ କରିଥାଆନ୍ତି । ପଡୋଶୀ ଗୋଷ୍ଠୀମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ସେମାନେ ମଧ୍ୟ ଉପସ୍ଥିତ ରହି ସହଯୋଗ କରିଥାଆନ୍ତି । ସମ୍ପୃକ୍ତ ଗ୍ରାମର ଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ପରିବାରରେ ବିବାହ ଉତ୍ସବ ଇତ୍ୟାଦି କ୍ଷେତ୍ରରେ ମଧ୍ୟ ସେମାନେ ଉପସ୍ଥିତ ରହି ସେମାନଙ୍କୁ ସହଯୋଗ କରିଥାନ୍ତି । ପଡୋଶୀ ପ୍ରଜାତି ଗୋଷ୍ଠୀଙ୍କ ଗହଣରେ ଯଦି ଅନ୍ୟ କୌଣସି ଆଦିବାସୀ ପରିବାର ରହିଥାନ୍ତି ସେ ପରିବାରର ଲୋକେ ମଧ୍ୟ ସେମାନଙ୍କ ସହିତ ମିଳିମିଶି ସହଯୋଗ କରିଥାନ୍ତି । ଅବଶ୍ୟ କିସାନମାନେ ଡମ, କୋହ୍ଲ, ପାଣ, ଧୋବା ପ୍ରଭୃତି ଗୋଷ୍ଠୀର ପରିବାରରେ ଖାଦ୍ୟ କିମ୍ବା ପାନୀୟ ଗ୍ରହଣ କରନ୍ତି ନାହିଁ । ସେମାନେ ପ୍ରଜାତି ଗୋଷ୍ଠୀଙ୍କ ଘରକୁ ନିମନ୍ତ୍ରିତ ହୋଇଗଲେ ସେମାନଙ୍କ ପାଇଁ କୌଣସି ବାରଣ ନଥାଏ । ମାତ୍ର ସେମାନଙ୍କୁ ନିଜ ଖାଦ୍ୟ ରାନ୍ଧିବାକୁ ପଡିଥାଏ, ପରଷିବାକୁ ପଡିଥାଏ । ସେମାନେ ପନିପରିବା, ଡାଲିଚାଉଳ ଆଦି ରନ୍ଧା ଖାଦ୍ୟ ଆକାରରେ ଏମାନଙ୍କଠାରୁ ଗ୍ରହଣ କରି ପାରନ୍ତି । ମାତ୍ର ରୋଷେଇ ହୋଇଥିବା ଖାଦ୍ୟ ଖାଆନ୍ତି ନାହିଁ । ସାଧାରଣତଃ କିସାନମାନଙ୍କ ସହିତ ପ୍ରତ୍ୟେକ ପ୍ରଜାତି ଗୋଷ୍ଠୀର ସାମାଜିକ ସଂପର୍କ ଭଲ ।

**ରାଜନୈତିକ ସଂପର୍କ:** କିସାନ ଗ୍ରାମରେ ସମସ୍ତ ପ୍ରଜାତି ଗୋଷ୍ଠୀ ରାଜନୈତିକ କ୍ଷେତ୍ରରେ ସମତା ରକ୍ଷା କରନ୍ତି । ସମସ୍ତଙ୍କର ସମାନ ଅଧିକାର ଥାଏ । କାରଣ ଗ୍ରାମସଭା ଏହାର ପ୍ରକୃଷ୍ଟ ଉଦାହରଣ । ଗ୍ରାମରେ ପ୍ରତ୍ୟେକ ପରିବାରର ମୁଖ୍ୟ ଗ୍ରାମ ସଭାରେ ସଦସ୍ୟତା କରୁଥିବାରୁ ସେଠାରେ ଗୋଷ୍ଠୀଗତ ଭେଦାଭେଦ ହୁଏନାହିଁ । ସମସ୍ତେ ନିଜ ନିଜର ସମସ୍ୟା/ମାମଲା ଗ୍ରାମସଭାରେ ଉପସ୍ଥାପିତ କରିପାରନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରାଯାଇଥାଏ । କୌଣସି କାରଣରୁ ବିବାଦ/ ଗଣ୍ଡଗୋଳ ଗ୍ରାମରେ ଉପୁଜିଲେ ତାହାର ସମାଧାନ ପାଇଁ ପ୍ରଥମେ ଗ୍ରାମସଭାରେ ବିଚାର ହୋଇଥାଏ । ଜମିଜମା ସଂକ୍ରାନ୍ତୀୟ ମୋକଦ୍ଦମା, ପାରିବାରିକ ବିଶୃଙ୍ଖଳା, ସାହି ସାହି ମଧ୍ୟରେ ବିବାଦ ମାମଲା ଇତ୍ୟାଦି ବିଚାର ପାଇଁ ଗ୍ରାମସଭାର ପଞ୍ଚମୁଖ୍ୟଙ୍କ ସମେତ ପଡୋଶୀ ଗ୍ରାମର ପ୍ରଜାତିକ ଗୋଷ୍ଠୀ ମାନଙ୍କ ମଧ୍ୟରୁ ବିଚାରକ ମଣ୍ଡଳୀଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥାଏ । ସେମାନେ ମଧ୍ୟ ଉକ୍ତ ଗ୍ରାମସଭାରେ ଉପସ୍ଥିତ ରହି ବିଚାର କ୍ଷେତ୍ରରେ ସକ୍ରିୟ ଅଂଶ

ଗ୍ରହଣ କରିଥାନ୍ତି ଏବଂ ସମାଧାନର ମାର୍ଗ ମଧ୍ୟ ଦର୍ଶାଇଥାନ୍ତି । କିସାନ ଗ୍ରାମର ଗ୍ରାମସଭାରେ ମୁଖିଆ ମଧ୍ୟ ବିଚାର କ୍ଷେତ୍ରରେ ସହଯୋଗ କରିବା ପାଇଁ ପଡୋଶୀ ପ୍ରଜାତି ଗୋଷ୍ଠୀଙ୍କୁ ମଧ୍ୟ ନିମନ୍ତ୍ରଣ କରିଥାନ୍ତି । ପ୍ରତ୍ୟେକ ବିବାଦର ବିଚାରରେ ମଧ୍ୟ ସହଯୋଗ କରିଥାନ୍ତି । କିନ୍ତୁ ସମୟାନୁସାରେ ଏବେ ସମସ୍ତ ଗୋଷ୍ଠୀଙ୍କ ମଧ୍ୟରେ ରାଜନୈତିକ ସଂପର୍କ ଖୁବ୍ ନିବିଡ । କାରଣ ଏବେର ଭୋଟ ରାଜନୀତି ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ଦେଇଛି । ଏବେ ଗ୍ରାମସଭାରେ ପଞ୍ଚାୟତର ସରପଞ୍ଚ, ୱାର୍ଡମେମ୍ବର ଏବଂ ପ୍ରତି ଗ୍ରାମର ସଭାପତି ଏବଂ ଅନ୍ୟାନ୍ୟ ସଦସ୍ୟ ଏହି ସଭାରେ ଅଂଶ ଗ୍ରହଣ କରି ମୋକଦ୍ଦମାର ବିଚାର କରିଥାନ୍ତି ।

**ଧର୍ମୀୟ ସଂପର୍କ:** କିସାନ(କୁଣ୍ହାଁ) ଗ୍ରାମରେ ଥିବା ସମସ୍ତ ପଡୋଶୀ ପ୍ରଜାତି ଗୋଷ୍ଠୀ ଧର୍ମକ୍ଷେତ୍ରରେ ସ୍ୱାତନ୍ତ୍ର୍ୟ ବଜାୟ ରଖନ୍ତି । କେହି କାହାର ପାରମ୍ପରିକ ଧର୍ମ ଧାରାରେ ହସ୍ତକ୍ଷେପ କରନ୍ତି ନାହିଁ ବରଂ ପୂଜାପାଠ ଓ ପର୍ବପର୍ବାଣୀ ଦିନମାନଙ୍କରେ ସମସ୍ତେ ସମସ୍ତ ସଂପ୍ରଦାୟକୁ ନିମନ୍ତ୍ରଣ କରିଥାନ୍ତି । ଲୌକିକତା ଦୃଷ୍ଟିରୁ ସାମାଜିକ ସଦ୍‌ଭାବ ପାଇଁ ଅନ୍ୟ ଧର୍ମକୁ ସମ୍ମାନ ପ୍ରଦର୍ଶନ କରିବାକୁ ପରସ୍ପର ନିମନ୍ତ୍ରଣ ରକ୍ଷା କରନ୍ତି । ଯୋଗ ଦେବା ପୂର୍ବକ ଆନନ୍ଦ ଉଲ୍ଲାସରେ ସାମିଲ ହୁଅନ୍ତି । ଗୋଟିଏ ଗ୍ରାମରେ ସାମୂହିକ ପୂଜା ପାଇଁ ପ୍ରତ୍ୟେକ ପଡୋଶୀ ପ୍ରଜାତି ଗୋଷ୍ଠୀ ପରିବାର କ୍ରମରେ ଚାନ୍ଦା ମଧ୍ୟ ଦିଅନ୍ତି । ଡେମୁଲ୍ ପୂଜାରେ ସମସ୍ତେ ଏକତ୍ର ଉପସ୍ଥିତ ରହି ଭୋଗ ଓ ହାଣ୍ଡିଆ ଗ୍ରହଣ କରିଥାନ୍ତି । ବର୍ଷାପାଇଁ ଗ୍ରାମର ଧର୍ମ ଦେବାଦେବୀଙ୍କ ପୂଜା ସମୟରେ ପଡୋଶୀ ପ୍ରଜାତି ଗୋଷ୍ଠୀ ମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । ପ୍ରତ୍ୟେକ ପ୍ରଜାତିକ ଗୋଷ୍ଠୀ ଏହି ପୂଜାରେ ଉପସ୍ଥିତ ରହି ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି । ଏହି ପୂଜାରେ ମାଂସଭାତର ବ୍ୟବସ୍ଥା କରାଯାଇଥାଏ । ନିମନ୍ତ୍ରିତ ଅତିଥିମାନେ ମଧ୍ୟ ଭୋଜିଭାତ ଭୋଜନ କରନ୍ତି । ସେହି ପଡୋଶୀ ପ୍ରଜାତି ଗୋଷ୍ଠୀ ମଧ୍ୟ କିସାନମାନଙ୍କୁ ନିମନ୍ତ୍ରଣ କରିଥାନ୍ତି ଓ ସେମାନେ ତାଙ୍କ ପୂଜାରେ ଯୋଗ ଦେଇଥାନ୍ତି । ଏହିଭଳି ଭାବରେ ପରସ୍ପର ଧାର୍ମିକ ସମ୍ପର୍କ ଅକ୍ଷୁର୍ଣ୍ଣ ରହିଥାଏ ।

**ଅନ୍ୟାନ୍ୟ ସଂପର୍କ:** କିସାନ ସଂପ୍ରଦାୟ ସହିତ ପଡୋଶୀ ପ୍ରଜାତିକ ଗୋଷ୍ଠୀମାନଙ୍କର ସାଂସ୍କୃତିକ ସଂପର୍କ ମଧ୍ୟ ଉତ୍ତମ । ସାଧାରଣତଃ ସେମାନେ ସଂସ୍କୃତିପ୍ରେମୀ ଅଟନ୍ତି ଓ ସଂସ୍କୃତିକୁ ନେଇ ବଞ୍ଚନ୍ତି ଓ ତାଙ୍କ ସଂସ୍କୃତିକୁ ଚିରଦିନ ବଜାୟ ରଖିବାକୁ ସେମାନେ ପ୍ରୟାସ କରନ୍ତି । ବଭିନ୍ନ ପର୍ବପର୍ବାଣୀ ବା ଉତ୍ସବାନୁଷ୍ଠାନ ମାନଙ୍କରେ ନାଚଗୀତ ଓ ନାଟକ ଆଦି ପରିବେଷିତ ହୋଇଥାଏ । ଏଥିରେ ସମସ୍ତ ପଡୋଶୀ ଗୋଷ୍ଠୀ ଉପସ୍ଥିତ

ରହି ଏକତ୍ର ଆନନ୍ଦ ଉଠାଇଥାନ୍ତି । ବନ୍ଧୁଭାବାପନ୍ନ ହୋଇ କିସାନ ଗ୍ରାମରେ ପ୍ରତ୍ୟେକ ପ୍ରଜାତିକ ଗୋଷ୍ଠୀ ଶାନ୍ତିରେ ସହାବସ୍ଥାନ କରନ୍ତି । କୌଣସି ବିପଦ ପଡିଲେ ଯଥା- ବନ୍ୟଜନ୍ତୁଙ୍କ ଆକ୍ରମଣ, ରୋଗ ସଂକ୍ରମଣ, ଚୋର ଡକାୟତଙ୍କର ପ୍ରବେଶ, ଝଡବାତ୍ୟା, ଘରପୋଡି ଓ ଶତ୍ରୁ ଆକ୍ରମଣ ବିପଦ ସମୟରେ ସମସ୍ତେ ଏକତ୍ର ହୋଇ ଗ୍ରାମକୁ ସୁରକ୍ଷିତ ରଖନ୍ତି । ସାହାଯ୍ୟ ସହାନୁଭୂତିର ଆଦାନପ୍ରଦାନ ଦ୍ୱାରା ସଂହତି ଓ ଏକତା ଅକ୍ଷୁର୍ଣ୍ଣ ରହେ । ଏତଦ୍ ଦ୍ୱାରା ସାଂପ୍ରଦାୟିକ ମନୋଭାବ ଦୂରେଇଯାଏ । ଚାଷ କାମରେ ମଧ୍ୟ ପଡୋଶୀ ପ୍ରଜାତି ଗୋଷ୍ଠୀ ମଧ୍ୟ ଏହି ସଂପ୍ରଦାୟର ଲୋକଙ୍କୁ ସହଯୋଗ କରିଥାନ୍ତି । କିସାନମାନେ ମଧ୍ୟ ସେମାନଙ୍କୁ ଚାଷକାର୍ଯ୍ୟରେ ସାହାଯ୍ୟ କରିଥାନ୍ତି । ଘର ତିଆରି, ଗ୍ରାମରେ କୂଅ ପୋଖରୀ ଖୋଳିବାରେ, ହାଟବଜାର ପାଇଁ ମଧ୍ୟ ସେମାନେ ସହଯୋଗ କରିଥାନ୍ତି । ଏହିଭଳି ଭାବରେ ପରସ୍ପର କାର୍ଯ୍ୟରେ ସହଯୋଗ କାମନା କରିଥାନ୍ତି ।

**ଖାଦ୍ୟ ଗ୍ରହଣ ଓ ପ୍ରତ୍ୟାଖ୍ୟାନଃ** କିସାନ(କୁଣ୍ହାଁ) ସମ୍ପ୍ରଦାୟର ଲୋକେ ପ୍ରତ୍ୟେକ ପ୍ରକାର ଖାଦ୍ୟ ଗ୍ରହଣ କରିଥାନ୍ତି । ଖାଦ୍ୟ ମଧ୍ୟରେ ମାଣ୍ଡି, ତରକାରୀ ଇତ୍ୟାଦି ଖାଇଥାନ୍ତି । ବିବାହ ଉତ୍ସବ, ଶୁଦ୍ଧିକ୍ରିୟା, ଶିଶୁର ନାମକରଣରେ, କର୍ଣ୍ଣବେଧ ସମୟରେ ସେମାନେ ଭାତ ମାଂସ ସମେତ ଚା ଓ ହାଣ୍ଡିଆ ମଦକୁ ପାନୀୟ ହିସାବରେ ମଧ୍ୟ ପ୍ରଦାନ କରିଥାନ୍ତି । କିସାନମାନେ ଏହିସବୁ ଖାଦ୍ୟକୁ ଗ୍ରହଣ କରିଥାନ୍ତି । ସେମାନେ ଅନ୍ୟ ପ୍ରଜାତିକ ଗୋଷ୍ଠୀଙ୍କଠାରୁ ନିଜକୁ ଉଚ୍ଚ ଜାତି ବୋଲି ବିବେଚନା କରିଥାଏ । ଯେଉଁ ଗୋଷ୍ଠୀ ବା ସମ୍ପ୍ରଦାୟ ପାରମ୍ପରିକ କର୍ମକାର୍ଯ୍ୟ ମାନଙ୍କରେ ଧୋବା ଓ ବାରିକର ଆବଶ୍ୟକତା ଲୋଡି ନଥାଏ ସେ କିସାନ ଦୃଷ୍ଟିରେ ଛୋଟଜାତିର ପ୍ରମାଣ ଦେଇଥାଏ । ତଦନୁଯାୟୀ କିସାନପଡାରେ ରହୁଥିବା ପଡୋଶୀ ପ୍ରଜାତି ଗୋଷ୍ଠୀ ମଧ୍ୟରେ କୋହ୍ଲ, ଡମ, ପାଣ ଓ ଧୋବାଙ୍କ ଘରେ ଖାଦ୍ୟ ତଥା ପାନୀୟ ଗ୍ରହଣ କରନ୍ତି ନାହିଁ । ତାଙ୍କୁ ସମସ୍ତେ ଅସବର୍ଣ୍ଣ କହି ଛୁଇଁ ନଥାନ୍ତି । ଡମ ଓ ପାଣଙ୍କୁ ସବୁଠାରୁ ତଳ ପାହିଆ ଦିଆଯାଇଥାଏ । ତାଙ୍କଠାରୁ କୌଣସି ରନ୍ଧା ଖାଦ୍ୟ ଗ୍ରହଣ କରାଯାଏ ନାହିଁ । ସେମାନେ ରାନ୍ଧିଥିବା ଝୋଳକୁ କିସାନମାନେ ପିଅନ୍ତି ନାହିଁ । ସେମାନଙ୍କ ଘରୁ ଶସ୍ୟ, ପନିପରିବା, ଶୁଖୁଆ, କଞ୍ଚାମାଛ ଇତ୍ୟାଦି ବିନା ଦ୍ୱିଧାରେ ଗ୍ରହଣ କରାଯାଏ । ଆବଶ୍ୟକସ୍ଥଳେ ସେମାନଙ୍କଠାରୁ ବାସନକୁସନ, ଚାଉଳ ଓ ପନିପରିବା ଆଣି କିସାନ ନିଜେ ପାଣି ଆଣି ରୋଷେଇ କରି ଖାଦ୍ୟ ସେବନ କରେ । ଅପରପକ୍ଷରେ ଏହି ନୀଚ ଜାତିର ଲୋକମାନେ ସେମାନଙ୍କଠାରୁ/ଘରୁ ସମସ୍ତ ଖାଦ୍ୟ ଗ୍ରହଣ କରିଥାନ୍ତି । ସେମାନେ ଖ୍ରୀଷ୍ଟୀୟାନମାନଙ୍କଠାରୁ ମଧ୍ୟ ଗ୍ରହଣ କରନ୍ତି ।

ମାତ୍ର ମୁସଲମାନଙ୍କଠାରୁ ଖାଦ୍ୟ ଗ୍ରହଣ କରିନଥାନ୍ତି । ଛୁଟିକିଆ, ମୃତିକିଆ ହୋଇଥିବା ବ୍ୟକ୍ତିଙ୍କ ଘରୁ କେହି ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ପ୍ରତ୍ୟେକ ଘରର ସ୍ତ୍ରୀ ଗୃହରେ ଦେବାଦେବୀ ତଥା ପିତୃପୁରୁଷଙ୍କୁ ପୂଜାର୍ଚ୍ଚନାରେ ପୁରୁଷଙ୍କୁ ସହଯୋଗ କରିଥାନ୍ତି । ଅନ୍ୟ ପ୍ରଜାତିକ ଗୋଷ୍ଠୀଠାରୁ ଖାଦ୍ୟ ଗ୍ରହଣ କଲେ ଦେବପୂଜାରେ ବ୍ୟାହତ ଘଟିଥାଏ ବୋଲି ସେମାନେ ବିଶ୍ୱାସ କରିଥାନ୍ତି । ତେଣୁ ସେମାନେ ଅନ୍ୟାନ୍ୟ ପ୍ରଜାତି ଗୋଷ୍ଠୀଠାରୁ କୌଣସି ଖାଦ୍ୟ ଗ୍ରହଣ କରନ୍ତି ନାହିଁ ।

କିସାନ(କୁଣ୍ହାଁ) ନିଜେ ନିଜ ପାଇଁ ସଂପୂର୍ଣ୍ଣ ରୂପେ ପରିପୂରକ ନୁହେଁ । ଅନ୍ୟ କେତେକ ବିଜାତି ଗୋଷ୍ଠୀଙ୍କର ସାହାଯ୍ୟ ସହାନୁଭୂତି ବିନା ସେ ଜୀବନଧାରଣ କରିବା କାଠିକର ପାଠ ହୋଇପାରେ । କମାର(ଲୁହୁରା) ସେମାନଙ୍କୁ ଟାଙ୍ଗିଆ, ଛୁରୀ, କୋଦାଳ, ଫାଂର୍ସା ଇତ୍ୟାଦି ଯୋଗାଇଥାଏ । ଯେଉଁ ଗୁଡିକ ସେ ନିଜେ ଚେଷ୍ଟା କଲେ ମଧ୍ୟ ତିଆରି କରିପାରେ ନାହିଁ । ଅଧିକନ୍ତୁ କେତେକ ଜିନିଷକୁ ଶାଣ କରିବା ପାଇଁ କମାରର ଭୂମିକା ନିତାନ୍ତ ଅପରିହାର୍ଯ୍ୟ । ତେଣୁ ଯେ କୌଣସି ମୁହୂର୍ତ୍ତରେ ସେମାନେ କମାର ବିନା ଯେ ପଙ୍ଗୁ ହୋଇଯାଇ ପାରେ ଏହା ନିଃସନ୍ଦେହ । ସେମାନେ ଦୈନନ୍ଦିନ ଜୀବନରେ ଛୋଟ ବଡ ମାଟି ପାତ୍ର ଆବଶ୍ୟକ କରେ । ଆଧୁନିକ ଯୁଗର ପ୍ରଭାବ ସତ୍ତ୍ୱେ ଏବେ ବି ସେମାନେ ବ୍ୟବହାର କରନ୍ତି ଅନେକ ହାଣ୍ଡି । ତାହା ସେ କୁମ୍ଭାରଠାରୁ ସଂଗ୍ରହ କରିଥାଏ । ତେଣୁ କୁମ୍ଭାରକୁ ଛାଡିବା ମଧ୍ୟ ସହଜ ନୁହେଁ । ଦୈନନ୍ଦିନ ଜୀବନରେ ସେମାନେ  ଅନେକ ବାଉଁଶ ନିର୍ମିତ ଦ୍ରବ୍ୟ ଆବଶ୍ୟକ କରିଥାନ୍ତି । ତେଣୁ ବିଭିନ୍ନ ପ୍ରକାର ପାଛିଆ, ଟୋକେଇ, ମାଛଧରା ଯନ୍ତ୍ର, ମୁଣା, କୁଲା, ଛାଣିବା ଟୋକେଇ, ଶୋଇବା ପଟି ଇତ୍ୟାଦି ପାଇଁ ସେମାନେ ଡମମାନଙ୍କ ଉପରେ ନିର୍ଭର କରନ୍ତି । ସାଧାରଣ ଭାବରେ ସେମାନେ ସମସ୍ତ ପ୍ରଜାତିକ ଗୋଷ୍ଠୀଙ୍କ ଦ୍ୱାରା ଉପକୃତ ହୋଇଥାଆନ୍ତି । କାରଣ ସେମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସାମଗ୍ରୀ ଉପକରଣ ଆଦି ସେହି ପ୍ରଜାତି ଗୋଷ୍ଠୀଙ୍କଠାରୁ ଲବ୍ଧ ହୋଇଥାଏ । ବାସନକୁସନ, ଲୌହ ନିର୍ମିତ ଉପକରଣ, ମୃତ୍ତିକା ଦ୍ରବ୍ୟ, ଲୁଗାପଟା ଏବଂ କୁଲା, ଚଲା, ଡଲା, ପାଛିଆ ଆଦି ଯାବତୀୟ ଗୃହୋପକରଣ ପଡୋଶୀ ପ୍ରଜାତିକ ଗୋଷ୍ଠୀଙ୍କଠାରୁ ଅର୍ଥ କିମ୍ବା ଶସ୍ୟ ବିନିମୟରେ ସଂଗ୍ରହ କରି ଚଳନ୍ତି । ସେହିପରି ସେମାନଙ୍କର ପ୍ରତ୍ୟେକ ପୂଜାପାଠ ପୂର୍ବରୁ ବାରିକ ଧର୍ମୀୟ କର୍ମକର୍ତ୍ତା ପୂଜା କରିପାରନ୍ତି ନାହିଁ । ଉଠିଆରୀ, ଶୁଦ୍ଧିକ୍ରିୟା, ବାହାଘର ମାନଙ୍କରେ ବାରିକ ଓ ଧୋବାଙ୍କର ଆବଶ୍ୟକତା ଅତି ଜରୁରୀ । ବାରିକ କ୍ଷର ନକଲେ କିମ୍ବା ନଖ ନକାଟିଲେ ଏବଂ ଧୋବା ପରିବାରର ଲୋକଙ୍କର

ଲୁଗାପଟା, ବିଚ୍ଛଣାପତ୍ର ଆଦି ସଫା ନକଲେ ବ୍ୟକ୍ତି, ପରିବାର ତଥା ବାସଗୃହ ପବିତ୍ର ହୋଇ ନଥାଏ । ତେଣୁ ଅପବିତ୍ର ଅବସ୍ଥାରେ ଶୁଭକର୍ମ କରାଯାଏ ନାହିଁ କିମ୍ବା ଛୁତିକିଆ, ମୃତିକିଆର ଅପବିତ୍ର ଦୋଷ କଟେ ନାହିଁ । ତେଣୁ ପ୍ରତ୍ୟେକ ପ୍ରଜାତିକ ଗୋଷ୍ଠୀ ସେମାନଙ୍କ ପାଇଁ ଅପରିତେଜ୍ୟ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ଏହା ବାଦ୍ ଅଣଆଦିବାସୀ ଗୋଷ୍ଠୀଙ୍କ ମଧ୍ୟରେ ବ୍ରାହ୍ମଣ, କରଣ, କ୍ଷତ୍ରିୟ, ତେଲି, ଗୁଡିଆ ଆଦି ଜାତିର ବ୍ୟକ୍ତିଙ୍କୁ ନିଜର ପଡୋଶୀ ଭାବରେ ଗ୍ରହଣ କରିବାକୁ ସେମାନେ ମୁଖ୍ୟତଃ ପସନ୍ଦ କରନ୍ତି । ବ୍ରାହ୍ମଣଲୋକ ସେମାନଙ୍କ ବସତିରେ ରହିବାକୁ ଚାହିଁଲେ ସେମାନଙ୍କର ଆପତ୍ତି ନଥାଏ ବରଂ ସେମାନେ ଖୁସି ହୁଅନ୍ତି । କାରଣ ସେମାନଙ୍କର ପାରମ୍ପରିକ ବିବାହୋତ୍ସବ, ଶୁଦ୍ଧିକ୍ରିୟା ଏବଂ ରିଷ୍ଟ ଖଣ୍ଡନ ପୂଜା ଆଦି ବ୍ରାହ୍ମଣ ମାନଙ୍କ ଦ୍ୱାରା ହିଁ ସଂପାଦିତ ହୁଏ ।

**ସାମ୍ପ୍ରତିକ ଅବସ୍ଥା:**

ସେମାନେ ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀ ସହିତ ସବୁ କ୍ଷେତ୍ରରେ ଉତ୍ତମ ସଂପର୍କ ସ୍ଥାପନ କରି ଚଳି ଆସୁଛନ୍ତି । ଅନ୍ୟମାନଙ୍କ କାମରେ ମଧ୍ୟ ନିଜେ ଯୋଗଣ ଦେଉଛନ୍ତି । ଦୈନନ୍ଦିନ ସେମାନେ କେତେ କାମରେ ନିଜକୁ ନିୟୋଜିତ କରୁଛନ୍ତି । କମାର ବିଭିନ୍ନ ପ୍ରକାର ଉପକରଣମାନ ତିଆରି କରି ତାର ପ୍ରତିପୋଷଣ କରିଥାଏ । ସମୟାନୁସାରେ ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀଙ୍କର ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଛି । କିସାନମାନେ ଉନ୍ନତ । ସେଥିରେ ପୁଣି ବର୍ତ୍ତମାନ ସମୟରେ ସମସ୍ତ ଗୋଷ୍ଠୀ ବାହ୍ୟ ସଭ୍ୟତାର ସଂସ୍ପର୍ଶରେ ଆସିଲେଣି ଏବଂ ଜୀବନଧାରାରେ ପରିବର୍ତ୍ତନ ଆଣିଛନ୍ତି । ସମସ୍ତଙ୍କର ଖାଦ୍ୟ, ବାସଗୃହ, ପୋଷାକ ପରିପାଟୀ, ଶିକ୍ଷା, କୃଷିକାର୍ଯ୍ୟ ଇତ୍ୟାଦି ସବୁଥିରେ ଉନ୍ନତି କରିବାକୁ ସେମାନେ ଉଦ୍ୟମ କରୁଛନ୍ତି । ବାହ୍ୟ ସଭ୍ୟତାର ପ୍ରଭାବ ଓ ଶିକ୍ଷାର ପ୍ରସାର ଫଳରେ ସେମାନେ ଆର୍ଥିକ, ସାମାଜିକ, ସାଂସ୍କୃତିକ, ଧାର୍ମିକ ଓ ରାଜନୈତିକ କ୍ଷେତ୍ରରେ ଉନ୍ନତ ହେବାକୁ ଲାଗିଲେଣି । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହେବା ଦ୍ୱାରା ସେମାନଙ୍କର ଚାଲିଚଳଣିରେ ପରିବର୍ତ୍ତନ ଘଟିଛି । ଏବେ ସମସ୍ତେ ସରକାରୀ ବେସରକାରୀ ଚାକିରୀ ମଧ୍ୟ କଲେଣି । ଗ୍ରାମ ବାହାରେ ବସବାସ କରୁଛନ୍ତି । ଗ୍ରାମରେ ରହୁଥିବା କିସାନମାନେ କେବଳ ଚାଷ କାମ କରି ଜୀବିକା ନିର୍ବାହ କରୁନାହାନ୍ତି । ବିଭିନ୍ନ ପ୍ରକାର ପାର୍ଶ୍ୱ ବ୍ୟବସାୟ କରି ଲାଭବାନ୍ ହେଉଛନ୍ତି । ଏପରକି ସେମାନେ ଉତ୍ପାଦିତ ଦ୍ରବ୍ୟକୁ ବିକ୍ରୟ ପାଇଁ

ସହରକୁ ଯାଉଛନ୍ତି । ସେମାନେ ଗୋସଂପଦ ପାଳନ କରିବା ସହିତ ଉନ୍ନତଶୈଳୀରେ ନିର୍ମିତ ବାସଗୃହରେ ବସବାସ କରୁଛନ୍ତି । ସେମାନଙ୍କ ଆଖି ଖୋଲିଦେଇଛି ଶିକ୍ଷା ଓ ସଭ୍ୟତା । ଏବେ ସେମାନେ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିବା ସହିତ ଭୋଟ ରାଜନୀତିକୁ ପ୍ରଭାବିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ କରୁଛନ୍ତି । ଆଧୁନିକ ସଭ୍ୟତା ଆଦିବାସୀ ସଂପ୍ରଦାୟ ଓ ପରମ୍ପରାକୁ ବିମୁଖ କରି ଦେଇଛି । ସେମାନେ ନିଜର ସଂସ୍କୃତିକୁ ଭୂଲି ଯାଉଛନ୍ତି । ଏପରିକି ନିଜ ନିଜର ଭାଷା ମଧ୍ୟ ଭୂଲିଯାଉଛନ୍ତି । ଫଂଳତଃ ଆଦିବାସୀ ଭାଷା ଓ ସଂସ୍କୃତିର ବିଲୋପ ପାଇଁ ରାସ୍ତା ଦେଖା ଯାଉଛି ।

ପ୍ରଜାତିକ ଗୋଷ୍ଠୀ ପ୍ରାୟତଃ ଏହି କିସାନ(କୁଣ୍ହାଁ)ମାନଙ୍କ ଉପରେ ନିର୍ଭରଶୀଳ ହୋଇଥିବାରୁ ସେମାନେ ସେମାନଙ୍କର କ୍ଷତି କରିବାକୁ ପସନ୍ଦ କରନ୍ତି ନାହିଁ । ଏବଂ ସେମାନଙ୍କ ଦ୍ୱାରା ଅନୁପ୍ରେରିତ ହୋଇ କିମ୍ବା ଅନୁମତି ଲାଭ କରି ଏହି ବସତିରେ ବସବାସ କରିବାର ସୁଯୋଗ ପାଇଥିବାରୁ ସେମାନେ ସେବକ ଭାବରେ କାର୍ଯ୍ୟ କରିଥାଆନ୍ତି । ତେବେ ବେଳେବେଳେ ଶ୍ରମଦାନ କରି ଉପଯୁକ୍ତ ପାଉଣା ନପାଇଲେ ସେମାନେ ଅସନ୍ତୁଷ୍ଟ ହୋଇ ଗ୍ରାମସଭାରେ ମାମଲା ରୁଜୁ କରନ୍ତି । ଆବଶ୍ୟକ ସମୟରେ ସେମାନେ ଅର୍ଥ ସାହାଯ୍ୟ ନକଲେ ପ୍ରଜାତି ଗୋଷ୍ଠୀ ରୋଷ କରି କାମ କରିବାକୁ ଆସନ୍ତି ନାହିଁ । ଫଂଳରେ କିସାନ(କୁଣ୍ହାଁ)ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । ଏପରିକି ବାରିକ ମଧ୍ୟ ବିରକ୍ତ ହୋଇ କ୍ଷର କରିବାକୁ କିଛିଦିନ ଆସେନାହିଁ । କିମ୍ବା ଜରୁରୀ କାମ ସମୟରେ ସେମାନେ ଆସିବେ କହି ଆସିନଥାନ୍ତି । ଯଦ୍ୱାରା ସେମାନଙ୍କୁ କ୍ଷତି ସହିବାକୁ ହୋଇଥାଏ । ତେବେ ଏଥିରୁ ଅନୁମାନ କରାଯାଇଥାଏ ଯେ ସେମାନଙ୍କର ଅନ୍ୟ ବିଜାତି ଗୋଷ୍ଠୀ ସହ ଯେ କେବଳ ସୁସମ୍ପର୍କ ରହିଛି ତାହା ନୁହେଁ, ଅନେକ ସମୟରେ ମଧ୍ୟ ଏମାନଙ୍କ ମଧ୍ୟରେ ତିକ୍ତତା ପ୍ରକାଶ ପାଇଥାଏ । ପଡୋଶୀ ଗୋଷ୍ଠୀମାନେ ବେଳେବେଳେ ନିରକ୍ଷରତାର ସୁଯୋଗ ନେଇ ଏମାନଙ୍କୁ ହଇରାଣ କରନ୍ତି । ବିଭିନ୍ନ ଉପାୟରେ ସେମାନଙ୍କୁ ଶୋଷଣ କରନ୍ତି । ନାନା ପ୍ରକାର ନିର୍ଯ୍ୟାତନା ମଧ୍ୟ ଦେଇଥାନ୍ତି । ତେଣୁ ମନୋମାଳିନ୍ୟ, ଗଣ୍ଡଗୋଳ ଓ ହଣାକଟା ମଧ୍ୟ ହୁଏ ଏମାନଙ୍କ ଭିତରେ । ବିଜାତି ଗୋଷ୍ଠୀଙ୍କଠାରୁ ସେମାନେ ବିଭିନ୍ନ ସମୟରେ ଋଣ ଆଣିଥାନ୍ତି । ଋଣଦାତା ସେମାନଙ୍କଠାରୁ ମାତ୍ରାଧିକ ପରିମାଣରେ ସୁଧ ଆଦାୟ କରେ । ବେଳେବେଳେ ସେମାନଙ୍କଠାରୁ ଅନ୍ୟ ପଡୋଶୀମାନେ ଋଣ ନେଇଥାନ୍ତି ଓ ଅନେକ ଦିନ ପରେ ମଧ୍ୟ ପରିଶୋଧ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ । ସେମାନେ ତେଣୁ ଅସନ୍ତୁଷ୍ଟ ହୋଇ କଳିଗୋଳ ଆରମ୍ଭ କରନ୍ତି ।

କେତେକ ସ୍ଥାନରେ ସେମାନଙ୍କଠାରୁ ଏହି ପଡୋଶୀ ଗୋଷ୍ଠୀମାନେ ପଦାଜମି, ପାଣିଜମି, ଶାଳଗଛ, ଖଜୁରୀଗଛ ଇତ୍ୟାଦି ଉଚିତ୍ ମୂଲ୍ୟ ନଦେଇ କ୍ରୟ କରିଥାନ୍ତି । ଅଧିକନ୍ତୁ କ୍ରୟ କରିଥିବା ସମ୍ପତ୍ତି ବ୍ୟତିତ ଅଧିକ ସଂପତ୍ତି ମଧ୍ୟ କରାୟତ କରିବାକୁ ଚେଷ୍ଟା କରନ୍ତି । ଏହିମାନେ ମଧ୍ୟ ସେମାନଙ୍କର ଗୋରୁଗାଈ, ଛେଳିମେଣ୍ଢା, ଖଜୁରୀଗଛରୁ ଖଜୁରୀ ରସ, ପଣସ ଗଛରୁ ପଣସ, ଶସ୍ୟ କିଆରିରୁ ଶସ୍ୟ ଚୋରି କରିବା ଇତ୍ୟାଦି କୁକର୍ମମାନ କରିଥାନ୍ତି । ସେମାନେ ଯେତେବେଳେ ଚୋରର ସନ୍ଧାନ ପାଆନ୍ତି ସେତେବେଳେ ତା ଉପରେ ଚଢଉ କରିଥାଆନ୍ତି । କଳିଗୋଳ, ହଣାକଟା ହୋଇ ଶେଷରେ ଧନଜୀବନ ନଷ୍ଟ ହୁଏ । ପଡୋଶୀ ଗୋଷ୍ଠୀ ବ୍ୟବସାୟୀମାନେ ବିଭିନ୍ନ ଜିନିଷ ଆଣି ଗାଁ ଗାଁ ବୁଲି ସେମାନଙ୍କ ମଧ୍ୟରେ ବିକ୍ରୟ କରିଥାନ୍ତି ଓ ସେମାନଙ୍କଠାରୁ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ଯଥା- ଆମ୍ବ, ଝୁଣା, ମହୁ, ଲାଖ ଇତ୍ୟାଦି କିଣିଥାନ୍ତି । ଏହି କାରବାରରେ ମଧ୍ୟ ସେମାନେ କିସାନମାନଙ୍କୁ ଶୋଷଣ କରିଥାନ୍ତି । ଛୁଆଁଅଛୁଆଁ, ସାନବଡ ଭେଦଭାବ ମଧ୍ୟ ବେଳେବେଳେ ମନୋମାଳିନ୍ୟର କାରଣ ହୋଇଥାଏ ।

ସାଂପ୍ରଦାୟିକ ମନୋଭାବ ରଖି କୌଣସି ଘଟଣାକୁ ରଙ୍ଗ ଦେଲେ ତାହା ପରିସ୍ଥିତିକୁ ଉତ୍ତେଜନାମୟ କରିଥାଏ ଫଳରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ସଂପର୍କ ତିକ୍ତ ହେବା ସହିତ ପ୍ରଭୁତ କ୍ଷତି ସାଧିତ ହୁଏ । ସାମାଜିକ, ଆର୍ଥିକ ଅବସ୍ଥା ଭୁଷୁଡି ପଡେ । ସମସ୍ତେ ମାନସିକ ଚାପର ଶୀକାର ହୁଅନ୍ତି । ମାତ୍ର କିସାନ ବସତିରେ ପ୍ରାୟତଃ ସାଂପ୍ରଦାୟିକ ଉତ୍ତେଜନା ବା ଗଣ୍ଡଗୋଳ ଉପୁଜିନଥାଏ । କାରଣ ସେମାନେ ସମସ୍ତେ ଏକତା, ବନ୍ଧୁଭାବ ନେଇ ବସବାସ କରୁଥାଆନ୍ତି । ପରସ୍ପର ଭିତରେ ଆର୍ଥିକ, ସାମାଜିକ, ଧାର୍ମିକ, ସାଂସ୍କୃତିକ ଓ ରାଜନୈତିକ ସଂପର୍କ ସୁଦୃଢ ଥାଏ । କେହି କାହାର ସହିତ ଶତ୍ରୁ ଭାବ ପୋଷଣ କରନ୍ତି ନାହିଁ । ସେମାନେ ପ୍ରଜାତି ଗୋଷ୍ଠୀଙ୍କ ଦ୍ୱାରା ଉପକୃତ ହେବା ସଂଗେ ସଂଗେ ପ୍ରଜାତି ଗୋଷ୍ଠୀ କିସାନ ସମାଜ ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି । ପରସ୍ପର ମଧ୍ୟରେ ଭାଇ, ଦାଦା, ମାମୁଁ ଆଦି ଡକାଡକି ହୁଅନ୍ତି । ପୂଜାପାର୍ବଣ, ଉତ୍ସବାନୁଷ୍ଠାନ ମାନଙ୍କରେ ସମସ୍ତେ ସମସ୍ତଙ୍କୁ ନିମନ୍ତ୍ରଣ ଜଣାନ୍ତି । ପୂଜା ପାଇଁ ଚାନ୍ଦା ମଧ୍ୟ ଦିଅନ୍ତି । ପ୍ରତ୍ୟେକ ଧର୍ମ ପ୍ରତି ପ୍ରତ୍ୟେକଙ୍କର ସମ୍ମାନବୋଧ ରହିଥାଏ । ଗୋଷ୍ଠୀ ନିର୍ବିଶେଷରେ ସମସ୍ତେ ଗ୍ରାମରେ ଏକତା ବଜାୟ ରଖିଥାନ୍ତି । ବିପଦ ଆପଦରେ ସଭିଏଁ ପରସ୍ପର ସହାୟକ ହୁଅନ୍ତି । ଏହି ସଂପ୍ରଦାୟ ସାଧାରଣତଃ ଶାନ୍ତିପ୍ରିୟ ସହଯୋଗ ମନୋବୃତ୍ତି ନେଇ

ସମସ୍ତ ପଡୋଶୀ ପ୍ରଜାତିକ ଗୋଷ୍ଠୀଙ୍କ ସହ ଏକତାର ସୂତ୍ରରେ ବାନ୍ଧିହୋଇ ବଞ୍ଚିବାକୁ ଅଧିକ ପସନ୍ଦ କରନ୍ତି । କିନ୍ତୁ କେତେକ ସ୍ଥଳରେ ଉଦ୍ଦେଶ୍ୟମୂଳକ ଭାବରେ ଏମାନଙ୍କର ଭଙ୍ଗ କରାଯାଇ କ୍ଷତି ପହଞ୍ଚାଇ ଦିଆଯାଏ । ସାଧାରଣତଃ ଅଣଆଦିବାସୀ ମାନଙ୍କ ପ୍ରତି ସେମାନଙ୍କ ଧାରଣା ଉତ୍ତମ ନୁହେଁ। ବିଭିନ୍ନ ଉପାୟରେ ସେମାନେ ସମସ୍ତ ଆଦିବାସୀମାନଙ୍କୁ ଶୋଷଣ କରିବାକୁ ଚେଷ୍ଟା କରନ୍ତି । ସେ ମଧ୍ୟରୁ ମୁଖ୍ୟ ହେଉଛି ଆର୍ଥିକ ଦିଗ । ଦ୍ରବ୍ୟର ଉଚିତ୍ ଦାମ ନଦେଇ ବହୁ କମ୍ ମୂଲ୍ୟରେ ସେମାନେ ଆଦିବାସୀଙ୍କଠାରୁ ଉତ୍ପାଦିତ ଶସ୍ୟ, ସଂଗୃହୀତ ଜଙ୍ଗଲଜାତ ଦ୍ରବ୍ୟ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଉପକରଣମାନ କ୍ରୟ କରିଥାନ୍ତି । ଫଳରେ ଆର୍ଥିକ କ୍ଷେତ୍ରରେ ଏମାନଙ୍କୁ କ୍ଷତି ସହିବାକୁ ପଡିଥାଏ । ଆହୁରି ମଧ୍ୟ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ନିଗୁଢ ସଂପର୍କ ରହିଥିଲେ ହିଁ ବିବାହ ସଂପର୍କ ସ୍ଥାପିତ ହୁଏନାହିଁ । ଯଦି ଗୋଟିଏ ଗୋଷ୍ଠୀର ପୁଅ ଅନ୍ୟ ଗୋଷ୍ଠୀର ଝିଅକୁ ଅପହରଣ କରେ କିମ୍ବା ତାକୁ ଜବରଦସ୍ତ ବିବାହ କରେ କିମ୍ବା ପ୍ରେମସଂପର୍କ ସ୍ଥାପିତ ହୁଏ, ତେବେ ତାହା ଗୋଷ୍ଠୀ ସଂଘର୍ଷ ବା ଉତ୍ତେଜନାର ରୂପ ନେଇଥାଏ । କାରଣ ସମସ୍ତଙ୍କ ମଧ୍ୟରେ ଗୋଷ୍ଠୀ ସ୍ୱାତନ୍ତ୍ର୍ୟ ସୁରକ୍ଷିତ ରହିଥାଏ। ଏଥିରେ ଖିଲାପ ହେଲେ ଉତ୍ତେଜନା ସୃଷ୍ଟି ହେବା ସ୍ୱାଭାବିକ । ସେହିପରି ଅନ୍ୟ ପ୍ରଜାତି ଗୋଷ୍ଠୀର ପୁଅ କିମ୍ବା ଝିଅ ଯଦି ସେମାନଙ୍କ ଜାତିର ଝିଅ କିମ୍ବା ପୁଅ ସହିତ ଗୁପ୍ତ ପ୍ରେମ ସଂପର୍କ ରଖନ୍ତି, ତେବେ ତାହା ସମାଜକୁ ଉତ୍ତେଜିତ କରିଥାଏ । କୌଣସି ପରିସ୍ଥିତିରେ ମଧ୍ୟ ଏହାକୁ ସେମାନେ ସ୍ୱୀକୃତି ପ୍ରଦାନ କରନ୍ତି ନାହିଁ । ତାହା ଗୁରୁତର ଆକାର ଧାରଣ କରି ଗ୍ରାମ ସଭାରେ ବିଚାର ଆଲୋଚନା ହୁଏ ଏବଂ ସଂପୃକ୍ତ ପ୍ରଜାତି ଗୋଷ୍ଠୀର ପରିବାରକୁ ଗ୍ରାମରୁ ବହିଷ୍କାର କରାଯାଇଥାଏ । ଏତଦ୍ ଭିନ୍ନ ପ୍ରଜାତିକ ଗୋଷ୍ଠୀଙ୍କର ଲୋଭ ବା ଚୋରୀ, ହିଂସା, ଈର୍ଷା, କଳି, ଝଗଡା ଇତ୍ୟାଦି ଭଳି ଅସଦ୍ ଗୁଣ କିମ୍ବା କାର୍ଯ୍ୟକୁ ସେମାନେ ପସନ୍ଦ କରିନଥାନ୍ତି । କେବେକେବେ ପ୍ରଜାତିକ ଗୋଷ୍ଠୀମାନେ ତାଙ୍କଠାରୁ ଆସବାବପତ୍ର, ଖାଦ୍ୟସାମଗ୍ରୀ, ଅଳଙ୍କାରପତ୍ର ଏବଂ ଚାଷଜମିରୁ ଧାନ, ମୁଗ, ବିରି, କୋଳଥ ମଧ୍ୟ ଚୋରି କରୁଥିବାର ଦେଖାଯାଇଥାଏ । ଏହି ଚୋରି ମନୋବୃତ୍ତି ଈର୍ଷାପରାୟଣ ହୋଇ ପ୍ରଜାତି ଗୋଷ୍ଠୀ କରିଥାଆନ୍ତି । ଫଳରେ ଏମାନେ ପ୍ରଭୁତ କ୍ଷତିର ସମ୍ମୁଖୀନ ହୋଇଥାନ୍ତି । ଅନୁରୂପ ଭାବେ ସାମୁହିକ ପୂଜାପାଠ ପାଇଁ କୌଣସି ପ୍ରଜାତି ଗୋଷ୍ଠୀର ବ୍ୟକ୍ତି ଚାନ୍ଦା ଦେବାକୁ କୁଣ୍ଠାବୋଧ କଲେ କିମ୍ବା ପୂଜାରେ ଉପସ୍ଥିତ ରହି ତାକୁ ସହଯୋଗ ନକଲେ ସେ ମାମଲା ମଧ୍ୟ ଅତ୍ୟନ୍ତ ଭୟଙ୍କର ହୋଇଥାଏ । ପ୍ରଥମ ଥର ସଂପୃକ୍ତ ବ୍ୟକ୍ତିକୁ ବୁଝାଇ ଶୁଝାଇ କ୍ଷମା ଦିଆଯାଇଥାଏ ।

କିନ୍ତୁ ସେ ତାହା ଗ୍ରହଣ ନକରି ପୁନର୍ବାର ସେପରି ଅସହଯୋଗ କଲେ ଗ୍ରାମସଭା ତାକୁ ଅର୍ଥଦଣ୍ଡରେ ଦଣ୍ଡିତ କରିଥାଏ । ଅବଶ୍ୟ ଆଗରୁ ଏପ୍ରକାର ପରିସ୍ଥିତି ଆଦିବାସୀ ସଂପ୍ରଦାୟଙ୍କ ଭିତରେ କମ୍ ଉପୁଜୁଥିଲା । ଏବେ କିନ୍ତୁ କଳୁଷିତ ରାଜନୀତିର ପ୍ରଭାବରେ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଓ ତଦ୍ ଜନିତ କ୍ଷତି ସାଧନର ପରିମାଣ ବୃଦ୍ଧି ଘଟୁଥିବାର ପରିଲକ୍ଷିତ ହୋଇଥାଏ । ନିର୍ବାଚନ ଓ ଭୋଟ ପ୍ରକ୍ରିୟା ସରଳ ଜନଜାତିମାନଙ୍କୁ ଜଟିଳ କରିଦେଇଥିବା ଅନୁଭୂତ ହୁଏ । ପ୍ରାୟତଃ ଉତ୍ତେଜନା ବିଭିନ୍ନ ଗୋଷ୍ଠୀଙ୍କ ଭିତରେ ମୂଳତଃ ଏହି କାରଣରୁ ହୋଇଥାଏ । ଏତଦ୍ ବ୍ୟତୀତ କିଣାବିକା କିମ୍ବା ବ୍ୟବସାୟିକ ଗଣ୍ଡଗୋଳ କେବେକେବେ ଉପୁଜୁଥିବା ଦେଖାଯାଇଥାଏ । ନିଶାଗ୍ରସ୍ତ ହୋଇ ମଧ୍ୟ କେହି କେହି ବ୍ୟକ୍ତିଗତ ଭାବରେ ମାଡପିଟ ହେବା ଯୋଗୁଁ ତାହା ଗୋଷ୍ଠୀ ଉତ୍ତେଜନାର ରୂପ ନିଏ । ଖେଳକୁଦରେ, ବାଜି ମରାମରିରେ, ଯୁବକମାନଙ୍କ ମଧ୍ୟରେ, ସାମାନ୍ୟ ବଚସା ଅନେକ ସମୟରେ ଗୋଷ୍ଠୀମାନଙ୍କୁ ପ୍ରଭାବିତ କରିଥାଏ । ଏହାଦ୍ୱାରା କିସାନ(କୁଣ୍ହାଁ) ସଂପ୍ରଦାୟର ବା ଲୋକମାନଙ୍କର ମାନସିକ ଶାନ୍ତି ବ୍ୟାହତ ହୋଇଥାଏ ।

ସମସ୍ତଙ୍କର ସର୍ବାଙ୍ଗୀନ ଉନ୍ନତି ଓ ସମସ୍ତେ ସୁଖଶାନ୍ତିରେ ଜୀବନ ଯାପନ କରିବା ପାଇଁ ଏମାନଙ୍କ ମଧ୍ୟରୁ ହିଂସା, ଦ୍ୱେଷ, କଳିଗୋଳ, ହଣାକଟା ଦୂର କରିବା ସହିତ ଉତ୍ତମ ବୁଝାମଣା ଓ ସୁସଂପର୍କ ପ୍ରତିଷ୍ଠା କରିବା ଉଚିତ । ଗ୍ରାମର ସାମୁହିକ ଭାବରେ ପାଳିତ ହେଉଥିବା ପର୍ବପର୍ବାଣୀ ମାନଙ୍କରେ ପଡୋଶୀ ପ୍ରଜାତି ଗୋଷ୍ଠୀମାନଙ୍କୁ ଆମନ୍ତ୍ରଣ କରି ଭୋଜି ଭାତର ଆୟୋଜନ କରିପାରିଲେ ଉଭୟଙ୍କ ମଧ୍ୟରେ ଭ୍ରାତୃତା ଭାବ ସୃଷ୍ଟି ହେବା ସଂଗେ ସଂଗେ ଉଭୟ ଗୋଷ୍ଠୀ ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇପାରିବ । ସେହିଭଳି ଭାବରେ ପ୍ରଜାତିକ ଗୋଷ୍ଠୀମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ଯଦି ସେମାନେ ଯାଇ ସକ୍ରିୟ ଅଂଶ ଗ୍ରହଣ କରନ୍ତି ସେମାନେ ଖୁସି ହୋଇଥାନ୍ତି । ପରସ୍ପର ସ୍ନେହ ମମତାରେ ବାନ୍ଧି ହୋଇଯାଆନ୍ତି । ପର୍ବପାଳନ କ୍ଷେତ୍ରରେ, ଅର୍ଥାଭାବ, ମରୁଡି ସମୟରେ ଯଦି ଉପସ୍ଥିତ ରହି ସେମାନଙ୍କୁ ଆର୍ଥିକ ସାହାଯ୍ୟ, ସହଯୋଗୀ ଶ୍ରମଦାନ, ଖାଦ୍ୟ ପାନୀୟ ଯୋଗାଣ କରିବା ଦ୍ୱାରା ଉଭୟ ଗୋଷ୍ଠୀ ମଧ୍ୟରେ ଉତ୍ତମ ସଂପର୍କ ସ୍ଥାପନ ହୋଇପାରିବ । ଗ୍ରାମରେ କୌଣସି ସାଂସ୍କୃତିକ କାର୍ଯ୍ୟରେ ମିଳିତ ଭାବରେ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମଟିକୁ ସଫଳ ରୂପ ଦେଇପାରିଲେ ଉଭୟ ଗୋଷ୍ଠୀ ମଧ୍ୟରେ ସମ୍ପର୍କ ଦୃଢୀଭୂତ ହୋଇପାରିବ । ବ୍ୟକ୍ତି ସଚେତନତା ହିଁ ଗୋଷ୍ଠୀ ଗୋଷ୍ଠୀ ମଧରେ ସୁସଂପର୍କ ସ୍ଥାପନର ସର୍ବୋତ୍କୃଷ୍ଟ ମାଧ୍ୟମ । ଧନୀ, ଗରିବ, ସମାଜ, ଗୋଷ୍ଠୀ ନିର୍ବିଶେଷରେ ସମସ୍ତେ ସମାନ ।

ସମସ୍ତଙ୍କର ସମାନ ଅଧିକାର ରହିଛି । ଗ୍ରାମଟି ସଭିଙ୍କର, ଗ୍ରାମର ସର୍ବାଙ୍ଗୀନ ଉନ୍ନତି, ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠିତ ରଖିବା ସମସ୍ତଙ୍କର ନୈତିକ କର୍ତ୍ତବ୍ୟ । ଜାତି, ଧର୍ମ, ବର୍ଣ୍ଣ ଭିନ୍ନତାରେ ସମସ୍ତେ ଆପଣାର ଭାଇବନ୍ଧୁ ପରସ୍ପର ମଧ୍ୟରେ ସହଯୋଗ ମନୋବୃତ୍ତି ରହିବା ଦରକାର । ତେଣୁ ଏପରି ଏକତା ଓ ସଂହତିର ବାତାବରଣ ସୃଷ୍ଟି ପାଇଁ ପ୍ରତ୍ୟେକ ଗୋଷ୍ଠୀର ବ୍ୟକ୍ତିଙ୍କୁ ସଚେତନ ହେବାକୁ ପଡିବ । ବ୍ୟକ୍ତି ସଚେତନତା ପାଇଁ ପୁଣି ଆବଶ୍ୟକ ଶିକ୍ଷା ଓ ପ୍ରେରଣା । ଏହା ଗ୍ରାମଭିତ୍ତିକ ଶିକ୍ଷିତ ବ୍ୟକ୍ତିଙ୍କର ଉଦ୍ୟମ ତଥା ସରକାରୀ ପ୍ରୋତ୍ସାହନର ସଂଯୋଗରେ ହିଁ ସମ୍ଭବ ହୋଇପାରିବ ବୋଲି ଆଶା କରାଯାଏ । ଆଦିବାସୀ ସଂପ୍ରଦାୟଗୁଡିକ ମୁଖ୍ୟତଃ ଧର୍ମ ସର୍ବସ୍ୱ ଗୋଷ୍ଠୀ । ତେଣୁ ପ୍ରତ୍ୟେକଙ୍କର ଧର୍ମଧାରାକୁ ଦୃଷ୍ଟି ସମକ୍ଷରେ ରଖି କିମ୍ବା ପ୍ରତ୍ୟେକଙ୍କର ଧର୍ମ ସ୍ୱାତନ୍ତ୍ର୍ୟକୁ ଗୁରୁତ୍ୱ ଦେଇ ଭିନ୍ନ ଭିନ୍ନ ମାର୍ଗ ଖୋଜିବାକୁ ପଡିବ । ପ୍ରତ୍ୟେକ ଗୋଷ୍ଠୀର ମାନସିକତାକୁ ଜାଣିବା ବୁଝିବା ଏକାନ୍ତ ଜରୁରୀ । ସବୁ ମଣିଷ ସମାନ । କେବଳ ପରିସ୍ଥିତି ଓ ପରିବେଶ ଯୋଗୁଁ ହିଁ ମଣିଷର ବାହ୍ୟ ସ୍ଥିତିରେ ଉଚ୍ଚନୀଚ ଭାବ ଦେଖା ଦେଇଥାଏ । ତେଣୁ ବ୍ୟକ୍ତିଗତ ବା ସାମୁହିକ ଭାବେ ଲୋକ ଚରିତ୍ରର ସଂଶୋଧନ, ପରିବର୍ତ୍ତନ ଏକାନ୍ତ ଅପରିହାର୍ଯ୍ୟ । ଦ୍ୱିତୀୟତଃ ସମସ୍ତ ପ୍ରଜାତିକ ଗୋଷ୍ଠୀ ଶିକ୍ଷିତ ହୁଅନ୍ତେ ତେବେ ସେମାନଙ୍କ ମଧ୍ୟରେ ସଂପର୍କ ଉଚ୍ଚମାନର ହୋଇପାରନ୍ତା । ତା'ପରେ ତାଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ଦରକାର । କେଉଁ ଉପାୟରେ ଅର୍ଥ ଉପାର୍ଜନ ହୋଇପାରିବ ପ୍ରତ୍ୟେକଟି ସତ୍ ମାର୍ଗ ସମସ୍ତଙ୍କୁ ଦିଆଯିବ । ଆବଶ୍ୟକସ୍ଥଳେ ସେମାନଙ୍କୁ ଆର୍ଥିକ ଏବଂ ତାଲିମ ସହାୟତା ଯୋଗାଇ ଦିଆଯାଇପାରିବ । ସାମାଜିକ ସ୍ତରରେ ମାନସିକତାର ପରିବର୍ତ୍ତନ ଘଟିଲେ ତାହା ବ୍ୟକ୍ତିସ୍ତରକୁ ସଂକ୍ରମିତ ହୋଇ ଗୋଷ୍ଠୀ ସଂପର୍କରେ ଉନ୍ନତି ଆଣିବାରେ ସକ୍ଷମ ହୋଇପାରିବ । ଅବଶ୍ୟ ଏଥିପାଇଁ ବେସରକାରୀ ସଂସ୍ଥା ଆଦିବାସୀ ବହୁଳ ଗ୍ରାମଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ ତଥା ସାମାଜିକ ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟ କରୁଛନ୍ତି । ସରକାରୀ ସ୍ତରରେ ମଧ୍ୟ ଆଦିବାସୀ ମାନଙ୍କର ଉନ୍ନତି ପାଇଁ ବହୁ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । କିନ୍ତୁ ଏଥିରେ ଆନ୍ତରିକତାର ଘୋର ଅଭାବ ପରିଲକ୍ଷିତ ହୁଏ । ସରକାରୀ ସ୍ତର କଥା ନକହିବା ଭଲ । ପ୍ରଥମତଃ ପ୍ରକଳ୍ପର ଯୋଜନା ତ୍ରୁଟିପୂର୍ଣ୍ଣ । ସେଥିରେ ପୁଣି ବାଟରେ ଅର୍ଥର ବାଟମାରଣା । ବେସରକାରୀ ସଂସ୍ଥାଗୁଡିକ ଦେଶ ବିଦେଶରୁ ଅର୍ଥ ସହାୟତା ପାଇ ମଧ୍ୟ ଆନ୍ତରିକତାର ସହ ଉପଯୁକ୍ତ ଧାରାରେ ଜନଜାତିମାନଙ୍କ ଉନ୍ନତି କରିପାରୁନାହାନ୍ତି । ପୁନଶ୍ଚ ଆଦିବାସୀ ଗୋଷ୍ଠୀର ଯେଉଁ ପାଠ ପଢୁଆ ଚତୁର ପିଲା ଶିକ୍ଷିତ ହୋଇ ବାହାରୁଛନ୍ତି

ସେମାନେ ଗୋଷ୍ଠୀ ବିଷୟରେ ଆଦୌ ଚିନ୍ତା କରୁ ନାହାନ୍ତି । ସହରାଞ୍ଚଳରେ ବାସ କରି ନିଜର ଗୋଷ୍ଠୀ, ସମାଜ, ସଂସ୍କୃତି, ଭାଷା, ପରମ୍ପରା ସବୁକୁ ବେଶ୍ ଭଲଭାବରେ ଭୁଲି ଯାଉଛନ୍ତି । ସେମାନଙ୍କୁ ଗାଁ ଆଉ ଭଲ ଲାଗୁନାହିଁ । ନିଜକୁ ଆଦିବାସୀ ବୋଲି ପରିଚୟ ଦେବାକୁ କୁଣ୍ଠାବୋଧ ପ୍ରକାଶ କରୁଛନ୍ତି । ଗ୍ରାମସ୍ତରୀୟ ପାରମ୍ପରିକ ଗ୍ରାମସଭାରେ ବିଭିନ୍ନ କାର୍ଯ୍ୟକଳାପର ପଡୋଶୀ ଗୋଷ୍ଠୀମାନେ ସକ୍ରିୟଅଂଶ ଗ୍ରହଣ କରିବା ଉଚିତ୍ । ସହଯୋଗୀ ଶ୍ରମ ବିନିମୟରେ ଉଭୟ ଗୋଷ୍ଠୀର କୃଷିକାର୍ଯ୍ୟାଦି ସମ୍ପାଦନ କରାଯାଇ ପାରିଲେ ସେମାନଙ୍କ ମଧ୍ୟରେ ଦୃଢ ସଂପର୍କ ପ୍ରତିଷ୍ଠା ହେବା ସହ ବିପଦ ସମୟରେ ପରସ୍ପରକୁ ସାହାଯ୍ୟ କରିବା ମନୋବୃତ୍ତି ବଳବତ୍ତର ହେବ । ଗାଁ ଗାଁରେ ବିଭିନ୍ନ ସଭାସମିତିର ଆୟୋଜନ କରି ସମସ୍ତେ ଏକତ୍ର ମିଳିମିଶି ଚଳିଲେ ଅନେକ ଉନ୍ନତି ସାଧନ କରାଯାଇପାରିବ ବୋଲି ବୁଝାଇବା ଦରକାର । ବିଭିନ୍ନ ପ୍ରକାର ଖେଳକୁଦରେ ଉଭୟ ଗୋଷ୍ଠୀର ପିଲା ତଥା ଯୁବକ ମିଳିତ ଭାବେ ଭାଗ ନେଇ ଖେଳିଲେ ମଧ୍ୟ ସେମାନଙ୍କ ମଧ୍ୟରେ ସଂପର୍କ ଦୃଢୀଭୂତ ହୋଇପାରିବ । ଗ୍ରାମରେ ଉପୁଜୁଥିବା ବିବାଦର ବିଚାର କ୍ଷେତ୍ରରେ ସହଯୋଗ ପାଇଁ ପଡୋଶୀ ପ୍ରଜାତି ଗୋଷ୍ଠୀର ଲୋକଙ୍କୁ ନିମନ୍ତ୍ରଣ କରାଯାଇଥାଏ । କିସାନ(କୁଣ୍‌ହାଁ)ମାନେ ମଧ୍ୟ ସେମାନଙ୍କ ଗ୍ରାମକୁ ବିଚାର କ୍ଷେତ୍ରରେ ସହଯୋଗ କରିବା ପାଇଁ ସଭାରେ ଅଂଶ ଗ୍ରହଣ କରିଥାନ୍ତି । ଫଳରେ ଉଭୟ ଗ୍ରାମର ରାଜନୈତିକ ସଂପର୍କ ବୃଦ୍ଧି ହୋଇଥାଏ । ଶୀକାର କ୍ଷେତ୍ରରେ ସହଯୋଗ କରିବା ପାଇଁ ମଧ୍ୟ ପଡୋଶୀ ପ୍ରଜାତିକ ଗୋଷ୍ଠୀକୁ ଆମନ୍ତ୍ରଣ କରାଯାଇଥାଏ । ସେମାନେ ମଧ୍ୟ ଉକ୍ତ କାର୍ଯ୍ୟକୁ ଖୁସିରେ ସମାପନ କରିଥାଆନ୍ତି । ଏଭଳି ପରିସ୍ଥିତିରେ ବିଭିନ୍ନ ଗୋଷ୍ଠୀଙ୍କ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠିତ ହେବା ସ୍ୱାଭାବିକ । ଅପରପକ୍ଷରେ ଶୋଷଣ, କ୍ଷୋଭ ଓ ଚୋରି ଆଦି କୁକର୍ମରେ ଲିପ୍ତ ପ୍ରଜାତି ଗୋଷ୍ଠୀ ବ୍ୟକ୍ତିକୁ ସେଥିରୁ ନିବୃତ୍ତ କରାଇବା ପାଇଁ ବିଚାର ଆଲୋଚନା କରି ଉଚିତ୍ ପଦକ୍ଷେପ ନିଆଯିବା ଆବଶ୍ୟକ । ଉପରୋକ୍ତ ପ୍ରତ୍ୟେକ କାର୍ଯ୍ୟରେ ପଡୋଶୀ ଗୋଷ୍ଠୀମାନଙ୍କ ସହ ସଂପର୍କ ସ୍ଥାପନ କରି ପାରିଲେ ତାହା ଦୃଢୀଭୂତ ହୋଇ ପାରିବ ।

# ଔଷଧ ଓ ବୈଦ୍ୟ

ଜନ୍ମ, ମୃତ୍ୟୁ ଭଳି ରୋଗ ବ୍ୟାଧି ମଣିଷ ଜୀବନର ଏକ ସାଧାରଣ ପ୍ରକ୍ରିୟା । ଶରୀର କେତେବେଳେ, କେଉଁ ମୁହୂର୍ତ୍ତରେ କିପ୍ରକାର ରୋଗର ଶିକାର ହେବ ତାହା କଳନା କରିବା ସମ୍ଭବ ନୁହେଁ । କେବଳ ସାଧରାଣ ମଣିଷ ନୁହଁନ୍ତି, ମୁନି, ଋଷି ଏବଂ ଦେବତାମାନେ ମଧ୍ୟ ରୋଗ ବ୍ୟାଧିର କବଳରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ନଥିବାର ପୁରାଣ ଇତିହାସ ସୂଚନା ଦିଏ । ସର୍ବଶ୍ରେଷ୍ଠ ପ୍ରାଣୀ ହିସାବରେ ମନୁଷ୍ୟ ତା'ର ଜୀବନ ପରିଧି ମଧ୍ୟରେ ବିଭିନ୍ନ ରୋଗ ଯନ୍ତ୍ରଣା ଭୋଗ କରିଥାଏ । ରୋଗ ନିରାକରଣ ଦିଗରେ ଔଷଧ ଉପରେ ନିର୍ଭର କରିଥାଏ । ବିଭିନ୍ନ ପ୍ରକାର ଔଷଧ ତିଆରି ପାଇଁ ପରୋକ୍ଷରେ ବା ପ୍ରତ୍ୟକ୍ଷରେ ଏହି ପ୍ରକୃତି ମାନବ ସମାଜକୁ ଯୋଗାଉଅଛି । ପ୍ରକୃତି ହେଉଛି ଔଷଧର ଭଣ୍ଡାର । ତେଣୁ ଯୁଗେ ଯୁଗେ ମଣିଷକୁ ସୁସ୍ଥ ତଥା ଶାନ୍ତିରେ ବଞ୍ଚିବା ପାଇଁ ଔଷଧ ଓ ବୈଦ୍ୟର ସହାୟତା ନେବାକୁ ପଡିଛି । ରୋଗ କବଳରୁ ନିଜକୁ ମୁକ୍ତ ତଥା ସୁରକ୍ଷିତ ରଖିବା ମଧ୍ୟ ମଣିଷର ନୈତିକ କର୍ତ୍ତବ୍ୟ । ନଚେତ୍ ସାମାଜିକ ଜୀବନ ଭୁଷୁଡି ଯିବାର ସମ୍ଭାବନା ଥାଏ । ତେଣୁ ପ୍ରତ୍ୟେକଟି ବ୍ୟକ୍ତିବିଶେଷ ନିଜର ଜୀବନ ପରିଧି ମଧ୍ୟରେ ଔଷଧ ଏବଂ ବୈଦ୍ୟ ଉପରେ ନିର୍ଭରଶୀଳ ।

ଅନୁରୂପ ଭାବେ କିସାନ(କୁଣ୍ହାଁ) ସମାଜ ଔଷଧ ଓ ବୈଦ୍ୟ ପରମ୍ପରାକୁ ଆପଣେଇ ଥିବା ଜଣାଯାଏ । ଏହା ସେମାନଙ୍କର ପ୍ରାଚୀନ ପରମ୍ପରା । ସେମାନଙ୍କ ସମାଜରେ ଅନ୍ୟ ଏକ ବିଶେଷତ୍ୱ ହେଉଛି ସେମାନେ ଚିକିତ୍ସା କ୍ଷେତ୍ରରେ ଆଧ୍ୟାତ୍ମିକ ଚେତନାକୁ ମିଶାଇ ଥାଆନ୍ତି । ଏହି ଧର୍ମଭିତ୍ତିକ ସଂପ୍ରଦାୟଟି ଆଧ୍ୟାତ୍ମିକ ଶକ୍ତି ବିନା ଜୀବନଧାରଣ ଅସମ୍ଭବ ମନେ କରେ । ସେଥିପାଇଁ ବୋଧହୁଏ ସେମାନଙ୍କ ସମାଜରେ ସ୍ୱତନ୍ତ୍ର ବୈଦ୍ୟ ନୁହେଁ, ଯାଦୁଧର୍ମୀୟ କର୍ମକର୍ତ୍ତା "ଦେହୁରୀ" ହିଁ ବୈଦ୍ୟ ରୂପରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି ।

ଦେହୁରୀ ପୂଜାବିଧି ସହିତ ପ୍ରାକୃତିକ ଜଡିବୁଟି ସାହାଯ୍ୟରେ ସେମାନଙ୍କୁ ରୋଗ କବଳରୁ ସୁରକ୍ଷା ପ୍ରଦାନ କରିଥାଆନ୍ତି । ଏହି ଔଷଧୀୟ ଦ୍ରବ୍ୟ ପାଇଁ ସେମାନଙ୍କୁ ପ୍ରାୟତଃ ନିର୍ଭର କରିବାକୁ ପଡିଥାଏ ନିକଟବର୍ତ୍ତୀ ଜଙ୍ଗଲ ଓ ପାହାଡ ଉପରେ । ପାହାଡ ଜଙ୍ଗଲରେ ଭରି ରହିଥିବା ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷର ପତ୍ର ଫୁଲ, ଚେର, ଛେଲି, ମଂଜି, କାଣ୍ଡ

ଆଦିକୁ ସଂଗ୍ରହ କରି ସ୍ୱଜ୍ଞାନ କୌଶଳ ବଳରେ ଔଷଧ ପ୍ରସ୍ତୁତ କରି ସେମାନେ ରୋଗୀ ଚିକିତ୍ସା କରନ୍ତି । ଚିକିତ୍ସା କ୍ଷେତ୍ରରେ ଏହି ପ୍ରଣାଳୀ ସେମାନଙ୍କର ପାରମ୍ପରିକ । ଜୀବନକାଳ ମଧ୍ୟରେ ସମସ୍ତ ଦୃଶ୍ୟମାନ ତଥା ଲବ୍ଧ ବୃକ୍ଷାଦି ବୈଦ୍ୟଙ୍କ ପାଇଁ ଔଷଧ ତୁଲ୍ୟ । ପ୍ରତ୍ୟେକଟି ବୃକ୍ଷ, ଗୁଳ୍ମ, ତୃଣ ଆଦିର ସେମାନେ ବିଭିନ୍ନ ରୋଗ ନିଦାନ ପାଇଁ ଆବଶ୍ୟକୀୟ ଶକ୍ତି ଥିବାର ଅନୁଭବ କରନ୍ତି ।

**ବିଭିନ୍ନ ପ୍ରକାର ଔଷଧ :**

ପ୍ରକୃତିରୁ ସଂଗୃହିତ କେତେକ ଔଷଧ ନିମ୍ନରେ ପ୍ରଦାନ କରାଗଲା । କିସାନମାନେ ଔଷଧ ସଂଗ୍ରହ କରିବା ସହିତ ପ୍ରସ୍ତୁତ ମଧ୍ୟ କରିଥାନ୍ତି । ବିଭିନ୍ନ ପ୍ରକାର ଘାସକୁ ଔଷଧ ରୂପେ ବ୍ୟବହାର କରିଥାନ୍ତି । କଅଁଳ କାଣ୍ଡ ଥିବା ସବୁଜ ଉଦ୍ଭିଦମାନଙ୍କୁ ତୃଣ କୁହାଯାଏ । ଏହି ତୃଣରୁ ସେମାନେ ବିଭିନ୍ନ ପ୍ରକାର ଔଷଧମାନ ପ୍ରସ୍ତୁତ କରିଥାନ୍ତି । ଦୁବଘାସ (ଦୁବ୍‌ଲାଲାଟା), ମୁଥାଘାସ, ସବାଇଘାସ, ବେଣା, ଗୟସ ଆଦି ତୃଣ ଔଷଧ ଆକାରେ ବ୍ୟବହୃତ ହୋଇଥାଏ ।

**ଦୁବଘାସ(ଦୁବ୍‌ଲାଲାଟା):** ଦୁବଘାସ ମଧ୍ୟ ଏକ ଔଷଧୀୟ ତୃଣ । ଏହାକୁ ବାଟି ମସୃଣ କରାଯାଏ ଏବଂ ବାଉଁଶ ଚ୍ଛେଲି ଦ୍ୱାରା ସେହି ବଟାକୁ ନେଇ ଆସ୍ତେ ଆସ୍ତେ କଟା ଘାଆରେ ଲଗାଇଲେ ତତ୍ କ୍ଷଣାତ୍ ରକ୍ତସ୍ରାବ ବନ୍ଦ ହୋଇ ଘାଆ ଶୁଖିବାର ଉପକ୍ରମ ଆରମ୍ଭ ହୁଏ । ସେହିପରି କିଛି ଦୁବଘାସ ଏବଂ ତିନୋଟି ବେଲପତ୍ର ଏକତ୍ର ବାଟି ଖାଇଲେ ପେଟରେ ହେଉଥିବା ଯନ୍ତ୍ରଣା ଦୂର ହୋଇଥାଏ । ଆହୁରି ମଧ୍ୟ ଦୁବଘାସ ମ୍ୟାଲେରିଆ, କାମଳ ରୋଗାଦି ଭଲ ହେବାରେ ସାହାଯ୍ୟ କରିଥାଏ । ଦୁବଘାସକୁ ବାଟି ତା'ର ଲେପନ ମସ୍ତକରେ ଦେଲେ ନିମ୍ନରକ୍ତଚାପରୁ ମୁକ୍ତି ମିଳିଥାଏ । ଖରାଦିନେ ନାକରୁ ରକ୍ତ ଝରିଲେ, ଦୁବଘାସର ରସ ପକାଇଲେ ତାହା ଉପଶମ ହୋଇଥାଏ ।

**ମୁଥାଘାସ:** ମୁଥାଘାସର ମୂଳକୁ ଗୋଲମରିଚ, ଶୁଣ୍ଠି ଓ ପିପ୍ପଳିକୁ ସମ ପରିମାଣରେ ଗୁଣ୍ଡ କରି ଅଳ୍ପ ଜଳରେ ଗୋଳାଇ ସେଥିରେ ସାମାନ୍ୟ ମହୁରସ ପକାଇ ଏକପ୍ରକାର ଔଷଧ ତିଆରି କରାଯାଏ । କାଶ ଏବଂ ଶ୍ୱାସ ରୋଗୀମାନେ ଏକ ସପ୍ତାହ ଏହି ଔଷଧକୁ ନିୟମିତ ସେବନ କରିବା ଦ୍ୱାରା ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଇଥାଏ । ସମସ୍ତ ପ୍ରକାର ଦନ୍ତରୋଗର ଅବ୍ୟର୍ଥ ଔଷଧ ମଧ୍ୟ ମୁଥାଘାସ । ଏହା ନିମ୍ନରକ୍ତଚାପ ପାଇଁ ମଧ୍ୟ ବ୍ୟବହୃତ ହୋଇଥାଏ ।

**ସବାଇ ଘାସ:** ସବାଇ ଘାସ ଏକଶିରା ରୋଗରେ ବ୍ୟବହାର କରାଯାଏ ।

**ବେଣାତୃଣ:** ବେଣାତୃଣ ମଧ୍ୟ ସ୍ତ୍ରୀମାନଙ୍କର ବନ୍ଧ୍ୟା ଦୋଷ ଦୂର କରି ସୁସନ୍ତାନ ପ୍ରାପ୍ତି କରାଇଥାଏ ।

**ଗୟସ ତୃଣ:** ଗୟସ ତୃଣ ସାପ କାମୁଡା ଓ ମଧୁମେହ ରୋଗପାଇଁ ଅବ୍ୟର୍ଥ ଔଷଧ ଭାବେ ସେମାନେ ବ୍ୟବହାର କରନ୍ତି ।

**ଗୁଳ୍ମଜାତୀୟ:** ଲାଜକୁଳୀ, ଅପରାଜିତା, ଜହ୍ନି, ଶିଆଡି, ନିର୍ମୁଳି, ପାନ, ବାଇଡଙ୍କ, ବିଚୁଆଡି, କଖାରୁ(ଭାଇଁଟାନ୍) ପ୍ରଭୃତି ଲତାମାନ ବୈଦ୍ୟମାନେ ରୋଗର ନିଦାନ ପାଇଁ ବ୍ୟବହାର କରିଥାନ୍ତି । ଲାଜକୁଳି, ଶିଆଡି ଆଦିର ଲତା ପେଟରୋଗ ପାଇଁ ବ୍ୟବହୃତ ହୁଏ । ଏଗୁଡିକ ଯାବତୀୟ ପେଟ ରୋଗ ଭଲ କରିବା ସହିତ ପେଟକୁ ଥଣ୍ଡା ରଖେ, ହଜମ ଶକ୍ତି ବୃଦ୍ଧି ଘଟାଏ । ଲାଜକୁଳି ଲତାକୁ ତାନ୍ତ୍ରିକମାନେ ଶତ୍ରୁ ଦମନ ଓ ବଶୀକରଣ ପାଇଁ ମଧ୍ୟ ବ୍ୟବହାର କରିଥାଆନ୍ତି । ଅପରାଜିତା, ବାଇଡଙ୍କ, କଖାରୁ ଆଦିର ଲତା ଧାତୁ ସ୍ଖଳନରୁ ରକ୍ଷା କରିଥାଏ । କଖାରୁ ଡଙ୍କ ବାତ ଏବଂ ବାଇଡଙ୍କ ଲତା ଯକ୍ଷ୍ମାରୋଗ ପାଇଁ ବ୍ୟବହୃତ ହେଉଥିବା ବେଳେ ବିଚୁଆଡି ଓ ନିର୍ମୁଳୀ ଲତା ଗୋଡଫୁଲା ପାଇଁ ଆବଶ୍ୟକ ହୁଏ ।

**ଗୁଳ୍ମ/ବୁଦା:** ହଳଦୀ ସହିତ ଚନ୍ଦନକୁ ଘୋରି ତା ସହିତ ଗାଈକ୍ଷୀର ସାମାନ୍ୟ ମିଶାଇ ମୁଖରେ ପ୍ରଲେପ କଲେ ମୁଖବ୍ରଣ ଏବଂ ଦାଗ ସମ୍ପୂର୍ଣ୍ଣ ରୂପେ ଭଲହୋଇ ମୁଖର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ । ଅରଖ, ପାତାଳଗରୁଡ, ପାଲୁଅ, ଅଦା, ହଳଦୀ ଆଦି ଗୁଳ୍ମ ଗୁଡିକ ଔଷଧ ଆକାରରେ ବ୍ୟବହୃତ ହୋଇଥାଏ । ଅରଖ ମୁଣ୍ଡବ୍ୟଥା, ପେଟବ୍ୟଥା ତଥା ରକ୍ତସ୍ରାବ ଜନିତ ତ୍ରୁଟିପାଇଁ ବ୍ୟବହୃତ ହୋଇଥାଏ । ପାତାଳଗରୁଡ, ସାପକାମୁଡା, ମାନସିକ ରୋଗ, ପେଟବ୍ୟଥା ଆଦି ରୋଗ ପାଇଁ ବ୍ୟବହାର କରାଯାଏ । ପାଲୁଅ ପେଟ ଗରମ ହୋଇଥିଲେ ଖିଆଯାଏ । ଅଦା ଏକଶିରା, ଚକ୍ଷୁରୋଗ ଏବଂ ହଳଦୀ, କୃମି ଓ ଖାଦ୍ୟ ବିଷ ହରଣ ପାଇଁ ବ୍ୟବହାର କରାଯାଏ । ଏତଦ୍ ବ୍ୟତୀତ ଅପମାରଙ୍ଗ ଆଦି ଗୁଳ୍ମର ଚେରକୁ ବାଟି ପାଣି ସହିତ ପାନ କଲେ ପାଣିଝାଡା ଓ ବାନ୍ତି ତତ୍‌କ୍ଷଣାତ୍ ବନ୍ଦହୁଏ । ପାଲୁଅକୁ ଚିନି, କ୍ଷୀର ସହିତ ସିଝାଇ ଝାଡାରୋଗୀକୁ ଦେଲେ ପାଣି ଝାଡା ବନ୍ଦ ହେବା ସହିତ କାମଳ ରୋଗୀକୁ ମଧ୍ୟ ପାଲୁଅ ସର୍ବତ ପିଇବାକୁ ଦିଆଯାଇଥାଏ । ଏହା ପେଟକୁ ଥଣ୍ଡା ରଖି ଯକୃତକୁ ଶକ୍ତି ଯୋଗାଏ । ଚୁଆବୁଦାର ଚେରକୁ ଶୁଖାଇ ପାନ

ସହିତ ଖାଇଲେ ପାନ ସ୍ୱାଦିଷ୍ଟ ହୁଏ । ତଥା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ । ଘିକୁଆଁରୀ ବୁଦାର ପତ୍ରକୁ ଭାଙ୍ଗି ମୁଣ୍ଡରେ ଘଷିଲେ ତତ୍‌କ୍ଷଣାତ୍ ମୁଣ୍ଡବିନ୍ଧା ଭଲହୁଏ । ହଳଦୀ ସହିତ ନିମ୍ବପତ୍ର ବା ଭୁଇଁନିମ୍ବ ପତ୍ର ବାଟି ଦେହରେ ଲେପନ ଦେଲେ ଚର୍ମରୋଗରୁ ମୁକ୍ତି ମିଳେ । ଚର୍ମ ଚିକ୍କଣ ହୁଏ । ସେହିପରି ଭୁଇଁନିମ୍ବ ପେଟ ରୋଗ ଚର୍ମପାଇଁ ଏକ ଅବ୍ୟର୍ଥ ଔଷଧୀୟ ଗୁଳ୍ମ । ଏହି ଗୁଳ୍ମର ସର୍ବାଂଶକୁ ଛେଚି ରସ ବାହାର କରି ସେବନ କଲେ ଯାବତୀୟ ପେଟରୋଗ ଉପଶମ ହୁଏ ଏବଂ ମସୃଣ ଭାବେ ବାଟି ଦେହରେ ଲେପନ କଲେ ଚର୍ମରୋଗ ଦୂରେଇ ଯାଏ ।

**ପତ୍ର (ଆଥା):** କିସାନ୍ ବୈଦ୍ୟ ପ୍ରାୟ ଗଛର ପତ୍ରକୁ ଔଷଧ ଆକାରରେ ବ୍ୟବହାର କରିଥାଆନ୍ତି। ପ୍ରାୟ ପ୍ରତ୍ୟେକ ବୃକ୍ଷ, ଗୁଳ୍ମ, ତୃଣର ପତ୍ର ଔଷଧ ସ୍ୱରୂପ ବ୍ୟବହାର କରାଯାଇଥାଏ । କାରଣ ଜଙ୍ଗଲଜାତ ତଥା ବାଡିବଗିଚାର ସମସ୍ତ ପ୍ରକାର ପତ୍ର ଔଷଧ ଉପଯୋଗୀ । କେଉଁ ପତ୍ରକୁ ସିଧାସଳଖ ଅନୁ ପାନ ସହିତ ଖାଇଲେ ଉପକାର ମିଳେ ତ ଆଉ କେଉଁ ପତ୍ର ବିନା ଅନୁ ପାନରେ ମଧ୍ୟ ବ୍ୟବହୃତ ହୋଇଥାଏ । କଲରା ପତ୍ରକୁ ବାଟି କପାଳରେ ଲେପନ କଲେ ତୁରନ୍ତ ମୁଣ୍ଡବିନ୍ଧା ଭଲ ହୁଏ । ସେଥିରୁ ରସ ବାହାର କରିପାନ କଲେ ପେଟରୁ କୃମି ଦୋଷ ଦୂର ହୁଏ । ଥାଲକୁଡି ପତ୍ରକୁ କଞ୍ଚା ଚୋବାଇ ନିୟମିତ ସେବନ କଲେ ଆମ୍ବରୋଗ ହୁଏନାହିଁ । ତାହା ସହିତ ଅଳ୍ପ ଗୁଡ ଚିନି ମିଶାଇ ମଧ ଖିଆଯାଇପାରେ। ଗଙ୍ଗଶିଉଳି ପତ୍ରକୁ ଛେଚି ସେଥିରୁ ରସ ବାହାର କରି ତହିଁରେ ଅଳ୍ପ ମହୁ ମିଶାଇ ଖାଇଲେ ମ୍ୟାଲେରିଆ ଜ୍ୱର ଓ ଥଣ୍ଡା ଜ୍ୱର ସମ୍ପୂର୍ଣ୍ଣରୂପେ ଦେହରୁ ଚାଲିଯାଏ । ସେହିପରି ବାସଙ୍ଗ ପତ୍ରରୁ ରସ ବାହାର କରି ସେଥିରେ ମହୁମିଶାଇ ନିଆଁ ଚେଙ୍କ ଦେଇ ପାନ କଲେ ଥଣ୍ଡାକାଶ, ଶୁଖିଲା କାଶ, ଦେହହାତ ଘୋଳାବିନ୍ଧା, ମୁଣ୍ଡବ୍ୟଥା ଇତ୍ୟାଦି ଯନ୍ତ୍ରଣାରୁ ମୁକ୍ତି ମିଳେ । ସିଳୁପତ୍ର ରସ ଓ ବାସଙ୍ଗ ପତ୍ରର ରସ ଏକତ୍ର ମିଶାଇ ସେବନ କଲେ ଶ୍ୱାସରୋଗ ଭଲ ହୁଏ । ବେଲପତ୍ର ସହିତ ଗୋଲମରିଚ ଚୋବାଇ ନିୟମିତ ଖାଇଲେ ପେଟରୁ ଅମ୍ଳଦୋଷ ଦୂର ହୋଇଥାଏ । ତିନୋଟି ବେଲପତ୍ର ଓ ତିନୋଟି ଲବଙ୍ଗ ଏକତ୍ର ବାଟି କିଛିଦିନ ପାନକଲେ ହଜମ ଶକ୍ତି ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଭୋକ ବଢାଇଥାଏ । ତୁଳସୀ ପତ୍ର ଏକ ଅବ୍ୟର୍ଥ ଔଷଧୀୟ ଦ୍ରବ୍ୟ । ଏହାକୁ ନିୟମିତ ଚୋବାଇ କିମ୍ବା ଛେଚି ତହିଁରୁ ରସ ବାହାର କରି ସେଥିରେ କିଛି ମହୁମିଶାଇ ଖାଇଲେ ଥଣ୍ଡା, ସର୍ଦ୍ଦି, କାଶ, ଗଳା ଦରଜ, ମୁଣ୍ଡବିନ୍ଧା ଆଦି ଯାତୀୟ ଥଣ୍ଡା ଜନିତ

ରୋଗରୁ ଉପଶମ ମିଳେ । ତୁଳସୀ ପତ୍ର ସହ ଗୋଲମରିଚ ମଧ୍ୟ ଖିଆଯାଇପାରେ । ପୋଦିନାପତ୍ର ସହିତ ଗୋଲମରିଚ ଓ ପାନମଧୁରୀ ବାଟି ଜଳରେ ମିଶାଇ ପାନ କଲେ ନାଳରକ୍ତ ଝାଡା ଭଲହୁଏ । ଅଜୀର୍ଣ୍ଣ ଦୋଷ ଥିଲେ କିମ୍ବା ଅଧିକ ଖାଦ୍ୟ ଖାଇ ପେଟରେ ଅଜୀର୍ଣ୍ଣ ହୋଇଥିଲେ ଦୁଇମୁଠା ପୋଦିନା ପତ୍ରରେ ୨୧ଟି ଗୋଲମରିଚ ବାଟି ଦିନକୁ ଥରେ ଖାଇଲେ ବେଶ୍ ଉପକାର ମିଳେ । ଗେଣ୍ଡୁ ଓ ଗଞ୍ଜେଇ ଗଛର ପତ୍ର ବାଟି କଟା ସ୍ଥାନରେ ଲେପ ଦେଲେ ତତ୍‌କ୍ଷଣାତ୍ ରକ୍ତସ୍ରାବ ବନ୍ଦହୁଏ । ନାକରେ ପକାଇଲେ ନାକରୁ ରକ୍ତ ପଡିବା ବନ୍ଦହୁଏ । ଜଡା (ଜାଡା) ପତ୍ରରେ ସେକ ଦେଲେ ଦରଜ ସ୍ଥାନର ବଥା ରହେନାହିଁ । ଜଙ୍ଗଲରୁ ସଂଗୃହିତ ପଶାରୁଣୀ ପତ୍ର ସହିତ ବିରି ଚାଉଳ ବାଟି ପିଠା କରି ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ଦୂର ହୋଇଥାଏ ଏବଂ ଶରୀର ଶକ୍ତି ଯୋଗାଇଥାଏ । ପାନପତ୍ରକୁ ଚୋବାଇ ଖାଇଲେ ଅଜୀର୍ଣ୍ଣ, ଅରୁଚି, କୋଷ୍ଠକାଠିନ୍ୟ, ପରିସ୍ରାଦୋଷ, ମୁଣ୍ଡବ୍ୟଥା, ଶ୍ୱାସରୋଗ, କ୍ଷତ, ବଥ, ମୁଖ ଦୁର୍ଗନ୍ଧ, ମନର ଶୁଷ୍କତା, ସ୍ନାୟୁଦୋଷ ଆଦି ଯାବତୀୟ ପ୍ରକାର ରୋଗର ନିରାକରଣ ଶକ୍ତି ମହଜୁଦ ଥାଏ । ଧନିଆଁ ପତ୍ର ରସରେ ହଳଦୀଗୁଣ୍ଡ ମିଶାଇ ବ୍ରଣ, କଳାଦାଗ ଓ ଶୁଖିଲା ଚର୍ମ ଉପରେ ଲଗାଇଲେ ସୁଫଳ ମିଳେ । ବିଶଲ୍ୟକରଣୀ ପତ୍ରକୁ ରାନ୍ଧିକରି ଲଗେଇଲେ ନାକର ରକ୍ତସ୍ରାବ ବନ୍ଦ ହୋଇଥାଏ । ରୁଇଁଲିମ୍ ଗଛର ପତ୍ରକୁ ସିଝାଇ ଦିନକୁ ୪/୫ ଥର ପିଆଇ ଦେଲେ ରୋଗୀର ମ୍ୟାଲେରିଆ ଜ୍ୱର ଭଲ ହୋଇଥାଏ ।

**କାଣ୍ଡ:** ବାସଙ୍ଗ ଡାଳ ଓ ପତ୍ରକୁ ଖରାରେ ଶୁଖାଇ ତାକୁ ନିଆଁରେ ପୋଡି ଦିଆଯାଏ । ତାର ଭସ୍ମକୁ ଗୋଲମରିଚ ଗୁଣ୍ଡ ସହିତ ମିଶାଇ ଦନ୍ତମଂଜନ ଗୁଣ୍ଡ ପ୍ରସ୍ତୁତ କରାଯାଏ । ଏହାକୁ ବ୍ୟବହାର କଲେ ଦାନ୍ତ ପରିଷ୍କାର ଓ ମଜଭୂତ ହୋଇଥାଏ । ପ୍ରାୟତଃ ବେଲଗଛର କାଣ୍ଡକୁ ମ୍ୟାଲେରିଆ ଜ୍ୱର ତଥା ବଶୀକରଣ ପାଇଁ ବ୍ୟବହାର କରାଯାଏ । ବରାଇତା କାଣ୍ଡ ବାଟି ପିଇଲେ ପେଟବ୍ୟଥା କମିବା ସହ ହଜମ ଶକ୍ତି ବୃଦ୍ଧି ହୁଏ ଏବଂ ବାତ ଜନିତ ରୋଗରୁ ଉପଶମ ମିଳେ । ବାସଙ୍ଗ ଡାଙ୍ଗ ପ୍ରସବ ବେଦନା କମେଇବା ସଂଗେ ସଂଗେ କାଶ ମଧ୍ୟ ଭଲ କରେ । ଏହାକୁ ବାଟି ମହୁ ସହିତ ପିଇଲେ ଥଣ୍ଡା କାଶ ଭଲ ହୋଇଥାଏ । ଶାଳ ବୃକ୍ଷର କାଣ୍ଡ ଗୋରୁ ମହିଷାଦିଙ୍କ ଝାଡାରୋଗ ଭଲ କରୁଥିବା ବେଳେ ପିଆଶାଳ ମଣିଷର ମଧୁମେହ ରୋଗ ଓ ପେଟ ଗରମ ଦୂରୀଭୂତ ହୋଇଥାଏ ।

**ଚେର:** ଅନେକ ପ୍ରକାର ବୃକ୍ଷ, ଗୁଳ୍ମ, ଲତା ଆଦିର ଚେର ଔଷଧୀୟ ଦ୍ରବ୍ୟ ଭାବରେ ବ୍ୟବହୃତ ହୁଏ । ବିଚୁଆତି ଗଛର ଚେରକୁ ବାଟି ଜଳ ସହିତ ପାନ କଲେ ଧାତୁ, କାଶ, ଯକ୍ଷ୍ମା, ମୁଣ୍ଡବ୍ୟଥା ଆଦି ଦୂର ହୁଏ । ପାତାଳଗରୁଡ ଚେର ଦ୍ୱାରା ସାପକାମୁଡା ଓ ମାନସିକ ରୋଗ ଭଲ ହୋଇଥାଏ । ମଂଜୁଆତି ଗଛର ଚେରକୁ ବାଟି ସିଝାଇ ପିଇଲେ କାମଳ ରୋଗ ଭଲ ହୋଇଥାଏ । ଦୂଦୁରା ଚେରରେ ବାତ ଆଦି ରୋଗ ଭଲ ହୋଇଥାଏ । ମୟୁର ଚୁଳିଆ ଗଛର ଚେରକୁ ରକ୍ତ ଚନ୍ଦନ ଓ ଛେଳି କ୍ଷୀର ସହିତ ମିଶାଇ ଆଖିରେ ପକାଇଲେ ଆଖିରେ ଥିବା ବିଭିନ୍ନ ପ୍ରକାର ରୋଗ ଭଲ ହୁଏ । ସଜନା (ମୁନ୍‌ଗା) ଗଛର ଚେରକୁ ପୋଡି ସେଥିରେ ଝୁଣା, ବୈଦ୍ୟନାଥ ଧୂପ, ମୁରାମାନ୍‌ସି, ଜଟା ମାନ୍‌ସି ଆଦି ମିଶାଇ ଘରେ ଧୂଆଁ ଦେଲେ ଭୂତପ୍ରେତ ସାପ ଆଦି ସେହି ଜାଗା ଛାଡି ଚାଲି ଯାଆନ୍ତି । ସଜନା ଗଛର ଚେରକୁ ବାଟି ସାପର ଗାତରେ ପକାଇଲେ ସାପ ଗାତରୁ ବାହାରି ଚାଲିଯାଏ । ପେଜ୍‌ରା ଗଛର ଚେରକୁ ଦାନ୍ତମାଢିରେ ଜାକି ଦେଲେ ଦାନ୍ତ ପୋକଖିଆର କଷ୍ଟ ଦୂର ହୋଇଥାଏ । ଅରଖ ଗଛର ଚେରକୁ ଅମୃତଭଣ୍ଡା (ପବିତାର) ଗଛର ଚେର ସହିତ ମିଶାଇ ଲଗାଇଲେ ଫୁଲାଫୁଲି ରୋଗ ଭଲ ହୋଇଥାଏ । ଯେଉଁ ତେନ୍ତୁଳି ଗଛରେ ଫୁଲ ଫଳ ଧରିନଥାଏ ବା ଚଢେଇ ବସିନଥାଏ, ସେହି ତେନ୍ତୁଳି ଗଛର ଚେରକୁ ଆଣି ଗର୍ଭବତୀ ନାରୀକୁ ଦେଲେ ତାର ପ୍ରସବ କଷ୍ଟ ଦୂର ହୋଇଥାଏ । ଧଳା ଅପମାରଙ୍ଗ ଗଛର ଚେରକୁ ଗୋଟିଏ ନିଶ୍ୱାସରେ ଉପାଡି ଆଣି ଖାଇଲେ ପ୍ରସବ ନାରୀର କଷ୍ଟ ଦୂରହୁଏ । ପାତାଳଗରୁଡ ଚେରକୁ ତେଉଁରିଆ ଭାବେ ହାତରେ ପିନ୍ଧିଲେ ସାପ ବାହାରି ନଥାଏ । କଇଁଫୁଲର ମୂଳ ସହ ନାଡଟି ବାଟି ଖାଇଲେ ସ୍ତ୍ରୀରୋଗ ଓ ବନ୍ଧ୍ୟା ଦୋଷ ଦୂର ହୋଇଥାଏ । ବେଙ୍ଗୁନିଆ ଚେର, ଫଳ ଓ ପତ୍ରକୁ ଏକତ୍ର ବାଟି ଘିଅ ସହିତ ପାକ କରି ଖାଇଲେ ଯକ୍ଷ୍ମାରୋଗରୁ ମୁକ୍ତି ମିଳେ । ପୋକସୁଙ୍ଗା ଚେରକୁ ବାଟି କାନରେ ପକାଇଲେ କାନରେ ପୋକ ମରନ୍ତି ଏବଂ କଷ୍ଟରୁ ରକ୍ଷା ମିଳେ ।

**କନ୍ଦା (କାନ୍ଦା):** ପିତାଲୁ କନ୍ଦା ସାଧାରଣତଃ ଜଙ୍ଗଲରେ ବର୍ଷକୁ ଥରେ ମିଳେ । ତାକୁ ଖାଇଲେ ବିଭିନ୍ନ ପ୍ରକାର ରୋଗ ଭଲ ହୁଏ । ଭୁଇଁ କଖାରୁ କନ୍ଦା ବାଟି ଖାଇଲେ ଧାତୁ ସ୍ଖଳନ ହୁଏନାହିଁ । ତାଳମୂଳି କନ୍ଦାକୁ ରାଶି ତେଲରେ ବାଟି ଖାଇଲେ ଏକଶିରା ରୋଗ ଭଲ ହୋଇଯାଏ ।

**ବକଳ/ଛେଲି:** ନିମ୍ବ ଗଛର ଛେଲିକୁ ପାଣିରେ ସିଝାଇ ସେହି ପାଣିକୁ କାଛୁକୁଣ୍ଡିଆ ହୋଇଥିବା ସ୍ଥାନରେ ଲଗାଇ ପରିଷ୍କାର କଲେ ଅଳ୍ପଦିନ ମଧ୍ୟରେ କାଛୁକୁଣ୍ଡିଆ ରୋଗ

ଭଲ ହୋଇଯାଇ ଥାଏ । ଅଶୋକ ଗଛର ଛେଲିକୁ ପାଣିରେ ସିଝାଇ ସେହି ପାଣି ସେବନ କଲେ ସ୍ତ୍ରୀମାନଙ୍କର ମାସିକ ଋତୁସ୍ରାବ ଜନିତ ଗଣ୍ଡଗୋଳ ଦୂର ହୁଏ । ବରକୋଳି ଗଛର ଛେଲିକୁ ଶୁଖାଇ ଚୂର୍ଣ୍ଣ କରି ଛେଳିକ୍ଷୀର ସହିତ ମିଶାଇ ଖାଇଲେ ରକ୍ତଝାଡା ଭଲ ହୁଏ । ଅର୍ଜୁନ ଗଛର ଛେଲିକୁ ଶୁଖାଇ ଚୂର୍ଣ୍ଣ କରି ଘିଅ ଓ ମହୁ ସହିତ ଖାଇଲେ ଭଙ୍ଗାହାଡ ଯୋଡି ହୋଇଯାଏ । ବେଲ ଛେଲିକୁ ପାଣିରେ ସିଝାଇ ତହିଁରେ ମହୁ ମିଶାଇ ସେବନ କଲେ ବାନ୍ତି ବନ୍ଦ ହୋଇଯାଏ । ପିଆଶାଳ ଛେଲିରେ ମଧୁମେହ ରୋଗ ଭଲ ହୁଏ । ମାଙ୍କଡା ପିଚୁଲା ଛେଲିରେ ସ୍ତ୍ରୀରୋଗ ଭଲ ହୋଇଯାଏ । କରଂଜ ଛେଲି ସ୍ତ୍ରୀରୋଗ ପାଇଁ ଓ ପ୍ରସବ ବେଦନାରେ ବ୍ୟବହୃତ ହୋଇଥାଏ । ଏହା ରକ୍ତକୁ ଜମାଟ ବାନ୍ଧିବାରେ ସାହାଯ୍ୟ କରେ । ପଳାସ ଛେଲି, ଶାଳଗଛର ଛେଲି, ଆମ୍ବଗଛର ଛେଲିକୁ ଛେଚି ସେଥିରୁ ରସ ବାହାର କରି ସାରିଲା ପରେ ସେହି ରସରେ ଅଳ୍ପ ଚୂନ ମିଶାଇ ତାହାକୁ ପାନ କଲେ ତରଳଝାଡା ସମ୍ପୂର୍ଣ୍ଣ ଭଲ ହୋଇଯାଏ ଏବଂ ବ୍ୟକ୍ତି ଖୁବ୍ ଶୀଘ୍ର ଆରୋଗ୍ୟ ଲାଭ କରିଥାଏ । କାଞ୍ଚନ ଗଛର ଶୁଖିଲା ଛେଲିକୁ ଗୁଣ୍ଡ କରି ଶୁଖି ନଥିବା ଘାଆରେ ଗୁଣ୍ଡକୁ ପ୍ରୟୋଗ କଲେ ପୁରୁଣା ଘାଆ ସମ୍ପୂର୍ଣ୍ଣ ଭଲ ହୋଇଯାଇଥାଏ । କୁସୁମ ଗଛର ଛେଲିକୁ ବାଟି ଗରମ କରି ଲଗାଇଲେ ଦେହ, ମୁଣ୍ଡ ଦରଜ ହୋଇଥିଲେ ତାହା କମିଯାଇଥାଏ ।

**ଫୁଲ (ପୁଷ୍ପ):** ମନ୍ଦାରଫୁଲ ସ୍ତ୍ରୀମାନଙ୍କର ଋତୁଜନିତ ସମସ୍ୟା ଦୂରକରେ । ନାଗେଶ୍ୱର ଫୁଲ ବାତ ରୋଗ ଦୂରକରେ । ଦୁଦୁରା ଫୁଲ ବନ୍ଧ୍ୟାଦୋଷ ଏବଂ ଅଶୋକ ଫୁଲରେ ଯାବତୀୟ ସ୍ତ୍ରୀରୋଗ ଭଲ ହୋଇଥାଏ । ମୁଚୁକୁନ୍ଦା ଫୁଲ ଗୁଡି ଦରଜ ହେଲେ ବା ଶରୀର ପୀଡା ହେଲେ ତାକୁ ଦିନକୁ ୨/୩ ଥର ସିଝାଇ ପିଇଲେ ଏହା କମିଯାଏ । ଛେଲିଚୁଡି (ଏକ ପ୍ରକାର ଜଙ୍ଗଲି ଗଛର ନାମ) ତାକୁ ସିଝାଇ ପିଇଲେ ଶରୀର ପୀଡା ଦୂର ହୁଏ । ମହୁଲ ଫୁଲରୁ କିସାନ୍‌ମାନେ ମହୁଲି ନାମକ ଏକ ପ୍ରକାର ପାନୀୟ ପ୍ରସ୍ତୁତ କରିଥାନ୍ତି । ସମସ୍ତ ଆର୍ୟୁବେଦିକ୍ ଔଷଧ ପ୍ରସ୍ତୁତି କରିବାରେ ମହୁଲଫୁଲର ଆବଶ୍ୟକତା ନିହାତି ଦରକାର ହୋଇଥାଏ । ଏହି ଫୁଲରୁ ପ୍ରସ୍ତୁତ ମଦ୍ୟରେ ଅଧିକ ପରିମାଣରେ ଆଲ୍‌କୋହଲ୍ ଥାଏ । ଶିମୁଳି ଫୁଲ ଓ ପଳାସଫୁଲ ଶୁଖାଇ ଗୁଣ୍ଡ କରି ସାରିଲା ପରେ କ୍ଷୀର ସହିତ ସେହି ଗୁଣ୍ଡକୁ ସେବନ କଲେ ମହିଳାମାନଙ୍କର ବାଧକ ଶୂଳରୋଗ ସମ୍ପୂର୍ଣ୍ଣ ଭଲ ହୋଇଥାଏ । ଗେଣ୍ଡୁଫୁଲକୁ ବାଟି ତାର ରସକୁ କାନରେ ପକାଇଲେ କାନ ବ୍ୟଥା ଭଲ ହୋଇଥାଏ ।

**ମଂଜି:** ହରିଡା, ବାହାଡା, ଅଁଳା ଏହି ତ୍ରିଫଳା ପେଟ ରୋଗ ପାଇଁ ଏକ ଅବ୍ୟର୍ଥ ଔଷଧ । ଏହି ସବୁ ମଂଜିର ଗୁଣ୍ଡ କିମ୍ବା ମଂଜିଗୁଡିକ ପାଣିରେ ବତୁରାଇ ପାନ କରାଯାଇପାରେ । ସୁନାରୀ ମଂଜିକୁ ନିଆଁରେ ପୋଡି ଉକ୍ତ ଭସ୍ମକୁ ମହୁରସ ସାଙ୍ଗରେ ମିଶାଇ ଖାଇବାକୁ ନେଲେ ଛୋଟ ପିଲାଙ୍କର ନିମୋନିଆ ରୋଗ ଭଲ ହୋଇଥାଏ । ଜହ୍ନିମଂଜି ସ୍ତ୍ରୀରୋଗ, ଭାଲିଆ ମଂଜି କାଶ ଓ ବାଇଡଙ୍କ ମଂଜି ବାତ ପାଇଁ ବ୍ୟବହୃତ ହୁଏ । ଶାଳମଂଜି ଝାଡାରୋଗ ତଥା ଶିଆଡି ମଂଜି ବ୍ୟବହାର ଦ୍ୱାରା ହଜମ ଶକ୍ତି ବଢେ । କଳରା ମଂଜି ଜନ୍ମ ନିୟନ୍ତ୍ରଣରେ ସହାୟକ ହୁଏ । କନିଅର ଗଛର ମଂଜିକୁ ଖାଇଲେ କୋଷ୍ଠକାଠିନ୍ୟ ଦୂର ହୁଏ । ଜଡା ଗଛ (ଜାଡା ମାନୁ)ର ମଂଜିକୁ ଗୁଣ୍ଡ କରି ମାଲିସ କଲେ ଶିରାପ୍ରଶିରା ବ୍ୟଥା କମିଯାଏ । ପେଟବ୍ୟଥା ଥିଲେ ତାହା ମଧ କମିଯାଇଥାଏ । ଜଡାତେଲ ସହିତ ନଡିଆ ତେଲ ମିଶାଇ ମୁଣ୍ଡରେ ମାଲିସ୍ କଲେ ମୁଣ୍ଡ ଥଣ୍ଡା ରୁହେ ଏବଂ ଅଂଶୁଘାତରୁ ରକ୍ଷା ମିଳେ । ଜଡାମଂଜିକୁ ଗାଧୋଇବା ସମୟରେ ଗୋଟିଏ ଖାଇ ଏକ ନିଶ୍ୱାସରେ ବୁଡ ପକାଇଲେ ସ୍ତ୍ରୀଲୋକଟି ଅନ୍ୟୁନ୍ୟ ଏକ ବର୍ଷ ପାଇଁ ଗର୍ଭବତୀ ହୋଇପାରେ ନାହିଁ । ପାଚିଲା କଦଳୀ ଭିତରେ ଗାତକରି ତା ଦେହରେ ୩/୪ ଠୋପା ଅରଖକ୍ଷୀର ପକାଇ ତାକୁ ନଚେବାଇ ଗିଳିଦେଲେ ପାଗଳା କୁକୁର କିମ୍ବା ବିଲୁଆ କାମୁଡିଥିଲେ ତାହା କମିଯାଏ । ଲେମ୍ବୁକୁ ପୋଡି ଖାଇଲେ ତାହା ବାନ୍ତି ବନ୍ଦ କରିବାରେ ସାହାଯ୍ୟ କରାଏ । ବେଲକୁ ପୋଡି ଖାଇଲେ ମଧ୍ୟ ଝାଡା ବନ୍ଦ ହୋଇଥାଏ । ଗମ୍ଭାରୀ ଫଳ ଦୁଧ ସହିତ ଏକତ୍ର ବାଟି ନିୟମିତ ପିଇଲେ ଯକ୍ଷ୍ମା ରୋଗ ଭଲ ହୁଏ । କୋଚିଲା ଫଳକୁ ବାଟି ପାଦରେ ଲଗାଇଲେ ପାଦର ଆଙ୍ଗୁଳି ସନ୍ଧିରେ ବାଲିଖିଆ ହୁଏ ନାହିଁ ।

**ଗୁଣ୍ଡ:** ଅନେକ ପ୍ରକାର ଔଷଧୀୟ ଦ୍ରବ୍ୟକୁ ଶୁଖାଇ ଗୁଣ୍ଡ କରି ଜଳ ସହିତ ପାନ କରାଯାଇପାରେ କିମ୍ବା ଗୁଣ୍ଡକୁ ବଟିକା ଆକାରରେ ରଖି ଗିଳିବାକୁ ହୁଏ କିମ୍ବା ଅନ୍ୟାନ୍ୟ ଔଷଧୀୟ ଦ୍ରବ୍ୟ ବସ୍ତୁ ସହିତ ମିଶାଇ ସେବନ କରାଯାଇଥାଏ । ଯେପରି ପୋଦିନା ପତ୍ରକୁ ଛାଇରେ ଶୁଖାଇ ଗୁଣ୍ଡ କରି ବୋତଲରେ ରଖିବାକୁ ହୁଏ । ଏବଂ ସହବାସର କିଛି ସମୟ ପୂର୍ବରୁ ଏହି ଗୁଣ୍ଡ ଖାଇଲେ ନାରୀ ଗର୍ଭଧାରଣ କରେନାହିଁ । ତେନ୍ତୁଳି ମଂଜିକୁ ପୋଡି ତା'ର ଚୋପା ଛଡାଇ ଶଷଟିକୁ ଗୁଣ୍ଡ କରି ଖାଇଲେ ପରିସ୍ରାପୋଡା ଭଲ ହୋଇଯାଏ । ତେନ୍ତୁଳି ପତ୍ର ମଧ୍ୟ ପୋଡିଦେଇ ଗୁଣ୍ଡ କରି ରାଶିତେଲ ସହିତ ମିଶାଇ ପୋଡା ଘାଆରେ ଲଗାଇଲେ ଘାଆ ଶୀଘ୍ର ଶୁଖିଯାଏ । ହଳଦୀ (ବାଲ୍‌କା) ଗୁଣ୍ଡ ଓ କଳରା ପତ୍ର ରସ ଏକତ୍ର ମିଶାଇ ଖାଇଲେ ମିଳିମିଳା ରୋଗ ଭଲହୁଏ ।

ଜାମୁକୋଳି ମଂଜିର ଗୁଣ୍ଡ ଓ ମେଥିର ଗୁଣ୍ଡ ଦୈନିକ ଦୁଇ ଗ୍ରାମଚ ଖାଇଲେ ମଧୁମେହ ରୋଗ ଭଲ ହୋଇଯାଏ । ବିରିଗୁଣ୍ଡ ଓ ପିଆଜ ରସକୁ ଏକତ୍ର ମିଶାଇ ଖରାରେ ଶୁଖାଇ ସେହି ଗୁଣ୍ଡରୁ ଦିନକୁ ଗ୍ରାମଚେ ଲେଖାଏଁ ଖାଇଲେ କାମଶକ୍ତି ଜାଗ୍ରତ ହୁଏ । ତୁଳସୀ ପତ୍ରକୁ ଶୁଖାଇ ଗୁଣ୍ଡ କରି ଦାନ୍ତ ଘଷିଲେ ଦାନ୍ତ ରୋଗ ରହେନାହିଁ । ହରିଡା, ବାହାଡା ଓ ଅଁଳା ଫଂଳରେ ମିଶ୍ରିତ ଗୁଣ୍ଡ ବା ତ୍ରିଫଳା ଚୂର୍ଣ୍ଣ ନିୟମିତ ସେବନ କଲେ ପେଟରେ ବାୟୁରୋଗ, ଅମ୍ଳରୋଗ ଓ କୋଷ୍ଠକାଠିନ୍ୟ ଦୂର ହୁଏ । ଭୁଇଁ କଖାରୁ କନ୍ଦାକୁ ଶୁଖାଇ ଗୁଣ୍ଡକରି ପାଣିରେ ଗୋଳାଇ ବଟିକା ପ୍ରସ୍ତୁତ କରି ଖାଇଲେ ବାତ ରୋଗ ଭଲ ହୁଏ । ଗଙ୍ଗଶିଉଳି ପତ୍ରର ଗୁଣ୍ଡ ଖାଇଲେ ମ୍ୟାଲେରିଆ ଜ୍ୱର ସହିତ ଯାବତୀୟ ପୁରାତନ ଜ୍ୱରରୁ ମୁକ୍ତି ମିଳେ । ବାଇଡଙ୍କ ଲତାର ଗୁଣ୍ଡ, ନାଗେଶ୍ୱର ଫୁଲର ଗୁଣ୍ଡ, ଚିରେଇତା ଚେରର ଗୁଣ୍ଡ କିମ୍ବା ଏ ସବୁର କେବଳ ଗୁଣ୍ଡ ଔଷଧ ଭାବରେ ସେବନ କରାଯାଇଥାଏ । ଅବଶ୍ୟ ଗୁଣ୍ଡଠାରୁ ବଟିକା କରି ଖାଇଲେ ଅନୁପାତର ମାତ୍ରା ଠିକ୍ ରହିଥାଏ ।

**ମଲମ:** ଜାଇଫଳକୁ ଦରଗୁଣ୍ଡ କରି ରାଶିତେଲରେ ଫୁଟାଇ ଏବଂ ଛାଣିଦେଇ ଯନ୍ତ୍ରଣା ସ୍ଥାନରେ ଲଗାଇଲେ ଆଣ୍ଠୁଗଣ୍ଠି ବାତ, ସ୍ନାୟୁ ପୀଡା ଓ ଅଣ୍ଡୋଦରଜ ଭଲ ହୁଏ । ଜାଇଫଳକୁ ସକାଳ ବାସି ଛେପରେ ଘୋରି, ସେହି ମଲମକୁ ଯାଦୁ ଓ କନ୍ଦାଘାଆରେ ଲଗାଯାଏ । ମଲ୍ଲୀପତ୍ରକୁ ଚାଉଳଧୁଆ ପାଣିରେ ବାଟି ଲେପ ଦେଲେ ମଳକଣ୍ଟକ ଯନ୍ତଣା ଉପଶମ ହୁଏ । ମୁଚୁକୁଳ ଫୁଲକୁ କାଞ୍ଜିରେ ବାଟି କପାଳରେ ଲେପନେଲେ ମୁଣ୍ଡବ୍ୟଥା ଦୂର ହୁଏ । ଅପରାଜିତା ପତ୍ର ଓ ଡାଳକୁ ଚିନିରେ ମିଶାଇ ଏକତ୍ର ବାଟି କ୍ଷତ ସ୍ଥାନରେ ଲଗାଇଲେ ଘାଆ ଶୀଘ୍ର ଶୁଖେ । କଲରାପତ୍ର ଓ ତୁଳସୀପତ୍ର ଏକତ୍ର ବାଟି ଲେପ ଦେଲେ ଘାଆ ଶୁଖିଯାଏ । ତେନ୍ତୁଳିବଟା ଲଗାଇଲେ ଗୋଡ ଫଟା ଭଲ ହୁଏ । ବରକୋଳି ପତ୍ରରସ ହାତ ପାଦରେ ମାଲିସ୍ କଲେ ଜ୍ୱଳନ ଉପଶମ ହୁଏ । ଅର୍ଜୁନ ଛେଲିକୁ କଞ୍ଚା କ୍ଷୀରରେ ବାଟି ଲଗାଇଲେ ଋକ୍ମା ଭଲ ହୁଏ । ବେଲପତ୍ର, ବାସଙ୍ଗପତ୍ର, ନିମ୍ବପତ୍ର, ବେଗୁନିଆପତ୍ର, ହଳଦୀ, ହରିଡା ପ୍ରଭୃତି ଏକତ୍ର ବାଟି ସେହି ମଲମ କାଛୁ କୁଣ୍ଡିଆରେ ଲେପ ଦେଲେ ଯାଦୁ ଭଲ ହୁଏ । ଅଗସ୍ତି ଫୁଲକୁ ସୋରିଷ ତେଲରେ ଫୁଟାଇ ଛାତିରେ ମାଲିସ୍ କଲେ କଫ ଜନିତ କଷ୍ଟ ଲାଘବ ହୁଏ ।

**ଅନ୍ୟାନ୍ୟ:** ଅନେକ ସମୟରେ ଔଷଧୀୟ ଦ୍ରବ୍ୟଗୁଡିକୁ ଗୁଣ୍ଡ, ପତଳା ଖଣ୍ଡ କିମ୍ବା ବାଟି ସେବନ କରି ଗୋଟାପାକ ବ୍ୟବହାର କରାଯାଏ । ଯେପରି ମହୁଲ ଫୁଲଟିକୁ ଦରଜ ହେଉଥିବା ଦାନ୍ତ ମୂଳରେ ରାତିରେ ଜାକି ଶୋଇଲେ ସକାଳକୁ ଦାନ୍ତବ୍ୟଥା ଭଲ

ହୋଇଯାଏ । ଛୋଟ ପାଚିଲା କଦଳୀ ଭିତରେ ଓଡଶ ଭର୍ତ୍ତି କରି ଗୋଟି ମିଶା ଗିଳିଦେଲେ ଅର୍ଶ ରୋଗରୁ ଉପଶମ ମିଳେ । ପାନଡେମ୍ଫକୁ ଜଡାତେଲରେ ବୁଡାଇ ଶିଶୁର ମଳଦ୍ୱାର ମଧ୍ୟରେ କିଛି ସମୟ ପୁରାଇ ରଖିଲେ ତୁରନ୍ତ ଝାଡା ହୁଏ ।

**ଉପଚାର :**

**ଚର୍ବ୍ୟ:** ଗାଈ ଡରା ଚେରକୁ ଚୋବାଇ ଚୋଷି ଚୋଷି ରସ ଖାଇଲେ କାଶ ଭଲ ହୁଏ । ସେହିପରି ଅଦା ଚୋବାଇ ଚୋଷି ଖାଇଲେ କାଶର କଷ୍ଟ ରହେନାହିଁ । ଗନ୍ଧଶୁଣ୍ଠି କଳରେ ଜାକି ଅଳ୍ପ ଅଳ୍ପ ଚୋଷୁଥିଲେ କଣ୍ଠ ପରିଷ୍କାର ରହେ । ଗାୟକମାନଙ୍କ ପାଇଁ ଏହା ବିଶେଷ ଉପକାରୀ ।

**ଗିଳିବା:** ଅନେକ ପ୍ରକାର ଔଷଧୀୟ ଦ୍ରବ୍ୟକୁ ଖରାରେ ଶୁଖାଇ ଗୁଣ୍ଡ କରି ବଟିକା ପ୍ରସ୍ତୁତ କରାଯାଏ । କାରଣ ତାହା ଗିଳିବାକୁ ସୁବିଧା ହୁଏ ଏବଂ ବଟିକାରେ ନିର୍ଦ୍ଦିଷ୍ଟ ମାପ ରହେ । ଯେପରି ଗଙ୍ଗଶିଉଳି ପତ୍ରର ଗୁଣ୍ଡ, ବାଇଡଙ୍କ ଗୁଣ୍ଡ, ନାଗେଶ୍ୱର ଫୁଲର ଗୁଣ୍ଡ, ଚିରେଇତା ଚେରର ଗୁଣ୍ଡ, ଭୂଇଁ କଖାରୁ କନ୍ଦାର ଗୁଣ୍ଡଗୁଡିକୁ ପାଣିରେ ମିଶାଇ ବଟିକା ଆକାରରେ ରୋଗୀକୁ ମାତ୍ରା ଅନୁଯାୟୀ ଗିଳିବାକୁ ଦିଆଯାଇଥାଏ । ଗୁଣ୍ଡ କିମ୍ବା ବଟା ପାଣିରେ  ନଖାଇ ପାରିଲେ ସେଗୁଡିକୁ ବଟିକା କରି ଗିଳିବାକୁ ହୁଏ । ଅବଶ୍ୟ ଗୁଣ୍ଡ କିମ୍ବା ବଟା ପାନୀୟ ଅପେକ୍ଷା ବଟିକା ଗିଳିଲେ ଔଷଧ ସେପରି ଶୀଘ୍ର କିମ୍ବା ଅଧିକ କାମଦିଏ ନାହିଁ । କାରଣ ରୋଗୀର ହଜମ ଶକ୍ତି ଉପରେ ବଟିକାକୁ ନିର୍ଭର କରିବାକୁ ପଡିଥାଏ । ତେବେ ବନ୍ଧ୍ୟାଦୋଷ ପାଇଁ ଅଷାଢୁଆ ମଂଜି, ଋତୁସ୍ରାବ ଦୋଷ ପାଇଁ ରିଠାଫଂଳ ଗିଳି ଖାଇଲେ ଉପକାର ମିଳେ ।

**ଲେହ୍ୟ:** ପିଆଶାଳ ପତ୍ରରସ ଓ ମହୁ ମିଶାଇ ଋଟି ଖାଇଲେ ମଧୁମେହ ରୋଗ ଭଲ ହୁଏ । ଗୋଧୂ ଚର୍ମକୁ ନିଆଁରେ ପୋଡି ଋଟିଲେ ତତ୍‌କ୍ଷଣାତ୍ ବାନ୍ତ ବନ୍ଦ ହୋଇଯାଏ । ଯଷ୍ଟିମଧୁ ରସ ଓ ପତ୍ରକୁ ବାଟି ଘିଅ ସହିତ ମିଶାଇ ଋଟି ଖାଇଲେ ଗଳଗଣ୍ଡ ରୋଗ ଭଲହୁଏ । ରସୁଣ ସହିତ ମହୁ ଲେପନ କରାଯାଇଥାଏ । ମହୁ ସାଧାରଣତଃ ଅନୁପାନ ଭାବରେ ବ୍ୟବହୃତ ହୁଏ ।

**ପେୟ:** ପ୍ରାୟ ଔଷଧ ଗୁଡିକ କିସାନମାନେ ବାଟି ବା ଗୁଣ୍ଡକରି ଜଳ ସହିତ ପାନ କରିଥାନ୍ତି । ଚେର, ପତ୍ର, କାଣ୍ଡ, ମଂଜି, ଫୁଲ, ବକ୍କଳ, ବୁନ୍ଦା, ସବୁଗୁଡିକ ପାଣି ସହିତ ବାଟି ପାନୀୟ ଭାବରେ ବ୍ୟବହୃତ ହୁଏ । ଏହାଦ୍ୱାରା ଔଷଧର ଦ୍ରବ୍ୟଗୁଣ ସୁରକ୍ଷିତ

ରହିବା ସଂଗେ ତାହା ଦେହରେ ଖୁବ୍ ଶୀଘ୍ର ପ୍ରକ୍ରିୟାକରଣ ଆରମ୍ଭ ହୁଏ ଏବଂ ରୋଗୀ ତୁରନ୍ତ ଔଷଧର ଉପକାର ଅନୁଭବ କରିପାରେ ।

କିସାନମାନେ ବ୍ୟବହାର କରୁଥିବା ପ୍ରାୟ ସମସ୍ତ ମୁଖ୍ୟ ଔଷଧ ସହିତ ଅନୁପାନ ବ୍ୟବହାର କରିଥାନ୍ତି । ସେ ମଧ୍ୟରୁ ମହୁ, ଘିଅ ପ୍ରଧାନ ଏବଂ ତ୍ରିଫଂଳା, ପାନମହୁରୀ ରସ, ଛେଳିକ୍ଷୀର, ଚିନି, ଗାଈକ୍ଷୀର, ଦହି, ଝୁଣା, ଗୋଲମରିଚ, ରାଶିତେଲ, ଚାଉଳଧୁଆ ପାଣି, ଅଦାରସ, କଳାଜିରା, ବଉଳଛେଲି ରସ, ବାସଙ୍ଗ ପତ୍ର ରସ ମଧ୍ୟ ଅନୁପାନ ଭାବରେ ବ୍ୟବହୃତ ହୁଏ ।

## ଔଷଧୀୟ ଉଦ୍ଭିଦ ପ୍ରାପ୍ତି ସ୍ଥାନ:

କେତେକ ନିର୍ଦ୍ଦିଷ୍ଟ ସ୍ଥାନରୁ କେତେକ ଔଷଧୀୟ ବୃକ୍ଷର ସନ୍ଧାନ ମିଳିଥାଏ । ସାଧାରଣତଃ କିସାନମାନଙ୍କର ଗ୍ରାମ, ଗ୍ରାମର ଆଖପାଖ ବୁଦୁବୁଦୁକିଆ ଜଙ୍ଗଲ ବାଡିବଗିଚ଼ା ଗଡି ଏବଂ ପାର୍ଶ୍ୱବର୍ତ୍ତୀ ଜଙ୍ଗଲ, ନିକଟବର୍ତ୍ତୀ ପାହାଡରୁ ସମସ୍ତ ପ୍ରକାର ଔଷଧୀୟ ବୃକ୍ଷଲତା ଉପଲବ୍ଧ ହୋଇଥାଏ । ସ୍ଥାନେ ସ୍ଥାନେ କିସାନ ବସତିରେ ଔଷଧୀୟ ବୃକ୍ଷ, ଗୁଳ୍ମ ଇତ୍ୟାଦି ଚାଷ ମଧ୍ୟ କରୁଥିବା ଜଣାଯାଏ । ସୁତରାଂ ଝରଣାକୂଳରୁ ପାଲୁଅ, ଦୁଦୁରା ଗଛ ସଂଗ୍ରହ କରାଯାଇଥାଏ । ଏହି ବୃକ୍ଷରୁ ଔଷଧ ତିଆରି କରାଯାଇ ସାଧାରଣତଃ କାମଳରୋଗ ପାଇଁ ବ୍ୟବହୃତ ହୋଇଥାଏ । ଝରଣାକୂଳରୁ କୋଇଲିକଣ୍ଟା ପତ୍ର ସଂଗ୍ରହ କରାଯାଏ । ଏହି ପତ୍ରକୁ ଗରମ ପାଣିରେ ସିଝା ଯାଇଥାଏ । ପାଟିଘାଆ ଭଲ ହେବା ପାଇଁ ଏହି ସିଝା ଯାଇଥିବା ପତ୍ରକୁ ଚୋବାଇ ଖିଆଯାଏ । ଫଂଳରେ ପାଟିଘାଆ ଦୂର ହୋଇଥାଏ । ଝରଣା କୂଳରୁ କିଆଗଛର ଚେର ମଧ୍ୟ ଔଷଧ ପାଇଁ ସଂଗ୍ରହ କରାଯାଇଥାଏ । ଚେରକୁ ବାଟି ତା'ର ରସକୁ ପାଟି ଘାଆ ଭଲ ହେବା ପାଇଁ ମଧ୍ୟ ସେବନ କରାଯାଇଥାଏ । ସେବନ କରିବା ଦ୍ୱାରା ପାଟି ଘାଆ ଭଲ ହୋଇଥାଏ । ପାହାଡର ଶୀର୍ଷଆଡକୁ ଥାଏ ଶାଳ, ପିଆଶାଳ, ଗିଲ, ବାଇଡଙ୍କ, ଅର୍କ ଅଶନି ଆଦି ଔଷଧୀୟ ବୃକ୍ଷ । ପାହାଡ ଉପରୁ ଗାଈ ଶୀରା ଓ ଶତାବରୀ ଲତାର ଚେର ଏବଂ ଭୂଇଁ କଖାରୁ ଏକତ୍ର ବାଟି ତାର ରସକୁ ମିଶ୍ରି ଗୁଣ୍ଡ ସହ ପାନ କରିଲେ ଧାତୁକ୍ଷୟ ରୋଗ ସମ୍ପୂର୍ଣ୍ଣ ରୂପେ ଭଲ ହୋଇଥାଏ । ଗଛର ଗଣ୍ଡିରେ ଥିବା ନିର୍ମୁଳୀ ଲତା ଔଷଧ ଭାବରେ ସେମାନେ ଅନେକ ସମୟରେ ବ୍ୟବହାର କରନ୍ତି । ସନ୍ତସନ୍ତିଆ ସ୍ଥାନମାନଙ୍କରୁ ଥାଲକୁଡିଗଛ, ସୁନସୁନିଆ ଶାଗ, ଗନ୍ଧାବୀ ହଳଦୀ, କଇଁ ଗଇଣ ପତ ପ୍ରଭୃତି ଔଷଧୀୟ ଦ୍ରବ୍ୟ ମିଳିଥାଏ ।

ଥାଲକୁଡ ପତ୍ର ସେବନରେ ଶରୀରରେ ଲୌହଶକ୍ତି ଏବଂ ପେଟରୋଗ ସମ୍ପୂର୍ଣ୍ଣ ଭଲ ହୋଇଥାଏ । ସୁନ୍‌ସୁନିଆ ଶାଗ ଖାଇବା ଦ୍ୱାରା ଟି.ବି. ରୋଗ ଭଲ ହୋଇଥାଏ । ଗଣେଶଗଛର ପତ୍ରକୁ ସିଝାଇ ଖାଇଲେ ପାଟି ଘାଆ ଭଲ ହୋଇଥାଏ । ଏତଦ୍ ଭିନ୍ନ ସମସ୍ତ ପ୍ରକାର ଔଷଧୀୟ ବୃକ୍ଷ ଲତାଦି ସେମାନେ ପାଖ ଜଙ୍ଗଲରୁ ସଂଗ୍ରହ କରିଥାଆନ୍ତି । ଜଙ୍ଗଲରେ ଥିବା ପ୍ରତ୍ୟେକଟି ବୃକ୍ଷ, ଗୁଳ୍ମ, ଲତା ପ୍ରଭୃତିର ପତ୍ର, କାଣ୍ଡ, ଚ୍ଛେଲି, ମଂଜି, ଚେର ଇତ୍ୟାଦି ବିଭିନ୍ନ ପ୍ରକାର ରୋଗ ନିରାକରଣରେ ବ୍ୟବହୃତ ହୋଇ ପାରେ । ସର୍ବୋପରି ତାଙ୍କର ଘରବାଡି, ବାଡିବଗିଚ୍ଛ ମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଔଷଧୀୟ ବୃକ୍ଷ ଦେଖାଯାଏ । ତୁଳସୀ, ବେଲ, ଲେମ୍ବୁ, ନିମ୍ବ, ଆମ୍ବ, କଲରା, ସଜନା ଶାଗ, ପୋଦିନା ପତ୍ର, ବ୍ରାହ୍ମୀଶାଗ, ସୋରିଷ, ବିଭିନ୍ନ ଜାତିର ଫୁଲ, ଭିନ୍ନ ଭିନ୍ନ ତୃଣ ଜାତୀୟ ବୃକ୍ଷ ହଳଦୀ, ପାନ, ପାନମହୁରୀ, ଧନିଆ, ପିଆଜ, ରସୁଣ, ବିଭିନ୍ନ ପ୍ରକାର ଶାଗ, ବାସଙ୍ଗ, ଗଙ୍ଗଶିଉଳୀ, ଅଁଳା, ଜାମୁ, ଅମରପୋଇ, ବରକୋଳି, ସପୁରୀ, ରାଶି, ଅପମାରଙ୍ଗ, ଭାଲିଆ ଆଦି ବହୁତ ପ୍ରକାର ଔଷଧୀୟ ବୃକ୍ଷଲତା ସେମାନଙ୍କ ଅତି ନିକଟରେ ଉପଲବ୍ଧ । ମହୁ ସେମାନେ ଜଙ୍ଗଲରୁ ସଂଗ୍ରହ କରି ଆଣନ୍ତି । ଘରେ ଗାଈ ପାଳନ କରୁଥିବାରୁ ଘିଅର ମଧ୍ୟ ଅଭାବ ରହୁନଥିବାରୁ ଔଷଧ ପ୍ରସ୍ତୁତିରେ ସେମାନେ ଅସୁବିଧାର ସମ୍ମୁଖୀନ ହୁଅନ୍ତିନାହିଁ ।

**ଔଷଧ (ମାନ୍ଦାର) ସଂଗ୍ରହ କାଳ:** କିସାନ୍(କୁଣ୍ହାଁ) ଗ୍ରାମର ବୈଦ୍ୟ ହେଉଛନ୍ତି ସେ ଅଂଚଳର ଦେହୁରୀ । ତେଣୁ ଔଷଧୀୟ ବୃକ୍ଷ କିମ୍ବା ଦ୍ରବ୍ୟ ସଂଗ୍ରହ ପ୍ରାୟତଃ ଶୁଭବେଳା ଦେଖି କରାଯାଇଥାଏ । ବିଶେଷ କରି ବଡଧରଣର ରୋଗ ବ୍ୟାଧି ପାଇଁ ସେ ଶୁଭକାଳ ଉପରେ ଗୁରୁତ୍ୱ ଦେଇ ଔଷଧୀୟ ଦ୍ରବ୍ୟ ସଂଗ୍ରହ କରିବାକୁ ବାହାରନ୍ତି କିମ୍ବା ଔଷଧୀୟ ବୃକ୍ଷର ପତ୍ର, ଚେର, ଚ୍ଛେଲି ଇତ୍ୟାଦି ଆଣିଥାଆନ୍ତି । ସାଧାରଣତଃ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଦ୍ରବ୍ୟ ସଂଗୃହୀତ ହୁଏ । ଅମାବାସ୍ୟା, ସଂକ୍ରାନ୍ତି, ପୂର୍ଣ୍ଣମୀ, ଚନ୍ଦ୍ରଗ୍ରହଣ, ସୂର୍ଯ୍ୟପରାଗ ଇତ୍ୟାଦି କାଳରେ । ତାଦ୍ୱାରା ଔଷଧୀୟ ଦ୍ରବ୍ୟର ଶକ୍ତି ଅଧିକ ହୋଇଥାଏ ବୋଲି ସେମାନେ ବିଶ୍ୱାସ କରନ୍ତି । ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନମାନଙ୍କରୁ ସେମାନେ ଔଷଧ ସଂଗ୍ରହ କରିଥାନ୍ତି । ସକାଳ ସମୟରେ ପଳାଶ ଫୁଲ, ମନ୍ଦାର ଫୁଲ, ଗେଣ୍ଡୁଫୁଲ, କୁକୁର କାମୁଡା ଭଲହେବା ପାଇଁ ଅରଖଫୁଲ, ସ୍ତ୍ରୀମାନଙ୍କର ବନ୍ଧ୍ୟାଦୋଷ ଭଲ ହେବା ପାଇଁ ଦୁଦୁରା ଫୁଲ, କୌଣସି ଯୁବତୀ ରଜବତୀ ହେବା ପାଇଁ ସୂର୍ଯ୍ୟମୁଖୀ ଫୁଲ ଓ ରାଶି ଫୁଲ

ଔଷଧ ପାଇଁ ସଂଗ୍ରହ କରାଯାଇଥାଏ । ସ୍ତ୍ରୀମାନଙ୍କର ନାଲି ପ୍ରଦର ରୋଗ ଭଲ ହେବା ପାଇଁ ମନ୍ଦାର ଫୁଲ ସଂଗ୍ରହ କରାଯାଇଥାଏ । ମଧ୍ୟାହ୍ନ ସମୟରେ ଗବ ଗଛର ଚେର, ଅରଖ ଗଛର ଚେର, ପାତାଳଗରୁଡ ଚେର, ଗାଈଶିରା ଚେର, ଲାଜକୁଳି ଚେର, ଛୋଟ ତେନ୍ତୁଳି ଗଛର ଚେର ଇତ୍ୟାଦି ସଂଗ୍ରହ କରାଯାଇଥାଏ । ଏଥି ସହିତ ସୁନାରୀଫଳ, ଆମ୍ବଛେଲି, ନିମ୍ବଛେଲି, ଶାଳଗଛର ଛେଲି, ପଟାସ ଗଛର ଛେଲି, କାଞ୍ଚନ ଗଛର ଛେଲି ଇତ୍ୟାଦି ମଧ୍ୟାହ୍ନ ସମୟରେ ସଂଗ୍ରହ କରାଯାଇଥାଏ । ଗବଗଛର ଚେରକୁ ଏବଂ ଛୋଟ ତେନ୍ତୁଳୀ ଗଛର ଚେରକୁ ପୂଜାପାଠ କରି ସଂଗ୍ରହ କରାଯାଏ । ଏହି ଦୁଇ ଚେରକୁ ଅଣ୍ଟା କିମ୍ବା ବେକରେ ବନ୍ଧାଗଲେ ରୋଗ ଶୀଘ୍ର ଭଲ ହୋଇଯାଏ ବୋଲି ସେମାନଙ୍କର ବିଶ୍ୱାସ ଥାଏ । ଗବଗଛର ଚେର ସଂଗ୍ରହ କଲାବେଳେ ଏକ ପରିଷ୍କାର ଜଳପୂର୍ଣ୍ଣ ଢାଳରେ ଗବଗଛର ପୂର୍ବ ପଟରେ ଥିବା ମୂଳରେ ଜଳ ଢାଳି ଦିଆଯାଏ । ସେହିଭଳି ଛୋଟ ତେନ୍ତୁଳି ଗଛର ଚେରକୁ ସଂଗ୍ରହ କଲାବେଳେ ଦକ୍ଷିଣ ଦିଗ ଆଡକୁ ଥିବା ମୂଳରେ ପାଣି ଢାଳି ଏକ ନିଶ୍ୱାସରେ ଗଛକୁ ଉପାଡି ଦିଆଯାଇଥାଏ । କୌଣସି ଗାଈ କିମ୍ବା ମଇଁଷି ପ୍ରସବ ଜନିତ କଷ୍ଟ ଭୋଗୁଥିଲେ ଗବ ଗଛର ଚେରକୁ ଉକ୍ତ ଗାଈ କିମ୍ବା ମଇଁଷି ବେକରେ ସୂତା ସାହାଯ୍ୟରେ ବନ୍ଧାଯାଇଥାଏ । ତାହା ହେଲେ ପ୍ରସବ ଯନ୍ତ୍ରଣା ଉପଶମ ହୋଇ ଶୀଘ୍ର ପ୍ରସବ କରିଥାଏ । ସେହିଭଳି କୌଣସି ମହିଳା ପ୍ରସବ ଯନ୍ତ୍ରଣା ଭୋଗ କରୁଥିଲେ ଚେରକୁ ସେହି ମହିଳାଙ୍କ ବେକରେ ବାନ୍ଧି ଦିଆଯାଇଥାଏ । ତେବେ ଯନ୍ତ୍ରଣା କମିଯାଇ ଶୀଘ୍ର ପ୍ରସବ ହୋଇଥାଏ ।

ସନ୍ଧ୍ୟା ସମୟରେ ଗଇଶ ପତ୍ର, ବେଲପତ୍ର, ଗହ୍ମାରୀ ପତ୍ର, ପାଳଧୁଆ ପତ୍ର, ଗଙ୍ଗଶିଉଳି ପତ୍ର, ପଶାରୁଣୀ ପତ୍ର ଇତ୍ୟାଦି ସଂଗ୍ରହ କରାଯାଇଥାଏ । ପାଟି ଘାଆ ପାଇଁ ଗୟଶ ପତ୍ର, ପେଟରୋଗ ପାଇଁ ବେଲ ପତ୍ର, ସ୍ୱପ୍ନଦୋଷ ପାଇଁ ପାଳଧୁଆ ପତ୍ର, ଜ୍ୱର ପାଇଁ ଗଙ୍ଗଶିଉଳି ପତ୍ର, କୋଷ୍ଠକାଠିନ୍ୟ ଦୂର ପାଇଁ ପଶାରୁଣୀ ପତ୍ର ଇତ୍ୟାଦି ସଂଗ୍ରହ କରାଯାଇଥାଏ । ଅରଖମୂଳ ସଂକ୍ରାନ୍ତି ସକାଳେ ଅଣାଯାଉଥିବା ବେଳେ ଅପରାଜିତା ମୂଳ ସାୟଂକାଳରେ ସଂଗୃହୀତ ହୁଏ । କଳା ବିଚୁଆତି ଚେର ମୃତ ବ୍ୟକ୍ତିଙ୍କୁ ଦାହ/ପୋଡା ଯାଇଥିବା ସ୍ଥାନରୁ ଅଣାଯାଏ । ଶ୍ୱେତ ଲାଜକୁଳି, ଶ୍ୱେତ ଅରଖ ଚେର ସଂକ୍ରାନ୍ତି ବ୍ୟତୀତ ଅମାବାସ୍ୟାର ଅନ୍ଧକାର ରାତ୍ରିରେ ମଧ୍ୟ ଅଣାଯାଇଥାଏ । ମଝିରେ କାନ୍ଧି ହୋଇଥିବା କଦଳୀ ଗଛର ଚେର ପୂର୍ଣ୍ଣମୀ ତିଥିରେ ଆଣି ଜୁଆଖେଳ ସମୟରେ ପାଖରେ ରଖିଲେ

ଜିତାପଚ ହୁଏ । ଏବଂ ସ୍ତ୍ରୀ ପ୍ରସବ ସମୟରେ ସ୍ତ୍ରୀଟିର କାନିରେ ବାନ୍ଧି ଦେଲେ ଭଲରେ ପ୍ରସବ ହୋଇଥାଏ । ଜହ୍ନ ରାତିରେ ବବୁଲ ଗଛର ଚେର, ଝକୁଣ୍ଡା ଗଛର ଚେର ସଂଗ୍ରହ କରାଯାଇଥାଏ । ସଂଗ୍ରହ କରିବା ପୂର୍ବରୁ ଅଗୁଆ ଚାଉଳ ଓ ସିନ୍ଦୁର ବୃକ୍ଷମୂଳରେ ଦେଇ ଗଛକୁ ଏକା ନିଶ୍ୱାସରେ ବାମହାତରେ ଉପାଡିଥାନ୍ତି । ଭୂତପ୍ରେତ ଭୟରୁ ରକ୍ଷା ପାଇବା ପାଇଁ ଏହି ଚେର ଗୁଡିକୁ ବ୍ୟକ୍ତି ଏକ ତେଉଁରିଆରେ ଭର୍ତ୍ତି କରି ହାତରେ ପିନ୍ଧିଥାନ୍ତି । କୌଣସି ପରିବାରକୁ ଦେବତା ପ୍ରେଷଣ କରାଯାଇଥିଲେ ଏହି ଚେରଗୁଡିକ ଘରର ଚାଳରେ ବନ୍ଧାଯାଇଥାଏ । ଫଳରେ ପ୍ରେଷିତ ଦେବତା ସ୍ଥାନ ଛାଡି ଅନ୍ୟତ୍ର ଚାଲି ଯାଇଥାନ୍ତି । ଉକ୍ତ ଚେରକୁ ତେଉଁରିଆ ସହାୟତାରେ ହାତରେ ବାନ୍ଧିଦେଲେ ବିଷଧର ସର୍ପ ଭୟରୁ ରକ୍ଷା ହୋଇଥାଏ । ଅନ୍ଧାର ରାତିରେ ଅଣ୍ଡିରା କୁସୁମ ଗଛରେ ଡାଳରେ ଥିବା କଙ୍କଡା ଶୃଙ୍ଗକୁ ଆଙ୍କୁଡା ସାହାଯ୍ୟରେ ସଂଗ୍ରହ କରିଥାନ୍ତି । ଜଳାପୋଡା ରୋଗ ହୋଇଥିଲେ ଏହିପରି ଅନେକ ଔଷଧୀୟ ଦ୍ରବ୍ୟ କାଳ ଅନୁସାରେ ସଂଗ୍ରହ ପୂର୍ବକ ପ୍ରୟୋଗ କରି କିସାନ(କୁଣ୍ଢାଁ)ମାନେ ଅନେକ ପ୍ରକାର ଅସାଧ୍ୟ ରୋଗରୁ ମୁକ୍ତ ହୋଇଥିବା ଜଣାଯାଏ । ତନ୍ତ୍ରକାର୍ଯ୍ୟ ପାଇଁ ଚେରମୂଳି ସଂଗ୍ରହ ସମୟରେ ମଧ୍ୟ ସେହିପରି କାଳ ନିରୂପିତ ହୋଇଥାଏ । ବୈଦ୍ୟଙ୍କ ପରିବାରରେ କେହି ଛୁଟିକିଆ କିମ୍ବା ମୃତ୍ୟୁବରଣ କରିଥିଲେ ଶୁଦ୍ଧ ନହେବା ପର୍ଯ୍ୟନ୍ତ ଔଷଧ ସଂଗ୍ରହ ଓ ପ୍ରସ୍ତୁତ କରିନଥାନ୍ତି ।

ଔଷଧୀୟ ଦ୍ରବ୍ୟ ସଂଗ୍ରହ, ଔଷଧ ପ୍ରସ୍ତୁତ, ପ୍ରୟୋଗରେ ଶିଶୁମାନଙ୍କର କୌଣସି ଭୂମିକା ନଥାଏ । ଅବିବାହିତା ବାଳିକାମାନେ ଔଷଧ ପ୍ରସ୍ତୁତି ସମୟରେ ଆବଶ୍ୟକ ହେଲେ ବୈଦ୍ୟଙ୍କ ନିର୍ଦ୍ଦେଶ କ୍ରମେ ସାହାଯ୍ୟ କରନ୍ତି । କିନ୍ତୁ ସଂଗ୍ରହ ପ୍ରୟୋଗ କ୍ଷେତ୍ରରେ ନୁହେଁ । ହେଲେ ମୁଣ୍ଡବିନ୍ଧା ପାଇଁ ଟୁଟୁକା ଔଷଧ ଅବିବାହିତା ବାଳିକା ରୋଗୀ ଦେହରେ ବାନ୍ଧି ଦେଲେ ତୁରନ୍ତ ମୁଣ୍ଡବିନ୍ଧା ଭଲ ହୋଇଯାଏ । ପାଳିଜ୍ୱର ହେଲେ ସେମାନେ ମଧ୍ୟ ଭାଲୁଚୂଟି ବାନ୍ଧି ଦିଅନ୍ତି । ଗର୍ଭବତୀ ସ୍ତ୍ରୀ ଔଷଧ ପ୍ରସ୍ତୁତିରେ ସହାୟତା ପ୍ରଦାନ କରିପାରେ କିନ୍ତୁ ସଂଗ୍ରହ ପ୍ରୟୋଗରେ ନୁହେଁ । ଦୁଗ୍ଧଦାତ୍ରୀ ମାଆ କିନ୍ତୁ ଔଷଧ ଜନିତ କୌଣସି କର୍ମରେ ସହଯୋଗ ପ୍ରଦାନ କରିପାରେ ନାହିଁ । ସେହିପରି ବୃଦ୍ଧା ସ୍ତ୍ରୀଲୋକ, ଅବିବାହିତା ସ୍ତ୍ରୀ, ବନ୍ଧ୍ୟା ସ୍ତ୍ରୀ କିମ୍ବା ଛୋଟିଙ୍କ ପାଇଁ ଔଷଧ ପ୍ରସ୍ତୁତିରେ କୌଣସି ପ୍ରକାର ବାରଣ ନଥାଏ । କେବଳ ଋତୁସ୍ରାବ କାଳରେ ସେମାନେ ଔଷଧ ସ୍ପର୍ଶ କରନ୍ତି ନାହିଁ । ଔଷଧ ପ୍ରସ୍ତୁତି ବୈଦ୍ୟଙ୍କ ନିର୍ଦ୍ଦେଶ ମୁତାବକ ହୋଇଥାଏ ଏବଂ ଔଷଧୀୟ ଦ୍ରବ୍ୟ ସଂଗ୍ରହ ଓ ପ୍ରୟୋଗ ଆରୋଗ୍ୟ କେବଳ ବୈଦ୍ୟ ହିଁ କରିଥାଆନ୍ତି । ଅବଶ୍ୟ ଏମିତି ଛୋଟମୋଟର

ଔଷଧ ପାଇଁ ବାରଣ ନଥିବା କାଳରେ ପ୍ରତ୍ୟେକ ସ୍ତ୍ରୀଲୋକ ସଂଗ୍ରହ, ପ୍ରସ୍ତୁତ ଓ ପ୍ରୟୋଗ ମଧ୍ୟ କରିପାରନ୍ତି । ଯେପରି ତୁଳସୀପତ୍ରର ରସ ମହୁ ସହିତ ମିଶାଇ ପିଲାମାନଙ୍କୁ ଥଣ୍ଡା ପାଇଁ ଖାଇବାକୁ ଦେଇଥାଆନ୍ତି ।

ସାଧାରଣତଃ ଔଷଧୀୟ ଦ୍ରବ୍ୟଗୁଡିକ ଅନୁପାତ ସହିତ ହିଁ ପ୍ରୟୋଗ କରାଯାଇଥାଏ । ସେ ମଧ୍ୟରେ ଥାଏ ମହୁ, ଘିଅ, ଝୁଣା, ଦହି, ଦୁଗ୍ଧ (ଗାଈ ଓ ଛେଳି) ତ୍ରିଫଳା, ପାନ ମହୁରୀ, ଚିନି, ରାଶିତେଲ, ଜଳ, ଗୋଲମରିଚ ଇତ୍ୟାଦି । ଉଦାହରଣ ସ୍ୱରୁପ ପିଆଶାଳ ଚ୍ଛେଲିର ରସ ସହିତ ମହୁ ମଧୁମେହ ରୋଗ ପାଇଁ, ପଜଚ୍ଛେଲି ସହିତ ଝୁଣା - କଟାଘାଆ, ହରିଡା, ବାହାଡା ଓ ଅଁଳାର ମିଶ୍ରିତ ଗୁଣ୍ଡ-ବାୟୁ, ଅମ୍ଳ, କୋଷ୍ଠକାଠିନ୍ୟ, ମୂଷାକାନି ତୃଣ, ରସୁଣ ଓ ସୋରିଷ ତେଲ ମିଶ୍ରଣର ଲେପନ- ମୁଣ୍ଡବିନ୍ଧା, ଗଙ୍ଗଶିଉଳି ପତ୍ରର ରସ ଓ ମହୁ - ମ୍ୟାଲେରିଆ, ବାସଙ୍ଗ ପତ୍ର ରସ- ମହୁକାଶ ଓ ଶ୍ୱାସ, ହଳଦୀ ଓ କଲରାପତ୍ର- ମିଳିମିଳା, ଶ୍ୱେତ ମନ୍ଦାର ଚେର ଓ ଗାଈକ୍ଷୀର- ଶ୍ୱେତପ୍ରଦର, ପୋଦିନା ପତ୍ର, ଶୁଣ୍ଠି ଓ ଲୁଣ- ନାଳଝାଡା, ବର ଓହଳ,ଚାଉଳଧୁଆ ପାଣି-କାମଳ, ଦୁଦୁରା ଚେର, ହଳଦୀ-ସ୍ତନହରା, ଅପରାଜିତା ପତ୍ର ଓ ଡାଳ, ଚିନି ମିଶ୍ରଣର ଲେପନ - କଟାଘାଆ, ଅଗସ୍ତି ଫୁଲ ଓ ସୋରିଷ ତେଲ ଫୁଟାଇ ଛାତିରେ ମାଲିସ- କଫ, ବେଗୁନିଆ ଚେର, ଫଳ, ପତ୍ରରରସ ଓ ଘୃତ ଘିଅ- ଯକ୍ଷ୍ମା, ଏହିପରି ବହୁତ ଔଷଧୀୟ ଦ୍ରବ୍ୟ ଅନୁପାନ ସହିତ ବ୍ୟବହାର କଲେ ଅଧିକ ଫଳପ୍ରଦ ହୋଇଥାଏ ।

ଅନେକ ଔଷଧୀୟ ବୃକ୍ଷର ପତ୍ର, କାଣ୍ଡ, ଚେର, ମଂଜି, ଫୁଲ, ଚ୍ଛେଲି ଏବଂ ତୃଣ, ଗୁଳ୍ମାଦି ମଧ୍ୟ କେବଳ ଚ୍ଛେଚି ରସ ବାହାର କରି ପାନ କରାଯାଇଥାଏ କିମ୍ବା ଲେପନର ଆବଶ୍ୟକ ପଡିଥାଏ । କିଛି ଔଷଧୀୟ ଦ୍ରବ୍ୟ ସହିତ ଏକ, ଦୁଇ, ତିନି, ଚାରି, ପାଞ୍ଚ ବା ଛଅ ପ୍ରକାରର ଅନୁପାନ ମଧ୍ୟ ମିଶ୍ରଣ କରି ରୋଗୀକୁ ପ୍ରୟୋଗ କରା ଯାଇପାରେ । ରୋଗର ଲକ୍ଷଣ, କାରଣ ଓ ପ୍ରତିକାରର ଉପାୟମାନ ଦୃଷ୍ଟିରେ ରଖି ବୈଦ୍ୟ ସ୍ଥିର କରନ୍ତି ଯେ କେଉଁ ଔଷଧୀୟ ଦ୍ରବ୍ୟ ସହିତ ଏକ, ଦୁଇ, ତିନି, ଚାରି, ପାଞ୍ଚ ବା ଛଅ ପ୍ରକାର ଅନୁପାନ ମଧ୍ୟ ମିଶ୍ରଣ କରି ରୋଗୀକୁ ପ୍ରୟୋଗ କରାଯାଇପାରେ । ରୋଗର ଲକ୍ଷଣ, କାରଣ ଓ ପ୍ରତିକାରର ଉପାୟମାନ ଦୃଷ୍ଟି ରଖି ବୈଦ୍ୟ ସ୍ଥିର କରନ୍ତି ଯେ କେଉଁ ଔଷଧୀୟ ଦ୍ରବ୍ୟ ସହିତ କିପରି ବା କେତେ ପ୍ରକାର ଅନୁପାନ ମିଶାଇଲେ ଅଧିକ ଫଳପ୍ରଦ ହେବ । ଯେପରି ତ୍ରିଫଳାଗୁଣ୍ଡ ସହିତ ମହୁ ମିଶାଇ ଖାଇଲେ ପ୍ରତ୍ୟେକ ଔଷଧ

ଅଧିକ କାର୍ଯ୍ୟକ୍ଷମ ହୋଇଥାଏ । କଇଁ ମୂଳ, ନାଲି ମନ୍ଦାର ଫୁଲ, ମିଶ୍ରି, ଦଣ୍ଡିକିରି ମାଛ, ମୁଥାମୂଳ ଏକତ୍ର ଖାଇଲେ ଋତୁସ୍ରାବ ଜନିତ ଅସୁବିଧା ଦୂରିଭୂତ ହୋଇଥାଏ ।

**କୀଟପତଙ୍ଗ:** କିସାନ(କୁଣ୍ହାଁ)ମାନେ କୀଟପତଙ୍ଗ, ପକ୍ଷୀ, ପର, ଚମଡା, ପଥର, ଗେଣ୍ଡା, ଶାମୁକା ଆଦିରୁ ଔଷଧ ମଧ୍ୟ ପ୍ରସ୍ତୁତ କରିଥାଆନ୍ତି । ଶିମ୍ବଗଛ ଲଟାରେ ଗୋଟିଏ ପ୍ରକାର କୀଟ ଥାଏ । ଯାହାକୁ ଜ୍ୟେଷ୍ଠମଧୁ, ଅଳେଇଚ ଓ ଧାତିକା ସହିତ ମିଶ୍ରଣ କରି ଖାଇଲେ ଆମବାତ ଭଲହୁଏ । ପାଚିଲା କଦଳୀ ସହିତ ଓଡଶ ଖାଇଲେ ଅର୍ଶ ରୋଗରୁ ଆରୋଗ୍ୟ ମିଳେ ଏବଂ ପିଲା ବିଛଣାରେ ପରିସ୍ରା କରେନାହିଁ । କଳାବୁଢିଆଣୀକୁ ବାଟି ପାଣି ସହିତ ପାନ କଲେ ଛାତିଶୀ ରୋଗ ଭଲ ହୁଏ । କାଇପୋକ ବାଟି ଖାଇଲେ ଅମ୍ଳଦୋଷ ଦୂର ହୁଏ । ଧୂଳିପୋକ କାଇକୁ ଓ ଉଇ ବସାକୁ ଏକତ୍ର ବାଟି ଗଳା ବା ତଣ୍ଟିରେ ପ୍ରଲେପ ଦେଲେ ଗଳଗଣ୍ଡ ରୋଗ ଭଲ ହୋଇଥାଏ । ପାରା ଓ ବାଦୁଡିର ମାଂସକୁ ତରକାରୀ କରି ଖାଇଲେ କାଶ ଏବଂ ଶ୍ୱାସରୋଗ ଭଲ ହୋଇଥାଏ । ଘରଚଟିଆ ଚଢେଇର ମାଂସକୁ ପତ୍ରପୁଡିଆରେ ପୋଡି ଖାଇଲେ ଯୌନଶକ୍ତି ବୃଦ୍ଧି ଘଟିଥାଏ । ଗୋବର ପୋକକୁ ମାରି ତାକୁ ଖରାରେ ଶୁଖାଇ ଗୁଣ୍ଡ କରି ସେହି ଗୁଣ୍ଡକୁ ଶୁଙ୍ଘିଦେଲେ ନାକରୁ ପଡୁଥିବା ରକ୍ତ ବନ୍ଦ ହୋଇଯାଏ । ଅରଖପତ୍ରରେ ଥିବା ପୋକକୁ ସଂଗ୍ରହ କରି ତାକୁ ଖରାରେ ଶୁଖାଇ ଗୁଣ୍ଡ କରି ସାରିଲା ପରେ ସେହି ଗୁଣ୍ଡକୁ ଶୁଙ୍ଘିଲେ ଅପସ୍ମାର ଭଳି ଏକ ମାରାତ୍ମକ ବାତ ରୋଗ ଭଲ ହୋଇଯାଏ । କୋଚିଲାଖାଇ ଚଢେଇର ମାଂସ ଖାଇଲେ ଏବଂ ସେଥିରୁ ବାହାରୁଥିବା ତେଲ ଗଣ୍ଠିରେ ମାଲିସ କଲେ ଆଣ୍ଠୁଗଣ୍ଠି ବାତ ସମ୍ପୂର୍ଣ୍ଣ ଭଲ ହୋଇଯାଏ । ବାଇ ଚଢେଇ ମାଂସ ଖାଇଲେ ଦେହ ହାତ ଦରଜ ଦୂର ହୁଏ ।

ମୟୂର ଓ ଗୁଡଚିନି ଏକତ୍ର ଗୁଳା କରି ନିୟମ ଅନୁଯାୟୀ ଗିଳିଲେ ସୁସ୍ଥସବଳ ପୁତ୍ର ସନ୍ତାନ ଲାଭ ହୁଏ । ମୟୂର ଅଣ୍ଡା, ଗରୁଡ ପକ୍ଷୀ ଅଣ୍ଟା ଓ ଗୋଡକୁ ସର୍ପ ଓ ବିଛାର ଦାଉରୁ ରକ୍ଷା ନିମନ୍ତେ କବଚ ବା ତେଉଁରିଆ ଆକାରରେ ଧାରଣ କରାଯାଏ । ମୟୂର ପର ସର୍ପ ବିଷ ହରଣ ନିମନ୍ତେ ଝଡାଫୁଙ୍କା ପାଇଁ ବ୍ୟବହୃତ ହୁଏ । ଝିଟିପିଟିକୁ ମାରି ତାହାର ମାଂସ ସହିତ ସପ୍ତପେଂଣୀ ସିନ୍ଦୁର ରସକୁ ଏକତ୍ର ସିଝାଇ ଘୁମୁରା ରୋଗରେ ଆକ୍ରାନ୍ତ କୁକୁଡା ଓ ଶ୍ୱାସରୋଗରେ ଆକ୍ରାନ୍ତ ଘୁଷୁରୀକୁ ସେହି ମାଂସ ଖାଇବାକୁ ଦେଲେ ସେମାନଙ୍କର ରୋଗ ଭଲ ହୋଇଯାଇଥାଏ ।

**ଚମଡା:** ଚମଡାରୁ ମଧ୍ୟ ଔଷଧ ତିଆରି କରା ଯାଇଥାଏ । ଗୋଧି ଚମଡାକୁ ନିଆଁରେ ପୋଡି ଘଟିଲେ ତତ୍‌କ୍ଷଣାତ୍ ବାନ୍ତି ବନ୍ଦ ହୁଏ । ଏହାର ଚମଡାକୁ ତେଉଁରିଆରେ ଭର୍ତ୍ତି

କରି ଧାରଣ କଲେ ଭୂତପ୍ରେତଙ୍କ ଭୟରୁ ରକ୍ଷାମିଳେ । କୌଣସି ଜ୍ୱରରେ କମ୍ପି ଉଠୁଥିଲେ ଭାଲୁର ଚମଡାକୁ ଅଣ୍ଟାରେ ବାନ୍ଧି ଦିଆଯାଏ । ଫଳରେ ବ୍ୟକ୍ତିର କମ୍ପନ ଜ୍ୱର ଭଲ ହୋଇଯାଏ । ସେହିପରି ବାଘ ଚମଡା ଓ ନିଶକୁ ତେଉଁରିଆ କରି ପିନ୍ଧିଲେ ସମସ୍ତ କାର୍ଯ୍ୟରେ ସଫଳତା ମିଳିବା ସଙ୍ଗେ ସଙ୍ଗେ ସମସ୍ତେ ବଶୀଭୂତ ହୋଇଥାନ୍ତି । ଗଣ୍ଡା ଚମଡାକୁ ସ୍ତ୍ରୀଲୋକ ଦେହରେ ଧାରଣ କଲେ ତାଙ୍କର ସ୍ୱପ୍ନଦୋଷ ଦୂର ହୋଇଯାଏ । ମୂଷାମାଂସ ଓ ରାଶିତେଲର ମିଶ୍ରଣ ଜନନେନ୍ଦ୍ରିୟ କଷ୍ଟ ଓ ଭଗନ୍ଦର ଦୂର କରେ । କୋଚିଆ ମାଛ ମୁଣ୍ଡ କିମ୍ବା ଶୁଖୁଆ ମୁଣ୍ଡ ଭାଂଗ ସହିତ ମିଶାଇ ନିଆଁରେ ପକାଇ ମଳଦ୍ୱାରରେ ଧୂଆଁ ଦେଲେ ଅର୍ଶଯନ୍ତ୍ରଣା ତତ୍‌କ୍ଷଣାତ୍ ବନ୍ଦ ହୋଇଯାଏ । ଆମ୍ବ, ଆମ୍ବତା ଛେଲି ଓ ଚୂନପଥରକୁ ଏକତ୍ର ବାଟି ଗରମ ଧାତୁରେ ଚେଙ୍କ ଦେଇ ସେଇ ଔଷଧ ପାନ କଲେ ଝାଡା ଭଲ ହୁଏ । ଗେଣ୍ଡା ବା ଶାମୁକାରୁ ପ୍ରସ୍ତୁତ ଚୂନ ମଧ୍ୟ ଏଥିରେ ପ୍ରୟୋଗ କରାଯାଇ ପାରେ । ପଥର ଚୂନ କିମ୍ବା ଶାମୁକା ଚୂନର ପାଣି ପାନଲେ ଅଜୀର୍ଣ୍ଣ ଦୋଷ ଦୂର ହୁଏ । ଦେବତାମାନଙ୍କର ଚୁମ୍ବକି ପଥରକୁ ଘୋରି ତାର ରସକୁ ମୁଣ୍ଡବ୍ୟଥା ହେଉଥିଲେ ମୁଣ୍ଡରେ ଲଗାଇଲେ ମୁଣ୍ଡବ୍ୟଥା ସମ୍ପୂର୍ଣ୍ଣ ଭଲ ହୋଇଥାଏ । କମାର ଗୃହ ପଥରକୁ ତେନ୍ତୁଳୀପତ୍ର ଓ ଲୁଣକୁ ଗୁଣ୍ଡ କରି ଜଳରେ ମିଶାଇ ମୃଦୁନିଆଁରେ ଗରମ କରି ହାତ କିମ୍ବା ଗୋଡ ଭାଙ୍ଗିଥିବା ସ୍ଥାନରେ ପ୍ରଲେପ ଦେଲେ ଭାଙ୍ଗିଥିବା ସ୍ଥାନଟି ସମ୍ପୂର୍ଣ୍ଣ ଯୋଡି ହୋଇଥାଏ ଏବଂ ଯନ୍ତ୍ରଣା ଦୂରୀଭୂତ ହୋଇଥାଏ । ଶଙ୍ଖକୁ ଘୋରି ସେହି ପାଣିକୁ ପିଲାକୁ ପିଆଇଲେ ପିଲାର ବାନ୍ତି ତୁରନ୍ତ ବନ୍ଦ ହୋଇଯାଏ । ଗେଣ୍ଡା ଖୋଳପାର ପ୍ରଲେପ ଦ୍ୱାରା ପକ୍ଷଘାତ ରୋଗ ମଧ୍ୟ ଭଲହୋଇପାରେ । ଗେଣ୍ଡା ଓ କୁଜି ଗେଣ୍ଡାର ମାଂସକୁ ତରକାରୀ କରି ଖାଇଲେ ଦୃଷ୍ଟିଶକ୍ତି ବୃଦ୍ଧିପାଏ । ଗେଣ୍ଡାଖୋଳ, ଶାମୁକା ଖୋଳ, ପାରା ମଳକୁ ଏକତ୍ର ମିଶାଇ ଜଳରେ ବାଟି ତାର ରସକୁ ବଥ ଉପରେ ପ୍ରଲେପ ଦେଲେ ବଥ ଫାଟି ଯାଇଥାଏ । ବ୍ୟକ୍ତି ଯନ୍ତ୍ରଣା ମୁକ୍ତି ହୋଇଥାଏ ।

ପ୍ରକୃତି କୋଳରେ ସୃଷ୍ଟ, ଅବସ୍ଥିତ କିମ୍ବା ପରିବର୍ଦ୍ଧିତ ସମସ୍ତ ପ୍ରକାର ପ୍ରାକୃତିକ ଦ୍ରବ୍ୟ/ଔଷଧ, ପଶୁପକ୍ଷୀ, କୀଟପତଙ୍ଗ ଆଦିକୁ କିସାନ ସଂପ୍ରଦାୟ ଔଷଧ ରୂପେ ବ୍ୟବହାର କରିଥାଆନ୍ତି । ସେମାନଙ୍କ ମତରେ ସବୁଥିରେ କିଛି ନା କିଛି ରୋଗ ନିବାରକ ଶକ୍ତି ନିହିତ ଥାଏ । ରୋଗ ନିରୂପଣ, ଔଷଧ ନିର୍ଣ୍ଣୟ, ଅନ୍ୱେଷଣ, ପ୍ରସ୍ତୁତ ଏବଂ ପ୍ରୟୋଗ ହିଁ ହେଉଛି ଗୁରୁତ୍ୱପୂର୍ଣ୍ଣ ବିଷୟ ।

## ବୈଦ୍ୟ/କବିରାଜ

କିସାନ ସମାଜରେ ବୈଦ୍ୟର ଏକ ସ୍ୱତନ୍ତ୍ର ଭୂମିକା ରହିଥାଏ । ସେ ଲୋକମାନଙ୍କ ଦ୍ୱାରା ସଦା ସମ୍ମାନିତ ଏବଂ ସର୍ବଜନାଦୃତ ହୋଇଥାନ୍ତି । ସେ ଅତ୍ୟନ୍ତ ସରଳ ତଥା ଧର୍ମପରାୟଣ ବ୍ୟକ୍ତି ହୋଇଥାନ୍ତି । ତାଙ୍କର ଈଶ୍ୱର ପ୍ରତି ପ୍ରଗାଢ ଭକ୍ତି ଓ ବିଶ୍ୱାସ ରହିଥାଏ । ଅନ୍ୟାନ୍ୟ ବ୍ୟକ୍ତିଙ୍କଠାରୁ ସେ ସମ୍ପୂର୍ଣ୍ଣ ଭିନ୍ନ । ପ୍ରତ୍ୟେକ ରୋଗ ପାଇଁ ଉପଯୁକ୍ତ ଔଷଧ ପ୍ରଦାନ କରି ରୋଗୀମାନଙ୍କୁ ଆରୋଗ୍ୟ କରିବାରେ ସହାୟ ହୋଇଥାନ୍ତି । ଔଷଧ ଦେବା ସମୟରେ ଈଶ୍ୱରଙ୍କ ନିକଟରେ ରୋଗୀମାନଙ୍କର ଆଶୁକାମନା କରିଥାନ୍ତି । ତେଣୁ ଏସମସ୍ତ କାର୍ଯ୍ୟ କରିପାରୁଥିବା ଜଣେ ବ୍ୟକ୍ତିର ସାହାଯ୍ୟ ନିହାତି ଜରୁରୀ ହୋଇଥାଏ । ଦେହୁରୀ ତାଙ୍କ ସମାଜରେ ଜଣେ ପାରମ୍ପରିକ ଦୀପ୍ତିମୟ, ବିଜ୍ଞାନୀ, ମାନସମ୍ମାନର ଅଧିକାରୀ, ଦୁଃଖ ଦୁର୍ଦ୍ଦଶାର ଏକାନ୍ତ ସାଥୀ ଓ ସେମାନଙ୍କର ସଂସ୍କୃତିକୁ ସଂରକ୍ଷଣ କରି ରଖିଥିବାର ଏକ ଶକ୍ତ ମୂଳଦୁଆ । ତେଣୁ ଦେହୁରୀର ସ୍ଥାନ ଯେ ଖୁବ୍ ଉର୍ଦ୍ଧ୍ୱରେ ଯେ କେହି ଅଙ୍ଗେ ନଲିଭାଇଲେ ହୃଦୟଙ୍ଗମ କରିବା କଷ୍ଟସାଧ୍ୟ । ଏପରି ଏକ ମହାନ୍ ବ୍ୟକ୍ତିତ୍ୱର ଗୁଣବତ୍ତା, କାର୍ଯ୍ୟକଳାପ, ଲୋକମାନଙ୍କ ସହ ଆଚର ବ୍ୟବହାର, ସମାଜରେ ତା'ର ସ୍ଥାନ, ସମାଜକୁ ତା'ର ଦାନ ସଂପର୍କରେ ସମ୍ୟକ ଧାରଣା ରହିବା ଆବଶ୍ୟକ ।

**ବ୍ୟକ୍ତିତ୍ୱ:**

ବୈଦ୍ୟଙ୍କ ବ୍ୟକ୍ତିତ୍ୱ ସାଧାରଣତଃ ବହୁମୁଖୀ । ସେ ଏକାଧାରରେ ଈଶ୍ୱର ବିଶ୍ୱାସୀ, ଧର୍ମପରାୟଣ, ଉତ୍ତମ ସେବକ, ଔଷଧ ତିଆରିରେ ସିଦ୍ଧହସ୍ତ, ବୁଦ୍ଧିମାନ, ଜ୍ଞାନୀ, କର୍ମପ୍ରବଣ ଇତ୍ୟାଦି । ବିପଦ ପଡିଲେ କାହାରିକୁ ରକ୍ଷା କରିବା ତାଙ୍କର ସହଜାତ ଗୁଣ । ଦୁଃଖଶୋକ, ବିପଦ ଆଦି ପଡିଲେ ସାଧାରଣ କିସାନ(କୁଣ୍ହାଁ)ଟିଏ ଦୌଡିଯାଏ ଦେହୁରୀ ପାଖକୁ । ତେଣୁ ତାଙ୍କ ସମାଜରେ ଦେହୁରୀଙ୍କ ପାଇଁ ସ୍ୱତନ୍ତ୍ର ଆସନ ରହିଥାଏ । ସାଧାରଣତଃ ବିବାହିତ ବ୍ୟକ୍ତିମାନେ ଏହି କାର୍ଯ୍ୟ ତୁଲାଇ ପାରନ୍ତି ।

**ତାଲିମ:** ସାଧାରଣତଃ "ଦେହୁରୀ" ବିଦ୍ୟା ଏକ ଈଶ୍ୱରଦତ୍ତ ଗୁଣ । ଜଣେ ବ୍ୟକ୍ତି ଦୈବୀ ଶକ୍ତି ଲାଭ କଲାପରେ ଏହି କାର୍ଯ୍ୟ କରିପାରନ୍ତି । ନଚେତ୍ ସେହିପରି ଜଣେ ଅଭିଜ୍ଞ କବିରାଜ ବା ବୈଦ୍ୟଙ୍କଠାରୁ ସ୍ୱତନ୍ତ୍ର ଭାବେ ତାଲିମ ଗ୍ରହଣ କରିଥାନ୍ତି । ତାଲିମରେ ରୋଗୀର ରୋଗ ନିରୂପଣ, ଔଷଧୀୟ ବୃକ୍ଷର ଲକ୍ଷଣ ଓ ଚିହ୍ନଟ, ଔଷଧର ପ୍ରସ୍ତୁତି

ପ୍ରଣାଳୀ ତଥା ପ୍ରୟୋଗ ପ୍ରଣାଳୀ ଏବଂ ରୋଗର ଲକ୍ଷଣ ଜାଣିବା ପ୍ରଣାଳୀ ଔଷଧ ସେବନର ପ୍ରଣାଳୀ, ରୋଗ ପାଇଁ ସ୍ୱତନ୍ତ୍ର ଭାବେ ବାରଣ ବା ନିଷେଧ ଇତ୍ୟାଦି ବିଷୟ ନୂତନ ଭାବରେ ଶିକ୍ଷା କରୁଥିବା ବ୍ୟକ୍ତି ଖ୍ୟାତି ସମ୍ପନ୍ନ ବୈଦ୍ୟ ବା କବିରାଜଙ୍କଠାରୁ ତାଲିମ ଗ୍ରହଣ କରିଥାନ୍ତି । ତାଲିମ ଶିକ୍ଷା ନିମନ୍ତେ ତାଲିମ ପ୍ରାପ୍ତି ବ୍ୟକ୍ତି ସମ୍ପୃକ୍ତ କବିରାଜଙ୍କୁ ବର୍ଷ ଶେଷରେ ପାଉଣା ହିସାବରେ ମୋଟା ଆକାରରେ ଧାନ ବା ଚାଉଳ ଦେଇଥାନ୍ତି । ତା' ସହିତ ନୂତନ ବସ୍ତ୍ର ଓ ଗାମୁଛା ମଧ୍ୟ ପ୍ରଦାନ କରିଥାନ୍ତି । ତତ୍ ସଙ୍ଗେସଙ୍ଗେ କିପରି ବିଭିନ୍ନ ପୂଜାପାଠ କରାଯିବ, କେଉଁ ଦେବାଦେବୀ ଓ ଭୂତପ୍ରେତଙ୍କୁ କି କି ବଳି ଦେଇ ସନ୍ତୁଷ୍ଟ କରିହେବ, ବଳି ଦେବାର ପଦ୍ଧତି ଆଦି ବିଷୟ ବଡ ଦେହୁରୀମାନେ ତାଙ୍କୁ ଶିଖାଇଥାନ୍ତି ।

କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ଏହି କବିରାଜ ବା ବୈଦ୍ୟ ବିଦ୍ୟା ଶିକ୍ଷା କରିଥାନ୍ତି । ଈଶ୍ୱରଙ୍କ କୃପା ଯୋଗୁଁ ସମ୍ପୃକ୍ତ ବ୍ୟକ୍ତି ଏହି ବୈଦ୍ୟ ବିଦ୍ୟାରେ ନିପୁଣ ହୋଇପାରେ । ପରେ ନିଜେ ଜଣେ ଖ୍ୟାତି ସମ୍ପନ୍ନ ବୈଦ୍ୟ ହୋଇପାରନ୍ତି । ଏହି ଗୁଣ ଯାହା ପାଖରେ ଥାଏ ସେ ସମ୍ପୃକ୍ତ ବିଦ୍ୟାରେ ପ୍ରସିଦ୍ଧି ଲାଭ କରିଥାଏ ।

**ସୃଜନଶୀଳତା:** ଦେହୁରୀମାନେ ବିଭିନ୍ନ କ୍ଷେତ୍ରରେ ନିଜର ସୃଜନଶୀଳତାର ପରିଚୟ ଦେଇଥାନ୍ତି । କେତେକ କ୍ଷେତ୍ରରେ କବିରାଜ ବିଦ୍ୟା ଶିକ୍ଷାପରେ ସଂପୃକ୍ତ ବୈଦ୍ୟ ଔଷଧ ତିଆରି ସମୟରେ କୌଣସି ଔଷଧକୁ ନୂତନ ଢଙ୍ଗରେ ତିଆରି କରିଥାନ୍ତି । ନିଜର ବୁଦ୍ଧି ପ୍ରୟୋଗ କରି କେତେକ ଔଷଧରେ ଅନ୍ୟ ଏକ ଉପକରଣ ପ୍ରୟୋଗ କରି ଔଷଧକୁ ପୁନର୍ବାର ତିଆରି କରିଥାନ୍ତି । ଔଷଧର ଫଳ ପ୍ରଦତ୍ତ ଗୁଣ ପ୍ରକାଶ ପରେ ସେହି ବୈଦ୍ୟଙ୍କର ସୃଜନଶୀଳତାର ପରିଚୟ ଦେଇଥାଏ । ଅନେକ ସମୟରେ ନିଜର ବୁଦ୍ଧି, ବିବେକ, ଜ୍ଞାନ ପ୍ରୟୋଗ କରି ନିଜେ ନୂଆ ନୂଆ ଔଷଧ ପ୍ରସ୍ତୁତି କରିବା, ରୋଗୀର ମାନସିକ ଅବସ୍ଥାକୁ କଳନା କରି ସେହି ଅନୁସାରେ ଔଷଧ ଦେବା, ରୋଗୀର ସାମାଜିକ, ଧାର୍ମିକ ଚିନ୍ତାଚେତନାକୁ ନଜରକୁ ରଖି ରୋଗୀକୁ ଭିନ୍ନ ଭିନ୍ନ ଉପାୟରେ ଚିକିତ୍ସା କରିବା ଇତ୍ୟାଦି ଦେହୁରୀର ସୃଜନଶୀଳତାର ପରିଚୟ ଦେଇଥାଏ ।

**ଅଭିଜ୍ଞତା:** ସାଧାରଣତଃ ବୈଦ୍ୟମାନଙ୍କର କେତେକ କ୍ଷେତ୍ରରେ ସ୍ୱତନ୍ତ୍ର ଅଭିଜ୍ଞତା ରହିଥାଏ । ସମୟକ୍ରମେ ଦେହୁରୀମାନେ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା ଅର୍ଜନ କରିଥାନ୍ତି । ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା, ଭୋଗରାଗ ଦେବା, ମନ୍ତ୍ରପାଠ କରିବା

ଇତ୍ୟାଦିରେ ସିଦ୍ଧହସ୍ତ ହୋଇଯାଆନ୍ତି । ରୋଗୀର ମୁଖମଣ୍ଡଳ ଓ ହାତଗୋଡ ଦେଖି ରୋଗ ନିର୍ଣ୍ଣୟ କରିବା ଓ କେଉଁ ଭୂତପ୍ରେତ, ଦେବଦେବୀଙ୍କର କୋପରୁ ଏପରି ହୋଇଛି ସଙ୍ଗେ ସଙ୍ଗେ କହିଦିଏ ଦେହୁରୀ । ଔଷଧୀୟ ବୃକ୍ଷଲତା ଚିହ୍ନଟ, ଔଷଧ ତିଆରି କ୍ଷେତ୍ରରେ ଆବଶ୍ୟକୀୟ ଉପକରଣ ପ୍ରୟୋଗର ଅଭିଜ୍ଞତା, ନିର୍ଦ୍ଦିଷ୍ଟ ରୋଗ ପାଇଁ ସଠିକ ଔଷଧ ପ୍ରଦାନର ଅଭିଜ୍ଞତା, ଗୋଗର ଲକ୍ଷଣ ଜାଣିବାରେ ଅଭିଜ୍ଞତା, ରୋଗୀର ନାଡି, ଔଷଧ ସେବନର ବିଧି ସମ୍ବନ୍ଧରେ ଅଭିଜ୍ଞତା, ଔଷଧୀୟ ବୃକ୍ଷ ସଂଗ୍ରହ ପ୍ରସ୍ତୁତି, ପ୍ରୟୋଗ କ୍ଷେତ୍ରରେ ମନ୍ତ୍ରପାଠର ଅଭିଜ୍ଞତା, ସଂପୃକ୍ତ ବୈଦ୍ୟ ବା କବିରାଜଙ୍କର ରହିଥାଏ । ପରେ ନିର୍ଦ୍ଦିଷ୍ଟ ରୋଗକୁ ସଠିକ ଔଷଧ ଦେବା ଓ ସଂପୃକ୍ତ ଦେବାଦେବୀଙ୍କୁ ଉପଯୁକ୍ତ ଭୋଗ ଓ ବଳି ଦେଇ ସନ୍ତୁଷ୍ଟ କରିବା ସର୍ବୋପରି ରୋଗୀକୁ ରୋଗମୁକ୍ତ କରିବାରେ ସିଦ୍ଧହସ୍ତ ହୋଇଉଠନ୍ତି ଦେହୁରୀମାନେ । ଏହା ବ୍ୟତିତ ଅନିଷ୍ଟ ଶକ୍ତିଙ୍କୁ ଆୟତ କରିବା ଓ ସେମାନଙ୍କ ସହାୟତାରେ ପାଙ୍ଗଣ ପେଷଣ ଇତ୍ୟାଦି କାର୍ଯ୍ୟ କରିବାରେ ଅଭିଜ୍ଞତା ହାସଲ କରନ୍ତି ।

କିସାନ(କୁଣ୍ହାଁ) ସମ୍ପ୍ରଦାୟରେ ଅଭିଜ୍ଞ କବିରାଜମାନେ କେତେକ ମହାମାରୀ ବା ଦୁଃସାଧ୍ୟ ରୋଗକୁ ଭଲ କରିବାରେ ସ୍ୱତନ୍ତ୍ର ଭାବରେ ଦକ୍ଷତା ଅର୍ଜନ କରିଛନ୍ତି । ସମସ୍ତ ଦେହୁରୀ ସମାନ ଦକ୍ଷତାର ଅଧିକାରୀ ହୋଇନଥାନ୍ତି । କିଏ ସାଧାରଣ ପାଂଜି ଦେଖିବା ସହ ସାଧାରଣ ଜ୍ୱର କାଶ ପାଇଁ ଔଷଧ ଜାଣିଥାଏ ଓ କେତେବେଳେ ଅନ୍ୟମାନେ ଦେବତା ଓ ଅନିଷ୍ଟ ଶକ୍ତିଙ୍କୁ ଆୟତ କରିବାରେ ଦକ୍ଷତା ଥାଏ ତ ପୁଣି ତୃତୀୟ ଜଣଙ୍କ ପାଂଜି ଦେଖିବାଠାରୁ ଆରମ୍ଭ କରି ଅଦୃଶ୍ୟ ଶକ୍ତିକୁ ବଶୀଭୂତ କରିବା, ଅସାଧ୍ୟ ରୋଗକୁ ଆରୋଗ୍ୟ କରିବା ଇତ୍ୟାଦି ସମସ୍ତ କାର୍ଯ୍ୟରେ ଦକ୍ଷତା ହାସଲ କରିଥାନ୍ତି । ରାଜଯକ୍ଷ୍ମା, କୁଷ୍ଠ, ଅପସ୍ମାର, ସର୍ବାଙ୍ଗବାତ ଇତ୍ୟାଦି ସାଙ୍ଘାତିକ ରୋଗ ଭଲ କରିବାରେ ଦକ୍ଷତା ରହିଛି । ପ୍ରତ୍ୟେକ ରୋଗ ପାଇଁ ନିର୍ଦ୍ଦିଷ୍ଟ ଔଷଧ ପ୍ରସ୍ତୁତିରେ ଆବଶ୍ୟକ ଔଷଧୀୟ ଦ୍ରବ୍ୟ ପ୍ରୟୋଗ କରିବାରେ ମଧ୍ୟ ଦକ୍ଷତା ହାସଲ କରିଥାନ୍ତି । ଏଥିରୁ ସ୍ପଷ୍ଟ ଅନୁମିତ ହୁଏଯେ ଦେହୁରୀମାନେ ବହୁମୁଖୀ ଦକ୍ଷତାର ଅଧିକାରୀ ହୋଇଥାନ୍ତି ।

**ପୋଷାକ:** କିସାନ ସମାଜରେ ପୁରୁଷମାନେ ପୋଷାକ ପରିଚ୍ଛଦ ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ । ଅନ୍ୟ ଧର୍ମୀୟ କର୍ମକର୍ମାଣୀମାନଙ୍କ ପରି ଦେହୁରୀମାନଙ୍କର ମଧ୍ୟ କୌଣସି ସ୍ୱତନ୍ତ୍ର ପୋଷାକ ପରିଚ୍ଛଦ ନଥାଏ । ଏମାନେ ସର୍ବସାଧାରଣଙ୍କ ପରି ଧୋତି ପିନ୍ଧିଥାନ୍ତି ଏବଂ ଋରିହାତ ବିଶିଷ୍ଟ ନାଲିରଙ୍ଗର ଗାମୁଛା କାନ୍ଧରେ ପକାଇଥାନ୍ତି ।

ଦକ୍ଷିଣ ହସ୍ତରେ ପାଞ୍ଚଫୁଟ ବିଶିଷ୍ଟ ବେତ ତିଆରି ବାଡି ଧରିଥାନ୍ତି । ଭୂତପ୍ରେତ, ଡାହାଣୀ, ଯୋଗୀନୀ ଇତ୍ୟାଦିଙ୍କ ଭୟ ଦାଉରୁ ରକ୍ଷା ପାଇବା ନିମିତ୍ତ ପୂଜାପାଠରେ ଏହି ବାଡିକୁ ବ୍ୟବହାର କରିଥାନ୍ତି ।

**ଆଚରଣ:** ସାଧାରଣତଃ ଦେହୁରୀ ବା ବୈଦ୍ୟ ଦୟାଳୁ ଓ ପରୋପକାରୀ ହୋଇଥାନ୍ତି । ସ୍ନେହପୂର୍ଣ୍ଣ କଥୋପକଥନ କରିଥାନ୍ତି । କୌଣସି ରୋଗୀକୁ ସାହାଯ୍ୟ କରିବା ପାଇଁ ସଦା ତତ୍ପର ହୋଇଥାଆନ୍ତି । ବୈଦ୍ୟ ମଧ୍ୟ ନିଜର କାମଧନ୍ଦା ଛାଡି ଭଲମନ୍ଦ ହାନି ଲାଭ ବିଚାର ନକରି ରୋଗୀ ବା ବିପଦଗ୍ରସ୍ତ ଲୋକକୁ ସାହାଯ୍ୟ କରିବାକୁ ଆଗେଇଯାଏ ବିନା ଦ୍ୱିଧାରେ । ଔଷଧ ସଂଗ୍ରହ ପାଇଁ ସେ ଅନେକ କଷ୍ଟର ସମ୍ମୁଖୀନ ହୋଇଥାନ୍ତି । ଅନ୍ଧାର ରାତ୍ରିରେ ହିଂସ୍ରଜନ୍ତୁ ଓ ଭୂତପ୍ରେତଙ୍କୁ ଖାତିର ନକରି ଔଷଧ ସଂଗ୍ରହ କରି ଲୋକଙ୍କୁ ଦେଇଥିବା କଥାନୁସାରେ ଠିକ୍ ସମୟରେ ଉପସ୍ଥିତ ହୋଇ ରୋଗୀକୁ ଅଚିରେ ଆରୋଗ୍ୟଲାଭ କରିବା ପାଇଁ ସାନ୍ତ୍ୱନା ଦିଏ । ସାଧାରଣ ରୋଗବ୍ୟାଧି ଛଡା ମଧ୍ୟ ପାଙ୍ଗଣ ପେଷଣର ପ୍ରତିକାର କରି ଆସନ୍ନ ବିପଦକୁ ଏଡାଇ ଦିଏ । ଆବଶ୍ୟକ ସ୍ଥଳେ ସେମାନେ ଦୋଷୀ ଶତ୍ରୁକୁ ମଧ୍ୟ ଦଣ୍ଡବିଧିର ବ୍ୟବସ୍ଥା କରିପାରନ୍ତି । ତେଣୁ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ଏମାନେ ଏକ ସ୍ୱତନ୍ତ୍ର ଆସ୍ଥାନ ଜମାଇ ଦେଇଥାନ୍ତି । ସାଧାରଣ ଲୋକମାନେ ସ୍ନେହ, ଶ୍ରଦ୍ଧା, ସମ୍ମାନ ଓ ଭକ୍ତି କରିବା ସହିତ ଖୁବ୍ ଆପଣାର ବ୍ୟକ୍ତି ପରି ବ୍ୟବହାର କରିଥାନ୍ତି । ସେମାନଙ୍କୁ ମଧ୍ୟ ହାଣ୍ଡିଆ ମହୁଲି ଆଦି ମଦପାଣି ଦେଇ ଆତିଥ୍ୟ ପ୍ରଦାନ କରାଯାଇଥାଏ । କାମ ସମୟରେ ଯେ କେବଳ ଦେହୁରୀକୁ ଆଦର ସମ୍ମାନ କରନ୍ତି ତା ନୁହେଁ, ସାଧାରଣ ଦିନରେ ଅନେକ ମଧ୍ୟ ତାଙ୍କୁ ଅତିଥି ରୂପେ ପାଇବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ଅଧିକନ୍ତୁ ଏମାନେ କେବଳ ଗୋଟିଏ ଗାଁ ମଧ୍ୟରେ ନୁହେଁ ପରନ୍ତୁ ଗାଁ ଗାଁ ବାହାର ଅନେକ ଗାଁରେ ମଧ୍ୟ ମାନ ସମ୍ମାନର ଅଧିକାରୀ ହୋଇଥାନ୍ତି ଓ ଚିହ୍ନା ଲୋକଙ୍କର ଆତିଥ୍ୟ ସ୍ୱୀକାର କରି ସ୍ନେହ ମମତାର ବନ୍ଧନକୁ ଦୃଢ କରିଥାନ୍ତି ।

ବିଭିନ୍ନ ସମୟରେ ଔଷଧ ସଂଗ୍ରହ ପାଇଁ ଦେହୁରୀଙ୍କୁ ଉପବାସ ପାଳନ କରିବାକୁ ପଡିଥାଏ । ସାଧାରଣତଃ ଏମାନେ ରବିବାର, ଅମାବାସ୍ୟା, ପୂର୍ଣ୍ଣିମା, ଚନ୍ଦ୍ରଗ୍ରହଣ ଇତ୍ୟାଦି ସମୟରେ ଔଷଧ ସଂଗ୍ରହ ପୂର୍ବରୁ ଖାଦ୍ୟପେୟ ବର୍ଜନ କରି ଉପବାସ ପାଳନ କରିଥାନ୍ତି । ସପ୍ତାହର ପ୍ରଥମ ରବିବାର ଦିନ ଉପବାସ ପାଳନ କରିଥାନ୍ତି । ଏହିବାରରେ ନିଜର ଦେବାଦେବୀଙ୍କୁ ପୂଜା ଆରାଧନା କରିଥାନ୍ତି । ଔଷଧର ପ୍ରକୃଷ୍ଟ ବ୍ୟବହାର ଉତ୍ତମ ଭାବରେ

ପ୍ରସ୍ତୁତି, ପ୍ରୟୋଗ ନିମନ୍ତେ ଏବଂ ରୋଗୀଙ୍କର ଆଶୁ କାମନା ସକାଶେ ସେମାନେ ପୂଜାର୍ଚ୍ଚନା କରିଥାନ୍ତି । ଫଳରେ ଔଷଧ ଭଲଭାବରେ ରୋଗୀପାଇଁ କାମ ଦେଇଥାଏ । ଅମାବାସ୍ୟାର ଘନ ଅନ୍ଧାକାର ରାତ୍ରିରେ କେତେକ ଔଷଧୀୟ ବୃକ୍ଷ ସଂଗ୍ରହ କରିବା ପାଇଁ ଉପବାସ ମଧ୍ୟ ରହିଥାନ୍ତି । ସେହିପରି ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ତିଥିରେ ବୈଦ୍ୟ ଉପବାସ ରହି କେତେକ ଔଷଧୀୟବୃକ୍ଷ ସଂଗ୍ରହ କରିଥାନ୍ତି । ସଂକ୍ରାନ୍ତି ଦିନ ସେ ସାଧାରଣତଃ ଅଧିକ ପରିମାଣରେ ଔଷଧ ସଂଗ୍ରହ କରିଥାନ୍ତି । ପୂଜାପାଠ ସରିଲେ ସେ ଖାଦ୍ୟ ଗ୍ରହଣ କରିଥାନ୍ତି, କିନ୍ତୁ ପାଙ୍ଗଣ ପେଷଣ କଲାବେଳେ ସେ ନିର୍ଜଳ ଉପବାସ କରିଥାନ୍ତି ।

**କାରଣ :** କୌଣସି ଗୁରୁତ୍ୱପୂର୍ଣ୍ଣ ଔଷଧ ସଂଗ୍ରହ ସମୟରେ ଖାଦ୍ୟ ଖାଇ ଔଷଧ ସଂଗ୍ରହ କଲେ ଔଷଧ ଫଂଳପ୍ରଦ ହୁଏ ନାହିଁ । କୌଣସି ପୂଜାପାଠ କରିବା ଆଗଦିନ ରାତ୍ରିରୁ କେତେକ ସମୟରେ ସେ ନିଜେ ରୋଷେଇ କରି ଖାଦ୍ୟ ଖାଇଥାନ୍ତି । ଅନ୍ୟ କେହି ବିବାହିତା ସ୍ତ୍ରୀ ଲୋକ ରାନ୍ଧିକରି ଦେଲେ ସେ ସେହି ଖାଦ୍ୟ ଗ୍ରହଣ କରିନଥାନ୍ତି । ସକାଳୁ ପୂଜାପାଠ ନସରିଲା ପର୍ଯ୍ୟନ୍ତ ଉପବାସ ପାଳିଥାନ୍ତି । ନିଶାଦ୍ରବ୍ୟ ଯଥା ପିକା, ବିଡି, ଧୂଆଁପତ୍ର, ହାଣ୍ଡିଆ, ମଦ ଇତ୍ୟାଦି ସେବନ କରନ୍ତି ନାହିଁ । କାରଣ ଉପବାସ ନଥିଲେ ସେମାନେ ଭୋଗ ନୈବେଦ୍ୟ ଓ ବଳି ଦେଲେ ଦେବତା ଓ ଅନିଷ୍ଟକାରୀ ଅଦୃଷ୍ଟ ଶକ୍ତିମାନେ ଗ୍ରହଣ କରିବେ ନାହିଁ କିମ୍ବା ସନ୍ତୁଷ୍ଟ ହେବେ ନାହିଁ । ଫଳରେ ସେମାନଙ୍କର ମନୋସ୍କାମନା ପୂର୍ଣ୍ଣ ହେବ ନାହିଁ ବୋଲି ସେମାନଙ୍କର ଅଖଣ୍ଡ ବିଶ୍ୱାସ ରହିଛି । ବିଶେଷ କରି ବୈଦ୍ୟ ବା କବିରାଜମାନେ ଖଟା, ଆମିଷ ମଧ୍ୟରେ ମାଛମାଂସ, ଅଣ୍ଡା ଇତ୍ୟାଦି ଦ୍ରବ୍ୟ ଉପବାସ କରିଥିବା ଦିନମାନଙ୍କରେ ଭକ୍ଷଣ କରି ନଥାନ୍ତି । ଔଷଧ ତିଆରି ସମୟରେ ଏହିସବୁ ନିଶାଦ୍ରବ୍ୟ ଓ ଆମିଷ ଭକ୍ଷଣ ମଧ୍ୟ ନିଷେଧ ରହିଥାଏ ।

କୌଣସି ପୂଜାପାଠ କରିବାର ପୂର୍ବଦିନ ରାତ୍ରିରୁ ସେମାନେ ନିଜର ସ୍ତ୍ରୀ ସହବାସ ବର୍ଜନ କରନ୍ତି । ଅଧିକନ୍ତୁ ସ୍ତ୍ରୀଠାରୁ ଅଲଗା ହୋଇ ଶୟନ କରିଥାନ୍ତି । କାରଣ ରାତ୍ରିରେ ତାଙ୍କୁ ଦେବୀ ଓ ଦେବତାମାନେ ସ୍ୱପ୍ନାଦେଶ ହୋଇଥାନ୍ତି ଓ ସ୍ୱପ୍ନରେ ବିଭିନ୍ନ ନିର୍ଦ୍ଦେଶମାନ ଦେଇଥାନ୍ତି । ଉକ୍ତ ନିର୍ଦ୍ଦେଶ ମୁତାବକ ତାଙ୍କୁ ପୂଜାପାଠ କରିବାକୁ ପଡିଥାଏ । କୌଣସି ଶୁଦ୍ଧପୂତ ଔଷଧ ତିଆରି କରିବା ପାଇଁ ନିଜର ରଜବତୀ ସ୍ତ୍ରୀଙ୍କଠାରୁ ଜଳ କିମ୍ବା ଅନ୍ୟାନ୍ୟ ସାହାଯ୍ୟ ନିଆଯାଏ ନାହିଁ । କୌଣସି ବ୍ୟକ୍ତିଙ୍କର ଛୁତିକିଆ, ମୃତିକିଆ ଆଦି ଅପବିତ୍ର ସମୟରେ ସେମାନଙ୍କଠାରୁ ମଧ୍ୟ ଖାଦ୍ୟ ଗ୍ରହଣ କରିବା ଏମାନଙ୍କ ପକ୍ଷେ ନିଷେଧ

ହୋଇଥାଏ । ଅମାବାସ୍ୟାର ପୂର୍ବଦିନ, ସେହି ଦିନ, ପୂର୍ଣ୍ଣମୀଦିନ, ପୂର୍ଣ୍ଣମୀ ପୂର୍ବ ଦିନ, ଚନ୍ଦ୍ରଗ୍ରହଣ, ସୂର୍ଯ୍ୟପରାଗ ଓ ସଂକ୍ରାନ୍ତି ଦିନ ଏବଂ ପୂର୍ବଦିନ ମାନଙ୍କରେ କୌଣସି ବୈଦ୍ୟ ତାଙ୍କର ସ୍ତ୍ରୀମାନଙ୍କ ସହିତ ସହବାସ କରିବା ବର୍ଜନ କରିଥାନ୍ତି ।

**ସ୍ୱତନ୍ତ୍ର ଜ୍ଞାନ:** ପୂର୍ବରୁ ବର୍ଣ୍ଣନା କରାଯାଇଛି ଯେ ଦେହୁରୀ କେବଳ ବୈଦ୍ୟ ନୁହେଁ । ସେ ଏକାଧାରରେ ଜ୍ୟୋତିଷ, ଗୁଣିଆ, ତାନ୍ତ୍ରିକ ଓ ପୂଜାରୀ ମଧ୍ୟ । ତେଣୁ ଜ୍ୟୋତିଷ ହିସାବରେ ନୂଆ ଘର ନିର୍ମାଣ କରିବା ସ୍ଥାନରେ ଶୁଭାଶୁଭ ନିରୂପଣ କରିବା, ଗାଁର ନାୟକ, ବାରିକ ଆଦି ବାଛିବା ପାଇଁ ପାଞ୍ଜି ଦେଖିବା, ତେଲଖଡି ପକାଇବା, ବେତଖଡି, ଦେବାଦେବୀଙ୍କୁ ମନ୍ତତନ୍ତ୍ର ଦ୍ୱାରା ବଶୀଭୂତ କରିବା, ଭୂତପ୍ରେତ, ଡାହାଣୀ, ଯୋଗିନୀଙ୍କୁ ମଧ୍ୟ ମନ୍ତ୍ରତନ୍ତ୍ର ଦ୍ୱାରା ବଶୀଭୂତ କରିବା, ଲୁଣ ମନ୍ତ୍ର, ସୋରିଷ ମନ୍ତ୍ର, ରସୁଣ ମନ୍ତ୍ର ଇତ୍ୟାଦିରେ ମଧ୍ୟ ସ୍ୱତନ୍ତ୍ର ଜ୍ଞାନ ରହିଥାଏ । ହଜିଯାଇଥିବା ଜିନିଷକୁ ମନ୍ତ୍ରପାଠ ଦ୍ୱାରା ସନ୍ଧାନ କରି ପ୍ରାପ୍ତ ହେବା, ଅନ୍ୟ କୌଣସି ବିଷୟରେ ଭବିଷ୍ୟତ ବାଣୀ କରିବା ଆଦି ତାଙ୍କର ଏକ ଏକ ସ୍ୱତନ୍ତ୍ର ଜ୍ଞାନ ଥାଏ ।

ଜ୍ୟୋତିର୍ବିଦ୍ୟା ଦ୍ୱାରା ଦେହୁରୀ ମଧ୍ୟ କୌଣସି ବିଷୟରେ ଭଲମନ୍ଦ ସୂଚନା ଦେଇଥାଏ । ଗର୍ଭବତୀର ପୁଅ କି ଝିଅ ହେବ, ଅମୁକ ଯାଗାରେ ଘର କଲେ ଘରର ଉନ୍ନତି ହେବ, ସମୁକ ଲୋକ ଗାଁର ମୁଖିଆ ହେଲେ ଗାଁର ମଙ୍ଗଳ ହେବ, ଫସଲ ଭଲ ହେବ, ଦେବଦେବୀ ସନ୍ତୁଷ୍ଟ ହେବେ କି ନାହିଁ, ଏ ସମସ୍ତ ବିଷୟରେ ସେ ନିର୍ଭୁଲ ଭାବେ ଗଣନା କରି ଭବିଷ୍ୟତର ସୂଚନା ଦେଇପାରେ । ଏହା ବ୍ୟତୀତ ରୋଗୀକୁ କେଉଁ ଭୂତପ୍ରେତ ବା ଅନିଷ୍ଟ ଶକ୍ତି ଲାଗିଛି, ସେ ଅନିଷ୍ଟ ଶକ୍ତି କଣ ବଳି ଚାହୁଁଛି, କୌଣସି ବ୍ୟକ୍ତିର ଫସଲ ହାନିର କାରଣ, ଗୋରୁଗାଈ ଓ ଗୃହପାଳିତ ପଶୁମାନଙ୍କ ପ୍ରତି ହିଂସ୍ର ଜନ୍ତୁଙ୍କର ଆକ୍ରମଣ, କୌଣସି ଲୋକର ଅକାଳ ମୃତ୍ୟୁର କାରଣ, କୌଣସି ବ୍ୟକ୍ତିକୁ କିଏ ଗୁଣୀଗାରେଡି କରିଛି ଓ ତା'ର ପ୍ରତିକାର କଣ ଇତ୍ୟାଦି ମଧ୍ୟ ଦେହୁରୀ ପାଞ୍ଜି ଦେଖି କହି ଦେଇପାରେ ଓ ତା'ର ପ୍ରତିକାର ମଧ୍ୟ କରିଥାଏ ।

**ସମାଜରେ ସ୍ଥାନ:** କିସାନ(କୁଣହାଁ) ସମାଜରେ ବୈଦ୍ୟ ବା ଦେହୁରୀମାନଙ୍କ ସ୍ଥାନ ସ୍ୱତନ୍ତ୍ର । ପ୍ରତ୍ୟେକ ଲୋକ ବୈଦ୍ୟଙ୍କୁ ଯଥା ସମ୍ମାନ ପ୍ରଦର୍ଶନ କରିଥାନ୍ତି । ସେ ଲୋକମାନଙ୍କ ଦ୍ୱାରା ଆଦୃତ ଏବଂ ସମ୍ମାନୀତ ହୋଇଥାନ୍ତି । ଗ୍ରାମର ଲୋକମାନଙ୍କର ସୁଖଦୁଃଖ, ଭଲମନ୍ଦ, ହାନିଲାଭ ଆଦି ସମୟରେ ଆସି ତାଙ୍କ ଦୁଆରେ ଉପସ୍ଥିତ ହୋଇଥାଆନ୍ତି ଓ

ବିଭିନ୍ନ ସମସ୍ୟାର ସମାଧାନ ମଧ୍ୟ କରିଥାନ୍ତି । କେବଳ୍ ସେହି ଗାଁର ଲୋକେ ଯେ ତାଙ୍କୁ ମାନନ୍ତି ତାହା ନୁହେଁ ବରଂ ଅନ୍ୟାନ୍ୟ ପଡୋଶୀ ଗ୍ରାମର ଲୋକମାନେ ମଧ୍ୟ ତାଙ୍କୁ ମାନିଥାନ୍ତି ଓ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିଥାନ୍ତି ।

**ବୈଦ୍ୟ ଓ ଔଷଧ ବଗିଚା:** ଜନଜାତିମାନେ ବନ ପାହାଡ ଘେରା ସବୁଜିମା ପ୍ରକୃତିରେ ପରିପୂର୍ଣ୍ଣ ପରିବେଶ ମଧ୍ୟରେ ଜୀବନଯାପନ କରିଥାନ୍ତି । ଏହି ପ୍ରକୃତି ଦେହୁରୀର ଗନ୍ତାଘର । ଆବଶ୍ୟକସ୍ଥଳେ ସେ ଜଙ୍ଗଲକୁ ଯାଇ ଔଷଧମାନ ସଂଗ୍ରହ କରେ । ଏତଦ୍‌ଭିନ୍ନ ପ୍ରତ୍ୟେକ ବୈଦ୍ୟ ଓ କବିରାଜ ସେମାନଙ୍କର ଘରବାଡିରେ କେତେକ ଔଷଧୀୟ ବୃକ୍ଷ ରୋପଣ କରିଥାନ୍ତି । ସେହି ବୃକ୍ଷଗୁଡିକର ଦୈନନ୍ଦିନ ଯତ୍ନ ନେଇଥାନ୍ତି । ଅନ୍ୟ ସ୍ଥାନମାନଙ୍କରୁ ବିଭିନ୍ନ ଔଷଧୀୟ ଚାରା ଆଣି ନିଜ ଔଷଧ ବଗିଚାରେ ରୋପଣ କରିଥାନ୍ତି । ସହଜରେ ଔଷଧ ପ୍ରସ୍ତୁତି ପାଇଁ ସେମାନେ ବଗିଚାରେ ବିଭିନ୍ନ ଔଷଧୀୟ ଗଛ ଲଗାଇଥାନ୍ତି ।

**ବୈଦ୍ୟ ହିସାବରେ ଦେହୁରୀ:** ଦେହୁରୀମାନେ ସାଧାରଣତଃ ସର୍ଦ୍ଦି, କାଶ, ଥଣ୍ଡାଜ୍ୱରଠାରୁ ଆରମ୍ଭ କରି ମାରାତ୍ମକ ବସନ୍ତ, ହାଡଫୁଟି, ବାତ ରୋଗ ପର୍ଯ୍ୟନ୍ତ ରୋଗ ଭଲ କରନ୍ତି । କୌଣସି ରୋଗୀକୁ ରୋଗ ହୋଇଥିଲେ ଦେହୁରୀ ପାଖକୁ ଆସନ୍ତି । ରୋଗୀର ମୁଖମଣ୍ଡଳ, ଆଖି, ପାଟି ଓ ହାତ ଦେଖି ରୋଗକୁ ସଠିକ ଭାବରେ ନିର୍ଣ୍ଣୟ କରିପାରନ୍ତି । ସେମାନେ ଏପରି ଦକ୍ଷ ଯେ ରୋଗୀର ମୁଖମଣ୍ଡଳ ଓ ମାନସିକ ଅବସ୍ଥା ଅଧ୍ୟୟନ କରି ରୋଗ ସଠିକଭାବରେ ନିର୍ଣ୍ଣୟ କରିପାରନ୍ତି । କେଉଁ ରୋଗ ପାଇଁ କି ପ୍ରକାର ଔଷଧ ଦିଆଯିବ ତାହା ସେ ନିଜେ ଜାଣିଥାନ୍ତି । ରୋଗ ଓ ରୋଗୀର ବୟସ, ଲିଙ୍ଗ, ମାନସିକ ଅବସ୍ଥା ଦେଖି କେତେ ପରିମାଣରେ ଔଷଧ ଦିଆଯିବ ତାହା ମଧ୍ୟ ସେ ନିର୍ଣ୍ଣୟ କରିପାରନ୍ତି ।

ଦେହୁରୀ ବା ବୈଦ୍ୟ କରୁଥିବା ଭିନ୍ନଭିନ୍ନ କାର୍ଯ୍ୟ ଯଥା ଜ୍ୟୋତିଷ କାର୍ଯ୍ୟ, ବୈଦ୍ୟ କାର୍ଯ୍ୟ, ପୂଜକ କାର୍ଯ୍ୟ ଓ ଗୁଣିଆ ତାନ୍ତ୍ରିକ କାର୍ଯ୍ୟ ପାଇଁ ବିଭିନ୍ନ ପରିମାଣର ଭିନ୍ନଭିନ୍ନ ପାଉଣା ଗ୍ରହଣ କରିଥାଏ । ସାଧାରଣ ପାଂଜି ଦେଖିବା ପାଇଁ ଅଳ୍ପ କିଛି ଶସ୍ୟ ଦିଆଯାଇପାରେ କିମ୍ବା କେବଳ ଉପହାର ସ୍ୱରୂପ ମାଦକ ପାନୀୟରେ ସନ୍ତୁଷ୍ଟ କରାଯାଏ । ବୈଦ୍ୟ କାର୍ଯ୍ୟ କରିବା ପାଇଁ ପଇସା ଓ ଚାଉଳ ପାଉଣାସ୍ୱରୂପ ବୈଦ୍ୟଙ୍କୁ ପ୍ରଦାନ କରାଯାଇଥାଏ । କୌଣସି ସାଧାରଣ ରୋଗ ଭଲ କରିବା ପାଇଁ ଦେଉଥିବା ଔଷଧର ମୂଲ୍ୟ ୨୫ ଟଙ୍କା ଏବଂ ପାରିଶ୍ରମିକ ବାବଦକୁ ୧ କି.ଗ୍ରା. ଚାଉଳ ଦିଆ ଯାଇଥାଏ । ସେହିଭଳି ସାଂଘାତିକ ରୋଗ ଭଲ ପାଇଁ ଔଷଧ ବାବଦକୁ ପଚାଶ ଟଙ୍କା

ସମେତ ଉପହାର ସ୍ୱରୂପ ଏକ ହାଣ୍ଡି ହାଣ୍ଡିଆ ଏବଂ ଧୋତିଲୁଗା ଓ ଗାମୁଛା ପିନ୍ଧିବା ପାଇଁ ପ୍ରଦାନ କରାଯାଇଥାଏ । ପୂଜକ ହିସାବରେ ପୂଜା କଲାବେଳେ ଅଲଗା ଅଲଗା ପୂଜା ପାଇଁ ଦାବୀ କରାଯାଇଥିବା ପାଉଣାର ପାର୍ଥକ୍ୟ ହୁଏ ।

ପୂର୍ବରୁ ରୋଗୀମାନଙ୍କର ସେବା ମନୋବୃତ୍ତି ନେଇ ବୈଦ୍ୟମାନେ ଘର ଘର ବୁଲି ରୋଗ ପରୀକ୍ଷା କରୁଥିଲେ । ରୋଗୀ ଚିହ୍ନଟ କରି ସେହି ରୋଗୀମାନଙ୍କ ଘରକୁ ନିଜେ ଔଷଧ ଆଣୁଥିଲେ ଏବଂ ରୋଗ ସମ୍ପୂର୍ଣ୍ଣ ଭଲ ହୋଇ ସାରିଲେ ପାଉଣା ସଂଗ୍ରହ କରୁଥିଲେ ବା ବୈଦ୍ୟଙ୍କୁ ଆମନ୍ତ୍ରଣ କରି ସ୍ୱତନ୍ତ୍ର ଭୋଜିଭାତର ବ୍ୟବସ୍ଥା କରି ଆବଶ୍ୟକ ପାଉଣା ପ୍ରଦାନ କରୁଥିଲେ । ଖୁବ୍ କମ୍ ପଇସାରେ ରୋଗୀ ଆରୋଗ୍ୟ ହୋଇ ପାରୁଥିଲେ । କିନ୍ତୁ ଆଧୁନିକ ଯୁଗର ଝକଚକ୍ୟ, ବାହାର ଲୋକଙ୍କ ପ୍ରଭାବ ଓ ସରକାରଙ୍କର ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ପ୍ରଭାବ ଉକ୍ତ ସମାଜରେ ଆଣି ଦେଉଛି ଅନେକ ପରିବର୍ତ୍ତନ । ଦେହୁରୀ ଓ ଔଷଧ ମଧ୍ୟ ସେଥିରୁ ନିସ୍ତାର ପାଇନାହାନ୍ତି । ଏବେ ଅନେକ ପ୍ରକାର ରୋଗର ନିରାକରଣ ପାଇଁ ସେମାନେ ଡାକ୍ତରଖାନାର ହାରସ୍ଥ ହେଲେଣି । ସେମାନଙ୍କ ମଧ୍ୟରେ ଚେତା ଓ ଚେତନାର ଟିକିଏ ଜାଗ୍ରତ ହେଲାଣି ଓ ଅଯଥାରେ ସେମାନେ ଏହି ପୂଜାପାଠରେ ପଇସା ଖର୍ଚ୍ଚ ନକରି ସାଧାରଣ ରୋଗ ପାଇଁ ମଧ୍ୟ ଡାକ୍ତରଙ୍କ ପାଖକୁ ଗଲେଣି । ଏବେ ସେମାନେ ବିଭିନ୍ନ ପ୍ରକାର ରୋଗ ପାଇଁ ବିଭିନ୍ନ ପ୍ରକାର ଔଷଧ ଡାକ୍ତରଖାନାରୁ ସଂଗ୍ରହ କରି ଖାଇଲେଣି । କିନ୍ତୁ ଏହାରମାନେ ନୁହେଁ ଯେ ସେମାନେ ସମ୍ପୂର୍ଣ୍ଣ ଗ୍ରାମବୈଦ୍ୟଙ୍କୁ ଭୁଲିଗଲେଣି, ପୂଜାପାଠ ଉପରୁ ସେମାନଙ୍କର ଆସ୍ଥା ତୁଟିଗଲାଣି କିମ୍ବା ବୈଦ୍ୟର ଔଷଧ ନେବାରେ କମିଗଲାଣି । ଏବେ ବି ପ୍ରତି ଗ୍ରାମରେ ଛୋଟବଡ କରି ୨/୩ ଦେହୁରୀ ଅଛନ୍ତି । ଦେବଦେବୀ, ଭୂତପ୍ରେତ, ଡାହାଣୀ ଚିରୁଗୁଣୀ ଇତ୍ୟାଦି ଅଶରୀରି ଅଦୃଷ୍ଟ ଶକ୍ତିମାନେ ବିଭିନ୍ନ ପ୍ରକାର ରୋଗ ବୈରାଗ୍ୟ, ଜ୍ୱର, ବ୍ୟାଧି ଆଦି ସୃଷ୍ଟି କରନ୍ତି ବୋଲି ଏବେ ମଧ୍ୟ ଧର୍ମଭୟାଳୁ କେତେକ ଲୋକଙ୍କର ମନରେ ଏହା ବସା ବାନ୍ଧି ରହିଛି । ଦ୍ୱିତୀୟତଃ ଦେହୁରୀ ଦେଉଥିବା ଚେରମୂଳ ଔଷଧ ରୋଗ ଭଲ କରିବା ସହିତ ଅନେକ ଉପକାର ସାଧନ କରିଥାଏ । କିନ୍ତୁ ବର୍ତ୍ତମାନ ରୋଗୀମାନେ ବୈଦ୍ୟଙ୍କୁ ଅନୁସନ୍ଧାନ କରି ତାଙ୍କ ନିକଟକୁ ଆସୁଛନ୍ତି । ବୈଦ୍ୟ ରୋଗୀ ପାଇଁ ଔଷଧ ପ୍ରଦାନ କରି ସେବନର ପ୍ରଣାଳୀ ବତାଇ ଦେଉଛନ୍ତି । ତେଣୁ ଯୁଗେଯୁଗେ ରୋଗୀ ପାଇଁ ବା ରୋଗ ପାଇଁ ବୈଦ୍ୟ ଯେ ଆବଶ୍ୟକ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

# କିସାନ୍ ଗ୍ରାମସଭା

ଭଗବାନଙ୍କ ସୃଷ୍ଟି ବିଚିତ୍ର । ମନୁଷ୍ୟ ହିଁ ପୃଥିବୀର ସର୍ବଶ୍ରେଷ୍ଠ ପ୍ରାଣୀ । ଏହି ସମାଜରେ ମନୁଷ୍ୟ ଜନ୍ମ ହୁଏ, ବଞ୍ଚିରହେ ଏବଂ ଶେଷରେ ଦେହତ୍ୟାଗ କରିଥାଏ । ଏହା ହେଉଛି ସୃଷ୍ଟିର ନିୟମ । ପ୍ରତ୍ୟେକ ସମୟରେ ପ୍ରକୃତି ତାର କାର୍ଯ୍ୟ ଠିକ୍ ଠିକ୍ ତୁଲାଉଥିବା ବେଳେ ଶ୍ରେଷ୍ଠ ପ୍ରାଣୀ ହିସାବରେ ମନୁଷ୍ୟ ତାର କର୍ତ୍ତବ୍ୟ ପରିପାଳନରେ ଏହାର ବ୍ୟତିକ୍ରମ ଦେଖାଦେଇଥାଏ । ମନୁଷ୍ୟ ତା'ର ଦୈନନ୍ଦିନ ଜୀବନରେ କିଛି ଭୁଲ ଓ କିଛି ଠିକ୍ କରିଥାଏ । ସୁଖ, ଦୁଃଖ, ଭଲମନ୍ଦ ବିଷୟ ଜାଣିପାରେ ଏଇ ମଣିଷ । କାରଣ ଭଗବାନ ମନୁଷ୍ୟକୁ ବିଚାର କରିବାର ଶକ୍ତି ପ୍ରଦାନ କରିଛନ୍ତି । ମନୁଷ୍ୟ ବ୍ୟତୀତ ସୃଷ୍ଟିର ଆଉଯାତ ଅନ୍ୟ କୌଣସି ଜୀବଙ୍କଠାରେ ଏହି ବିଚାର କରିବାର ଶକ୍ତି ନାହିଁ । ତେଣୁ ମନୁଷ୍ୟ ଏହି ଦୃଷ୍ଟିରୁ ଉଚ୍ଚଶ୍ରେଣୀରେ ରହିଛି । ମନୁଷ୍ୟଠାରେ ବିଶେଷ ଭାବରେ ଈଶ୍ୱର ବିଶ୍ୱାସ ଥିବାରୁ ତାର ବିଚାର କରିବା ଶକ୍ତି ଦୃଢ ହୋଇଥାଏ । ମନୁଷ୍ୟକୃତ କେତେକ ଭୁଲ ପାଇଁ ସେ ଦଣ୍ଡ ପାଇଥାଏ । ଏହି ସମାଜରେ ମନୁଷ୍ୟ ତା'ର ଜୀବନରେ କରିଥିବା ବିଭିନ୍ନ ପ୍ରକାର ଭୁଲ ପାଇଁ ଦଣ୍ଡ ପାଇଥାଏ । ସମାଧାନ ପାଇଁ ପନ୍ଥା ଖୋଜି ବୁଲୁଥାଏ ଏଇ ମଣିଷ । ସେଥିପାଇଁ ବିଚାର ଆବଶ୍ୟକ ମଧ୍ୟ ହୋଇଥାଏ । କିସାନ୍ ଏକାଧାରରେ ବ୍ୟକ୍ତିବାଦୀ, ଆଶାବାଦୀ, ସାହସୀ, ମୁକ୍ତଗାମୀ, ସମାଜବାଦୀ, ସ୍ୱାଧୀନଚେତା, ପରିଶ୍ରମୀ ଓ ବନ୍ଧୁପ୍ରେମୀ । ଯାହାହେଉ ଏସବୁ ଉର୍ଦ୍ଧ୍ୱରେ ସମସ୍ତ ଗୁଣକୁ ନିୟନ୍ତ୍ରଣ କରିବା ପାଇଁ ସେମାନଙ୍କ ମଧ୍ୟରେ ପ୍ରଜାତନ୍ତ୍ର ନୀତିରେ ଆଧାରିତ ପାରମ୍ପରିକ ଗ୍ରାମସଭା ରହି ଆସୁଅଛି । ତେଣୁ ନରହତ୍ୟା, ଗଣ୍ଡଗୋଳ ଇତ୍ୟାଦି କରିଥିବା ଦୋଷୀର ବିଚାର କରିବା ଓ ଏକତ୍ର ହୋଇ ବିଚାର ବିମର୍ଷ କରି ପୂଜାପାଠ ଓ ପର୍ବପର୍ବାଣୀର ଆୟୋଜନ କରି ଦେବାଦେବୀ, ଠାକୁର ଠାକୁରାଣୀ, ଭୂତପ୍ରେତ, ପୂର୍ବପୁରୁଷ ଇତ୍ୟାଦି ଅଶରୀରି ମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବୋଧହୁଏ ଏହି ପାରମ୍ପରିକ ଗ୍ରାମସଭାର ସୃଷ୍ଟି ହୋଇଥିଲା ବୋଲି ଅନୁମାନ କରାଯାଏ । ଗ୍ରାମସଭାର ମୁଖ୍ୟ ଭାବରେ ମୁଖିଆ(କାଲୋ) କାର୍ଯ୍ୟ କରିଥାଏ । ବିଚାର ବିମର୍ଷ କରିବା ପାଇଁ ସ୍ୱତନ୍ତ୍ର ଗୃହ ଏମାନଙ୍କର ନଥାଏ । କିନ୍ତୁ ଏକ ଛାୟାପ୍ରଦ ବୃକ୍ଷତଳେ ପ୍ରସ୍ତର ନିର୍ମିତ ଏକ ସୁନ୍ଦର ବୈଠକ ସ୍ଥାନ ନିର୍ମାଣ କରାଯାଇଥାଏ । ଏଠାରେ ବିଭିନ୍ନ ପ୍ରକାର ମୋକଦ୍ଦମା ଯଥା ବଂଶ ବଂଶ ମଧ୍ୟରେ ଗଣ୍ଡଗୋଳ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଗଣ୍ଡଗୋଳ, ଡିହବାଡି ଗଣ୍ଡଗୋଳ, ଜମିବାଡି ଗଣ୍ଡଗୋଳ, ଚୋରୀ ଡକାୟତି,

ଝିକାଟଣା ହତ୍ୟା, ଆତ୍ମହତ୍ୟା, ମାଡପିଟ, ହଣାକଟା, ଭୂଷାଭୂଷି, ବିନ୍ଧାବିନ୍ଧି, ଛାଡପତ୍ର, ଦ୍ୱିତୀୟ ବିବାହ, ଗୁଣିଗାରେଡି, ଋଣବାଡି, ଗୋତି ଇତ୍ୟାଦି ବିଷୟରେ ବିଚାର କରାଯାଇଥାଏ । ବିଚାର ଅବସରରେ ଦୋଷୀଙ୍କୁ ପ୍ରତିଜ୍ଞା କରାଇ ଥାନ୍ତି । ଶେଷରେ ଉଭୟ ମୁଦାଲା ଓ ମୁଦେଇଙ୍କୁ ଜୋରିମାନା ଆକାରରେ ମାଦକ ପାନୀୟ ଦେବାକୁ ପଡିଥାଏ । ଦୋଷ ଗୁରୁତର ହୋଇଥିଲେ ଗୋରୁଗାଈ, ଛେଳି, ଘୁଷୁରୀ ଓ ଟଙ୍କା ଜୋରିମାନା ଆକାରରେ ଦେବାକୁ ପଡିଥାଏ । ଏହା ବ୍ୟତୀତ ଅନେକ ସମୟରେ ଈଶ୍ୱର ଦୋଷୀଙ୍କୁ ଦଣ୍ଡ ଦେବେ ବୋଲି ସେମାନେ ଭାବିଥାନ୍ତି । ଏବେ ପାରମ୍ପରିକ ଗ୍ରାମସଭାର ଗଠନ ଓ କାର୍ଯ୍ୟକଳାପରେ ବିଭିନ୍ନ ପରିବର୍ତ୍ତନ ଦେଖା ଦେଲାଣି । ପଞ୍ଚାୟତରାଜ ବ୍ୟବସ୍ଥାର ପ୍ରଭାବ କିଞ୍ଚିତ ଏମାନଙ୍କ ଉପରେ ପଡିଲାଣି । ଏମାନେ ସରପଞ୍ଚର କଥାକୁ ମଧ୍ୟ ଗୁରୁତ୍ୱ ଦେଲେଣି । ଏହି ପାରମ୍ପରିକ ଗ୍ରାମସଭା ବିଷୟରେ ପୁଙ୍ଖାନୁପୁଙ୍ଖଭାବେ ନିମ୍ନରେ ବର୍ଣ୍ଣନା କରାଗଲା ।

**ଗ୍ରାମସଭାର ଗଠନ:**

କିସାନ(କୁଣ୍ହାଁ)ମାନଙ୍କର ସାମାଜିକ ସଂଗଠନ ଭିତରେ ପିତା ଯେପରି ପରିବାରର ମୁଖ୍ୟ ଏବଂ ତାଙ୍କର ପରିଚାଳନାରେ ପରିବାର ଭଲମନ୍ଦ ଯେପରି ନିୟନ୍ତିତ ହୋଇଥାଏ ସେହିପରି ଗାଁର ରାଜନୈତିକ ମୁଖ୍ୟ ଭାବରେ ମୁଖିଆ କାମ ଚଳାଇଥାନ୍ତି । ସେ ଗାଁର ମୁଖ୍ୟ ଓ ପ୍ରଥମ ନାଗରିକ । ତାଙ୍କୁ କାମରେ ସାହାଯ୍ୟ କରିବା ପାଇଁ ଜଣେ ସହକାରୀ ମୁଖ୍ୟ ଭାବରେ ନିଯୁକ୍ତି ହୋଇଥାଏ । ବିଭିନ୍ନ ବୋଲହାକ କାମ କରିବା ପାଇଁ ଜଣେ ନାୟକ କାର୍ଯ୍ୟ କରୁଥାନ୍ତି । କିସାନ ସମ୍ପ୍ରଦାୟର ପାରମ୍ପରିକ ଗ୍ରାମ ସଭାରେ ନିର୍ବାଚିତ ସଦସ୍ୟ ଭାବରେ ଚାରିଜଣ ରହନ୍ତି । କିସାନ ଗ୍ରାମସଭା ଗୁଡିକ ପାରମ୍ପରିକ ପଦ୍ଧତିରେ ଗଠନ କରାଯାଏ । ଏଥିରେ ଜଣେ ମୁଖିଆ(କାଲୋ), ଜଣେ ପାଣିଗ୍ରାହୀ, ଜଣେ ନାୟକ ଏବଂ ଗ୍ରାମର ପ୍ରତ୍ୟେକ ପରିବାରର ମୁଖ୍ୟମାନେ ସାଧାରଣ ସଦସ୍ୟ ଭାବେ ରହନ୍ତି । ମୁଖିଆ, ପାଣିଗ୍ରାହୀ ଓ ନାୟକ ଗ୍ରାମସଭା ପାଇଁ ନିର୍ବାଚିତ ହେଉଥିବା ସ୍ଥଳେ ସାଧାରଣ ସଦସ୍ୟଭାବେ ପରିବାର ମୁଖ୍ୟମାନଙ୍କ ପାଇଁ କୌଣସି ପ୍ରକାର ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୁଏନାହିଁ । ସେମାନେ ପରିବାର ମୁଖ୍ୟଭାବେ ଆପଣାଛାଏଁ ଗ୍ରାମସଭାର ସଦସ୍ୟତା କରିଥାଆନ୍ତି କିମ୍ବା ସ୍ୱତଃ ନିୟମର ଧାରାରେ ଗ୍ରାମସଭାରେ ସଦସ୍ୟ ପଦ ଅଧିକାର କରନ୍ତି । ପାରମ୍ପରିକ ଗ୍ରାମସଭାରେ ସମସ୍ତ ନିର୍ବାଚିତ ତଥା ସାଧାରଣ

ସଦସ୍ୟମାନେ ନିଜନିଜ ସ୍ଥାନରେ ଅବସ୍ଥାପିତ ହୋଇ ଗ୍ରାମସଭା ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଜଣାଯାଏ । ଏହି ସମ୍ପ୍ରଦାୟର ଲୋକମାନଙ୍କ ମତରେ ସୃଷ୍ଟିର ଆରମ୍ଭରେ ଲୋକମାନଙ୍କ ଭଲମନ୍ଦ, ସୁଖଦୁଃଖ ବୁଝିବା ପାଇଁ କୌଣସି ଶାସନର ବ୍ୟବସ୍ଥା ନଥିଲା । ଫଳରେ ଲୋକମାନେ ଅନେକ ଅସୁବିଧାରେ ପଡୁଥିଲେ । କାଳକ୍ରମେ ଗ୍ରାମବାସୀମାନେ ଏକତ୍ର ବସିବା ପାଇଁ ପ୍ରତ୍ୟେକ ମନଖୋଲା କଥା ପ୍ରକାଶ କଲେ । ଆଲୋଚନା ସମୟଟି ସେମାନଙ୍କୁ ଉତ୍ସାହିତ କରୁଥିଲା । ପରିଶେଷରେ ସେମାନେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ପ୍ରତ୍ୟେକଙ୍କ ପାଇଁ ଏହିଭଳି ବୈଠକ ଅତି ଆବଶ୍ୟକ । ପ୍ରତ୍ୟେକଙ୍କର ଭଲମନ୍ଦ କଥା ଆଲୋଚନାର ଏକମାତ୍ର ଉତ୍ସ ସଭା । ଦୁଃଖୀ ଦରିଦ୍ର ପ୍ରତ୍ୟେକଙ୍କ ପାଇଁ ଅତି ଜରୁରୀ । କାଳକ୍ରମେ ଏହି ବୈଠକରେ ଦୃଢୀକରଣ ପାଇଁ ଗ୍ରାମର କେତେଜଣ ମୁଖିଆଙ୍କୁ ବିଚାରରେ ସ୍ଥାନ ଦିଆଯାଇଥିଲା ।

ଗ୍ରାମସ୍ତରରେ ଗ୍ରାମ ଶାସନ ପାଇଁ ସାଧାରଣତଃ ମୁଖିଆ (କାଲୋ), ପାଣିଗ୍ରାହୀ, ନାୟକ ଆଦି ତିନିଜଣ ରହନ୍ତି । ସାଧାରଣ ସଦସ୍ୟ ଭାବରେ ଗ୍ରାମର ପ୍ରତ୍ୟେକ ପରିବାର ମୁଖ୍ୟମାନେ ରହନ୍ତି । ଯେଉଁ ମାନଙ୍କ ପାଇଁ ନିର୍ବାଚନର ଆବଶ୍ୟକତା ପଡେ ନାହିଁ ସ୍ୱତଃ ପ୍ରକ୍ରିୟାରେ ଗ୍ରାମସଭାର ସଦସ୍ୟତା କରିପାରନ୍ତି । ଗ୍ରାମରେ ବସବାସ କରୁଥିବା ସମସ୍ତ ଜାତି/ଗୋଷ୍ଠୀ/ସମ୍ପ୍ରଦାୟ ଅନ୍ତର୍ଗତ ପରିବାର- ମୁଖ୍ୟଗ୍ରାମ ସଭାର ସାଧାରଣ ସଦସ୍ୟ ହେବା ପାଇଁ ଯୋଗ୍ୟତା ହାସଲ କରିଥାଏ । କିନ୍ତୁ କିସାନ ଗ୍ରାମ ସଭାର ସଭାପତି, ଉପସଭାପତି ଓ ନାୟକ ପ୍ରଭୃତି ନିର୍ବାଚିତ ସଦସ୍ୟ ହେବା ପାଇଁ ଅନ୍ୟ ପଡୋଶୀ ପ୍ରଜାତି ଗୋଷ୍ଠୀଙ୍କର ଅଧିକାର ନଥାଏ । ସେଗୁଡିକ କେବଳ କିସାନ ସମ୍ପ୍ରଦାୟର ବ୍ୟକ୍ତି ହିଁ ଅକ୍ତିଆର କରନ୍ତି । କିମ୍ବା କିସାନ(କୁଣ୍ହାଁ) ଲୋକେ ହିଁ ସେହି ପଦବୀଗୁଡିକ ଅଳଙ୍କୃତ କରି ପାରନ୍ତି । ମୁଖିଆ (କାଲୋ) ହେଉଛନ୍ତି ଗ୍ରାମ ଶାସନର ଗ୍ରାମର ମୁଖ୍ୟ । ସେ ହିଁ ଗ୍ରାମର ଭଲମନ୍ଦ କଥା ବୁଝିବାରେ ସହାୟକ ହୋଇଥାନ୍ତି । ଗ୍ରାମଶାସନ ସେ ହିଁ ଚଳାଇଥାନ୍ତି । ପ୍ରଥମେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏହି ବୈଠକ ଆହ୍ୱାନ କରାଯାଇଥାଏ । ଏହି ବୈଠକରେ ଗ୍ରାମର ପ୍ରତ୍ୟେକ ଯୋଗଦାନ କରିବାର ସୁଯୋଗ ପାଇଥାନ୍ତି । ସେହି ବୈଠକରେ କେତେଲୋକ ଏକଜୁଟ୍ ହୋଇ ପରସ୍ପର ମଧ୍ୟରେ ଆଲୋଚନା କରିଥାନ୍ତି । ସେମାନଙ୍କ ମଧ୍ୟରୁ କେହି ଜଣେ ଉଠି ଉପସ୍ଥିତ ବ୍ୟକ୍ତିଙ୍କ ମଧ୍ୟରୁ ଜଣକୁ ମୁଖିଆ ପାଇଁ ପ୍ରସ୍ତାବ ଆଗତ କରିଥାନ୍ତି ଏବଂ ଅନ୍ୟ ଜଣେ ଏହି ପ୍ରସ୍ତାବକୁ ସମର୍ଥନ କରିଥାନ୍ତି ।

ପ୍ରଥମେ ସମସ୍ତ ଗ୍ରାମବାସୀ କୌଣସି ଖୋଲା ସ୍ଥାନରେ ଏକତ୍ରିତ ହୁଅନ୍ତି । ସମସ୍ତେ ତଳେ ବସି ସଭା କାର୍ଯ୍ୟ ଆରମ୍ଭ କରିଥାଆନ୍ତି । ସଭା ପରିଚାଳନା କରିବା ପାଇଁ ସେଠାରେ ଏକତ୍ରିତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ କୌଣସି ଜଣେ ବୟସ୍କ ବ୍ୟକ୍ତିଙ୍କୁ ଅସ୍ଥାୟୀ ସଭାପତି ରୂପେ କାର୍ଯ୍ୟ ତୁଲାଇବାକୁ ଅନୁରୋଧ କରାଯାଏ । ତା ପରେ ଆରମ୍ଭ ହୁଏ ନିର୍ବାଚନଧାରା । ଯେଉଁ ବ୍ୟକ୍ତିର ନାମ ଉକ୍ତ ସଭାରେ ମୁଖିଆ ପଦ ପାଇଁ ଆଗତ କରାଯାଇଥାଏ ସେହି ଲୋକଙ୍କୁ ଅନ୍ୟମାନେ ମଧ୍ୟ ତାଙ୍କର ସମର୍ଥନ ଜଣାଇ ଥାନ୍ତି । ତତ୍‌ପରେ ପ୍ରସ୍ତାବିତ ବ୍ୟକ୍ତିଙ୍କ ସପକ୍ଷରେ ସମସ୍ତ ଗ୍ରାମବାସୀଙ୍କଠାରୁ ମତ ଗ୍ରହଣ କରାଯାଇଥାଏ । ଏଥିରେ ହାତଟେକା ନୀତି ଅନୁସୃତ ହୁଏ । ଉପସ୍ଥିତ ଥିବା ଅର୍ଦ୍ଧାଧିକ ବ୍ୟକ୍ତି ଯଦି ସଭାପତି ପଦ ପାଇଁ ପ୍ରସ୍ତାବିତ ବ୍ୟକ୍ତିଙ୍କ ସପକ୍ଷରେ ହାତ ଟେକନ୍ତି ତେବେ ସେ ନିର୍ଦ୍ଵନ୍ଦରେ ମୁଖିଆ ଭାବରେ ନିର୍ବାଚିତ ହୋଇଥାନ୍ତି । ଏହି ପ୍ରକିୟାରେ ଅବଶ୍ୟ ପ୍ରତିଦ୍ଵନ୍ଦିତା ହେଉଥିବାର ଦୃଷ୍ଟିଗୋଚର ହୁଏନାହିଁ । ସାଧାରଣତଃ ମୁଖିଆ ପଦ ପାଇଁ ଏପରି ବ୍ୟକ୍ତିଙ୍କ ନାମ ପ୍ରସ୍ତାବ ଦିଆଯାଇଥାଏ ଯେ ଗ୍ରାମବାସୀ ତାଙ୍କୁ ବିରୋଧ କରନ୍ତି ନାହିଁ କିମ୍ବା ସଂଖ୍ୟାଲଘୁ ଯଦି କେତେଜଣ ବିରୋଧୀ ଥାଆନ୍ତି ମଧ୍ୟ ତେବେ ସଂଖ୍ୟାଗରିଷ୍ଠ ସମର୍ଥକଙ୍କ ପାଖରେ ସେମାନେ ନୀରବ ରହିବାକୁ ବାଧ୍ୟ ହୁଅନ୍ତି । ନିର୍ବାଚନ ପରେ ନିର୍ବାଚିତ ହୋଇଥିବା ମୁଖିଆଙ୍କ ନାମ ଆନୁଷ୍ଠାନିକ ଭାବରେ ସେତେବେଳର ଅସ୍ଥାୟୀ ସଭାପତି ଘୋଷଣା କରିଥାଆନ୍ତି ।

ତା'ପରେ ଗ୍ରାମସଭା ପାଇଁ ପାଣିଗ୍ରାହୀଙ୍କ ନାମ ପ୍ରସ୍ତାବ ଦିଆଯାଏ ଏବଂ ସେ ମଧ୍ୟ ଅନୁରୂପ ପ୍ରଣାଳୀରେ ନିର୍ବାଚିତ ହୁଅନ୍ତି । ଶେଷରେ ନାୟକଙ୍କ ନିର୍ବାଚନ ତଦନୁରୂପ ଧାରାରେ ସମ୍ପାଦିତ ହୁଏ ।

ନିର୍ବାଚିତ ଗ୍ରାମସଭାର ମୁଖିଆଙ୍କର ମୁଖିଆ ପଦବୀ ପାଇଁ କୌଣସି କାର୍ଯ୍ୟକାଳ ନିର୍ଦ୍ଧାରିତ ହୋଇ ନଥାଏ । ସେ ମୃତ୍ୟୁ ପର୍ଯ୍ୟନ୍ତ ଉକ୍ତ ପଦବୀରେ ରହିପାରନ୍ତି । କିନ୍ତୁ ତାଙ୍କ ବିରୁଦ୍ଧରେ ଯଦି କେହି କେବେ ସ୍ୱର ଉତ୍ତୋଳନ କରେ, ତେବେ ସମ୍ପୃକ୍ତ ବ୍ୟକ୍ତିଟି ନାୟକଙ୍କ ସହାୟତାରେ ସମଗ୍ର ଗ୍ରାମବାସୀଙ୍କର ଏକ ସଭା ଆହୂତ କରିପାରେ । ଉକ୍ତ ସଭାରେ ମୁଖିଆ ସପକ୍ଷରେ ମତ ସଂଗ୍ରହ କରାଯାଏ । ସପକ୍ଷରେ ଯଦି ଅର୍ଦ୍ଧାଧିକ ଗ୍ରାମବାସୀ ହାତ ଟେକନ୍ତି ତେବେ ମୁଖିଆ ନିଜ ପଦବୀରେ ପୂର୍ବବତ୍ ଅଧିଷ୍ଠିତ ରହନ୍ତି ତଥା ବିରୋଧୀ ବ୍ୟକ୍ତିଟିକୁ ଭର୍ତ୍ସନା କରାଯାଇଥାଏ । ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସେ ମୁଖିଆଙ୍କୁ

ଅସମ୍ମାନିତ କରଥିବା ଯୋଗୁଁ ଗ୍ରାମବାସୀଙ୍କ ଦ୍ୱାରା ନିନ୍ଦିତ ହୁଏ । ବୈଠକରେ ସଭିଏଁ ତାକୁ ଏପରି କାର୍ଯ୍ୟର ପୁନରାବୃତ୍ତି ନକରିବାକୁ ସତର୍କ କରାଇ ନେଇଥାଆନ୍ତି । କିନ୍ତୁ ଯଦି ଉକ୍ତ ବୈଠକରେ ସଭାପତିଙ୍କ ସପକ୍ଷରେ ଅର୍ଦ୍ଧାଧିକ ସମର୍ଥନ ମିଳେନାହିଁ ତେବେ ଗ୍ରାମସଭାର ମୁଖିଆଙ୍କୁ ନିଜର ପଦବୀ ତ୍ୟାଗ କରିବାକୁ ପଡେ । ସେଥିସହ ସେହି ସମୟରେ ଉପସ୍ଥିତ ଥିବା ଗ୍ରାମବାସୀଙ୍କ ଦ୍ୱାରା ପୁନଃ ସଭାପତି ନିର୍ବାଚନ ଅନୁରୂପ ପ୍ରଣାଳୀରେ ଅନୁଷ୍ଠିତ ହୁଏ ଏବଂ ତାପରଠାରୁ ନୂତନ ମୁଖିଆ ଗ୍ରାମସଭା ପରିଚାଳନା କରନ୍ତି ।

ସେହିପରି ମୁଖିଆ ବା କାଲୋଙ୍କର ଅନୁପସ୍ଥିତିରେ ପାଣିଗ୍ରାହୀ ତାଙ୍କ କାର୍ଯ୍ୟ ତୁଲାଇଥାନ୍ତି । ଗ୍ରାମସଭାର ମୁଖିଆ ଓ ପାଣିଗ୍ରାହୀ ପଦବୀ ଅବୈତନିକ ଥିବା ସ୍ଥଳେ ଛୁଟିଆ ଗ୍ରାମବାସୀଙ୍କଠାରୁ ସଂଗୃହୀତ ଯତ୍ କିଂଚିତ୍ ଅର୍ଥ ପାଉଣା ସ୍ୱରୂପ ପାଇଥାଏ । ଏମାନେ ସମସ୍ତେ ଗ୍ରାମସଭାର ସାଧାରଣ ସଦସ୍ୟ (ପରିବାରର ମୁଖ୍ୟ)ମାନଙ୍କ ମିଳିତ ସହଯୋଗରେ ଗ୍ରାମସଭାର ପରିଚାଳନା କରିବା ସହିତ ଗ୍ରାମର ସର୍ବାଙ୍ଗୀନ ଉନ୍ନତି କଳ୍ପେ ଉତ୍ସର୍ଗୀକୃତ ହୋଇ କାର୍ଯ୍ୟ ସମ୍ପାଦନ କରିଥାଆନ୍ତି ।

ପାରମ୍ପରିକ ଗ୍ରାମସଭା ପରିଷଦର କର୍ମକର୍ତ୍ତା ମନୋନୟନ ପାଇଁ ବ୍ୟକ୍ତିଙ୍କର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ, ମର୍ଯ୍ୟାଦା ଏବଂ କେତେକ ଗୁଣ ଥିବା ଦରକାର । ମୁଖିଆ ପଦ ପାଇଁ ଗ୍ରାମର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ଥିବା ଦରକାର । ସିଏ ଗ୍ରାମବାସୀଙ୍କ ଦ୍ୱାରା ସିଧାସଳଖ ଭାବରେ ସର୍ବସମ୍ମତ କ୍ରମେ ନିର୍ବାଚିତ ହୋଇଥାଆନ୍ତି । ସମସ୍ତ ଗ୍ରାମବାସୀଙ୍କର ସମ୍ମତ ଲାଭ କରିଥିବାରୁ ସେ ଜଣେ ନ୍ୟାୟବନ୍ତ, ସଚ୍ଚୋଟ, ପରୋପକାରୀ, ଧାର୍ମିକ ପ୍ରକୃତିର ଲୋକ ନିଶ୍ଚିତ ହୋଇଥାଆନ୍ତି । ପ୍ରକାଶ ଥାଉକି କିସାନ(କୁଣ୍ହାଁ) ମାନଙ୍କର ଗ୍ରାମସଭାର ସଭାପତି ହେଉଛନ୍ତି ଗ୍ରାମମୁଖ୍ୟ ଏବଂ ଅନେକ ସ୍ଥଳରେ ସେ ଗ୍ରାମ ମୁଖ୍ୟ ଦେହୁରୀ (ଧର୍ମୀୟ କର୍ମକର୍ତ୍ତା) ଭାବରେ ପରିଗଣିତ ହେବା ସଙ୍ଗେସଙ୍ଗେ ସାମୂହିକ ପୂଜା କର୍ମମାନ ସମ୍ପାଦନ କରିଥାଆନ୍ତି । ତେଣୁ ଏକକାଳୀନ ଜଣେ ମୁଖିଆ, ଗ୍ରାମମୁଖ୍ୟ ଏବଂ ମୁଖ୍ୟ ଦେହୁରୀ ପଦବୀ ଅଳଙ୍କୃତ କରୁଥିବାରୁ ତାଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ଅନ୍ୟାନ୍ୟ ଗୁଣସମୂହ ସଂପର୍କରେ ଆଲୋଚନା କରିବା ନିରର୍ଥକ ମନେହୁଏ । ତାଙ୍କର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ଥିବା ଦରକାର, ଲୋକମାନଙ୍କର କଥାକୁ ଶୁଣିବା ଶକ୍ତି ଥିବା ଦରକାର । ସେ ଲୋକମାନଙ୍କୁ ଭଲଭାବରେ ବୁଝାଇ ପାରୁଥିବା ଦରକାର । ଗାଁର ପ୍ରତ୍ୟେକ ଲୋକ ତାଙ୍କୁ ମାନୁଥିବା ଦରକାର । ସାମାଜିକ ନୀତିନିୟମ ବିଷୟରେ ଧାରଣା ଥିବା ଦରକାର । ଧର୍ମବିଶ୍ୱାସ ଥିବା ଦରକାର । ଗ୍ରାମର ଆବାଳ ବୃଦ୍ଧବନିତାଙ୍କୁ ସମଦୃଷ୍ଟିରେ ଦେଖୁଥିବା

ଦରକାର । ସେ ଜଣେ ବିବାଦଶୂନ୍ୟ ପୁରୁଷ ନିଶ୍ଚୟ ସଭିଙ୍କର ଆଦରଣୀୟ ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ ହେବା ସଂଗେ ସଂଗେ ଉନ୍ନତ ମାନବିକତା ସମ୍ପନ୍ନ, ଅଟଳ, ସ୍ଥିରଚିତ୍ତ ସିଦ୍ଧାନ୍ତ ନିର୍ମାଣକର୍ତ୍ତା ତଥା ଆଧ୍ୟାତ୍ମବାଦୀ ମଣିଷଟିଏ ହୋଇଥାଆନ୍ତି । ସ୍ୱଜାତି ସମ୍ପ୍ରଦାୟର ପାରମ୍ପରିକ ବିଧି ପ୍ରଥା ସମ୍ପର୍କରେ ଜ୍ଞାନ ବା ଅଭିଜ୍ଞତା ଥାଏ । ଏତଦ୍ ବ୍ୟତୀତ ମୁଖିଆ କର୍ମକୁଶଳୀ, ବାକ୍ ସଂଯମୀ, ସାଂଗଠନିକ ଦକ୍ଷତା ସମ୍ପନ୍ନ ବାକ୍ ପଟୁ, ଚତୁର, ବୁଦ୍ଧିମାନ, ତ୍ୟାଗୀ, ନିଃସ୍ୱାର୍ଥପର ଏବଂ ପରମ୍ପରାରକ୍ଷକ ଭାବରେ କିସାନ ଗ୍ରାମ, ଗ୍ରାମସଭା ତଥା ପାରମ୍ପରିକ ପୂଜାବିଧିକୁ ସୁରକ୍ଷିତ ରଖନ୍ତି । ଗ୍ରାମର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବାକୁ କାୟମନୋବାକ୍ୟରେ ପ୍ରତିଶ୍ରୁତିବଦ୍ଧ ହୋଇଥାଆନ୍ତି । ଗ୍ରାମ, ଗ୍ରାମସଭା ଏବଂ ପରମ୍ପରା ମହତ୍ତ୍ୱ ନିର୍ଭର କରେ ମୁଖିଆ-ପାଣିଗ୍ରାହୀ-ଦେହୁରୀଙ୍କର ମହାନତା ଉପରେ । ତେଣୁ ଗ୍ରାମସଭାର ସଭାପତି ଯେ ଜଣେ ଉଚ୍ଚକୋଟୀର ମହତ୍ ଗୁଣବତ୍ତା ପୂର୍ଣ୍ଣ ବ୍ୟକ୍ତିବିଶେଷ ଏଥିରେ ସନ୍ଦେହ ନାହିଁ ।

ଗ୍ରାମସଭାରେ ପାଣିଗ୍ରାହୀ ମଧ୍ୟ ଅନୁରୂପ ମହତ୍ ଗୁଣର ଅଧିକାରୀ ହୋଇଥିବା ଦେଖାଯାଏ । କାରଣ ସେ ସେହିପରି ଗ୍ରାମବାସୀଙ୍କ ସମ୍ମତ କ୍ରମେ ନିର୍ବାଚିତ ହୋଇ ଏହି ପଦ ଆସନ ଅଳଙ୍କୃତ କରିଥାଆନ୍ତି । ଏବଂ ମୁଖିଆଙ୍କର ଅନୁପସ୍ଥିତିରେ ତାଙ୍କୁ ସଭା କାର୍ଯ୍ୟ ତୁଲାଇବାକୁ ହୋଇଥାଏ । ତେଣୁ ସ୍ୱତଃ ସେ ଜଣେ ପରୋପକାରୀ ତ୍ୟାଗୀ, ସଚ୍ଚୋଟ, ବୁଦ୍ଧିମାନ, କର୍ମକୁଶଳୀ, ନିଃସ୍ୱାର୍ଥପର ତଥା ନ୍ୟାୟବନ୍ତ ଓ ବଳିଷ୍ଠ ବ୍ୟକ୍ତିତ୍ୱସମ୍ପନ୍ନ ବ୍ୟକ୍ତି ହିଁ ହୋଇଥାଆନ୍ତି । ଗ୍ରାମସଭାର ଅନ୍ୟତମ ନିର୍ବାଚିତ ସଦସ୍ୟ ହେଉଛନ୍ତି ନାୟକ । ସେ ସାଧାରଣ ବେତନଭୋଗୀ କର୍ମଚାରୀ ରୂପେ ଗ୍ରାମସଭାର ବିଭିନ୍ନ ଧରଣର କାର୍ଯ୍ୟ ତୁଲାଇ ଥାଆନ୍ତି । ସମସ୍ତଙ୍କର ଆଦେଶ ପାଳନକାରୀ ଭାବରେ ସେ ପରିଚିତ । ଗ୍ରାମସଭା ଆହ୍ୱାନ କରିବା, ସଦସ୍ୟମାନଙ୍କ ପାଖରେ ବାର୍ତ୍ତା ପହଞ୍ଚାଇବା ମାମଲାରେ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କୁ ଡାକିବା, ସଭାପତି ତଥା ସାଧାରଣ ସଦସ୍ୟମାନଙ୍କର ଡକାହକା ଶୁଣିବା ଆଦି ସମସ୍ତ ଛୋଟମୋଟ କାର୍ଯ୍ୟ ନାୟକ ଦ୍ୱାରା ସମ୍ପାଦିତ ହୁଏ । ତେଣୁ ସେ ନିଶ୍ଚିତ ଭାବରେ ଜଣେ ଭଦ୍ର, ମାର୍ଜିତ, ନମ୍ର, ଶାନ୍ତ, ସରଳ ତଥା ଆଦେଶ ପାଳନକାରୀ ଗୁଣର ଅଧିକାରୀ ହୋଇଥାଆନ୍ତି । ଅତି ଅମାୟିକ ଢଙ୍ଗରେ ସେ ସମସ୍ତ କାର୍ଯ୍ୟ ଆନନ୍ଦ ଚିତ୍ତରେ ଆଗ୍ରହ ସହ ତୁଲାଇ ପାରନ୍ତି । ଗ୍ରାମସଭାର କାର୍ଯ୍ୟଧାରା ଅନେକ ସମୟରେ ନାୟକ ଉପରେ ହିଁ ନିର୍ଭର କରିଥାଏ ।

ସର୍ବୋପରି ଗ୍ରାମସଭାର ସାଧାରଣ ସଦସ୍ୟ ଭାବରେ ଗ୍ରାମର ପ୍ରତ୍ୟେକ ପରିବାରର ମୁଖ୍ୟମାନେ ସ୍ୱତଃ ଆସିଥାଆନ୍ତି । ଏମାନଙ୍କ ପାଇଁ ନିର୍ବାଚନ ପଦ୍ଧତି ଅନୁସୃତ ହୁଏନାହିଁ । ଏପରି ଶୈଳୀରେ ଭିନ୍ନ ଭିନ୍ନ ପରିବାରରୁ ବିଭିନ୍ନ ପ୍ରକୃତି ବା ଗୁଣର ବ୍ୟକ୍ତି ସଦସ୍ୟତା କରିବା ସ୍ୱାଭାବିକ । ଏମାନଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ବା ଗୁଣବତ୍ତା ସଂପର୍କରେ କିଛି ନିର୍ଦ୍ଦିଷ୍ଟ ଭାବରେ କୁହାଯାଇ ନପାରେ । ତଥାପି ଏମାନେ ସମସ୍ତେ ସରକାରର ମୁଖ୍ୟ ମୁରବୀ ହୋଇ ପରିବାର ତଥା ଗୃହକୁ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରୁଥିବାରୁ ସାଧାରଣ ସଦସ୍ୟଙ୍କଠାରୁ ମହତ ଗୁଣାବଳୀ ଆଶା କରାଯାଇଥାଏ । ପରିବାରର ସମସ୍ତ ପ୍ରକାର ସମସ୍ୟା, ଅଭାବ, ଅଭିଯୋଗ ତଥା କାର୍ଯ୍ୟଧାରା ମୁଖିଆ/ ମୁରବୀମାନେ ହିଁ ଧୈର୍ଯ୍ୟର ସହିତ ତୁଲାଇ ଥାଆନ୍ତି । ତେଣୁ ସେହିପରି ବୁଦ୍ଧି, ବିବେକ, ଜ୍ଞାନ ତଥା ସହନଶୀଳ ଭଳି ମହତ ଗୁଣ ନେଇ ପରିବାରର ମୁଖ୍ୟମାନେ ଗ୍ରାମସଭାର ସଦସ୍ୟ ହେବା ସହିତ ଗ୍ରାମସଭାର ମର୍ଯ୍ୟାଦା ବଜାୟ ରଖନ୍ତି । କିସାନ ଗ୍ରାମରେ ବସବାସ କରୁଥିବା ସମସ୍ତ ପ୍ରଜାତି ଗୋଷ୍ଠୀର ପରିବାର ମୁଖ୍ୟମାନେ ମଧ୍ୟ ଗ୍ରାମସଭାରେ ସଦସ୍ୟତା କରିଥାଆନ୍ତି । ତେଣୁ ଜାତି-ଧର୍ମ-ବର୍ଣ୍ଣ-ଗୋଷ୍ଠୀ ନିର୍ବିଶେଷରେ ସମସ୍ତେ ସାଂପ୍ରଦାୟିକ ଭେଦଭାବ ଭୁଲି ସ୍ୱଗ୍ରାମରେ ଶାନ୍ତି ଅବ୍ୟାହତ ରଖିବାକୁ ଚେଷ୍ଟା କରନ୍ତି ।

ପାରମ୍ପରିକ ରାଜନୈତିକ ପରିଷଦର ମନୋନୀତ ପ୍ରତ୍ୟେକ ସଦସ୍ୟ କେତେକ କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି । ମୁଖିଆ ହେଉଛନ୍ତି ଗ୍ରାମ ସଭାର ମୁଖ୍ୟ । ଗ୍ରାମସଭାର ବୈଠକଗୁଡିକ ତାଙ୍କରି ସଭାପତିତ୍ୱରେ ଅନୁଷ୍ଠିତ ହୁଏ । ସମସ୍ତ ପ୍ରକାର ବିଚାର ଆଲୋଚନା, ପକ୍ଷ ପ୍ରତିପକ୍ଷଙ୍କର ଶୁଣାଣୀ ଏବଂ ସଦସ୍ୟମାନଙ୍କର ମତାମତ ଗ୍ରହଣ ପୂର୍ବକ ସେ ପ୍ରତ୍ୟେକ ମାମଲାରେ ନିଷ୍ପତ୍ତି ଗ୍ରହଣ କରିଥାଆନ୍ତି । ମାମଲାର ଶେଷ ସିଦ୍ଧାନ୍ତ ବା ନ୍ୟାୟ ଘୋଷଣା ସେ କରନ୍ତି । ଦୋଷୀକୁ ଦଣ୍ଡ ବା କ୍ଷମା ପ୍ରଦାନ କ୍ଷମତା ମୁଖିଆ (କାଲୋ)ଙ୍କର ଥାଏ । ଦଣ୍ଡର ପରିମାଣ ବା ପରିସୀମା ତାଙ୍କରି ଦ୍ୱାରା ନିର୍ଦ୍ଧାରିତ ହୁଏ । ପୁନଶ୍ଚ ସେ କେବଳ ଗ୍ରାମସଭାର ସଭାପତି ନୁହଁନ୍ତି । ପରନ୍ତୁ ଗ୍ରାମମୁଖ୍ୟ ମଧ୍ୟ । ତେଣୁ ଗ୍ରାମର ସୁଖଦୁଃଖ, ହାନିଲାଭ, ସୁବିଧା ଅସୁବିଧା ସବୁ ତାଙ୍କରି ହାତରେ ନିର୍ଭର କରେ । ବ୍ୟକ୍ତିଗତ ଭାବରେ ସେ ପ୍ରତ୍ୟେକ ଗ୍ରାମବାସୀଙ୍କୁ ସହାୟତା ପ୍ରଦାନ କରନ୍ତି । କୌଣସି ପରିବାରରେ କେହି ମୃତ୍ୟୁ ବରଣ କଲେ ମୁଖିଆ ଉପସ୍ଥିତ ରହି ସମବେଦନା ଜ୍ଞାପନ ପୂର୍ବକ ଶବଦାହର ଆୟୋଜନ କରାଇଥାନ୍ତି । ବ୍ୟକ୍ତିଗତ ଭାବେ କେହି ବିପଦରେ ପଡିଲେ ସଭାପତି ତାଙ୍କୁ ସାନ୍ତ୍ୱନା ଦେବା ସଙ୍ଗେ ସଙ୍ଗେ ସହଯୋଗ ତଥା ସହାୟତାର ହାତ ବଢାଇଥାନ୍ତି ।

କୌଣସି ପରିବାରରେ ଗଣ୍ଡଗୋଳ ଉପୁଜିଲେ ମୁଖିଆଙ୍କୁ ତୁରନ୍ତ ଡକାଯାଇଥାଏ । ସମ୍ପୃକ୍ତ ଘଟଣାଟି ଗ୍ରାମସଭାରେ ବିଚାର ଆଲୋଚନା ନହୋଇ ମଧ୍ୟ ସେ ତାକୁ ନିଜର ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି ତାହା ସମାଧାନ କରିପାରନ୍ତି । ଗ୍ରାମର କୌଣସି ଆକସ୍ମିକ ବିପତ୍ତି ପଡିଲେ ସେ ଗ୍ରାମସଭାର ବିନା ପରାମର୍ଶରେ ସୁଦ୍ଧା ଆଶୁ ନିଷ୍ପତ୍ତି ଗ୍ରହଣ କରନ୍ତି ଏବଂ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ ପଦକ୍ଷେପ ନେଇଥାନ୍ତି । ଗ୍ରାମରେ ରୋଗବ୍ୟାଧି ପଡିଲେ, ଶତ୍ରୁ ଆଗମନ ହେଲେ ସାମୂହିକ ଉନ୍ନତି ପାଇଁ କୌଣସି କାମ କରିବାକୁ ହେଲେ ସଭାପତି ତୁରନ୍ତ ଗ୍ରାମସଭା ଡକାଇ ସଦସ୍ୟମାନଙ୍କ ସହିତ ଆଲୋଚନା ପୂର୍ବକ ସିଦ୍ଧାନ୍ତ ଗ୍ରହଣ ଓ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥାଆନ୍ତି । ସାମୂହିକ କାର୍ଯ୍ୟଗୁଡିକ ତାଙ୍କରି ତତ୍ତ୍ୱାବଧାନରେ ହିଁ ହୋଇଥାଏ । ସମସ୍ତ ଗ୍ରାମବାସୀ ତାଙ୍କୁ ସମ୍ମାନ ପ୍ରଦର୍ଶନ କରନ୍ତି । ତାଙ୍କର ଆଦେଶ, ଅନୁରୋଧ କାହାରି ଦ୍ୱାରା ପ୍ରତ୍ୟାଖ୍ୟାନ ହୁଏ ନାହିଁ । ବ୍ୟକ୍ତିଗତ ଭାବେ ଘରୋଇ ପୂଜାପାଠ କିମ୍ବା ପର୍ବପର୍ବାଣୀ ଦିନ ମାନଙ୍କରେ ତାଙ୍କୁ ନିମନ୍ତ୍ରଣ କରାଯାଇଥାଏ । ସ୍ୱତନ୍ତ୍ର ଭାବେ ତାଙ୍କୁ ଖାଦ୍ୟ ପାନୀୟରେ ତୃପ୍ତ କରାଯାଇଥାଏ । ସେ ପ୍ରତ୍ୟେକ ଗ୍ରାମବାସୀଙ୍କର ପ୍ରିୟ ହୋଇଥିବାରୁ ସେ ସର୍ବସମ୍ମତ ପ୍ରକ୍ରିୟାରେ ନିର୍ବାଚିତ ହୋଇପାରନ୍ତି । ତେଣୁ ମୁଖିଆ ନିଃସ୍ୱାର୍ଥପର ଓ ସେବାର ପ୍ରତୀକ ସ୍ୱରୂପ ଗ୍ରାମରେ ସଭିଙ୍କର ମଙ୍ଗଳ ସକାଶେ ନିଜର ଜୀବନକୁ ଉତ୍ସର୍ଗ କରିଥାଆନ୍ତି ।

ଅଧିକନ୍ତୁ ଗ୍ରାମସଭାର ମୁଖିଆ ଗ୍ରାମମୁଖ୍ୟ ସହିତ ଗ୍ରାମର ମୁଖ୍ୟ ଦେହୁରୀ ହୋଇଥିଲେ ସମସ୍ତ ପାରମ୍ପରିକ ସାମୂହିକ ପୂଜାପାଠ ଗୁଡିକ ତାଙ୍କରି ଦ୍ୱାରା ହିଁ ସମ୍ପାଦିତ ହୁଏ । ବ୍ୟକ୍ତି ଓ ଗ୍ରାମ ତରଫରୁ ସେ ଦେବାଦେବୀଙ୍କଠାରେ ସମସ୍ତଙ୍କ ପାଇଁ ଆଶୀର୍ବାଦ ଭିକ୍ଷା କରନ୍ତି । ଗ୍ରାମକୁ ଯେ କୌଣସି ପ୍ରକାର ବିପତ୍ତି ପଡିଲେ ସେ ଏକକାଳୀନ ସଭାପତି, ଗ୍ରାମମୁଖ୍ୟ ଓ ଦେହୁରୀ ଭାବରେ ପୂଜାପାଠ ସହିତ ଆବଶ୍ୟକୀୟ କର୍ମପନ୍ଥା ନିର୍ଦ୍ଧାରଣ କରନ୍ତି । ତେଣୁ କିସାନ ସମାଜରେ ଗ୍ରାମସଭାର ମୁଖିଆ ବହୁମୁଖୀ କ୍ଷମତା ବାୟିତ୍ୱର ଅଧିକାରୀ ହୋଇଥିବାରୁ ତାଙ୍କର କାର୍ଯ୍ୟଧାରାର ପରିସୀମା ପରିବ୍ୟାପ୍ତ । ଗ୍ରାମରେ ପାଳିତ କୌଣସି ପର୍ବପର୍ବାଣୀରେ ଏବଂ ବିଭିନ୍ନ ପୂଜାରେ କାଳୋ ନିଜେ ପୂଜା କରିଥାନ୍ତି । ଶ୍ରେଷ୍ଠ ପୂଜକ ହିସାବରେ ସେ କାର୍ଯ୍ୟ କରିଥାନ୍ତି । ସାମୂହିକ ଭାବରେ ପର୍ବପର୍ବାଣୀ ପାଳନର ଅବ୍ୟବହିତ ପୂର୍ବରୁ ତାଙ୍କର ନିର୍ଦ୍ଦେଶ ନେଇ ଗ୍ରାମରେ ବୈଠକ ଆହ୍ୱାନ କରାଯାଇଥାଏ । ରାଜନୈତିକ ପରିଷଦରେ କୌଣସି ମୋକଦ୍ଦମାର ବିଚାର ପରେ ଶେଷ ନିଷ୍ପତ୍ତି ନିଜେ ସେ ନେଇଥାନ୍ତି । ଗ୍ରାମବାସୀଙ୍କ ସମ୍ମୁଖରେ କୌଣସି ଦୋଷୀକୁ

ଦଣ୍ଡ ସ୍ୱରୂପ ନିଜେ ଗ୍ରାମର ମୁଖ୍ୟ ମୁଖିଆ ଶପଥପାଠ କରାଇଥାନ୍ତି । ପ୍ରତ୍ୟେକ ସଭାରେ ସେ ନିଜେ ସଭାପତିତ୍ୱ କରିଥାନ୍ତି । ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବାପାଇଁ ମୁଖିଆ ନିଜେ ନିର୍ଦ୍ଦେଶ ଦେଇଥାନ୍ତି । ପାରମ୍ପରିକ ରାଜନୈତିକ ପରିଷଦର ମୁଖିଆଙ୍କ ତଳକୁ ଅନ୍ୟତମ କର୍ମକର୍ତ୍ତା ପାଣିଗ୍ରାହୀ । ସେ କେତେକ କର୍ତ୍ତବ୍ୟ ସମ୍ପାଦନା କରନ୍ତି । କୌଣସି କାରଣରୁ ମୁଖିଆ ବୈଠକରେ ଅନୁପସ୍ଥିତ ଥିଲେ ତାଙ୍କର କାର୍ଯ୍ୟଭାର ଏହି ପାଣିଗ୍ରାହୀ ଗ୍ରହଣ କରିଥାନ୍ତି ଏବଂ କାର୍ଯ୍ୟ ସମ୍ପାଦନା କରିଥାନ୍ତି । କୌଣସି ପରିବାରରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ କୌଣସି କାରଣରୁ ଝଗଡା ହେଲେ ତାହାର ସମାଧାନ ତାଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ ।

କୌଣସି କେସ୍ / ମୋକଦ୍ଦମା ମାମଲା ବିଚାର ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ପାଉଣା ସେ ନିଜେ ଗ୍ରହଣ କରିଥାନ୍ତି । ହଠାତ୍ ଗ୍ରାମରେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ମୁଖିଆଙ୍କ ଅନୁପସ୍ଥିତିରେ ପାଣିଗ୍ରାହୀ ନିଜେ ସମାଧାନର ମାର୍ଗ ପ୍ରସ୍ତୁତ କରିଥାନ୍ତି । କୌଣସି ମୋକଦ୍ଦମା ବିଚାର ସମୟରେ ପ୍ରାରମ୍ଭିକ ପ୍ରସ୍ତାବ ସେ ନିଜେ ନେଇଥାନ୍ତି । ବୈଠକରେ ବସିବା ପାଇଁ ଆସନ ଯୋଗାଇବାରେ ସହାୟକ ହୋଇଥାନ୍ତି । ବୈଠକରେ ଉପସ୍ଥିତ ଅନ୍ୟାନ୍ୟ ଭଦ୍ରବ୍ୟକ୍ତିଙ୍କୁ ଆତିଥ୍ୟ ପ୍ରଦାନ କରିଥାନ୍ତି । ମୋକଦ୍ଦମାରେ ସାମିଲ ହୋଇ ଉଭୟ ପକ୍ଷଙ୍କଠାରୁ ଜମାନବନ୍ଦୀକୁ ଲେଖିଥାନ୍ତି । ବିଚାର ପୂର୍ବରୁ ସାକ୍ଷୀମାନଙ୍କଠାରୁ ମଧ୍ୟ ଜମାନବନ୍ଦୀ ଲେଖି ରଖିଥାନ୍ତି । ବିଚାରର ଅନ୍ତିମ ବିବରଣୀକୁ ମଧ୍ୟ ଲେଖି ସଭାରେ ପାଠ କରିଥାନ୍ତି । ବିଚାର କ୍ଷେତ୍ରରେ ସେ ଅଂଶ ଗ୍ରହଣ କରିଥାଆନ୍ତି । ପ୍ରତ୍ୟକ୍ଷ ଭାବରେ କୌଣସି ଗୁରୁଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ନଥିଲେ ହେଁ ମୁଖିଆଙ୍କ ଅନୁପସ୍ଥିତିରେ ସେ ମୁଖିଆଙ୍କର ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବା ସହିତ ପ୍ରତ୍ୟେକଟି କ୍ଷମତାର ଅଧିକାରୀ ହୋଇଥାଆନ୍ତି । ମୁଖିଆ କୌଣସି କାରଣରୁ ଗ୍ରାମସଭାରେ ଉପସ୍ଥିତ ରହିବାକୁ ଅକ୍ଷମ ହେଲେ ପାଣିଗ୍ରାହୀ ବୈଠକରେ ସଭାପତିତ୍ୱ କରନ୍ତି । ସେହିପରି ବିଚାର ଆଲୋଚନା ପୂର୍ବକ ମାମଲାରେ ନିଷ୍ପତ୍ତି ଗ୍ରହଣ କରିଥାଆନ୍ତି । ଏତଦ୍ ଭିନ୍ନ ଗ୍ରାମସଭା ପରିଚାଳନା ସମୟରେ ସେ ମୁଖିଆଙ୍କୁ ସହଯୋଗ କରିବା ସହିତ ବିଚାର ପଦ୍ଧତିକୁ ପ୍ରଭାବିତ କରି ଥାଆନ୍ତି । ସାଧାରଣ ସଦସ୍ୟମାନେ ମାମଲା ସମ୍ପର୍କରେ ପାଣିଗ୍ରାହୀ ସହିତ ଖୋଲାଖୋଲି ଆଲୋଚନା କରି ନିଜସ୍ୱ ମତମାନ ପ୍ରଦାନ କରନ୍ତି । ଗ୍ରାମସଭା ବାହାରେ ଏହି ପାଣିଗ୍ରାହୀ ପ୍ରତ୍ୟେକ କାର୍ଯ୍ୟରେ ମଧ୍ୟ ମୁଖିଆଙ୍କୁ ସହାୟତା ପ୍ରଦାନ କରୁଥିବାର ଦେଖାଯାଇଥାଏ । ମୁଖିଆ କୌଣସି କାର୍ଯ୍ୟପାଇଁ ଯେଉଁଠିକୁ ଯାଆନ୍ତି ପାଣିଗ୍ରାହୀ ତାଙ୍କ ସହିତ ଯୋଗ ଦିଅନ୍ତି ଓ କାର୍ଯ୍ୟକ୍ରମରେ ସହଯୋଗ କରନ୍ତି ।

ଗ୍ରାମସଭାର ଅନ୍ୟତମ ନିର୍ବାଚିତ ସଦସ୍ୟ ହେଲେ ନାୟକ । ସେ ଗ୍ରାମସଭା ଆହ୍ୱାନ କରିଥାଆନ୍ତି । ଆବଶ୍ୟକସ୍ଥଳେ ମୁଖିଆ, ପାଣିଗ୍ରାହୀ, ସାଧାରଣ ସଦସ୍ୟ କିମ୍ୱା ଯେ କୌଣସି ଗ୍ରାମବାସୀଙ୍କ ନିର୍ଦ୍ଦେଶ ବା ଅନୁରୋଧ କ୍ରମେ ନାୟକ ଗ୍ରାମସଭା ଆହ୍ୱାନ କରିବା ସଙ୍ଗେ ସଙ୍ଗେ ଗ୍ରାମସଭାର ସମସ୍ତ ସଦସ୍ୟ, ମୁଖିଆ, ପାଣିଗ୍ରାହୀ ଏବଂ ମାମଲା ସମ୍ପର୍କୀତ ପ୍ରତିପକ୍ଷ ଲୋକଙ୍କୁ ଗ୍ରାମସଭା ପାଇଁ ନିର୍ଦ୍ଧାରିତ ଦିବସ ତଥା ସମୟ ଜଣାଇ ଥାନ୍ତି । ଗ୍ରାମସଭାର ବୈଠକ ପ୍ରାୟତଃ ଉପରବେଳା ବା ସନ୍ଧ୍ୟା ସମୟରେ ଆହୂତ ହୁଏ । କାରଣ ସମସ୍ତେ ଦିନ ଗୋଟାକର କାମଦାମ ସମାପ୍ତ ପରେ ବୈଠକରେ ଯୋଗ ଦେଇପାରନ୍ତି । ବୈଠକ ଚାଲୁଥିବା ସମୟରେ ଆବଶ୍ୟକ ଅନୁଯାୟୀ ସମସ୍ତ କାର୍ଯ୍ୟ ନାୟକଙ୍କ ଦ୍ୱାରା ହୋଇଥାଏ । ମାମଲାର ବିଚାର ଆଲୋଚନା ବା ଶୁଣାଣିକାଳରେ କୌଣସି ସାକ୍ଷୀମାନଙ୍କର ଉପସ୍ଥିତ ଆବଶ୍ୟକତା ପଡିଲେ ନାୟକ ସେମାନଙ୍କୁ ଯାଇ ଡାକି ଆଣନ୍ତି । ବୈଠକରେ ସ୍ତ୍ରୀଲୋକ ମାନଙ୍କର ଉପସ୍ଥିତି ଅନିବାର୍ଯ୍ୟ ମନେ ହେଲେ, ସମ୍ପୃକ୍ତ ସ୍ତ୍ରୀଲୋକ ନାୟକ ସହିତ ଯିବାଆସିବା କରିଥାନ୍ତି । ବୈଠକରେ ନାୟକ ପିଇବା ପାଇଁ ପାଣି ଯୋଗାନ୍ତି । ସମସ୍ତଙ୍କର ନିର୍ଦ୍ଦେଶ ମାନି ସବୁ କାର୍ଯ୍ୟ କରନ୍ତି । ଏତଦ୍ ଭିନ୍ନ ଗ୍ରାମସଭା ବୈଠକ ପରିଚାଳନା ପୂର୍ବରୁ ପ୍ରଥମେ ମୁଖିଆ ସଭା ଡକାଇବାର ଉଦ୍ଦେଶ୍ୟ ନାୟକଙ୍କୁ ପଚାରନ୍ତି ଏବଂ ନାୟକ କେଉଁ ବ୍ୟକ୍ତି, କାହିଁକି ବୈଠକ ଆହ୍ୱାନ କରିବାକୁ ଚାହିଁଛନ୍ତି ସେ ବିଷୟ ଗୃହକୁ ଜଣାଇଥାନ୍ତି । ତା'ପରେ ଯାଇ ଆଲୋଚନା ଚାଲେ । ଗ୍ରାମସଭା ବାହାରେ ନାୟକ ପ୍ରତ୍ୟେକ କାର୍ଯ୍ୟରେ ମୁଖିଆଙ୍କୁ ସହାୟତା ପ୍ରଦାନ କରନ୍ତି ।

ଶେଷରେ ରହିଲେ ସ୍ୱତଃ ନିର୍ବାଚିତ ଗ୍ରାମସଭାର ସାଧାରଣ ସଦସ୍ୟ, ଯେଉଁମାନେ କି ଗ୍ରାମର ସମସ୍ତ ପରିବାରର ମୁଖ୍ୟ । ସେମାନେ ଗ୍ରାମସଭା ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିବା ସହିତ ମାମଲା ବିଚାରଧାରକୁ ପ୍ରଭାବିତ କରିଥାଆନ୍ତି । କୌଣସି ମାମଲା ଗ୍ରାମସଭା ବୈଠକରେ ଉପସ୍ଥାପିତ ହେଲେ ତତ୍ ସମ୍ପର୍କୀୟ ସମସ୍ତ ପ୍ରକାର ଆଲୋଚନା ନିଜ ନିଜ ମଧ୍ୟରେ କିମ୍ୱା ପାଣିଗ୍ରାହୀଙ୍କ ସହିତ ଖୋଲାଖୋଲି କରନ୍ତି । ପକ୍ଷ-ପ୍ରତିପକ୍ଷ ଏବଂ ଉଭୟଙ୍କ ସାକ୍ଷୀଙ୍କୁ ପ୍ରଶ୍ନ ମଧ୍ୟ କରିପାରନ୍ତି । ଶେଷରେ ନିଜସ୍ୱ ମତ ମୁଖିଆଙ୍କ ପାଖରେ ଉପସ୍ଥାପିତ ପୂର୍ବକ ମାମଲାର ନିଷ୍ପତ୍ତି ଧାରାରେ ଗୁରୁତ୍ୱ ଭୂମିକା ଗ୍ରହଣ କରିଥାଆନ୍ତି । ନିଷ୍ପତ୍ତି ନେବାକୁ ମୁଖିଆଙ୍କୁ ପ୍ରଭାବିତ କରନ୍ତି । ଦଣ୍ଡର ପରିମାଣ କିମ୍ୱା ପରିସୀମା ସଂପର୍କରେ ମଧ୍ୟ ନିଜସ୍ୱ ମତ ମୁଖିଆଙ୍କୁ ଶୁଣାଇ

ଥାଆନ୍ତି । ସିଦ୍ଧାନ୍ତ ଗ୍ରହଣ ବା ଦଣ୍ଡ ଦେବାର କ୍ଷମତା କେବଳ ମୁଖିଆଙ୍କର ଥିଲେ ମଧ୍ୟ ଏହି ସାଧାରଣ ସଦସ୍ୟ ମାନେ ମୁଖିଆଙ୍କର ମାନସିକତା ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରନ୍ତି । କୌଣସି ଗର୍ହିତ ଦୋଷ ଯୋଗୁଁ ଯଦି କୌଣସି ଅପରାଧୀକୁ ଦିଆଯାଇଥିବା ଦଣ୍ଡ କୋହଳ / କମ୍ ହେଲା ବୋଲି ସଦସ୍ୟମାନେ ଅନୁଭବ କରନ୍ତି ତେବେ ସେମାନେ ମିଳିତ ଭାବରେ ଦଣ୍ଡର ପରିମାଣ ବୃଦ୍ଧି ନିମନ୍ତେ ସଭାପତିଙ୍କୁ କାରଣ ଦର୍ଶାଇ ଅନୁରୋଧ କରିଥାଆନ୍ତି । ଏହା ଛଡା ଗ୍ରାମସଭାରେ ତଥା ଗ୍ରାମସଭା ବାହାରେ ସାଧାରଣ ସଦସ୍ୟମାନେ ମୁଖିଆ ଓ ପାଣିଗ୍ରାହୀଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ସାହାଯ୍ୟ ସହଯୋଗ କରନ୍ତି । ଯେ କୌଣସି ସମୟରେ ମୁଖିଆ କୌଣସି ସଦସ୍ୟଙ୍କୁ କିଛି ସମସ୍ୟା ପାଇଁ ଆଲୋଚନା କରିବାକୁ ସ୍ମରଣ କଲେ ତୁରନ୍ତ ସେ ମୁଖିଆଙ୍କ ନିର୍ଦ୍ଦେଶ ଗ୍ରହଣ ପୂର୍ବକ ସହାୟତା ପ୍ରଦାନ କରିଥାଆନ୍ତି । ଗ୍ରାମସଭାର ବୈଠକରେ ଶାନ୍ତିଶୃଙ୍ଖଳା ରକ୍ଷାକରି କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିପାରନ୍ତି । ବସ୍ତୁତଃ ଗ୍ରାମସଭା ସମସ୍ତ ସଦସ୍ୟମାନଙ୍କ ସହଯୋଗ ଭିତ୍ତିରେ ହିଁ ପରିଚାଳିତ ହୁଏ । ସମସ୍ତେ ପାରମ୍ପରିକ ଗ୍ରାମସଭାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ପାଇଁ ଚେଷ୍ଟା କରିଥାଆନ୍ତି ।

## ଗ୍ରାମସଭାରେ ନିଷ୍ପାଦିତ ମାମଲା:

କିସାନ ସମ୍ପ୍ରଦାୟର ପାରମ୍ପରିକ ଗ୍ରାମସଭାରେ ଗ୍ରାମର ସମସ୍ତ ପ୍ରକାର ସୁବିଧା ଅସୁବିଧା ଆଲୋଚନା ହୋଇପାରୁଥିବା ବେଳେ ଗ୍ରାମରେ ଉପୁଜୁଥିବା ସମସ୍ତ ପ୍ରକାର ଗଣ୍ଡଗୋଳ / କେସ୍ /ମାମଲାର ବିଚାର କରାଯାଇଥାଏ । ସେ ମଧ୍ୟରେ ଚୋରୀ, କନ୍ୟା ଅପହରଣ, ବିବାହ ବିଚ୍ଛେଦ, କନ୍ୟା ଫେରସ୍ତ, ଗ୍ରାମସଭାର ନିଷ୍ପତ୍ତିକୁ ଅବମାନନା, ମାଡପିଟ, ଗାଳିଗୁଲଜ, ଦୁର୍ବ୍ୟବହାର, ପରଝିଅ ବୋହୁଙ୍କ ପ୍ରତି ଅଶ୍ଳୀଳ ଆଚରଣ, ଡକାୟତି, ଜମିଜମା ସଂକ୍ରାନ୍ତୀୟ ଗଣ୍ଡଗୋଳ, ପାରିବାରିକ କଳହ, ପୂଜା ସମ୍ବନ୍ଧୀୟ ଦ୍ୱନ୍ଦ, ଗୁଣିଗାରେଡି ଦ୍ୱାରା କ୍ଷତି ସାଧନ, ଅସାମାଜିକ କାର୍ଯ୍ୟରେ ଲିପ୍ତ ଇତ୍ୟାଦି ସବୁ ପ୍ରକାର ମାମଲା ଅନ୍ତର୍ଭୁକ୍ତ । ଏତଦ୍ ଭିନ୍ନ ଗ୍ରାମର ଅନ୍ୟାନ୍ୟ ସୁବିଧା ଅସୁବିଧା (ସାମୂହିକ କାର୍ଯ୍ୟ, ରାସ୍ତା ନିର୍ମାଣ/ମରାମତି, ପୂଜା ସମ୍ବନ୍ଧୀୟ ଦିନ, ବାର, ତିଥି ନିର୍ଣ୍ଣୟ, ସାଂସ୍କୃତିକ ଅନୁଷ୍ଠାନ, କୌଣସି ପ୍ରକାର ବିପଦ ବା ବ୍ୟାଧିର ଆଶଙ୍କା) ସମୟରେ ମଧ୍ୟ ସମସ୍ତ ବିଷୟ ଗ୍ରାମସଭାରେ ଆଲୋଚନା ହୋଇ ପାରିଥାଏ । କିସାନ(କୁଣ୍ହାଁ) ପାରମ୍ପରିକ ରାଜନୈତିକ ପରିଷଦରେ ବିଭିନ୍ନ ପ୍ରକାର ମୋକଦ୍ଦମା ବିଚାର କରାଯାଇଥାଏ । ବ୍ୟକ୍ତି, ପରିବାର, ସାହି ସ୍ତରରୁ ଆରମ୍ଭ କରି ଗ୍ରାମସ୍ତର ପର୍ଯ୍ୟନ୍ତ ବିଭିନ୍ନ ମୋକଦ୍ଦମା ରାଜନୈତିକ

ପରିଷଦର ପରିସର ମଧ୍ୟକୁ ବିଚାର ପାଇଁ ଆସିଥାଏ । ସେଥି ମଧ୍ୟରୁ କେତୋଟି ନିମ୍ନରେ ପ୍ରଦାନ କରାଗଲା:-

- କୌଣସି ସ୍ତ୍ରୀକୁ ତା'ର ସ୍ୱାମୀ ପ୍ରତାରିତ କରି ଘରୁ ବାହାର କରିଦେବା ବିଷୟ ।
- କୌଣସି ପରିବାରରେ କୌଣସି କାରଣରୁ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଉପୁଜୁଥିବା ବିବାଦ ବା ଉଭୟଙ୍କ ମଧ୍ୟରେ କଳିଝଗଡା ବିଷୟ ।
- କୌଣସି ଯୁବକ ନିଜ ଭାଉଜଙ୍କ ସହ ପ୍ରେମ ସଂପର୍କ ରଖି ଭାଇଙ୍କ ସହ ଗଣ୍ଡଗୋଳ କରିବା ବିଷୟ।
- କୌଣସି ପରିବାରରେ ଘରଜ୍ୱାଇଁଙ୍କୁ ଘରୁ ବିତାଡିତ କରାଯାଇଥିବା ବିଷୟ ।
- କୌଣସି ବ୍ୟକ୍ତି ଅନ୍ୟ ଘରୁ ଧନ ସମ୍ପତ୍ତି ପଶୁଧନ ଚୋରି କରି ନେବା ବିଷୟ ।
- ଗୁପ୍ତଭାବରେ ଯୌନସମ୍ପର୍କ ରଖିଥିବା ଯୁବକ ଯଦି ଯୁବତୀର ଗର୍ଭସଂଚାର ପରେ ତାକୁ ଗ୍ରହଣ ନକରି ପରିତ୍ୟାଗ କରିଥାଏ ସେହି ବିଷୟ ।
- ଯୁବକର ଅନ୍ୟ ଏକ ଯୁବତୀ ପ୍ରତି ବଳତ୍କାର ଉଦ୍ୟମ ବିଷୟ ।
- କୌଣସି ପରିବାରରେ ବଡଭାଇ ଯଦି ସାନଭାଇର ସ୍ତ୍ରୀ ସହ ପ୍ରେମ ସମ୍ପର୍କୀତ ବାର୍ତ୍ତାଳାପ କରିଥାଆନ୍ତି, ସେହି ବିଷୟ ।
- ବିବାହର ଅବ୍ୟବହିତ ପୂର୍ବରୁ ଯଦି କୌଣସି ବ୍ୟକ୍ତି ଉକ୍ତ ବିବାହ ପ୍ରସ୍ତାବଟିକୁ କୌଣସି କାରଣରୁ ବାତିଲ କରିଦେଇଥିବା ଜଣାଯାଏ ସେହି ବିଷୟ ।
- କୌଣସି ପରିବାରରେ ମୃତବ୍ୟକ୍ତିର ଅସ୍ଥିକୁ କୌଣସି କାରଣରୁ ଯଦି ପାଞ୍ଚ ବର୍ଷ ମଧ୍ୟରେ ପବିତ୍ର ଜଳରେ ବିସର୍ଜନ କରାଯାଇ ନଥାଏ ତେବେ ସମ୍ପୃକ୍ତ ପରିବାରଙ୍କ ବିରୁଦ୍ଧରେ ଆଗତ ମାମଲା ।
- ଭାଇ ଭାଇ ମଧ୍ୟରେ ଘର, ଜମି ଇତ୍ୟାଦି ଭାଗବଣ୍ଟନ କ୍ଷେତ୍ରରେ ଉପୁଜୁଥିବା ଗଣ୍ଡଗୋଳ ବିଷୟ ।
- ଅନ୍ୟମାନଙ୍କର କ୍ଷତି କରୁଥିବା ଗୁଣିଆ ଯଦି କୌଣସି ଅବସ୍ଥାରେ ଲୋକଲୋଚନକୁ ଆସିଥାଏ, ତେବେ ଅଭିଯୁକ୍ତ ହିସାବରେ ତା ବିରୁଦ୍ଧରେ ମୋକଦ୍ଦମା ଦାଏର କରାଯାଇଥାଏ ।

- କୌଣସି ଜମିର ସୀମା ନିର୍ଦ୍ଧାରଣ କ୍ଷେତ୍ରରେ କୌଣସି ଗଣ୍ଡଗୋଳ ଉପୁଜିଲେ ।
- କୌଣସି ଯୁବତୀର ବିବାହ ସମ୍ପୂର୍ଣ୍ଣ ଭାବେ ସ୍ଥିରୀକୃତ ହୋଇଥିବା ସ୍ଥଳେ ଯଦି ସେହି ଯୁବତୀ ଅନ୍ୟ ଏକ ଯୁବକ ସହ ଅନ୍ୟତ୍ର ଚାଲି ଯାଇଥାଏ, ତତ୍ ସଂପୃକ୍ତ ବିଷୟ ।
- କୌଣସି ପୁରୁଷର ଅନ୍ୟ ଯୁବତୀ ସହ ପ୍ରେମ ସଂପର୍କ ଜନିତ ସଂପୃକ୍ତ ଯୁବତୀ ସହ ପୁରୁଷର ସ୍ତ୍ରୀ ସହିତ ଗଣ୍ଡଗୋଳ ହୋଇଥାଏ । ଏ ସଂପୃକ୍ତ ବିଷୟ ।
- ସୀମା ଉପରେ ଥିବା ଗଛ କାଟିବା କ୍ଷେତ୍ରରେ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ଉପୁଜିଲେ ।
- ଶିକାର ବଣ୍ଟନ କ୍ଷେତ୍ରରେ ଯଦି ଉଭୟ ପକ୍ଷ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ଉପୁଜିଲେ ।
- ଯଦି ସ୍ତ୍ରୀ ନିଜର ଶାଶୁଙ୍କ କଥାକୁ ଅବମାନନା କରି ତାଙ୍କ ଉପରକୁ ମାଡ ମାରିଥାଏ, ତେବେ ସେହି ବିଷୟ ।
- କୌଣସି ଯୁବତୀ କିମ୍ବା ମହିଳାଙ୍କ ନାମରେ ପ୍ରେମ ସମ୍ପର୍କୀତ ମିଥ୍ୟା ଅପବାଦ ଯଦି କୌଣସି ବ୍ୟକ୍ତି କରିଥାନ୍ତି ତେବେ ସେହି ବିଷୟ ।
- କୌଣସି ସନ୍ତାନହୀନ ପିତା ପୋଷ୍ୟପୁତ୍ରକୁ କିଛି ବର୍ଷ ପରେ ଯଦି ଜମିଜମା ଇତ୍ୟାଦି ଛଡାଇ ନେଇ ଘରୁ ବିତାଡିତ କରେ ତେବେ ସେହିଭଳି କ୍ଷେତ୍ରରେ ବାପାଙ୍କୁ ଅଭିଯୁକ୍ତ ଆସାମୀ ବୋଲି ଅଭିହିତ କରାଯାଇ ବିଚାରଭୁକ୍ତ କରାଯାଏ ।
- ସାନଭାଇର ସ୍ତ୍ରୀ କୌଣସି କାରଣରୁ ଯଦି ବଡଭାଇକୁ ଛୁଇଁଥିବାର ବିଷୟୟ ଯଦି ଗାଁ ଲୋକ ଜାଣିଲେ ତେବେ ତାହା ବିଚାରଭୁକ୍ତ ହୁଏ ।
- ଅଭାବ ସମୟରେ କୌଣସି ବ୍ୟକ୍ତିଠାରୁ କରଜ ଆଣି ଯଦି ପରିଶୋଧ ନକରିଥାନ୍ତି ତେବେ କରଜ ଗ୍ରହୀତାଙ୍କ ବିଷୟ ।
- କୌଣସି ବ୍ୟକ୍ତି ନିଜ ପରିବାରର କାମଧନ୍ଦା କରିବା ପାଇଁ ଚାକର ରଖି ତା'ର ଆବଶ୍ୟକ ମୁତାବକ ପାଉଣା ଦେଇ ପାରିନଥିଲେ ।
- ଭାଇ ଭାଇ ମଧ୍ୟରେ ଭାଗବଣ୍ଟାରେ ଗଣ୍ଡଗୋଳ ଉପୁଜିଲେ ତାହା ଗ୍ରାମସଭା ଦ୍ୱାରା ମୀମାଂସା କରାଯାଏ ।

- ଗ୍ରାମର କୌଣସି ଝିଅ ଯଦି ନିଜର ଇଚ୍ଛାରେ ସ୍ୱାମୀଙ୍କୁ ତ୍ୟାଗ କରି ସ୍ୱଗୃହକୁ ବାହୁଡି ଆସେ କିମ୍ବା ଗ୍ରାମର କୌଣସି ବୋହୂ ସ୍ୱଇଚ୍ଛାରେ ଶ୍ୱଶୁରାଳୟ ପରିତ୍ୟାଗ କରେ ତେବେ ସେ କ୍ଷେତ୍ରରେ କନ୍ୟାସୁନା ଫେରସ୍ତ ବା ଆଦାୟର ପ୍ରଶ୍ନ ଉଠେ । ଏହା ନିଜ ସ୍ତରରେ ସମାଧାନ ନହେଲେ ଗ୍ରାମସଭାର ବିଚାରଭୁକ୍ତ ହୁଏ ।
- କୌଣସି ପ୍ରକାର ପାରିବାରିକ ଗଣ୍ଡଗୋଳ ଯଥା ଝଗଡା, ମରାମରି, ସ୍ତ୍ରୀ ନିର୍ଯ୍ୟାତନା, ପୁତ୍ର ବୃଦ୍ଧ ପିତାମାତାଙ୍କର ଦାୟିତ୍ୱ ନନେବା ଇତ୍ୟାଦି ମଧ୍ୟ ଗ୍ରାମସଭାର ଆଲୋଚନା ପରିସରଭୁକ୍ତ ହୁଏ ।
- ଗ୍ରାମର କୌଣସି ଯୁବକ ଯିଏ ଅନ୍ୟ ଝିଅବୋହୂଙ୍କ ପ୍ରତି ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରେ ସେ ବିଷୟ ।
- ଏତଦ୍ ଭିନ୍ନ ଗ୍ରାମରେ ପରସ୍ପର ମଧ୍ୟରେ ମାଡ ମରାମରି ହେଲେ କେହି କାହାକୁ ଗାଳିଗୁଲଜ କଲେ, ଜଣେ ଅନ୍ୟ ଜଣଙ୍କଠାରୁ ଟଙ୍କା ଧାର କରଜ ନେଇ ବାରମ୍ବାର ମାଗିବା ସତ୍ତ୍ୱେ ଫେଂରସ୍ତ ନଦେଲେ, ପ୍ରଜାତିକ ଗୋଷ୍ଠୀର ଲୋକଙ୍କଠାରୁ ଶ୍ରମ ଆଦାୟ କରି ଉପଯୁକ୍ତ ପାଉଣା ନଦେଲେ, ଖାଦ୍ୟ ପାନୀୟ ଗ୍ରହଣ କରୁନଥିବା ପ୍ରଜାତି ଗୋଷ୍ଠୀଙ୍କ ଘରେ କୌଣସି କିସାନ୍ ବ୍ୟକ୍ତି ଖାଦ୍ୟପାନୀୟ ଗ୍ରହଣ କରିଥିବା ଜଣା ପଡିଲେ, କୌଣସି ପଡୋଶୀ ପ୍ରଜାତିକ ଗୋଷ୍ଠୀର ବ୍ୟକ୍ତି କିସାନ(କୁଣ୍ହାଁ)ମାନଙ୍କର ପାରମ୍ପରିକ ପୂଜାପାଠ ପାଇଁ ଚାନ୍ଦା ନଦେବା ସହିତ ପୂଜା କର୍ମରେ ଅସହଯୋଗ କଲେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିବାକୁ କେହି କୌଣସି ଉପାୟରେ ଚେଷ୍ଟିତ ଥିଲେ, କେହି କାହାର ଧର୍ମକୁ ଅବମାନନା ପ୍ରଦର୍ଶନ କଲେ ଇତ୍ୟାଦି ମାମଲାଗୁଡ଼ିକ କିସାନ ଗ୍ରାମସଭାରେ ବିଚାର ଆଲୋଚନା ପରିସରଭୁକ୍ତ ହୋଇଥାଏ ।

### ନିଷ୍ପତ୍ତି ପ୍ରକ୍ରିୟା:

କିସାନ ଗ୍ରାମସଭା ସାଧାରଣତଃ ଗ୍ରାମ ମଧ୍ୟରେ ଥିବା କୌଣସି ବିଶାଳ ବୃକ୍ଷ ତଳେ ହିଁ ଆୟୋଜିତ ହୁଏ । ସଦସ୍ୟମାନଙ୍କ ପାଇଁ ବସିବାକୁ କୌଣସି ଗୃହ ନଥାଏ । କିମ୍ବା ଆସନର ବ୍ୟବସ୍ଥା ହୁଏ ନାହିଁ । ସମସ୍ତେ ଭୂଇଁ ଉପରେ, ତଳେ ବସନ୍ତି କିମ୍ବା କିଏ କେମିତି ନିଜ ନିଜ ଗାମୁଛା ଓ ପଟି ପକାଇ ବସିଥାଆନ୍ତି । ପ୍ରତ୍ୟେକ ଗାଁରେ ପୂଜାରୀ (କାଲୋ) ଜଣକୁ ବଚ୍ଛାଯାଇଥାଏ । କିଛି ପର୍ବପର୍ବାଣୀ ବା ସଭା (ବୈଠକ) ହେଲେ

କାଲୋ ସମସ୍ତଙ୍କ ଘରକୁ ଯାଇ ତାଙ୍କୁ ଡାକି ଆଣିଥାଏ । ତା'ପରେ ସମସ୍ତେ ଏକାଠି ହୋଇ କିଛି ନିଷ୍ପତ୍ତି ନେଇଥାନ୍ତି । ତାଙ୍କୁ ପାରିଶ୍ରମିକ କେହି କିଛି ଦେଇ ନଥାନ୍ତି । ଖାଲି ଲୁଗାପଟା ଆକାରରେ ଦେଇଥାନ୍ତି । ପ୍ରତ୍ୟେକ ଗାଁରେ କାଲୋର ବିଭିନ୍ନ ନାଁ ଥାଏ । ତାଙ୍କୁ "ପଟୁଆଲ" ବି କୁହାଯାଏ । ଯିଏ ଜନସେବା କରିଥାଏ ସେହି ଏହି ସମ୍ମାନର ଅଧିକାରୀ ହୋଇପାରେ । ଗାଁରେ ମୁଖିଆ "ଦୋବାଟା" ନାମକ ଏକ ଜାଗାରେ ସଭାର ଆୟୋଜନ କରିଥାନ୍ତି । ଯେଉଁଠାରେ ଲୋକମାନେ ଏକାଠି ହୋଇ ମିଶିଥାନ୍ତି ତାକୁ ଦୋବାଟା କୁହାଯାଏ । ଏହି ସଭାରେ ସ୍ତ୍ରୀଲୋକ ଆସିନଥାନ୍ତି । ମୁଖିଆ, ପାଣିଗ୍ରାହୀ ଗଛ ମୂଳରେ ବସୁଥିବା ବେଳେ ସଦସ୍ୟମାନେ ସେ ଦୁହିଁଙ୍କୁ ସମ୍ମାନ କରି ବିପରୀତ ଦିଗରେ ବସନ୍ତି । ନାୟକଙ୍କୁ ବସିବାର ଆବଶ୍ୟକତା ନଥାଏ । ସେ ବସିବାକୁ ଇଚ୍ଛା କଲେ ଉଭୟଙ୍କ ମଝିରେ କେଉଁଠି ବି ବସିଯାଏ । ତା'ପରେ ମୁଖିଆ ପ୍ରଥମେ ନାୟକକୁ ବୈଠକୀ ଆହ୍ୱାନର ଉଦ୍ଦେଶ୍ୟ ପଚାରନ୍ତି । କେଉଁ ବ୍ୟକ୍ତି କାହିଁକି ଗ୍ରାମସଭା ଆହୁତ କରାଇବାକୁ ଅନୁରୋଧ କରିଛନ୍ତି ସମସ୍ତ ବିବରଣୀ ପ୍ରଦାନ କରନ୍ତି । ତାପରେ ପାରମ୍ପରିକ ପଦ୍ଧତିରେ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୁଏ । ମୁଖିଆ ପ୍ରଥମେ ଅଭିଯୋଗ ଆଣିଥିବା ବ୍ୟକ୍ତିଟିକୁ ଅଭିଯୋଗର କାରଣ ଓ କାରକ ସମ୍ବନ୍ଧରେ ପ୍ରଶ୍ନ କରନ୍ତି । ସମ୍ପୃକ୍ତ ବ୍ୟକ୍ତିଟି ଠିଆ ହୋଇ ମୁଖିଆ, ପାଣିଗ୍ରାହୀ ଓ ସଦସ୍ୟମାନଙ୍କ ଆଡକୁ ସାମ୍ନା କରି ସମସ୍ତ ଘଟଣା ବର୍ଣ୍ଣନା କରିବା ସହିତ ଅଭିଯୁକ୍ତ ବା ସନ୍ଦେହ କରୁଥିବା କାରକଙ୍କ ନାମ ପ୍ରକାଶ କରିଥାଆନ୍ତି । ପୁଣି ମୁଖିଆ ଅଭିଯୁକ୍ତକୁ ନିଜର ନିର୍ଦ୍ଦୋଷତା ପ୍ରମାଣ କରିବା ପାଇଁ ସୁଯୋଗ ଦିଅନ୍ତି । ଆବଶ୍ୟକସ୍ଥଳେ ସାକ୍ଷୀମାନଙ୍କଠାରୁ ଶୁଣାଣୀ କରାଯାଏ । ସାକ୍ଷୀ ଯଦି ସେଠାରେ ଉପସ୍ଥିତ ଥାଆନ୍ତି ତ ଭଲ ନଚେତ୍ ନାୟକ ସେମାନଙ୍କୁ ଡାକି ଆଣିଥାଏ । ସମସ୍ତ ସାକ୍ଷୀ ଗ୍ରହଣ ପରେ ସଦସ୍ୟ ସଦସ୍ୟମାନଙ୍କ ଭିତରେ ଆଲୋଚନା ହୋଇଥାଏ । ସମସ୍ତେ ନିଜସ୍ୱ ମତ ଉପସ୍ଥାପନ କରିପାରନ୍ତି । ସଦସ୍ୟମାନଙ୍କ ମତାମତ ଜାଣିସାରିବା ପରେ ତାଙ୍କ ବିଷୟରେ ଆଲୋଚନା କରିଥାନ୍ତି । ସେ ଦୁହିଁଙ୍କର ଆଲୋଚନା ପାଇ ମୁଖିଆ ସ୍ଥିରଚିତ୍ତ ଓ ନିଜସ୍ୱ ବିଚାର ବୁଦ୍ଧିବଳରେ ଦୋଷାଦୋଷ ନିର୍ଣ୍ଣୟ ପୂର୍ବକ ନ୍ୟାୟ ଘୋଷଣା କରି ଦୋଷୀକୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରନ୍ତି । ମୁଖିଆଙ୍କ ନିଷ୍ପତ୍ତିକୁ କେହି ବିରୋଧ କରନ୍ତି ନାହିଁ । କିନ୍ତୁ ଗର୍ହିତ ଅପରାଧ ପାଇଁ ଯଦି ମୁଖିଆଙ୍କର ଦଣ୍ଡ କୋହଳ ହେଉଥିବାର ସମସ୍ୟମାନଙ୍କ ଦ୍ୱାରା ହୃଦବୋଧ ହୁଏ, ତେବେ ସେମାନେ ସମ୍ମିଳିତ ଭାବେ ଦଣ୍ଡ ବ୍ୟବସ୍ଥା ବା ଦଣ୍ଡର ପରିମାଣକୁ ବୃଦ୍ଧି କରିବା ପାଇଁ ମୁଖିଆଙ୍କୁ ଅନୁରୋଧ କରିଥାଆନ୍ତି । ସେ ଉଚିତ୍ ମନେକଲେ ଦଣ୍ଡ ବ୍ୟବସ୍ଥା ଅଧିକ ହୁଏ । କୌଣସି କ୍ଷେତ୍ରରେ ମଧ୍ୟ ଅପରାଧୀର ଆର୍ଥିକ ଓ ମାନସିକ

ଅବସ୍ଥାକୁ ଲକ୍ଷ୍ୟ କରି ସଦସ୍ୟମାନେ ଦଣ୍ଡ ବ୍ୟବସ୍ଥାର କୋହଳନୀତି ଗ୍ରହଣ କରିବାକୁ ସଭାପତିଙ୍କୁ ଅନୁରୋଧ କରିପାରନ୍ତି । ଅବଶ୍ୟ ଛୋଟମୋଟର ଦୋଷ କ୍ଷେତ୍ରରେ ଏପରି ହୋଇଥାଏ । ସଦସ୍ୟମାନଙ୍କ ଠାରୁ ଯେକୌଣସି ପ୍ରକାର ପ୍ରସ୍ତାବ ଆଗତ ହେଲେ ମଧ୍ୟ ମୁଖିଆ ପାଣିଗ୍ରାହୀଙ୍କ ସହିତ ପରାମର୍ଶ କରନ୍ତି ଏବଂ ତାପରେ ନିଷ୍ପତ୍ତି ଘୋଷଣା କରାଯାଏ । ସଭାପତିଙ୍କର ଦୋଷୀକୁ କ୍ଷମା ଦେବାର ଅଧିକାର ଥାଏ । କୌଣସି ସାଧାରଣ ଅପରାଧ ପାଇଁ ସେ ଦୋଷୀକୁ ନିଜର ବିବେକ, ବୁଦ୍ଧି ପ୍ରୟୋଗ କରି ଦୋଷୀକୁ ଉପଯୁକ୍ତ ଶାସ୍ତି ବିଧାନ କରିଥାଆନ୍ତି । ବିଭିନ୍ନ ପ୍ରଜାତି ଗୋଷ୍ଠୀର ଲୋକେ ଗ୍ରାମସଭାରେ ସଦସ୍ୟତା କରୁଥିବାରୁ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହେବାର ସମ୍ଭାବନା ଥାଏ । ତେଣୁ ସମସ୍ତେ ଏଥିପ୍ରତି ସତର୍କ ଥାଆନ୍ତି । ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ କୌଣସି ଗଣ୍ଡଗୋଳ ପାଇଁ ଗ୍ରାମସଭାରେ ମାମଲା ରୁଜୁ ହୋଇଥିଲେ ଉଭୟ ଗୋଷ୍ଠୀର ସଦସ୍ୟ ମାନଙ୍କ ଉପରେ ସମାନ ଗୁରୁତ୍ୱ ଆରୋପ କରାଯାଏ । କିନ୍ତୁ ଗୋଟିଏ ଗୋଷ୍ଠୀ ମଧ୍ୟରେ କନ୍ୟା ଯଦି ପୁଅଝିଅଙ୍କ ପ୍ରେମ ବ୍ୟାପାର ବା କନ୍ୟା ଅପହରଣ,କନ୍ୟାସୁନା ଫେଂରସ୍ତ ହେଲେ କୌଣସି ପଡୋଶୀ ପ୍ରଜାତି ଗୋଷ୍ଠୀର ପୁଅ କିମ୍ବା ଝିଅ ଯଦି କିସାନ ସମ୍ପ୍ରଦାୟର ଝିଅ କିମ୍ବା ପୁଅ ସହିତ ପ୍ରେମ ବ୍ୟାପାରରେ ସଂଶ୍ଳିଷ୍ଟ ହୋଇ ଲୋକଲୋଚନକୁ ଆସନ୍ତି କିମ୍ବା ଅନ୍ୟ ଗୋଷ୍ଠୀ ପୁଅ କିସାନ୍ ଜାତିର ଝିଅକୁ ଅପହରଣ କରେ କିମ୍ବା କିସାନ ପୁଅଟିଏ ପ୍ରଜାତି ଗୋଷ୍ଠୀର ଝିଅକୁ ନେଇ ପଳାୟନ କରେ, ତେବେ ପରିସ୍ଥିତି ଖୁବ୍ ଜଟିଳ ହୋଇଯାଏ । ଗ୍ରାମସଭାରେ ସେଥିପାଇଁ ଉତ୍ତେଜନା ସୃଷ୍ଟି ହୁଏ ଯେହେତୁ କିସାନ ଗ୍ରାମ, ଗ୍ରାମସଭା,କର୍ମକର୍ତ୍ତା ଓ ଅର୍ଦ୍ଧାଧିକ ବା ମାତ୍ରାଧିକ କିସାନ ଜାତିର ଲୋକ ଗ୍ରାମସଭାରେ ସାଧାରଣ ସଦସ୍ୟ, ସେହି ହେତୁ କିସାନମାନେ ପ୍ରାଧାନ୍ୟ ବିସ୍ତାର କରି ସମ୍ପୃକ୍ତ ଗୋଷ୍ଠୀ ବିରୁଦ୍ଧରେ ବିଷୋଦ୍‌ଗାର କରିଥାଆନ୍ତି । ତତ୍ ସହିତ ଗ୍ରାମସଭାରେ ବିଚାର ଆଲୋଚନା ହୋଇ ସମ୍ପୃକ୍ତ ଗୋଷ୍ଠୀର ପରିବାରକୁ ଗ୍ରାମରୁ ବହିଷ୍କାର କରାଯାଇଥାଏ । ଏଥିରେ କୌଣସି ପ୍ରକାର କୋହଳ ମନୋବୃତ୍ତି ଅନୁସୃତ ହୁଏନାହିଁ । ଯଦି ପୁଅଟିଏ ପ୍ରଜାତି ଗୋଷ୍ଠୀର ଝିଅକୁ ନେଇ ପଳାୟନ କରିବା କ୍ଷେତ୍ରରେ କିନ୍ତୁ ଭୂମିଜ ପରିବାର ବହିଷ୍କୃତ ହୁଏନାହିଁ , ପରନ୍ତୁ ସମ୍ପୃକ୍ତ ପରିବାର ବି ନିଜର ପୁତ୍ରକୁ ତେଜ୍ୟପୁତ୍ର କରିଥାଏ । ସେ ଆଉ ଗ୍ରାମକୁ କିମ୍ବା ଘରକୁ ଆସିପାରେ ନାହିଁ । ପରିବାର ପକ୍ଷରୁ ତା ସହିତ ସମସ୍ତ ସମ୍ପର୍କ ଛିନ୍ନ କରାଯାଇଥାଏ । ଏପରି ନକଲେ ଭୂମିଜ ପରିବାରଟି ପ୍ରତି ମଧ୍ୟ ସାମାଜିକ ବାସନ୍ଦ ବ୍ୟବସ୍ଥା ଲାଗୁ କରାଯାଏ । କିସାନ ଗ୍ରାମସଭାର ଏହିପରି କଠୋର ନୀତି ଯୋଗୁଁ ପ୍ରାୟ

ସମସ୍ତ ଗୋଷ୍ଠୀର ଲୋକେ ପ୍ରେମ ସମ୍ପର୍କିତ ବ୍ୟାପାରରେ ସତର୍କ ରହିଥାଆନ୍ତି । କାରଣ ଏଥିପାଇଁ ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିହତ ହେବା ସଙ୍ଗେ ସଙ୍ଗେ ଗ୍ରାମର ଶାନ୍ତି ବ୍ୟାହତ ହୁଏ ।

ପାରମ୍ପରିକ ଗ୍ରାମସଭାର ବିଚାରରେ ଦଣ୍ଡିତ ବା ଦୋଷୀ ସାବ୍ୟସ୍ତ ବ୍ୟକ୍ତି ବିଶେଷଙ୍କ ପାଇଁ ଆର୍ଥିକ, ଶାରୀରିକ ଓ ସାମାଜିକ ପ୍ରଭୃତି ଦଣ୍ଡ ବିଧାନ କରା ଯାଇଥାଏ । ଦଣ୍ଡର ସମୟସୀମା ପୂରଣ ହେଲେ କିମ୍ବା ଆର୍ଥିକ ଦଣ୍ଡ ରାଶି ପୈଠ ପରେ ଗ୍ରାମସଭାର ସଦସ୍ୟମାନଙ୍କ ଉପସ୍ଥିତିରେ ଦୋଷୀ ବା ଦଣ୍ଡିତ ବ୍ୟକ୍ତି ଅନୁରୂପ ଦୋଷର ପୁନରାବୃତ୍ତି ନକରିବା ପାଇଁ ପ୍ରତିଜ୍ଞାବଦ୍ଧ ହୁଏ । ଅନେକ ସ୍ଥଳରେ ସାମାନ୍ୟ ଦୋଷ ପାଇଁ ପୁଣି ସେପରି ନକରିବାକୁ ତାଗିଦ୍ କରିବାକୁ ଯାଇ ଦୋଷୀକୁ ଗ୍ରାମସଭାରେ ପ୍ରତିଜ୍ଞା କରାଇ ନେଇ ଥାଆନ୍ତି । ସାଧାରଣତଃ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଭାରି ଧର୍ମ ବିଶ୍ୱାସୀ ଓ ଧର୍ମ ଭୀରୁ । ଧର୍ମ ଅସ୍ତ୍ର ପ୍ରୟୋଗ କରି ସେମାନଙ୍କଠାରୁ ସମସ୍ତ ପ୍ରକାର କାର୍ଯ୍ୟ ହାସଲ କରାଯାଇପାରେ । ଧର୍ମର ଦୁହାଇ ଦେଲେ ସେମାନେ ସତ୍ୟ ପ୍ରକାଶ କରନ୍ତି ଏବଂ କୌଣସି ପ୍ରକାର ପାପ ନକରିବାକୁ ପ୍ରତିଜ୍ଞାବଦ୍ଧ ହୋଇଥାଆନ୍ତି । ସେଥିପାଇଁ ପାରମ୍ପରିକ ଗ୍ରାମସଭାର ଅନେକ ସମୟରେ ଅପରାଧୀକୁ ଦେବାଦେବୀଙ୍କ ନାମରେ ପାଣି, ତମ୍ବା ପଇସା ଓ ତୁଳସୀପତ୍ର ଛୁଆଁଇ ଅନୁରୂପ ଦୋଷ ନକରିବା ପାଇଁ ପ୍ରତିଜ୍ଞା କରାଯାଇଥାଏ । ଦେବାଦେବୀଙ୍କ ନାମରେ ପ୍ରତିଜ୍ଞା କରିବା ଦ୍ୱାରା ସେମାନେ ପୁଣି ସେପରି ଭୁଲ କରିବାକୁ ସାହାସ କରନ୍ତି ନାହିଁ । କାରଣ ସେମାନଙ୍କର ଧାରଣା ଯେ ପ୍ରତିଜ୍ଞା ଭଙ୍ଗ କଲେ ଦେବାଦେବୀ ଅସନ୍ତୁଷ୍ଟ ହୋଇ ମଣିଷର ପ୍ରଚଣ୍ଡ କ୍ଷତିସାଧନ କରନ୍ତି । ସେମାନଙ୍କୁ ଶାନ୍ତିରେ ରହିବାକୁ ଦିଅନ୍ତି ନାହିଁ । ବିପତ୍ତି ପରେ ବିପତ୍ତି ମାଡିଆସେ । ରୋଗବ୍ୟାଧିରେ ଛଟପଟ ହେବାକୁ ପଡେ । ଗୃହ ପରିବାର ସବୁ କିଛି ଧ୍ୱଂସ ପାଇଯାଏ । ତେଣୁ କୌଣସି ପ୍ରକାର କଠୋର ପରୀକ୍ଷାର ସମ୍ମୁଖୀନ ହୋଇ ସେମାନେ ପ୍ରତିଜ୍ଞାଭଙ୍ଗ ପୂର୍ବକ ବିପର୍ଯ୍ୟସ୍ତ ହେବାକୁ ଚାହାଁନ୍ତି ନାହିଁ । ଏତଦ୍ ବ୍ୟତୀତ ଠାକୁରାଣୀଙ୍କ ଯାଗା ବା ଧାର୍ମେସଙ୍କ ଆଗରେ ଦୋଷୀକୁ ମଧ୍ୟ ଦେହୁରୀଙ୍କ ଦ୍ୱାରା ଶପଥ ପାଠ କରାଯାଇଥାଏ । ଏଠାରେ ଥରେ ଅପରାଧ ନକରିବା ପାଇଁ ଶପଥ କରିନେଲେ ସମ୍ପୃକ୍ତ ଅପରାଧୀଟି ପୁନର୍ବାର ସେପରି ଦୋଷ ନକରିବାର ଦେଖାଯାଏ ନାହିଁ । ସମଗ୍ର ଆଦିବାସୀ ସଂପ୍ରଦାୟ ପାଇଁ ଏପରି ପ୍ରତିଜ୍ଞା ବା ଶପଥ କଠୋର ପରୀକ୍ଷା ତୁଲ୍ୟ ବବେଚିତ ହୁଏ । ଏଥିରେ ସବୁବେଳେ ସେମାନେ ଉତ୍ତୀର୍ଣ୍ଣ ରହିବାକୁ ଚେଷ୍ଟା କରିଥାଆନ୍ତି । ତେଣୁ ସେମାନଙ୍କର ପାରମ୍ପରିକ

ସଭାଗୃହ ଏପରି ଅମୋଘ କାର୍ଯ୍ୟଧାରା ଅନୁସରଣ କରିଥାଏ । ଏହାବାଦ୍ ଦୋଷୀ ଯଦି ନିଜର ଦୋଷ ସ୍ୱୀକାର କରିବାକୁ କୁଣ୍ଠିତ ହୁଏ କିମ୍ବା ଦୋଷ କରି ମଧ୍ୟ ମନା କରେ ତେବେ ଅନୁରୂପ ପ୍ରତିଜ୍ଞା ବା ଶପଥ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ । ତଦ୍ୱାରା ଅପରାଧୀ ବିନା ଧମକ ଚମକରେ ଦେବାଦେବୀ ବା ଠାକୁର ଠାକୁରାଣୀଙ୍କ ଭୟରେ ନିଜର ଦୋଷ ଅନାୟାସରେ ସ୍ୱୀକାର କରିଥାଏ ।

ଦଣ୍ଡ ବିଧାନ:

**ଶାରୀରିକ:** ଯେଉଁ ଅପରାଧୀ ଅର୍ଥଦଣ୍ଡ ଗ୍ରହଣ କରିବାକୁ ସକ୍ଷମ ହୁଏନାହିଁ ବା ତାହା ଗ୍ରାମସଭା ହୃଦବୋଧ କରେ ତାକୁ ହିଁ ଶାରୀରିକ ଦଣ୍ଡ ଦିଆଯାଇଥାଏ । ପୁନଶ୍ଚ ପ୍ରତିଜ୍ଞାବଦ୍ଧ ହେବାପରେ ଦୋଷୀ ଯଦି ଅନୁରୂପ ଅପରାଧକୁ ଦୋହରାଏ, ତେବେ ତାକୁ ଅର୍ଥଦଣ୍ଡ ସହିତ ଶାରୀରିକ ଦଣ୍ଡ ଦିଆଯାଇ ପାରେ । ଏଥିରେ ସର୍ବସାଧାରଣ କାର୍ଯ୍ୟରେ ଅପରାଧୀ ନିୟୋଜିତ ହୁଏ । କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ଭିତରେ କରିବାକୁ ସେ ବାଧ୍ୟ ହୋଇଥାଏ । ବେଳେବେଳେ ଚୋରୀ ଡକାୟତି ବା କୌଣସି ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିଲେ କିମ୍ବା ଗ୍ରାମସଭାରେ ପାଟିତୁଣ୍ଡ କରି କୌଣସି ପ୍ରକାର ଗଣ୍ଡଗୋଳ ଉପୁଜାଇ ଥିଲେ ଦୋଷୀକୁ ମାଡ ଦିଆଯାଏ ।

**ଆର୍ଥିକ :** ଅପରାଧର କାରଣ, ପରିମାଣ ଏବଂ ଅପରାଧ ଦ୍ୱାରା ଅନ୍ୟର କିପରି ତଥା କେତେ ପରିମାଣର କ୍ଷତି ହୋଇଥାଏ, ପ୍ରତ୍ୟେକ ଦିଗକୁ ତର୍ଜମା କରି ଗ୍ରାମସଭାରେ ଆର୍ଥିକ ଦଣ୍ଡ ବ୍ୟବସ୍ଥା ଗ୍ରହଣ କରାଯାଏ । ସାଧାରଣ ଅପରାଧ ପାଇଁ ସାଧାରଣତଃ ଆର୍ଥିକ ଦଣ୍ଡ ପ୍ରଦତ୍ତ ହୁଏ ଏବଂ ପ୍ରାୟ ଅପରାଧ ଏହି ପର୍ଯ୍ୟାୟଭୁକ୍ତ ହୋଇଥିବା ଦେଖାଯାଏ । ଛୋଟମୋଟର ଚୋରୀ, ମାଡପିଟ, ଗାଳିଗୁଲଜ ପାଇଁ ପ୍ରାୟତଃ ୫୦ଟଙ୍କାରୁ ୧୦୦ ଟଙ୍କା ମଧ୍ୟରେ ଆର୍ଥିକ ଦଣ୍ଡ ହୁଏ । ଏବଂ ତା ସହିତ ଗ୍ରାମ ସଭାର ସଦସ୍ୟମାନଙ୍କୁ ଏକ ଛୋଟ ଧରଣର ଭୋଜି ଦେବାକୁ ପଡେ ।  ଗୋଷ୍ଠୀ ଭିତରେ କୌଣସି ପୁଅ କୌଣସି ଝିଅକୁ ଜବରଦସ୍ତ ବିବାହ କଲେ ପୁଅଘର ପକ୍ଷରୁ ୧୦୦ଟଙ୍କା ଓ ଭୋଜି ଗ୍ରାମସଭାକୁ ଦେବା ପାଇଁ ହୁଏ । ସେଥିସହ କନ୍ୟାଘରର ସମ୍ମାନହାନୀ ହୋଇଥିବା ଯୋଗୁଁ କନ୍ୟାର ପିତାମାତା ଇଚ୍ଛା ଅନୁଯାୟୀ କନ୍ୟାସୁନା ବାବଦରେ ଅର୍ଥ ଓ ଗୋସଂପଦ ଆଦାୟ କରନ୍ତି । ଯଦି କୁଆଁରୀ ଝିଅକୁ ମାଗେନ୍ ପିନ୍ଧେନ୍ କରାଯାଇ ନଥିବ, ସ୍ୱଜାତି ଝିଅ ଯଦି ସ୍ୱଜାତି ପୁଅ ସହିତ ଉଦୁଳିଆ (ଢୁକୁ) ଯାଏ ତେବେ ୧୦୦୦ଟଙ୍କାକୁ ଗୁଡି କମିଟିର ଉପସ୍ଥିତିରେ ଦିଆଯିବ । ଏହି ଟଙ୍କାରୁ ଶତକଡା ୫୦ ଭାଗ ଝିଅର ବାପା ଓ ମାଆଙ୍କୁ

ଦିଆଯିବ । ବାକି ୫୦ ଭାଗରୁ ୨୫ ଭାଗ ଗ୍ରାମସଭା ଓ ଗୁଡି ସଭାକୁ ଦିଆଯିବ ଓ ୨୫ ଭାଗକୁ ଜାତି ସମାଜ ଖର୍ଚ୍ଚ କରିବେ । ଝିଅର ବାପ ଜାତିକୁ ଭୋଜି ଦେବେ । ପ୍ରଚଳିତ ପ୍ରଥାନୁସାରେ ବିବାହ ହେବ ।

ପୁଅଝିଅ (କୁଆଁରୀ ବିଧବା ବା ଛଡରି) ସ୍ୱଜାତି ହୋଇଥିଲେ ଉଭୟ ପକ୍ଷରୁ ୨୫୦ ଟଙ୍କା ଲେଖାଏଁ ୫୦୦ଟଙ୍କା ଗ୍ରାମସଭାକୁ ଫିସ୍ ଦେଇ ସମାଜଭୁକ୍ତ ହେବେ । ଉଭୟ ପକ୍ଷକୁ ସାଧା ଭୋଜି ଦେବେ ।

ବେନିୟମ ଭାବରେ ଯଦି ବିବାହିତ ସ୍ତ୍ରୀ ତାର ସ୍ୱାମୀକୁ ଛାଡପତ୍ର ଦେବାକୁ ଊହେଁ ତେବେ ବିବାହ ସମୟରେ ଦିଆଯାଉଥିବା ଜିନିଷପତ୍ରରୁ ବଂଚିତ ହେବା ୧୦,୦୦୦ଟଙ୍କା ଜୋରିମାନା ଦେଇ ଛାଡପତ୍ର ଦେବେ । ଏହି ଟଙ୍କା ଶତକଡା ୫୦ ଭାଗ ପୁଅକୁ, ଶତକଡା ୨୫ ଭାଗ ଗ୍ରାମସଭା ଓ ଗୁଡିସଭା ପାଣ୍ଠିକୁ ଓ ଶତକଡା ୨ ଭାଗ ଉପସ୍ଥିତ ଜାତି ସମାଜକୁ ଦିଆଯିବ ।

ବେନିୟମ ଭାବରେ ଯଦି ବିବାହିତ ପୁରୁଷ ତା ସ୍ତ୍ରୀକୁ ଛାଡପତ୍ର ଦିଏ, ତେବେ ବିବାହ ସମୟରେ ଦିଆଯାଇଥିବା ଜିନିଷ ସହିତ ଟ୧୦,୦୦୦ଙ୍କା ଜୋରିମାନା ଦେଇ ଛାଡପତ୍ର ଦେବ । ଏହି ଟଙ୍କାରୁ ଶତକଡା ୫୦ ଭାଗ ଝିଅକୁ, ଶତକଡା ୨୫ ଭାଗ ଜାତି ସମାଜ ଓ ଅନ୍ୟ ଶତକଡା ୨୫ ଭାଗ ଗ୍ରାମସଭା ଓ ଗୁଡିସଭା ପାଣ୍ଠିକୁ ଦିଆଯିବ ।

ମାଗେନ୍ ପିନ୍ଧେନ୍ କରିଥିବା ଝିଅକୁ ସ୍ୱଜାତିର ପୁଅ ଯଦି ବରାତ ଯିବା ଦିନ କିମ୍ବା ତା ଆଗରୁ ଉଦ୍‌ଲିଆ ନେଇଯାଏ ତେବେ ଗୁଡି ଓ ଗ୍ରାମସଭାଙ୍କ ଉପସ୍ଥିତିରେ ପୁଅଠାରୁ ଟ୫୫୫୦ଙ୍କା ଓ ଝିଅର ବାପା ମାଆଙ୍କ ଠାରୁ ଟ୩୦୦ଙ୍କା ଏବଂ ଅନ୍ୟାନ୍ୟ କ୍ଷତି ପୂରଣ ନିଆଯିବ । ଏହି ଟଙ୍କାରୁ ଶତକଡା ୫୦ ଭାଗ ବିବାହ କରିବାକୁ ଯାଉଥିବା ପୁଅକୁ, ଶତକଡା ୨୫ ଭାଗ ଗ୍ରାମସଭା ଓ ଗୁଡିସଭାକୁ ଓ ୨୫ ଭାଗକୁ ଜାତି ସମାଜ ଖର୍ଚ୍ଚ କରିବେ ।

ଅନ୍ୟ ପୁଅ ସହିତ ଯଦି ଝିଅ ଉଦ୍‌ଲିଆ ପଳେଇଯାଏ, ତେବେ ଟଙ୍କା ଅଣାଯାଏ ନାହିଁ । ଝିଅର ବାପା ମାଆଙ୍କୁ ସାମାଜିକ ନୀତିନିୟମ ଅନୁସାରେ ସଂସ୍କାର କରି ଗ୍ରାମସଭା କମିଟିକୁ ୧୦୧ଟଙ୍କା ଜୋରିମାନା ଦିଆଯାଏ ଓ ଝିଅ ସମାଜରେ ଚଳିପାରିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଏ ।

ବିବାହିତ ସ୍ତ୍ରୀ ଯଦି ସ୍ୱଜାତିର ପୁଅ ସାଙ୍ଗରେ ଉଦ୍‌ଲିଆ ପଳେଇ ଯାଏ, ତେବେ ଗଙ୍ଗା ଗୁଡି ଓ ଗ୍ରାମସଭା କମିଟିଙ୍କ ଉପସ୍ଥିତିରେ ନେଇ ଯାଇଥିବା ପୁଅଠାରୁ ଟ୧୦,୦୦୦ଙ୍କା ଓ ଝିଅର ବାପାମାଆଙ୍କଠାରୁ ଟ୫,୦୦୦ଙ୍କା କ୍ଷତିପୂରଣ ନିଆଯିବ । ଯଦି ସ୍ତ୍ରୀର ଉଳୁଳିଆ ଯିବାରେ ବାପା ଓ ମାଆଙ୍କର ପ୍ରରୋଚନା ଥାଏ ନଚେତ୍ ସ୍ତ୍ରୀର ମାତା ପିତା କ୍ଷତିପୂରଣ ନେବେ ନାହିଁ । ଉକ୍ତ ଟଙ୍କାରୁ ଶତକଡା ୫୦ ଭାଗ ଟଙ୍କା ବିବାହ୍ କରିଥିବା ପୁଅକୁ ଗ୍ରାମସଭାକୁ ଶତକଡା ୨୦ ଭାଗ ଟଙ୍କା ଗଙ୍ଗା ଗୁଡି ଓ ମହାଗୁଡିକୁ ଶତକଡା ୨୦ ଭାଗ ଟଙ୍କା ଓ ଜାତି ସମାଜକୁ ଶତକଡା ୧୦ ଭାଗ ଟଙ୍କା ବଣ୍ଟନ କରାଯିବ ।

ଏତଦ୍ ଭିନ୍ନ କେତେକ କ୍ଷେତ୍ରରେ ସିଧାସଳଖ ଅର୍ଥଦଣ୍ଡ ପ୍ରଦାନ କରାନଯାଇ ପରୋକ୍ଷରେ କେବଳ ଭୋଜି ଆଦାୟ କରାଯାଏ । ପାରିବାରିକ ଗଣ୍ଡଗୋଳ, ଭାଇ-ଭାଇ ମଧ୍ୟରେ ସମ୍ପତ୍ତି ଭାଗବଣ୍ଟା, ପଡୋଶୀମାନଙ୍କ ମଧ୍ୟରେ ବାଡ ବା ସୀମା ବିବାଦ ପ୍ରଭୃତି ମାମଲା ଗୁଡିକରେ ସମସ୍ୟାର ସମାଧାନ କରାଯାଇ ଉଭୟଙ୍କ ପକ୍ଷରୁ ବା ପରିବାରରୁ କେବଳ ମାଂସ ଭାତ ପାନୀୟ ଭୋଜି ଆଦାୟ ହୁଏ । ଅବଶ୍ୟ ଗ୍ରାମସଭା ଦ୍ୱାରା ଦିଆଯାଉଥିବା ଭୋଜି ଦଣ୍ଡ ବା ପରୋକ୍ଷ ଅର୍ଥ ଦଣ୍ଡ ସହିତ ହାଣ୍ଡିଆ ସବୁବେଳେ ଜଡିତ ହୋଇଥାଏ । ଭୋଜିର ଅର୍ଥ ମାଂସ ଭାତ ଓ ହାଣ୍ଡିଆ ।

**ନୈତିକ / ସାମାଜିକ ଦଣ୍ଡ:** କିସାନ ସମାଜରେ ସେପରି ସିଧାସଳଖ କୌଣସି ନୈତିକ ଦଣ୍ଡ ନଥିଲେ ହେଁ ଦଣ୍ଡ ବିଧାନ ହୋଇଥିବା ଅର୍ଥ ଯଦି ଅପରାଧୀ ଦେଇ ନପାରେ ବା ଦେବାକୁ ଅନିଚ୍ଛା ପ୍ରକାଶ କରେ ଗ୍ରାମସଭାର ନିଷ୍ପତ୍ତି ଅବଜ୍ଞା କରେ, ତେବେ ତାକୁ ସାମାଜିକ ବାସନ୍ଦ କରାଯାଇଥାଏ । ଏତଦ୍ ଭିନ୍ନ ଆବଶ୍ୟକସ୍ଥଳେ କନ୍ୟାସୁନା ପେଂରସ୍ତ ଦେବାକୁ ଯଦି କନ୍ୟାପିତା ଅମଙ୍ଗ ହୁଏ ବା ପେଂରସ୍ତ ଦିଏନାହିଁ ତେବେ ସମ୍ପୃକ୍ତ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥାଏ । ଏତଦ୍ ଦ୍ୱାରା ସଂପୃକ୍ତ ଅପରାଧୀ ବା ସଂପୃକ୍ତ କନ୍ୟାପିତା ପରୋକ୍ଷ ଭାବରେ ନୈତିକ ଦଣ୍ଡର ଶୀକାର ହୁଅନ୍ତି । ଗ୍ରାମରେ ତାଙ୍କ ପାଇଁ ନିଆଁପାଣି ବନ୍ଦ ହୁଏ । ଗ୍ରାମବାସୀଙ୍କ ସହିତ ସେମାନେ ମିଳାମିଶା କରିପାରନ୍ତି ନାହିଁ । ନାନାବିଧ ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଚାପର ବଶବର୍ତ୍ତୀ ହେବାକୁ ପଡେ । ସେମାନଙ୍କର ନୈତିକ ବଳ ଭାଙ୍ଗି ଯାଇଥାଏ । ସମାଜ ଦୃଷ୍ଟିରେ ସେ ଅଭ୍ୟାଗତ ଅପରାଧୀ ବା ଅସାମାଜିକ ଭାବରେ ବିବେଚିତ ହୁଏ । ସାଧାରଣତଃ ଗ୍ରାମସଭାର ନିଷ୍ପତ୍ତିକୁ ସମସ୍ତେ ଗ୍ରହଣ କରିବା ପାଇଁ ବାଧ୍ୟ ହୋଇଥାଆନ୍ତି । ଏଥିରେ କେହି ଖିଲାପ କଲେ ପ୍ରଥମେ

୫୦୦ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ଦିଆଯାଏ । କିନ୍ତୁ ତାହା ମଧ୍ୟ ଗ୍ରହଣ ନକଲେ ସଂପୃକ୍ତ ବ୍ୟକ୍ତିଟିକୁ ସାମୟିକ କାଳ ପାଇଁ ବାସନ୍ଦ କରାଯାଏ ଏବଂ ଏହି ସମୟ ମଧ୍ୟରେ ସେ ଯଦି ନୈତିକ ବଳଶୂନ୍ୟ ହୋଇ ହାଣ୍ଡିଆ ଓ କୁକୁଡା ଗ୍ରାମସଭାକୁ ପ୍ରଦାନ କରେ, ତେବେ ତା ଉପରୁ ବାସନ୍ଦ ବ୍ୟବସ୍ଥା ପ୍ରତ୍ୟାହାର କରି ନିଆଯାଏ । ହେଲେ ସେ ଯଦି ତାହା ମଧ୍ୟ ନଦିଏ, ତେବେ ବାସନ୍ଦ ଦଣ୍ଡର ସମୟ ସୀମା ବଢି ଚାଲିଥାଏ । ଏତଦ୍ ଭିନ୍ନ କେତେକ କ୍ଷେତ୍ରରେ ଗ୍ରାମସଭା କଠୋର ସାମାଜିକ ବାସନ୍ଦ ଦଣ୍ଡରେ ଅପରାଧୀକୁ ଦଣ୍ଡିତ କରୁଥିବାର ଦେଖାଯାଏ । ନିଜର ବଂଶ ମଧ୍ୟରେ କୌଣସି ପୁଅ ଝିଅ ପ୍ରେମ ବିବାହ କଲେ କିମ୍ବା ଗାଁ ସାହି ପଡିଶାରେ ନିକଟ ସଂପର୍କୀୟ ଝିଅ / ସ୍ତ୍ରୀଙ୍କ (ମାଉସୀ, ପିଉସୀ, ମାଇଁ, ଭଉଣୀ, ଭାଣିଜୀ ଇତ୍ୟାଦି) ସହିତ ଅବୈଧ ପ୍ରେମ ସଂପର୍କ ରଖିଲେ ସେ ସବୁ ଘଟଣା ଗ୍ରାମସଭାରେ ବିଚାର କରାଯାଇ ଦୋଷୀକୁ କଠୋରତାର ସହ ସାମାଜିକ ବାସନ୍ଦ କରାଯାଏ । କାରଣ ଏ ପ୍ରକାର ସଂପର୍କ କିସାନ ସଂପ୍ରଦାୟର ପରମ୍ପରା ବିରୋଧୀ । ଏହି ସମାଜ ଏପରି ଅବୈଧ ସମ୍ବନ୍ଧକୁ ଘୃଣା ଚକ୍ଷୁରେ ଦେଖେ । କୌଣସି ପରିସ୍ଥିତିରେ ମଧ୍ୟ ଏହା ସାମାଜିକ ସ୍ୱୀକୃତି ଲାଭ କରିପାରେ ନାହିଁ । ଏହି ପରିବାର ଗୁଡିକ ସବୁଦିନ ପାଇଁ ସମାଜରୁ ବାସନ୍ଦ ହୋଇଯାଆନ୍ତି । ପୁନଶ୍ଚ ଗୁରୁତର ଅପରାଧ ପାଇଁ ଗ୍ରାମସଭା ନେଇଥିବା ନିଷ୍ପତ୍ତିକୁ ଯଦି କେହି ଅବମାନନା କରେ, ସେ କ୍ଷେତ୍ରରେ ମଧ୍ୟ ସାମାଜିକ ବାସନ୍ଦ ଦଣ୍ଡ ପ୍ରଦାନ କରାଯାଇଥାଏ । ସେ ପ୍ରଥା ପରମ୍ପରା ସମାଜ ବିରୋଧୀ ରୂପେ ପରିଗଣିତ ହୋଇଥାଏ । ସେହିପରି ଡମ, ପାଣ ଗୋଷ୍ଠୀର କୌଣସି ବ୍ୟକ୍ତିଙ୍କ ଘରେ ଯଦି କେହି କିସାନ ଲୋକ ଖାଦ୍ୟ ପାନୀୟ ଗ୍ରହଣ କରିଥିବାର ଜଣାପଡେ, ତେବେ ସଂପୃକ୍ତ ବ୍ୟକ୍ତିଟିକୁ ସମାଜରୁ ବହିଷ୍କାର କରାଯାଏ । ଅର୍ଥାତ୍ ତାପାଇଁ ମଧ୍ୟ ସାମାଜିକ ବାସନ୍ଦ ବ୍ୟବସ୍ଥା ଅନୁସୃତ ହୁଏ । କାରଣ ସେମାନେ ଏହି ଘରେ ଖାଇବା ପରମ୍ପରା ବିରୋଧୀ କାର୍ଯ୍ୟ । ଘୁଷୁରୀ ମାଂସ ଖାଇବା ମଧ୍ୟ ପ୍ରଥା ବିରୋଧୀ ହୋଇଥିବାରୁ ସାମାଜିକ ବାସନ୍ଦ ଦଣ୍ଡ ପ୍ରଦାନ କରାଯାଇଥାଏ ।

ରାଣ୍ଡି, ଛାଡରି, ପାପ ଗର୍ଭ ହୋଇଥିଲେ, ଦୋଷୀ ସ୍ୱଜାତିର ହୋଇଥିଲେ ସମାଜକୁ ଭୋଜି ଦେଇ ରଖିବାକୁ ବାଧ୍ୟ । କୁଆଁରୀ ଝିଅ, ରାଣ୍ଡି ଛାଡରି ହୋଇଥିଲେ, ଯେ ଦୋଷ କରିଥିବ (ସ୍ୱଜାତି) ହୋଇ ଉପଯୁକ୍ତ ପ୍ରମାଣ ନେଇ ମଧ୍ୟ ପୁଅ ରଖିବାକୁ ରାଜି ନହେଲେ ଗ୍ରାମ ସଭାରୁ ଆରମ୍ଭ କରି, ଗୁଡି ଓ ମହାଗୁଡି ସଭା ପର୍ଯ୍ୟନ୍ତ ବିଚାର କରାଯିବ । ବିଚାର ନହେବାଯାଏ ପୁଅ ସହିତ ତାଙ୍କ ପରିବାରଙ୍କୁ ସମାଜରୁ ବାସନ୍ଦ

କରାଯିବ । ମାତୃତୁଲ୍ୟ ସ୍ତ୍ରୀ ହୋଇଥିଲେ (ସ୍ୱଜାତି କିମ୍ବା ପରଜାତି) ସମାଜରୁ ବାସନ୍ଦ କରାଯିବ । ସନ୍ତାନ ସନ୍ତତିମାନଙ୍କୁ ମଧ୍ୟ ସମାଜରୁ ବାସନ୍ଦ କରାଯିବ । ଯଦି କେହି ସମଗୋତ୍ରୀୟ ଭାଇ ବୋହୂ କିମ୍ବା ଦେଢଶାଶୁ ପତ୍ନୀରୂପେ ଗ୍ରହଣ କରିବାର ଜଣାଯାଏ ତାହା ହେଲେ ପତି ପତ୍ନୀ ଉଭୟେ ସାମାଜିକ କାର୍ଯ୍ୟରେ ଅନ୍ତର ରହିବେ । ଏତଦ୍ ବ୍ୟତୀତ ଜାତି ହେଲେ ବନ୍ଧୁମାନଙ୍କ ଗୋଡ ଧୋଇ ଗ୍ରାମରେ ଜାତିବନ୍ଧୁମାନଙ୍କୁ ଭୋଜି ଦେବେ । ଗାଁ ସଭାକୁ ୨୧ଟଙ୍କା ଦେବେ । ଏହା ଅମାନ୍ୟ କଲେ ସମାଜରୁ ବାସନ୍ଦ କରାଯିବ ବୋଲି ଗ୍ରାମସଭାରେ ନିଷ୍ପତ୍ତି ନିଆଯାଇଥାଏ । କୌଣସି ବ୍ୟକ୍ତି ସାମାଜିକ ସଭାସ୍ଥଳକୁ ନିଶା ପାନ କରି ଯିବାପାଇଁ ନିଷେଧ କରାଯାଇଥାଏ । ଏହି କାର୍ଯ୍ୟରେ ଯେ ଖିଲାପ କରେ ସେ ଯେଉଁ ସଭାସ୍ଥଳକୁ ନିଶାପାନ କରି ଯାଇଥିବ ସେ ସଭାକୁ ୧୦୧ ଟଙ୍କା ଜୋରିମାନା ଦେଇଥାଏ ।

ଛାଡପତ୍ର (ଛାଡରି) ନିୟମାନୁଯାୟୀ ହୋଇଥିଲେ ସେ ସମାଜରେ ଚଳିପାରିବ ନଚେତ୍ ସମାଜରେ ଚଳିପାରିବ ନାହିଁ । ଯେଉଁ ସ୍ତ୍ରୀ ସ୍ୱାମୀ, ପୁଅ, ଝିଅ ପରିତ୍ୟାଗ କରି ଚାଲିଯିବ, ସେ ସମାଜରେ ଚଳିପାରିବ ନାହିଁ । ତାକୁ ସ୍ୱଜାତିର ଯେ ଗ୍ରହଣ କରିବେ ପୂର୍ବ ସ୍ୱାମୀକୁ ଦଶ ହଜାର ଟଙ୍କା କ୍ଷତିପୂରଣ ଦେବେ ଓ ଜାତି ହେବେ । ଏସବୁ କାରଣରୁ ସାମାଜିକ ବାସନ୍ଦ ଦଣ୍ଡ ପ୍ରଦତ୍ତ ହେବା ଯୋଗୁଁ ବ୍ୟକ୍ତି ବା ପରିବାର ନୈତିକ ଦୃଷ୍ଟିରୁ ଦୁର୍ବଳ ହୋଇପଡେ ଯାହାକୁ ଅନ୍ୟ ଅର୍ଥରେ ନୈତିକ ଦଣ୍ଡ ମଧ୍ୟ କୁହାଯାଇପାରେ । ଏହି ସମାଜରେ ନୈତିକ ବା ସାମାଜିକ ବାସନ୍ଦ ଦଣ୍ଡ ଅପେକ୍ଷାକୃତ ଅଧିକ ଯନ୍ତ୍ରଣାଦାୟକ ଓ କଷ୍ଟସାଧ୍ୟ ମଧ୍ୟ ।

**ଗ୍ରାମସଭାର ଅତୀତ ଓ ବର୍ତ୍ତମାନ:** କିସାନ(କୁଣ୍ହାଁ) ବସତିରେ ପାରମ୍ପରିକ ଗ୍ରାମସଭାର ଗଠନ ଶୈଳୀ ପୂର୍ବବତ୍ ରହିଥିବା ଜଣାଯାଏ । ଅତୀତରେ ଯେଉଁପରି ଗ୍ରାମସଭା ଗଠିତ ହେଉଥିଲା ଜଣେ ମୁଖିଆ, (ପବୁଆଲ) ଜଣେ ପାଣିଗ୍ରାହୀ, ଜଣେ ନାୟକ, ଜଣେ କାଲୋ (ପୂଜାରୀ) ଏବଂ ଗ୍ରାମର ପ୍ରତ୍ୟେକ ପରିବାରର ମୁଖ୍ୟଙ୍କୁ ସାଧାରଣ ସଦସ୍ୟ ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ । ତତ୍ ସହିତ ନିର୍ବାଚିତ ପ୍ରତିନିଧିମାନଙ୍କର ନିର୍ବାଚନ ପ୍ରଣାଳୀ ମଧ୍ୟ ଅନୁରୂପ ରହିଛି । ଅତୀତ ପରି ଏହିମାନେ ଗ୍ରାମବାସୀଙ୍କ ଦ୍ୱାରା ନିର୍ବାଚିତ ହେଉଛନ୍ତି ଏବଂ ପରିବାରର ମୁଖ୍ୟମାନେ ସ୍ୱତଃ ଗ୍ରାମସଭାରେ ସାଧାରଣ ସଦସ୍ୟଭୁକ୍ତ ହେବାର ଯୋଗ୍ୟତା ଆପଣା ଛାଏଁ ପ୍ରାପ୍ତ ହୋଇ ପାରୁଛନ୍ତି ।

ଏଥିରେ ମଧ୍ୟ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରାଯାଇ ନାହିଁ । ଗ୍ରାମସଭାର ବୈଠକ ସେହିପରି କୌଣସି ବିଶାଳକାୟ ଦ୍ରୁମ ତଳେ ହିଁ ଅନୁଷ୍ଠିତ ହେଉଛି । ଏଥିପାଇଁ ଏବେ ସୁଦ୍ଧା କୌଣସି ସଭାଗୃହର ବ୍ୟବସ୍ଥା କରାଯାଇନାହିଁ । ସମସ୍ତେ ଭୂମି ଉପରେ ତଳେ ବସୁଛନ୍ତି କିମ୍ବା ନିଜ ନିଜର ଗାମୁଛା ପକାଇ ବସୁଥିବାର ଦେଖାଯାଉଛି । ମୁଖିଆଙ୍କ ପାଇଁ ମଧ୍ୟ କୌଣସି ପ୍ରକାର ଆସନ ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ । ବସିବାର ଶୈଳୀ ମଧ୍ୟ ସେହିପରି । ମୁଖିଆମାନେ ବିପରୀତ ଦିଗରେ ବସି ସଭାକାର୍ଯ୍ୟରେ ଅଂଶ ଗ୍ରହଣ କରୁଛନ୍ତି । ଗ୍ରାମ ସଭାର ପରିଚାଳନା ପଦ୍ଧତି ମଧ୍ୟ ଅତୀତର ଅନୁରୂପ । ନାୟକଙ୍କ ଦ୍ୱାରା ଗ୍ରାମସଭାର ବୈଠକ ଆହୂତ ହେଉଛି ।

ନାୟକ ସମସ୍ତଙ୍କୁ ଗ୍ରାମସଭାର ଦିବସ ଓ ସମୟ ବିଷୟରେ ଅବଗତ କରାଉଛି । ମୁଖିଆଙ୍କ ପ୍ରଶ୍ନରେ ସେ ପ୍ରଥମେ ବୈଠକାର ଆଭିମୁଖ୍ୟ ସମ୍ବନ୍ଧରେ ଗୃହକୁ ଜଣାଉଛି । ତାପରେ ମାମଲାର ପକ୍ଷ-ପ୍ରତିପକ୍ଷଙ୍କ ଠାରୁ ସମସ୍ତ ବିବରଣୀ ଶୁଣି ସାରିବା ପରେ ସାକ୍ଷୀଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରାଯାଉଛି । ଆଲୋଚନା ବିଚାର ବିମର୍ଷ କରି ସମସ୍ତ ସଦସ୍ୟ ମୁଖିଆଙ୍କୁ ନିଜସ୍ୱ ମତାମତ ଜଣାଇବା ସହିତ ବିଚାର ଧାରାକୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରୁଛନ୍ତି । ଅପରାଧୀର ଅପରାଧ ଅନୁସାରେ ମୁଖିଆ ଦଣ୍ଡ କିମ୍ବା କ୍ଷମା ପ୍ରଦାନ କରି ପାରୁଛନ୍ତି । ଗ୍ରାମସଭା ବାହାରେ ମଧ୍ୟ ସେହିପରି ସେମାନେ ଓ ସାଧାରଣ ସଦସ୍ୟମାନେ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ସାମୁହିକ କାର୍ଯ୍ୟମାନ ସହଯୋଗ ଭିତ୍ତିରେ କରାଉଥିବା ବେଳେ ବ୍ୟକ୍ତିଗତ ସ୍ତରରେ ଗ୍ରାମସଭାର କର୍ମକର୍ତ୍ତା ଭାବରେ ସମସ୍ତଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ସହାୟତା ପ୍ରଦାନ କରୁଛନ୍ତି । ପାରମ୍ପରିକ ଗ୍ରାମସଭାର ଅତୀତ ଓ ବର୍ତ୍ତମାନ ମଧ୍ୟରେ କୌଣସି କ୍ଷେତ୍ରରେ କିଛି ହେଲେ ପରିବର୍ତ୍ତନ ଘଟିନାହିଁ । ଗଠନ ଓ କାର୍ଯ୍ୟକଳାପ ସବୁ ସମାନ ରହିଛି ।

କିନ୍ତୁ ସମୟ ଓ ସଭ୍ୟତାର ବହୁଳ ପରିବର୍ତ୍ତନ ହୋଇଥିବା ଯୋଗୁଁ କିସାନ ତଥା ତାଙ୍କର ପଡୋଶୀ ପ୍ରଜାତିକ ଗୋଷ୍ଠୀ ପାରମ୍ପରିକ, ସାମାଜିକ, ଆର୍ଥିକ, ଧାର୍ମିକ ଓ ମାନସିକ ସ୍ତରରେ ଖୁବ୍ ବେଶୀ ପରିବର୍ତ୍ତିତ ହୋଇଥିବା ଜଣାଯାଏ । ସେମାନେ ଆଉ ଅତୀତକୁ ଯଥେଷ୍ଟ ଜାବୋଡି ଧରି ରହିବାକୁ ଆଗ୍ରହୀ ନୁହଁନ୍ତି । କ୍ରମଶଃ ପାରମ୍ପରିକ ପ୍ରଥା ସବୁ କୋହଳ ହେବାରେ ଲାଗିଛି । ଶିକ୍ଷା ଓ ଆଧୁନିକ ସଭ୍ୟତା ସେମାନଙ୍କର ଦୃଷ୍ଟିକୋଣକୁ ବଦଳାଇ ଦେଇଛି । ଅତୀତର ପରମ୍ପରା ଭିତରେ ସେମାନେ ଆଉ ଆବଦ୍ଧ ରହିବାକୁ ଚାହୁଁନାହାନ୍ତି । ବର୍ତ୍ତମାନର ସମସ୍ତ ପ୍ରକାର ସୁବିଧା ସୁଯୋଗ ହାସଲ କରିବା ପାଇଁ

ସେମାନେ ଖୁବ୍ ବ୍ୟସ୍ତ । ପାରମ୍ପରିକ ବାସଗୃହ ବର୍ତ୍ତମାନ ପରିପ୍ରେକ୍ଷୀରେ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାତ ହେବା ଏକ ଜ୍ୱଳନ୍ତ ଉଦାହରଣ । ତେଣୁ ଏପରି ଉନ୍ନତମୁଖୀ କିସାନ ସମାଜଠାରୁ ପୂର୍ଣ୍ଣତଃ ଅତୀତ ଆଶା କରିବା ନିରର୍ଥକ । ସେଥିପାଇଁ ବର୍ତ୍ତମାନ ପାରମ୍ପରିକ ଗ୍ରାମସଭା ଅଛି । ତାର ଗଠନ ଓ କାର୍ଯ୍ୟକଳାପ ମଧ୍ୟ ଅନୁରୂପ ରହିଛି । ହେଲେ ପୂର୍ବର ଗୁରୁତ୍ୱ ମହତ୍ତ୍ୱ ଆଉ ଉପଲବ୍ଧ ହେଉନାହିଁ । ଗ୍ରାମସଭା ପ୍ରତି ସେମାନଙ୍କର ସମ୍ମାନବୋଧ ନାହିଁ । ଗ୍ରାମସଭାର ମୁଖିଆଙ୍କ ପ୍ରତି ଆନୁଗତ୍ୟ, ଆଦର, ସମ୍ମାନ ମଧ୍ୟ ହ୍ରାସ ପାଉଛି । ତେଣୁ ଏହି ଦୃଷ୍ଟିକୋଣରୁ ଦେଖିଲେ କିସାନ ସଂପ୍ରଦାୟର ବର୍ତ୍ତମାନର ପାରମ୍ପରିକ ଗ୍ରାମସଭାର ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି । ସମୟାନୁକ୍ରମେ ଏହା ପରିବର୍ତ୍ତନର ଏକ ଅବସ୍ଥା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତବର୍ଷର ସାମ୍ବିଧାନିକ ବ୍ୟବସ୍ଥାର ପ୍ରଚଳନ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ଓ ପଞ୍ଚାୟତରାଜ ଧାରାକୁ ଆଦିବାସୀମାନଙ୍କ ଉପରେ ଲଦି ଦିଆଯିବା ଫଳରେ କିସାନ ମାନଙ୍କର ପାରମ୍ପରିକ ଗ୍ରାମସଭାର କାର୍ଯ୍ୟଧାରା ପ୍ରଭାବିତ ହୋଇଥାଏ । ସୁନିଶ୍ଚିତ ଫଳସ୍ୱରୂପ କୌଣସି ମାମଲାର ବିଚାର ନିମନ୍ତେ ଗ୍ରାମବାସୀମାନେ ନିଜସ୍ୱ ମୁଖିଆ ବା ଗ୍ରାମସଭାର ଦୃଷ୍ଟି ଆକର୍ଷନ ନକରି ଏବଂ ସର୍ବୋପରି ଥାନ, କୋର୍ଟ ଇତ୍ୟାଦିର ଆଶ୍ରୟ ଲୋଡୁଥିବା ଦେଖାଯାଏ । ଏହା ଦ୍ୱାରା ଏହି ସଂପ୍ରଦାୟ ପରମ୍ପରାକୁ ବିଚ୍ୟୁତ ହେବା ସଂଗେ ସଂଗେ ଅଯଥା କୋର୍ଟ କଚେରୀରେ ହନ୍ତସନ୍ତ ହୋଇ ଆର୍ଥିକ ପୀଡା ଭୋଗ କରିଥାନ୍ତି । ନ୍ୟାୟ ବିଚାର ପାଇବାକୁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡେ । ଫଳତଃ ମାନସିକ ଯନ୍ତଣାର ଶୀକାର ହୁଅନ୍ତି । ଏଥିପାଇଁ ପରମ୍ପରା ସଚେତନତା ଏକାନ୍ତ ଅପରିହାର୍ଯ୍ୟ ।

# ବସତି

ଓଡିଶାରେ ବାସ କରୁଥିବା ୬୨ ପ୍ରକାର ଆଦିବାସୀମାନଙ୍କ ମଧ୍ୟରୁ କିସାନ୍ ଏକ ପ୍ରକାର ଆଦିବାସୀ ଗୋଷ୍ଠୀ । ଏମାନେ ବିଭିନ୍ନ ଅଞ୍ଚଳରୁ ଆସି ଓଡିଶାର ସୁନ୍ଦରଗଡ ଜିଲ୍ଲାର କେତେକ ସ୍ଥାନରେ ବାସ କରନ୍ତି । ଇତିହାସରେ ବର୍ଣ୍ଣିତ ପ୍ରସ୍ତର ଯୁଗର ପରବର୍ତ୍ତୀ କାଳରେ ଭାରତଭୂମିରେ ମେଲାନିଡ (କଳା ଭାରତୀୟ) ନାମକ ଏକ ଗୋଷ୍ଠୀର ଜାତି ବାସ କରୁଥିଲେ । ବିହାରସ୍ଥିତ ଛୋଟନାଗପୁରର କୁଣ୍ଡମ ଜାତି ସେହି ଗୋଷ୍ଠୀର ଅନ୍ୟତମ ଜାତି । ସେହି କୁଣ୍ ଜାତି ଦ୍ରାବିଡ ଜାତିର ଏକ ଶାଖା । ଆଧୁନିକବାଦୀମାନେ ମତ ଦିଅନ୍ତି ଯେ ଦ୍ରାବିଡମାନେ ଆର୍ଯ୍ୟ ଧର୍ମାବଲମ୍ବୀ । ଦ୍ରାବିଡ ଜାତି ଏବଂ ଆର୍ଯ୍ୟ ଜାତି ମଧ୍ୟରେ କନ୍ୟା ଆଦାନ ପ୍ରଦାନର ପ୍ରମାଣ ରହିଛି । କିମ୍ବଦନ୍ତୀ କହେ ଯେ ଅତୀତର କୌଣସି ଏକ ପୌଷ ପୂର୍ଣ୍ଣମୀଦିନ ଉକ୍ତ କୁଣ୍ ଜାତି ଦୁଇ ଭାଗରେ ବିଭକ୍ତ ହେଲେ । ବର୍ତ୍ତମାନ ଯେଉଁମାନେ କିସାନ ଜାତି ହିସାବରେ ଗଣ୍ୟ ସେମାନେ "ବାଡ୍‌କା କୁଣ୍ହାର" ବୋଲି ପରିଚିତ ହେଲେ । ବର୍ତ୍ତମାନ ଯେଉଁମାନେ ଓରାମ୍ ଜାତି ନାମରେ ପରିଚିତ ସେମାନେ ନିଜକୁ "ଛୋଟେ କୁଣ୍ହାର" ବୋଲି ପରିଚୟ ଦିଅନ୍ତି । କିସାନ ଜାତିର ଅନ୍ୟାନ୍ୟ ଶାଖା ଏବଂ ପ୍ରଶାଖା ସ୍ଥାନ ଓ କାଳ ଭେଦରେ କୋଡା, ମିର୍ଦ୍ଧା ଓ ମାଟିଆ ରୂପେ ପରିଚିତ ।

କୁରୁଖ୍ ଦେଶ ଓ କିକଟ୍ ଦେଶ ଏହି ଜାତିର ପ୍ରଥମ ବାସଭୂମି ବୋଲି ଜଣାଯାଉଛି । ବିହାରସ୍ଥିତ ସୋନ ଏବଂ କରମନସା ନଦୀ ଦ୍ୱୟର ମଧ୍ୟବର୍ତ୍ତୀ ଅଂଚଳ କୁରୁଖ୍ ଦେଶ ବା କୁରୁଷ୍ ଦେଶ ରୂପେ ନାମିତ । କିକଟ୍ ରାଜ୍ୟ ମଗଧ ସାମ୍ରାଜ୍ୟର ଅନ୍ତର୍ଗତ । କୁରୁଖ୍ ଦେଶ ଓ କିକଟ୍ ଦେଶରୁ କ୍ରମେ ଏହି ଜାତି କୋଲ ଉପତ୍ୟକା, ନାଗପୁର, ଧାନପୁର, ନର୍ମଦା ନଦୀକୂଳ, ଜଲେଶ୍ୱରଗଡ, ପିପଲୀଗଡ ଓ ହଳଦୀ ନଗର ଆଦି ସ୍ଥାନରେ ବସତି ସ୍ଥାପନ କଲେ । ବର୍ତ୍ତମାନ ଓଡିଶାର ସୁନ୍ଦରଗଡ, ସମ୍ବଲପୁର, ଢେଙ୍କାନାଳ, ବଲାଙ୍ଗୀର, କେନ୍ଦୁଝର ଓ ଫୁଲବାଣୀ ଆଦି ଜିଲ୍ଲାମାନଙ୍କରେ ଏ ଜାତିର ଲୋକମାନେ ଅଛନ୍ତି ।

କୁରୁଷ୍ କୁରୁଖ୍, କୁଲଣାର କୁଣ୍ଖାର ଏବଂ କିସାନ(କୁଣ୍ହାଁ) ଏହି ଶବ୍ଦଗୁଡିକ ସମ୍ମାନାର୍ଥ ବୋଧକ  ସଂସ୍କୃତଭାଷାର କୃଷ୍ ଶବ୍ଦର ଅର୍ଥ ହେଲା ଋଷ କରିବା । ହିନ୍ଦୀ ଭାଷାରେ "କିସାନ(କୁଣ୍ହାଁ)" ଶବ୍ଦର ଅର୍ଥ କୃଷକ । ଏଯୁଗରେ ମଧ୍ୟ କଥା ପ୍ରସଙ୍ଗରେ କିସାନମାନଙ୍କୁ "କଳାପିଠିଆ ପ୍ରଜା" ବୋଲି କହାଯାଏ । ଏଥିରୁ ସ୍ପଷ୍ଟ ଜଣାଯାଏ

ଯେ ଏହି କିସାନ(କୁଣ୍ହାଁ) ଜାତି ମୂଳତଃ କୃଷିଜୀବି । କୁରୁଖ୍ ଦେଶରେ ଏହି ଜାତି ଥିଲାବେଳେ ରୋହିଦାଶଘଡ ନାମରେ ଏକ ଅଭେଦ୍ୟ ଦୁର୍ଗ ଥିଲା । ଚେର ନାମକ ଏକ ଦୁର୍ଦ୍ଧର୍ଷ ଜାତି ଏହି ଦୁର୍ଗ ଜୟ କଲେ । ଫଳରେ କୁଣ୍ହା ଜାତି ଛିନ୍ନଭିନ୍ନ ହୋଇ ଛୋଟନାଗପୁରକୁ ଚାଲି ଆସିଲେ । ଛୋଟନାଗପୁରରେ ସେତେବେଳେ ମୁଣ୍ଡା ଜାତିର ଲୋକ ବାସ କରୁଥିଲେ । ମୁଣ୍ଡା ଜାତିର ସଂସ୍ପର୍ଶରେ ଆସି କୁହ୍ଣ ଜାତିର ଲୋକେ ଭୂତ ପ୍ରେତାଦିରେ ବିଶ୍ୱାସ କଲେ । ରୋହିତାଶଗଡ ଛାଡିବା ପରେ ପରେ ଏହି କୁହ୍ଣ ଜାତିର ଚାଲିଚଳଣରେ ଅନେକ ପରିବର୍ତ୍ତନ ଆସିଲା । ଛୋଟନାଗପୁର ଅଂଚଳରୁ ସୁନ୍ଦରଗଡ ଜିଲ୍ଲାକୁ ଏହି କିସାନ(କୁଣ୍ହାଁ) ଜାତି ରାଞ୍ଚି ଦେଇ କରିଆସିଲେ । ଏବଂ ସୁନ୍ଦରଗଡ ଜିଲ୍ଲାସ୍ଥିତ ରାଉରକେଲା ନିକଟବର୍ତ୍ତୀ ଗିନା ଓ ଯମସରା (କୋଇଲି ନଦୀର ଅବବାହିକା) ଦେଇ ଆସି ଉମିରପୁର ନାମକ ସ୍ଥାନରେ ବାସ କରିଥିଲେ । ବ୍ରାହ୍ମଣୀ, ଶଙ୍ଖ ନଦୀ ଏବଂ କୋଇଲି ନଦୀ ବେଦବ୍ୟାସଠାରେ ମିଳିତ ହୋଇ ବ୍ରାହ୍ମଣୀ ନାମ ଧାରଣ କରିଛନ୍ତି । ବ୍ରାହ୍ମଣୀ ନଦୀର ଉତ୍ପତ୍ତି ସ୍ଥାନରେ ପଶ୍ଚିମ ଭାଗରେ ବେଦବ୍ୟାସ ମୁନିଙ୍କର ଆଶ୍ରମ ଏବଂ ପୂର୍ବ ଭାଗରେ ଛେଣ୍ ଗ୍ରାମ । ଏହି ଛେଣ୍ ଗ୍ରାମରେ କିସାନ(କୁଣ୍ହାଁ)ମାନଙ୍କର ପୂର୍ବ ପୁରୁଷ ବସତି ସ୍ଥାପନ କରିଥିଲେ । ଏହି ଛେଣ୍ ଗ୍ରାମରେ କିସାନ(କୁଣ୍ହାଁ)ମାନଙ୍କର ଦ୍ୱିବାର୍ଷିକ ସଭା ବରାବର ବସୁଥିଲା । ରାୟଗଡା, ସମ୍ବଲପୁର, ଝାରସୁଗୁଡା, ବଣେଇ ଆଦି ସ୍ଥାନରେ କିସାନ(କୁଣ୍ହାଁ)ମାନେ ନିଜର ବାସଭୂମି କରିଥିଲେ ମଧ୍ୟ ପ୍ରତି ଦୁଇ ବର୍ଷରେ ମୃତବ୍ୟକ୍ତିର ଅସ୍ଥି ବିସର୍ଜନ କରିବା ପାଇଁ ତୀର୍ଥସ୍ଥାନ ବେଦବ୍ୟାସକୁ ଆସୁଥିଲେ ଏବଂ ଛେଣ୍ ଗ୍ରାମରେ ଅନୁଷ୍ଠିତ ହେଉଥିବା ଦ୍ୱିବାର୍ଷିକ ସଭାରେ ଯୋଗଦାନ କରୁଥିଲେ । ଆଗକାଳରେ ଏ ଦେଶରେ ଡାକ ପ୍ରଥା ନଥିଲା । ଚିଠିପତ୍ର ମାଧ୍ୟମରେ ଦୂରଦୂରାନ୍ତ ସ୍ଥାନର ବ୍ୟକ୍ତି ସହ ଯୋଗାଯୋଗ ସ୍ଥାପନ ସହଜ ବ୍ୟାପାର ନଥିଲା । କିସାନ(କୁଣ୍ହାଁ) ଭାଇମାନେ ଦ୍ୱିବାର୍ଷିକ ସଭା ଡକାଇବାକୁ ଗୋଟିଏ ଠେଙ୍ଗାକୁ ବ୍ୟବହାର କରୁଥିଲେ । ସେହି ଠେଙ୍ଗାକୁ ସଭା ବସିବାର ନିର୍ଦ୍ଦିଷ୍ଟ ଦିବସର ବହୁ ପୂର୍ବରୁ ଗ୍ରାମରୁ ଗ୍ରାମାନ୍ତର ପଠାଯାଉଥିଲା । ସଭାସାଙ୍ଗ ହୋଇ ଗଙ୍ଗାସ୍ନାନ (ଅସ୍ଥି ବିସର୍ଜନ) କରାଯାଉଥିଲା । କିସାନ(କୁଣ୍ହାଁ) ଜାତିର କିଣ୍ଡ ବଂଶୀୟ ବ୍ୟକ୍ତି ପୁରୋହିତ ରୂପେ ଛେଣ୍ ଗ୍ରାମରେ ବାସ କରୁଥିଲେ । କିମ୍ବଦନ୍ତୀରୁ ଜଣାଯାଏ ଯେ କିସାନ(କୁଣ୍ହାଁ)ମାନଙ୍କର ପ୍ରଥମ ପୁରୋହିତଙ୍କ ନାମ "ବିଜଲା" ଥିଲା । ବିଜଲାଙ୍କ ଶରୀରରେ ଏକ ବିଶେଷ ଚିହ୍ନ ଥିଲା ।

ଏଣୁ ସେହି ଦୃଷ୍ଟିରୁ ତାଙ୍କର ଡାକ ନାମ କବରା ବିଜଳା ଥିଲା । ବର୍ତ୍ତମାନ ସୁଦ୍ଧା ସେହି ଚ୍ଛେଣ୍ ଗ୍ରାମର କିଣ୍ଡ୍ ବଂଶୀୟ ଶ୍ରୀ ବାହାଦୁର ନାମଧେୟ ବ୍ୟକ୍ତି ଗଙ୍ଗାସ୍ନାନ ଉପଲକ୍ଷେ ପୌରହିତ୍ୟ କରନ୍ତି ଏବଂ ଦ୍ୱିବାର୍ଷିକ ସଭା ମଧ୍ୟ ଆୟୋଜନ ଦେଉଛି ।

## ଅବସ୍ଥିତି:

କିସାନ(କୁଣ୍ହାଁ) ବସତିଗୁଡିକ ଚାରିପଟେ ପାହାଡ ଉପରେ ବିଚ୍ଛୁଡି ହୋଇ ରହିଛି । କେତେକ ଗ୍ରାମ ପାଖାପାଖି ଲାଗି ରହିଥିଲା ବେଳେ ଅନ୍ୟ କେତେକ ଗ୍ରାମ ଅନ୍ୟମାନଙ୍କଠାରୁ ବହୁତ ଦୂରରେ ରହିଛନ୍ତି । ବଣ ଜଙ୍ଗଲ ଘେରା ସୁନ୍ଦର ବନାନୀ ଭିତରେ ଜନ୍ମନେଇ ସେହି ଜଙ୍ଗଲକୁ ଆବୋରି ବଞ୍ଚି ରହିବା ଏମାନଙ୍କ କାମ । ସମତଳ ଅଞ୍ଚଳରେ ସୁଖସ୍ୱାଚ୍ଛନ୍ଦ୍ୟ ଜୀବନ ମଧ୍ୟ ଏମାନଙ୍କ ଜୀବନଠାରୁ ଭିନ୍ନ ନୁହେଁ । ଉଭୟ ଜଙ୍ଗଲ ଓ ସମତଳ ଅଞ୍ଚଳରେ ଏମାନେ ନିଜନିଜର ବସତି ତିଆରି କରିଥିଲେ । କିନ୍ତୁ ସାଧାରଣ ଭାବେ ସୁଖ ସୁବିଧା ଜୀବନ ଏମାନଙ୍କୁ ଆଦୌ ପସନ୍ଦ ଲାଗେ ନାହିଁ । ପାର୍ବତ୍ୟାଞ୍ଚଳରେ ଜନ୍ମ ନେଇ ଅନୁର୍ବର ମାଟିରେ ସଂଗ୍ରାମ କରି ସେମାନେ ସେହିଠାରେ ଖୁବ୍ କଷ୍ଟର ସହିତ ଜୀବନ ଧାରଣ କରିଥାନ୍ତି । ଏହି ଅଞ୍ଚଳକୁ ମହାବୀର ପାହାଡ, ଚାତ୍ରୀ ପାହାଡ, ବାରଧାର ପାହାଡ ପ୍ରଭୃତି ପାହାଡ ଗୁଡିକ ଘେରି ରହିଛି । ଏହି ଅଞ୍ଚଳ ନିକଟରେ ବ୍ରାହ୍ମଣୀ ନଦୀ ବହି ଯାଇଛି । କିସାନ(କୁଣ୍ହାଁ)ମାନଙ୍କର ଗ୍ରାମଗୁଡିକ କେତେବେଳେ ପାହାଡର ଢାଲୁ ଦେଶରେ ତ କେତେବେଳେ ପାହାଡର ପାଦଦେଶରେ ରଚନା କରାଯାଇଥାଏ । କେତେକ କିସାନ(କୁଣ୍ହାଁ) ବସ୍ତି ବା ପଡା ଗୁଡିକ ପାହାଡଘେରା ଉପତ୍ୟକାସ୍ଥିତ ସମତଳ ଅଞ୍ଚଳରେ ନିର୍ମାଣ କରାଯାଇଥାଏ । କିନ୍ତୁ ସମସ୍ତ ଜନବସତିଗୁଡିକ ଜଳ ଉତ୍ସ ପାଖରେ ସ୍ଥାପନ କରା ଯାଇଥାଏ । ବ୍ରାହ୍ମଣୀ ନଦୀରେ ପ୍ଲାବିତ ବନ୍ୟାଜଳର ପଟୁମାଟି ଚିରସ୍ରୋତା ଜଳ ଏହି ଅଞ୍ଚଳର ବାସିନ୍ଦାମାନଙ୍କୁ ସେମାନଙ୍କର ଆବଶ୍ୟକତାକୁ ପୂର୍ଣ୍ଣ କରିଥାଏ । ମୁଣ୍ଡାବନ୍ଧ ଓ ସଫେଇ ନଦୀ ସବୁ ସମୟରେ ପାନୀୟ ଜଳ ଯୋଗାଇଦେଇ ଆସୁଅଛି । ଅଧିକାଂଶ ଗ୍ରାମଗୁଡିକ ପାହାଡର ପାଦ ଦେଶରେ ଅବସ୍ଥିତ । ଏହି ଗ୍ରାମ ଗୁଡିକ ନାମ ହେଉଛି ତୁଡାଲଗା, ଗଡଗଡବାହାଲ, ବାଉଁଗେନ୍, ବଡ ଗାଁ, ବାଇବାଇ, ବଣେଇଗଡ, କଣ୍ଢିଆମୁଁଗା, କୁତ୍ରା ଇତ୍ୟାଦି । ଏହି ଗ୍ରାମ ଗୁଡିକରେ ବସବାସ କରୁଥିବା କିସାନ(କୁଣ୍ହାଁ)ମାନେ ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାନ୍ତି । ଧାନ, ମାଣ୍ଡିଆ, ମୁଗ, ବିରି, କୋଳଥ ଆଦି ଛଡା ଅନ୍ୟ କୌଣସି ଚାଷ ପ୍ରାୟ କରନ୍ତି ନାହିଁ ।

କାରଣ ପାଦଦେଶରେ ଥିବା ଝରଣା (ଝରିଆ) ଓ କେନାଲ ନାଳ ଆଦିରୁ ସେମାନେ ପ୍ରଚୁର ଜଳ ଚାଷ ପାଇଁ ପାଇଥାନ୍ତି ଓ ସେହି ପାଣିରୁ ସେମାନେ ଧାନ ଜମିଗୁଡିକ ଚାଷ କରିଥାନ୍ତି ।

ସମସ୍ତ କିସାନ(କୁଣ୍‌ହାଁ) ଗ୍ରାମ ଚାରିପାଖରେ ଘେରି ରହିଥାଏ ଅନେକ ପାହାଡ ପର୍ବତ । ଗ୍ରାମ ପାର୍ଶ୍ୱରେ ନିହାତି ଝରଣାଟିଏ ଥାଏ । ଗାଁ ବାହାରେ ଶବ ସତ୍କାର କରିବା ପାଇଁ ଏକ ଶ୍ମଶାନ ନିଶ୍ଚିତ ଭାବେ ରହିଥାଏ । ପଶୁପକ୍ଷୀ ଚରିବା ପାଇଁ ଗୋଚର ଓ ଟାଙ୍ଗରା ଜମି (ଟାଙ୍ଗ୍‌ରା ହାଲୁ), ପାଣିଜମି (ଜଲରେ) ଆଦି ଥାଏ । ବେଳେବେଳେ ଗୋଟିଏ ଗାଁକୁ ଲାଗି ଅନ୍ୟ ଗୋଟିଏ ଗାଁ ମଧ୍ୟ ଥାଏ । ଗାଁ ପାଖକୁ ଲାଗି ଗାଁ ବାହାରେ ଗ୍ରାମଦେବତାଙ୍କର ପୀଠସ୍ଥଳୀ ସ୍ଥାପନ କରାଯାଇଥାଏ । ସେମାନଙ୍କ ବସତି ଗୁଡିକୁ ଦୂରରୁ ଦେଖିଲେ ସତେ ଯପେରି ଲାଗେ ଧରଣୀ ରାଣୀ ଏକ ସବୁଜ ରଂଗର ଚାଦର ଘୋଡାଇ ହୋଇଛି ଓ ସେହି ଚାଦର ମଧ୍ୟରେ ଠାଏ ଠାଏ ଭିନ୍ନ ରଂଗର ଚିତ୍ର ରହିଛି । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଧରଣୀ ରାଣୀ ସବୁଜ ରଂଗର ଚାଦର ଅର୍ଥାତ ବଣଜଙ୍ଗଲ ପରିପୂର୍ଣ୍ଣ ଅଂଚଳଟି ସବୁଜ ଦେଖାଯାଏ । ତାରି ମଝିରେ ଥିବା ଠାଏଠାଏ ଘର ଗୁଡିକ ମୁଣ୍ଡଟେକି ରହିଥାଏ । ସମତଳ ଅଂଚଳରେ ହେଉ କିମ୍ବା ପାହାଡ ଉପରେ ହେଉ । ଘରଗୁଡିକ ଧାଡି ଭାବରେ ନଥାଏ । ପ୍ରତ୍ୟେକ ଘର ପରସ୍ପରଠାରୁ ଛାଡି କରି ରହିଥାଏ । ଘରଗୁଡିକ ସାଧାରଣତଃ ମାଟିରେ ତିଆରି ହୋଇଥାଏ । ସମସ୍ତ କିସାନ ଗ୍ରାମର ଚତୁଃପାର୍ଶ୍ୱ ବର୍ଣ୍ଣନା କରିବା କଷ୍ଟକର ବ୍ୟାପାର । ତେଣୁ ଉଦାହରଣ ସ୍ୱରୂପ ଏଠାରେ କେବଳ ତୁଡାଲଗା ଗ୍ରାମର ଚତୁଃପାର୍ଶ୍ୱ ବର୍ଣ୍ଣନା କରାଯାଇଛି । ଏହି ତୁଡାଲଗା ଗ୍ରାମଟି କିସାନ ଅଂଚଳର କେନ୍ଦ୍ରସ୍ଥଳୀରେ ଅବସ୍ଥିତ । ଏହି ଗ୍ରାମରେ ଏକ ବୃହତ କିସାନପଡା ମଧ୍ୟ ଅବସ୍ଥିତ । ଏହି ପଡାରେ ମୁଖ୍ୟତଃ ୬୦-୭୦ କିସାନ ସପରିବାର ବାସ କରନ୍ତି । ଏହା ପାହାଡର ପାଦ ଦେଶରେ ଅବସ୍ଥିତ । ଏହି ବସ୍ତିଟି ପୂର୍ବରୁ ପଶ୍ଚିମ ହୋଇ ଲମ୍ୱିଛି । ଗ୍ରାମର ଉତ୍ତର ପାର୍ଶ୍ୱରେ ପୂର୍ବ ପଶ୍ଚିମ ହୋଇ ଲମ୍ୱିଛି ପିଚୁରାସ୍ତା । ଗାଁକୁ ଲାଗି ଗାଁର ଦକ୍ଷିଣ ପାର୍ଶ୍ୱରେ କିସାନମାନଙ୍କର (ଗଙ୍ଗାଘାଟ) ବା ଶ୍ମଶାନ ରହିଅଛି । ଗାଁର ପୂର୍ବ ପାର୍ଶ୍ୱରେ ସପେଇ, ମଟୁଆଲି, ଡାକୁନାଲା ଇତ୍ୟାଦି ନାଳ ଓ ଝରଣା ରହିଛି । ଗାଁର ପଶ୍ଚିମ ଦିଗରେ କେତେକ ପଦାଜମି ଓ ପରେ ପାଣି ଜମି ରହିଅଛି । ବିଭିନ୍ନ ପାହାଡ ପର୍ବତକୁ କିସାନ(କୁଣ୍‌ହାଁ)ମାନଙ୍କର ଜନବସତି ଘେରି ରହିଛନ୍ତି । ଗାଁର ପୂର୍ବ ଦିଗରେ ଏକ

ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ରହିଅଛି । ଏହି ବିଦ୍ୟାଳୟଟି ୧୯୫୭ରୁ ଅଦ୍ୟାବଧି ସୁରୁଖୁରୁରେ ତାର କର୍ତ୍ତବ୍ୟ ସମ୍ପାଦନା କରି ଆସୁଛି । ଗ୍ରାମର ଦକ୍ଷିଣ ଦିଗରେ ପଂଚାୟତ କାର୍ଯ୍ୟାଳୟ ରହିଅଛି । ଗାଁର ଅନତିଦୂରରେ ବଡ ଗାଁ ଠାରେ ଏକ ଜଗନ୍ନାଥ ମନ୍ଦିର ମଧ୍ୟ ପ୍ରତିଷ୍ଠା ହୋଇଛି । ଏତଦ୍ ବ୍ୟତୀତ ଗ୍ରାମର ଦକ୍ଷିଣ ଦିଗରେ ଏକ ପ୍ରାଇମେରି ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ରହିଅଛି । ଗ୍ରାମଠାରୁ ଟିକେ ଦୂରରେ ବଡ ଗାଁଠାରେ ଏକ ଥାନା ମଧ୍ୟ ରହିଅଛି । ବିଭିନ୍ନ ବେସରକାରୀ ସଂସ୍ଥା, ପୋଷ୍ଟ ଅଫିସ ଓ ବ୍ୟାଙ୍କ ଆଦି ଏହି ଗ୍ରାମର ବସତିର ଚତୁଃପାର୍ଶ୍ୱରେ ଘେରି ରହିଛନ୍ତି ।

ଟୁଡାଲଗା ଗାଁର ଘରଗୁଡିକ ପୂର୍ବରୁ ପଶ୍ଚିମ ହୋଇ ଲମ୍ବିରହିଛି । ବସ୍ତିର / ପଡାର ଘରଗୁଡିକ ଯୋଜନାବଦ୍ଧଭାବେ ତିଆରି କରାଯାଇ ନଥାଏ । ତେଣୁ ଘରଗୁଡିକ ପରସ୍ପରଠାରୁ ବିଚ୍ଛିନ୍ନ ମନେହୁଏ । ଏହି ଗ୍ରାମରେ କିସାନ(କୁଣ୍ହାଁ)ମାନେ ବସବାସ କରନ୍ତି । ଘରକୁ ଆବଦ୍ଧ କରିବା ପାଇଁ ବାଡ ନଥାଏ । କିନ୍ତୁ ପ୍ରତ୍ୟେକଟି ଗୃହ ଗୁଡିକ ଏକ ନିର୍ଦ୍ଦିଷ୍ଟ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ହୋଇଅଛି । ଏହି ଗୃହଗୁଡିକ ଦୂରରୁ ନିରୀକ୍ଷଣ କଲେ ଜଣାଯାଏ ଯେ କିସାନମାନେ କେତେ ନିଖୁଣ ଓ ଉତ୍କୃଷ୍ଟ କଳାରେ ତଥା ପାରମ୍ପରିକ ଢାଞ୍ଚାରେ  ତାଙ୍କର ଗୃହ ଗୁଡିକ ନିର୍ମାଣ କରିଛନ୍ତି । ସାଧାରଣତଃ ଟିଣ ଓ ନଡାଛପର ବଦଳରେ ଏବେ ସେମାନେ ଟାଇଲ (ଖପରିଲି)ରେ ସେମାନେ ତାଙ୍କ ଘରକୁ ଛପର କରୁଛନ୍ତି । ପ୍ରତ୍ୟେକ ଗୃହ ଗୁଡିକରେ ଥାଏ ଗୋଟିଏ ଲମ୍ବା ବାରଣ୍ଡା ଓ ଗୋଟିଏ ମୁଖ୍ୟ କକ୍ଷ । ଘରଗୁଡିକ ବ୍ୟକ୍ତିମାନଙ୍କର ଆବଶ୍ୟକ ମୁତାବକ ତିଆରି କରାଯାଇଥାଏ । ଜଣେ ଧନୀକ ଶ୍ରେଣୀର ବ୍ୟକ୍ତି ବଡବଡ ଘର ତିଆରି କରିଥାନ୍ତି । ସେମାନଙ୍କର ଉତ୍ପାଦିତ ଶସ୍ୟ ଆସବାବପତ୍ର ସାଇତି ରଖିବା ପାଇଁ ବଡଘର ତିଆରି କରିଥାନ୍ତି । ଜଣେ ଗରିବ ବ୍ୟକ୍ତି ଛୋଟ ଘରଟିଏ ତିଆରି କରିଥାନ୍ତି । ଘରଗୁଡିକ ୧୦ରୁ ୨୦ ଫୁଟ ଲମ୍ବା ଓ ୮ରୁ ୧୦ଫୁଟ ଓସାରର ହୋଇଥାଏ । ଏହିଘର ଗୁଡିକ ମାଟି କାନ୍ଥ ଦ୍ୱାରା ଭାଗ କରାଯାଇ କେତେକ କୋଠରୀ କରାଯାଇଥାଏ । ଘର ତିଆରି ପରେ ଘରର ମହିଳା ଓ ଝିଅମାନେ ସେହି ମାଟି କାନ୍ଥକୁ ମାଟି ଓ ଗୋବର ଦ୍ୱାରା ଲିପାପୋଛା କରିଥାନ୍ତି । ଘରର ବାରଣ୍ଡାକୁ ଲାଗି ଦ୍ୱେଲିଗୁହାଳ (ଏଡାଗଁସ୍‌ଲୋ) ଘରଗୁଡିକ ଭାଗ ଭାଗ ହୋଇ ଥିବା କୋଠରୀ ମଧ୍ୟରୁ ଗୋଟିଏ ଶୋଇବା ଘର (ଚୁଟ୍‌ନା ଆଡ୍‌ପା), ଭଣ୍ଡାରଘର (ଭଣ୍ଡାର ଆଡ୍‌ପା), ରୋଷେଇ ଘର (ରନ୍ଧା ଆଡ୍‌ପା) ନାମରେ ଭାଗ କରାଯାଇଥାଏ ।

ରୋଷେଇ ଘରଟି ଏମାନଙ୍କର ପରିଷ୍କାର ପରିଚ୍ଛନ୍ନ ହୋଇଥାଏ । ଘରର ଓରା ଉପରୁ ଖାଦ୍ୟ ତଥା ଅନ୍ୟାନ୍ୟ ଦ୍ରବ୍ୟ ରଖିବା ପାଇଁ ସିକା ଗୁଡିକ ଝୁଲିଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ଘରର ପାଖରେ କାଠନଥିବା ଏକ ଗାଈଗୁହାଳ (ଅଏ ଗଁସ୍‌ଲେ) ଘର ମଧ୍ୟ ଥାଏ । ଏହି ଗୁହାଳରେ ଗାଈ ବଳଦ ଆଦି ବନ୍ଧା ଯାଇଥାନ୍ତି । ଗୃହ ସାମ୍ନାରେ କିମ୍ବା ପଛ ପାଖରେ ପନିପରିବା ବଗିଚା ଥାଏ ।

ପନିପରିବା ବଗିଚା ପ୍ରାୟ ଅଧିକାଂଶ ଗୃହର ଆଗ ପାଖରେ ବା ପଛ ପାଖରେ ରହିଥାଏ । ଏହାକୁ ବାଉଁଶ ବତାର ତାଟି ଦ୍ୱାରା ଆବଦ୍ଧ କରାଯାଇଥାଏ । ବେଳେବେଳେ ଏହି ପନିପରିବା ଚାଷ କରିବା ପାଇଁ ଜାଗାର ଅଭାବ ହେଲେ ସେମାନେ ଏହି ଚାଷ କ୍ଷେତରେ ମଧ କରିଥାନ୍ତି । ଏହି ବଗିଚାରେ ବିଭିନ୍ନ ପନିପରିବା ଯଥା ଲଙ୍କା (ମାରଚି), ବାଇଗଣ (ଭେଟାଙ୍ଗ), ଭେଣ୍ଡି, ରେହୁଆ, ପୋଟଳ (ପୁଟଲ), ମୂଳା (ମୂଲା), କାକୁଡି (ପାଲ୍‌ହାନ୍‌ଜାର୍), କଦଳୀ (ହେନା କେଲା), ଅମୃତଭଣ୍ଡା (ପଟିତାର), ଆଳୁ (ଆଲୁ), ସିମ୍ବ(ସିମ୍ଭି), କଖାରୁ (ରାଇଁଡାଡ୍), କଲରା (କାଲ୍ଲା), ଟମାଟ (ବିଲାତି), ଝୁଡୁଙ୍ଗ ଇତ୍ୟାଦି ଗଛମାନ ରୋପଣ କରାଯାଇଥାଏ । ଗଛଗୁଡିକୁ ଗୋବର ଖତ ଓ ସାର ଦିଆଯାଇ ଗଛକୁ ହୃଷ୍ଟପୁଷ୍ଟ କରାଯାଇଥାଏ ଓ ସେଥିରୁ ଅଧିକ ଫଂଳ ଓ ପନିପରିବା ମଧ୍ୟ ମିଳିଥାଏ । ଏହି ପନିପରିବା ଚାଷ ସେମାନେ ମୁଖ୍ୟତଃପାଣି ଥିବା ସ୍ଥାନରେ କରିଥାନ୍ତି । ଚାଷର ରକ୍ଷଣା ବେକ୍ଷଣ ଦାୟିତ୍ୱ ପାଇଁ ବିଭିନ୍ନ ପଦକ୍ଷେପ ମଧ୍ୟ ନେଇଥାନ୍ତି ।

ତୁଡାଲଗା, ବାଉଁସେନ, ବାଇବାଇ, ବଡଗାଁ, ଚପାଲି, ବରପାଲି ଆଦି ଗ୍ରାମମାନଙ୍କରେ ଯେ କେବଳ କିସାନ(କୁଣ୍ହାଁ)ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି ତାହା ନୁହେଁ, ସେମାନଙ୍କ ସହିତ ବ୍ରାହ୍ମଣ, କରଣ, କ୍ଷତ୍ରିୟ, ମାଳି(ମାଳି), କମାର(ଲେହୁରା), କୁମ୍ଭାର (କୁମ୍ଭାର୍), ବଢେଇ (ବାଢେଇ), ଗଉଡ (ଗଉଡ), ଡମ, ପାଣ, ଓରାମ୍, ଖଡିଆ ଆଦି ଜନଜାତି ଓ ଅଣ ଜନଜାତିର ଲୋକମାନେ ମଧ ଏକତ୍ର ମିଳିମିଶି ରହୁଛନ୍ତି । ଏସମସ୍ତ ପ୍ରଜାତିକ ଗୋଷ୍ଠୀ ବ୍ୟକ୍ତିଙ୍କର ଗୃହ ଗୁଡିକ ପାରମ୍ପରିକ ଗୃହଠାରୁ ଗଠନ, ଆକାର, ଗୃହ ନିର୍ମାଣ ପଦ୍ଧତି ଇତ୍ୟାଦିରେ ଭିନ୍ନ ହୋଇଥାଏ । ସେମାନଙ୍କର ଗୃହ ଗୁଡିକ ମଧ୍ୟ ଉଚ୍ଚ ହୋଇଥାଏ । ଏହି ଅଂଚଳରେ ରହୁଥିବା କିସାନମାନେ ସେମାନଙ୍କର ନିତ୍ୟାତି ଦରକାରୀ ଜିନିଷ ପାଇଁ ବଢେଇ, କମାର, କୁମ୍ଭାର ମାନଙ୍କ ଉପରେ ନିର୍ଭର କରିଥାନ୍ତି । ନିକଟସ୍ଥ ଅଂଚଳରୁ ବ୍ୟବସାୟୀମାନେ ଆସି ସାପ୍ତାହିକ

ହାଟମାନଙ୍କରେ ବ୍ୟବସାୟ କରିଥାନ୍ତି । ପଡୋଶୀ ଗ୍ରାମର ପ୍ରଜାତିକ ଗୋଷ୍ଠୀ ମାନଙ୍କ ମଧ୍ୟରେ ଏପରି ମଧ୍ୟ ସମ୍ବନ୍ଧ ରଖାଯାଇଥାଏ । ଏମାନେ ପରସ୍ପର ଆର୍ଥିକ ଅସୁବିଧା ସମୟରେ ସାହାଯ୍ୟ କରିଥାନ୍ତି । ଏହି ଅଂଚଳରେ ବାସ କରୁଥିବା ହରିଜନ ମାନଙ୍କର ଅବସ୍ଥା ଅତ୍ୟନ୍ତ ଦୁର୍ବିସହ । ସେମାନେ ପରସ୍ପର ବିଭିନ୍ନ କାର୍ଯ୍ୟରେ ଏମାନଙ୍କୁ ସାହାଯ୍ୟ କରିଥାନ୍ତି । ଦରକାର ସମୟରେ ସେମାନେ ଏହି କିସାନ ମାନଙ୍କଠାରୁ ଖାଦ୍ୟ ଦ୍ରବ୍ୟ ନେଇ ଖାଇଥାନ୍ତି ଓ ଅନ୍ୟାନ୍ୟ ପ୍ରକାର ଆର୍ଥିକ ସାହାଯ୍ୟ ମଧ୍ୟ ନେଇଥାନ୍ତି । ନିକଟତମ ସହରରେ ବା ସଦରରେ ବସବାସ କରୁଥିବା ବିଭିନ୍ନ ଲୋକଙ୍କ ସହ ମଧ୍ୟ ଏହି ମାନଙ୍କର ସୁସମ୍ପର୍କ ରହିଅଛି । କୌଣସି ହାଟବଜାର, ପଞ୍ଚାୟତ ଅଫିସ ପାଖରେ ଥିବା ବିଭିନ୍ନ ଦୋକାନ ତଥା ଛୋଟ ଛୋଟ ହୋଟେଲ ଥାନା, ପୋଷ୍ଟ ଅଫିସ ଆଦି ଗ୍ରାମ ପାଖରେ ରହୁଥିବାରୁ ଏମାନଙ୍କର ବାହ୍ୟଜଗତ ସହିତ ସଂପର୍କ ବଢିଚାଲିଛି । ଅଧିକାଂଶ ହିନ୍ଦୀ ଭାଷାଭାଷୀ ବ୍ୟବସାୟୀମାନେ ଆସି ସାପ୍ତାହିକ ହାଟଗୁଡିକରେ ବେଶ୍ ବ୍ୟବସାୟମାନ କରିପାରୁଛନ୍ତି । ଅନ୍ୟ ଜିଲ୍ଲାର ସରକାରୀ ଅଫିସର ବ୍ୟବସାୟୀମାନେ ପାଳନ କରୁଥିବା ବିଭିନ୍ନ ପ୍ରକାର ପର୍ବପର୍ବାଣୀ ମାନଙ୍କରେ ଅଂଶ ଗ୍ରହଣ କରି ଏହି ଅଂଚଳର ପ୍ରକୃତ ବାସିନ୍ଦାମାନେ ହିନ୍ଦୁ ପର୍ବପର୍ବାଣୀ ପାଳନ କରି ପାରୁଛନ୍ତି ଓ ସେମାନେ ଏବେ କ୍ୟାଲେଣ୍ଡର ଓ ପର୍ବପର୍ବାଣୀ ପଂଜିକା ଦେଖି ବିଭିନ୍ନ ଉତ୍ସବମାନ ମଧ୍ୟ ପାଳନ କରୁଛନ୍ତି । ଯଦ୍ୱାରା ଏହି ଅଂଚଳର ଅନ୍ୟାନ୍ୟ ବାସିନ୍ଦା ମାନଙ୍କ ସହିତ ସଂପର୍କ କ୍ରମେ ନିବିଡ ହୋଇ ଉଠୁଛି ।

କିସାନ ବସତିର ବାସ୍ତୁବିଦ୍ୟା ଚିତ୍ରଣ କରିବା ପାଇଁ ତୁଡାଲଗା ଗ୍ରାମକୁ ଉଦାହରଣ ସ୍ୱରୁପ ନିଆଯାଇପାରେ । ତୁଡାଲଗାଠାରୁ ୫ କି.ମି. ଦୂରରେ ଦକ୍ଷିଣକୁ ଗଲେ ପାଖ ପିଚୁରାସ୍ତାରୁ ପ୍ରାୟ ୧୦୦ ମିଟର ଦୂରକୁ ଗଲେ ପଡେ ତୁଡାଲଗା କନ୍ୟାଶ୍ରମ । ପୁଣି ସେହି ପିଚୁରାସ୍ତାରୁ ଗଲେ ପଡେ ତୁଡାଲଗା ପ୍ରାଇମେରୀ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର । ଏହି ଅଙ୍ଗନବାଡିରେ ଛୋଟଛୋଟ ପିଲାମାନଙ୍କୁ ପାଠପଢା ଯାଇଥାଏ ଓ କିଛି ମହିଳାମାନଙ୍କ ପାଇଁ ଆତ୍ମନିଯୋଗର ବ୍ୟବସ୍ଥା ମଧ୍ୟ ରହିଥାଏ । ଏହି ବସତିଟି ପଶ୍ଚିମରୁ ପୂର୍ବକୁ ଲମ୍ବିଯାଇଛି । ଘରଗୁଡିକ ଏଣେତେଣେ ବିଚ୍ଛୁରି ହୋଇ ରହିଛି । ଗାଁର ମଧ୍ୟଭାଗରେ ଗଙ୍ଗାଘାଟ ମଧ୍ୟ ରହିଅଛି । ଗ୍ରାମର ଅନ୍ୟ ଏକ ପାର୍ଶ୍ୱରେ ଚିରସ୍ରୋତା ସଫେଇ ଓ ମୁଣ୍ଡାବନ୍ଧ ମଧ୍ୟ ପ୍ରବାହିତ ହେଉଛି । ତୁଡାଲଗା ଏକ ବଡ ଗ୍ରାମ ପଞ୍ଚାୟତ ହୋଇଥିବାରୁ ଏହି ଗ୍ରାମରେ ବିଭିନ୍ନ ଆଧୁନିକ ସରକାରୀ ସଂରଚନା ରହିଛି । ସେଥିମଧ୍ୟରୁ ସ୍କୁଲ,

ଥାନା, ଡାକବଙ୍ଗଳା, ପଞ୍ଚାୟତ କାର୍ଯ୍ୟାଳୟ, ଡାକ୍ତରଖାନା, ପୋଷ୍ଟ ଅଫିସ, ମାଛ ଚାଷ କେନ୍ଦ୍ର, ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର, ହନୁମାନ ମନ୍ଦିର ଇତ୍ୟାଦି ଅନ୍ୟତମ ।

**ବିଭିନ୍ନ ଉତ୍ସ ଓ ପୀଠସ୍ଥଳୀ:**

ପାନୀୟ ଜଳ ପାଇଁ କିସାନମାନେ ବିଶେଷତଃ ନାଳ, ନଈ ଉପରେ ନିର୍ଭର କରିଥାନ୍ତି । ଏହି କିସାନ୍ ବସତିଗୁଡିକ ଜଳଉତ୍ସର ନିକଟରେ ଝରଣାର ଦୁଇ ପାର୍ଶ୍ୱରେ କିମ୍ବା ତାର ଆଖପାଖ ଅଞ୍ଚଳରେ ସ୍ଥାପନ କରାଯାଇଥାଏ । ଗ୍ରାମର ଅଧିବାସୀମାନେ ମୁଖ୍ୟତଃ ସମସ୍ତ କାର୍ଯ୍ୟ ପାଇଁ ସେହି ଜଳ ଉପରେ ନିର୍ଭର କରନ୍ତି । ଯେହେତୁ ଏହି ଜଳଉତ୍ସଗୁଡିକ ବର୍ଷସାରା ଏମାନଙ୍କୁ ପାଣି ଯୋଗାଉଥିଲା । ତେଣୁ ଏମାନେ କୂଅ କିମ୍ବା ନଳକୂପ ଖନନ କରିବାକୁ ଚାହୁଁ ନଥିଲେ, ମାତ୍ର ବର୍ତ୍ତମାନ ଯୁଗ ବଦଳିଯାଇଛି । ସେମାନେ ମଧ୍ୟ ତାଙ୍କର କୃଷିକାର୍ଯ୍ୟ ପାଇଁ ଅଧିକ ଉନ୍ନତ ଧରଣର ଜଳଉତ୍ସ ମାନ ନିର୍ମାଣ କଲେଣି । ଜଳାଭାବ ଦୂର କରିବା ପାଇଁ ଏବେ ସରକାର ପ୍ରତି ଗ୍ରାମରେ ପାନୀୟ ଜଳର ବ୍ୟବସ୍ଥା କରୁଛନ୍ତି । ସୁରକ୍ଷିତ ପାନୀୟ ଜଳ ଯୋଗାଇ ଦେବା ପାଇଁ ଗାଁ ଗାଁରେ ନଳକୂପ ଓ କୂଅ ଖନନ କରାଗଲା । ପ୍ରତ୍ୟେକ ଗ୍ରାମରେ ପଞ୍ଚାୟତ ତରଫରୁ ପଞ୍ଚାୟତ ବନ୍ଧମାନ ଖୋଳା ଯାଇଅଛି । ଏହି ସବୁ ସ୍ଥାନମାନଙ୍କରେ ଲୁଗାପଟା ସଫା କରିବା, ବାସନକୁସନ ସଫା କରିବା ଆଦି ବ୍ୟବସ୍ଥା ମଧ କରାଯାଇଛି । ଏବେ ଆହୁରି ମଧ୍ୟ ଯେଉଁ କିସାନ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ବୋଲି ମନେ କରାଯାଏ ସେ ତାର ସୁବିଧା ପାଇଁ ବ୍ୟକ୍ତିଗତ କୂପ ଖନନ କରୁଥିବାର ମଧ୍ୟ ଦେଖାଦେଲାଣି ।

ସାଧାରଣତଃ ଏହି ଅଞ୍ଚଳରେ ଯୋଗାଯୋଗ ବା ରାସ୍ତାଘାଟର ବିପୁଳ ସମସ୍ୟା ଦେଖାଯାଇ ନଥାଏ । ବଡ ଗାଁଠାରୁ ୫ କି.ମି. ପିଚୁରାସ୍ତା ଲମ୍ବି ଆସିଛି ତୁତାଲଗା ଗ୍ରାମକୁ ଏବଂ ଏହି ତୁତାଲଗାଠାରୁ ଅନ୍ୟଗାଁକୁ ମଧ ପିଚୁରାସ୍ତା ଯାଇଛି । ସରକାରଙ୍କ ଉନ୍ନତି ମୂଳକ ପଦକ୍ଷେପ ଦ୍ୱାରା ଏହି ଅଞ୍ଚଳରେ ଆଜି ଗମନାଗମନରେ ଅସୁବିଧା ନାହିଁ । କିନ୍ତୁ ଏବେ ବି ସୁନ୍ଦରଗଡ ଜିଲ୍ଲାର ଅତ୍ୟନ୍ତ ନିପଟ ମଫସଲକୁ ଗଲେ ସେଠି ଆମେ ନାଲିମାଟି ରାସ୍ତାମାନ ଦେଖିବାକୁ ପାଉଛୁ । ଏପରି ଗାଁକୁ ଯିବାକୁ ହେଲେ କେବଳ ପାଦଚଲା ରାସ୍ତାରେ ଜଙ୍ଗଲ ମଧ୍ୟରେ ବାଙ୍କ ବୁଲା ହୋଇ ଯିବାକୁ ପଡେ ।

ମୁଖ୍ୟ ସଡକ ରାସ୍ତାର ଯଦି ବନ୍ଦୋବସ୍ତ ନଥାଏ ତାହେଲେ ମଧ୍ୟ ପ୍ରତ୍ୟେକ ଗାଁରୁ ପ୍ରତ୍ୟେକ ଗାଁକୁ ଯିବା ପାଇଁ ପାଦଚଲା ରାସ୍ତା ଥାଏ । ଗାଁରେ ଘରଗୁଡିକ ଠା ଠା

ହୋଇ ତିଆରି କରିଥିବା ହେତୁ ରାସ୍ତାରେ ଗଳି ପଶି ଯିବାକୁ ପଡେ । ତେଣୁ ଘରର ଉଭୟ ପାର୍ଶ୍ୱରେ ଯିଏ ଯେମିତି ଚାହିଁଲେ ଚାଲିକି ଯାଇପାରେ । ଗୋଟିଏ ଘରୁ ଆଉ ଗୋଟିଏ ଘରକୁ ଯିବାପାଇଁ ହେଲେ ପାଦଚଲା ବାଟ ରହିଥାଏ ।

**ଗ୍ରାମକୁ ଲାଗିଥିବା ପାହାଡ, ପର୍ବତ ଓ ଜଳର ଉତ୍ସ:** ବର୍ଷାଦିନେ ଏହି ଅଂଚଳ ବଣଜଙ୍ଗଲ ପରିପୂର୍ଣ୍ଣ ହୋଇଥାଏ । ଏହାର ପ୍ରାକୃତିକ ଦୃଶ୍ୟ ଖୁବ୍ ସୁନ୍ଦର ଦିଶେ । ପର୍ବତ ଗୁଡିକରେ ଥିବା ବୃକ୍ଷଗୁଡିକ ସବୁଜ ଗଛରେ ଭରପୁର ହୋଇଉଠେ । ଦୂରକୁ ସତେ ଯେପରି ପାହାଡ ଉପରେ ଏକ ସବୁଜ ରଙ୍ଗର ବସ୍ତ୍ର କିଏ ଘୋଡାଇ ଦେଇଛି ବୋଲି ଜଣାପଡେ । ବର୍ଷାଋତୁ ସାରା ଏହି ଅଂଚଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଖୁବ୍ ମନଲୋଭା ହୋଇଥାଏ । ଦୂରରୁ ଏହି କିସାନ(କୁଣ୍ହାଁ) ବସତି ଗୁଡିକ ଖୁବ୍ ସୁନ୍ଦର ଦେଖାଯାଏ । ଏହି ବସତି ଗୁଡିକ ସାଧାରଣତଃ ପାହାଡ ପାଦଦେଶ ଓ ଝରଣା ନଈନାଳ କୂଳରେ ଅବସ୍ଥିତ ହୋଇଥାଏ । ଏହି ଅଂଚଳକୁ ସଂପୂର୍ଣ୍ଣ ପାହାଡ ପର୍ବତ ଅଂଚଳ କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ପ୍ରାୟ ଗ୍ରାମମାନଙ୍କୁ ପାହାଡ ପର୍ବତ ଘେରି ରହିଥାଏ । ଏହି ଅଂଚଳରେ ଥିବା ପାହାଡର ନାମ ହେଉଛି ମହାବୀର ପାହାଡ । ଏହା ଦକ୍ଷିଣ ଦିଗରେ ଅବସ୍ଥିତ । ଉତ୍ତରରେ ତିମ୍‌ନା ପାହାଡ (ଗାଁ ଅନୁଯାୟୀ ନାମକରଣ ହୋଇଛି) ପଶ୍ଚିମରେ ସଫେଇ ନଦୀ ଓ ପୂର୍ବରେ ମୁଣ୍ଡାବନ୍ଧ ରହିଛି ।

ହୁଏତ ପାହାଡ ପର୍ବତ ନଥିଲେ ବୋଧେ ସୁନ୍ଦରଗଡର ସୁନ୍ଦରତା ଲୋପ ପାଇ ଯାଇଥାନ୍ତା ବୋଲି ମନେହୁଏ । କିନ୍ତୁ ଏବେ ବନ୍ୟବିଭାଗ କର୍ମଚାରୀଙ୍କ ଦ୍ୱାରା ଏହି ସବୁ ପାହାଡ ପର୍ବତରୁ ଗଛକଟା ବନ୍ଦ କରାଯିବାରୁ ଲୋକମାନଙ୍କର ବିଶେଷ ଅସୁବିଧା ହେଉଅଛି । ଏହି ପାହାଡ ପର୍ବତରୁ କିସାନମାନେ କାଠ, ଫୁଲ, ଫଳ, ପତ୍ର, ଡାଳ, ମୂଳ, କନ୍ଦା, ଛତୁ, ଶାଗ, ଖଟା,ମହୁ, ଲାଖ, ଝୁଣା ଆଦି ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରିବା ସହିତ ଜଙ୍ଗଲରୁ ପଶୁପକ୍ଷୀ ଶୀକାର କରି ମଧ୍ୟ ନିଜର ଗୁଜୁରାଣ ମେଣ୍ଟାଇ ଥାନ୍ତି । ଆଗରୁ କୁହାଯାଇଛି ଯେ ପ୍ରତ୍ୟେକ ଏହି ବସତି ଗୁଡିକ ଏକ ଜଳଉତ୍ସ ନିକଟରେ ସ୍ଥାପନ କରାଯାଇଛି । ପାହାଡ ପରି ଝରଣା (ଝାର୍‌ନା) ମାନଙ୍କର ମଧ୍ୟ ବିଭିନ୍ନ ନାମ ରହିଛି । ଏହି ଜଳ ଉତ୍ସରୁ ସେମାନେ ନିତ୍ୟ ବ୍ୟବହାର ନିମିତ୍ତ ପାଣି ଆଣିଥାନ୍ତି । ସେଠାରେ ଗାଧୁଆପାଧୁଆ, ସଫାସଫି ଆଦି କାମ କରାଯାଇଥାଏ । ଏତଦ୍ ବ୍ୟତୀତ ଏହି ଜଳଉତ୍ସ ନିକଟରେ ଥିବା ଜମି ମାନଙ୍କରେ କୃଷିଜୀବି କିସାନ(କୁଣ୍ହାଁ) ତାର ଫସଲ

ଉତ୍ପାଦନ କରିଥାଏ । ଜଳଉତ୍ସରୁ ସେ ମଧ୍ୟ ମାଛ (ଇଞ୍ଚା), କଙ୍କଡା(କାଙ୍କୋଡ) ଇତ୍ୟାଦି ସଂଗ୍ରହ କରି ଖାଦ୍ୟ ରୂପେ ଗ୍ରହଣ କରିଥାଏ ।

**ଶ୍ମଶାନ (ମାଁଶଣାଁ):** ସମୟର ପରିବର୍ତ୍ତନ ଅନୁସାରେ ମଧ୍ୟ ମଣିଷ ଜୀବନରେ ପରିବର୍ତ୍ତନ ଆସିଥାଏ । ପୂର୍ବେ ସେମାନେ ଘଞ୍ଚ ଅରଣ୍ୟର ମଝିରେ ପାହାଡର ପାଦଦେଶରେ ଗ୍ରାମଗୁଡିକ ଗଠନ କରୁଥିଲେ । କେତେକ ଗାଁକୁ ମଧ୍ୟ ଏହି ଜଙ୍ଗଲ ଭିତରେ ସହଜ ରାସ୍ତା ପଡିଥାଏ । ପାଦଚଲା ରସ୍ତା ମଧ୍ୟ ଗାଁକୁ ସଂଯୋଗ କରିଥାଏ । ପ୍ରତ୍ୟେକ ଗ୍ରାମ ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ  ସୀମାର ସଙ୍କେତ ନାହିଁ । ଗାଁକୁ ଗାଁ ଯିବାକୁ ହେଲେ ପାଦଚଲା ରାସ୍ତା ଦେଇ ଯିବା ବେଳେ ଶ୍ମଶାନ ହେଉଛି ଗାଁ ସୀମା ପାଇଁ ଏକ ସଙ୍କେତ ସ୍ୱରୂପ । ଏହା ଗାଁର ଋରି ପଟକୁ ଦେଖାଯାଏ । ଏମାନଙ୍କର ଅଦୃଶ୍ୟଶକ୍ତି, ପିତୃପୁରୁଷଙ୍କ ଉପରେ ଅଗାଧ ବିଶ୍ୱାସ ରହିଥାଏ । ସାଧାରଣତଃ ଏହା କୌଣସି ପାର୍ଶ୍ୱରେ ରହିପାରେ । କୌଣସି ବ୍ୟକ୍ତିର ମୃତ୍ୟୁପରେ ତାକୁ ସାଧାରଣତଃ ମଶାଣୀରେ ପୋଡା  ଯାଏ । ଅଧିକାଂଶ ସମୟରେ ଶବକୁ ପୋଡାଯାଇଥିବା ପାଉଁଶକୁ ଘେରାଇ ପଥର ଆବଦ୍ଧ କରାଯାଇଥାଏ । ଏହି ସ୍ଥାନ ଉପରେ ଏକ ପାଖିଆ ଏକ ଛାମୁଡିଆ କରାଯାଏ । ଛାମୁଡିଆ ପାର୍ଶ୍ୱରେ ମୃତବ୍ୟକ୍ତି ଜଣଙ୍କ ବ୍ୟବହାର କରୁଥିବା ତାର ଦୈନନ୍ଦିନ ଜିନିଷତକ ପୋଂପାଡି ଦିଆଯାଏ । ତା'ର ଧନୁତୀର, ଟାଙ୍ଗିଆ, ଲୁଗା, ବାସନକୁସନ ଇତ୍ୟାଦି ଦ୍ରବ୍ୟ ମୃତ ବ୍ୟକ୍ତିର ବ୍ୟବହାର ପାଇଁ ପୋଂପାଡି ଦିଆଯାଏ ।

**ଗୋଚରଭୂମି:** କିସାନ(କୁଣ୍ହାଁ)ମାନେ ଋଷକାମ ସହିତ ମଧ୍ୟ ପଶୁପକ୍ଷୀ ଗୃହପାଳିତ ଜୀବ ହିସାବରେ ପାଳନ କରିଥାନ୍ତି । ଗୃହପାଳିତ ପଶୁ ହିସାବରେ ମୁଖ୍ୟତଃ ବଳଦ, ଗାଈ, ଛେଳି, ମେଣ୍ଢା, ମଇଁଷି ପାଳନ କରିଥାନ୍ତି । ଏହା ସହିତ କୁକୁଡା, ବତକ ଆଦି ମଧ୍ୟ ରଖିଥାନ୍ତି । ଗାଈଗୋରୁ, ଛେଳି, ମେଣ୍ଢା ଇତ୍ୟାଦିଙ୍କୁ ଚରେଇବା ପାଇଁ ପଡେ । ଋଷ ସମୟରେ ସେମାନେ ଦଳଦଳ ହୋଇ ପାଳି କରି ଚରାଇଥାନ୍ତି । ଏହି ଗାଈଗୋରୁ ଚରାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଜମି ନଥାଏ । ଏ ଜାଗାରୁ ସେ ଜାଗା, ଏ ପଦାରୁ ସେ ପଦା, ଏ ପାହାଡରୁ ସେ ପାହାଡକୁ ନେଇ ସେମାନେ ଗୃହପାଳିତ ପଶୁଙ୍କୁ ଚରାଇ ଥାନ୍ତି । ଶସ୍ୟ ନଷ୍ଟ ନକରିବା ପାଇଁ ଏବଂ ପଶୁ ମାନଙ୍କୁ ପ୍ରଚୁର ଖାଦ୍ୟ ଯୋଗାଇ ଦେବାପାଇଁ ଏମାନଙ୍କୁ ଆକଟ କରାଯାଏ ।

**ଋଷଜମି:** କିସାନ(କୁଣ୍ହାଁ)ମାନଙ୍କର ଋଷ ଜମିକୁ ତିନି ଭାଗରେ ବିଭକ୍ତ କରାଯାଇପାରେ, ଯଥା- ଗୃହକୁ ସଂଲଗ୍ନ ପନିପରିବା ବଗିଚ, ପାଣିଜମି (ଜଲଚର), ଟାଙ୍ଗରଜମି

(ଟାଙ୍ଗରାହାଲୁ), ଋଷ ଜମି (ଦାଲୁ), ଗୋଚରଜମି (ଗୋଚର ଆଡ଼ତା) କୁହାଯାଏ । ନଈନାଳର ଦୁଇ କୂଳେ କୂଳେ କିମ୍ବା ପାହାଡ ମଧ୍ୟସ୍ଥ ଉପତ୍ୟକା ଅଂଚଳରେ ପାଣି ଜମି ନିର୍ମାଣ କରାଯାଇଥାଏ । ଏହା ବର୍ଷସାରା ଜଳସେଚନ ପାଇଁ ବର୍ଷାଜଳ ଉପରେ ନିର୍ଭର କରିଥାଏ । ତେଣୁ ବର୍ଷା ଜଳର ସୁବିଧା ଅନୁଯାୟୀ ଏହି ଜମିରେ ବର୍ଷକୁ ଦୁଇଥର ଧାନ ଋଷ କରାଯାଏ । ବର୍ଷା ହେଲାପରେ ଧାନକୁ ତଳିପକାଇ ଜମିକୁ କାଦୁଅ କରି ରୋପଣ କରାଯାଇଥାଏ । ଯେଉଁ ଢିପ ଜମିଗୁଡିକରେ ପାଣି ଜମି ରହେନାହିଁ ତାକୁ ପଦା କୁହାଯାଏ । ଏହି ଜମି ମଧ୍ୟ ବର୍ଷାଜଳ ଦ୍ୱାରା ସେଚିତ ହୋଇଥାଏ । ଏଠାରେ ଧାନ, ମାଣ୍ଡିଆ, କୋଳଥ ଇତ୍ୟାଦି ଋଷ କରାଯାଏ । ଗାଁର ସୀମା ସ୍ଥାନରେ ଖୁବ୍ କମ୍ ସମତଳ ପଡିଆ ଦେଖାଯାଏ । ଏହି ସ୍ଥାନଗୁଡିକରେ ହାଟ ହୁଏ କିମ୍ବା ଖେଳିବା ପାଇଁ ଉପଯୁକ୍ତ ସ୍ଥାନ ଭାବରେ ରହିଥାଏ ।

**ଭୋଜିସ୍ଥାନ:** କିସାନ(କୁଣ୍ହାଁ)ମାନଙ୍କର ନିର୍ଦ୍ଦିଷ୍ଟ ଭୋଜିସ୍ଥାନ ନାହିଁ । ଯେଉଁ ବ୍ୟକ୍ତିର ପର୍ବ ପଡେ ବା ବେଂଜା ହୁଏ ସେ ଗ୍ରାମର ଏକ ଖାଲି ପଡିଆ ଜାଗାରେ ଭୋଜି ଭାତର ଆୟୋଜନ କରେ, ଆହୁରି ମଧ୍ୟ ଗାଁ ମଝିରେ ଥିବା ବଡ ବଡ ବୃକ୍ଷ ତଳେ ମଧ୍ୟ ଭୋଜିର ଆୟୋଜନ ହୋଇଥାଏ ।

**ଦେବପୀଠ:** ପୂଜା କରିବାର ନିର୍ଦ୍ଦିଷ୍ଟ ସ୍ଥାନ ରହିଅଛି । କେତେକ ଗ୍ରାମର କିସାନ(କୁଣ୍ହାଁ) ମାନେ ଗଛମୂଳେ, ପାହାଡ ଉପରେ ଧର୍ମଦେବତାଙ୍କୁ ପୂଜା କରିଥାନ୍ତି । ଅନ୍ୟ କେତେକ ଗ୍ରାମବାହାରେ ଏକ ଛୋଟ ପିଣ୍ଡି କରି ଗ୍ରାମଦେବତାଙ୍କୁ ସେଠାରେ ପୂଜା କରିଥାନ୍ତି, ସ୍ତ୍ରୀଲୋକମାନେ ଘରର ଅଗଣାରେ ଚଉରା ପୂଜା କରିଥାନ୍ତି ।

**ତଳିଆ ଜମି:** ପାହାଡ ପାଦଦେଶଠାରୁ ଅତି ଖାଲୁଆ ଜମି ଗୁଡିକରେ ପାଣି ରହିବାର ସୁବିଧା ଥାଏ । ଏହି ଜମିଗୁଡିକ ଧାନ ଋଷ ପାଇଁ ଉପଯୁକ୍ତ । ବଗିଚ୍ଚ ଜମି ଗୁଡିକୁ ସେମାନେ ବାଡବନ୍ଧି ଆବଦ୍ଧ କରିଥାନ୍ତି । ଭେଣ୍ଡି, ଜହ୍ନି, ଝୁଡୁଙ୍ଗ ତଥା ଅନ୍ୟାନ୍ୟ ବର୍ଷାଦିନିଆ ପନିପରିବା ଏଥିରେ ଋଷ କରାଯାଇଥାଏ । ଜମିଗୁଡିକର ଋରିପଟ ହୁଡା/ବନ୍ଧ କରାଯାଇଥାଏ । ବନ୍ଧ ପକାଇବା ଦ୍ୱାରା ପାଣି ଜମି ରହିବାର ସମ୍ଭାବନା ଥାଏ । ଏହି ଜମି ଗୁଡିକରେ ଶସ୍ୟ ଭଲ ହୋଇଥାଏ । ଋଷ ପୂର୍ବରୁ ଏ ପ୍ରକାର ଜମିରେ ଗୋବର ସାର ପ୍ରୟୋଗ କରାଯାଇଥାଏ ।

**ଢିପଜମି:** ଢିପ ଜମି ଗୁଡିକରେ ସାଧାରଣତଃ ପାଣି ଜମାହୋଇ ରହିନଥାଏ । ଏହି ଜମିଗୁଡିକ ବର୍ଷା ଜଳ ଦ୍ୱାରା ସେଚିତ ହୋଇଥାଏ । ଏଠାରେ ହେସ୍ତୁ, ମାଡିଆ, ମୁଗି,

ଆର୍‌ସକା, ଗହ୍‌ମ, କେଁସା, ମାଡି ଇତ୍ୟାଦି ଋଷ କରାଯାଇଥାଏ । ଜଙ୍ଗଲର ଢିପ ଜାଗାରେ ମାଣ୍ଡିଆ ଋଷ ହୁଏ । ଧାନଭିତରେ ଗୁଲ୍‌ଜି ଓ କଦୋ ଢିପଜମିରେ ଋଷ କରାଯାଏ ।

କିସାନ(କୁଣ୍‌ହାଁ) ସମାଜରେ ପାରମ୍ପରିକ ସୁରକ୍ଷା ବ୍ୟବସ୍ଥା କିଚ୍ଛି ନଥାଏ । ବିଭିନ୍ନ ପ୍ରକାର କଳହ ଓ ସୀମା ନିର୍ଦ୍ଧାରଣ ଜନିତ ଗଣ୍ଡଗୋଳରୁ ରକ୍ଷା ପାଇବା ପାଇଁ ଗୃହ ଗୃହ ମଧ୍ୟରେ ପାଚେରୀ ହୋଇଥାଏ । କିନ୍ତୁ ଗ୍ରାମ ଗ୍ରାମ ମଧ୍ୟରେ ପ୍ରାଚୀର ହୋଇନଥାଏ । ଏତଦ୍ ବ୍ୟତୀତ ଗ୍ରାମର ମୁଖିଆ ଓ ପୂଜାରୀ (କାଲୋ) ଗ୍ରାମ ରକ୍ଷକ ହିସାବରେ କାମ କରିଥାନ୍ତି । ଗାଁକୁ କୌଣସି ବିପତ୍ତି ଆସିଲେ ମୁଖିଆ ଗ୍ରାମର ସମସ୍ତଙ୍କୁ ଜଣାଇଥାନ୍ତି । ଏହାର ପ୍ରତିକାର ପାଇଁ ସେମାନେ ଦେବାଦେବୀ ଓ ପିତୃପୁରୁଷଙ୍କୁ ସ୍ମରଣ କରିଥାନ୍ତି । ସେଥିପାଇଁ ପୂଜା ପାଠ କରି ବିପଦ ଆପଦରୁ ଗ୍ରାମକୁ ରକ୍ଷା କରିଥାନ୍ତି । ଏହାଛଡା ଗ୍ରାମର ସୁରକ୍ଷା ପାଇଁ ଗ୍ରାମବାସୀମାନେ ସବୁବେଳେ ସଚେତନ ଥାଆନ୍ତି ।

# ଯାଦୁଧର୍ମୀୟ କର୍ମକର୍ତ୍ତା

ଜନଜାତମାନେ ସମସ୍ତେ ଧର୍ମବିଶ୍ୱାସୀ । କିସାନ(କୁଣ୍‌ହାଁ)ମାନେ ଏଥିରୁ ବା ବାଦ୍ ଯାଆନ୍ତେ କିପରି । ବିଭିନ୍ନ ପ୍ରକାର ଅଦୃଶ୍ୟ ଶକ୍ତି ଦେବଦେବୀମାନଙ୍କୁ ପୂଜା କରିଲେ ସେମାନଙ୍କର ଫସଲ ଭଲ ହୁଏ । ଗୃହପାଳିତ ପଶୁପକ୍ଷୀଙ୍କର ସ୍ୱାସ୍ଥ୍ୟ ଭଲ ରହେ । ଗ୍ରାମ ମଧ୍ୟକୁ ଜଙ୍ଗଲରୁ ହିଂସ୍ରଜନ୍ତୁ ଆସନ୍ତି ନାହିଁ କି ଗ୍ରାମ ମଧ୍ୟରେ ପ୍ରବେଶ କରନ୍ତି ନାହିଁ । ଗ୍ରାମ ମଧ୍ୟକୁ ମଧ୍ୟ କୌଣସି ବାହ୍ୟ ଶତ୍ରୁ ପଶି ପାରନ୍ତି ନାହିଁ ଓ ଗୃହରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଭଲ ରହିଥାଏ । ଏହି ସବୁ ପୂଜା କାର୍ଯ୍ୟ ଗ୍ରାମ୍ୟ ପୂଜାରୀ (କାଲୋ) ଦ୍ୱାରା କରାଯାଇଥାଏ । ଏମାନଙ୍କର କାର୍ଯ୍ୟ ପୂଜାରୀର କାର୍ଯ୍ୟଠାରୁ ସ୍ୱତନ୍ତ୍ର ହୋଇଥାଏ । ପୂଜାରୀମାନେ ଦେବାଦେବୀମାନଙ୍କୁ ପୂଜା କରି ସନ୍ତୁଷ୍ଟ କରିବା ସ୍ଥଳେ ଯାଦୁକରମାନେ ଦେବାଦେବୀ ମାନଙ୍କୁ ଆୟତ୍ତ କରି ରଖିଥାନ୍ତି । ସେହିମାନଙ୍କୁ ବଶୀଭୂତ କରିବା ପାଇଁ ସେମାନେ ଏକ ଭିନ୍ନ ରକମର ପୂଜାପାଠ କରିଥାନ୍ତି । ବିଭିନ୍ନ ପ୍ରକାର ଅଦୃଶ୍ୟ ଶକ୍ତିମାନଙ୍କୁ ଆୟତ୍ତ କରି ସେମାନଙ୍କୁ ନିଜ ଅଧିନରେ ରଖି ବିଭିନ୍ନ ପ୍ରକାର ଅଦ୍ଭୁତ କାର୍ଯ୍ୟ ସାଧନା କରିଥାନ୍ତି । ଯାଦୁ ଓ ଗୁଣିଗାରେଡି ଦ୍ୱାରା ଅଦୃଶ୍ୟ ଶକ୍ତିମାନଙ୍କୁ ଆୟତ୍ତ କରି ଦୈନିକ ବ୍ୟକ୍ତିର କ୍ଷତି ସାଧନା କରି ଆତ୍ମତୃପ୍ତି ପାଇଥାନ୍ତି । ଏହି ଯାଦୁକର ଓ ଗୁଣିଆମାନେ ଲୋକମାନଙ୍କର ଉପକାର ସାଧନା କରୁଥିବା ବେଳେ ଅନେକ ସମୟରେ ଲୋକମାନଙ୍କର ଅପକାର ସାଧନା ମଧ୍ୟ କରିଥାନ୍ତି । କୌଣସି ଅପଶକ୍ତି ଦ୍ୱାରା ଅଦୃଶ୍ୟ ଶକ୍ତିମାନଙ୍କୁ ପେଷଣ କରି କୌଣସି ବ୍ୟକ୍ତିର ଶରୀରରେ ଯନ୍ତ୍ରଣା ହେଉଥିଲେ ଗୁଣିଆ ମନ୍ତ୍ରପାଠ କରି ଅପଶକ୍ତି ଦ୍ୱାରା ପେଷଣ କରାଯାଇଥିବା ଭୂତପ୍ରେତ ଡାହାଣୀକୁ ବଶୀଭୂତ କରାଇ ତାକୁ ଶରୀରରୁ ବିତାଡିତ କରିଥାନ୍ତି, ଫଳରେ ବ୍ୟକ୍ତି ସୁସ୍ଥ ଅନୁଭବ କରେ । ଏହି ଗୁଣିଆମାନେ କୌଣସି ସାଙ୍ଘାତିକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁକୁ ଆମନ୍ତ୍ରଣ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ମନ୍ତ୍ରପାଠ ଓ ପୂଜାପାଠ ଆଦି କରି ସେହି ବ୍ୟକ୍ତିକୁ ମାରାତ୍ମକ ରୋଗରୁ ମୁକ୍ତି କରି ନବଜୀବନ ପ୍ରଦାନ କରିଥାନ୍ତି । କୌଣସି ବ୍ୟକ୍ତିଙ୍କ ଘରୁ ଜିନିଷ ଚୋରୀ ହୋଇଥିଲେ, ମନ୍ତ୍ରପାଠ ଓ ପୂଜାପାଠ ଆଦି କରି ପ୍ରକୃତ ଚୋରକୁ ଧରିବାରେ ସାହାଯ୍ୟ କରିଥାନ୍ତି । ଗାଁର ଚତୁଃପାର୍ଶ୍ୱ ସୀମାନ୍ତକୁ ମନ୍ତ୍ରପାଠ କରି ବନ୍ଦୀ କରାଯାଇଥାଏ । ଫଳରେ କୌଣସି ଅଦୃଶ୍ୟ ଶକ୍ତି ଗ୍ରାମ ମଧ୍ୟକୁ ପ୍ରବେଶ କରିପାରନ୍ତି ନାହିଁ । ମନ୍ତ୍ର ଶକ୍ତି ଦ୍ୱାରା ଗ୍ରାମସ୍ତରୀୟ ବିବାଦର ସମାଧାନ ମଧ୍ୟ କରାଯାଇଥାଏ । ଗ୍ରାମର ଉଦ୍ଧତ ମହିଳାମାନଙ୍କୁ ମଧ୍ୟ ମନ୍ତ୍ର

ବଳରେ ବଶୀଭୂତ ବଶବର୍ତ୍ତୀ କରାଯାଇଥାଏ । ବିଭିନ୍ନ ପ୍ରକାର ଅଲୌକିକ କାର୍ଯ୍ୟ ପ୍ରଦର୍ଶନ କରାଇ ଏମାନେ ଗ୍ରାମବାସୀମାନଙ୍କର ତଥା ଗ୍ରାମର ହିତସାଧନ କରିଥାନ୍ତି ।

## ପାରିବାରିକ ସ୍ତର:

କିସାନ(କୁଣ୍ହାଁ)ମାନେ ବିଶ୍ୱାସ କରିଥାନ୍ତି ଯେ ପୂର୍ବପୁରୁଷ ବା ପିତୃପିତାମାନେ ସଦାସର୍ବଦା ନିଜ ପରିବାର ଲୋକଙ୍କର କାର୍ଯ୍ୟକଳାପକୁ ଲକ୍ଷ୍ୟ ରଖିବା ପାଇଁ ନିଜ ଘରର ରୋଷେଇ ଘରର ଗୋଟିଏ କୋଣରେ ଅବସ୍ଥାନ କରିଥାନ୍ତି । ତେଣୁ ଗୃହକର୍ତ୍ତା ବା ଘରର ମୁଖିଆ (ମୁଖ୍ୟ) ପୂଜାପାଠ ନିଜେ କରିଥାନ୍ତି । ସେମାନଙ୍କର ବିଶ୍ୱାସ ଥାଏ ଯେ ପିତୃପିତା ମାନଙ୍କୁ ସନ୍ତୁଷ୍ଟ କଲେ ସେମାନଙ୍କର ମଙ୍ଗଳ ହୁଏ । ଗୃହପାଳିତ ପଶୁପକ୍ଷୀ ଭଲରେ ରହିଥାନ୍ତି, ଭଲ ଫସଲ ହୁଏ ଇତ୍ୟାଦି । ତେଣୁ ପ୍ରତ୍ୟେକ ପୂଜାରେ ସେମାନଙ୍କୁ ଖାଦ୍ୟ ଓ ପାନୀୟ ପ୍ରଦାନ କରିଥାନ୍ତି । ଯେହେତୁ ଘରର ମୁଖିଆ ଏହି କାର୍ଯ୍ୟ କରିବାର ବିଧି ରହିଛି, ତେଣୁ କୌଣସି ଶକ୍ତି ତାକୁ ଏହି କାର୍ଯ୍ୟରୁ ନିବୃତ୍ତ କରିପାରି ନଥାଏ । ଏହାର ଉତ୍ତରାଧିକାରୀ ସୂତ୍ରରେ ବାପଙ୍କଠାରୁ ଘରର ବଡପୁଅକୁ ହସ୍ତାନ୍ତର କରାଯାଇଥାଏ । ଏହି ପଦବୀ ଗ୍ରହଣ କରିବା ପାଇଁ କୌଣସି ବ୍ୟକ୍ତିର ସ୍ୱତନ୍ତ୍ର ଗୁଣ ଜରୁରୀ ହୋଇ ନଥାଏ । କିନ୍ତୁ ତାଙ୍କର ପୂଜାପାଠ ବିଷୟରେ ଧାରଣା ଥିବା ଦରକାର । ମୁଖ୍ୟତଃ ଏଥିପାଇଁ ସ୍ୱତନ୍ତ୍ର ଧରଣର ଶିକ୍ଷା ନଥାଏ । ତଥାପି ପୁତ୍ର ପିତା କରୁଥିବା କାର୍ଯ୍ୟକୁ ଦେଖି ଦେଖି ବା ନିରୀକ୍ଷଣ କରି ଶିଖିଥାଏ । ଗୃହର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାର ବଡପୁଅ ଏହି କାର୍ଯ୍ୟ ସମ୍ପାଦନ କରିଥାଏ । ବାପାମାନେ ମଧ୍ୟ ସ୍ୱତନ୍ତ୍ର ଭାବରେ କେଉଁ ପୂଜାପାଠ କିପରି କରାଯିବ ତାହା ବତାଇଥାନ୍ତି । ବିଭିନ୍ନ ପୂଜା ଓ ପର୍ବପର୍ବାଣୀ ଯଥା- ନୂଆଖାଇ, ଗହ୍ମାପୂର୍ଣ୍ଣିମା, ଅକ୍ଷୟ ତୃତୀୟା, ଦୋଳପୂର୍ଣ୍ଣିମା ଇତ୍ୟାଦି ପର୍ବରେ ଗ୍ରାମସ୍ତରରେ ପୂଜା ହେବା ସହିତ ଘରେ ମଧ୍ୟ ପୂଜା କରାଯାଇଥାଏ । ଏହି ପୂଜାପାଠ ଘରର ମୁଖ୍ୟ ଲୋକ କରିଥାନ୍ତି । ପୂଜାପାଠ ସରିବା ପୂର୍ବରୁ ସେମାନେ କେତେକ ନିୟମ ପାଳନ କରିଥାନ୍ତି । ଯଥା- ପୂଜାପାଠ ନସରିବା ଯାଏ ସେମାନେ ଉପବାସ ରହିଥାନ୍ତି । ପୂଜା ସମୟରେ ସେମାନେ କାହା ସହିତ କଥା ହୁଅନ୍ତି ନାହିଁ । ପୂଜାପାଠ ସମୟରେ ସେମାନେ କୌଣସି ପ୍ରକାର ମଦ, ହାଣ୍ଡିଆ ପିଅନ୍ତି ନାହିଁ । ପୂଜାପାଠ ସମୟରେ କୌଣସି କାର୍ଯ୍ୟ ତାଙ୍କର ପରାମର୍ଶ ଅନୁସାରେ ହୋଇଥାଏ । ପୂଜାପାଠ କରିବା ସମୟରେ ଏମାନେ କୌଣସି ସ୍ୱତନ୍ତ୍ର ପୋଷାକ ପରିଚ୍ଛଦ ପରିଧାନ କରିନଥାନ୍ତି । ପୂଜାପାଠ କରୁଥିବା ବ୍ୟକ୍ତିଙ୍କୁ ଗୃହର

ଅନ୍ୟ ସଦସ୍ୟମାନେ ସ୍ନେହ, ଶ୍ରଦ୍ଧା ଓ ଭକ୍ତି ଅର୍ପଣ କରିଥାନ୍ତି । ସେ ଘରର ଲୋକ ହୋଇଥିବାରୁ ତାଙ୍କୁ ଏଥିପାଇଁ କୌଣସି ପାଉଣା ଦିଆଯାଇନଥାଏ । ଗ୍ରାମର ପାରମ୍ପରିକ ସଭାରେ ଏମାନେ ସାଧାରଣ ବ୍ୟକ୍ତିଙ୍କ ସହ ଯୋଗ ଦେଇ ନିଜର ମତବ୍ୟକ୍ତ କରିଥାନ୍ତି । ଗ୍ରାମ ଓ ଗୋଷ୍ଠୀ ସ୍ତରରେ ଏମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ସୁଯୋଗ ସହିତ କିଛି କିଛି ଅଲଗା ଜିନିଷ ଉପହାର ସ୍ୱରୂପ ଦେଇଥାନ୍ତି । ତା'ପରେ ସେମାନେ ଘରର ଦେବତା ଓ ପୂର୍ବପୁରୁଷଙ୍କ ନାମରେ ହାଣ୍ଡିଆ ଓ ପଶୁବଳୀ ଦେଇଥାନ୍ତି । ଏହା ପରେ ଏକ ଭୋଜିଭାତର ଆୟୋଜନ କରାଯାଇ ଏକତ୍ର ମିଳିମିଶି ଖାଦ୍ୟ ଗ୍ରହଣ କରିଥାନ୍ତି ।

**ଗ୍ରାମ/ଗୋଷ୍ଠୀସ୍ତର :**

ପରିବାରର ମୁଖ୍ୟ ପରିବାରର ମଙ୍ଗଳ ପାଇଁ ପୂଜାପାଠ କରିଥିବା ବେଳେ ଗ୍ରାମ ସ୍ତରୀୟ ପୂଜାପାଠ ଅବସରରେ ପୂଜାରୁ (କାଲୋ) ଓ ଦେହୁରୀର ଆବଶ୍ୟକ ହୋଇଥାଏ ।

**ମନୋନୟନ ପଦ୍ଧତି:** କିସାନ(କୁଣ୍ହାଁ) ସମାଜରେ ଗ୍ରାମର ପୁରୋହିତ (କାଲୋ) ପୂଜାପାଠ ତଥା ଗ୍ରାମ ଦେବାଦେବୀଙ୍କୁ ପୂଜା ଆରଧନା କରିଥାଏ । ଯଦି ସେହି କାଲୋ ଦାୟିତ୍ୱରେ ରହି ହଠାତ୍ କୌଣସି ଦୁର୍ଘଟଣାରେ ସେ ମୃତ୍ୟୁବରଣ କଲେ କିମ୍ବା ସେ ବୃଦ୍ଧ ହୋଇଗଲେ କିମ୍ବା ପୂଜା କରିବାରେ ଅକ୍ଷମତା ପ୍ରକାଶ କଲେ ସେ କ୍ଷେତ୍ରରେ ତାଙ୍କର ପୁତ୍ର ସେହି କାର୍ଯ୍ୟ କରିଥାନ୍ତି କିମ୍ବା ଗ୍ରାମର ଲୋକମାନେ ସଭା ଡକାଇ ଯାହାକୁ ମନୋନୀତ କରିଥାନ୍ତି ସିଏ ସେହି ଭୂମିକାରେ କାର୍ଯ୍ୟ କରିଥାଏ । କାଲୋକୁ ମନୋନୟନ କରିବା ବେଳେ ପ୍ରଥମେ ଗାଁର ମୁଖିଆ ଗାଁ ସାରା ବୁଲିବୁଲି ଗାଁ ଲୋକଙ୍କୁ ସଭାରେ ଯୋଗଦେବା ପାଇଁ ଡାକିଥାଏ । ଗାଁ ଲୋକମାନେ ସନ୍ଧ୍ୟାରେ ଗୁଣ୍ଠ ହୋଇଥାନ୍ତି । ବେଶୀ ଲୋକ ଯେଉଁ ଲୋକକୁ ବାଛିଥାନ୍ତି ସେହି ଲୋକ କାଲୋର ଭୂମିକା ନେଇଥାଏ । ସେହି ଦିନଠାରୁ ଉକ୍ତ ବ୍ୟକ୍ତିଙ୍କୁ ସମସ୍ତେ ଗ୍ରାମର କାଲୋ ବୋଲି କହିଥାନ୍ତି ।

**କାଲୋ:** ଯେକୌଣସି ବ୍ୟକ୍ତି ପୂଜାରୀ (କାଲୋ) ହେବା ପାଇଁ ଯୋଗ୍ୟ ବିବେଚିତ ହୁଏ ନାହିଁ । ଏଥିପାଇଁ କେତେକ ସ୍ୱତନ୍ତ୍ର ଗୁଣ, ବ୍ୟକ୍ତିତ୍ୱ ଓ ପୃଷ୍ଠଭୂମି ରହିଥିବା ଆବଶ୍ୟକ । ସେଗୁଡିକ ହେଲା:-

- ସେ କିସାନ ସଂପ୍ରଦାୟର ହୋଇଥିବା ଦରକାର ।
- ସେ ପୁରୁଷ ହୋଇଥିବା ଦରକାର ।

- ସେ ବିବାହ କରିଥିବା ଆବଶ୍ୟକ ।
- ସେ ପ୍ରତ୍ୟେକ ଲୋକଙ୍କୁ ଭଲ ପାଇବା ଦରକାର ।
- ସେ ସାଧାରଣତଃ ସରଳ ତଥା ଧର୍ମପ୍ରାଣ ବ୍ୟକ୍ତି ହେବା ଦରକାର ।
- ତାଙ୍କର ଈଶ୍ୱରଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା ଥିବା ଦରକାର ।
- ଗ୍ରାମ ଦେବଦେବୀଙ୍କୁ ପୂଜା କରିବାରେ ସିଦ୍ଧହସ୍ତ ହୋଇଥିବା ଦରକାର ।
- ସେ ଜଣେ ନିଷ୍କପଟ ବ୍ୟକ୍ତି ହୋଇଥିବା ଦରକାର ।
- ସେ ଜଣେ ଜ୍ଞାନୀ, ବୁଦ୍ଧିମାନ, ଧର୍ମପରାୟଣ ଓ ନୀତିନିୟମ ଜାଣିଥିବା ଆବଶ୍ୟକ
- ସେ ଆଗରୁ କାଲୋ ସହିତ କାର୍ଯ୍ୟ କରିଥିବା ଦରକାର ।

ଏହିସବୁ ଗୁଣଥିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରତ୍ୟେକ ଲୋକ ପସନ୍ଦ କରିଥାନ୍ତି ଏବଂ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଲୋକମାନେ ତାଙ୍କୁ ମାନିଥାନ୍ତି ।

ଯଦି କାଲୋ ବଂଶାନୁକ୍ରମିକ ଉତ୍ତରାଧିକାରୀ ସୂତ୍ରରେ କାଲୋପଦ ଗ୍ରହଣ କରିଥାନ୍ତି ତେବେ ସେ ଆଗରୁ କାଲୋ ଥିବା ବ୍ୟକ୍ତିଙ୍କ ଠାରୁ ପୂଜା କରିବାର ବିଭିନ୍ନ ପଦ୍ଧତି ମାନ ଦେଖି ଦେଖି ଶିକ୍ଷା କରିଥାନ୍ତି । ସାଧାରଣତଃ ଗୃହର ପୂଜକମାନେ କୌଣସି ପ୍ରକାର ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ହୋଇନଥାନ୍ତି କିମ୍ବା ପୂଜାପାଠ ପାଇଁ ତାଲିମ ନେବାର ଆବଶ୍ୟକତା ନଥାଏ । ଘରୋଇ ଭାବରେ ସେମାନେ ନିଜର ପିତା / ପିତୃବ୍ୟଙ୍କଠାରୁ ପୂଜାବିଧିର ସମସ୍ତ ଜ୍ଞାନକୌଶଳ ଆହରଣ କରିଥାନ୍ତି । ପିଲାବେଳୁ ପୂଜାର ପ୍ରଥା ବିଧି ଦେଖି ଶିଖି ନିଜକୁ ଆପଣାଛାଏଁ ଅଭିଜ୍ଞ କରାଇନିଅନ୍ତି ଏବଂ ପିତାଙ୍କ ଅନ୍ତେ ଘରେ ସମସ୍ତ ପୂଜାପାଠ ତାଲିମ ପ୍ରାପ୍ତ ପୂଜକ ଭାବରେ ସମାପନ କରିବାକୁ ଦକ୍ଷ ହୋଇଯାଆନ୍ତି । ଆବଶ୍ୟକସ୍ଥଳେ ଅଭିଜ୍ଞ ପଡୋଶୀ କିମ୍ବା ଦେହୁରୀଙ୍କର ପରାମର୍ଶ ଲୋଡିଥାନ୍ତି । ପୂଜାସ୍ଥାନରେ ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ ହିସାବରେ କାଲୋ ବ୍ୟତୀତ ଦିଶାରୀ ମଧ୍ୟ ଉପସ୍ଥିତ ଥାଆନ୍ତି ଓ ବିଭିନ୍ନ କାର୍ଯ୍ୟକଳାପକୁ ମଧ୍ୟ ସେ ନିରୀକ୍ଷଣ କରୁଥାଆନ୍ତି । କାଳକ୍ରମେ ସେ ମଧ୍ୟ ଉକ୍ତ କାର୍ଯ୍ୟ କରିବା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି ।

ପାରିବାରିକ ସ୍ତରରେ ଧର୍ମୀୟ କର୍ମକର୍ତ୍ତାମାନେ ସମସ୍ତ ଘରୋଇ ପାରମ୍ପରିକ ପୂଜାମାନ ସମ୍ପାଦନ କରନ୍ତି । ଘରେ ସେମାନେ ମହାବୀର ପୂଜା, ନିଜର ପୂର୍ବପୁରୁଷ, ନୂଆଖିଆ, ଅକ୍ଷୟ ତୃତୀୟା ଆଦି ପୂଜାଗୁଡିକ ନିର୍ଣ୍ଣୟ କରିଥାନ୍ତି ।

ଇଷ୍ଟ ଦେବତାଙ୍କୁ ସବୁବେଳେ ସନ୍ତୁଷ୍ଟ କରି ରଖିବାକୁ ହୁଏ । କାରଣ ତାଙ୍କର ଆଶୀର୍ବାଦ ଦ୍ୱାରା ପରିବାରରେ ସମସ୍ତ ପ୍ରକାର ବିପତ୍ତି ଦୂରେଇ ଯାଇ ଗୃହଟି ସୁଖ ଶାନ୍ତିମୟ ହୋଇଥାଏ । ଏମାନେ ଅନେକ ଗୁଣିଆ କାମ ମଧ୍ୟ ଜାଣିଥାଆନ୍ତି । ଘରୋଇ ଭାବରେ ଝଡାଫୁଂକା ଏବଂ ପଡୋଶୀ ପିଲାମାନଙ୍କୁ ଦୃଷ୍ଟି ନଜର ଲାଗିଲେ ତାଙ୍କୁ ସୁସ୍ଥ କରିପାରନ୍ତି । ପୁଣି ପରିବାରର ମୁଖ୍ୟମାନେ ଗ୍ରାମସଭାର ସାଧାରଣ ସଦସ୍ୟ ହୋଇଥିବାରୁ ସଭାକାର୍ଯ୍ୟରେ ସହଯୋଗ ପ୍ରଦାନ କରିବା ସଙ୍ଗେସଙ୍ଗେ ଗ୍ରାମର ସାମୂହିକ ଉନ୍ନତି ପାଇଁ ସହାୟତା କରିଥାନ୍ତି ।

## ବିଧି ନିଷେଧ:

କିସାନ(କୁଣ୍ହାଁ) ସମାଜରେ ପରିବାରର ଧର୍ମୀୟ କର୍ମକର୍ତ୍ତାମାନଙ୍କ ପାଇଁ ଖାଦ୍ୟ ପାନୀୟରେ କୌଣସି ବାରଣ ନଥାଏ । ସାଧାରଣଭାବେ ସେମାନେ ସବୁପ୍ରକାର ଖାଦ୍ୟ ଓ ପାନୀୟ ଗ୍ରହଣ କରିଥାନ୍ତି । ବିଭିନ୍ନ ପର୍ବପର୍ବାଣୀ, ପୂଜାପାଠ ଓ କର୍ମକାଣ୍ଡ ଅବସରରେ କାଲୋ / ଦିଶାରୀ ପାଳନ କରୁଥିବା ବିଭିନ୍ନ ପ୍ରକାର ନିଷେଧ / ନିବାରଣଗୁଡିକ ନିମ୍ନରେ ବର୍ଣ୍ଣନା କରାଗଲା ।

- ପ୍ରତ୍ୟେକ ଦିନ ପୂଜା କରିବାବେଳେ ପୂଜା ନସରିବା ପର୍ଯ୍ୟନ୍ତ କାଲୋ ଉପବାସ ପାଳନ କରେ ।
- ସେହି ପୂଜାଦିନ ସେ କୌଣସି ନିଶାଦ୍ରବ୍ୟ ଯଥା- ପିକା, ଧୂଆଁପତ୍ର, ହାଣ୍ଡିଆ, ମଦ, ମହୁଲୀ ଆଦି ସେବନ କରନ୍ତି ନାହିଁ ।
- ଗୃହରେ କେହି ମୃତ୍ୟୁବରଣ କରିଥିଲେ ଶୁଦ୍ଧକ୍ରିୟା ନଯିବା ପର୍ଯ୍ୟନ୍ତ ଏବଂ ଛୁଟିକିଆ ହୋଇଥିଲେ ଗୃହ ପବିତ୍ର ନହେବା ପର୍ଯ୍ୟନ୍ତ ସେ ଘରର ବା ବାହାରର ପୂଜାପାଠ କରନ୍ତି ନାହିଁ । ଏପରିକି ଗ୍ରାମର ସାମୂହିକ ପୂଜାରେ ଅଂଶଗ୍ରହଣ କରିବାକୁ ମଧ୍ୟ ନିଷେଧ ଥାଏ ।
- ପୂଜା ନସରିବା ପର୍ଯ୍ୟନ୍ତ ସେ ଆମିଷ ଭକ୍ଷଣ କରିନଥାନ୍ତି ।
- ପୂଜାଦିନ ଏବଂ ପୂଜାର ପୂର୍ବଦିନ ଗୃହକର୍ତ୍ତା ସ୍ତ୍ରୀ ସହିତ କାମ ସଂପର୍କ ରଖନ୍ତି ନାହିଁ । ଶୁଦ୍ଧପୂତ ତଥା ନିଷ୍ଠାର ସହ ପୂଜା କରିବାକୁ ଏମାନେ ପସନ୍ଦ କରିଥାନ୍ତି । ଏହା ଦ୍ୱାରା ଈଶ୍ୱର ଅନୁଚିନ୍ତା ସ୍ଥିର ରହେ ଏବଂ ପୂଜାବିଧିରେ ପବିତ୍ରତା ସୁରକ୍ଷିତ ରହେ ।

- ଗୃହକର୍ତ୍ତାଙ୍କୁ ଯେଉଁଠି ପୂଜାପାଠ କରିବାକୁ ହୁଏ ସେ ରଜୋବତୀ କାଳରେ ପୂଜା କରିବା ପାଇଁ ନିଷେଧ ଥାଏ । ଘରୋଇ ପୂଜା ମଧ୍ୟ ସେ କରନ୍ତି ନାହିଁ । ସେତେବେଳେ ସ୍ୱବଂଶର କୌଣସି ବ୍ୟକ୍ତିଙ୍କ ଦ୍ୱାରା ପୂଜାବିଧି ସଂପାଦିତ ହୋଇଥାଏ ।

## ଲୋକମାନଙ୍କର ମନୋଭାବ:

ପରିବାର ବା ସାମାଜିକ ସ୍ତରୀୟ ଧର୍ମୀୟ କର୍ମକର୍ତ୍ତାମାନେ ସଭିଏଁ ସ୍ୱଗ୍ରାମର ସାଧାରଣ ଅଧିବାସୀ । କେବଳ ନିଜ ନିଜ ପରିବାରରେ ସେମାନେ ଧର୍ମୀୟ କର୍ମକର୍ତ୍ତା ବା ପୂଜକ ଭାବରେ ପୂଜାକାର୍ଯ୍ୟ ସମ୍ପାଦନ କରନ୍ତି । ସମସ୍ତେ ପୁଣି ଗ୍ରାମସଭାର ସାଧାରଣ ସଦସ୍ୟ । ତେଣୁ ସମସ୍ତଙ୍କର କାର୍ଯ୍ୟଧାରା ସମାନ ହୋଇଥିବାରୁ ସଭିଏଁ ପରସ୍ପରକୁ ଶ୍ରଦ୍ଧା ଓ ସ୍ନେହ କରିଥାନ୍ତି । ଏମାନେ ଯେଉଁ ଧର୍ମ ସମ୍ବନ୍ଧୀୟ କାର୍ଯ୍ୟ କରିଥାନ୍ତି ତାହା କେବଳ ନିଜର ମଙ୍ଗଳ ପାଇଁ ନୁହେଁ ବରଂ ସମସ୍ତଙ୍କର ମଙ୍ଗଳ ପାଇଁ । ଗାଁରେ ବିପଦ ଆପଦ ପଡିଲେ ଏମାନେ ନିଜ ପାଇଁ ସେତେ ବ୍ୟସ୍ତ ବିବ୍ରତ ହୁଅନ୍ତି ନାହିଁ । ବରଂ ଗ୍ରାମବାସୀଙ୍କ ପାଇଁ ଅଧିକ ବ୍ୟସ୍ତ ହୋଇ ପଡିଥାନ୍ତି । ସମସ୍ତଙ୍କର ମନୋଭାବ ସମସ୍ତଙ୍କ ପ୍ରତି ବନ୍ଧୁଭାବାପନ୍ନ ହୋଇଥାଏ । ଏକତ୍ର ଭାଇଭାଇ ଚଳିଥାନ୍ତି, ପରସ୍ପରର ସୁଖ ଦୁଃଖର ସାଥି ହୋଇଥାନ୍ତି, ଗ୍ରାମସଭାର କାର୍ଯ୍ୟକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସୁପରିଚାଳନାରେ ସହଯୋଗ / ସହାୟତା ପ୍ରଦାନ କରିଥାନ୍ତି । ପୂଜା ଓ ପର୍ବପର୍ବାଣୀରେ କିମ୍ବା କୌଣସି ସାମାଜିକ ଉତ୍ସବାନୁଷ୍ଠାନ, ଶୁଦ୍ଧିକ୍ରିୟା, ଗୃହ ପ୍ରତିଷ୍ଠା, ଶିଶୁର ନାମକରଣ, କର୍ଣ୍ଣବୋଧ ଇତ୍ୟାଦି ମାନଙ୍କରେ ପ୍ରତ୍ୟେକ ପରସ୍ପରକୁ ନିମନ୍ତ୍ରଣ ଜଣାଇ ଯଥାରୀତି ସତ୍କାର କରିଥାନ୍ତି ଏବଂ ସମସ୍ତେ ଏହି କାର୍ଯ୍ୟରେ ସାହାଯ୍ୟ, ସହଯୋଗ କରିବା ପାଇଁ ଅକୁଣ୍ଠ ଚିତ୍ତରେ ଆଗେଇ ଆସନ୍ତି । ସାଧାରଣତଃ କେହି କାହା ଘରକୁ ବୁଲିବା ପାଇଁ ଗଲେ ତାକୁ ବସିବା ପାଇଁ ପଟି ଓ ଖଟ ପ୍ରଦାନ କରିଥାନ୍ତି । ସେଥିରେ ପାନୀୟର ମଧ୍ୟ ବ୍ୟବସ୍ଥା ରହିଥାଏ । ହାଣ୍ଡିଆ, ମହୁଲି ଓ ମଦ ଦେଇ ସେ ବନ୍ଧୁ ଓ ଅତିଥିମାନଙ୍କୁ ସତ୍କାର କରିଥାଆନ୍ତି । ମୁଖ୍ୟତଃ ଏହିପରି କେତେକ କାର୍ଯ୍ୟକଳାପ ଯୋଗୁଁ ଗ୍ରାମବାସୀମାନଙ୍କର ମନୋଭାବ ଏହି କାର୍ଯ୍ୟନିର୍ବାହୀ ମାନଙ୍କ ପ୍ରତି ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ହୋଇଥାଏ ।

ସାଧାରଣତଃ କିସାନ(କୁଣ୍ହାଁ) ସମାଜରେ ସ୍ୱତନ୍ତ୍ର ବ୍ୟକ୍ତି ବିଶେଷଙ୍କ ପାଇଁ କୌଣସି ସ୍ୱତନ୍ତ୍ର ପୋଷାକ ପରିଚ୍ଛଦ ପରିପାଟି ବ୍ୟବସ୍ଥା ନଥାଏ । ତେଣୁ କାଲୋ ବା ଦିଶାରୀର କୌଣସି ସ୍ୱତନ୍ତ୍ର ପୋଷାକ ନଥାଏ । ଏମାନେ ସାଧାରଣ ଭାବରେ ଧୋତି,

ଲୁଙ୍ଗି, ଗାମୁଛା, ଗଂଜି,କୁର୍ତ୍ତା ଆଦି ପରିଧାନ କରନ୍ତି । କିନ୍ତୁ ପୂଜା କରିବା ସମୟରେ ଶୁଦ୍ଧ ଧଳାଧୋତି ପିନ୍ଧି କାନ୍ଧରେ ଏକ ନାଲି ଗାମୁଛା ପକାଇଥାନ୍ତି । କେହି କେହି ଗଂଜି ପିନ୍ଧି ଥାନ୍ତି । ପୂଜାପାଠ ସମୟରେ କିସାନମାନେ ଲୁଙ୍ଗି କି କୁର୍ତ୍ତା ପିନ୍ଧି ନଥାନ୍ତି । ସେମାନେ ଧଳା କିମ୍ବା ହଳଦିଆ ରଙ୍ଗର ଧୋତି ବା ମଠା ପିନ୍ଧିଥାନ୍ତି ।

ଦେହୁରୀ ଗୃହରେ କରୁଥିବା ତଥା ଗ୍ରାମରେ, ପରିବାରରେ କରୁଥିବା ବିଭିନ୍ନ କାର୍ଯ୍ୟପାଇଁ ଗ୍ରାମର ଲୋକେ ମଧ୍ୟ ପାରିଶ୍ରମିକ ବା ସମ୍ମାନାର୍ଥେ ପ୍ରଦାନ କରିଥାନ୍ତି । କିଛି ଜିନିଷ ଏବଂ ବର୍ଷ ଶେଷରେ ମଧ୍ୟ ପ୍ରଦାନ କରିଥାନ୍ତି ପରିବାର ପିଚ୍ଛା କିଛି ଧାନ । ପ୍ରତ୍ୟେକ ପରିବାରରେ ପିଲା ଜନ୍ମ ହେଲେ ମଧ୍ୟ ତାକୁ ଅରୁଆଚାଉଳ, ଧାନ, ମଦ, ହାଣ୍ଡିଆ ପ୍ରଦାନ କରାଯାଇ ଥାଏ । ପ୍ରତ୍ୟେକ ବାହାଘରରେ ସେ ଗୋଟିଏ ଲୁଗା ଏବଂ କିଛି ଧାନ ଇତ୍ୟାଦି ପାଇବା ସହ କନିଆ ମୂଲରୁ କିଛି ଅଂଶ ପାଇଥାଏ । ସେହିପରି କେହି ମରିଗଲେ ମଧ୍ୟ ତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ । ବଡବଡ ପର୍ବପର୍ବାଣୀରେ ବଳି ପଶୁର ଅଧାଭାଗ ତାଙ୍କୁ ଦିଆଯାଇଥାଏ । ସାଧାରଣଭାବେ ଯେଉଁ ଗୃହକର୍ତ୍ତାମାନେ ଘରୋଇ ପୂଜାଗୁଡିକ ସ୍ୱଗୃହ ପରିବାରର ମଙ୍ଗଳ ସକାଶେ କରୁଥାନ୍ତି । ଏ କ୍ଷେତ୍ରରେ ପୂଜକକୁ ପାଉଣା ଦେବାର ପ୍ରଶ୍ନ ଉଠେନାହିଁ । ପରିବାରର ମୁଖ୍ୟ ନିଜେ କର୍ତ୍ତା ପୁଣି ପୂଜାର ଉଦ୍ଦେଶ୍ୟ ନିଜର ତଥା ପରିବାରର ମଙ୍ଗଳ ସାଧନ କରିବା । ତେଣୁ ସେଠି କିଏ ବା କାହାକୁ ପାଉଣା ଦେବ । କିନ୍ତୁ ଯେତେବେଳେ ସେମାନେ କୌଣସି ଝଡାଫୁଙ୍କା ବା ଘରୋଇ ପୂଜା କରିବାକୁ ଯାଆନ୍ତି ତା'ହେଲେ ତାଙ୍କୁ ମଦ, ମାଂସ, ଝାରା ଆଦି ଦେଇ ଆପ୍ୟାୟିତ କରାଯାଏ । କିନ୍ତୁ କାହାରି ଉପରେ ଏମାନେ କୌଣସି ପ୍ରକାର ପାଉଣାର ଚାପ ପ୍ରୟୋଗ କରିନଥାନ୍ତି । ଯାହାର ଯାହା ଖୁସି ଅନୁସାରେ ବା ସକ୍ଷମ ଅନୁସାରେ ସେମାନେ ପାଉଣା ଦେଇଥାନ୍ତି ।

ଗ୍ରାମସ୍ତରରେ ବିଭିନ୍ନ ପୂଜା ତଥା ପର୍ବପର୍ବାଣୀ ସମୟରେ ପୂଜାରୀ କିମ୍ବା କାଲୋ / ଦେହୁରୀଙ୍କୁ ସ୍ୱତନ୍ତ୍ର ଭାବେ ଖେଚୁଡି ଭାତ ଓ ବଳୀ ପଡିଥିବା ମାଂସରୁ ଭାଗ ଦିଆଯାଇଥାଏ । ସେହିପରି ବିବାହ କ୍ଷେତ୍ରରେ କନ୍ୟାପକ୍ଷରୁ କିଛି ଟଙ୍କା ଆକାରରେ ଉପହାର ଗ୍ରହଣ କରିଥାନ୍ତି । କୌଣସି ନବଜାତ ଶିଶୁର ନାମକରଣ ଉତ୍ସବରେ ସ୍ୱତନ୍ତ୍ର ଭାବେ ଗ୍ରାମର ପୂଜାରୀ କାଲୋଙ୍କୁ ନିମନ୍ତ୍ରଣ କରାଯାଇଥାଏ । ସମ୍ମାନସୂଚକ ଭାବେ ତାଙ୍କୁ ବିଭିନ୍ନ ଖାଦ୍ୟ ଓ ପାନୀୟ ପ୍ରଦାନ କରାଯାଇଥାଏ ।

ଗ୍ରାମର ପୂଜକ ବା କାଲୋଙ୍କୁ ସ୍ୱତନ୍ତ୍ର ଭାବେ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥାଏ । ଗ୍ରାମ ତରଫରୁ ଠାକୁରାଣୀଙ୍କ ନାମରେ ଥିବା ଜମିରୁ ଚାଷ କରିବା ପାଇଁ ଦୁଇ ଗୁଣ୍ଠ ଜମି ଦିଆଯାଇଥାଏ । ସେ ଏହି ଦାୟିତ୍ୱରେ ଥିବା ପର୍ଯ୍ୟନ୍ତ ଏହି ଜମିରେ ଚାଷ କରି ଶସ୍ୟ ଉତ୍ପାଦନ କରି ଜୀବିକା ନିର୍ବାହ କରିଥାଆନ୍ତି ଏବଂ ଗ୍ରାମରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପର୍ବପର୍ବାଣୀ ଓ କର୍ମକର୍ମାଣୀରେ ଉପହାର ସ୍ୱରୂପ ଅନେକ ସମୟରେ ପୂଜାପରେ ଦିଶାରୀ ଓ କାଲୋ ଉଭୟଙ୍କୁ ମଦ୍ୟପାନ କରିବାପାଇଁ ଦିଆଯାଇଥାଏ ଓ ସେମାନଙ୍କ ପରିଧାନ ପାଇଁ ଧୋତି ଓ ଗାମୁଛାର ମଧ୍ୟ ବ୍ୟବସ୍ଥା ହୋଇଥାଏ ।

କିସାନ(କୁଣ୍ହାଁ) ସମାଜରେ ଗ୍ରାମ /ଗୋଷ୍ଠୀସ୍ତରରେ ଧର୍ମୀୟ କର୍ମକର୍ତ୍ତାଙ୍କ ପାଇଁ କୌଣସି ସହାୟକ ନିଯୁକ୍ତ ହୋଇ ନଥାନ୍ତି । ସ୍ୱତନ୍ତ୍ର ପୂଜା ସହାୟକ ପ୍ରଥା କିସାନ(କୁଣ୍ହାଁ)ମାନଙ୍କର ନାହିଁ । ପୂଜାପାଠ ସମୟରେ ଦେହୁରୀଙ୍କୁ ଗ୍ରାମର ଯେ କୌଣସି ଲୋକ ସହାୟତା ପ୍ରଦାନ କରିପାରନ୍ତି । ସେଥିରେ କୌଣସି ବାରଣ ନଥାଏ । ସାମୂହିକ ପୂଜାମାନଙ୍କରେ ପ୍ରାୟତଃ ପରିବାର ମୁଖ୍ୟମାନେ ପୂଜାସ୍ଥଳୀରେ ଉପସ୍ଥିତ ରହି ପୂଜା କର୍ମରେ ସକ୍ରିୟ ଅଂଶ ଗ୍ରହଣ କରିଥାଆନ୍ତି । ତେଣୁ ସେମାନଙ୍କ ମଧ୍ୟରୁ କେହି ଦେହୁରୀଙ୍କ ପାଖେ ପାଖେ ରହି ତାଙ୍କ ନିର୍ଦ୍ଦେଶ ମୁତାବକ ପୂଜାକାର୍ଯ୍ୟରେ ସହାୟତା ପ୍ରଦାନ କରିଥାଆନ୍ତି । ଏମାନେ ବ୍ୟକ୍ତିଗତ /ପରିବାର /ସାମାଜିକ ସ୍ତରରେ ଧର୍ମୀୟ କର୍ମକର୍ତ୍ତା ହୋଇଥିବାରୁ ପୂଜା କାର୍ଯ୍ୟରେ ଦେହୁରୀଙ୍କୁ ସାହାଯ୍ୟ କିମ୍ବା ସହଯୋଗ କରିବାରେ କୌଣସି ଅସୁବିଧା ହୋଇନଥାଏ । କାରଣ ବ୍ୟକ୍ତିଗତ / ଘରୋଇ ପୂଜାପାଠ ସହିତ ସେମାନଙ୍କର ସାମୂହିକ ପୂଜାପାଠ ବିଷୟରେ ମଧ୍ୟ ଜ୍ଞାନ ରହିଥାଏ ।

**ତାନ୍ତ୍ରିକ/ଗୁଣିଆ :**

କିସାନ(କୁଣ୍ହାଁ) ସଂପ୍ରଦାୟରେ ତାନ୍ତ୍ରିକ ବା ଗୁଣିଆମାନଙ୍କର ଗୁରୁତ୍ୱ ଯଥେଷ୍ଟ ଅଧିକ । ଏମାନେ ମୁଖ୍ୟତଃ ସେମାନଙ୍କର ମନ୍ତ୍ରତନ୍ତ୍ର ବଳରେ ଅନେକଙ୍କର ଅନେକ ପ୍ରକାର ଅନିଷ୍ଟ ସାଧନ କରିଥାନ୍ତି । କୌଣସି ଭୂତପ୍ରେତଙ୍କୁ ଶୀଘ୍ର ବିତାଡନ କରିବା ଏବଂ କୌଣସି ଅପଶକ୍ତିକୁ ଖୁବ୍ ଶୀଘ୍ର ଦୂରେଇ ଦେବା ଇତ୍ୟାଦି କାର୍ଯ୍ୟରେ ସିଦ୍ଧିଲାଭ କରିଥାନ୍ତି । ଝଡାଫୁଙ୍କା କରି ସାପ କାମୁଡାରୁ ଭଲକରିବା, ଡାହାଣୀ ଚିରଗୁଣୀ, ଭୂତପ୍ରେତ ଲାଗିଥିଲେ ଛୁଡାଇବା ଇତ୍ୟାଦି କାର୍ଯ୍ୟ ଏମାନେ କରିପାରନ୍ତି । ଯେ କୌଣସି ପ୍ରକାର ଶାରିରୀକ ଅସୁସ୍ଥତାକୁ ସେମାନେ ତନ୍ତ୍ରର ପ୍ରଭାବ ବୋଲି ମନେ କରିଥାଆନ୍ତି ।

ତେଣୁ ଯେ କୌଣସି ରୋଗରେ ରୋଗୀ ଆକ୍ରାନ୍ତ ହେଲେ ମଧ୍ୟ ଜ୍ୱର ହୋଇଛି ବୋଲି କହନ୍ତି ଓ ପ୍ରଥମେ ଗୁଣିଆର ସହାୟତା ଲୋଡାଯାଇଥାଏ । କେତେକ କିସାନ ଶିକ୍ଷିତ ହୋଇ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେଉଛନ୍ତି । ତଥାପି ଚିକିତ୍ସା ସାଥେ ସାଥେ ଗୁଣିଆଙ୍କର ଆଶ୍ରୟ ମଧ୍ୟ ଲୋଡୁଥିବାର ଦେଖାଯାଉଛି । ଆଗରୁ କିନ୍ତୁ କିସାନମାନଙ୍କର ତାନ୍ତ୍ରିକ ଓ ଗ୍ରାମ ବୈଦ୍ୟ ହିଁ ସର୍ବସ୍ୱ ଥିଲେ । ଯେ କୌଣସି ପ୍ରକାର ରୋଗବ୍ୟାଧି ଏମାନଙ୍କ ଦ୍ୱାରା ଭଲ ହୋଇ ପାରୁଥିଲା ।

ଗ୍ରାମରେ ସାଧାରଣତଃ ଜଣେ ଦି'ଜଣ ଗୁଣିଆ ରହିଥାଆନ୍ତି । ଏହି ଗୁଣିଆମାନେ ସାଧାରଣତଃ ତନ୍ତ୍ରପୂଜା କରନ୍ତି । ଆହୁରି ମଧ୍ୟ କେତେକ ଶୈବ ଉପାସକ ଥାଆନ୍ତି । ଯେଉଁ ମଧ୍ୟ ଗୁଣିଆ ତନ୍ତ୍ରବିଦ୍ୟାରେ ଅଧିକ ଜ୍ଞାନ ଆହରଣ କରିଥାଏ, ତାକୁ ଗ୍ରାମବାସୀମାନେ ଗ୍ରାମର ମୁଖ୍ୟ ଗୁଣିଆ ହିସାବରେ ମାନିଥାଆନ୍ତି ଓ ସେ ଅସମ୍ଭବ କାର୍ଯ୍ୟ ସାଧନ କରିପାରନ୍ତି ବୋଲି ସମସ୍ତଙ୍କର ବିଶ୍ୱାସ ଥାଏ ।

ଗୁଣିଆମାନଙ୍କ ପାଇଁ କୌଣସି ମନୋନୟନ ବା ନିର୍ବାଚନ ପଦ୍ଧତି ଗ୍ରହଣ କରାଯାଏ ନାହିଁ କିମ୍ବା ଉତ୍ତରାଧିକାରୀ ସୂତ୍ରରେ ଅଧିକର କରିବା ପରମ୍ପରା ଅନୁସୃତ ହୁଏ ନାହିଁ । ଯେ ତନ୍ତ୍ରବିଦ୍ୟା ଶିକ୍ଷା କରି ଗୁଣିଆ କାମ କଲା, ସେ ଗୁଣିଆ (ଦେହୁରୀ) ହେଲା । ଈଶ୍ୱରଦତ୍ତ ଶକ୍ତି ବଳରେ ହେଉ ବା ନିଜର ପ୍ରଚେଷ୍ଟାରେ ହେଉ ଏମାନେ ଏହି ବିଦ୍ୟା କୌଣସି ଉପାୟରେ ହାସଲ କରି ଗୁଣିଆ ରୂପେ ପରିଚିତ ହୋଇଥାନ୍ତି । ପ୍ରତ୍ୟେକ ଗ୍ରାମରେ ଏମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥାଏ । ତେଣୁ ଯେ କୌଣସି ଲୋକ ଏହି କାମ ଶିଖିପାରେ । ଏଥିପାଇଁ କୌଣସି ପ୍ରଖ୍ୟାତ ସାଧକ ବା ତନ୍ତ୍ର ସାଧକଙ୍କଠାରୁ ତନ୍ତ୍ର ଶିକ୍ଷା କରାଯାଇଥାଏ ।

## ବ୍ୟକ୍ତିତ୍ୱ ଓ କାର୍ଯ୍ୟବିଧି :

କିସାନ ସମାଜରେ ଦେହୁରୀମାନଙ୍କର ଏକ ସ୍ୱତନ୍ତ୍ର ଧରଣର ବ୍ୟକ୍ତିତ୍ୱ ଓ ପୃଷ୍ଠଭୂମି ଥାଏ ଓ ଏମାନେ କେତେକ ସ୍ୱତନ୍ତ୍ର ଗୁଣର ଅଧିକାରୀ ହୋଇଥାନ୍ତି ।

- ଯାଦୁଧର୍ମୀୟ କର୍ମକର୍ତ୍ତା ବା ଦେହୁରୀମାନେ ତନ୍ତ୍ର ବିଷୟକ ଜ୍ଞାନ ହାସଲ କରିଥାଆନ୍ତି । ଏହି ତନ୍ତ୍ର ବିଦ୍ୟା ଶିକ୍ଷା କରିବାରେ ବା ଆହରଣ କରିବାରେ ଯେ ଅଧିକ ସିଦ୍ଧିଲାଭ କରିପାରନ୍ତି, ସେ ସେତେ ଉଚ୍ଚକୋଟୀର ଗୁଣିଆ ଭାବେ ଅଭିହିତ ହୋଇଥାଆନ୍ତି ।

- ସେମାନେ ସାଧାରଣତଃ ଜ୍ଞାନୀ, ଗୁଣୀ, ବାକ୍ ସଂଯମୀ, ପରୋପକାରୀ, କର୍ମଠ, ଧାର୍ମୀକ, ନିର୍ଲୋଭୀ ଓ ସେବାଭାବାପନ୍ନର ବ୍ୟକ୍ତି ହୋଇଥାଆନ୍ତି ।
- ସେମାନେ ଦେଖିବାକୁ ଖୁବ୍ ଶାନ୍ତଶିଷ୍ଟ ପରି ଲାଗନ୍ତି ।
- କୌଣସି ପରିସ୍ଥିତିରେ ସେମାନେ କାହା ଉପରେ କ୍ରୋଧାଚରଣ କରନ୍ତି ନାହିଁ ।
- ପ୍ରତିରୋଧ ରାଗକୁ ପରିଶୋଧ କରିବା ପାଇଁ ଗୁଣିଗାରେଡି କରି ଶତ୍ରୁର କ୍ଷତି ପହଞ୍ଚାଇ ଥାଆନ୍ତି ।
- ସେମାନେ ଖୁବ୍ ସାହାସୀ, ପରିଶ୍ରମୀ ଓ ଦୃଢମନୋବଳ ଥିବା ବ୍ୟକ୍ତି ହୋଇଥାଆନ୍ତି
- ତାଙ୍କର ଈଶ୍ୱର ପ୍ରତି ଅସୀମ ଭକ୍ତି ଏବଂ ବିଶ୍ୱାସ ରହିବା ଦରକାର ।
- ସେ ଏକାବେଳେ ଉଭୟ ଗ୍ରାମଦେବତାଙ୍କ ପୂଜାକାର୍ଯ୍ୟ ଓ ଗୁଣିଗାରେଡି ତଥା ତନ୍ତ୍ରପୂଜା କରୁଥିବା ଦରକାର ।
- ସେ ନିଷ୍କପଟ ବ୍ୟକ୍ତି ହୋଇଥିବା ଦରକାର । ଏହି ସବୁ ଗୁଣ ଥିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରତ୍ୟେକ ଲୋକ ପସନ୍ଦ କରିଥାନ୍ତି ଏବଂ ସମ୍ମାନ ପ୍ରଦର୍ଶନ କରିଥାନ୍ତି ।
- ଜଣେ ପ୍ରତିଷ୍ଠିତ, ପ୍ରିୟ ଓ ବିଶ୍ୱସ୍ତ ଗୁଣିଆ ବାକ୍ ସଂଯମ ନକଲେ ତାଙ୍କର ଅଭିଶାପ ଦ୍ୱାରା ଅନ୍ୟର ପ୍ରଭୁତ କ୍ଷତି ସାଧିତ ହୋଇଥାଏ ବୋଲି ସେମାନଙ୍କର ବିଶ୍ୱାସ ଥାଏ । ପୁଣି ଗୁଣିଆ ପାଖରେ ଯଦି ଲୋଭଗୁଣ ରହିଥାଏ ତାହେଲେ ତାଙ୍କର ସମସ୍ତ ତାନ୍ତ୍ରିକ ଶକ୍ତି ହରଣ ହୋଇଯାଏ ବୋଲି ସେମାନଙ୍କର ମତ । ତେଣୁ ଏହି ବିଦ୍ୟା ମାନବ ସମାଜର ଯେତିକି ଉପକାର କରିଥାଏ ତାଠାରୁ ଅଧିକ ଅପକାର ମଧ୍ୟ କରିଥାଏ । ନିଜର ଜ୍ଞାନଶକ୍ତି ବଳରେ ସେ ସମସ୍ତଙ୍କୁ ଯନ୍ତ୍ରଣା ମୁକ୍ତ କରନ୍ତି ।

ଗୁଣିଆ ବା ଦେହୁରୀ ହେବା ପାଇଁ ସ୍ୱତନ୍ତ୍ର ତାଲିମର ଆବଶ୍ୟକତା ଜରୁରୀ ଅଟେ । ଏମାନେ କୌଣସି ବୃଦ୍ଧ ଗୁଣିଆକୁ ନିଜର ଗୁରୁ ରୂପେ ଧରି ଏହି ବିଦ୍ୟା ଶିକ୍ଷା କରିଥାଆନ୍ତି । କୌଣସି ଗୁଣ ବିଶାରଦଙ୍କଠାରୁ ବର୍ଷାଧିକ କାଳ ତନ୍ତ୍ର ବିଦ୍ୟା ଶିକ୍ଷା କରିବାକୁ ପଡେ । ତନ୍ତ୍ରର ପରିମାଣ, ପରିସୀମା, ତନ୍ତ୍ର ପ୍ରୟୋଗ କରିବାର ଧାରା, ମନ୍ତ୍ରାଦି ସେମାନେ ଗୁରୁଙ୍କଠାରୁ ଶିକ୍ଷା କରିଥାଆନ୍ତି । ଅତି କମ୍‌ରେ ଏକ ବର୍ଷ କାଳ ତନ୍ତ୍ର ଶିକ୍ଷା କରି ଥାଆନ୍ତି । ଏହି ଶିକ୍ଷା ଲାଭ କରିବାରେ ଗୁରୁଙ୍କର ଜାତି, ଗୋତ୍ର ଆଦି ବିଷୟରେ ବାଧା

ନଥାଏ । ସମସ୍ତ ବିଷୟରେ ତାଲିମ ଗ୍ରହଣ ପରେ ଶିଷ୍ୟ ତାଙ୍କର ଗୁରୁଙ୍କୁ ନବବସ୍ତ୍ର ଉପହାର ସ୍ୱରୂପ ପ୍ରଦାନ କରିଥାଆନ୍ତି । ତା'ପରେ ସେମାନେ ତନ୍ତ୍ର ବା ଗୁଣିଆ କାର୍ଯ୍ୟ କରୁକରୁ ଅଭିଜ୍ଞ ସମ୍ପନ୍ନ ହୋଇପାରନ୍ତି । ଗ୍ରାମର ଅନ୍ୟଲୋକମାନେ ମଧ୍ୟ ଏମାନଙ୍କଠାରୁ କିଛି କିଛି ତନ୍ତ୍ର ବା ଗୁଣି ଗାରେଡି ବିଦ୍ୟା ହାସଲ କରିବାରୁ ଆଗ୍ରହ ପ୍ରକାଶ କରନ୍ତି ।

ଗ୍ରାମର କୌଣସି ବ୍ୟକ୍ତିକୁ ଜ୍ୱରବ୍ୟାଧି ହେଲେ ପ୍ରଥମେ ଗୁଣିଆକୁ ଡକାଯାଏ । ସେ ପରୀକ୍ଷା ନୀରିକ୍ଷା କରି ନାଡିକା ଚିପି ଜାଣିପାରନ୍ତି ଯେ ସଂପୃକ୍ତ ବ୍ୟକ୍ତିଟି କି ପ୍ରକାର ଭୂତପ୍ରେତ ଦୃଷ୍ଟିଶକ୍ତିଙ୍କର ଆକ୍ରମଣର ଶୀକାର ହୋଇଛି । ପ୍ରଥମେ ଗୁଣିଆ ମନ୍ତ୍ର ମାଧ୍ୟମରେ ଝଡାଫୁଙ୍କା କରି ରୋଗୀର ଶରୀରରୁ ପ୍ରେତାତ୍ମାକୁ ଦୂରେଇ ନେବାକୁ ଚେଷ୍ଟା କରନ୍ତି । ମନ୍ତ୍ରଟି ଏହିମତେ ବୋଲାଯାଏ ।

ମନ୍ତ୍ର (୧): ପୁହୁରୀ ଜିଲ୍ଲାରେ ବୀରବେତାଳ
ମୋର ଦଉଡିକୁ ବେଗେ ସଜ କର ।
କାନ ଖୁଟଲରେ ଦଶିକୁ ବାନ୍ଧ
ନିର୍ଦ୍ଦୋଷୀକୁ ଛାଡି ଦିଅ ଧର୍ମଦ୍ୱାରେ ।

କାହାର ଆଜ୍ଞା, ଈଶ୍ୱର ପାର୍ବତୀଙ୍କର କୋଟି କୋଟି ଆଜ୍ଞା । (ଡାହାଣୀ ଛଡାଇବା ମନ୍ତ୍ର) ।

(୨) ଉଠ କିଲିକିଲି ଶାବଳ ଧର
ରାହୁକେ ଓଲଟିକୁ ଲଟି ମାର
ଚିର୍ଗେନକୁ ଓଲଟିପୋଲଟି ମାର
ମାରମାର ଶତ ସମୁଦ୍ରରେ ଲଙ୍କା ପାର କର ।
ପାଲଟି ଆସିଲେ ଭୀମ ଦେବତା ରକ୍ଷାକର
(ଚିରୁଗୁଣୀ ଛଡାଇବା ମନ୍ତ୍ର)

(୩) କଳାଷଣ୍ଢ ଆସିଲେ ଧାଇଁ
ବନାଇ ଦାଉନି ପଡିଥିଲେ ବାହୁଟି ଦେବୁ ।
କାମା କାଲିକେ ଦେବୀ ଶିରିଠାକୁରାଣୀ ପାଲିଙ୍କି ହନୁମନ୍ତ ପଟ୍ଟେ
ପଟ୍ଟେ ଆଣ୍ଟ ବେଲ୍ଲା ଆରେ ବାବୁ ବଲୀ ବ୍ରହ୍ମର ନାଗୁଣୀ ବେତାଇ
ରଖିବୁ ଭୂତପ୍ରେତଙ୍କୁ ବିଲିତେ ଦେବୁ ।

ନଡିଆ, ଝୁଣା, ଧୂପ ଅରୁଆ ଚାଉଳ ଆଦି ଉପକରଣ ଦେଇ ସେମାନେ ଏହି ପୂଜାପାଠ କରନ୍ତି । ତାଙ୍କ ପାଇଁ ସେମିତି କିଛି ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥା ରହିନଥାଏ । ଶିବ ତାଙ୍କୁ ରାତିରେ ସ୍ୱପ୍ନେଇବା ଫଂଙ୍ଗରେ ସେମାନଙ୍କୁ ଏହି କାମ କରିବା ପାଇଁ ନିର୍ଦ୍ଦେଶ ମିଳିଥାଏ । ସେମାନେ ସୋମବାର ଦିନ ଅରୁଆ ଭାତ ଖାଇଥାନ୍ତି । ଆଉ ଅନ୍ୟଦିନ ମାନଙ୍କରେ ସେମାନେ ଉଷୁନା ଭାତ ଖାଇଥାନ୍ତି । ଗୁରୁବାର ଦିନ ସେମାନେ ଫୁଂକାଫୁଂକି କରନ୍ତି ନାହିଁ । ଶିବଙ୍କୁ ପୂଜା କଲାବେଳେ ହଳଦିଆ ବସ୍ତ୍ର ପିନ୍ଧିଥାନ୍ତି । ସେହି ବସ୍ତ୍ର ଭୂତପ୍ରେତ ଛଡାଇବା ବେଳେ ପିନ୍ଧିଥାନ୍ତି । ଏକ ସାଧା ଧୋତି ଓ କାନ୍ଧରେ ଗାମୁଛା ପକାଇଥାନ୍ତି । ଯାହା ଘରେ ଭୂତପ୍ରେତ ଛଡା ଯାଇଥାଏ ସେ ତାଙ୍କ ଘରେ ଖାଦ୍ୟ ଖାଆନ୍ତି ନାହିଁ ଏବଂ ବାହାର ଲୋକଙ୍କଠାରୁ ମଧ୍ୟ କୌଣସି ଖାଦ୍ୟ ଗ୍ରହଣ କରନ୍ତି ନାହିଁ ।

ସାଧାରଣ ଭାବେ ଏମାନଙ୍କର ସ୍ୱତନ୍ତ୍ର ପୋଷାକ ପରିଚ୍ଛଦ ନଥାଏ । ସେମାନେ ଯେ କୌଣସି ପ୍ରକାର ଧୋତି, ଲୁଙ୍ଗି, ଗାମୁଛା, ଗଂଜି, କୁର୍ତ୍ତା ଆଦି ପରିଧାନ କରି ପାରନ୍ତି । କିନ୍ତୁ ଭୂତପ୍ରେତ ଛଡାଇବା ପୂଜା ସମୟରେ ସେ ଧଳାରଙ୍ଗର ଧୋତି ପରିଧାନ କରିଥାନ୍ତି ଓ ପାଞ୍ଚ ହାତର ଖଣ୍ଡିଏ ନାଲି ଗାମୁଛା ବେକରେ ଝୁଲାଇଥାନ୍ତି । ପୂଜା ସମୟରେ ଖାଲି ଭୂଇଁରେ ଆଣ୍ଠୁମାଡି ପୂଜାପାଠ କରିଥାନ୍ତି । ପୂଜା ସମୟରେ ସେମାନେସବୁବେଳେ ପୂର୍ବଦିଗକୁ ରହି ପୂଜାପାଠ କରିଥାନ୍ତି । ହାତରେ ଗୋଟିଏ ବେତବାଡି ଧାରଣ କରିଥାନ୍ତି । ଝଡାଫୁଙ୍କା ସମୟରେ କିନ୍ତୁ ପୋଷାକ ପରିଚ୍ଛଦରେ କୌଣସି ପ୍ରକାର ପ୍ରଭେଦ ପରିଲକ୍ଷିତ ହୁଏନାହିଁ ।

ସାଧାରଣତଃ କିସାନ ଗ୍ରାମରେ ଗୁଣିଆମାନଙ୍କୁ ଝଡାଫୁଙ୍କା ପାଇଁ କିଛି ପାଉଣା ଦିଆଯାଏ ନାହିଁ । କେବଳ ଆଦରର ସହ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଏ । ଯେଉଁ ଲୋକ ମାନଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ଗୁଣିଆ କାର୍ଯ୍ୟ କରନ୍ତି ତାଙ୍କୁ ଲୋକମାନେ ପାଞ୍ଚ ଶତ ନଚେତ୍ ଏକ ହଜାର ଟଙ୍କା ମାତ୍ର ପାଉଣା ଆକାରରେ ପ୍ରଦାନ କରିଥାନ୍ତି । ଏହବାଦ୍ ଗୁଣିଆଙ୍କୁ ପୂଜାପାର୍ବଣ, ପର୍ବପର୍ବାଣୀ, ଆଦି ସାମାଜିକ ଉତ୍ସବାନୁଷ୍ଠାନ ମାନଙ୍କରେ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରି ମାଂସଭାତ ଓ ପାନୀୟରେ ଆପ୍ୟାୟିତ କରାଯାଏ । ସାଧାରଣ ଭାବେ ମଧ୍ୟ ସେମାନେ ଲୋକମାନଙ୍କ ଦ୍ୱାରା ସମ୍ମାନିତ ହୋଇଥାଆନ୍ତି ବୋଲି ଖୁସିରେ ଧୋତି ଗଂଜି ଉପହାର ସ୍ୱରୁପ ଦେଇ ଦେହୁରୀ ସନ୍ତୁଷ୍ଟ କରିଥାନ୍ତି । କେହି କେହି ଉପକୃତ ହୋଇ କୁକୁଡା ମଧ୍ୟ ଉପହାର ଦେଉଥିବାର ଜଣାଯାଏ ।

ତେବେ ଗ୍ରାମ / ଗୋଷ୍ଠୀ ସ୍ତରରେ ଏମାନଙ୍କ ପାଇଁ କୌଣସି ଉପହାର ବା ପାଉଣାର ବ୍ୟବସ୍ଥା ହୁଏନାହିଁ । ପରିବାରର ମଙ୍ଗଳ ଉଦ୍ଦେଶ୍ୟରେ ଲୋକମାନେ ତାଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରି ହାଣ୍ଡିଆ, ମଦ, ମାଂସ ଭାତ ଇତ୍ୟାଦି ଭୋଜନ ପାଇଁ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଧଳାରଙ୍ଗର ଦଶହାତ ଧୋତି ଓ ଧଳା ଗଂଜି ଏବଂ ୨୦ ଟଙ୍କା ପ୍ରଦାନ କରିଥାନ୍ତି ।

କିସାନ(କୁଣ୍ହାଁ) ଗ୍ରାମରେ ଅନ୍ୟ ଜାତିର ଲୋକମାନେ ମଧ୍ୟ ବସବାସ କରିଥାନ୍ତି । କିନ୍ତୁ ସେମାନେ ନିଜକୁ ଆଦିବାସୀମାନଙ୍କଠାରୁ ଶ୍ରେଷ୍ଠ ମନେ କରିଥାନ୍ତି । ସେମାନଙ୍କ ଭିତରେ ବ୍ରାହ୍ମଣ, ଚଷା, କ୍ଷତ୍ରିୟ, ବାରିକ, ଧୋବା ଆଦି ଜାତିଭାଇ ମାନେ ମିଳିମିଶି ଗୋଟିଏ ଗ୍ରାମରେ ବସବାସ କରନ୍ତି । ତେଣୁ ସେମାନଙ୍କର ବିବାହ ଏବଂ ରିଷ୍ଟ ଖଣ୍ଡନ ପୂଜା ପୂଜା ଗୁଡିକ ବ୍ରାହ୍ମଣ ଦ୍ୱାରା ସଂପାଦିତ ହୋଇଥାଏ । ଏମାନେ ପୁଣି ଓଡିଆ ବ୍ରାହ୍ମଣ, ଯଦି ସେହି ଗ୍ରାମରେ ବ୍ରାହ୍ମଣ ଜାତିର ଲୋକ ନଥାନ୍ତି, ତେବେ ଉପରୋକ୍ତ ପୂଜାପାଠ ପାଇଁ ଦୂରଗ୍ରାମରୁ ବ୍ରାହ୍ମଣଙ୍କୁ ଡକାଇ ଆଣନ୍ତି । ବ୍ରାହ୍ମଣ ବିନା ବିବାହ ଏବଂ ରିଷ୍ଟ ଖଣ୍ଡନ ପୂଜା ହୋଇପାରେ ନାହିଁ । ବ୍ରାହ୍ମଣ ବିବାହ ବେଦୀ ନିକଟରେ ବସି ଶ୍ଳୋକ ଉଚ୍ଚାରଣ ପୂର୍ବକ ଓଡିଆ-କିସାନ ମିଶ୍ରିତ ଶୈଳୀରେ ପୂଜା କରନ୍ତି । ବେଦୀକାମ ନିମ୍ନମତେ କରା ଯାଇଥାଏ ।

(୧) ହାତଗଣ୍ଠି ପଡେ ।
(୨) ସିନ୍ଦୁର ପ୍ରଦାନ (ବରକନ୍ୟାକୁ ସିନ୍ଦୁର ପିନ୍ଧାଏ) ।
(୩) ଧର୍ମ ଭୂଇଁରେ ପୂଜା (ଧର୍ମକୁ ସାକ୍ଷୀରଖି ବାହ୍ମଣର ପୂଜା) ।
(୪) ଖଇପୋଡା (ଅବନ୍ଧା କୁଲା ବରକନ୍ୟା ଧରନ୍ତି ଓ ବରର ଶଳ ସେଇ କୁଲାରେ ଖଇ ଦିଏ । ସେମାନେ ଦୁହେଁ ତାକୁ ଅଗ୍ନିକୁ ସମର୍ପଣ କରିଥାନ୍ତି । )

ଗୃହ ଉପରେ ପେଚ଼ା ବସିଲେ ତାହା ଗୃହ ଧ୍ୱଂସର ଲକ୍ଷଣ ବୋଲି କିସାନମାନେ ବିଶ୍ୱାସ କରନ୍ତି । ଏହାଦ୍ୱାରା ଘରୁ ଧାନ ଚାଉଳ ଉଭାନ ହେଲାଭଳି ଲାଗେ, ଖାଦ୍ୟଦ୍ରବ୍ୟ ନିଅଣ୍ଟ ପଡେ, ଗୋ-ସମ୍ପଦ ନଷ୍ଟ ହୋଇଯାଏ । ଘରର କେଉଁ ବ୍ୟକ୍ତି ରୋଗାକ୍ରାନ୍ତ ହୋଇପଡନ୍ତି । ସେଥିପାଇଁ ସେମାନେ ବ୍ରାହ୍ମଣ କିମ୍ବା ନାହାକ ପଣ୍ଡିତମାନଙ୍କର ପରାମର୍ଶ ଲୋଡି ରିଷ୍ଟ ଖଣ୍ଡନ ପୂଜା କରାଇଥାନ୍ତି ।

ପୂଜକ ବ୍ରାହ୍ମଣ ଏହି ସମ୍ପ୍ରଦାୟର ହୋଇ ନଥିବାରୁ ସେମାନଙ୍କଠାରେ କୌଣସି ପ୍ରକାର ପାରମ୍ପରିକ ବିଧିନିୟମ ଅନୁସୃତ ହୁଏନାହିଁ । ଆବଶ୍ୟକସ୍ଥଳେ ଯେ କୌଣସି

ଆର୍ଯ୍ୟ ବ୍ରାହ୍ମଣଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପାଦିତ ହୁଏ । ପାଉଣା ହିସାବରେ କେବଳ ଚାଉଳ ଓ ଟଙ୍କା ଦିଆଯାଏ । ବ୍ରାହ୍ମଣ କିସାନଘରେ କୌଣସି ପ୍ରକାର ଖାଦ୍ୟପାନୀୟ କିମ୍ବା ଜଳ ସୁଦ୍ଧା ସ୍ପର୍ଶ କରନ୍ତି ନାହିଁ । ସେ ଆର୍ଯ୍ୟବ୍ରାହ୍ମଣ ଭାବରେ ନିଜର ସ୍ୱତନ୍ତ୍ର ବଜାୟ ରଖି କେବଳ ପୂଜା କାର୍ଯ୍ୟ ସମ୍ପାଦନା କରିଥାନ୍ତି । ସେମାନେ ଅତିଥି ରୂପେ ଆସନ୍ତି ଓ ସମ୍ମାନର ସହ ଯାଇଥାନ୍ତି ।

କିସାନ(କୁଣ୍ହାଁ)ମାନେ ଦେବାଦେବୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର ସାମଗ୍ରୀ /ଦ୍ରବ୍ୟ ବ୍ୟବହାର କରିଥାଆନ୍ତି । ତେବେ ପୂଜା / ଦେବାଦେବୀ ବିଶେଷରେ କେବେ କେବେ ପ୍ରଭେଦ ପରିଲକ୍ଷିତ ହୋଇଥାଏ । ମୋଟାମୋଟି ଭାବେ ଯେଉଁ ଦ୍ରବ୍ୟଗୁଡ଼ିକ ବିଭିନ୍ନ ଦେବାଦେବୀ, ଭୂତପ୍ରେତ ଇତ୍ୟାଦିକୁ ସନ୍ତୁଷ୍ଟ କରିବା ପାଇଁ ପୂଜା ସାମଗ୍ରୀ ଭାବରେ ଆବଶ୍ୟକ ହୋଇଥାଏ । ତାହାରଏକ ବିବରଣୀ ନିମ୍ନରେ ଦିଆଯାଇଛି:

ସିନ୍ଦୂର, ଅରୁଆଚାଉଳ, ନଡିଆ, କଦଳୀ, ମୃଣ୍ମୟ ମଣିଷ ପିତୁଳା, ଘିଅ, ତେଲ, କ୍ଷୀର, ଧୂପ, ଝୁଣା, ତୁଳସୀପତ୍ର, ଚାଉଳଚୂନା, ଅଙ୍ଗାରଗୁଣ୍ଡ, ପାଉଁଶ, ଶାଳପତ୍ର, କେନ୍ଦୁପତ୍ର, ଶିଆଳିପତ୍ରର ଦନା ଓ ଖଲି, ଗୋବର, ଫୁଲ, ହଳଦୀଗୁଣ୍ଡ, କୋଳିପତ୍ର, ଦୁବଘାସ, ମହୁଲୀଫୁଲ, ମହୁଲ, ଆମ୍ବ, ବେଲପତ୍ର, ନୂଆମାଠିଆ, କୁଲା, ଅଣ୍ଡା, ହାଣ୍ଡିଆ, ରସି, ମଦ, ଲାଉତୁମ୍ବା, ଉଇହୁଙ୍କାର ମାଟି, ହାମିଘାସ, ବାଉଁଶ ପାତିଆ, ଡାଲା, ମାଣ୍ଡିଆ, ଧାନ, ବିରି, କୋଳଥ, ମୁଗ ଇତ୍ୟାଦି ଶସ୍ୟ ପୂଜା ପାଇଁ ଆବଶ୍ୟକ ହୋଇଥାଏ । ବିଭିନ୍ନ ପ୍ରକାର କନ୍ଦା ପୂଜା ପାଇଁ ବ୍ୟବହାର କରାଯାଏ । ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ମଧ୍ୟ ପୂଜାପାଠ ସମୟରେ ବ୍ୟବହାର ହୋଇଥାଏ । ବଳୀ ଭିତରେ ପଶୁବଳୀ ଓ ପକ୍ଷୀବଳୀ ଏହି ଦୁଇପ୍ରକାର ବଳୀ ପ୍ରଥା ରହିଛି । ପଶୁମାନଙ୍କ ଭିତରେ ବୋଦା, ଛେଳି, ମେଣ୍ଢା ଇତ୍ୟାଦି ବଳୀ ଦିଆଯାଇଥାଏ । ପକ୍ଷୀମାନଙ୍କ ଭିତରେ କୁକୁଡା, ପାରା ଆଦି ବଳି ଦିଆଯାଇଥାଏ । ମୁଖ୍ୟତଃ କୁକୁଡା ଅଧିକ ମିଳୁଥିବାରୁ କୁକୁଡା ଅଧିକ ବଳୀ ଦିଆଯାଏ । ପ୍ରାୟ ସମସ୍ତ ପ୍ରକାର ମଦ ଓ ହାଣ୍ଡିଆ(ଝାରା) ସ୍ଥଳବିଶେଷରେ ପୂଜାପାଠ ପାଇଁ ବ୍ୟବହାର କରାଯାଏ । ମୁଖ୍ୟତଃ ଝାରା ଓ ମହୁଲୀ ଠାକୁରଙ୍କୁ ନୈବେଦ୍ୟ ହିସାବରେ ଦିଆଯାଇପାରେ । ପୂଜା ବେଳେ ଏହି ଝାରାକୁ ନେବା ପାଇଁ ଲାଉତୁମ୍ବାର ବ୍ୟବହାର କରାଯାଏ ।

**ପୂଜା ପଦ୍ଧତି:**

ପ୍ରଥମେ ପୂଜାପାଠ କରିବା ପାଇଁ ସ୍ଥାନ ନିରୂପଣ କରି ସ୍ଥାନକୁ ପରିଷ୍କାର କରାଯାଏ । ପାଣି ଓ ଗୋବର (ଗବରେ) ମିଶାଇ ସ୍ଥାନଟିକୁ ଲିପାଯାଏ । ପୂଜା ସାମଗ୍ରୀକୁ

ପୂଜା ସ୍ଥାନକୁ ଅଣାଯାଏ । ଲିପାଯାଇଥିବା ସ୍ଥାନ ଉପରେ ଚିତା ଅଙ୍କାଯାଏ । ମନ୍ତ୍ରଗୁଡିକୁ କେତେଗୁଡିଏ କୋଠରୀରେ ବିଭକ୍ତ କରାଯାଇଥାଏ । ପ୍ରତ୍ୟେକ କୋଠରୀଗୁଡିକ ବର୍ଗାକାର ବା ଆୟତାକାର ହୋଇଥାଏ । ଯନ୍ତଟି କେତେବେଳେ ଚାରୋଟି ସରଳରେଖା ଦ୍ୱାରା ତିଆରି କରାଯାଇଥାଏ ଓ କେତେବେଳେ ରେଖାଗୁଡିକ ପରସ୍ପରକୁ ଛେଦ କରିଥାନ୍ତି । କେତେକ ରେଖା ଅନୁପ୍ରସ୍ଥ ଭାବରେ ଛେଦ କରାଯାଇଥାଏ । ରେଖାଗୁଡିକ ସାଧାରଣତଃ ଅରୁଆ ଚାଉଳ ଗୁଣ୍ଡରେ ଅଙ୍କନ କରାଯାଇଥାଏ । ଯନ୍ତଟି ଅଙ୍କନ କରିବା ପରେ ଏହାର ପ୍ରତ୍ୟେକ କୋଠରୀର ଦନା ଉପରେ ବା ଭୂଇଁ ଉପରେ ବିଭିନ୍ନ ରଙ୍ଗର ଗୁଣ୍ଡ ରଖା ଯାଇଥାଏ । ଏଗୁଡିକ ସେମାନେ ନିଜେ ପ୍ରସ୍ତୁତ କରିଥାନ୍ତି । ବିଭିନ୍ନ ରଙ୍ଗଗୁଡିକ କୁଢି କରାଯାଏ । ପ୍ରତ୍ୟେକ କୁଢି ସ୍ୱତନ୍ତ୍ର ଭାବେ ଭିନ୍ନ ଭିନ୍ନ କୋଠରୀରେ ଥାଏ । ତା'ପରେ ଦେହୁରୀ (ଗୁଣିଆ) ବସି ବା ପାଖକୁ ଯେଉଁ ରେଖାଟି ଅଙ୍କନ କରାଯାଇଥାଏ ସେ ରେଖାକୁ ଲାଗି ଗୋଟିଏ ଅଣ୍ଡା ରଖାଯାଇଥାଏ । ବିଶେଷତଃ ଅଣ୍ଡାଟି ସବୁବେଳେ ଅଙ୍କିତ ଯନ୍ତର ଠିକ୍ ମଝିରେ ରଖାଯାଇଥାଏ । ତାପରେ ଯନ୍ତ ବାହାରେ ବିଭିନ୍ନ ଶସ୍ୟକଣା ଗୁଡିକ ରଖାଯାଏ । ବିଭିନ୍ନ ଯନ୍ତ୍ରପାତି ମଧ୍ୟ ଆବଶ୍ୟକ ହେଲେ ଏହି ଯନ୍ତ ଭିତରେ ବା ବାହାରେ ରଖାଯାଇଥାଏ । ଏହା କେଉଁଠାରେ ସ୍ଥାପନ କରାଯିବ ତାହା କର୍ମକର୍ମାଣିମାନେ ଜାଣିଥାନ୍ତି । କୋଠରି ତିଆରି କରିସାରି ପୂଜା ସାମଗ୍ରୀ ଯଥା ସ୍ଥାନରେ କୋଠରୀ ମଧ୍ୟରେ କିମ୍ବା କୋଠରୀ ବାହାରେ ରଖି ସାରିବା ପରେ ରକ୍ତବଳୀ ବ୍ୟବସ୍ଥା କରିଥାନ୍ତି । ପଶୁପକ୍ଷୀଙ୍କୁ ବଳି ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ରକ୍ତ ପ୍ରଦାନ କରାଯାଏ । ବଳି ଦେବା ପୂର୍ବରୁ ସେମାନଙ୍କୁ ପ୍ରଥମେ ଅରୁଆ ଚାଉଳ ଖାଇବାକୁ ଦିଆଯାଏ । ମରିବା ବେଳକୁ ସେମାନଙ୍କ ଆଖିରୁ ଯେପରି ଲୁହ ନଝରେ ସେଥିପ୍ରତି କର୍ମକର୍ମାଣୀମାନେ ଧ୍ୟାନ ଦେଇଥାନ୍ତି । ଅସ୍ତ୍ରଶସ୍ତ୍ରଗୁଡିକୁ କାର୍ଯ୍ୟୀର ମୁଣ୍ଡଠାରୁ ଗୋଡ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଛୁଆଁଇ ପୂଜାପାଠ କରାଯାଇଥାଏ । ପୂଜା ପାଇଁ ବ୍ୟବହୃତ ଘାସର ପିତୁଳା ଇତ୍ୟାଦିକୁ ଗାଁ ବାହାରେ ଲୋକମାନେ ନଦେଖିଲା ପରି ଜାଗାରେ ପକାଇ ଦିଆଯାଇଥାଏ । କାରଣ ଏହା ଗ୍ରାମ ମଧ୍ୟରେ ରହିଲେ ରୋଗ ହେବାରୁ ସମ୍ଭାବନା ଥାଏ । କେଉଁ ପଶୁପକ୍ଷୀ କେଉଁ ଦେବତାଙ୍କୁ ଦେଇ ସନ୍ତୁଷ୍ଟ କରାଯାଇ ପାରିବ ତାହା କର୍ମକର୍ମାଣୀମାନଙ୍କୁ ଭଲ ଭାବରେ ଜଣା । ତେଣୁ ସେ ଦେବାଦେବୀଙ୍କୁ ଯଥାବିଧି ଉପଯୁକ୍ତ ବଳି ଓ ଭୋଗ ଦେଇ ସନ୍ତୁଷ୍ଟ କରିଥାନ୍ତି । ପୁନଶ୍ଚ କେଉଁ ପ୍ରକାର ଦେବତାଙ୍କୁ କିପରି ସନ୍ତୁଷ୍ଟ କରାଯାଇ ପାରିବ ଏହା ଦେହୁରୀ ତା'ର ଯୋଗବଳରୁ ଜାଣିଥାଏ । ତାଙ୍କୁ ମହାପ୍ରଭୁ ଏବଂ ଅନ୍ୟାନ୍ୟ

ଦେବତାମାନେ ସ୍ୱପ୍ନରେ ନିର୍ଦ୍ଦେଶ ଦେଇଥାନ୍ତି । ତେଣୁ ଠାକୁରଙ୍କ ନିର୍ଦ୍ଦେଶ ଅନୁସାରେ ମଧ୍ୟ ସେ କାମ କରିଚାଲିଥାଏ । ଅତୃପ୍ତ ଦେବାଦେବୀମାନଙ୍କୁ କେବଳ ରକ୍ତ ଦେଇ ସନ୍ତୁଷ୍ଟ କରାଯାଇ ନଥାଏ । ରକ୍ତ ଦେବାବେଳେ କର୍ମକର୍ମାଣୀମାନେ ବାରମ୍ବାର ମନ୍ତ୍ର ଉଚ୍ଚାରଣ କରିବାକୁ ପଡିଥାଏ । ସବୁ ମନ୍ତ୍ରର ମର୍ମ ଥାଏ । "ଆମେ ଭୁଲ୍ କରିଚୁ, ଆମେ ତୁମକୁ ଆମର ଅମଳ ଦ୍ରବ୍ୟମାନ ଦେଉଚୁ, ବଳୀ ଦେଉଚୁ, ଗାଁରେ ସମସ୍ତେ ଭଲରେ ରହନ୍ତୁ । ରୋଗ ନପଶୁ, ବାଘ ନପଶୁ, ମରଣ ନପଶୁ ଇତ୍ୟାଦି" । ପୁଣି ମନ୍ତ୍ରରେ ଦେହୁରୀ କହେ ଗାଁରେ ଭଲ ଫଂସଲ ହେଉ, ପିଲାଛୁଆ ହୁଅନ୍ତୁ, ଲୋକମାନେ ଭଲରେ ବଞ୍ଚି ରହନ୍ତୁ, ରୋଗ ଶୋକ ନହେଉ, ଗାଁରେ ମାଣ୍ଡିଆ ଧାନ ପ୍ରଚୁର ଚାଷ ହେଉ । ଶିକାର (ମେଣ୍ଡରା) ଗଲେ ବେଶୀ ଶିକାର ମିଳୁ । ଗୃହପାଳିତ ପଶୁମାନେ ହିଂସ୍ରଜନ୍ତୁଙ୍କ କବଳରେ ନପଡନ୍ତୁ ଇତ୍ୟାଦି । ତେଣୁ ପୂଜାର ଉଦ୍ଦେଶ୍ୟକୁ ଲକ୍ଷ୍ୟ କରି ଦେହୁରୀ ମନ୍ତ୍ର ଉଚ୍ଚାରଣ କରନ୍ତି ଓ ଦେବାଦେବୀଙ୍କୁ ରକ୍ତ ପିଆଇଥାନ୍ତି । ତା'ପରେ ଦେବତା ଶାନ୍ତି ହୋଇଥାଏ । ଲୋକମାନଙ୍କୁ ବର ଦେଇ ନିଜସ୍ଥାନକୁ ଫେରି ଯାଇଥାଏ । ତେଣୁ ଲୋକମାନଙ୍କର ଉଦ୍ଦେଶ୍ୟ ସାଧନ ହୋଇଥାଏ ଓ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ ।

**ଏକ ଘଟଣା:**

*ଗୋଟିଏ ପରିବାରରେ ଜଣେ ସ୍ୱାମୀ, ସ୍ତ୍ରୀ ଓ ତାଙ୍କରି ଦୁଇଟି ଛୁଆ ଥିଲେ । ତାଙ୍କର ବଡ ଓ ଛୋଟ ପୁଅ ପାଠ ଭଲ ପଢୁଥିଲେ । ସେହି ଗାଁରେ ଥିବା ଜଣେ ସ୍ତ୍ରୀଲୋକକୁ ସମସ୍ତେ ଡାହାଣୀ (ଟଣାହେଁ) ବୋଲି ଭାବନ୍ତି । ଦିନେ ବଡ ଛୁଆଟିର ଦେହ ଭାରି ଅସୁସ୍ଥ ହେଲା । ଏହାର କାରଣ ତା ବାପା ମାଆ ସେହି ଡାହାଣୀକୁ ସନ୍ଦେହ କଲେ । କିନ୍ତୁ ତାକୁ କିଛି କୁହନ୍ତିନାହିଁ । ଦିନକର ଘଟଣା ପିଲାମାନେ କ୍ରିକେଟ ଖେଳୁଥିଲେ । ତା'ର ବାପା ମାଆ ଘରେ ନଥିଲେ । ସେତେବେଳେକୁ ସମୟ ୩ଟା ହୋଇଥିଲା । ଖେଳ ସରିଲା ପରେ ସେହି ପିଲାଟି ପାଣି ପିଇବାକୁ ନଳକୂଅ ପାଖକୁ ଗଲା । ପାଣି ପିଇବା ସମୟରେ ଜୋରରେ ପବନ (ଝଡ) ଆସିଲା ଓ ସେହି ଛୁଆଟି ନଳକୂଅ ପାଖରେ ପଡିଗଲା । ତା'ପରେ ସେ ଗୁରୁଣ୍ଡି ଗୁରୁଣ୍ଡି ହୋଇ ଆସି ପାଖରେ ଥିବା ମଇଳା ପାଣିକୁ ପିଇଲା । ତା'ପରେ ଅଚେତ ଅବସ୍ଥାରେ ଆସି ଘରେ ପଡିଗଲା । ଡାକ୍ତରଖାନାକୁ ଆଣିବା ପରେ ଡାକ୍ତରମାନେ ମଧ୍ୟ ସେହି ରୋଗ ଚହ୍ଲି ପାରିଲେ ନାହିଁ । ତାକୁ ସୁନ୍ଦରଗଡ ଡାକ୍ତରଖାନାକୁ ଅଣାଗଲା ଓ ଡାକ୍ତରମାନେ ତାକୁ ଆଇ.ଜି.ଏଚ୍.*

ରାଉରକେଲାକୁ ପଠାଇ ଦେଲେ । ଝୁଆଟି ବାଟରେ ଯାଉଥିବା ବେଳେ ତା'ର ମୃତ୍ୟୁ ହୋଇଗଲା । ତା'ପରେ ତା'ର ଶବ ସଂସ୍କାର କରାଗଲା । ମାତ୍ର ତା'ର ବାପା ମାଆ ସେହି ଡାହାଣୀ ଉପରେ ସନ୍ଦେହ କରିଥିଲେ । ପରେ ଗାଁରେ ଗୁଣିଆକୁ ଡକାଗଲା । ସେହି ଗୁଣିଆକୁ ଚାଉଳ ଓ ନଡିଆ ଦେଲେ ସେ ଡାହାଣୀ କିଏ ବୋଲି ନିର୍ଣ୍ଣୟ କରିଥାଏ । ମାତ୍ର ସିଏ ସିଧାସଳଖ ନକହି ଟିକିଏ ବୁଲେଇ ବାଙ୍କେଇ କହିଥାଏ । ତା'ପରେ ତାଙ୍କର ୧୦/୧୨ ଦିନ ପରେ ଶୁଦ୍ଧିକ୍ରିୟା କର୍ମ ସମାପନ ହେଲା । ଶୁଦ୍ଧିକ୍ରିୟା ପୂର୍ବଦିନ ତା ବାପାର ମଧ୍ୟ ଭୟଙ୍କର ଜ୍ୱର ହେଲା । ମାତ୍ର ସେହି ଗୁଣିଆ କୁତା କି ଝଡାଫୁଙ୍କା କରିବାରୁ ତାଙ୍କର ଜ୍ୱର ଭଲ ହେଲା । ଠିକ୍ ସେହି ସମୟରେ ଏକ ଛେଳିଛୁଆ ଆସି ତାଙ୍କ ଘରେ ପଶିଲା । ଏପରି ଏକ ଛୋଟ ଛେଳିଛୁଆ ସେମାନେ କେବେ ଦେଖିନାହାନ୍ତି ବୋଲି ମଧ୍ୟ ପ୍ରକାଶ କଲେ । ମାତ୍ର ସେ ଛେଳି ଛୁଆଟି ତାଙ୍କ ଘରର ଖଟ ଚାରିପଟେ ୩/୪ ଥର ବୁଲିଲା । ତାକୁ ଯେତେଥର ବାହାରକୁ ଛାଡି ଦେଇଆସିଲେ ବି ସେ ବାରମ୍ବାର ଘରଭିତରକୁ ପ୍ରବେଶ କରୁଥାଏ । ତା'ର ୫/୬ ମିନିଟ୍ ପରେ ସେ ଛେଳିଛୁଆଟି ସେହି ଗ୍ରାମର ଡାହାଣୀ ଘରେ ପଶିଗଲା । ତା'ପରେ ସମସ୍ତଙ୍କର ବିଶ୍ୱାସ ହେଲା ଯେ ଏହି ସେହି ଡାହାଣୀ ଓ ଚିରୁଗୁଣୀ । ଏହିପରି ସେମାନେ ଡାହାଣୀ ଓ ଚିରୁଗୁଣୀକୁ ବିଶ୍ୱାସ କରିଥାନ୍ତି ।

## ସାମ୍ପ୍ରତିକ ଧାରା ଓ ବିବର୍ତ୍ତନ:

ସମୟାନୁକ୍ରମେ କିସାନ(କୁଣ୍ହାଁ) ସଂପ୍ରଦାୟ ଶିକ୍ଷା ଓ ଆଧୁନିକ ସଭ୍ୟତାର ପ୍ରଭାବରେ ସାମାଜିକ, ଆର୍ଥିକ, ରାଜନୈତିକ, ମାନସିକ ଆଦି ପ୍ରତ୍ୟେକଟି ଦିଗରୁ ଯଥେଷ୍ଟ ପରିବର୍ତ୍ତିତ ହୋଇଥିଲେ ହେଁ ଧର୍ମୀୟ ଚେତନାଟି କେବଳ ସ୍ଥିର ରହିଛି । ଧର୍ମ ହେଉ ବା ଯାଦୁ ଧର୍ମ ହେଉ, ଏ ଉଭୟ ସ୍ତରରେ ସେମାନେ ପ୍ରଚଣ୍ଡ ଭାବେ ଦୁର୍ବଳ । ସେଥିପାଇଁ ଅଦ୍ୟାବଧି କିସାନ ସମାଜରେ ଧର୍ମୀୟ କର୍ମକର୍ତ୍ତା ଓ ଯାଦୁ ଧର୍ମୀୟ କର୍ମକର୍ତ୍ତା ଏବଂ ସେମାନଙ୍କର କାର୍ଯ୍ୟଧାରାର ଗୁରୁତ୍ୱ ଅତୁଟ ରହିଛି । ପୁରୁଷ ପୁରୁଷ ଧରି ପାରମ୍ପରିକ ପୂଜା, ପୂଜା ଉପଚାର, ପୂଜା ପଦ୍ଧତିମାନ ଅନୁରୂପ ଭାବେ ଅନୁସୃତ ହୋଇଆସୁଛି । ଏଥିରେ କୌଣସି ପରିବର୍ତ୍ତନ ନାହିଁ କିମ୍ବା ବ୍ୟତିକ୍ରମ ମଧ୍ୟ ଘଟୁଥିବାର ଲକ୍ଷ୍ୟ କରାଯାଏ ନାହିଁ । ମାତ୍ର ଏବେ ଏହି କିସାନ ସମ୍ପ୍ରଦାୟରେ ପୂଜାପାଠରେ ଓ କର୍ମକର୍ମାଣୀ ନିର୍ବାଚନରେ ସାମାନ୍ୟ ପରିବର୍ତ୍ତନ ଦେଖାଦେଇଛି । ଏବେ ଗୁଣିଆମାନଙ୍କ ସଂଖ୍ୟା ମଧ୍ୟ କମିଗଲାଣି ।

ପୂଜା ପାଠରେ କେତେକ ପରିବର୍ତ୍ତନ ଦେଖାଗଲାଣି । ବଳିପ୍ରଥା ଉଠି ଗଲାଣି । ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ନଡିଆ, ଧୂପ, ଭୋଗ ଦେବାର ଦେଖାଗଲାଣି । ଆଗପରି ଝଡାଫୁଙ୍କା, ଚୁଡାଣ ପୂଜାର ଆବଶ୍ୟକତା ଆଉ ଦେଖିବାକୁ ମିଳୁନାହିଁ । ସେମାନେ ଏବେ ଡାକ୍ତରଖାନାକୁ ରୋଗର ଉପଚାର ପାଇଁ ଯାଉଛନ୍ତି । ତଥାପି ଦେବଦେବୀ ତଥା ପିତୃପୁରୁଷଙ୍କ ଆଶିଷ ବିନା ସେମାନଙ୍କର ଜୀବନଧାରଣ ଯେ ଅସମ୍ଭବ ଏହା ସେମାନେ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି, ତେଣୁ ଏବେ ମଧ୍ୟ କିସାନମାନଙ୍କର ପାରମ୍ପରିକ ପୂଜା ପଦ୍ଧତି ସୁଦୃଢ ରହିଥିବା ଜଣାଯାଇଥାଏ ।

# କିସାନ୍ ଘରୁ ଓ କାରୁକଳା

ମଣିଷ ଜୀବନରେ କଳାର ଗୁରୁତ୍ୱ ଅଧିକ । ଏହା ସାଧାରଣ ଜୀବନରେ ମଣିଷର ଅବଚେତନ ମନର ବୌଦ୍ଧିକତାକୁ ପ୍ରତିବିମ୍ବିତ କରାଇଥାଏ । କଳାର ସଂଜ୍ଞା ଖୁବ୍ ବ୍ୟାପକ । ଆଦିବାସୀ ସମାଜର କଳାତ୍ମକ ଅଭିରୁଚିକୁ ଲକ୍ଷ୍ୟ କଲେ ଜଣାଯିବ ଯେ ଏହା କେବଳ ସେମାନଙ୍କର ଆବଶ୍ୟକତାକୁ ପୂରଣ କରିନଥାଏ ବରଂ ଏହି କଳା ତାଙ୍କ ଜୀବନକୁ ସରସ, ସୁନ୍ଦର କରି ଗଢି ତୋଳିବା ସହ ତାଙ୍କର ଦୈନନ୍ଦିନ ଜୀବନର ବିଭିନ୍ନ କାର୍ଯ୍ୟଧାରାକୁ ସହଜ ଓ ସାବଲୀଳ କରିଦେଇଥାଏ । ପ୍ରତ୍ୟେକ ଆଦିବାସୀ ସମାଜର କଳା-ଶିଳ୍ପ ପ୍ରତ୍ୟେକଠାରୁ ଭିନ୍ନ । ସେମାନେ ନିଜସ୍ୱ ପରମ୍ପରାର ସ୍ୱାତନ୍ତ୍ର୍ୟ ବଜାୟ ରଖି ଜୀବନଚର୍ଯ୍ୟାର ପ୍ରତିଟି ସୋପାନରେ ନିଜସ୍ୱ କଳାକୌଶଳର ପରିଚୟ ଦେଇଥାଆନ୍ତି । ବସତି ବନ୍ଦୋବସ୍ତଠାରୁ, ବାସଗୃହ, ଗୃହୋପକରଣ, କୃଷି, ଯନ୍ତ୍ରପାତି, ଶୀକାର ସରଞ୍ଜାମ, ଅଳଙ୍କାର, ପୋଷାକ, ବାଦ୍ୟଯନ୍ତ୍ର ସହିତ ପର୍ବପର୍ବାଣୀ, ପୂଜାବିଧି, ଋଷକର୍ମ, ଅବସର ବିନୋଦନ, ପ୍ରେମ ନିବେଦନ, ଗୁଣିଗାରେଡି, ବିବାହ ଆଦି ପ୍ରତ୍ୟେକ ପର୍ଯ୍ୟାୟରେ କଳାତ୍ମକ ଅଭିରୁଚି ପରିସ୍ଫୁଟିତ ହୋଇଥାଏ ।

### ଘରୁ ଓ କାରୁକଳାର ଧାରଣା, ଉତ୍ପତ୍ତି ଏବଂ ଇତିବୃତ୍ତ:

କିସାନ(କୁଣ୍ହାଁ) ସମ୍ପ୍ରଦାୟରେ ଶିଳ୍ପ ଓ କଳା ବହୁ ପ୍ରାଚୀନ । ସଭ୍ୟତାର କ୍ରମୋନ୍ନତି ସଙ୍ଗେ ସଙ୍ଗେ ଏମାନଙ୍କର କଳା ଓ ଶିଳ୍ପର ବିକାଶ ଘଟିଥିବା ସ୍ୱାଭାବିକ । କିସାନ ଆଦିବାସୀ ଏକ ଉନ୍ନତ ସଂପ୍ରଦାୟ । ଜୀବନଧାରାର ବହୁ ଘାତ-ପ୍ରତିଘାତ ମଧ୍ୟ ଦେଇ ସେ ନିଜର ସଂସ୍କୃତି ଓ ପରମ୍ପରାକୁ ସୁଦୃଢ ରଖିପାରିଥିବାର ଇତିହାସ କହେ । ସେମାନଙ୍କ ବସତିର ଉତ୍ପତ୍ତି ଓ ଇତିହାସ, ବାସଗୃହ ପରିକଳ୍ପନା, ଧର୍ମୀୟ ଚେତନା ଓ ଆଧ୍ୟାତ୍ମିକ ଶକ୍ତିର ଧାରା ଅବଲୋକନ କଲେ ଏହା ସ୍ପଷ୍ଟ ହୋଇଯାଏ । ସେମାନେ କଳାପ୍ରେମୀ ଥିଲେ । ପ୍ରତିଟି ଜିନିଷରେ କଳାର ଉତ୍କର୍ଷ ପ୍ରଦର୍ଶନ କରାଇଥାନ୍ତି । କୌଣସି ପଶୁପକ୍ଷୀଙ୍କୁ ଦେଖିଲା ମାତ୍ରେ ନିଜ ଚିତ୍ରକଳାରେ ସେ ଦୃଶ୍ୟକୁ ସ୍ଥାନ ଦେଇଥାନ୍ତି । ବଣଜଙ୍ଗଲର ଦୃଶ୍ୟକୁ ଚିତ୍ରକଳାରେ ମଧ୍ୟ ସେମାନେ ସ୍ଥାନ ଦେଇଥାନ୍ତି । ସେମାନଙ୍କର ଘରର କାନ୍ଥରେ ଥିବା ଚିତ୍ର, କବାଟରେ ବିଭିନ୍ନ ପ୍ରକାର ଚିତ୍ରରୁ ଜଣାଯାଇଥାଏ ସେମାନେ ଚିତ୍ରକଳାରେ ନିପୁଣ । ଚିତ୍ରକଳାକୁ ସେମାନେ ବହୁଳ ଭାବରେ ପ୍ରଦର୍ଶନ କରିଥାନ୍ତି ।

ଆଦିବାସୀମାନଙ୍କ  ଜୀବନ ସହିତ କଳାର ଘନିଷ୍ଠ ସମ୍ପର୍କ ରହିଛି ବୋଲି ଜଣାଯାଏ । ଦୈନନ୍ଦିନ ଜୀବନର ଅନୁଭୂତିକୁ ସେମାନେ କଳାରେ ପ୍ରକାଶ କରିବାକୁ ଯାଇ ପ୍ରଥମେ ପାହାଡ କାନ୍ଥଦେହରେ ରେଖା ମାଧ୍ୟମରେ ଆଙ୍କିଥିଲେ । ତେଣୁ ସମାଜ ଆଦିବାସୀ କଳା ସଂସ୍କୃତିକୁ ମନେ ରଖିବା ଉଚିତ । ଜୀବନର ପ୍ରତିଟି କ୍ଷେତ୍ରରେ କଳାର ରୂପରେଖ ଦେଇଥାନ୍ତି । ଏହି କିସାନମାନେ । ପ୍ରାକୃତିକ ପରିବେଷ୍ଟନୀରୁ ସଂଗୃହୀତ ଉପକରଣ ମାଧ୍ୟମରେ ସେମାନେ କଳାସାମଗ୍ରୀ ପ୍ରସ୍ତୁତ କରିବାରେ ସିଦ୍ଧହସ୍ତ ।

## ଋରୁ ଏବଂ କାରୁକଳାର ତଥା ସୌନ୍ଦର୍ଯ୍ୟବୋଧର ପରିପ୍ରକାଶ:

ଏହି ସମାଜରେ ପ୍ରଚୁର ପରିମାଣରେ ସଂଗୀତ ସାହିତ୍ୟ ଶିଳ୍ପାଦି ଲୋକକଥା, ଲୋକ କାହାଣୀ, ଲୋକଗୀତ, ଲୋକବାଦ୍ୟ, ଲୋକନୃତ୍ୟ ମହଜୁଦ ରହିଛି । ବିବାହୋତ୍ସବ ଆଦି ବିଭିନ୍ନ ପ୍ରକାର ସାମାଜିକ ଉତ୍ସବାନୁଷ୍ଠାନ, ପର୍ବପର୍ବାଣୀ, ପୂଜାପାଠ ଓ ଅବସର ବିନୋଦନ କାଳରେ ସେମାନେ ବାଦ୍ୟଗୀତ ନୃତ୍ୟର ତାଳେ ତାଳେ ଆନନ୍ଦ ଉଲ୍ଲାସର ସହିତ ଜୀବନକୁ ଉପଭୋଗ କରନ୍ତି । ସ୍ଥାନ, କାଳ, ପାତ୍ର କ୍ରମରେ କିସାନ ସମାଜ ବିଭିନ୍ନ ପ୍ରକାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି । ସେମାନଙ୍କର ସୌନ୍ଦର୍ଯ୍ୟବୋଧତା ସେସବୁରେ ପରିସ୍ଫୁଟିତ ହୋଇଥାଏ ।

## ଶୀକାର ଉପକରଣ:

ଆଦିବାସୀମାନେ ସାଧାରଣତଃ ପାହାଡ ଜଙ୍ଗଲାଦି ପରିବେଷ୍ଟନୀ ମଧ୍ୟରେ ବସତି ସ୍ଥାପନ କରିଥାଆନ୍ତି । ତତ୍ ସହିତ ଜଙ୍ଗଲରେ ବିଭିନ୍ନ ପ୍ରକାର ପଶୁପକ୍ଷୀ ଶୀକାର କରିବା ସେମାନଙ୍କର ସହଜାତ ପ୍ରବୃତ୍ତି । ଅନେକ ସମୟରେ ସେମାନେ ଦଳବଦ୍ଧ ଭାବରେ ଶୀକାର କରିବାକୁ ପାହାଡ ଜଙ୍ଗଲକୁ ଯାଆନ୍ତି କିମ୍ବା ବ୍ୟକ୍ତିଗତ ଭାବେ ଛୋଟ ଛୋଟ ପକ୍ଷୀ ଇତ୍ୟାଦି ମଧ୍ୟ ଶୀକାର କରୁଥିବା ଜଣାଯାଏ । ଜଙ୍ଗଲରେ ଜୀବଜନ୍ତୁ ଶୀକାର କରିବା ଓ ହିଂସ୍ରଜନ୍ତୁଙ୍କ ଠାରୁ ନିଜକୁ ରକ୍ଷା କରିବା ପାଇଁ ସେମାନେ ସବୁବେଳେ ଅସ୍ତ୍ରଶସ୍ତ୍ର ଧରି ବୁଲୁଥାନ୍ତି । ଶୀକାର କରିବା ପାଇଁ ସେମାନେ କେତେକ ଉପକରଣ ବ୍ୟବହାର କରିଥାଆନ୍ତି । ସେଗୁଡିକ ହେଲା - ଧନୁ, ତୀର, ବର୍ଚ୍ଛା, ଫାଂସୀ, ଟାଙ୍ଗିଆ ଓ ଛିଟ୍‌କିଣୀ (ବାଟୁଲି) ।

**ଧନୁତୀର:** ଧନୁତୀର ସେମାନଙ୍କର ମୁଖ୍ୟ ଉପକରଣ । ତାହା ବାଉଁଶ ସାହାଯ୍ୟରେ ନିଜେ ପ୍ରସ୍ତୁତ କରନ୍ତି । ସାଧାରଣତଃ ସେମାନେ ୪-୫ ଫୁଟ ଲମ୍ବର ବାଉଁଶ ବତାରେ

ଧନୁ ତିଆରି କରିଥାଏ । ବାଉଁଶ ବତାର ଉଭୟ ପାର୍ଶ୍ୱକୁ ମଝି ଅପେକ୍ଷା ଟିକିଏ ସରୁ କରାଯାଇଥାଏ ଓ ଗୁଣ ଯୋଡିବା ପାଇଁ ଉଭୟ ପାର୍ଶ୍ୱରେ ଛୋଟ ଘାଇ କରାଯାଇଥାଏ । ଅନ୍ୟ ଏକ ସରୁ ବାଉଁଶ ପାତିଆରେ ଗୁଣ କରାଯାଇ ଦୁଇମୁଣ୍ଡକୁ ତନ୍ତୁ ଦ୍ୱାରା ଧନୁ ସହିତ ଖଞ୍ଜା ଯାଇଥାଏ । ଏହି ତୀରଟା ବୀରେନ ଗଛର କାଣ୍ଡରୁ ତିଆରି ହୋଇଥାଏ । ଏହି ବୀରେନ ଗଛ ଦେଖିବାକୁ ରଜନୀଗନ୍ଧା ଗଛ ପରି । ଏହାର ଉଚ୍ଚତା ୫ଫୁଟ ଅଟେ । ତୀରର ପଛପଟେ ପର ଲଗାଯାଇଥାଏ । ଖାଦ୍ୟ ସଂଗ୍ରହ ବ୍ୟତୀତ ହିଂସ୍ରଜନ୍ତୁଙ୍କ କବଳରୁ ନିଜକୁ ରକ୍ଷା କରେ, ଶତ୍ରୁଠାରୁ ନିଜକୁ ବଞ୍ଚାଏ ।

**ଟାଙ୍ଗିଆ:** ଟାଙ୍ଗିଆକୁ କମାର (ଲୁହୁରା) ତିଆରି କରିଥାଏ । ଟାଙ୍ଗିଆରେ ସେମାନେ ବିଭିନ୍ନ ପ୍ରକାର କାଠର ବେଣ୍ଟ ଲଗାଇ ହଣାକଟା ପାଇଁ ବ୍ୟବହାର କରେ । ଧନୁତୀର ପିର ସେମାନେ ଅନେକ ସମୟରେ ଟାଙ୍ଗିଆ କାନ୍ଧରେ ଧରି ଯାଇଥାନ୍ତି । ବଡ ଟାଙ୍ଗିଆକୁ ମୁଖ୍ୟତଃ କାଠ ହାଣିବା, ଗଛକାଟିବା ପାଇଁ ବ୍ୟବହାର କରାଯାଏ । ଛୋଟ ଟାଙ୍ଗିଆ ଡାଳ କାଟିବା, ମାଂସ କାଟିବା ଇତ୍ୟାଦି ପାଇଁ ବ୍ୟବହାର କରାଯାଏ ।

**ପଂାର୍ସା(ପଂଲ୍ସିଆ):** ଏହାର ଲୁହା ଅଂଶଟିକୁ କମାର ବା ଲୁହୁରା ତିଆରି କରିଥାଏ । କମାରଠାରୁ ଆଣି ସାରିବା ପରେ ସେମାନେ ବେଣ୍ଟ ଲଗାଇଥାନ୍ତି । ଏହାର ଆକାର ଅଲଗା ପ୍ରକାରର ହୋଇଥାଏ । ଏହାକୁ ଶୀକାର କରିବା ପାଇଁ ବ୍ୟବହାର କରାଯାଏ ।

**ଖଣ୍ଡା (ଦାଉଲି):** ଏହା ପ୍ରାୟ ଦୁଇ ଫୁଟ ଲମ୍ବର ଲୁହାରେ ଟିକିଏ ବଙ୍କା କରି ତିଆରି କରାଯାଇଥାଏ । ଏହାର ବେଣ୍ଟ ମଧ୍ୟ ଲୁହାରେ ତିଆରି ହୋଇଥାଏ । ଏହାକୁ କେହି କେହି ଶୀକାର ପାଇଁ ବ୍ୟବହାର କରୁଛନ୍ତି । କିନ୍ତୁ ଏହାକୁ ପୂଜାରୀ (କାଲୋ) ରଖି ପୂଜା କରୁଥିବାର ଜଣାଯାଏ ।

**ଛିଟିକିଣୀ(ବୁଲେସ୍):** ଛିଟୁକୁଣୀ ବା ବୁଲେସ ବାଉଁଶ ବତା ଓ ସୂତାରେ ତିଆରି କରାଯାଏ । ପ୍ରଥମେ ହାତେ କିମ୍ବା ଦେଢହାତ ଲମ୍ବାର ଏକ ପତଳା ବାଉଁଶ ବତା ନେଇ ଚାଞ୍ଛି ଚିକ୍କଣ କରାଯାଇଥାଏ । ଧନୁରେ ଗୁଣ ଦେଲାପରି ଏଥିରେ ସୂତା କିମ୍ବା ସିଆଡି ଓ ଶିମିଳି ତନ୍ତୁକୁ ବୋଳି ଦୁଇଖିଅ ବିଶିଷ୍ଟ ଗୁଣ ଲଗାଯାଇଥାଏ । ଧନୁ ଓ ଦୁଇଗୁଣର ମଧ୍ୟଭାଗରେ ଉକ୍ତ ତନ୍ତୁ କିମ୍ବା ସୂତାରେ ଏକ ଜାଲ ତିଆରି କରାଯାଇଥାଏ ଓ ଏହାରି ଉପରେ କାଦୁଅ ଗୁଳି କିମ୍ବା ଗୋଡି ରଖି ଶୀକାରକୁ ଲକ୍ଷ୍ୟ କରାଯାଏ ।

ଏହି ବୁଲେସ୍ ସାହାଯ୍ୟରେ ସେମାନେ ପକ୍ଷୀ ଶୀକାର କରିବା ପାଇଁ ଶସ୍ୟକ୍ଷେତ୍ରରୁ ପଶୁପକ୍ଷୀଙ୍କୁ ଗୋଡାଇବା ପାଇଁ କିମ୍ବା ପିଲାମାନେ ଖେଳନା ହିସାବରେ ଏହାକୁ ବ୍ୟବହାର କରିଥାନ୍ତି ।

**ଚଢେଇ ଧରିବା ଫାଂସ:** ଏହାକୁ ଛୋଟ ଚଢେଇ ଧରିବା ପାଇଁ ବ୍ୟବହାର କରାଯାଏ । ଏହା ବାଉଁଶ ପାତିଆ ଓ ଶିମିଳି ସୂତାରୁ ତିଆରି କରାଯାଏ । ପକ୍ଷୀମାନେ ଯେଉଁ ବାଟେ ଦଳଦଳ ହୋଇ ଯାଇଥାନ୍ତି ସେତେବେଳେ ସେମାନେ ଏହା ଲକ୍ଷ୍ୟ କରିଥାନ୍ତି । ସେହି ସମୟରେ ସେମାନେ ବଡବଡ ଗଛରେ ଜାଲ ଓହଳାଇଥାନ୍ତି । ସେହି ଜାଲରେ ବାଦୁଡି, ହରଡ ଇତ୍ୟାଦି ଚଢେଇ ପଡିଥାନ୍ତି । ହରଡ ଚଢେଇର ମାଂସ ବହୁତ ମିଠା ଅଟେ । ସେହି ଜାଲରେ ସେ ପଡି ନଥାଏ କିନ୍ତୁ ଲାଖି ଯାଇଥାଏ ।

**ମୂଷା ଧରିବା ଯନ୍ତ୍ର:** ମୂଷା ଗାତ ପାଖରେ ସେମାନେ ଗୋଟିଏ କଳସୀ ଭିତରେ ପୁଆଳ ପୁରାଇଥାନ୍ତି । ସେହି କଳସୀରେ ଗୋଟିଏ କଣା ଥାଏ । ତା'ପରେ ନିଆଁ ଲଗାଇଦେଲେ ସେହି ଧୂଆଁରେ ମୂଷାଗୁଡିକ ମାତାଲ ହୋଇଯାଇଥାନ୍ତି । ତାପରେ ସେମାନେ ତାଙ୍କୁ ଧରିଥାନ୍ତି । ମୂଷା ଦୁଇ ପ୍ରକାର । ଛୋଟ ବା ଘରମୂଷାକୁ ସେମାନେ ଅସ୍‌କା କହନ୍ତି ଓ ବାହାର ବା କ୍ଷେତରେ ଥିବା ମୂଷା ବଡ ଥାଏ ।

**ମାଛ ଧରିବା ଉପକରଣ:** କିସାନ(କୁଣ୍‌ହାଁ)ମାନେ ସାଧାରଣତଃ ଝରଣା, ବନ୍ଧ କିମ୍ବା ନଦୀରୁ ମାଛ ଧରିଥାନ୍ତି । ସେହି ଅଂଚଳରେ ପୋଖରୀ ନଥାଏ । ଏ ସମସ୍ତ ଜଳଉତ୍ସରୁ ପୁରୁଷମାନେ ମାଛ ଧରିଥାନ୍ତି ଓ ସ୍ତ୍ରୀଲୋକମାନେ ସେମାନଙ୍କୁ ସାହାଯ୍ୟ କରିଥାନ୍ତି । ମାଛ ଧରିବା ପାଇଁ ସେମାନେ ବିଭିନ୍ନ ପ୍ରକାର ଜାଲ ଓ ବାଉଁଶର ତିଆରି ଉପକରଣ ବ୍ୟବହାର କରିଥାନ୍ତି । ମାଛ ଧରିବା ପାଇଁ ବ୍ୟବହାର କରୁଥିବା ଉପକରଣ ଗୁଡିକର ନାମ- କୁମ୍ନା, ଡଣ୍‌ହାଁ, ବନିସୀ ଇତ୍ୟାଦି ।

**ଫେଂକାଜାଲ:** ଫେଂକା ଜାଲ ଏକ ପ୍ରକାର ରେଶମ ସୂତାରୁ ତିଆରି କରାଯାଏ । ଏହାକୁ ଗୋଟିଏ ଲୋକ ବ୍ୟବହାର କରିଥାଏ । ଫେଂକାଜାଲକୁ ସେମାନେ ବୁଲେଇ ବୁଲେଇ ମାଛ ଉପରକୁ ଫୋପାଡିଥାନ୍ତି । କିଛି ସମୟ ପରେ ତାକୁ କାଡିଥାନ୍ତି ।

**ଟେକାଜାଲ:** ଟେକାଜାଲ ତିଆରି କରିବା ପାଇଁ ୮-୯ ହାତ ଲମ୍ବର ଏକ ମୋଟା ଦଣ୍ଡ ଥାଏ । ୫ହାତ ବିଶିଷ୍ଟ ଦୁଇଟି ସରୁ ଦଣ୍ଡ ଓ ୩ ହାତ ଦୈର୍ଘ୍ୟ ପ୍ରସ୍ଥ ବିଶିଷ୍ଟ ସୂତା ନିର୍ମିତ ଏକ ଜାଲ । ଏହାକୁ କେବଳ ପୁରୁଷମାନେ ମାଛ ଧରିବା ପାଇଁ ବ୍ୟବହାର କରିଥାନ୍ତି ।

ଅଧିକ ପାଣିଥିବା ସ୍ଥାନରେ ପକାଯାଇଥାଏ । ମଝିରେ ମଝିରେ ଦଉଡିକୁ ଟାଣି ଜାଲକୁ ଟେକାଯାଏ । ଏହି ଟେକାଜାଲକୁ ଦୁଇଜଣ ଧରି ଖେଳେଇ ଖେଳେଇ ମାଛ ଧରିଥାନ୍ତି । ମାଛ ସଂଗ୍ରହ କରିସାରିଲା ପରେ ସେମାନେ ହାଟ ବଜାରକୁ ବିକ୍ରି କରିବାକୁ ଯାଆନ୍ତି ।

**ଥପ୍‌ପା:** ମାଛ ଧରିବା ପାଇଁ ଆଉ ଏକ ପ୍ରକାର ଜାଲ ଅଛି । ତାକୁ ଥପ୍‌ପା କୁହାଯାଏ । ଏହି ଜାଲକୁ ଜଣେ ଲୋକ ବ୍ୟବହାର କରିଥାଏ । ଏହା ବାଉଁଶରୁ ତିଆରି ହୋଇଥାଏ ।

**ଚୁରିଆ, କୁମ୍‌ନା:** ମାଛ ଧରିବା ପାଇଁ ଏକ ପ୍ରକାର ଜାଲ ବ୍ୟବହାର କରନ୍ତି । ତାକୁ ଚୁରିଆ, କୁମ୍‌ନା କୁହାଯାଏ । ଚୁରିଆ ଜାଲ ବାଉଁଶ(ଲାଠି) ଓ କାଁସିରୁ ତିଆରି ହୋଇଥାଏ । କିନ୍ତୁ କୁମ୍‌ନା ବାଉଁଶରୁ ତିଆରି ହୋଇଥାଏ ।

**ଡଣ୍‌ହାଁ:** ମାଛ ଧରିବା ପାଇଁ ଆଉ ଏକ ପ୍ରକାର ଜାଲ ବ୍ୟବହାର କରନ୍ତି । ତାର ନାମ ଡଣ୍‌ହାଁ । ଏହି ଜାଲର ଦୁଇପଟେ ଦୁଇଟା ବାଉଁଶ ଥାଏ । ଏହାକୁ ଏକରୁ ଅଧିକ ଲୋକ ବ୍ୟବହାର କରିଥାନ୍ତି ।

**ବନିସୀ:** ବନିସୀ ସାହାଯ୍ୟରେ ସ୍ତ୍ରୀଲୋକମାନେ ଓ ଛୋଟ ପିଲାମାନେ ମାଛ ଧରିଥାନ୍ତି । ଏହି ବନିସୀ ଗୋଟିଏ ସରୁ ବାଉଁଶ କାଠିରୁ ତିଆରି ହୋଇଥାଏ । ତାର ମୁହଁରେ ଗୋଟିଏ ସରୁ ରେଶମ ତାର ଓ ସରୁ ଲୁହା ତାର ଥାଏ । ଏହି ବନିସୀକୁ ମାଛ ଉପରକୁ ଉଠିବା ସମୟରେ ପକାଇଥାଏ । ସେହି ତାର ମୁହଁରେ କିଛି ଖାଦ୍ୟ ଜିନିଷ ରଖାଯାଇଥାଏ । ଏହି ଖାଦ୍ୟକୁ ଖାଇବାକୁ ଆସିଲାବେଳେ ସେହି ବନିସୀକୁ ଉପରକୁ ଉଠାଯାଏ । ଯାହା ଫଂଳରେ ମାଛ ଧରାଯାଏ । ସେହି ମାଛ ନେଇ ସେମାନେ ଘରେ ଖାଆନ୍ତି ।

**କୃଷି ଉପକରଣ:** କିସାନ (କୁଣ୍‌ହୋଁ)ମାନଙ୍କର ମୁଖ୍ୟ ଜୀବିକା ହେଉଛି କୃଷି । ସେମାନେ ପଦା ଜମି, ତଳିଆ ଜମି, ଢିପଜମିରେ ଚାଷ ଓ ପନିପରିବା ଚାଷ କରିଥାନ୍ତି । ଉକ୍ତ ସମସ୍ତ ପ୍ରକାର ଚାଷ କରିବା ପାଇଁ ବ୍ୟବହୃତ ଉପକରଣଗୁଡିକର ନାମ ହେଉଛି ଲଙ୍ଗଳ, କୁଆଳି, ଦଉଡି (ଏପୁ), କୋଦାଳ,ଶାବଳ,ଟାଙ୍ଗିଆ, ଦାଆ ଇତ୍ୟାଦି ନେଇ ଯାଇଥାନ୍ତି ।

**ଲଙ୍ଗଳ (ଉନ୍ତା), କୁଆଳୀ (ପାକ୍‌ସି) :** ଲଙ୍ଗଳ ଦୁଇଖଣ୍ଡ କାଠ ଓ ଲୁହାରେ ତିଆରି କରାଯାଇଥାଏ । ଲଙ୍ଗଳର ଉପର ଭାଗ ଓ କଣ୍ଢି ଗୋଟିଏ କାଠରେ ତିଆରି କରାଯାଇଥାଏ । ଲଙ୍ଗଳର ଉପର ଭାଗ ଓ କଣ୍ଢି ଗୋଟିଏ କାଠରେ ତିଆରି କରା ଯାଇଥାଏ । ଲଙ୍ଗଳର ପୃଷ୍ଠଭୂମିର ମଧ୍ୟଭାଗରେ ରନ୍ଧ୍ରକରି ଏକ ଈଶ ଲଗାଯାଇଥାଏ । ପୃଷ୍ଠଭୂମିର ସମ୍ମୁଖରେ ମାଟି କର୍ଷଣ କରିବା ପାଇଁ ଏକ ଲୁହାଫାଳ ଲଗାଯାଇଥାଏ । କୁଆଳି ଗୋଟିଏ ସିଧାକାଠରେ

ତିଆରି ହୋଇଥାଏ । ଏହାର ଦୈର୍ଘ୍ୟ ପ୍ରାୟ ୫ ଫୁଟ ହେବ । ଉଭୟ ପାର୍ଶ୍ୱରୁ ୧ଫୁଟ ଲେଖାଏଁ ଛାଡି ରନ୍ଧ୍ର କରି ଏଥିରେ ବଡ କିଳାମାନ ଲଗାଯାଇଥାଏ । ଏହି କିଣାର ବାହାର ପାର୍ଶ୍ୱରେ ବଳଦକୁ ଯୋଡା ଯାଇଥାଏ । ଏହା ସେମାନେ ନିଜେ ତିଆରି କରିଥାଆନ୍ତି । ଏହି ଲଙ୍ଗଳ ଓ ଜୁଆଳୀ ସାହାଯ୍ୟରେ ପଦାଜମି, ପାଣିଜମି, ପନିପରିବା ବଗିଚା ଚାଷ କରାଯାଇଥାଏ । ଲଙ୍ଗଳକୁ ଟାଣିବା ପାଇଁ ୨ଟି ବଳଦ ବ୍ୟବହାର କରାଯାଇଥାଏ ।

(ଖ) କୋଦାଳ: କୋଦାଳ ଓସାରିଆ ଲୁହାରୁ ତିଆରି କରାଯାଇଥାଏ । ଏହାର ଗୋଟିଏ ପାର୍ଶ୍ୱରେ ବେଣ୍ଟ ଲାଗିବା ପାଇଁ ଏକ ବଡ କଣା କରାଯାଇଥାଏ । ଏହି ଲୁହାକୁ ଶାଣ ଦେଇ ଧାର କରାଯାଇଥାଏ । ଏଥିରେ କାଠ ବେଣ୍ଟ ଲଗାଯାଇଥାଏ । ଏହି କୋଦାଳ ସାହାଯ୍ୟର ମଞ୍ଜି ବୁଣି ଭୂମିକୁ ହାଣି ମାଟିକୁ ହାଲୁକା କରିବା ଓ ମଞ୍ଜି ପୋତିବା, ପାଣି ଜମିର ହିଡ ଦେବା ଇତ୍ୟାଦି କାମ କରାଯାଇଥାଏ ।

ଶାବଳ (ଶାବରି): ଏହା ସଂପୂର୍ଣ୍ଣ ଭାବରେ ଏକ ଲୁହାରୁ ତିଆରି କରା ଯାଇଥାଏ । ଏକ ଲମ୍ବା ସିଲିଣ୍ଡରାକୃତି ଲୁହାର ଅଗ୍ରଭାଗରୁ ଚେପ୍‌ଟା ଓ ଧାରୁଆ କରାଯାଇ ଶାବଳ କରାଯାଇଥାଏ । ଏହାକୁ କମାର (ଲହ୍‌ରା) ତିଆରି କରିଥାଏ । ଏହି ଶାବଳ ଦ୍ୱାରା ମାଟି ଖୋଳିବା, ଗାତ ଖୋଳିବା, ପଥର ଉଠାଇବା ଇତ୍ୟାଦି କରାଯାଇଥାଏ ।

ଗୁଙ୍ଗୁ (ପକ୍ଷିଆ): ଏହି ଗୁଙ୍ଗୁ ବର୍ଷା ସମୟରେ ବର୍ଷାରୁ ରକ୍ଷା ପାଇବା ପାଇଁ ଏହା ମୁଖ୍ୟତଃ ବ୍ୟବହାର କରାଯାଇଥାଏ । ଏହା ସିଆଡି ପତ୍ରରୁ ତିଆରି ହୋଇଥାଏ । ସେମାନେ ନିଜେ ଏହାକୁ ତିଆରି କରିଥାନ୍ତି ।

ଦାଆ (ତାଁତାର): ଏହା ଏକ ଛୋଟ ଲୁହା ଖଣ୍ଡରୁ ତିଆରି କରାଯାଇଥାଏ ଓ ଏଥିରେ ବାଉଁଶ କିମ୍ବା କାଠର ବେଣ୍ଟ ଲଗା ଯାଇଥାଏ । ଏହାକୁ କମାର (ଲହ୍‌ରା) ତିଆରି କରେ । ଏହା ଛୁରୀ (ଚାକୁ) ପରି ଧାର କରାଯାଇଥାଏ । ଏଥିରେ ଶସ୍ୟକଟା ଯାଇଥାଏ । ଏଥିରେ ସେମାନେ ଫଳମୂଳ, ତାଳପତ୍ର, ଶାଗ ଆଦି କାଟି ଜଙ୍ଗଲରୁ ସଂଗ୍ରହ କରିଥାନ୍ତି ।

ଦଉଡି (ଏପୁ): ସାଧାରଣତଃ ଜଙ୍ଗଲରେ ଥିବା ବିଭିନ୍ନ ଗଛର ତନ୍ତୁରୁ ଦଉଡି ତିଆରି କରାଯାଇଥାଏ । ସିଆଡି ତନ୍ତୁ ଓ ପୁଆଳରୁ ମଧ୍ୟ ଦଉଡି ତିଆରି କରାଯାଇଥାଏ । ପ୍ରଥମେ ଏହି ତନ୍ତୁକୁ ସଂଗ୍ରହ କରି ଖରାରେ ଶୁଖାଯାଏ । ଶୁଖିଗଲା ପରେ ହାତରେ ବୋଳି ବୋଳି ଦଉଡି ତିଆରି କରାଯାଏ । ଜଙ୍ଗଲରୁ କାଠ ବାନ୍ଧି ଆଣିବା ପାଇଁ, ଧାନ କାଟି ସାରିଲା ପରେ ତାକୁ ବାନ୍ଧି ଘରକୁ ଆଣିବା ପାଇଁ, ଦଉଡିକୁ ହଳ କରିବା ବେଳେ,

ଗୃହ ନିର୍ମାଣରେ, ଗୋରୁଗାଈ ବାନ୍ଧିବା ପାଇଁ ଦଉଡି ବ୍ୟବହାର କରାଯାଇଥାଏ ।ଦଉଡିରୁ ମଧ୍ୟ ଶିକା ତିଆରି କରାଯାଇଥାଏ । ଦଉଡିକୁ ଛନ୍ଦା ଛନ୍ଦି କରି ଏକ ଗୋଲାକାର ଭୂମି ବିଶିଷ୍ଟ ଶିକା କରାଯାଇଥାଏ । ଏହି ଶିକାରେ କେତେକ ଜିନିଷ ଶସ୍ୟ ରଖାଯାଇଥାଏ ।

## ଗୃହ ଉପକରଣ :

ଘରେ ବ୍ୟବହାର କରିବା ପାଇଁ ସେମାନେ ବିଭିନ୍ନ ଉପକରଣ ବ୍ୟବହାର କରନ୍ତି । ସେମାନଙ୍କର ଉପକରଣ ଆର୍ଥିକ ଜୀବନ ବିଷୟରେ ଧାରଣା ଦେଇଥାଏ । ଯିଏ ଉପକରଣ ବେଶୀ ରଖିଥାଏ ତାର ଆର୍ଥିକ ସ୍ୱଚ୍ଛଳତା ସେତେ ଅଧିକ ଥାଏ । କିସାନ ସଭ୍ୟତା ଗୃହସ୍ଥ ଜୀବନଯାପନ ଶୈଳୀ ସଭ୍ୟତାର ପାକ୍‌କାଳରୁ ବିକଶିତ ହୋଇଥିବାରୁ ଉନ୍ନତ ଚିନ୍ତାଧାର ନେଇ ଏମାନେ ବାସଗୃହକୁ ସୌନ୍ଦର୍ଯ୍ୟ ମଣ୍ଡିତ କରିଥାନ୍ତି । କାନ୍ଥର ନିମ୍ନଭାଗ କଳା କରୁଥିବା ସ୍ଥଳେ ଉପର ଅଂଶରେ ନାଲି କିମ୍ବା ଧଳାର ମାଟି ଲେପନ କରିଥାନ୍ତି । ଆଗରୁ ଖାଇବା ପାଇଁ ବାସନକୁସନର ଋହିଦା ମେଣ୍ଟାଇବାକୁ ଥାଳିଆ ସଦୃଶ ପତ୍ର ଥାଳି ପ୍ରସ୍ତୁତ କରୁଥିଲେ । ଏତଦ୍ ଭିନ୍ନ ଖଲି, ଦନା, କାଠଚକି (ଯାତ୍‌ରି), ହାଣ୍ଡି (ଖାନା ଖାଚ୍‌ରା), ଖଡିକା (ଘଟ୍ଟି), ବାସନକୁସନ (ଖୁରିଗିନା), ବେଲା (ଖୁରି), ଗରା (ଗରିଯା), ଚଟୁ (ଲାଉତୁମ୍ବା ପଂଳ) ବ୍ୟବହାର କରିଥିଲେ । ଗୃହୋପକରଣ ତଥା ବ୍ୟକ୍ତିଗତ ଆସବାବପତ୍ର ବ୍ୟବହାର କ୍ଷେତ୍ରରେ ଖଟ, ପୋଷାକପତ୍ର, ଅଳଙ୍କାର, ଦେବାଦେବୀଙ୍କର ପୂଜାଦ୍ରବ୍ୟ, ବାଦ୍ୟଯନ୍ତ୍ର,ବାକ୍ସ, କୁଲା, ଚଲା, ପାନିଆ ଇତ୍ୟାଦି ବହୁପ୍ରକାର ସାମଗ୍ରୀ ବା ଉପକରଣ ବ୍ୟବହାର କରନ୍ତି ।

କାଠ ଚକି ଭାରୀ ଓ ଗୋଲାକାର କାଠ ଗଣ୍ଡିରୁ ନିର୍ମିତ ହୋଇଥାଏ । ପ୍ରତି ଚକିର ଉଚ୍ଚତା ୧୫-୨୦ ସେ.ମି. ହୋଇଥିବା ବେଳେ ବ୍ୟାସ ପ୍ରାୟ ୩୦ ସେ.ମି. ହୋଇଥାଏ । ତଳଚକିର ମଧ୍ୟ ଭାଗରେ ଏକ କଣା କରାଯାଇ ସେଥିରେ ଏକ ଶକ୍ତ କିଳା ଲଗାଯାଇଥାଏ । ଉପର ଚକିଟି କିଳା ଉପରେ ରଖାଯାଇଥାଏ । ଉପର ଚକିର ରନ୍ଧ୍ର ପରିଧି କିଳାର ପରିଧି ଅପେକ୍ଷା ଅଧିକ ଥାଏ । ତେଣୁ ତଳଚକିର କିଳା ଉପର ଚକିର ରନ୍ଧ୍ର ମଧ୍ୟରେ ପ୍ରବେଶ କଲାପରେ ମଧ୍ୟ କିଳାର ଚତୁପାର୍ଶ୍ୱରେ ଫାଙ୍କ ଥାଏ । ଏହି ଫାଙ୍କାରେ ବିଭିନ୍ନ ଶସ୍ୟ ଭର୍ତ୍ତି କରାଯାଇଥାଏ । ଉପର ଚକିର ଉପର ଭାଗର ଗୋଟିଏ ପାର୍ଶ୍ୱରେ ଏକ ଛୋଟ ଗାତ କରାଯାଇଥାଏ କିମ୍ବା ସ୍ଥାୟୀଭାବେ ଏକ କାଠର ସରୁ କିଳା ମରାଯାଇଥାଏ । ଶସ୍ୟ ଭର୍ତ୍ତି କରି ସାରିଲା ପରେ ଏହି କିଳାକୁ ଧରି ଉପର

ଚକିଟିକୁ ଘୁରାଇଲେ ଶସ୍ୟ ଆସ୍ତେ ଆସ୍ତେ ଦୁଇ ଚକିର ମଧ୍ୟ ଦେଶକୁ ଯାଇଥାଏ ଓ ଦୁଇ କାଠର ଘର୍ଷଣ ଫଂଳରେ ଶସ୍ୟରୁ ଚୋପା ଛାଡି ଯାଇଥାଏ ।

**ପଥର ଚକି (ଜାତ୍ରି):** ପଥରରୁ ତିଆରି ହୋଇଥାଏ । ସେମାନେ ଏହାକୁ ନିଜେ ତିଆରି କରିଥାନ୍ତି । ତେଣୁ ସେମାନେ ଏହା ହାଟ ବଜାରରୁ କ୍ରୟ କରି ଆଣିଥାନ୍ତି । ଏଥିରେ ମାଣ୍ଡିଆ ଚୋପା ଛଡାଯାଇଥାଏ । ଏଥିରେ ବିରି ଓ ମାଣ୍ଡିଆ ଇତ୍ୟାଦିକୁ ଗୁଣ୍ଡ କରାଯାଇଥାଏ ।

**ଲାଉତୁମ୍ବା :** ଆଗେ କିସାନ(କୁଣ୍‌ହାଁ)ମାନେ ଲାଉତୁମ୍ବାକୁ ତଙ୍କି ରୂପେ ବ୍ୟବହାର କରିଥାନ୍ତି । ଏବେ ସେମାନେ ଷ୍ଟିଲ୍‌ର ବାସନକୁସନ ବ୍ୟବହାର କରୁଛନ୍ତି । ଲାଉକୁ ଗଛରୁ ଡେଙ୍ଗ ପାଖରୁ କାଟି ଛୋଟ କଣା କରିଦିଆଯାଏ । ଛୁରୀ ସାହାଯ୍ୟରେ ଭିତରେ ଥିବା କଅଁଳ ଅଂଶ କିଛି କାଢି ଦିଆଯାଏ । ବିଭିନ୍ନ ପ୍ରକାର ଲାଉ ତୁମ୍ବାକୁ ସେମାନେ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରିଥାନ୍ତି । ପେଜ ପିଇବାକୁ ହେଲେ ସେମାନେ ଲାଉତୁମ୍ବା ବ୍ୟବହାର କରିଥାନ୍ତି । ଏହି ଲାଉତୁମ୍ବାର ଆକାର ଲମ୍ବା ଥାଏ । ଛୋଟ ଲାଉତୁମ୍ବାରେ ସେମାନେ ମଦ, ସଲପ ଇତ୍ୟାଦି ପିଇଥାନ୍ତି । ଝିଅକୁ ପ୍ରଥମ ଦେଖାବେଳେ ପୁଅଘର ଲାଉତୁମ୍ବାରେ ହାଣ୍ଡିଆ ନେଇ ଯାଇଥାନ୍ତି । ଦେବାଦେବୀ ଓ ପିତୃପୁରୁଷଙ୍କୁ ମଦ ଅର୍ପଣ କଲେ ସେମାନେ ସନ୍ତୁଷ୍ଟ ହୋଇଥାନ୍ତି ।

**ଖଲି (ଘପତି) ଓ ଦନା:** ଖଲି ଶାଳ ଓ ସିଆଳି ଗଛର ପତ୍ରରୁ ତିଆରି କରାଯାଏ । ବିଭିନ୍ନ ପ୍ରକାର ଖାଦ୍ୟ ଯଥା- ଭାତ, ତରକାରୀ, ପାଣି, ପେଜ, ହାଣ୍ଡିଆ ଇତ୍ୟାଦି ଖାଇବା ପାଇଁ ଦନାକୁ ବ୍ୟବହାର କରନ୍ତି । ଦୈନନ୍ଦିନ ଜୀବନରେ ବ୍ୟବହାର ବ୍ୟତୀତ ବିଭିନ୍ନ ପ୍ରକାର ପୂଜାପାଠ ଓ ପର୍ବପର୍ବାଣୀ ଅବସରରେ ପତ୍ରରେ ଛୋଟ ଦନାରେ ଖାଦ୍ୟ ବାଢି ପୂଜା କରିଥାନ୍ତି । ବିଭିନ୍ନ ପର୍ବପର୍ବାଣୀ ଓ ଉତ୍ସବରେ ବନ୍ଧୁବାନ୍ଧବ, ଗ୍ରାମବାସୀଙ୍କୁ ବଡ ବଡ ଦନାରେ ଖାଦ୍ୟ ବ୍ୟଞ୍ଜନ କରିଥାନ୍ତି ।

**ହାଣ୍ଡି (ଖାନା ଖାପ୍‌ରା):** ସେମାନେ ବିଭିନ୍ନ ପ୍ରକାର ମାଟି ହାଣ୍ଡି ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରିଥାନ୍ତି । ସେମାନେ ମାଟିହାଣ୍ଡି କୁମ୍ଭାର ଠାରୁ ଆଣିଥାନ୍ତି । ବିଭିନ୍ନ ହାଣ୍ଡିର ଆକାର ଭିନ୍ନ ହୋଇଥାଏ । ଭାତ ରାନ୍ଧିବା, ପେଜ ରାନ୍ଧିବା, ପାଣି ରଖିବା ପାଇଁ ଛୋଟ ଛୋଟ ଗୋଲାକାର ହାଣ୍ଡି ବ୍ୟବହାର କରନ୍ତି । ସେମାନେ ହାଣ୍ଡିରେ ଶସ୍ୟ ରଖିବା, ମଦ ପାଇଁ ମହୁଲ ପଚାଇବା ଇତ୍ୟାଦି ପାଇଁ ବଡ ଲମ୍ବାଳିଆ ହାଣ୍ଡି ବ୍ୟବହାର କରିଥାନ୍ତି ।

**ବାସନକୁସନ (ଖୁରିଗିନା):** ଆଧୁନକ ଯୁଗରେ ସେମାନେ ବାସନକୁସନ ବ୍ୟବହାର କରୁଛନ୍ତି । କିନ୍ତୁ ପୂର୍ବେ ସେମାନେ ପତ୍ରଦନା, ଲାଉତୁମ୍ବା ଓ ମାଟିହାଣ୍ଡି ଇତ୍ୟାଦି ବ୍ୟବହାର କରୁଥିଲେ । ଭାତ ଖାଇବା ପାଇଁ ବଡ ବେଲା (ଖୁରି), ତରକାରୀ ଖାଇବା ପାଇଁ ଗିନା, ପାଣି ଆଣିବା ପାଇଁ ଷ୍ଟିଲ ଗରା (ଗରିୟା), ପାଣି ପିଇବା ପାଇଁ ଗ୍ଲାସ, ଖଡିକା (ଘଟ୍ଟି) ଇତ୍ୟାଦି ବ୍ୟବହାର କଲେଣି । ଏ ସମସ୍ତ ବାସନକୁସନ ହାଟରୁ କିଣି ଆଣିଥାନ୍ତି ।

**ଝାଡୁ (ଘଲ୍‌କି):** ଘଲ୍‌କିଗଛରୁ ଝାଡୁ ତିଆରି ହୁଏ । ଏହି ଗଛ ଜଙ୍ଗଲରେ ବୁଦା ବୁଦା ହୋଇ ରହିଥାଏ । ସେଥିରୁ ସେମାନେ ଭଲକାଣ୍ଡକୁ ଆଣି ତାର ପତ୍ରକୁ ଝାଡିଦେଲେ ସେହି ପତ୍ରଗୁଡିକ ଝଡିଥାଏ । ତାପରେ ସେହି କାଣ୍ଡଗୁଡିକ ଗୁନ୍ଥି ଝାଡୁ ତିଆରି କରିଥାନ୍ତି । ସେମାନେ ଝାଡୁ ସାହାଯ୍ୟରେ ଓଳାଇବା ପାଇଁ ବ୍ୟବହାର କରନ୍ତି ।

**ପୁରୁଗ୍ (ଧାନ ରଖିବା ଉପକରଣ):** ସେମାନେ ଧାନକୁ ଅମଳ କରିସାରିଲା ପରେ ପୁରୁଗ୍‌ରେ ରଖିଥାନ୍ତି । ଏହି ପୁରୁଗ୍ ଧାନ ଅମଳ କରିସାରିଲା ପରେ ଯେଉଁ ନଡା ଥାଏ, ସେହି ନଡାକୁ ରସି କରି ଗୁଡେଇ ଗୁଡେଇ ଉପରକୁ ରଖିଥାନ୍ତି । ତଳେ ନଡା (ପୁଆଲ୍)କୁ ବିଛାଇ ତା ଉପରେ ଧାନରଖିଥାନ୍ତି । ଏହି ପୁରୁଗ୍‌ରେ ସେମାନେ ମାଣ୍ଡିଆ, କୋଳଥ ଇତ୍ୟାଦି ରଖିଥାନ୍ତି ।

**ବାଉଁଶ ନଳ:** ବାଉଁଶରୁ ନଳ ପ୍ରସ୍ତୁତ କରାଯାଏ । ବାଉଁଶ ଖଣ୍ଡଟିର ତଳ ପାର୍ଶ୍ୱରେ ଗଣ୍ଠି ଦ୍ୱାରା ନଳଟି ବନ୍ଦ ଥାଏ ଓ ଉପରପାର୍ଶ୍ୱ ଗଣ୍ଠିଟି କଟି ଯାଇଥିବାରୁ ଏହା ଫାଙ୍କା ଥାଏ ।

**ପିଢା:** ସେମାନେ ଖାଇଲା ବେଳେ ତଳେ ବସି ଖାଇଥାନ୍ତି । କେହି କେହି ପିଢା ଉପରେ ବସି ଖାଇଥାନ୍ତି । ଗୋଟିଏ ଛୋଟ କାଠ ପଟାକୁ ପିଢା ଆକାରରେ ବ୍ୟବହାର କରିଥାନ୍ତି ।

**ଶିଳ ଓ ଶିଳପୁଆ:** ଏକ ଆୟତାକାର ପଥରକୁ ଶିଳ (ପାଟ୍ଟା) ଓ ଏକ ଛୋଟ ଗୋଲାକାର ଲମ୍ବା ପଥର ଖଣ୍ଡକୁ ଶିଳପୁଆ (ରୁଦୁଡି) ହିସାବରେ ବ୍ୟବହାର କରାଯାଏ । ଏଥିରେ ପିଆଜ, ହଳଦୀ, ଲଙ୍କା ଇତ୍ୟାଦି ମସଲା ବାଟିଥାନ୍ତି । ବିଭିନ୍ନ ପ୍ରକାର ଔଷଧକୁ ମଧ୍ୟ ଏଥିରେ ଗୁଣ୍ଡ କରାଯାଏ ।

**ଗାଈଘଣ୍ଟି (ଅଏଠିଡିଙ୍ଗି):** ଏହା ୩ ଖଣ୍ଡ କାଠ ଓ ଉ ଦଉଡିରେ ନିର୍ମିତ । ମୁଖ୍ୟ ବା ମଝି କାଠ ଖଣ୍ଡିକ ଗୋଲାକାର ଏବଂ ଫମ୍ପା ହୋଇଥାଏ ଓ ଏହାର ଉପର ପାର୍ଶ୍ୱଟି ବନ୍ଦ ଥାଏ । ଏହି ଘଣ୍ଟିକୁ ଗାଈ, ଗୋରୁ, ମଇଁଷି (ପୁଆଡ) ଇତ୍ୟାଦି ପଶୁଙ୍କ ବେକରେ ବନ୍ଧା ଯାଇଥାଏ ।

**ମୁଣା:** ଏହା ବାଉଁଶ ପାତିଆରେ ଟୋକେଇ ବୁଣିଲା ପରି ବୁଣା ଯାଇଥାଏ । ଏହାର ଦୁଇଟି କୋଣ ଥାଏ ।

**ପାନିଆ (କାପ୍‌ଟା):** ପୁରୁଷମାନେ ଗାମୁଛା ଓ ଆଜିକାଲି ଧୋତି, ଗଂଜି, ଲୁଙ୍ଗି ପରିଧାନ କରୁଥିଲା ବେଳେ ସ୍ତ୍ରୀ ଲୋକମାନେ ଛିଟ ଶାଢୀ ବ୍ୟବହାର କରୁଥିଲେ । ଲଜ୍ୟା ନିବାରଣ ପାଇଁ ଏବଂ ସୌନ୍ଦର୍ଯ୍ୟବୋଧତା ପରିବର୍ଦ୍ଧନ କରିବା ପାଇଁ ସେମାନେ ବିଭିନ୍ନ ବସ୍ତ୍ର ଅଳଙ୍କାରରେ ସଜ୍ଜିତ ହୋଇଥାନ୍ତି । ଏହି ବସ୍ତ୍ରଗୁଡିକ ସୂତା, ତନ୍ତୁ, ଘାସ ଇତ୍ୟାଦିରୁ ତିଆରି ହୋଇଥାଏ । ତାର ବସ୍ତ୍ର ଓ ଅଳଙ୍କାର ସାମାଜିକ ଓ ଆର୍ଥିକ ବିଷୟରେ ମଧ୍ୟ ଧାରଣା ଦେଇଥାଏ । ତନ୍ତୀ ଲୁଗା ବୁଣିଥାଏ । ଶୀତ ଓ ବର୍ଷାଦିନେ ମୋଟା ଲୁଗା ପିନ୍ଧୁଥିଲେ ।

**ଅଳଙ୍କାର :** ସେମାନେ ନିଜର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ହାର (ଟାଡ୍‌ସୂତା), ଖଗଲା (ବେକରେ ମାଳିପରି), ବାହୁଟି (ବନ୍ଦରିଆ), ବାଲା (କତରିଆ), ଚୁଡି, ପାଉଁଜି (ପଇଁରି) ପିନ୍ଧନ୍ତି । କାନରେ ସେମାନେ ଗଣ୍ଡିଆ, କାନଫୁଲ, ଗୋଡରେ ଝୁଣ୍ଟିଆ ପିନ୍ଧନ୍ତି । ସେମାନେ ୨ପଟ ନାକରେ ସୁନାରେ ପିନ୍ଧନ୍ତି । ମୁଣ୍ଡରେ ପାନପତ୍ରୀ ପିନ୍ଧନ୍ତି । ଏହା ରୂପାରେ ତିଆରି ହୋଇଥାଏ । ସେମାନେ ଗୋଡରେ ଘୁଙ୍ଗୁର (ଚଡ୍‌ଙ୍ଗି) ପିନ୍ଧୁଥିଲେ । ସେମାନେ ସୁନ୍ଦର ଦେଖାଯିବା ପାଇଁ ଅଳଙ୍କାର ବ୍ୟବହାର କରୁଥିଲେ । ଏ ସମସ୍ତ ଅଳଙ୍କାର ସେମାନେ ପ୍ରାୟତଃ ପର୍ବପର୍ବାଣୀ ଦିନମାନଙ୍କରେ ବ୍ୟବହାର କରିବା ସହିତ ଖୋସାରେ ପତ୍ର, ଫୁଲ ମଧ୍ୟ ଲଗାଇଥାନ୍ତି । ସ୍ତ୍ରୀଲୋକମାନେ ଆଖିରେ କଜଳ ଲଗାନ୍ତି । ମୁଣ୍ଡରେ ଏବେ ସିନ୍ଦୁର ବ୍ୟବହାର କଲେଣି । ସେମାନେ ବେକରେ ବିଭିନ୍ନ ରଙ୍ଗର ମାଳି, ନାଇଲନ୍ ସୂତାରେ ଗୁନ୍ଥି ତିଆରି କରିଥାନ୍ତି । ମାଳୀଗୁଡିକ ଛୋଟବଡ କରି ସଜାଯାଇଥାଏ । ସମସ୍ତ ସ୍ତ୍ରୀଲୋକମାନେ ଅଣ୍ଟାସୂତା (କର୍ଦ୍ଧନ) ପିନ୍ଧୁଥିଲେ । ସେମାନେ ମୁଣ୍ଡରେ ମୟୂର ପର, ପାରା ପର ପିନ୍ଧୁଥିଲେ ।

**ବାଦ୍ୟଯନ୍ତ୍ର:** କିସାନ(କୁଣ୍ହାଁ)ମାନେ ନାଚପ୍ରିୟ ଅଟନ୍ତି । ଦେବାଦେବୀ ପୂଜାପାଠରେ ବା ହାଣ୍ଡିଆ  ପିଇ ସନ୍ଧ୍ୟାବେଳେ ମାନ୍ଦାଲ୍ ବଜାଇ ନାଚ କରିଥାନ୍ତି । ସେମାନ ମାନ୍ଦାଲ୍‌କୁ ମୁଖ୍ୟତଃ ବାଦ୍ୟଯନ୍ତ୍ର ହିସାବରେ ବ୍ୟବହାର କରିଥାନ୍ତି । ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ହେଉ କିମ୍ବା କର୍ମକ୍ଳାନ୍ତ ଜୀବନକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପର୍ବପର୍ବାଣୀ, ପୂଜାପାଠ ଅବସରରେ ମାଦକ ପାନୀୟ ସେବନ କରି ମାନ୍ଦାଲ ବଜାଇ ନାଚଗୀତ କରିଥାନ୍ତି । ସେମାନେ ବେଶ୍ ସଂସ୍କୃତିପ୍ରେମୀ ଥିଲେ ।

**ବାଉଁଶ ନିର୍ମିତ ସାମଗ୍ରୀ:** ବାଉଁଶ ସାମଗ୍ରୀଗୁଡିକ ଡମଠାରୁ ଆଣି ନିଜର ଆବଶ୍ୟକତା ପୂରଣ କରନ୍ତି । ଆଦିକାଳ ମଇଁଷି ଶିଙ୍ଗକୁ ଶଙ୍ଖ ହିସାବରେ ବ୍ୟବହାର କରୁଥିଲେ । ବାଉଁଶରୁ ଟୋକେଇ, ପଟି, ପାନିଆ ଇତ୍ୟାଦି ତିଆରି କରାଯାଏ । ବାଉଁଶ ପାତିଆରୁ ଏକ ମସିଣା (ପିଟିରି) ତିଆରି ହୋଇଥାଏ । ବାଉଁଶ ପାତିଆକୁ ଲଗାଲଗା କରି ବୁଣା ହୋଇଥାଏ । ଏହାକୁ ଶୋଇବା ପାଇଁ ମସିଣା ହିସାବରେ ବ୍ୟବହାର କରାଯାଏ । ଭାତ ଖାଇବା ପାଇଁ ଛୋଟ ମସିଣା ବ୍ୟବହାର କରନ୍ତି ।

ସମୟର ପରିବର୍ତ୍ତନ ଯୋଗୁଁ କିସାନ ସମାଜ ନିଜକୁ ବେଶ ଖାପଖୁଆଇ ଚଳି ଯାଉଛି । ସ୍ଥଳ ତଥା ବ୍ୟକ୍ତି ବିଶେଷରେ ସେମାନେ ନିଜର ବଳିଷ୍ଠ ପରମ୍ପରାକୁ ମଧ୍ୟ ବିସ୍ମୃତ ହେବାରେ କୁଣ୍ଠାବୋଧ କରୁନାହାନ୍ତି । ତେଣୁ ଆଧୁନିକ ଜୀବନଚର୍ଯ୍ୟାରେ ସେମାନଙ୍କର ପାରମ୍ପରିକ କଳା ଓ ଶିଳ୍ପ ଅବଲୁପ୍ତ ପ୍ରାୟ । ଏକ ସଂସ୍କୃତି ସମ୍ପନ୍ନ ଗୋଷ୍ଠୀ ଭାବରେ କିସାନ ସଂପ୍ରଦାୟ ଏହାର ମୂଲ୍ୟବୋଧ ହୃଦୟଙ୍ଗମ କରିବା ଏକାନ୍ତ ଅନିବାର୍ଯ୍ୟ ।

# କନ୍ୟାସୁନା

ପ୍ରତ୍ୟେକ ସମ୍ପ୍ରଦାୟରେ ବିବାହ (ବେଣ୍ଡା) ଏକ ସାମାଜିକ ବିଧି ବ୍ୟବସ୍ଥା । ଏହାର କାର୍ଯ୍ୟଧାରାରେ ଭିନ୍ନତା ପରିଲକ୍ଷିତ ହେଲେ ହେଁ ସାମାଜିକ ବନ୍ଧନକୁ ସୁଦୃଢ କରିବା ସହିତ ପୁରୁଷ ଓ ନାରୀର ମିଳନକୁ ନୀତିଗତ ସ୍ୱୀକୃତି ଦେବା ବିବାହର ମୂଳ ଲକ୍ଷ୍ୟ । ବିବାହ ଓ ପ୍ରାକ୍ ବିବାହ କାଳର କେତେକ ନୀତିନିୟମରେ ଅଣଆଦିବାସୀଙ୍କ ଠାରୁ ଆଦିବାସୀମାନେ ଭିନ୍ନ ଥିବା ପରିଲକ୍ଷିତ ହୁଏ । ଅଣ-ଆଦିବାସୀ ଗୋଷ୍ଠୀ ବିବାହ ପୂର୍ବରୁ କନ୍ୟାପାଇଁ କନ୍ୟାସୁନା ବା କନ୍ୟାଧନ ବରପକ୍ଷରୁ ଦିଆଯାଇଥାଏ । ଆଦିବାସୀ ସମାଜରେ ଝିଅର ସ୍ଥାନ ଶ୍ରେଷ୍ଠ ଥାଏ । ଝିଅକୁ ସେମାନେ ଗୃହଲକ୍ଷ୍ମୀ ବା ଧନ ବୋଲି ଭାବିଥାନ୍ତି ।

## କନ୍ୟାସୁନା ଧାରଣା:

କିସାନ(କୁଣ୍ହାଁ) ସମ୍ପ୍ରଦାୟରେ କନ୍ୟାସୁନା/କନ୍ୟାଧନ ପ୍ରଥା ପ୍ରଚଳିତ ରହିଛି । ପ୍ରତ୍ୟେକ ବିବାହରେ ବର ପକ୍ଷରୁ କନ୍ୟାପାଇଁ କନ୍ୟାସୁନା ପ୍ରଦାନ କରାଯାଇଥାଏ । ଏହି କନ୍ୟାସୁନା ବିଧି, ବିବାହର ପ୍ରାକ୍ ପଦକ୍ଷେପ ବା ବିବାହ କର୍ମର ପ୍ରଥମ ପର୍ଯ୍ୟାୟ । ଏହାଦ୍ୱାରା ପୁଅଝିଅଙ୍କର ବିବାହ ପାଇଁ ଉଭୟ ପକ୍ଷରୁ ଆନୁଷ୍ଠାନିକ ସ୍ୱୀକୃତି ଗୃହିତ ହୋଇଥାଏ । କନ୍ୟାସୁନା ଦୁଇ ପ୍ରକାରର । (୧) ଝିଅକୁ ସୁନା ଭାବେ ଭାବୁଛନ୍ତି (୨) ଝିଅକୁ ଯୌତୁକ ହିସାବରେ କିଛି କନ୍ୟାସୁନା ହିସାବରେ ଦିଆଯାଏ । ଏହି କନ୍ୟାସୁନା ପ୍ରଥା ଫଳରେ ଦୁଇ ପରିବାର ମଧ୍ୟରେ ବନ୍ଧୁଭାବରେ ଖିଅଟିଏ ଯୋଡି ହୋଇଯାଏ । କନ୍ୟାସୁନା ପ୍ରଥା ପାରମ୍ପରିକ । ଉତ୍ପତ୍ତିର ଆରମ୍ଭ କାଳରୁ କନ୍ୟାସୁନାର ପରିମାଣରେ ସ୍ଥିତାବସ୍ଥା ବଜାୟ ରହି ଆସିଛି । ସଭ୍ୟତା ଓ ସମୟର ପ୍ରବାହରେ ଏହାର କୌଣସି ପରିବର୍ତ୍ତନ ସମ୍ଭବ ହୋଇପାରିନାହିଁ । ଝିଅ ବାହାଘର ପୂର୍ଣ୍ଣକାମ ଅଟେ ବୋଲି ସେମାନେ ଭାବିଥାନ୍ତି । ଝିଅ ଯେତେବେଳେ ଶାଶୁଘରକୁ ଯାଏ ସେତେବେଳେ ତାକୁ କନ୍ୟାସୁନା ଦିଆଯାଏ । କାରଣ ତା'ର କୌଣସି ଅଧିକାର ବାପଘରେ ନଥାଏ । ସେ ଭାଇର ସମ୍ପତ୍ତିକୁ ମାଗି ନଥାଏ । କିସାନ ସମାଜରେ ମାମୁଁର ପୁଅ ଝିଅକୁ ସେମାନେ ବିଭାଘର ଦିଅନ୍ତି । ଏହାକୁ ଭଣଜାଦାନ (ଭାଣଜା) କୁହାଯାଏ । ଯେତେବେଳେ ପୁଅଝିଅ ଜନ୍ମ ହୋଇଥାନ୍ତି ସେତେବେଳେ ବାପା ମାଆ ପିଲାବେଳେ ମାମୁଁର ପୁଅଝିଅ ସହିତ ବିବାହ କରିବେ

ବୋଲି କଥାବାର୍ତ୍ତା ହୋଇଥାନ୍ତି । ଯଦି ମାମୁଁର ପୁଅଝିଅ ନଥିବେ ତେବେ ଅନ୍ୟ ଜାଗାରେ ବିବାହ୍ କରିଥାନ୍ତି । କନ୍ୟାଲକ୍ଷ୍ମୀଙ୍କୁ ଦେବ ଯେପରି ଗୌରବ କଥା, କନ୍ୟାଲକ୍ଷ୍ମୀ ନେବା ମଧ୍ୟ ସେହିପରି ସୌଭାଗ୍ୟର ବିଷୟ । ତେଣୁ କନ୍ୟାର ସମ୍ମାନଭିତ୍ତିକ ମୂଲ୍ୟ ସ୍ୱରୂପ ବିବାହ୍ ପୂର୍ବରୁ ବରଘର ପକ୍ଷରୁ କନ୍ୟାପାଇଁ ଟ୭.୨୫ଙ୍କା କନ୍ୟାସୁନା ପ୍ରଦାନ କରାଯାଇ ଆସୁଅଛି ଓ ଦଶ ଖଣ୍ଡି ଧାନ ଦେଉଥିଲେ ।

ଆଗେ ଯୌତୁକ ପ୍ରଥା ନଥିଲା । ଯାହା ସଂଗେ ବାହାଘର ଠିକ୍ ହେଉଥିଲା ସେ ଦଶଖଣ୍ଡି ଧାନ ଦେଉଥିଲା । କିସାନମାନେ କନ୍ୟାସୁନା ପ୍ରଥା ଉପରେ ବିଶ୍ୱାସ ରଖନ୍ତି । ସେମାନଙ୍କ ମଧ୍ୟରେ ପୁଅ (କୁଏକା) ଝିଅ (କୁକାଏ)ର ପ୍ରଭେଦ ନଥାଏ । ଗୋଟିଏ ପରିବାରରେ ଏକରୁ ଅଧିକ ଝିଅ ଜନ୍ମ ହେଲେ ମଧ୍ୟ ଖୁସି ହୋଇଥାନ୍ତି । ବାହାଘର ନିଷ୍ପତ୍ତି ବରଘର ତରଫଂରୁ କନ୍ୟାଘରକୁ ଆସିଥାଏ । ଅନ୍ୟ କେତେକ ଆଦିବାସୀ ଜାତିରେ ଏହି କନ୍ୟାସୁନା ପ୍ରଥାର ପ୍ରଚଳନ ଏ ପର୍ଯ୍ୟନ୍ତ ବଞ୍ଚିରହିଛି । କିନ୍ତୁ ସେମାନେ ଏବେ ଶିକ୍ଷିତ ହେବା ଦ୍ୱାରା କନ୍ୟାସୁନା ମାନିବାକୁ କୁଣ୍ଠାବୋଧ କରୁଛନ୍ତି । କନ୍ୟାସୁନା ଆକାରରେ ସେତେବେଳେ ଦଶଖଣ୍ଡି ଧାନ ଦେଇଥାନ୍ତି ଓ ଝିଅର ମାଆ ପାଇଁ ଦୁଇ ଖଣ୍ଡ କପଡା ନେଇ ଝିଅ ଘରକୁ ଯାଇଥାନ୍ତି ।

କିସାନ(କୁଣହାଁ) ସମାଜରେ ଝିଅ ବିବାହ୍ ମାମୁଁ ପୁଅକୁ ହୋଇଥାଏ । ତେଣୁ ଏଠାରେ ମଧ୍ୟସ୍ଥିର ଭୂମିକା ନାହିଁ । ଯଦି ଯାହାର ମାମୁଁ ନଥାଏ ବା ମାମୁଁର ପୁଅ ନଥାଏ ତେବେ ସେ ଲୋକ ମଧ୍ୟସ୍ଥିର ସାହାଯ୍ୟ ନେଇଥାଏ । ସେତେବେଳେ ଝିଅଟି ଚୁଆ ହୋଇଥାଏ । ଝିଅର ମାଆ ତା ଭାଇ ସହିତ କଥାବାର୍ତ୍ତା ହୋଇଥାନ୍ତି ଓ ଯେତେବେଳେ ପୁଅଝିଅକୁ ବୟସ ହୋଇଥାଏ ସେତେବେଳେ ସେମାନେ ବିବାହ୍ କରିଥାନ୍ତି । ଏହାକୁ ଭଣଜା ଦାନ (ଭାଣଜା) କୁହାଯାଏ । ବରପକ୍ଷ ଯେତେବେଳେ ଝିଅ ଘରକୁ ଯାଇଥାନ୍ତି ସେତେବେଳେ ଚୁମ୍ବା, ଛତା (ଛାତା) ନେଇଥାନ୍ତି । ଶାଳପତ୍ରକୁ ଗୁଡାଇ କରି ତା ଭିତରେ ଧୂଆଁପତ୍ର ପୁରାଇ ଫୁଂକିଥାନ୍ତି । ସେ ଗଲାବେଳେ ବିଡିରେ ନିଆଁ ଲଗାଇ ଯାଇଥାନ୍ତି । ଝିଅପୁଅଙ୍କର ଦେଖାଦେଖି ବା ବରକନ୍ୟା ଚୟନ ପାଇଁ ପରିବାରବର୍ଗଙ୍କର ସମ୍ମତି ନିତାନ୍ତ ଆବଶ୍ୟକ । ଯଦି ଝିଅଘର ପଟ ପୁଅ ଖୋଜିବାକୁ ଯାଆନ୍ତି ତେବେ ସେମାନେ ଭାବିଥାନ୍ତି ଯେ ସେ ଝିଅଟା ଖରାପ ଝିଅ ଅଟେ । ସମସ୍ତଙ୍କର ସମ୍ମତି ପରେ

ବର ଏବଂ କନ୍ୟାଘରର କର୍ତ୍ତାଙ୍କର ସିଦ୍ଧାନ୍ତ କ୍ରମେ ନିର୍ବନ୍ଧର (ପିନ୍ଧେନ) ଦିନ ଧାର୍ଯ୍ୟ କରାଯାଏ । ବରପକ୍ଷ ସାଙ୍ଗରେ ହାଣ୍ଡିଆ ନିଅନ୍ତି ।

କିସାନ(କୁଣ୍ହାଁ)ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ବିବାହ ସଂଗଠିତ ହୋଇଥାଏ । କେତେବେଳେ ସେମାନଙ୍କ ସମାଜର ପ୍ରଥା ଅନୁଯାୟୀ ପ୍ରଥମେ ବାପାମାଆଙ୍କ ପରାମର୍ଶ ଅନୁସାରେ ହୋଇଥାଏ । ତାକୁ ବେଞ୍ଜା କୁହାଯାଏ । କନ୍ୟାକୁ ଜବରଦସ୍ତ ଉଠାଇ ଆଣି ବିବାହ ଦେବା, ଭାଉଜକୁ ବିବାହ କରିବା, ଶାଳୀକୁ ବିବାହ କରିବା ଇତ୍ୟାକୁ ତୋକୁ ବେଞ୍ଜା କୁହାଯାଏ । ଘର ଜ୍ୱାଇଁଆ ବିବାହ (ଘରଜାଆଁ ବେଞ୍ଜା) ଇତ୍ୟାଦି ବିବାହ ଚଳିଆସୁଅଛି । ସମସ୍ତ ପ୍ରକାର ବିବାହ ଅବସରରେ ପୁତ୍ରପକ୍ଷ କନ୍ୟାପକ୍ଷକୁ କିଛି ଗାଇଗୋରୁ, ଟଙ୍କା, ମଦ ଇତ୍ୟାଦି ଦେବାର ପ୍ରଥା ପ୍ରଚଳିତ । ଘର ଜ୍ୱାଇଁ ହେଲେ ଝିଅ ଘର ପୁଅକୁ କିଛି ଜମି ଲେଖିଦେ ବୋଲି ମୁଖିଆ କହିଥାଏ । ପ୍ରାୟ ମାଘ ମାସରେ ସେମାନେ ଝିଅ ଦେଖିବାକୁ ଯାଇଥାନ୍ତି । ତା ପର ମାଘ ମାସରେ ବିଭାଘର ହୋଇଥାଏ । କାରଣ ଏହି ମାସରେ ଋଷବାସ, ଧାନ, ପରିବା ଆଦି ସୁବିଧାରେ ମିଳିପାରେ । ତାପରେ ସେଠି କଥାବାର୍ତ୍ତା ହେଲା ପରେ ଗାଁରେ ପହଞ୍ଚିଥାନ୍ତି । ପରେ ଗାଁ ପଡାର ଲୋକଙ୍କୁ ଡାକି କହିବେ ଯେ ଆମେ ଏହି ଘରର ଝିଅକୁ ଦେଖିବାକୁ ଆସିଛୁ । ଆମେ ଦେଖିଲୁ ଆପଣଙ୍କ ଘରେ ଗୋଟିଏ ଫୁଲ ଅଛି । ଏହାର ସୁବାସ ପାଇ ଆମେ ଆସିଚୁ । ଏହି ଫୁଲକୁ ନେବା ପାଇଁ ଆସିଚୁ । ତାପରେ ସେଠାରେ ମିଳିମିଶି ପିଇବା ପାଇଁ ଦିଆଯାଏ । ସେଇ ଝିଅ ସେଠି ବନ୍ଧା ହୋଇ ରହିଲା ତାକୁ ମନା ନକରିବା ପର୍ଯ୍ୟନ୍ତ ତାର ଅନ୍ୟଆଡେ ପ୍ରସ୍ତାବ ପଡେ ନାହିଁ । ଯେତେବେଳେ ବରପକ୍ଷ ଝିଅକୁ ଦେଖି ଠିକ୍ କରି ଯାଇଥାନ୍ତି ତାପରେ ଝିଅଘରୁ ପୁଅକୁ ଦେଖିବାକୁ ଯାଇଥାନ୍ତି । ପ୍ରକୃତରେ ପୁଅ ରୋଜଗାର ସକ୍ଷମ ହୋଇଛି କି ନାହିଁ । ସେ କୃଷିକାର୍ଯ୍ୟ, ମାଛ ଧରିବା, ଜଙ୍ଗଲରୁ କାଠ ଓ ପତ୍ର ଆଣିବା ଇତ୍ୟାଦି କାର୍ଯ୍ୟ କରି ନିଜର ସାମର୍ଥ୍ୟ ଦେଖିଥାନ୍ତି । ଝିଅଘର ପଟୁ ଯେତେ ଜଣ ଯାଇଥିବେ ତାଙ୍କ ପାଇଁ ପୁଅଘର ଲୁଗାପଟା ଦେଇଥାନ୍ତି ।

ପିନ୍ଧେନ ଦିନ ଝିଅକୁ କିଛି ନୂଆ ଲୁଗାପଟା ଓ ଚୁଡି ଦେଇଥାନ୍ତି । ନୂଆଖିଆ ଦିନ ସେମାନେ ଝିଅକୁ ଡକାଇଥାନ୍ତି, ଯଦି ସେହି ବର୍ଷ ବାହାଘର ହେବ । ପୁଷପୂର୍ଣ୍ଣମୀ ପରେ ସାଇ ପଡିଶା ଲୋକ ଓ ବନ୍ଧୁବାନ୍ଧବ ମାନେ ତାଙ୍କୁ ଡାକି ଖାଇବାକୁ

ଦିଅନ୍ତି । ତାକୁ କୁଣିଆଖିଆ (ପାହି ମେଁ ହ ଏ) କୁହାଯାଏ । ପୁଅଘର ୧୦ଖଣ୍ଡି ଧାନ ଓ ଟ୭.୨୫ଙ୍କା ଦେଇଥାନ୍ତି । ତା'ପରେ ସେମାନଙ୍କର ବିବାହ ହୋଇଥାଏ । ବିଭାଘର ଦିନ ବର ନଯାଇ ୫/୬ ଜଣ ଝିଅକୁ ଆଣିବାକୁ ଯାଇଥାନ୍ତି । ସେଥିପାଇଁ କିମ୍ବଦନ୍ତୀ ଅଛି । ଥରେ ବରପକ୍ଷ ଝିଅକୁ ନେଇ ଆସୁଥିବା ବେଳେ ବାଟରେ ବରକୁ ଖାଇଯାଇଥିଲା । ସେଥିପାଇଁ ବରସ୍ୱରୂପ ଗୋଟିଏ ଛୋଟ ଟୋକେଇ (ଟୁପୁଲି)ରେ ଧନୁଶରକୁ ନେଇଥାନ୍ତି । ତାହା ଝିଅ ଆସିଲା ବେଳେ ନେଇକି ଆସିଥାନ୍ତି । କନ୍ୟାଦାନ ସମୟରେ ଝିଅର ବାପା କହିଥାଏ ଯେ ଝିଅ ଯଦି ସେଠି ଚଳିପାରିଲାନି, ଆମେ ଯେମିତି ବନ୍ଧୁବାନ୍ଧବ ସହିତ ତୁମକୁ ଝିଅକୁ ଦେଉଛୁ ତୁମେ ସେମିତି ବନ୍ଧୁବାନ୍ଧବଙ୍କ ସହିତ ଝିଅକୁ ଫେଂରେଇ ଦେବ ।

ପୁଅପକ୍ଷ କନ୍ୟାଘରକୁ ଦେଖିବାକୁ ଆସିଲା ବେଳେ କହିଥାନ୍ତି ଯେ "ହେ ପାଞ୍ଚଶହ ପଞ୍ଚାଶ ବନ୍ଧୁଗୁଠିଆର ଏନ୍ ଶୁଆକାଟ ଦାନା ଗାଡିନ୍ତିନ୍ ଭାସାରା ଭାସାରା ବାଚା କାରଦାନ୍ ହାଲେ ନିମା ମାଝିଆର ତାରା ବାଚା କାର୍ହାନ୍ ଇନ୍ଦେର୍ ବାଲ୍ଦାର"।

କନ୍ୟାଘର ଏହା ଶୁଣି ଉତ୍ତର ଦେଇଥାନ୍ତି "ଇନ୍ଦେରେ ବାଲ୍ଦାର୍ ଲା ପାଚ୍‌କି (ଘରମାଲିକ) ଗୁଠିଆର ତାଙ୍କା ରୁଝ ପାରଲି ହାଲେ ହୁଆ" ।

ଓଡିଆରେ ଏହାର ଅର୍ଥ ହେଲା :

ହେ ୫୫୦ ବନ୍ଧୁ, ମୁଁ ଦାନାଗାଦିରୁ ଭାସି ଭାସି ତୁମର ମାଝୀ ଘରକୁ ଆସିଛି ଯେ ମତେ ରକ୍ଷା କରିବା କି ନାହିଁ ।

କନ୍ୟାପଟରୁ ଭଦ୍ରଲୋକ ଜଣକ କହିବେ :

"କଣ କହୁଛୁ ହେ ବନ୍ଧୁମାନେ ତାଙ୍କୁ ରକ୍ଷା କରିବା କି ନାହିଁ ।"

ତାପରେ କନ୍ୟାପକ୍ଷ ବରପକ୍ଷକୁ ଜିମା ଆକାରରେ ଅର୍ପଣ କରନ୍ତି (ତୋ ଝିଅକୁ ତୁ ପାଇଲୁ) । ତାପରଦିନ ସକାଳେ ଖାଇପିଇ ଗାଧୋଇ ସାରିଲା ପରେ ଚୁମେନ୍ (ବନ୍ଦାପନା, ଉପହାର) ଦିଆଯାଏ । ଚୁମେନ୍ ସରିଲା ପରେ ଗହଣାଗାଣ୍ଠିର ଲିଷ୍ଟ ହୁଏ । କାରଣ ଝିଅ ମରିଗଲା ବା ପଳେଇଲା ପରେ ସେମାନେ ମତ ସାବ୍ୟସ୍ତ କରିପାରନ୍ତି ନାହିଁ । ତେଣୁ ଚୁମେନ୍‌କୁ ଲିଷ୍ଟ କରି ରଖିଥାନ୍ତି । ଝିଅ ବିଦା କରିବା ପୂର୍ବରୁ ସପାସାରୀ କରାଯାଏ । ସପାସାରୀ ଅର୍ଥ ସମର୍ପଣ କରିବା ବା ଦାୟିତ୍ୱ ଦେବା । ଏହି ସବୁ ସରିଲା

ପରେ ସେମାନେ କନ୍ୟାକୁ ବିଦାୟ କରିଥାନ୍ତି । ବରପକ୍ଷ ଓ କନ୍ୟା ପୁଅଘରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇଯାଇଥାଏ । ପହଞ୍ଚିଲା ପରେ ବରପକ୍ଷ କନ୍ୟାକୁ ବନ୍ଦେଇ ଘରକୁ ଆଣିଥାନ୍ତି । ସେଠାରେ ବିବାହ କାର୍ଯ୍ୟ ସମ୍ପାଦନ ହୋଇସାରିଲା ପରେ "ପୁଅଘର ସପାସାରୀ" ହୋଇଥାଏ । ଏହି ସମୟରେ ପୁଅଝିଅ, ବାପାମାଆ, ବନ୍ଧୁବାନ୍ଧବ ବସିଥାନ୍ତି । ସେତେବେଳେ କାଲୋ ସମସ୍ତଙ୍କ ଆଗରେ କହିଥାଏ ଯେ ଏତେ ତୁମେ ଯେହେତୁ ସମାଜର ନୀତିନିୟମରେ ବାନ୍ଧି ହେଲ, ସମାଜର ନୀତିନିୟମ ଅନୁସାରେ ଚଳ । ସମାଜର ନିୟମ ଯଦି ଲଙ୍ଘନ କଲ ତାହେଲେ ତୁମେ ବି ଦଣ୍ଡ ପାଇବ । ତାପରେ ଭୋଜନର ଆୟୋଜନ ହୁଏ ।

## ନୀତି ନିୟମ:

କନ୍ୟାସୁନା ଆଣିବାକୁ ଯିବା ଏକ ଶୁଭକର୍ମ । ତେଣୁ ସେଥିପାଇଁ ଶୁଭବେଳାର ଆବଶ୍ୟକତା ଦେଖି ସେମାନେ କନ୍ୟାକୁ ଆଣିବାକୁ ଯାଇଥାନ୍ତି । ବିବାହ ପାଇଁ ଝିଅ (କୁକାଏ) ପୁଅ (କୁକୋ) ଦେଖାଦେଖିଠାରୁ କନ୍ୟାସୁନା ଦେବାନେବା ଓ ବାହାଘର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ କେତେକ ଶୁଭାଶୁଭ ସଙ୍କେତ ଅନୁଯାୟୀ ନୀତିନିୟମ ନିର୍ଦ୍ଧାରିତ ହୋଇଥାଏ । କନ୍ୟାସୁନା ପ୍ରଦାନ ବେଳେ ଓ ବାହାଘର (ବେଞ୍ଜା) କେତେଗୁଡିଏ ନୀତିନିୟମ ପ୍ରଚଳିତ ହୋଇଆସୁଛି । ତାହା ନିମ୍ନରେ ଦିଆଯାଇଛି ।

- ବିବାହ ପ୍ରସ୍ତାବ ନେଇ ଆସିବା ବେଳେ ସେମାନେ ଛୁରା ଓ ଠେଙ୍ଗା ଧରି ଯାଆନ୍ତି ।
- କନ୍ୟାସୁନା ପ୍ରଦାନ ସମୟରେ ଟ୭.୨୫ଙ୍କା ଓ ୧୦ ଖଣ୍ଡି ଧାନ ଦେଉଥିଲେ
- ପିନ୍ଧେନ୍ (ନିର୍ବନ୍ଧ) ସମୟରେ ମାଗେନ୍ ଲାଉତୁମ୍ବା ଓ ଠେଙ୍ଗା ଧରି ଯାଉଥିଲେ । ସେହି ଲାଉତୁମ୍ବାରେ କିଛି ମଦ ନିଆଯାଉଥିଲା ।
- କନ୍ୟାଘରକୁ ଯିବା ସମୟରେ ୫/୬ ଜଣ ଯାଉଥିଲେ ।
- ବିବାହର ଖର୍ଚ୍ଚ ବରପକ୍ଷ ବହନ କରୁଥିଲେ । ପାଣିଗ୍ରାହୀ ବା କାଲୋର ଦାନ ଦକ୍ଷିଣା ଦିଆଯାଇଥାଏ । ଯଦି କେହି ଦାବି କରେ ତେବେ ଗୁଡି ସଭାରେ ବିଚାର କରି ଦଣ୍ଡିତ କରାଯାଉଥିଲା ।
- ବିବାହ ପାଇଁ ପୁଅର ବୟସ ୧୮ ବର୍ଷ ଓ ଝିଅର ବୟସ ୧୬ ବର୍ଷ ।

**କନ୍ୟାସୁନାରେ ମଧ୍ୟସ୍ଥି:**

କିସାନ(କୁଣ୍ହାଁ) ସଂପ୍ରଦାୟରେ ବିବାହ୍‌ରେ ମଧ୍ୟସ୍ଥିର ଭୂମିକା ରହିଛି । ଯେତେବେଳେ ଗୋଟିଏ ଝିଅ ଜନ୍ମ ହୁଏ ସେତେବେଳେ ଝିଅର ମାଆ ତାର ଭାଇର ପୁଅ ସହିତ ବିବାହ୍ କରିବା ପାଇଁ କଥାବାର୍ତ୍ତା କରିଥାଏ । କାରଣ ଏହି ସଂପ୍ରଦାୟରେ ଉଣଜା ଦାନ (ଭାଣଜା) ପ୍ରଥା ରହିଅଛି । ଯାହାର ମାମୁଁ ନଥାଏ ଓ ମାମୁଁର ପୁଅ ନଥିଲେ ସେମାନେ ବିବାହ୍ ପାଇଁ ମଧ୍ୟସ୍ଥିର ସାହାଯ୍ୟ ନେଇଥାନ୍ତି । କନ୍ୟାସୁନା ଦେବାନେବା ବାବଦକୁ ଯାହା ସ୍ଥିର ହୋଇଥାଏ ତାହା ଠିକ୍ ଭାବରେ ସଂପନ୍ନ କରିବା ପାଇଁ ମୁଖ୍ୟତଃ ମଧ୍ୟସ୍ଥି ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ । ଦେଖାଦେଖିରେ ମଧ୍ୟସ୍ଥିର ଅନୁମୋଦନ କ୍ରମେ ବରକନ୍ୟା ଚୟନ କରାଯାଏ । କନ୍ୟାସୁନା ବିବାହ୍ ଆଦିର ଦିନ ଧାର୍ଯ୍ୟ ପାଇଁ ମଧ୍ୟସ୍ଥିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମଧ୍ୟସ୍ଥିଙ୍କୁ ବରଘରେ ତଥା କନ୍ୟାଘରେ ବିବାହ୍ ସଂପର୍କିତ ପ୍ରତ୍ୟେକଟି ଆଳାପ ଆଲୋଚନା ପାଇଁ ଅବାଧ ସ୍ୱାଧୀନତା ଦିଆଯାଇଥାଏ । ନିଜର କାର୍ଯ୍ୟଦକ୍ଷତା ଓ ବାକ୍ ପଟୁତା ଯୋଗୁଁ ସେ ଉଭୟପକ୍ଷଙ୍କୁ ଆକର୍ଷିତ କରିପାରନ୍ତି । କନ୍ୟାସୁନା ସମ୍ବନ୍ଧୀୟ କମ୍ ବେଶୀ ବା ସମସ୍ତ ଯୁକ୍ତିତର୍କକୁ ଚତୁରତାର ସହ ସମାଧାନ କରି ଉଭୟ ପକ୍ଷର ସମ୍ମତି ହାସଲ କରନ୍ତି ଓ ସୁରୁଖୁରୁରେ ବିବାହ୍ କାର୍ଯ୍ୟ ସଂପାଦିତ ହେବାକୁ ଚେଷ୍ଟା କରନ୍ତି ।

କିସାନ ଆଦିବାସୀ ସମାଜରେ ନାରୀର ସ୍ଥାନ ଖୁବ୍ ଉଚ୍ଚରେ । କନ୍ୟାପାଇଁ କନ୍ୟାସୁନାର ଯଦିଓ ଏତେ ଗୁରୁତ୍ୱ ନାହିଁ ତଥାପି ପାରମ୍ପରିକ ଦୃଷ୍ଟିକୋଣରୁ ଏହାର ମୂଲ୍ୟବୋଧ ଯଥେଷ୍ଟ ବେଶୀ । ସେମାନେ କନ୍ୟାକୁ ଲକ୍ଷ୍ମୀତୁଲ୍ୟ ବା ଧନ ବୋଲି ମନେ କରନ୍ତି । ତେଣୁ ଲକ୍ଷ୍ମୀପ୍ରତିମା ଝିଅକୁ ବିବାହ୍ କାଳରେ ଦାନ କରିବା ପୂର୍ବରୁ ତାର ସମ୍ମାନ ତଥା ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ କନ୍ୟାପିତା କନ୍ୟାସୁନା ଗ୍ରହଣ କରନ୍ତି । ଏବଂ ଅନୁରୂପ ଭାବେ ଲକ୍ଷ୍ମୀଟିକୁ ଘରକୁ ବୋହୂକରି ସମ୍ମାନର ସହ ଆଣିବା ପାଇଁ ବରପକ୍ଷରୁ କନ୍ୟାସୁନା ପ୍ରଦାନ କରାଯାଇଥାଏ । ଦୈନନ୍ଦିନ ଜୀବନରେ ଘରକାମଠାରୁ ଆରମ୍ଭ କରି କୃଷିକାର୍ଯ୍ୟ କଳିଗୋଳର ସମାଧାନ କରିବା ସ୍ୱତନ୍ତ୍ର କର୍ମକାଣ୍ଡ ଓ କାର୍ଯ୍ୟକଳାପରେ ସାହାଯ୍ୟ କରିବା କ୍ଷେତ୍ରରେ ନାରୀର ଭୂମିକା ରହିଛି । ସେମାନଙ୍କର ବୈବାହିକ ଜୀବନର ପ୍ରତୀକ ସ୍ୱରୁପ ପ୍ରଥମ ଗର୍ଭରେ ଏକ କନ୍ୟାସନ୍ତାନ ପାଇବାକୁ ବ୍ୟାକୁଳିତ ହୋଇ ପଡନ୍ତି ।

କନ୍ୟା ଜନ୍ମ ହେଲେ ଗୃହକୁ ଦେବତା ଆସନ୍ତି ବୋଲି ସେମାନଙ୍କର ବିଶ୍ୱାସ । ଏସବୁକୁ ଆଖିରେ ରଖି ବିବାହ ସମୟରେ କନ୍ୟାକୁ ସମ୍ମାନ ଦେବା ପାଇଁ କନ୍ୟାସୁନା ଦିଆଯାଇଥାଏ । ଯଦି କନ୍ୟାସୁନା ଦିଆଯାଏ ନାହିଁ ତେବେ କନ୍ୟାର ଅବମାନନା ସର୍ବୋପରି ନାରୀ ସମାଜର ଅବମାନନା କରାଯାଏ ବୋଲି ବିଚାର କରାଯାଏ । ବିବାହିତ କିମ୍ବା ସ୍ୱାମୀ ପରିତ୍ୟକ୍ତା ସ୍ତ୍ରୀଙ୍କୁ ଦ୍ୱିତୀୟ ବାର ଯଦି କୌଣସି ବ୍ୟକ୍ତି ବିବାହ କରେ ତେବେ ଦ୍ୱିତୀୟ ସ୍ୱାମୀକୁ ମୂଳ କନ୍ୟାସୁନାର ଦୁଇଗୁଣ ପରିମାଣ କନ୍ୟାସୁନା ଦେବାକୁ ପଡିଥାଏ । ଏ କ୍ଷେତ୍ରରେ ଅର୍ଥର ମୂଲ୍ୟ ନୁହେଁ, କିନ୍ତୁ ଶ୍ରଦ୍ଧା ଓ ମମତାର ମୂଲ୍ୟ ହିଁ ବଳବତ୍ତର ରହେ । ପିତାମାତାଙ୍କର ଅଲିଅଳ ଝିଅଟିକୁ ଆଣୁଥିବାରୁ ଏବଂ ତାକୁ ସୁଖଶାନ୍ତି, ସ୍ନେହ ମମତାର ସହ ରଖିବା ପାଇଁ ବରପକ୍ଷରୁ କନ୍ୟାସୁନା ପ୍ରଦାନ କରାଯାଏ । ସେମାନେ ଜଣେ ଦକ୍ଷ, ପରିଶ୍ରମୀ କନ୍ୟାକୁ ବୋହୂ କରିବାକୁ ଆଗେଇ ଆସନ୍ତି । ଏହି ସମାଜରେ କନ୍ୟା ପାଇଁ କନ୍ୟାସୁନାର ଗୁରୁତ୍ୱ ଯଥେଷ୍ଟ ଅଧିକ ତଥା ମହତ୍ତ୍ୱପୂର୍ଣ୍ଣ ହୋଇଥାଏ ।

## ଆଦିବାସୀ ସମାଜରେ କନ୍ୟାସୁନାର ସାମାଜିକ ଓ ଅର୍ଥନୈତିକ ଦିଗ:

କନ୍ୟାସୁନା ଏକ ପାରମ୍ପରିକ ସାମାଜିକ ପ୍ରକ୍ରିୟା । ଏହା ସାମାଜିକ ସମ୍ପର୍କକୁ ସୁଦୃଢ କରେ । ନାରୀକୁ ସମାଜରେ ସମ୍ମାନ ଦେବା ବ୍ୟତୀତ ବିଭିନ୍ନ ପ୍ରକାର ସାମାଜିକ ଓ ଅର୍ଥନୈତିକ କାରଣ ଯୋଗୁଁ କନ୍ୟାସୁନା ବରପକ୍ଷେ କନ୍ୟାପକ୍ଷକୁ ଅର୍ପଣ କରିଥାଏ । ଏହା ଫଳରେ ଦୁଇ ପରିବାର ମଧ୍ୟରେ ବନ୍ଧୁତ୍ୱ ଭାବ ବଢାଏ । କନ୍ୟାସୁନା ପ୍ରଦାନ କରି ବରଘର ବା ବରର ପିତାମାତା କନ୍ୟାଟିକୁ ସୁଖରେ ରଖିବାକୁ କନ୍ୟାର ପିତାମାତାଙ୍କ ଠାରେ ପରୋକ୍ଷଭାବରେ ପ୍ରତିଶ୍ରୁତିବଦ୍ଧ ହୋଇଥାଆନ୍ତି । ସାମାଜିକ ପ୍ରଥା ଅନୁସାରେ କନ୍ୟାଟିକୁ ବିବାହ ଦେବା ପୂର୍ବରୁ ନାମକୁ ମାତ୍ର ପରିମାଣର କନ୍ୟାସୁନା ଗ୍ରହଣ କରାଯାଇଥାଏ । କନ୍ୟାଟି ସମ୍ମାନର ପ୍ରତୀକ ସ୍ୱରୂପ । ସେଇଥିପାଇଁ ଏହାର ପରିମାଣରେ ପରିବର୍ତ୍ତନ ଦେଖାଯାଏ ନାହିଁ । ପ୍ରଥମରୁ ଏହା ଟ୭.୨୫ଙ୍କା ସୀମିତ ଅଛି ।

ନାରୀ ଖୁବ୍ ପରିଶ୍ରମୀ । କନ୍ୟା ଶିଶୁ ୫-୬ ବର୍ଷ ହୋଇଗଲା ପରେ ମାଆକୁ ପ୍ରାୟ ସମସ୍ତ କାମ ଯଥା ଶସ୍ୟ କୁଟିବା, ପାଣି ଆଣିବା,ବାସନ ସଫା କରିବା, ଘର ଝାଡୁ କରିବା, ଛୋଟ ପିଲାକୁ ଧରିବା, ରୋଷେଇ କାମରେ ସାହାଯ୍ୟ କରିବା ଆଦି କାମରେ ସାହାଯ୍ୟ କରିଥାଏ । ୮ ବର୍ଷ ନପୁରୁଣୁ ସେ ଜଙ୍ଗଲରେ କାଠ, ଫଳ, ମୂଳ,ପତ୍ର

ଆଣିବାଠାରୁ କୃଷିକାର୍ଯ୍ୟରେ ମଧ୍ୟ ନିଜକୁ ବ୍ୟବହାର କରିଥାଏ । ୧୦-୧୨ ବର୍ଷ ହୋଇଗଲେ ସେ ସମସ୍ତ କାର୍ଯ୍ୟରେ ନିପୁଣ ହୋଇଥାଏ । କିନ୍ତୁ ତାର ବିବାହରେ ପରିବାର କନ୍ୟାର ଶ୍ରମ ସେବାରୁ ବଂଚିତ ହୋଇଥାନ୍ତି । ତେଣୁ ଏହାର କ୍ଷତିପୁରଣ ପାଇଁ କନ୍ୟାସୁନା ଦିଆଯାଇଥାଏ । ବରଘରକୁ ଗଲାପରେ ଶ୍ରମର ସମସ୍ତ ଫଂଳ ତାର ସ୍ୱାମୀ ଉପଭୋଗ କରିଥାଏ । ତେଣୁ ସ୍ତ୍ରୀର ଶ୍ରମ କ୍ରୟ କରିବା ପାଇଁ ବର କନ୍ୟାପିତାକୁ କନ୍ୟାସୁନା ଦେଇଥାଏ । କନ୍ୟାପିତା ଓ କନ୍ୟାର ଭାଇ ମଦ୍ୟ ବିବାହ ପର୍ଯ୍ୟନ୍ତ ଝିଅକୁ ସମସ୍ତ ପ୍ରକାର ସୁରକ୍ଷା ପ୍ରଦାନ କରିଥିବାରୁ ତାଙ୍କୁ ପାରିଶ୍ରମିକ ହିସାବରେ ମଧ୍ୟ କନ୍ୟାସୁନା ଦିଆଯାଇଥାଏ । କନ୍ୟା ବିନା ଦୋଷରେ ଯଦି ପୁଅଝିଅକୁ ଛାଡପତ୍ର ଦିଏ ତେବେ ଭବିଷ୍ୟତରେ ତାକୁ ବୁଝାଇବା, ଡରାଇବା, କ୍ଷତିପୂରଣ ଦାବି କରିବା ଓ ଝିଅର ଭଲମନ୍ଦ ଦେଖାଶୁଣା କରିବା ପାଇଁ କନ୍ୟାପିତାକୁ କନ୍ୟାସୁନା ଦିଆଯାଇଥାଏ । ଯେଉଁମାନଙ୍କର ବିଶେଷ ସମ୍ବଳ ନଥାଏ ସେମାନେ କନ୍ୟାସୁନା ନଦେଇ ମଧ୍ୟ ବିବାହ କାର୍ଯ୍ୟ ସଂପନ୍ନ କରିଥାଆନ୍ତି ।

କିସାନ(କୁଣ୍ହାଁ) ସମାଜରେ ବିଭିନ୍ନ ପ୍ରକାର ବିବାହ ବିଧି ପ୍ରଚଳିତ ଥିବାର ଦେଖାଯାଏ । କନ୍ୟା ଆଣିବର ଭିନ୍ନ ଭିନ୍ନ ପ୍ରଥାକୁ ଭିନ୍ନ ଭିନ୍ନ ନାମରେ ନାମିତ କରା ଯାଇଛି । ତେଣୁ ବିବାହ ପାର୍ଥକ୍ୟ ଅନୁଯାୟୀ କନ୍ୟାସୁନା ଦେବାର ପ୍ରଥା ଓ ପରିମାଣରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହୁଏ । ଏହା ନିମ୍ନରେ ବର୍ଣ୍ଣନା କରାଯାଇଛି ।

କିସାନ(କୁଣ୍ହାଁ) ସମାଜରେ ବିବାହ (ବେଞ୍ଜା) ତିନି ପ୍ରକାର ହେଉଥିଲା (୧) ବୈଦିକ ରୀତି (୨) ପୌରାଣିକ ରୀତିରେ (୩) କାଲୋ ବେଞ୍ଜା । ଏହି ବିବାହ ମୁଖିଆ କରୁଥିଲା । ସେହି ମୁଖିଆକୁ କାଲୋ କୁହାଯାଏ । ବିବାହ ବେଳେ ବେଦୀରେ ମହୁଲଗଛ ଓ ପିଆଶାଳର ଡାଳ ପୋତା ଯାଉଥିଲା । ମହୁଲ (ମାଦି) ଗଛକୁ କାଟିଲେ ଧଳା କ୍ଷୀର ବାହାରେ, ପିଆଶାଳ (ବୀଜା)କୁ କାଟିଲେ ନାଲି କ୍ଷୀର ବାହାରେ । ଏହାର ଅର୍ଥ ଏହି ଦୁଇଟି କ୍ଷୀରର ମାନେ ହେଉଛି - ତୁମ ଦୁଇଜଣ ଜୀବନ ଗୋଟିଏ ରକ୍ତର ହେଉ । ଦୁଇଜଣ ଜୀବନ ଏକ ହେଉ । ତା ରକ୍ତ ମୋ ରକ୍ତ ସହିତ ମିଶୁ । ସେ ଝିଅଟା ଗଛ ପରି କ୍ଷୀରବତୀ ହେଉ । ବାହାବେଦୀରେ ଜୁଆଳି ରଖାଯାଇଥାଏ । ଏହାର ଅର୍ଥ ହେଲା ସେମାନେ ଦୁଇଜଣ

ଋଷୀ ଅଟନ୍ତି । ଋଷ କରିବା ସେମାନଙ୍କର ମୁଖ୍ୟ ଜୀବିକା । ସେହି ବେଦୀରେ ଶୀଳ ରଖାଯାଇଥାଏ । ଶୀଳରମାନେ ହେଉଚ୍ଛି ରୋଷେଇ କରି ବନ୍ଧୁବାନ୍ଧବ ଘରଲୋକଙ୍କୁ ସନ୍ତୁଷ୍ଟ କରିବା । କିନ୍ତୁ ଆନୁସଙ୍ଗିକ ସାମଗ୍ରୀ ଗୁଡିକ ବିଭିନ୍ ବିବାହରେ ଭିନ୍ନତା ପରିଲକ୍ଷିତ ହୋଇଥାଏ ।

ଆୟୋଜିତ ବିବାହ୍ ବାପା ମାଆଙ୍କ ଦ୍ୱାରା ବିବାହ୍ ହୋଇଥାଏ । ପୁଅଝିଅଙ୍କର ପ୍ରଥମ ବିବାହ୍‌କୁ ନୂତନ ବିବାହ୍ ବୁଝାଇଥାଏ । ଏହା ପାରମ୍ପରିକ ଭାବରେ ପିତାମାତାଙ୍କର ସମ୍ମତି ଓ ଆୟୋଜନ କ୍ରମେ ହୋଇଥାଏ । ଏଥିରେ ପରମ୍ପରା ଭିତ୍ତିକ କନ୍ୟାସୁନା ଉପରେ ଗୁରୁତ୍ୱ ଦିଆଯାଇଥାଏ । ଏହି ବିବାହ୍‌ରେ କନ୍ୟାପିତାଙ୍କୁ କନ୍ୟାସୁନା ଆକାରରେ ଟ୭.୨୫ ପଇସା ଓ ୧୦ ଖଣ୍ଡି ଧାନ ଦେଉଥିଲେ । ବାହାଘର ଦିନ ଗ୍ରାମବାସୀମାନଙ୍କୁ ହାଣ୍ଡିଆ ଦିଆଯାଉଥିଲା । କନ୍ୟାକୁ ଦେଖିବାକୁ ଆସିଲା ବେଳେ ଝିଅର ମାଆ ପାଇଁ ୨ ଖଣ୍ଡ ଶାଢୀ (କାପଟା) ଆଣୁଥିଲେ । କନ୍ୟାପାଇଁ ସୁନାରୂପା ଗହଣା ଓ କନ୍ୟାର ବାପା, ଭାଇ, ଭଉଣୀଙ୍କ ପାଇଁ ଲୁଗାପଟା (ଚିଡ୍‌ହା) ମଧ୍ୟ ଖୁସିରେ ଦିଆଯାଉଥିଲା ।

**ପ୍ରେମ ବିବାହ୍:** ଯଦି ଆୟୋଜିତ ବା ଉଭୟ ବର ଓ କନ୍ୟା ଘରର ସହମତିରେ ହୁଏ, ତେବେ ସାଧାରଣ ବିବାହ୍ ପରି କନ୍ୟାସୁନା ଦିଆଯାଇଥାଏ । ଯଦିଓ ଏହି ବିବାହ୍ ଅସମ୍ମାନ ସୂଚକ ନୁହେଁ ତଥାପି ଏହାକୁ ସମାଜ ଭଲ ଦୃଷ୍ଟିରେ ଦେଖେନାହିଁ । ପୁଅ କିମ୍ବା ଝିଅ ଅନ୍ୟ ଜାତି ବା ସଂପ୍ରଦାୟର ଝିଅ କିମ୍ବା ପୁଅଙ୍କ ସହିତ ପ୍ରେମ ସଂପର୍କ ରଖି ବିବାହ୍ କଲେ ଏହି ସମାଜ ସେପରି ବିବାହ୍‌କୁ ସ୍ୱୀକୃତି ପ୍ରଦାନ କରେନାହିଁ । ବରଂ ସେ କ୍ଷେତ୍ରରେ ତାଙ୍କୁ ଦଣ୍ଡ କିମ୍ବା ବଡ ଧରଣର ପାରିଶ୍ରମିକ ଦେବାକୁ ପଡିଥାଏ । କିନ୍ତୁ ସ୍ୱଜାତିରେ ପ୍ରେମ ବିବାହ୍ ଅନୁଷ୍ଠିତ ହେଲେ ତାହା ଗ୍ରାମସଭାର ବିଋର ପରିସରଭୁକ୍ତ ହୁଏ ଏବଂ ଗ୍ରାମସଭାର ନିଷ୍ପତ୍ତି ଅନୁଯାୟୀ ଉଭୟ ବର ଓ କନ୍ୟାପକ୍ଷ ଗ୍ରାମବାସୀଙ୍କୁ ଭୋଜି ଖାଇବାକୁ ଦିଆଯାଏ । ପ୍ରେମ ବିବାହ୍ କ୍ଷେତ୍ରରେ କନ୍ୟାସୁନା ସ୍ୱରୁପ ଟ୭.୨୫ ପଇସା ପ୍ରଦାନ କରାଯାଇଥାଏ ଓ ଜୋରିମାନା (ହାଚ୍‌ଜା) ଦିଆଯାଇଥାଏ । କିନ୍ତୁ ଯଦି ପୁଅ ଓ ଝିଅ କେବଳ ରାଜି ଥାଇ ଉଭୟ ପରିବାର ଏଥିରେ ଅସମ୍ମତି ପ୍ରକାଶ କଲେ ସେ ଦୁହେଁ ସ୍ୱଇଚ୍ଛାରେ ବିବାହ୍ କରି ଅନ୍ୟତ୍ର ବସବାସ କରନ୍ତି । ଏଥିରେ କନ୍ୟାସୁନାର ପ୍ରଶ୍ନ ଉଠେ ନାହିଁ ।

ଯଦି ସ୍ତ୍ରୀ ଘରକାମ କରିବାରେ ଅକ୍ଷମ ହୁଏ, କର୍ମକ୍ଷେତ୍ରରେ ଅଳସୁଆମି କରେ, ସ୍ୱାମୀକୁ ସହ୍‌ବାସ ସୁଖ ଦେଇନପାରେ, ସ୍ତ୍ରୀର ପିଲାଚୁଆ କିଚ୍ଛି ନହୁଏ, ପର ପୁରୁଷ ସହିତ ସଂପର୍କ ରଖେ, ସ୍ୱାମୀର ବନ୍ଧୁବାନ୍ଧବ ଓ ଘରଲୋକଙ୍କୁ ଅସମ୍ମାନ କରେ, ସ୍ତ୍ରୀକୁ ଡାହାଣୀ ବୋଲି ସନ୍ଦେହ କରାଯାଏ, ସ୍ୱାମୀ ସହିତ ସବୁବେଳେ କଳହ ଲଗାଏ ଇତ୍ୟାଦି କାରଣମାନ ଯୋଗୁଁ ସ୍ତ୍ରୀଲୋକକୁ ପରିତ୍ୟାଗ କରାଯାଇପାରେ । ସ୍ୱାମୀ ସ୍ତ୍ରୀକୁ ଛାଡପତ୍ର ଦେବ ବୋଲି ସ୍ଥିର କଲେ ନିଜ ସ୍ତ୍ରୀକୁ ପାଖକୁ ଡାକେ ଓ ସମସ୍ତଙ୍କ ଆଗରେ ତତେ ଛାଡପତ୍ର ଦେଲି ବୋଲି ପ୍ରକାଶ କରେ ଓ ତାର କନ୍ୟାସୁନା ଫେଂରାଇ ଦିଆଯାଏ । ପରିତ୍ୟକ୍ତା ସ୍ତ୍ରୀଟିଏ ପୁନଃ ବିବାହ କରିପାରେ । ଏଥିରେ କନ୍ୟାସୁନାର ପରିମାଣ ମଧ୍ୟ ଟ୭.୨୫ ପଇସା ଓ ୧୦ଖଣ୍ଡି ଧାନ । ବରଘର ତରଫଂରୁ ଗ୍ରାମବାସୀଙ୍କୁ ଭୋଜି ଖାଇବାକୁ ଦିଆଯାଇଥାଏ ।

ସ୍ତ୍ରୀ ମଧ୍ୟ ନିମ୍ନଲିଖିତ କେତେକ କାରଣ ଯୋଗୁଁ ପୁରୁଷକୁ ଛାଡପତ୍ର ଦେଇଥାଏ । ପୁରୁଷ ଲୋକଟି ମଦ୍ୟପାନରେ ଆସକ୍ତ ହେଲେ, କାମଦାମ ନକରି ସବୁବେଳେ ଅଳସୁଆ ହୋଇ ବସିଲେ, ସ୍ତ୍ରୀକୁ ସହ୍‌ବାସ ସୁଖ ଦେଇ ନପାରିଲେ, ପ୍ରଥମ ସ୍ତ୍ରୀ ଥାଉ ତାର ବିନା ପରାମର୍ଶରେ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କଲେ, ସ୍ତ୍ରୀକୁ ସବୁବେଳେ ମଦ ଖାଇ ଗାଳିଗୁଲଜ ବା ପିଟାମରା କଲେ, ନିଜ ସ୍ତ୍ରୀ ଛାଡି ଅନ୍ୟ ସ୍ତ୍ରୀସଙ୍ଗେ ସବୁବେଳେ ରତ ହେଲେ ଇତ୍ୟାଦି କାରଣ ଯୋଗୁଁ ସ୍ତ୍ରୀ ନିଜ ସ୍ୱାମୀକୁ ପରିତ୍ୟାଗ କରି ନିଜର ବାପଘରକୁ ପଳାଇଯାଏ । ଏହି ଘଟଣାରେ କନ୍ୟାଘର କନ୍ୟାସୁନା ଫେଂରାଇ ନଥାନ୍ତି । କାରଣ ସେମାନେ ଝିଅଟିକୁ ସାରାଜୀବନ ପାଳନ କରିଥାନ୍ତି ବା ଆଉ କାହା ସହିତ ବାହାଘର କରିଥାନ୍ତି ।

ବିଧବା ବିବାହକୁ ମଧ୍ୟ ଢୋକୁ ବେଞ୍ଜା କୁହାଯାଏ । ବିଧବା ସ୍ତ୍ରୀ ପୁନଃ ବିବାହ କରିବା ପ୍ରଥା ଏହି ସମାଜରେ ଚଳିଆସୁଛି । ଯଦି ନିଜ ରକ୍ତ ସଂପର୍କୀୟ ଭାଇ କିମ୍ବା ସାନଭାଇ ଥାଏ ତେବେ ବିଧବା ସ୍ତ୍ରୀକ୍ ବିବାହ କରିଥାଏ । ଏଥିରେ କନ୍ୟାସୁନା ଦିଆଯାଇ ନଥାଏ । କାରଣ ସେ ତା ସ୍ୱାମୀର ଭାଇକୁ ବିବାହ କରିଥାଏ । ବିଧବା ହେବା ପରେ ବିଧବା ସ୍ତ୍ରୀ ନିଜ ସ୍ୱାମୀ ଘରେ ରହିପାରେ କିମ୍ବା ବାପଘରକୁ ଫେଂରି ଯାଇପାରେ । ଯଦି ବିଧବା ସ୍ତ୍ରୀକୁ କୌଣସି ବ୍ୟକ୍ତି ବିବାହ କରେ ତେବେ କନ୍ୟାସୁନା ହିସାବରେ ଟ୭.୨୫

ପଇସା ଦେଇଥାଏ । ଏହି ବିବାହ ଗାଁର ମୁଖିଆ ସଭା ଡକାଇ ବୁଝିସୁଝି ଅନ୍ୟତ୍ର ଖୋଜି କରାଇଥାଏ ।

ଯଦି ଗୋଟିଏ ସ୍ୱାମୀର ସ୍ତ୍ରୀ ମରିଯାଏ ଓ ତାର ପୁଅଝିଅ ଥାଏ ସେଥିପାଇଁ ସେ ତାର ଶାଳୀକୁ ବିବାହ କରିଥାଏ । ଯଦି ତାର ଶାଳୀ ନଥାଏ ତେବେ ସେ ଅନ୍ୟତ୍ର ବିବାହ କରିଥାଏ । ସେଠାରେ କନ୍ୟାସୁନା ଦୁଇଗୁଣ ଅର୍ଥାତ ଟ୧୪.୫୦ ପଇସା ହୋଇଥାଏ । ସେମାନଙ୍କ ମଧ୍ୟରେ ବୟସ ବହୁତ ପାର୍ଥକ୍ୟ ଥାଏ । ତାକୁ ପାକ୍‌ସୀ ଜୋଡା କୁହାଯାଏ । ପୂଜାରୀ ପଣ୍ଡିତ ଦେଖା କରି ବାହାଘର କରନ୍ତି ନାହିଁ । ଖାଲି ଶୁଭଦିନ  ଦେଖି ବାହାଘର ହୋଇଥାଏ ।

ବଳପୂର୍ବକ ଓ ଜବରଦସ୍ତ ବିବାହକୁ ଢୁକୁ ବେଞ୍ଜା କୁହାଯାଏ । ଏପରି କ୍ଷେତ୍ରରେ ପୁଅଟିଏ ଝିଅଟିକୁ ବଳପୂର୍ବକ ବା ଜବରଦସ୍ତି ଉଠାଇ ନେଇଥାଏ । ସାମାଜିକ ଦୃଷ୍ଟିକୋଣରୁ ଝିଅର ପିତାମାତା ଇଚ୍ଛା ନଥିଲେ ମଧ୍ୟ ଅନେକ ସମୟରେ ରାଜି ହୋଇଯାଆନ୍ତି । ଏହି ବିଷୟ ଗାଁ ମୁଖିଆ ବା କାଲୋ ସମାଧାନ କରିଥାଏ । ଏଥିରେ ଇଚ୍ଛା ମୁତାବକ କନ୍ୟାସୁନା ଆଦାୟ କରାଯାଇଥାଏ ଅଥବା ଆପୋଷ ସମାଧାନ କରି ଝିଅଟିକୁ ନେଇ ଆଣି ସାଧାରଣ କନ୍ୟାସୁନା ସହିତ ଅନ୍ୟତ୍ର ବିବାହ କରାଇ ଦେଇଥାନ୍ତି ।

**କନ୍ୟାସୁନା ଫେରସ୍ତର ପରିସ୍ଥିତି ଓ ପଦ୍ଧତି:**

କୌଣସି ବିବାହିତ ପୁରୁଷ କନ୍ୟାକୁ ଦୈହିକ ଜୀବନରେ ସୁଖ ପ୍ରଦାନ କରି ନପାରୁଥାଏ, ସ୍ୱାମୀ ଦୀର୍ଘ ସମୟ ଧରି ଘରୁ ଅନୁପସ୍ଥିତ ରହୁଥାଏ, ବେଶୀ ମଦୁଆ ହୋଇଥାଏ, ସବୁବେଳେ କଳିଗୋଳ ଓ ମାରପିଟ କରୁଥାଏ, ଅନ୍ୟ ସ୍ତ୍ରୀ ସହିତ ସଂପର୍କ ରଖେ, କାମଦାମ ନକରି ଅଳସୁଆ ହୋଇ ବସିଲେ, ନିଜର ଅନିଚ୍ଛା ସତ୍ତ୍ୱେ କୌଣସି ଝିଅକୁ ଜବରଦସ୍ତ ନେଇଆସିଲେ ଇତ୍ୟାଦି କାରଣ ଯୋଗୁଁ ଅନେକ ସମୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମତଭେଦ ଦେଖାଦିଏ । ଯଦି ଏହି ସବୁ ଘଟଣା ଘଟିଲେ ସ୍ୱାମୀ ସ୍ତ୍ରୀକୁ ଛାଡପତ୍ର ଦିଏ ବା ସ୍ତ୍ରୀ ସ୍ୱାମୀକୁ ଛାଡପତ୍ର ଦିଏ । ମଧ୍ୟସ୍ଥି ବା ଗାଁର ମୁଖିଆ ମାଧ୍ୟମରେ କନ୍ୟାସୁନା ଫେଂରସ୍ତ ଦେବାକୁ ପଡିଥାଏ । ଏସବୁ କ୍ଷେତ୍ରରେ ବରକନ୍ୟାଙ୍କ ପିତାମାତା, ବର ଓ କନ୍ୟାପକ୍ଷ ମଧ୍ୟସ୍ଥି, ଗ୍ରାମସଭା ତଥା ବନ୍ଧୁବାନ୍ଧବଙ୍କ ସହଯୋଗ କ୍ରମେ କନ୍ୟାସୁନା ଫେରସ୍ତ ଦେବାନେବା କାର୍ଯ୍ୟ ସଂପାଦିତ ହୋଇଥାଏ । କନ୍ୟାପକ୍ଷ ନିଜ ଗ୍ରାମର ମୁଖିଆ,

ମଧ୍ୟସ୍ଥି ତଥା ଅନ୍ୟ କେତେକ ମୁରବି ଶ୍ରେଣୀୟ ଲୋକଙ୍କ ସହିତ ଆଲୋଚନା କରି ଥାଆନ୍ତି । ବରପକ୍ଷରୁ ଯାଇଥିବା ଭଦ୍ରଲୋକ ଓ ମଧ୍ୟସ୍ଥିଙ୍କର ଅଭିଯୋଗ ସଂପର୍କରେ ଯଦି କନ୍ୟା ସପକ୍ଷର ଲୋକେ ଭଲ ରୂପେ ଅବଗତ ହୋଇ ବିଶ୍ୱାସ କରନ୍ତି କେତେକ କ୍ଷେତ୍ରରେ ସଂପୂର୍ଣ୍ଣ ଭାବେ କନ୍ୟାସୁନା ଫେରସ୍ତ ଦିଆଯାଇ ନଥାଏ । କେତେକ ଜାଗାରେ ଗ୍ରାମସଭାରେ ନିଷ୍ପତ୍ତି ଅନୁଯାୟୀ ସଭାପତିଙ୍କ ନିର୍ଦ୍ଦେଶରେ କନ୍ୟାର ପିତା କନ୍ୟାସୁନା ଫେରସ୍ତ ଦେବାକୁ ବାଧ୍ୟ ହୋଇଥାଆନ୍ତି ।

କନ୍ୟାସୁନା ଫେରସ୍ତ ଅର୍ଥ ବିବାହ ବିଚ୍ଛେଦ । କିସାନ ସମାଜରେ କନ୍ୟାସୁନା ଫେଂରସ୍ତ ପାଇବା ପରେ କୌଣସି ସଂପର୍କୀୟଙ୍କ ମଧ୍ୟରେ ବଣ୍ଟା ଯିବାର ବ୍ୟବସ୍ଥା ହୁଏନାହିଁ କିମ୍ବା ଏପରି ପରମ୍ପରା ଏହି ସମାଜରେ ନଥାଏ । ଏହି କନ୍ୟାସୁନା ଫେଂରସ୍ତ ସେମାନଙ୍କ ପରିବାରରେ ସୁଖ ହଜାଇଦେଇଥାଏ । ତେଣୁ ସେମାନେ ଏଥିପାଇଁ କୌଣସି ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରନ୍ତି ନାହିଁ । କନ୍ୟାସୁନାର ପରିମାଣ ଯଥେଷ୍ଟ କମ୍, କେବଳ ସାମାଜିକ ସମ୍ମାନ ରକ୍ଷା ନିମନ୍ତେ ଫେରସ୍ତ ଅଣାଯାଇଥାଏ ।

**କନ୍ୟାସୁନାରେ ବିବର୍ତ୍ତନ: ଅତୀତ ଓ ବର୍ତ୍ତମାନ:**

କିସାନ(କୁଣ୍ହାଁ)ସଂପ୍ରଦାୟରେ କନ୍ୟାସୁନା ପରିମାଣ ସ୍ଥିର ନଥିଲା । ସମୟ ସୁଅରେ ସମସ୍ତେ ପରିବର୍ତ୍ତନଶୀଳ । ସେମାନେ ବିଭିନ୍ନ ଲୋକଙ୍କ ସଂସ୍ପର୍ଶରେ ଆସି ପରିବର୍ତ୍ତନର ସ୍ୱାଦ ଚାଖିଲେଣି । ସଂସ୍କୃତିର ଅନେକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେଲାଣି । ବିବାହ ଓ କନ୍ୟାସୁନାରେ ମଧ୍ୟ ଯତ୍ କିଞ୍ଚିତ ପରିବର୍ତ୍ତନ ଦୃଷ୍ଟିଗୋଚର ହେଲାଣି । ଏବେ ସେମାନେ ବାହାର ଲୋକଙ୍କ ସହିତ ବିବାହ ହୋଇଥିବାର ପ୍ରମାଣ ଅଛି । କିନ୍ତୁ ନୂତନ ଯୁଗର ଶିକ୍ଷିତ ଯୁବପିଢୀକୁ କେତେକ ଝିଅ ବିବାହ କରିବାକୁ ଖୁବ୍ ପସନ୍ଦ କରନ୍ତି । କନ୍ୟାସୁନା ଆଗେ ୧୦ ଖଣ୍ଡି ଧାନ ଓ ଟ୭.୨୫ ପଇସା ଦେଉଥିଲେ କିନ୍ତୁ ଏବେ ଗାଈ, ବଳଦ, ଛେଳି ଏବଂ ଇଚ୍ଛା ଅନୁଯାୟୀ ଟଙ୍କା ଦେଉଛନ୍ତି । ଗାଁ ଗହଳି ମାନଙ୍କରେ ଏହି ସମ୍ପ୍ରଦାୟରେ କୌଣସି ପୁଅ କିମ୍ବା ଝିଅର ବିବାହ କ୍ଷେତ୍ରରେ କନ୍ୟାସୁନା ପ୍ରଦାନ କୌଣସି ପରିବର୍ତ୍ତନ ଆସିନାହିଁ । ବର୍ତ୍ତମାନ ମଧ୍ୟ ସେହିଭଳି ଗାଁଗହଳିରେ ଚାଲିଛି । କିନ୍ତୁ ବଜାର ସହରରେ କିଞ୍ଚିତ ପରିବର୍ତ୍ତନ ଘଟିଛି । ଅତୀତ ଓ ବର୍ତ୍ତମାନରେ କନ୍ୟାସୁନାର ପରିମାଣ ଟ. ୭.୨୫ ପଇସା ଅବ୍ୟାହତ ରହିଛି । ଆଜିକାଲି କିସାନମାନେ ସଭ୍ୟ, ଶିକ୍ଷିତ ତଥା ସ୍ୱଚ୍ଛଳ ହୋଇ କନ୍ୟାସୁନା ସହିତ ଶାଢୀ, ଅଳଙ୍କାର, ଖାଦ୍ୟ ସାମଗ୍ରୀ ଓ କନ୍ୟାପାଇଁ

ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀ ଇତ୍ୟାଦି ପ୍ରଦାନ କରୁଛନ୍ତି । ଅଧିକ ବନ୍ଧୁ ସତ୍କାର କରାଯାଉଛି । କନ୍ୟାର ପିତା ତଥା ଅନ୍ୟାନ୍ୟ ଜ୍ଞାତିକୁଟୁମ୍ବ ସମ୍ମାନାର୍ଥେ ଉପହାରମାନ ପ୍ରଦତ୍ତ ହେଉଛି ।

ବର୍ତ୍ତମାନ ସମୟରେ ପରିସ୍ଥିତି ଓ ପରିବେଶର ପ୍ରଭାବରେ କନ୍ୟାସୁନା ସହିତ ଦିଆଯାଇଥିବା ଉପହାର ସାମଗ୍ରୀ ଗୁଡିକରେ ମାନ,ପରିମାଣରେ ବୃଦ୍ଧି ଘଟିଥିଲେ ହେଁ ଅତୀତର ପାରମ୍ପରିକ କନ୍ୟାସୁନାର ପରିମାଣରେ ସ୍ଥିତାବସ୍ଥା ବଜାୟ ରହିଛି । ଉପହାର ସ୍ୱରୁପ ଯାହା କିଛି ଦିଆଯାଇପାରେ, କିନ୍ତୁ କନ୍ୟାସୁନା ପାଇଁ ସୁକା ପଇସା ଅପରିବର୍ତ୍ତିତ ରହିଛି । ଏହା ପରମ୍ପରାଭିତ୍ତିକ ମୂଲ୍ୟବୋଧକୁ ସୂଚାଇଥାଏ ।

ସାଧାରଣତଃ ବିବାହ କ୍ଷେତ୍ରରେ ବରପକ୍ଷରୁ ଦାବି କରାଯାଉଥିବା ଅର୍ଥ କିମ୍ବା କୌଣସି ଉପକରଣ ସାମଗ୍ରୀ ଇତ୍ୟାଦିକୁ ଯୌତୁକ ଭାବରେ ଗ୍ରହଣ କରାଯାଇଥାଏ କିମ୍ବା ବିବାହ କାଳରେ ବରକନ୍ୟାକୁ ପ୍ରଦତ୍ତ ଧନଦ୍ରବ୍ୟ ବା ଉପହାର ସାମଗ୍ରୀକୁ ଯୌତୁକ ଆଖ୍ୟା ଦିଆଯାଇଥାଏ । ଏପରି ଯୌତୁକପ୍ରଥା ଅଣଆଦିବାସୀ ସମ୍ପ୍ରଦାୟ ଗୁଡିକରେ ବେଶ୍ ପ୍ରଚଳିତ । କିନ୍ତୁ ଆଦିବାସୀ ଗୋଷ୍ଠୀଙ୍କ ମଧ୍ୟରେ ଏହାର ଓଲଟା ପ୍ରଥା ପାରମ୍ପରିକ ସୂତ୍ରରେ ସମ୍ପାଦିତ ହୋଇଥାଏ । ଯାହାକୁ କନ୍ୟାସୁନା ବା କନ୍ୟାଧନ କୁହାଯାଏ । ଏଥିରେ ବରପକ୍ଷରୁ ଦାବି କରାଯାଏ ନାହିଁ ବା ସାଧାରଣ ବିବାହରେ କନ୍ୟାପକ୍ଷରୁ ମଧ୍ୟ ଦାବି କରନ୍ତି ନାହିଁ । କେବଳ କନ୍ୟାରୂପୀ ଲକ୍ଷ୍ମୀଟିର ସମ୍ମାନ ଓ ମର୍ଯ୍ୟାଦା ଦୃଷ୍ଟିରୁ ପରମ୍ପରା ଭିତ୍ତିରେ ଆଦିବାସୀମାନେ କନ୍ୟାସୁନା ପ୍ରଦାନ କରନ୍ତି କିମ୍ବା ଗ୍ରହଣ କରିଥାଆନ୍ତି । ତାହାର ପରିମାଣ ମଧ୍ୟ ମାତ୍ର ଟ. ୭.୨୫ ପଇସା ଏବଂ ସାମାଜିକ ତଥା ଆଧ୍ୟାତ୍ମିକ ଭିତ୍ତିକ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ କନ୍ୟାସୁନାକୁ ସମ୍ମାନର ସହ ଗ୍ରହଣ କରିବା ପାଇଁ କନ୍ୟାପକ୍ଷ ପୂଜାପାଠ ପୂର୍ବକ ଶୁଭବେଳା ଦେଖି ବରଘରକୁ ଯାଇଥାଆନ୍ତି । ତତ୍ ଭିନ୍ନ ବରପକ୍ଷ କନ୍ୟାସୁନାକୁ ଯଥୋଚିତ ବିଧି ବ୍ୟବସ୍ଥା ସହିତ ଅତି ଯତ୍ନ ସହକାରେ ପିଆଶାଳ ପତ୍ର ଓ ମହୁଲ ପତ୍ର ବେଦୀରେ ପୋତିଥାଆନ୍ତି । କାରଣ ଦୁଇଟି ଆତ୍ମୀୟ ମିଳନ ପାଇଁ । କନ୍ୟାସୁନା ପ୍ରଥା ଓ କାର୍ଯ୍ୟଧାରା ସେମାନଙ୍କ ପାଇଁ ବେଶ୍ ଶୁଭ ଓ ପବିତ୍ର କର୍ମ ରୂପେ ବିବେଚିତ ହୋଇଥାଏ ଯାହାକି ଯୌତୁକ ବ୍ୟବସ୍ଥା ସହିତ କୌଣସି ପ୍ରକାର ସାମଞ୍ଜସ୍ୟ ନାହିଁ । କନ୍ୟାସୁନା ଏବଂ ଯୌତୁକ ଦୁଇଟି ସମାନ୍ତରାଳ ସାମାଜିକ ସରଳ ରେଖା । କେହି କାହାରି ସହିତ ମିଳିତ ହେବାର ସମ୍ଭାବନା ନାହିଁ କି ସମ୍ଭବ ମଧ୍ୟ ନୁହେଁ ।

ଆଜିକାଲି ଶିକ୍ଷା ଓ ସଭ୍ୟତାର ପ୍ରଭାବରେ ଏହି ସମାଜରେ ଯୌତୁକ ପ୍ରଥା ମୁଣ୍ଡ ଟେକୁଥିବା ଅନୁଭୂତ ହେଲାଣି । କିଏ କେମିତି ଧନୀ ଶ୍ରେଣୀୟ ଲୋକମାନେ ଲୁଚାଛପା ବର ପାଇଁ ଅର୍ଥ,ଗାଡି ଆଦି ଦେଉଛନ୍ତି । ତେଣୁ ଯାହା କିଛି ଯୌତୁକ ଦେବା ନେବା ଚାଲିଛି, ତାହା ଗୁପ୍ତରେ ତଥାପି ଆଧୁନିକତାର ପ୍ରଚଣ୍ଡ ପ୍ରବାହ ମଧ୍ୟରେ ସୁଦ୍ଧା କିସାନ ସମାଜରେ କନ୍ୟାସୁନା ପ୍ରଥା ବେଶ୍ ଉଜ୍ଜିବୀତ ରହିପାରିଛି ।

***